
ଅକ୍ଟୋବର ୨୦୨୩ • ୫୦ ଟଙ୍କା
ରେବତୀ
ଆମ ମାଟିର ସ୍ୱର
website :
www.rebatee.in
ପୂଜା ପ୍ରସଙ୍ଗ :
ମାତୃଶକ୍ତି




## Product Profile



Headless (HL)



PUD



PD



Karikadi



Easy Peel



PDTO

/highlandagro

# HIGHLAND AGRO FOOD PVT. LTD.

Plot No. 347-358, Gadabhanga, Khantapada, Balasore, Odisha, India - 756043

Email : info@highlandgroups.com Website : www.highlandgroups.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୧୨ଶ ସଂଖ୍ୟା, ଅକ୍ଟୋବର ୨୦୨୩ ■ Vol-5, Issue : 12, October 2023



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ

**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*
*rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

## ସୂ ଚୀ ପ ତ୍ର

। ୫ମ ବର୍ଷ । ୧୨୫ଶ ସଂଖ୍ୟା । ଅକ୍ଟୋବର ୨୦୨୩ ।

# ରେବତୀ
ଆମ ମାଟିର ସ୍ୱର

**୪** ସମ୍ପାଦକୀୟ : ପାରିବାରିକ ଶକ୍ତି : ସୁବାସିନୀ ଜେନା

**୯** ପ୍ରସଙ୍ଗ-୧ : ମାତୃଶକ୍ତିର ମହିମା: ଡ. ରାଧାରଞ୍ଜନ ପଟ୍ଟନାୟକ

**୧୮** ପ୍ରସଙ୍ଗ-୨ : ମାତା ତନୋଟ୍ : ଲକ୍ଷ୍ମୀପ୍ରିୟା ଓଝା

**୨୬** ପ୍ରସଙ୍ଗ-୩ : ଶକ୍ତିମୟୀ ସପ୍ତମାତା: ନାରାୟଣ ରାଉତରାୟ

**୩୪** ପ୍ରସଙ୍ଗ-୪ : ଲୋଭନୀୟ ଲାଠିଯାତ୍ରା: ପ୍ରଦୀପ କୁମାର ମିଶ୍ର

**୩୮** ପ୍ରସଙ୍ଗ-୫ : ମାଆ ସଂଖାରୁଗୁଣୀ: ଡ. ଶିଶିର କୁମାର କର

**୪୪** ମାନନୀୟେଷୁ : 'ଜହୁରୀ ଭାଇ'ର ଯାତ୍ରା ପ୍ରିୟମ୍ବଦା ରଥ

୫୨ ଆଇନକାନୁନ୍ : ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ
୫୪ ଦ୍ୱି-ପ୍ରଚ୍ଛଦ : ମଡ଼େଲ୍ ପ୍ରଗତି ଗୁରୁ

**ଧାରାବାହିକ କାବ୍ୟ**

୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

**ସମକାଳ କବିତା**

୫୭ : ହରିହର ମିଶ୍ର, ଶୈଳବାଳା ମହାପାତ୍ର
୫୮ : ସମରେନ୍ଦ୍ରନାଥ ମହାପାତ୍ର, ରଞ୍ଜନ ଦାସ
୫୯ : ଶ୍ରୀଦେବ, ଡାକ୍ତର ସରୋଜିନୀ ଷଡ଼ଙ୍ଗୀ
୬୦ : ମମତା ଦାଶ
୬୧ : ଡ. ମନୋରମା ବିଶ୍ୱାଳ ମହାପାତ୍ର, ପ୍ରବାସିନୀ ମହାକୁଡ଼
୬୨ : ଭଗବାନ ଜୟସିଂହ, ମୋହିତ ଚକ୍ରବର୍ତ୍ତୀ
୬୩ : ହୃଦାନନ୍ଦ ପାଣିଗ୍ରାହୀ, ସ୍ୱରୂପ ମହାପାତ୍ର
୬୪ : ଡକ୍ଟର ହରିଷ୍ଚନ୍ଦ୍ର ବେହେରା, ଡକ୍ଟର ସେନାପତି ପ୍ରଦ୍ୟୁମ୍ନକେଶରୀ
୬୫ : ଅମରେନ୍ଦ୍ର ଖଟୁଆ, ଡ. ଗୌତମ ଜେନା






## ସମ୍ପାଦକୀୟାଂଶ...

XXX ଘରର ସବୁ କାମ କରୁଥାଏ ସେ । ଘରର ସମସ୍ତଙ୍କ ବରାଦ, ଆଦେଶକୁ ପାଟି ନଫିଟେଇ ମାନୁଥାଏ ସେ । କିନ୍ତୁ ବଦଳରେ ଆମେ ତାକୁ ଚେନାଏ ହସ ସହିତ ଟିକିଏ ପ୍ରଶଂସା ଦେଉ କି ? ଯାହା ପାଇଲେ ସେ ହୁଏତ, ଘରର ଯାବତୀୟ କାମ ସାରି କ୍ଳାନ୍ତ ଶରୀରକୁ ବିଛଣାରେ ଲୋଟେଇ ଦେବା ବେଳେ ଅନ୍ତତଃ ପରବର୍ତ୍ତୀ ଗୋଟେ ଭଲ ସକାଳ ପାଇଁ ଖୁସି ଖୁସିରେ ନିଜକୁ ପ୍ରସ୍ତୁତ କରି ଶୋଇ ପାରୁଥାନ୍ତା ! କିନ୍ତୁ ଆମେ ପ୍ରଶଂସା ତ କରୁନା, ଭର୍ତ୍ସନା କରୁ, ଦୋଷ ଦୁର୍ବଳତା ଦେଖାଉ । ନାନା ପ୍ରକାର କଷଣ ଦେଉ । ତଥାପି ସେ ପରିବାରକୁ ଯାବୁଡ଼ି ଧରିଥାଏ, କେବଳ ସମସ୍ତ ସୁଖଶାନ୍ତି ପାଇଁ । ଥରେ ଭାବନ୍ତୁ ତ, ଯଦି 'ଗୃହିଣୀ'ଟିଏ ଦିନଟିଏ ଛୁଟି ନେଇଯାଏ ତେବେ କ'ଣ ହେବ ? ସବୁକିଛି ଅଟକି ଯିବ । ଅଟକିବ କ'ଣ, ସବୁ ବିପର୍ଯ୍ୟସ୍ତ ହୋଇଯିବ । ଆମେ ବୁଝିବା ଦରକାର, ସେ ଜଣେ ନାରୀ । ତା' ପାଖରେ ଦଶଟି ହାତ ଥାଏ । ସେଥିପାଇଁ ସେ ଏକୁଟିଆ ସବୁକାମକୁ ସୁରୁଖୁରୁରେ କରିଦିଏ । ଦଶଭୂଜା ସେ ନୁହେଁ ତ ଆଉ କିଏ ? ସବୁ ଗୃହିଣୀ ଭିତରେ ଗୋଟିଏ ଗୋଟିଏ 'ଦୁର୍ଗା' ଥାଆନ୍ତି । ତାହା ହିଁ ସେମାନଙ୍କର ଶକ୍ତି । XXX

ସୁବାସିନୀ ଜେନା













**ନିୟମିତ ବିଭାଗ**

ରୋଷେଇଶାଳ:
୧୦୨ : ଐଶ୍ୱର୍ଯ୍ୟା ପ୍ରଧାନ
୧୦୩ : ଲୋପାମୁଦ୍ରା ପରିଡ଼ା
୧୦୪ : ରେବତୀ ନାୟକ
୧୦୫ : ରତିକାନ୍ତ ପାତ୍ର

୧୦୬ : ଶେଷପୃଷ୍ଠା : ସୃଜନଶୀଳତାର ଶକ୍ତି କୃଷ୍ଣ କୁମାର ମହାନ୍ତି

୬୬ : କମଳ କୁମାର ମହାନ୍ତି, ପ୍ରତୀକ୍ଷା ଜେନା
୬୭ : ତ୍ରିନାଥ ସିଂହ
୬୮ : ସାବିତ୍ରୀ କବି
୬୯ : ସତ୍ୟ ସାହୁ, ସଦାଶିବ ଦାଶ
୭୦ : ସଂଜିତ ବଳ, ଶ୍ରୀକାନ୍ତ ମହାନ୍ତି
୭୧ : ଡ.ନୃସିଂହ ଚରଣ ଷଡ଼ଙ୍ଗୀ, ନନ୍ଦକିଶୋର ସିଂହ
୭୨ : ଅରୁଣ କୁମାର ସାହୁ
୭୩ : ଅଖିଳ କୁମାର ମିଶ୍ର, ସିତାଂଶୁ ଲେଙ୍କା
୭୪ : ଡ. ସୁଷମା ମିଶ୍ର, ଇଂ. ସରୋଜ ମହାପାତ୍ର
୭୫ : ଯୀଶୁକ୍ରିଷ୍ଟ ଦାସ
୭୬ : ସୁକୁମାର ଦାସ, ଦୀପ୍ତି ଦାସ
୭୭ : କଥା-କାହାଣୀ-୧ : ତରୁଣକାନ୍ତି ମିଶ୍ର
୮୦ : କଥା-କାହାଣୀ-୨ : ବିଜୟ ନାୟକ
୮୩ : ଚଳଚ୍ଚିତ୍ର ସମୀକ୍ଷା : କୃଷ୍ଣ କୁମାର ମହାନ୍ତି
୮୪ : କଥା-କାହାଣୀ-୩ : ପ୍ରଜ୍ଞାଶ୍ରୀ ରଥ
୮୮ : କଳା-ସଂସ୍କୃତି : ସ୍ୱାଗତିକା ସେଠୀ
୯୫ : ପୁଷ୍ପ ବିତାନ : ଶ୍ୱେତା ରାଉତ
୯୯ : ଗୃହସମସ୍ୟା : ଡ. ହରପ୍ରସନ୍ନ ଦାସ




ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ଅର୍ଚ୍ଚିତା ସାହୁ, ଚଳଚ୍ଚିତ୍ର ନାୟିକା
ଉଚ୍ଚତା : ୫ ଫୁଟ୍ ୮ ଇଞ୍ଚ
ବୃତ୍ତି : ଫିଲ୍ମ ଅଭିନେତ୍ରୀ
ଶିକ୍ଷା : ବି-ଟେକ୍, ଏମ୍‌ବିଏ
ପ୍ରଚ୍ଛଦ ଫଟୋଗ୍ରାଫି : ବିକାଶ ଫଟୋଗ୍ରାଫି, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ୍ମ, ସୋନପୁର
ଫଟୋଶୁଟ୍ ସ୍ଥାନ : ଭୁବନେଶ୍ୱର

**ମଲାଟ କଥା :** ଦୁର୍ଗା ପୂଜା ଆଶ୍ୱିନ ମାସରେ ହିନ୍ଦୁମାନେ ପାଳନ କରୁଥିବା ଏକ ବଡ଼ ଉତ୍ସବ । ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ । ମହିଷାସୁରକୁ ନିଧନ ପାଇଁ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜ ଦ୍ୱାରା ଦୁର୍ଗାଙ୍କୁ ଆବାହନ କରା ଯାଇଥିଲା । ଦେବୀ ଦୁର୍ଗା ପ୍ରକଟିତ ହୋଇ ମହିଷାସୁର ସହ ଯୁଦ୍ଧ କରି ମହିଷାସୁରକୁ ବଧ କରିଥିଲେ । ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହି ସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ । ସେଇ ମହାଶକ୍ତି ଆରାଧନାର ପ୍ରତୀକ ଭାବେ ଏଥରର ପ୍ରଚ୍ଛଦ ଆମର ।



# ପାରିବାରିକ ଶକ୍ତି

ଆମେ ଯେଉଁ ପରିବାରରେ ବସବାସ କରୁ, ସେ ପରିବାର ହିଁ ଆମର ପରିଚୟ । ପାରିବାରିକ ସୁଖଶାନ୍ତି ଓ ସମୃଦ୍ଧି ଭିତରେ ଆମେ କାଳାତିପାତ କରିଥାଉଁ । ପ୍ରତିଟି ମଣିଷ ପାଇଁ ପରିବାର ଅପରିହାର୍ଯ୍ୟ । ବିନା ପରିବାରରେ ଜୀବନ ବଡ଼ ଦୁର୍ବିସହ- ଏ କଥା କାହାକୁ ବୁଝାଇ କହିବା ନିଷ୍ପ୍ରୟୋଜନ । ପରିବାର ଆମକୁ ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ଦେଇଥାଏ । ପରିବାର ଆମକୁ ସମାଜର ଚଳଣି ଶିଖାଇଥାଏ । ସମାଜରେ ଶୃଙ୍ଖଳିତ ହୋଇ ରହିବା ପାଇଁ ବାଟ ଦେଖାଇଥାଏ । ପରିବାର ନଥିବା ଗୋଟିଏ ମଣିଷ ପାଖରେ ଏସବୁ ଶୃଙ୍ଖଳା ଓ ଆଚରଣ ଦେଖା ଯାଇ ନଥାଏ । ସୁତରାଂ ମଣିଷ ଜୀବନ ପାଇଁ ପରିବାର ଏକ ପ୍ରାକୃତିକ ଆବଶ୍ୟକତା । ଏହାକୁ ଏଡ଼ାଇ ହେବ ନାହିଁ । ଆଉ ଏହି ପରିବାରରେ ଯେଉଁ ନାରୀଟି ତା'ର ଧର୍ମ, କର୍ମ ଦ୍ୱାରା ପ୍ରତିଟି ସଦସ୍ୟଙ୍କୁ ପ୍ରତିପାଳିତ କରି ଏକ ସଂସ୍କାରିତ, ଆଦର୍ଶ ଜୀବନ ପ୍ରତ୍ୟର୍ପଣ କରିଥାଏ, ସେ ନାରୀଟିକୁ ଆମେ 'ଗୃହିଣୀ' ବୋଲି ଆଖ୍ୟାୟିତ କରୁ । ଆଧୁନିକ କାଳରେ ଶିକ୍ଷିତ ହୋଇ ଆମେ ତାକୁ 'ହାଉସ୍‌ୱାଇଫ୍' ବୋଲି ମଧ୍ୟ କହିଥାଉଁ । ଏହି ଗୃହିଣୀର ଭୂମିକା ପରିବାର ପାଇଁ ଏତେ ମହତ୍ତ୍ୱପୂର୍ଣ୍ଣ ଯେ ଅନେକ ସମୟରେ ଆମ ସମାଜ ଏହାକୁ ହୃଦୟଙ୍ଗମ କରିପାରି ନଥାଏ । ଫଳରେ ଅନେକତ୍ର ଏହି 'ଗୃହିଣୀ'ର ଆବରଣ ତଳେ ଥିବା ସାଧାରଣ 'ନାରୀ'ଟି କେବଳ 'ସାଧାରଣ' ହୋଇ ହିଁ ରହିଯାଏ । ଜଣେ ଅନ୍‌ପେଡ୍ ଲେବର୍ ବା ଅବୈତନିକ ଶ୍ରମିକ ଭାବେ ସେ କାମ କରି ଚାଲିଥାଏ । କେହି ତା'ର ପରିଚୟକୁ ନୂଆ ଭାବେ ପରିଭାଷିତ କରେନା କି ପ୍ରୋତ୍ସାହିତ କରେନା । କିନ୍ତୁ ଏହି 'ଗୃହିଣୀ' ହିଁ ପରିବାରର ଶକ୍ତି । ପରିବାରର ପ୍ରାଣକେନ୍ଦ୍ର । ପରିବାରକୁ ଟେକି ଧରିଥିବା ଜଣେ ନିର୍ମୋହ, ନିଃସ୍ୱାର୍ଥ ବ୍ୟକ୍ତିସତ୍ତା । ଏ କଥା ଆମେ ଭୁଲିଯାଉଁ ।

"ନଗୃହଂ ଗୃହମିତ୍ୟାହୁ ଗୃହିଣୀ ଗୃହ ମୁଚ୍ୟତେ
ତୟାହି ସହିତଃ ସର୍ବାନ ପୁରୁଷାର୍ଥାନ ସମାଶ୍ନୁତେ ।"

ଅର୍ଥାତ୍ କୌଣସି ବାସସ୍ଥାନ ସେ ପର୍ଯ୍ୟନ୍ତ ଗୃହ ବିବେଚିତ ହୁଏ ନାହିଁ, ଯେପର୍ଯ୍ୟନ୍ତ ସେଠାରେ ଗୃହିଣୀ ଉପସ୍ଥିତ ରହି ଧର୍ମ, କର୍ମ, ମୋକ୍ଷ ରୂପକ ସୁଖଭୋଗ ନ କରାନ୍ତି । ଏ ସମସ୍ତ ଧର୍ମ ପାଳନ ନିମିତ୍ତ ପରିବାରରେ ଗୃହିଣୀର ଭୂମିକା ଅନସ୍ୱୀକାର୍ଯ୍ୟ ।

ପରିବାର ପାଇଁ, ସମାଜ ପାଇଁ, ଜାତି ପାଇଁ ସର୍ବୋପରି ପୁରୁଷ ପାଇଁ ନାରୀ ଯେ କେତେ ଅପରିହାର୍ଯ୍ୟ ତାହା ଆମେ ସମସ୍ତେ ଅନୁଭବ କରିବା ବିଧେୟ । ନାରୀ ବିନା ଗୋଟିଏ ପରିବାର ନଷ୍ଟବିନଷ୍ଟ ହୋଇଯିବା କିଛି ବିଚିତ୍ର ନୁହେଁ । ଅଥଚ ସେଇ ନାରୀଟି ଯିଏ ସାଧାରଣ ଗୃହିଣୀର ପରିଚୟ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରିଦିଏ, ତାକୁ ଆମେ କ'ଣ ପୁରସ୍କାର ଦେଉ? ପ୍ରତିଦାନରେ ତା' ଜୀବନରୁ ସରି ଯାଇଥିବା ସରସତା, ସୁଖ, ଆନନ୍ଦ, ସ୍ୱାଧୀନତା ଫେରାଇ ଦେଉ କି? ନା, ଆମେ ସେସବୁ କିଛି କରୁନା । ଆମକୁ ଲାଗେ, ଏସବୁ ତା'ର ଧର୍ମ । ଏସବୁ କରିବା ପାଇଁ ହିଁ ସେ ଜନ୍ମ ନେଇଛି ।

ଆଜି ଆଉ ସେଦିନ ନାହିଁ । ଯେବେ ନାରୀ ପାଇଁ ଗୃହିଣୀଟିଏ ହେବା ବ୍ୟତୀତ ଆଉ କିଛି ଚାରା ନଥିଲା । ବାଟ ନଥିଲା । ଯୁଗ ଓ ସମୟ ସହିତ ତାଳ ଦେଇ ନାରୀ ଭିତରେ ଆସିଛି ପରିବର୍ତ୍ତନ । ନାରୀ ଆଜି କେବଳ ଗୃହିଣୀର ପରିଚୟ ଭିତରେ ବନ୍ଧା ହୋଇ ପଡ଼ିନାହିଁ । ସେ ପୁରୁଷ ସମକକ୍ଷ ନାନାଦି କାର୍ଯ୍ୟ ପାଇଁ ନିଜକୁ ସକ୍ଷମ କରାଇ ପାରିଛି । ତଥାପି 'ଗୃହିଣୀ' ଭାବେ ନାରୀଟିଏ ଆଜି ବି ତା'ର କର୍ତ୍ତବ୍ୟ କରିବାରେ ତିଳାର୍ଦ୍ଧେ ହେଳା କରୁନାହିଁ । ନାରୀ ଗୃହିଣୀ ହେଉ ଅବା କର୍ମଜୀବୀ, ସେ କିନ୍ତୁ ପରିବାରର ଦାୟଦାୟିତ୍ୱକୁ କେବେ ଫିଙ୍ଗିଦିଏ ନାହିଁ ।

ଆଜି ମଧ୍ୟ ପୁରୁଷ ଭିତରେ ସେଇ ପ୍ରକାର ମାନସିକତା ବଳବତ୍ତର ରହିଛି । ଯେଉଁଥିରେ ସେ ନାରୀଟିକୁ ଗୃହିଣୀ ଭାବରେ ଦେଖିବା ବେଳେ ତୁଚ୍ଛ ମନେ କରିବା ସହ ତାକୁ ଯେତିକି ସମ୍ମାନ ଓ ଭଲପାଇବ ଦେବାକଥା, ତାହା ଦେଉ ନାହିଁ । ବରଂ ପରିବାରର କର୍ମଜୀବୀ ମହିଳାଟିକୁ ଅଧିକ ଗୁରୁତ୍ୱ ଓ ସମ୍ମାନ ଦିଆ ଯାଉଛି । ଏପରି ପାତର ଅନ୍ତର କରିବା ଅନୁଚିତ । ପୁନଶ୍ଚ ଯେଉଁମାନେ କର୍ମଜୀବୀ ମହିଳା ସେମାନେ ଅଫିସ୍ କାର୍ଯ୍ୟ କରିବା ସହିତ ଗୃହକାର୍ଯ୍ୟ ମଧ୍ୟ ସମାନ ଭାବେ କରିଥାନ୍ତି । ଏଥିପାଇଁ ମଧ୍ୟ ତାଙ୍କୁ ପରିବାରରେ ଯଥୋଚିତ ଆଦର ବା ପ୍ରଶଂସା ମିଳିନଥାଏ ।

ଅନେକ ସମୟରେ ଆମେ ଦେଖୁ କୌଣସି ଜଣେ ପୁରୁଷ ତା'ର ପତ୍ନୀକୁ କାହା ସହିତ ପରିଚୟ କରାଇଦେବା ବେଳେ 'ପତ୍ନୀ କ'ଣ କରନ୍ତି' ଭଳି ପ୍ରଶ୍ନର ଉତ୍ତରରେ ଅତି ତାଚ୍ଛଲ୍ୟ ଭାବେ କହନ୍ତି: 'ସେ କିଛି କରନ୍ତିନି, ସେ କେବଳ ମାତ୍ର ଗୃହିଣୀ' ବା 'ଜଷ୍ଟ୍ ହାଉସ୍ ୱାଇଫ୍'! ଏଇ 'ଜଷ୍ଟ୍ ହାଉସ୍ ୱାଇଫ୍' ବା 'ସେ କିଛି କରନ୍ତିନି'କୁ ଏମିତି ଉଚ୍ଚାରଣ କରନ୍ତି, ଯେମିତି ଏ ଭୂମିକାଟି ସମାଜର ସବୁଠୁ ଗୌଣ ଭୂମିକା । ଏହାର କିଛି ଅର୍ଥ ନାହିଁ! କିନ୍ତୁ କାହିଁକି ଏପରି ମାନସିକତା ଆମେ ପୋଷଣ କରୁ? କାହିଁକି 'ଗୃହିଣୀ'ର ଭୂମିକାକୁ ଏକ ବିଶାଳ ଭୂମିକା ବୋଲି ଭାବୁନାହୁଁ?

କିନ୍ତୁ ଆପଣ ଥରେ ଭାବନ୍ତୁ ଦେଖି, ଜଣେ ଗୃହିଣୀ କେମିତି 'ଜଷ୍ଟ୍ ହାଉସ୍ ୱାଇଫ୍' ହେଇ ପାରିବେ? କେମିତି ସେ କିଛି କରନ୍ତିନି? ସେ ତ ଅନେକ କଥା କରନ୍ତି । ସେ ତ ସ୍ୱତନ୍ତ୍ର! ପରିବାରକୁ ଯିଏ ସମ୍ଭାଳୁଥାଏ ଦିନ ଦିନ ଧରି ତା'ର କର୍ମର କ'ଣ କିଛି ମୂଲ୍ୟ ନାହିଁ! ପରିବାରରେ ଶାଶୁଶ୍ୱଶୁର, ପିଲାପିଲି, ସ୍ୱାମୀସନ୍ତାନ, ଅତିଥିଅଭ୍ୟାଗତ- ସମସ୍ତଙ୍କ କଥା ସେ ହିଁ ବୁଝେ । ସେ କେବଳ ମାତ୍ର ଗୃହିଣୀ କେମିତି ହେବ? ସେ ତ ସ୍ପେଶାଲ୍ ହେବା କଥା! ଘରର ସବୁ କାମ କରୁଥାଏ ସେ । ଘରର ସମସ୍ତଙ୍କ ବରାଦ, ଆଦେଶକୁ ପାଟି ନଫିଟେଇ ମାନୁଥାଏ ସେ । କିନ୍ତୁ ବଦଳରେ ଆମେ ତାକୁ ଚେନାଏ ହସ ସହିତ ଟିକିଏ ପ୍ରଶଂସା ଦେଉ କି? ଯାହା ପାଇଲେ ସେ ହୁଏତ, ଘରର ଯାବତୀୟ କାମ ସାରି କ୍ଳାନ୍ତ ଶରୀରକୁ ବିଛଣାରେ ଲୋଟେଇ ଦେବା ବେଳେ ଅନ୍ତତଃ ପରବର୍ତ୍ତୀ ଗୋଟେ ଭଲ ସକାଳ ପାଇଁ ଖୁସି ଖୁସିରେ ନିଜକୁ ପ୍ରସ୍ତୁତ କରି ଶୋଇ ପାରୁଥାନ୍ତା! କିନ୍ତୁ ଆମେ ପ୍ରଶଂସା ତ କରୁନା, ଭର୍ତ୍ସନା କରୁ, ଦୋଷ ଦୁର୍ବଳତା ଦେଖାଉ । ନାନା ପ୍ରକାର କଷଣ ଦେଉ । ତଥାପି ସେ ପରିବାରକୁ ଯାବୁଡ଼ି ଧରିଥାଏ, କେବଳ ସମସ୍ତ ସୁଖଶାନ୍ତି ପାଇଁ । ଥରେ ଭାବନ୍ତୁ ତ, ଯଦି 'ଗୃହିଣୀ'ଟିଏ ଦିନଟିଏ ଛୁଟି ନେଇଯାଏ ତେବେ କ'ଣ ହେବ? ସବୁକିଛି ଅଟକି ଯିବ । ଅଟକିବ କ'ଣ, ସବୁ ବିପର୍ଯ୍ୟସ୍ତ ହୋଇଯିବ । ଆମେ ବୁଝିବା ଦରକାର, ସେ ଜଣେ ନାରୀ । ତା' ପାଖରେ ଦଶଟି ହାତ ଥାଏ । ସେଥିପାଇଁ ସେ ଏକୁଟିଆ ସବୁକାମକୁ ସୁରୁଖୁରୁରେ କରିଦିଏ । ଦଶଭୂଜା ସେ ନୁହେଁ ତ ଆଉ କିଏ? ସବୁ ଗୃହିଣୀ ଭିତରେ ଗୋଟିଏ ଗୋଟିଏ 'ଦୁର୍ଗା' ଥାଆନ୍ତି । ତାହା ହିଁ ସେମାନଙ୍କର ଶକ୍ତି । ଆଉ ତାହା ହିଁ ମାତୃଶକ୍ତି । ଏ ମାତୃଶକ୍ତିକୁ ଆମେ ସମ୍ମାନ କରିବା ଉଚିତ ।

ପବିତ୍ର ଶାରଦୀୟ ଅବକାଶରେ 'ରେବତୀ'ର ପାଠକପାଠିକା, ଲେଖକଲେଖିକା, ଶୁଭେଚ୍ଛୁ, ବିଜ୍ଞାପନଦାତା ସମସ୍ତଙ୍କୁ ଦୁର୍ଗାପୂଜାର ଶୁଭେଚ୍ଛା ଓ ଶୁଭକାମନା ।



ସମ୍ପାଦିକା

## ପୂଜ୍ୟପୂଜାରେ ବ୍ୟତିକ୍ରମ କରେନା 'ରେବତୀ'

● ସେପ୍ଟେମ୍ବର ମାସର 'ରେବତୀ' ପାଇବାକୁ ଯେତେ ବିଳମ୍ବ ହେଲା ସେତେ ଶୀଘ୍ର ପଢ଼ିବାକୁ ଇଚ୍ଛା ହେଲା । 'ରେବତୀ' ପତ୍ରିକା କେବେ ହେଲେ ପୂଜ୍ୟପୂଜାରେ ବ୍ୟତିକ୍ରମ କରେନା । ଏ ମାସର ବିଶେଷ ଆଲେଖ୍ୟ, 'ପ୍ରଣମ୍ୟ ପୁରୁଷ ପ୍ରହରାଜ', ମହିୟସୀ ମହାଶ୍ୱେତା', ତାହାର ଜ୍ୱଳନ୍ତ ଉଦାହରଣ । ଲଳିତ ମୋହନ ମିଶ୍ର ଅତି ସୁନ୍ଦର ଭାବରେ 'ମୁକୁଟ ବିହୀନ ରାଣୀ'କୁ ଉପସ୍ଥାପନା କରିଛନ୍ତି । ବର୍ଣ୍ଣନା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର । 'ରେବତୀ'ର ପ୍ରତ୍ୟେକ ବିଷୟ ସତେ ଯେପରି ଗୋଟେ ଗୋଟେ ଗବେଷଣାର ସନ୍ଦର୍ଭ ପରି ମନେହୁଏ । ସବୁ ବିଷୟ ପାଠକମାନେ ସହଜରେ ଅବଗତ ହୋଇ ପାରୁଛନ୍ତି । 'ସର୍ଜନାରେ ରକ୍ଷଣଶୀଳତା' ନିଶ୍ଚିତ ଭାବେ ଏକ ମୂଲ୍ୟବାନ ବିଷୟ । ଧନ୍ୟବାଦ ସଂପାଦକଙ୍କୁ ଓ ସମଗ୍ର ସଂପାଦନା ମଣ୍ଡଳୀଙ୍କୁ ।

**ଜ୍ୟୋତ୍ସ୍ନା ରଥ,** ଭୁବନେଶ୍ୱର

## 'ଶେଷପୃଷ୍ଠା' ମନରେ ଥିବା ପ୍ରଶ୍ନର ଉତ୍ତର ଦେଲା

● ଗତ ପନ୍ଦର ଦିନରୁ ଉର୍ଦ୍ଧ୍ୱ ସମୟ ଧରି ମୁଁ ଗାଁରେ ଥିଲି । ହେଲେ ମୋ ପଡ଼ୋଶୀ ଯଦିଓ ଅଣଓଡ଼ିଆ ତଥାପି ଖୁବ୍ ଯତ୍ନର ସହ 'ରେବତୀ'କୁ ଡାକରୁ ରଖିଥିଲେ । ବିଶେଷ ଖୁସି ଲାଗିଲା ଯେ ତାଙ୍କ ଦୋକାନରେ କାମ କରୁଥିବା ପିଲାଟି ଫୋନ୍‌ରେ ମୋ ଠାରୁ ଅନୁମତି ପାଇବା ପରେ 'ରେବତୀ'କୁ ଖୋଳରୁ ବାହାର କରି ଯଦିଓ ଓଡ଼ିଆ ପଢ଼ି ପାରେନି ତଥାପି ଚିତ୍ର ଦେଖି ଖୁସି ହେଇଥିଲା । ବିଶେଷ କରି ଏଥର ସଂଖ୍ୟାରେ ପର୍ଯ୍ୟଟନରେ ପ୍ରକାଶିତ ମୋର ଲେଖାଟିରେ ମୋ ଫଟୋ ଦେଖି ସେ ବେଶ୍ ଖୁସି ହେଲା । ଏଥରର ଦୁଇଟି କପି ମାନେ ଗ୍ରାହକ କପି ଓ ଲେଖକ ଉପହାର କପି ପାଇ ମୁଁ ବହୁତ ଖୁସି । ଏଥରର ସଂଖ୍ୟାରେ 'ଶେଷପୃଷ୍ଠା'ରେ 'କବି ମରେନା'ଲେଖାଟି ପଢ଼ିଲା ବେଳେ ଆଖିରେ ଲୁହ ଜକେଇ ଆସିଲା । 'ସର୍ଜନାରେ ରକ୍ଷଣଶୀଳତା' ମୋ ମନରେ ଥିବା କିଛି ପ୍ରଶ୍ନର ଉତ୍ତର ହୋଇ ଆସିଲା ।

**ସୁପ୍ତି କର,** ରାଉରକେଲା

## 'ରେବତୀ' ଆଗକୁ ଆଗକୁ ଯିବା ସୁନିଶ୍ଚିତ

● ଏକ ଅନନ୍ୟ ଆକର୍ଷଣୀୟ ପତ୍ରିକା 'ରେବତୀ'ର ଅଗଷ୍ଟ ସଂଖ୍ୟା ପଢ଼ିଲି । ଭାରି ଲୋଭନୀୟ ଏବଂ ମନଛୁଆଁ । କୃଷ୍ଣ ବାବୁଙ୍କର ବଳିଷ୍ଠ ତତ୍ତ୍ୱାବଧାନରେ 'ରେବତୀ' ଖୁବ୍ ଆଗକୁ ଆଗକୁ ଯିବ- ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ନରେଶ୍ ମଣ୍ଡଳ,** ପ୍ରାଚୀ ନଗର, ଭଦ୍ରକ




## ଆଜି 'ରେବତୀ' ଲୋକପ୍ରିୟତାର ଶୀର୍ଷରେ ରହିଛି


● ଅନେକ ଦିନ ଧରି ମୁଁ 'ରେବତୀ'ର ଜଣେ ନିୟମିତ ପାଠିକା । 'ରେବତୀ' ଓଡ଼ିଶାର ସମ୍ଭ୍ରାନ୍ତ ଶ୍ରେଣୀର ପତ୍ରିକାମାନଙ୍କ ମଧ୍ୟରେ ଅନ୍ୟତମ । ଏହାର ପ୍ରଚ୍ଛଦପଟ ଯେତିକି ଲୋଭନୀୟ ତହିଁରେ ସନ୍ନିବେଶିତ ଲେଖାଗୁଡ଼ିକ ତତୋଧିକ ରୁଚିକର । ଲେଖା ସହିତ ସଂଯୋଜିତ ହୋଇଥିବା ଚିତ୍ରଗୁଡ଼ିକ ପତ୍ରିକାରେ ମୟୂରପୁଚ୍ଛ ସଦୃଶ । ହେଲେ ସବୁଠାରୁ ଚିତ୍ତାକର୍ଷକ ଏହାର ସମ୍ପାଦକୀୟ ପୃଷ୍ଠା ଏବଂ ଶେଷପୃଷ୍ଠା । ସମ୍ପାଦକୀୟ ପୃଷ୍ଠାର ଲେଖାରେ ନିଛକ ଓଡ଼ିଆ ପଣ ବାରି ହୋଇପଡେ । ସାଧାରଣ ଓଡ଼ିଆଣୀଟିଏର ଘର ପରିବାର ପ୍ରତି କର୍ତ୍ତବ୍ୟ, ସଂଯୁକ୍ତ ପରିବାରର ମହତ୍ତ୍ୱ, ସମାଜ ପ୍ରତି ଦାୟିତ୍ୱବୋଧ ଭଳି ଅନେକ ଶିକ୍ଷଣୀୟ କଥା ପଢ଼ିବାକୁ ମିଳେ । ପୁଣି 'ଶେଷପୃଷ୍ଠା'ରେ ସମ୍ମାନୀୟ କୃଷ୍ଣ ସାରଙ୍କ ଲେଖାରୁ ଲେଖକମାନଙ୍କୁ ଦିଗ୍‌ଦର୍ଶନ ମିଳିଥାଏ । ସେଥିରୁ ସୃଜନଶୀଳତା ଏବଂ ତତ୍ ସମ୍ବନ୍ଧିତ ନିୟମ ( ethics) ସବୁ ଶିଖିବାକୁ ମିଳେ । 'ରେବତୀ'ରୁ ମିଳିଥାଏ ଦେଶ ବିଦେଶର ଅନେକ ଦର୍ଶନୀୟ ସ୍ଥାନମାନଙ୍କର ବିସ୍ତୃତ ବିବରଣୀ ଯାହାକୁ ପଢ଼ିଲେ ନିଜ ଆଖିରେ ସେହି ସବୁ ସ୍ଥାନ ବୁଲି ଆସିଲା ଭଳି ଲାଗେ । ଅନେକ ସମୟରେ 'ରେବତୀ'ର ବିଶେଷ ଅଙ୍କରୁ ଆମ ସଂସ୍କୃତିର ଧରୋହର, ରାଜରାଜୁଡ଼ା, ଜନଜାତିମାନଙ୍କ ଜୀବନ, କାଳଜୟୀ ସ୍ରଷ୍ଟା ମାନଙ୍କ ସୃଷ୍ଟି, ମହାନ୍ ମଣିଷମାନଙ୍କ ଜୀବନ ସମ୍ବନ୍ଧରେ ଜାଣିବାକୁ ମିଳିଥାଏ । ଗୃହିଣୀମାନଙ୍କ ପାଇଁ ଏହାର 'ରୋଷେଇଶାଳ'ଟି ଖୁବ୍ ଉପଯୋଗୀ ଅଧ୍ୟାୟ । ଆହୁରି ମଧ୍ୟ ଶ୍ରୀ ପବିତ୍ର ମୋହନ ଦାଶଙ୍କ 'ଦାସେ ଆପଣେ'ରୁ ଉତ୍କଳମଣିଙ୍କ ଜୀବନ ଚରିତ, ଡକ୍ଟର ହରପ୍ରସାଦ ଦାସଙ୍କ ସୁଖୀ ପରିବାର ପାଇଁ ଉପଦେଶ, ଶ୍ୱେତା ରାଉତଙ୍କ 'ପୁଷ୍ପ ବିତାନ'ରେ ବିଭିନ୍ନ ପ୍ରକାର ଫୁଲର ବିଶେଷ ଜ୍ଞାନ, ଜୟନ୍ତୀ ରଥଙ୍କ ଆତ୍ମଜୀବନୀରୁ ଅନେକ କିଛି ଶିଖିବା ପାଇଁ ମିଳେ । ସେଥିପାଇଁ ଆଜି 'ରେବତୀ' ଲୋକପ୍ରିୟତାର ଶୀର୍ଷରେ ରହିଛି । ଚଳିତ ମାସ ସଂଖ୍ୟାରେ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଓଝାଙ୍କ ଲିଖିତ ଓଡ଼ିଆ ଭାଷାକୋଷର ପ୍ରଣେତା 'ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ'ଙ୍କ ଜୀବନୀ ବିଷୟକ 'ଶବ୍ଦକୋଣାର୍କର ଶିଳ୍ପୀ' ପାଠ କରି ନିଜକୁ ଧନ୍ୟ ମନେ କଲି । କାରଣ ସେ ଆମ କଟକ ସଦର ନିର୍ବାଚନମଣ୍ଡଳୀର ମଣିଷ ଏବଂ ତାଙ୍କର ଜନ୍ମସ୍ଥାନ ସିଦ୍ଧେଶ୍ୱର ପୁର । କନ୍ଦରପୁର ଦଶ ବର୍ଷ ଧରି ମୋ'ର କର୍ମଭୂମି ଥିଲା । ମୋ' ଚାକିରି କାଳରେ ଦୁଇଥର ମୁଁ କନ୍ଦରପୁର ଗ୍ରାମ୍ୟ ବ୍ୟାଙ୍କର ମ୍ୟାନେଜର ଭାବରେ କାମ କରିବା ସମୟରେ ଅନେକ ଥର ସେ ମାଟିକୁ ଛୁଇଁବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଶ୍ରୀଯୁକ୍ତ ଗୋପାଳ ପ୍ରହରାଜ କେବଳ ଏ ମାଟିର ନୁହେଁ ସାରା ଓଡ଼ିଶାର ଗର୍ବ ଏବଂ ଗୌରବ । କୋଟି ପ୍ରଣାମ ତାଙ୍କ ଚରଣରେ । ଏ ସଂଖ୍ୟାରେ ରହିଛି ପ୍ରୋଫେସର ମଣୀନ୍ଦ୍ର ମେହେରଙ୍କ ଲେଖା ମହିୟସୀ ନାରୀ କଥାଶିଳ୍ପୀ ମହାଶ୍ୱେତା ଦେବୀଙ୍କର ସ୍ମୃତି ଯାହା ଖୁବ୍ ହୃଦୟସ୍ପର୍ଶୀ । ବ୍ରହ୍ମପୁରର ମା' ତାରାତାରିଣୀଙ୍କ ପୀଠର ମହାତ୍ମ୍ୟ ଖୁବ୍ ସୁନ୍ଦର ହୋଇଛି । ଶ୍ରୀ ଲଳିତ ମୋହନ ମିଶ୍ରଙ୍କ ଲିଖିତ ପାରମ୍ପରିକ କଳା 'ବାଉଁଶ ରାଣୀ' ଅତ୍ୟନ୍ତ ହୃଦୟସ୍ପର୍ଶୀ । ଶ୍ରୀମତୀ ସୁପ୍ତି କରଙ୍କ ପର୍ଯ୍ୟଟନ ସ୍ଥଳୀ ସିକିମ୍‌ର ବର୍ଣ୍ଣନା ଖୁବ୍ ସୁନ୍ଦର । କବିତା ବିଭାଗରେ ଶ୍ରୀ ଦୁର୍ଗାଚରଣ ଷଡ଼ଙ୍ଗୀଙ୍କ 'ବିଡ଼ମ୍ବନା', ଶ୍ରୀ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ଧରୋହର', ନରେନ୍ଦ୍ର ସେଠୀଙ୍କର 'ଝାଳ', ଡାକ୍ତର ନୀଳମାଧବ କରଙ୍କ 'ମୋ'ଅଜନ୍ମା ପୁଅର କଥା' ଖୁବ୍ ମନଛୁଆଁ ହୋଇଛି । ଅନ୍ୟ କବିତା ଗୁଡ଼ିକ ମଧ୍ୟ ଖୁବ୍ ରୁଚିକର । ଆଡଭୋକେଟ୍ ସ୍ନିଗ୍ଧା ତ୍ରିପାଠୀଙ୍କ ଆଇନ୍ ପରାମର୍ଶ ନିଶ୍ଚୟ ଅନେକଙ୍କୁ ସାହସ ଯୋଗାଉଥିବା । ମୋଟାମୋଟି କହିବାକୁ ଗଲେ ରେବତୀ ସବୁ ବର୍ଗର ଲୋକଙ୍କ ପାଇଁ ଏକ ପାଠକୀୟ ଆନନ୍ଦର ଉତ୍ସ । ଏହାର ଜୟଯାତ୍ରା ଜାରି ରହିଥାଉ- ଏହି କାମନା କରୁଛି ବିଶ୍ୱନିୟନ୍ତାଙ୍କ ଚରଣରେ । ଅଜସ୍ର ଅଭିନନ୍ଦନ ଆଉ ଶୁଭେଚ୍ଛା ସହ ନମସ୍କାର ।

**ସୁଷମା ପରିଡା,** ଶାରଳା ଭବନ, ପୋତାପୋଖରୀ, କଟକ -୪, ଫୋନ: ୯୩୩୭୨୭୨୭୪୭

## 'ରେବତୀ' ଲକ୍ଷେ ପାଠକ ଗ୍ରାହ୍ୟ ହେଉ- ମହାବାହୁଙ୍କ ପାଖରେ ମୋର ପ୍ରାର୍ଥନା

● ବହୁ ଆଦୃତ ପାରବାରିକ ପତ୍ରିକା 'ରେବତୀ'ର ସେପ୍ଟେମ୍ବର ସଂଖ୍ୟାରେ ପ୍ରକାଶିତ ମୋ କବିତା ବିଡ଼ମ୍ବନାର ପାଠକୀୟ ଆଦୃତି ମତେ ପୁଲକିତ କରିଛି । ଏହି ଅବସରରେ ମୁଖ୍ୟ ସମ୍ପାଦିକା ଶ୍ରୀମତୀ ଜେନା, କାର୍ଯ୍ୟ ନିର୍ବାହୀ ସମ୍ପାଦକ ସତାର୍ଥ ଅନୁଜ କୃଷ୍ଣକୁମାର, ଏହାର ଚିତ୍ରକର ଏବଂ 'ରେବତୀ'ର କୁଶଳୀ ସମ୍ପାଦନା ମଣ୍ଡଳୀଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଛି । 'ରେବତୀ' ଦୀର୍ଘାୟୁ ହେଉ ଓ ଓଡ଼ିଆ ପତ୍ରିକା ଜଗତରେ ଯେ ଏକ ନିଆରା ସ୍ୱରର ସ୍ୱାକ୍ଷର ବହନ କରିବ, ଏ ବିଶ୍ୱାସ ମୋତେ ହୃଦ୍‌ବୋଧ କରାଉଛି । 'ରେବତୀ'ର ଯାତ୍ରାପଥ କୁସୁମିତ ଓ ଲକ୍ଷେ ପାଠକ ଗ୍ରାହ୍ୟ ହେଉ, ହେ ମହାବାହୁ !

**ଦୁର୍ଗା ଚରଣ ଷଡ଼ଙ୍ଗୀ,** ଚନ୍ଦ୍ରଶେଖରପୁର, ଭୁବନେଶ୍ୱର


ଶାରଦୀୟ ଶୁଭକାମନା
Supporting
Public Health Engineering
since, last 50 years
REDEFINING EXCELLENCE
50 YEARS
FOR OVER 50 YEARS
Ori-Plast®
LIFE LINES... NOT JUST PIPE LINES
PVC ASTM D1785
uPVC IS 4985
HDPE IS 4984
cPVC IS 15778
White Push Pipes ASTM D1785
Water Tank
SWR IS 13592
O T Road, Balasore - 756001, Phone:06782 264551/52/53, Fax: 06782 262551, Email: sales@oriplast.com, Web: www.oriplast.com

## ‘ପ୍ରଣମ୍ୟ ପ୍ରହରାଜ’ ମନରେ ଆନନ୍ଦ ଖେଳାଇଲା

● ଆଜି ସେପ୍ଟେମ୍ବର ମାସର ‘ରେବତୀ’ ପଢ଼ିଲି । ପ୍ରାରମ୍ଭରେ ‘ଶବ୍ଦ କୋଣାର୍କର ଶିଳ୍ପୀ: ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ’ଙ୍କ ଫଟୋଟି ଦେଖି ଏକ ଅନନ୍ୟ ଆନନ୍ଦ ମନରେ ଖେଳିଗଲା ! କାରଣ ତାଙ୍କ ଉପରେ ବିସ୍ତୃତ ବିବରଣୀ ପାଠ କରିଥିଲି ! ମାତ୍ର ତାଙ୍କର ଫଟୋଟିଏ ଦେଖିବାକୁ ପାଇ ନଥିଲି ! ଏହି ମହାନ୍ ଭାଷାକାର ଓ ସାହିତ୍ୟିକଙ୍କ ଫଟୋଟିଏ ଦେଖିବା ପାଇଁ ମନ ଖୋଜୁଥିଲା ! ଏହା ତାଙ୍କର ଫଟୋ ନୁହେଁ, ଚିତ୍ରଟିଏ ! ତଥାପି ମୋ ପାଇଁ ଯଥେଷ୍ଟ ଥିଲା ! ଚିତ୍ରକର ବିମଳ ଦାସ ପ୍ରହରାଜ ମହୋଦୟଙ୍କ ଆଖିର ଯେଉଁ ଜୀବନ୍ତ ଚାହାଣୀ ଓ ଗଭୀରତା ଦର୍ଶେଇ ପାରିଛନ୍ତି, ସେଥିପାଇଁ ଚିତ୍ରକରଙ୍କୁ ମୋର ହାର୍ଦ୍ଦିକ ପ୍ରଣାମ ! ସାରସ୍ୱତ ଜଗତର ଏହି ଅଦ୍ୱିତୀୟ ବିନ୍ଧାଣୀଙ୍କ ଜୀବନ ଓ କୃତି ଉପରେ ଲକ୍ଷ୍ମୀପ୍ରିୟା ଓଝାଙ୍କ ଆଲୋଚନା ଅତୀବ ସୁନ୍ଦର ଓ ଫଟୋଚିତ୍ରଗୁଡ଼ିକ ମଧ୍ୟ ସୁଦୃଶ୍ୟ ! ତାଙ୍କୁ ମୋର ସାରସ୍ୱତ ଶୁଭେଚ୍ଛା ! ଲକ୍ଷ୍ମୀପ୍ରିୟାଙ୍କ ମତରେ ଭାଷାକୋଷର ପୁନରୁଦ୍ଧାର ନିହାତି ଦରକାର ! ମୁଁ ଏଥିରେ ସଂପୂର୍ଣ୍ଣ ଏକମତ ! ଲଳିତ ମୋହନ ମିଶ୍ରଙ୍କ ‘ବାଉଁଶ ରାଣୀ’ ଆଲେଖ୍ୟଟି ଉଚ୍ଚକୋଟୀର ହୋଇଛି ! ସୁନ୍ଦର ଫଟୋ ସହିତ ବାଉଁଶ ରାଣୀ ପରି ଦୁଃସାହସିକ ଖେଳକୁ ଜୀବନ ଯାପନର ପନ୍ଥା ରୂପେ ଗ୍ରହଣ କରିଥିବା ବାଳିକାମାନଙ୍କ ରୋମାଚଂଭରା ଖେଳ ବିଷୟରେ ବିଷଦ୍ ଚର୍ଚ୍ଚା କରିଥିବାରୁ ଲେଖକଙ୍କୁ ଧନ୍ୟବାଦ ! ‘ମହିୟସୀ ମହାଶ୍ୱେତା’ରେ ଲେଖକ ଯେତିକି ଉପସ୍ଥାପନ କରିଛନ୍ତି, ତାହା ନିରାଶ କଲା ! ଏତେ ବଡ ଲେଖିକାଙ୍କ ସମ୍ବନ୍ଧରେ ଆହୁରି ବହୁତ କିଛି ଜାଣିବାକୁ ଇଚ୍ଛା ଥିଲା ! ‘କପୋତ’ ଉପରେ ଦେବଯାନୀଙ୍କ ଆଲେଖ୍ୟରୁ ବହୁତ କଥା ଜାଣିବାକୁ ମିଳିଲା ! ମୋତେ ସତୁରୀ ବର୍ଷ ହେବାକୁ ବସିଲାଣି, ବାଦୁଡ଼ି ଛଡା ଅନ୍ୟ କୌଣସି ପକ୍ଷୀ ସ୍ତନ୍ୟପାନ କରାଇବା କଥା ଜାଣି ନଥିଲି ! ପାରାମାନେ ସଦାବେଳେ ଆମ ଘର ଝରକା ଉପରେ ଗୁଟର୍ ଗୁଁ କରୁଛନ୍ତି, ଆମର ଏତେ ପାଖରେ ଅଛନ୍ତି, କିନ୍ତୁ ଆମେ ସେମାନଙ୍କ ବିଷୟରେ କେତେ ନିସ୍ପୃହ ! କେବଳ ମଇଳା କରୁଛନ୍ତି ବୋଲି ଆମେ ତାଙ୍କୁ ଘଉଡେଇ ଦେଇଥାଉଁ ! ବହୁ ତଥ୍ୟ ସମ୍ବଳିତ ଏହି ଆଲେଖ୍ୟଟି ପାଇଁ ଓ ଶ୍ୱେତାଙ୍କ ‘ଡାଲିଆ’ ଆଲେଖ୍ୟ ପାଇଁ ବହୁତ ବହୁତ ଧନ୍ୟବାଦ ଉଭୟଙ୍କୁ ! ସ୍ନିଗ୍ଧା ତ୍ରିପାଠୀଙ୍କ ‘ଆଇନ୍ ପରାମର୍ଶ’ ବହୁତ ଉପଯୋଗୀ ! ଏହି ଫିଚରଟି ନିୟମିତ ପ୍ରକାଶ କରୁଥିବାରୁ ସଂପାଦନା ଟିମ୍‌କୁ ବିଶେଷ ଧନ୍ୟବାଦ ! ଚିଠିଟି ଲମ୍ବା ହେଉଥିବାରୁ ସମସ୍ତ ଟପିକ୍ ଉପରେ ମତାମତ ଦେଇ ପାରୁନି ! ମାତ୍ର ମୁଁ ପ୍ରତ୍ୟେକ ଲେଖା ପଢୁଛି ଓ ଆନନ୍ଦ ଅନୁଭବ କରୁଛି ! ତେଣୁ କେହି ଭୁଲ୍ ବୁଝିବେ ନାହିଁ ! ସର୍ବୋପରି ପତ୍ରିକାଟିର ଉନ୍ନତମାନର କାଗଜ, ଫଟୋ, ଫିଚର, ଲେଖା ତଥା ପରିଚ୍ଛନ୍ନ ପରିପାଟୀ ପାଇଁ ସଂପାଦିକା ତଥା କୃଷ୍ଣ ବାବୁଙ୍କୁ ଅଶେଷ ଧନ୍ୟବାଦ !

**ଡ. ସୁମିତ୍ରା ମିଶ୍ର,** କୋଳଥିଆ, ଭୁବନେଶ୍ୱର

## ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● ‘ରେବତୀ ଆମ ମାଟିର ସ୍ୱର’ ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● ‘ରେବତୀ’ ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ ‘ରେବତୀ’ ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ‘ରେବତୀ’ କହିରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ ‘ରେବତୀ’ ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥଇପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।

● ‘ରେବତୀ’ ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ଼୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ । e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

● ‘ରୋଷେଇ’ ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।

● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ ‘ରେବତୀ’ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା ‘ରେବତୀ’ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● ‘ରେବତୀ’ ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : ‘ରେବତୀ’, ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com



# ମାତୃଶକ୍ତିର ମହିମା

**ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ**
ସଲଟ୍ ରୋଡ୍, କାଦ୍ରାବାଦ୍,
ସୁନହଟ, ବାଲେଶ୍ୱର-୭୫୬୦୦୨
ଫୋନ : ୯୪୩୮୨୯୦୦୭୨

ଫଟୋ ସୌଜନ୍ୟ : ଗୁଗୁଲ୍

# ମାତୃଶକ୍ତିର ଆରାଧନା : କିମ୍ବଦନ୍ତୀରୁ କାତ୍ୟାୟନୀ

**ଶାସ୍ତ୍ରରେ ଥିବା କିମ୍ବଦନ୍ତୀ ଅନୁସାରେ ସତୀ ସୀତାଙ୍କର ଖଣ୍ଡବିଖଣ୍ଡିତ ଶରୀର ଯେଉଁ ଯେଉଁ ସ୍ଥାନରେ ପଡ଼ିଥିଲା, ତାହା ଶକ୍ତିପୀଠରେ ରୂପାନ୍ତରିତ ହୋଇଛି । ଏଭଳି ଏକ ଆଧାତ୍ମିକ ପ୍ରସଙ୍ଗକୁ ଆମ ଶାସ୍ତ୍ର ମଧ୍ୟ ସ୍ୱୀକୃତି ଦେଇଛି । ସୁତରାଂ କିମ୍ବଦନ୍ତୀରୁ ଯେ କାତ୍ୟାୟନୀଙ୍କର ଆବିର୍ଭାବ- ଏ କଥାକୁ ଅନାୟାସରେ କୁହାଯାଇପାରେ । କାତ୍ୟାୟନୀ ହେଉଛନ୍ତି ମହାମାୟା ଦୁର୍ଗା, ଦେବୀ, ମାତୃଶକ୍ତି । ସେ ହିଁ ମାହେଶ୍ୱରୀ, ଅବର୍ଣ୍ଣିତା, ସୁଦୀପ୍ତା, ଜୀବନ ଦୀପର ଜଳୁଥିବା ସଳିତା । ସେ ମଙ୍ଗଳମୟୀ ଏବଂ ତ୍ୟାଗ ତିତିକ୍ଷାର କ୍ଷୀରାବ୍ଧୀ । ମାଟି ଆକାଶ ପରି ଉଦାର ମହନୀୟତା ତାଙ୍କର । ସେ ମା' ।**



ଲେଖକ ଡ. ରାଧାରଞ୍ଜନ ପଟ୍ଟନାୟକ

ସନାତନ ସଂସ୍କୃତି ଆଧାତ୍ମିକ ଚିନ୍ତା ଓ ଚେତନାର ଅନନ୍ୟ ଉଦାହରଣ । ପବିତ୍ର ଭୂମି ଏଇ ଭାରତବର୍ଷରେ ବିଭିନ୍ନ ଧର୍ମାବଲମ୍ବୀର ବ୍ୟକ୍ତିମାନେ ବାସ କରୁଥିଲେ ବି ସଭିଙ୍କର ଆସ୍ଥା ଓ ବିଶ୍ୱାସ ସେଇ ଅଦୃଶ୍ୟ ଶକ୍ତି ଉପରେ କେନ୍ଦ୍ରୀଭୂତ । ସୁତରାଂ ଏଇ ଅଦୃଶ୍ୟ ଶକ୍ତି ହିଁ ଐଶ୍ୱରୀୟ ଶକ୍ତି ବୋଲି ସଭିଏଁ ବିଶ୍ୱାସ କରନ୍ତି । ଭାରତୀୟ ଧର୍ମଧାରାରେ ବେଦ, ଉପନିଷଦ ଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରରେ ଦେବଦେବୀଙ୍କର ଉପାସନା ସଂପର୍କରେ ବର୍ଣ୍ଣନା ରହିଛି । କେଉଁଠି ଦେବତାଙ୍କର ପୂଜାବିଧି ତ ପୁଣି କେଉଁଠି ମାତୃଶକ୍ତିର ଉପାସନା । ଏଇମିତି ଏକ ପ୍ରବାହ ଯୁଗଧାରାରେ ସାମ୍ପ୍ରତିକ କାଳଖଣ୍ଡ ପର୍ଯ୍ୟନ୍ତ ଗଡ଼ି ଆସିଛି । କିମ୍ବଦନ୍ତୀ ଏବଂ ଲୋକକଥାକୁ ନେଇ ଅନେକ ବ୍ୟକ୍ତି ନିଜର ଆସ୍ଥା ପ୍ରକଟ କରିଥାନ୍ତି । କିମ୍ବଦନ୍ତୀ ଏମିତି ଗୋଟାଏ ଶବ୍ଦ ଯାହା ଲୋକଶ୍ରୁତିରେ ପିଢ଼ି ପରେ ପିଢ଼ି ଚାଲି ଆସିଛି । ତମାମ କିମ୍ବଦନ୍ତୀ ଯେ କଳ୍ପନା ପ୍ରସୂତ ତାହା କହିବା ଠିକ୍ ନୁହେଁ । କାରଣ ଅନେକ ଶାସ୍ତ୍ରରେ ଏହି କିମ୍ବଦନ୍ତୀ ସଂପର୍କରେ ବିବିଧ ବର୍ଣ୍ଣନା ରହିଛି, ଯେପରି ସତୀ ସୀତାଙ୍କର ଖଣ୍ଡବିଖଣ୍ଡିତ ଶରୀର ଯେଉଁ ଯେଉଁ ସ୍ଥାନରେ ପଡ଼ିଛି, ତାହା ଶକ୍ତିପୀଠରେ ରୂପାନ୍ତରିତ ହୋଇଛି । ଏଭଳି ଏକ ଆଧାତ୍ମିକ ପ୍ରସଙ୍ଗକୁ ଆମ ଶାସ୍ତ୍ର ମଧ୍ୟ ସ୍ୱୀକୃତି ଦେଇଛି । ସୁତରାଂ କିମ୍ବଦନ୍ତୀରୁ ଯେ କାତ୍ୟାୟନୀଙ୍କର ଆବିର୍ଭାବ- ଏ କଥାକୁ ଅନାୟାସରେ ପ୍ରକାଶ କରାଯାଇପାରେ । କାତ୍ୟାୟନୀ ହେଉଛନ୍ତି ମହାମାୟା ଦୁର୍ଗା, ଦେବୀ, ମାତୃଶକ୍ତି । ସେ ହିଁ ମାହେଶ୍ୱରୀ, ଅବର୍ଣ୍ଣିତା, ସୁଦୀପ୍ତା, ଜୀବନ ଦୀପର ଜଳୁଥିବା ସଳିତା । ସେ ମଙ୍ଗଳମୟୀ ଏବଂ ତ୍ୟାଗ ତିତିକ୍ଷାର କ୍ଷୀରାବ୍ଧୀ । ମାଟି ଆକାଶ ପରି ଉଦାର ମହନୀୟତା ତାଙ୍କର । ସେ ମା' । ଧୂଳିରେ ସେ ଧୂସର ତୁଠରେ ସେ ପଥର । ମମତାର ସେ ସାଗର । ଆମ ପାଇଁ ସଭିଙ୍କ ପାଇଁ ଏପରିକି ଭକ୍ତଜନଙ୍କ ପାଇଁ ସେ ଶ୍ରୀକୋଠ ଭଣ୍ଡାର । ତାଙ୍କର କୋଳ ହିଁ କଳ୍ପବଟର ଛାଇ । ତାଙ୍କର ହୃଦୟ ହିଁ ଅନନ୍ତ ଅକ୍ଷରର ସ୍ନେହାମୃତ ଅମୃତ । ସୁତରାଂ ମାତୃଶକ୍ତିର ପୂଜା ଆଜି ନୁହେଁ, ଅନେକ ଦିନରୁ ଚଳିଆସୁଛି । ଯାହାର ହିସାବ ରଖିବା କୌଣସି ଗଣିତ ଅଙ୍କରେ ସମ୍ଭବ ନୁହେଁ । ସମାଜରେ ଦୁଷ୍ଟ ବ୍ୟକ୍ତିମାନଙ୍କୁ ସଂହାର କରି ସେଥିପ୍ରତି ସତର୍କ କରାଇଦେବାକୁ ପଥ ଦେଖାନ୍ତି ମା' ଜଗଜ୍ଜନନୀ । ସେ ଋଷି ହୁଅନ୍ତୁ ବା ସନ୍ଥ । ଯେଉଁଠି ସ୍ଖଳନ ଦେଖାଯାଏ, ସେଇଠି ସେ ହୁଅନ୍ତି ଆବିର୍ଭୂତା । ତାଙ୍କର କର୍ତ୍ତବ୍ୟ ହୋଇଯାଇଥାଏ ମରିଯାଇଥିବା ନୈତିକ ଶୃଙ୍ଖଳାକୁ (moral order) ପୁଣିଥରେ ସଂସାରରେ ପ୍ରତିଷ୍ଠା କରାଇବା । କାତ୍ୟାୟନୀଙ୍କର ବିଭିନ୍ନ ରୂପ ଆମେ ସ୍କନ୍ଧ ପୁରାଣ ଏବଂ କଳିକା ପୁରାଣରେ ପାଇଥାଉ । କେଉଁଠି ସେ ଦୁର୍ଗା ତ ପୁଣି କେଉଁଠି ଉଗ୍ରତାରା, କୌଶିକା, କାଳି ଏବଂ ଚଣ୍ଡିକା । ମାଟି ପରି ସେ ସହିଷ୍ଣୁତାର ପ୍ରତୀକ । ଆକାଶ ପରି ପଣତ କାନିରେ ସ୍ଥାବର ଜଙ୍ଗମ ସଭିଙ୍କୁ ଘୋଡ଼ାଇ ରଖନ୍ତି ସେ । ଅନ୍ୟ ଅର୍ଥରେ ମା' = ମ୍ +ଆ+ ଆ, ମ ଅର୍ଥ ଆନନ୍ଦବର୍ଦ୍ଧକ ତଥା ମହାଶକ୍ତିର ପ୍ରତୀକ । ଆ ଅର୍ଥ ସମସ୍ତ ପ୍ରକାର ବାଧା ଏବଂ ବିପତ୍ତିକୁ ପ୍ରତିହତ କରିବା । ତେଣୁ ମାତୃଶକ୍ତି ହିଁ ଏଇଭଳି ବିପତ୍ତିରେ ସଂସାରକୁ ରକ୍ଷା କରିଥାନ୍ତି ।

ପ୍ରାଚ୍ୟ ସିଦ୍ଧାନ୍ତ ଅନୁସାରେ ପଞ୍ଚ ମହାଭୂତରୁ ଜୀବଜଗତର ସୃଷ୍ଟି । ଏଇଥିରୁ ତା'ର ଆରମ୍ଭ ଓ ବିଲୟ । ସେହି ପଞ୍ଚ ମହାଭୂତରୁ କେତେକ ଅଂଶ ଆସି ଏକ ପାର୍ଥିବ ବସ୍ତୁ ଭିତରେ ଏକତ୍ରିତ ହୋଇ ଜୀବଜଗତର ଅୟମାରମ୍ଭ ହୋଇଛି । ସେହି ବସ୍ତୁ ଜୀର୍ଣ୍ଣ ହୋଇଗଲାପରେ ପୁନଶ୍ଚ ମହାଭୂତରେ ବିଲୀନ ହୋଇଯାଏ । ପାର୍ଥିବ ଶକ୍ତି ବିଜୁଳି ଶକ୍ତି, ମାଧ୍ୟାକର୍ଷଣ ଶକ୍ତି, ପରମାଣୁ ଶକ୍ତି ଆଦି ମୂଳ ମହାଶକ୍ତିର ଗୋଟିଏ ଗୋଟିଏ ଅନୁଭବୀର ଅଂଶ ଏବଂ ସେଇଥିରେ ହିଁ ତା'ର ବିଲୟ । ଏଇସବୁ କାରଣରୁ କ୍ଷିତି, ଆପ୍, ତେଜ୍, ମରୁତ୍ ଆଦି ମହାଶକ୍ତି ଏକ ଦେବତା ଭାବେ କେଉଁ ଆବହମାନ କାଳରୁ ଭାରତୀୟମାନଙ୍କ ଦ୍ୱାରା ଉପାସିତ ହୋଇଆସୁଛନ୍ତି । ଅବଶ୍ୟ ଏଇ ପ୍ରସଙ୍ଗରେ ନାନା ମୁନିଙ୍କର ନାନା ମତ ରହିଛି । ପ୍ରାଚ୍ୟ ଉପତ୍ୟାକାରେ ଗଢ଼ିଉଠିଥିବା ମାତୃଶକ୍ତି ଉପାସନା ପୀଠ ସଂପର୍କରେ କୁହାଯାଇପାରେ - "Saktism played predominent role in the prachi valley. The inhabitants of the valley underwent different experiences of the cultimages dealing with various aspects of the Gods and Goddesses. The different forms of the Durga begining from two hands to twelve hands were worshipped in the Prachi valley through ages."

ଭାରତର ପ୍ରାଚୀନତମ ଗ୍ରନ୍ଥ ଋଗ୍‌ବେଦରେ ଶକ୍ତି ବା ଦୁର୍ଗା ଶବ୍ଦ ପ୍ରତ୍ୟେକ୍ଷ ଭାବେ ଦେଖିବାକୁ ମିଳେନାହିଁ ।


ଚର୍ଚ୍ଚିକା ମନ୍ଦିର

କିନ୍ତୁ ସେଥିରେ ବର୍ଣ୍ଣିତ ଦେବତାଙ୍କ ମଧ୍ୟରେ ସ୍ତ୍ରୀ ଏବଂ ପୁରୁଷ ଉଭୟବିଧ ଦେବତା ଥିବାର ସୂଚନା ମିଳେ। ଅଗ୍ନି, ଇନ୍ଦ୍ର, ବୃହସ୍ପତି ପ୍ରଭୃତି ପୁଂଲିଙ୍ଗ ହୋଇଥିବାବେଳେ ଓଷା, ରାତ୍ରି ପ୍ରଭୃତି ସ୍ତ୍ରୀଲିଙ୍ଗ ସୂଚକ। ଏଇଠାରେ ଆଲୋଚନା କରିବା କଥା, ତତ୍ରତ୍ୟ ସ୍ତ୍ରୀ ଦେବତାମାନଙ୍କର ସୁନ୍ଦର ଓ ବିକଟ ଉଭୟ ରୂପ ବର୍ଣ୍ଣନା କରାଯାଇଛି। ଉଷାଙ୍କର ରୂପ ସୌମ୍ୟ କିନ୍ତୁ ରାତିଙ୍କର ରୂପ ବିକଟ। ଏଥିପାଇଁ ଋକ୍‌ବେଦରେ କୁହାଯାଇଛି–

"ଉପମା ପେପିଶତ୍ତମଂ କୃଷ୍ଣଂ ବ୍ୟକ୍ତଂସ୍ଥିତ ଉଷଋତୀନ ଯାତୟ।"


ଅର୍ଥାତ୍‌ ସମଗ୍ର ବସ୍ତୁରେ ପରିବ୍ୟାପ୍ତ ରାତିର କୃଷ୍ଣବର୍ଣ୍ଣ ଅନ୍ଧକାର ଜଗତକୁ ଆଚ୍ଛାଦିତ କରେ। ହେ ଉଷାଦେବୀ, ତୁମର କନକ ବର୍ଣ୍ଣଦ୍ୱାରା ନୈଶାନ୍ଧକାରକୁ ଦୂରକର। କିନ୍ତୁ ପରବର୍ତ୍ତୀ କାଳରେ ସୈନିକକୃତ ବୃହଦ୍ଦେବତାରେ 'ବାକ୍‌' ନାମରେ ଏକ ଦେବୀ ବର୍ଣ୍ଣିତ। ତାଙ୍କର ଅନ୍ୟନାମ ହେଉଛି ଦୁର୍ଗା। "ଏ ଷୈବ ଦୁର୍ଗା ଭୂତ୍ୱର୍କଂ କୃତ୍ୱା ସ୍ୟାତ୍‌ ସୁକ୍ତଭାଜନୀ।" ଅପରପକ୍ଷରେ ଋକ୍‌ବେଦୀୟ ସୁକ୍ତରେ 'ତାମଗ୍ନି ବର୍ଣ୍ଣାଂ ତପସ ଜ୍ୱଳନ୍ତୀ ବୈରୋଚନୀଂ କର୍ମଫଳେଷୁ ଦୁଷ୍ଟାଂ' ବୋଲି ବର୍ଣ୍ଣିତ। ଫଳରେ ପରବର୍ତ୍ତୀ ଯୁଗରେ ବାକ୍‌, ଦୁର୍ଗା ଏବଂ ବୈରୋଚନୀ ସମସ୍ତଙ୍କୁ ଏକ ରୂପରେ ଗ୍ରହଣ କରାଯାଇଛି। ଏବଂ ସାମ୍ପ୍ରତିକ କାଳଖଣ୍ଡରେ ଦୁର୍ଗା ଏବଂ ଗାୟତ୍ରୀ ମଧ୍ୟ ସୃଷ୍ଟି ହୋଇଥିବା ଜଣାପଡ଼େ।

ସଭିଏଁ ଜାଣନ୍ତି, କ୍ଷିତି ଘନପଦାର୍ଥ ପାଇଁ, ଅପ ତରଳପଦାର୍ଥ ପାଇଁ, ମରୁତ୍‌ ବାଷ୍ପୀୟ ପଦାର୍ଥ ପାଇଁ, ତେଜ୍‌energy ପାଇଁ, ବ୍ୟୋମ ଆକାଶ ପାଇଁ। ଏପରିକି ସେମାନେ ଅଣୁ (atom) ଓ ଅଣୀୟାଂଶ (Sub-atomic particles) ବୋଲି ଭଗବତଗୀତାରେ କୁହାଯାଉଥିବାବେଳେ ୧୯୦୫ଖ୍ରୀଷ୍ଟାବ୍ଦରେ ଆବିଷ୍କାର କରିଥିଲେ ବସ୍ତୁତ୍ୱ ଉର୍ଜ୍ଜା ସମୀକରଣ ($E=mc^2$)। ଏହି ତଥ୍ୟ ଅନୁସାରେ ବସ୍ତୁ ଉର୍ଜ୍ଜାରେ ଏବଂ ଉର୍ଜ୍ଜା ବସ୍ତୁରେ ପରିଣତ ହୋଇଥାଏ। ସୁତରାଂ ଦେବୀ ଓ ଶକ୍ତି ସଂପର୍କରେ ଏହିଭଳି ଏକ ଭାବନା ଆସିପାରେ। ଉର୍ଜ୍ଜା ଶବ୍ଦ ଅର୍ଥରେ କାର୍ଯ୍ୟ କରିବା ନିମିତ୍ତ କ୍ଷମତା, ଗତିଶୀଳତା ଓ ପରିବର୍ତ୍ତନଶୀଳତା। ଏଥିପାଇଁ ମାତୃପୂଜା ବା ଦେବୀପୂଜା ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ପରମ୍ପରା ବୋଲି ବିଶ୍ୱାସ ଅଛି। କାରଣ ଏଇ ଦେବୀ ହିଁ ଶକ୍ତିର ଅଂଶବିଶେଷ। ବ୍ରହ୍ମର କିଛି ଅଂଶ ରୂପ ଓ ଗୁଣକୁ ନେଇ ଜଗତ ସୃଷ୍ଟି ହୋଇଥିଲେ ହେଁ କେବଳ ରୂପ ଗୁଣକୁ ଛାଡ଼ିଦେଇ ଉପାଦାନ କଥା ବିଚାର କଲେ ଏ ଜଗତ ସେଇ ବ୍ରହ୍ମମାତ୍ର। କେବଳ ବୈଦାନ୍ତିକ ସିଦ୍ଧାନ୍ତ ଭାରତୀୟମାନଙ୍କର ମତ ନୁହେଁ, ବରଂ ପାଶ୍ଚାତ୍ୟ ଦେଶର ଦାର୍ଶନିକ ଓ ବୈଜ୍ଞାନିକମାନେ ମଧ୍ୟ ଏହି କଥା ଉଦ୍‌ଘୋଷଣା କରିଛନ୍ତି। ଏପରିକି ଖ୍ରୀ.ପୂ. ୬୦୦ରେ ଥେଲେସ୍‌ (Thales) ଦର୍ଶାଇଥିଲେ ପୃଥିବୀର ସମସ୍ତ ପଦାର୍ଥ ଜଳରୁ ହିଁ ନିର୍ମିତ। ଆନିକ୍ଷିମେନିସ୍‌ (Anaximens) ବାୟୁକୁ ଜଗତର ପ୍ରାଥମିକ ପଦାର୍ଥ ବୋଲି କହିଥିଲାବେଳେ ହେରାକ୍ଲିଟ୍‌ସ (Heraclitus)ଙ୍କ ମତରେ ଜଗତର ଉତ୍ପତ୍ତି ଅଗ୍ନି ବୋଲି ଦାବି କରିଥିଲେ। ଅତଏବ ଜାଗତିକ ବସ୍ତୁ ଏକ ଦିବ୍ୟପ୍ରାଣ ଶକ୍ତି ବା ଜୀବନୀ ଶକ୍ତି ଦ୍ୱାରା ପରିଚାଳିତ ହୋଇଥାଏ। ଏମ୍ପିଡୋକ୍ଲସଙ୍କ (Empedocles) ବିଶ୍ୱର ସମସ୍ତ ପଦାଥ ଚାରୋଟି ଉପାଦାନ ଯଥା – ମାଟି, ଜଳ, ବାୟୁ ଓ ଅଗ୍ନିରୁ ହିଁ ସୃଷ୍ଟି। ଯାହାକୁ ସନାତନ ସଂସ୍କୃତି ଏବଂ ହିନ୍ଦୁ ଧର୍ମାବଲମ୍ବୀମାନେ ବିଶ୍ୱାସ କରିଆସିଛନ୍ତି।

ତେବେ ମାତୃ ଶକ୍ତି ଉପାସନାର ଭିତ୍ତି ଓ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ଏହା ସମ୍ପର୍କରେ ସାମଗ୍ରୀକ ଧାରଣା ଜନ୍ମିବା ଆବଶ୍ୟକ। ଇଂରାଜୀରେ କୁହାଯାଇଛି, The Shaktipithas or Shaktipeethas (Sanskrit) ଶକ୍ତିପୀଠ Seats of the Shakti are significant shrines and piligrimage destination in Shaktism, the goddess centric denomination in Hinduism. The shrines are dedicated to various forms of Adishakti. ଆମ ସାଂସ୍କୃତିକ ଧର୍ମଧାରାରେ ଶକ୍ତି ଉପାସନା ବହୁ ପ୍ରାଚୀନ କାଳରୁ ଉପଲବ୍ଧ। କୃଷିଭିତ୍ତିକ ଚଳଣୀରେ ଦେବୀ ହେଉଛନ୍ତି ଉତ୍ପାଦନର ପ୍ରତୀକ। ତେଣୁ ତାଙ୍କୁ ପରିତୁଷ୍ଟ କରିବାକୁ ଆଦିମାନବ ପୂଜା କରିଆସିଛି। ପୁରାଣ ପୃଷ୍ଠାରେ ଏହି ଶକ୍ତି ଆଦ୍ୟାଶକ୍ତି ବା ମାତୃଶକ୍ତି ଭାବେ ସଭିଏଁ ଗ୍ରହଣ କରିଛନ୍ତି।

ଯୁଗେଯୁଗେ ମାତୃଶକ୍ତି ଉପାସନାର ପରମ୍ପରା ରହିଆସିଛି। ମାତା ହିଁ ପ୍ରତିଟି ଜୀବର ଜନ୍ମଦାତ୍ରୀ। ସେ ହିଁ ଆଶ୍ରୟଦାତ୍ରୀ। ସେ ହିଁ ସୁରକ୍ଷାକର୍ତ୍ତୀ। ଆମ ସଂସ୍କୃତି ମଧ୍ୟ ମାତୃକେନ୍ଦ୍ରିକ। ଏହି କାରଣରୁ ବୋଧହୁଏ ଭାରତବର୍ଷକୁ ଭାରତମାତା ବୋଲି କୁହାଯାଏ। ପ୍ରତ୍ୟେକ ସାଧନାର ସିଦ୍ଧି ମୂଳରେ ମାତୃଶକ୍ତିର ପ୍ରଚ୍ଛନ୍ନ ଆଶୀର୍ବାଦ ରହିଛି। ମନୁଷ୍ୟର ସର୍ବକାମନାର ସଫଳତା ଠାରୁ ମୋକ୍ଷ ପର୍ଯ୍ୟନ୍ତ ମାତୃଶକ୍ତିର ମୂଳାଧାର ହୋଇଯାଇଛି। ମାତୃଶକ୍ତି ଏମିତି ଏକ ଶକ୍ତି, ଯାହା ଜଡ଼, ନିର୍ଜୀବ, ନିଷ୍ପ୍ରାଣ ଏବଂ ନିଥର ଦେହରେ ଜୀବନ ସଞ୍ଚାର କରେ। ଏପରିକି ଦେବଦେବତାମାନେ ମଧ୍ୟ ମାତୃଶକ୍ତିଙ୍କଠାରୁ ଶକ୍ତି ଆହୋରଣ କରିଛନ୍ତି। ଯେମିତି ମାତୃଶକ୍ତି ପ୍ରତିଟି ଜୀବକୁ ସଦ୍‌ମାର୍ଗ, ସଦ୍‌ଜ୍ଞାନ ଏବଂ ସତ୍‌ଚିନ୍ତା ପ୍ରଦାନ କରି ମୁକ୍ତି ତଥା ମୋକ୍ଷ ଆଡ଼କୁ ନେଇଯାଇଥାଏ। ଶିବଙ୍କ ପାଖରୁ ଶକ୍ତି ବାଦ ଦେଲେ ସେ ହୋଇଯା'ନ୍ତି ଶବ। ଠିକ୍‌ ସେହିପରି ସଂପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡ ଶକ୍ତି ବିନା ସ୍ଥାଣୁ ଓ ଅଥର୍ବ ହୋଇଯାଆନ୍ତି। ଭକ୍ତ ହୃଦୟରେ ଶକ୍ତିର ସାମର୍ଥ୍ୟ ଭରିଦେବା ପାଇଁ ଦେବୀଉପାସନା କରାଯାଏ ବୋଲି ବିଶ୍ୱାସ ରହିଛି। ତେଣୁ କେବଳ ଭାରତବର୍ଷ ନୁହେଁ; ବିଶ୍ୱର ଅନେକ ଦେଶରେ ମଧ୍ୟ ଏହିଭଳି ଅନେକ ଶକ୍ତିପୀଠ ରହିଥିବାର ପ୍ରମାଣ ମିଳୁଛି। ଏହି ଶକ୍ତିପୀଠ ସଂପର୍କରେ ଯଥାର୍ଥରେ କୁହାଯାଇଛି – The meaning of Shaktipith is 'seat of shakti'. It is often called a scared place of eternal power. As per

Hindu mythology Shaktipithas are considered as the place of significance shrine of piligrimage. It is believed that there are the place where the part of Devi Sati's or piece of her jewellery fell on the earth. ସତୀଙ୍କର ଦେହର ଅଂଶ ଏବଂ ସେ ପିନ୍ଧିଥିବା ଗହଣା ଯେଉଁଯେଉଁ ସ୍ଥାନରେ ପଡ଼ିଛି, ସେହି ସ୍ଥାନ ହିଁ ଶକ୍ତିପୀଠ ବୋଲି ସମସ୍ତଙ୍କର ଆଶା ଓ ବିଶ୍ୱାସ ।


ମା' କଟକ ଚଣ୍ଡୀ

## ମୃଣ୍ମୟୀ ମାତୃଶକ୍ତିଙ୍କ ଆରାଧନା

ଉତ୍କଳରାଜ୍ୟର ଇତିହାସ କହେ, ଏହା ଶବର ଅଧ୍ୟୁଷିତ ରାଜ୍ୟ ଏବଂ ଦ୍ରାବିଡ଼ ସଭ୍ୟତାର ପ୍ରାଣକେନ୍ଦ୍ର । ମାତୃଶକ୍ତିର ଉପାସନା ହିଁ ଏହାର ପ୍ରାଣକେନ୍ଦ୍ର । ଏହି ମାଟିରେ ମାତୃଶକ୍ତିଙ୍କୁ ବିଭିନ୍ନ ରୂପରେ ପୂଜା କରିବାର ବିଧି ଓ ପରମ୍ପରା ରହିଛି । ଓଡ଼ିଆ ଜାତି ଆଧ୍ୟାତ୍ମିକ ଚିନ୍ତା ଓ ଚେତନାରେ ସର୍ବଦା ବିଶ୍ୱାସ ରଖନ୍ତି । ସତେଯେପରି ଗୋଟାଏ ଅଦୃଶ୍ୟ ଶକ୍ତି ସେମାନଙ୍କ ଦେହରେ ଏକ ନୂତନ ଉଦ୍ଦୀପନାର ସ୍ପନ୍ଦନ ସୃଷ୍ଟି କରିପାରିଛି । ଏଇ ମାଟିରେ କେଉଁଠି ବୃକ୍ଷମୂଳରେ ତ; ପୁଣି କେଉଁଠି ଘୋର ଜଙ୍ଗଲରେ ଅବା କେଉଁଠି ନଦୀ ଏବଂ ପାହାଡ଼ ପାର୍ଶ୍ୱରେ ବିଭିନ୍ନ ଦେବୀଙ୍କୁ ପୂଜା କରାଯାଉଥିବାର ଲକ୍ଷ୍ୟ କରାଯାଉଛି । ଆଦିବାସୀମାନେ ମୁଖ୍ୟତଃ ଜଙ୍ଗଲରେ ଦେବୀଙ୍କୁ ସ୍ଥାପନା କରି ଆରାଧନା କରିଥା'ନ୍ତି, ଯାହାଙ୍କୁ ବନଦୁର୍ଗା ଭାବେ ସଭିଏଁ ଜାଣିଥା'ନ୍ତି ।

ପ୍ରତ୍ନତାତ୍ତ୍ୱିକ ଖନନ ହରପ୍ପା, ମହେଞ୍ଜୋଦାରୋ ନିର୍ମାଣ ବେଳକୁ ସିନ୍ଧୁ ସଭ୍ୟତା ବିକାଶର ଶୀର୍ଷରେ ପହଞ୍ଚିପାରିଥିଲା । ଖ୍ରୀ.ପୂ. ୩୦୦୦ ବେଳକୁ ଏହା ବିକାଶର ଶୀର୍ଷ ସୋପାନରେ ପହଞ୍ଚିଥିଲା । ସେହି ସଭ୍ୟତା କ୍ରମଶଃ ବିଲୀନ ହେବାପରେ ମାଟି ଖୋଦେଇରୁ ଅନେକ ନାରୀମୂର୍ତ୍ତି ସହିତ ବ୍ୟାଘ୍ରମୂର୍ତ୍ତି ଉଦ୍ଧାର କରାଯାଇଛି । ଏହା କେତେକାଂଶରେ ମାତୃଶକ୍ତିର ପ୍ରତୀକ ଦୁର୍ଗାଙ୍କର ପ୍ରାଚୀନତାକୁ ପ୍ରମାଣ କରୁଛି । ଏହାହିଁ ସତ୍ୟ, ସିନ୍ଧୁ ଉପତ୍ୟକାରେ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିମାନେ ବୃକ୍ଷମୂଳରେ ଶକ୍ତି ଆରାଧନା କରୁଥିଲେ । ଆର୍ଯ୍ୟମାନେ ପ୍ରକୃତିର ଉପାସକ ଥିଲେ ।

ଖ୍ରୀ.ପୂ. ଷୋଡ଼ଶ ଶତାବ୍ଦୀରେ ୧୬ଟି ଜନପଦ ମଗଧ, କୋଶଳ, ବିଦେହ ଆଦି ସୃଷ୍ଟି ହେଲାପରେ ପରବର୍ତ୍ତୀ ସମୟରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଅଶୋକ, ଖାରବେଳ ପ୍ରମୁଖଙ୍କ ରାଜ୍ୟଶାସନ ସମୟରେ ଉତ୍କଳୀୟ ଆଧ୍ୟାତ୍ମିକ ସଂସ୍କୃତିକୁ ସମୃଦ୍ଧ କରିଥିବାର ଅନେକ ପ୍ରମାଣ ମିଳେ । ସେ ସମୟରେ ମୂର୍ତ୍ତିପୂଜା ଆରମ୍ଭ ହୋଇଥିବା ଅନେକ ଐତିହାସିକମାନେ ମତ ଦେଇଥାନ୍ତି । ମହାମେଘବାହନ ଖାରବେଳଙ୍କ ପୂର୍ବସୂରୀ ସୁରଥ ସର୍ବପ୍ରଥମେ ଏଇ ମାଟିରେ ମୃଣ୍ମୟୀ ମୂର୍ତ୍ତି ଆରାଧନା କରିଥିଲେ । ଏହା ଥିଲା ସର୍ବପ୍ରଥମେ ମୃଣ୍ମୟୀ ମୂର୍ତ୍ତି ଆଦିଶକ୍ତିର ପୂଜାର୍ଚ୍ଚନା । ଅଶୋକଙ୍କ ଦ୍ୱାରା କଳିଙ୍ଗ ଯୁଦ୍ଧରେ ପରାସ୍ତ ହେବାପରେ ସେ ସମାଧି ନାମକ ଅନ୍ୟ ଏକ ବିଷୟ ଜଞ୍ଜାଳରେ ଜଡ଼ିତ ଥିବା ବୈଶ୍ୟ ସହ ମେଧା ଋଷିଙ୍କର ଆଶ୍ରମରେ ପହଞ୍ଚିଥିଲେ । କାରଣ ବିଷୟବାସନା ତାଙ୍କ ଜୀବନକୁ ଅତିଷ୍ଠ କରିଦେଇଥିଲା । ତେଣୁ ପରିଶେଷରେ ଏଥିରୁ ମୁକ୍ତି ପାଇବା ପାଇଁ ମହାଶକ୍ତି ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରି ପୂଜା କରିଥିବାର ପ୍ରମାଣ ମଧ୍ୟ ରହିଛି ।

ଫାହିୟାନ୍‌ଙ୍କ ବିବରଣୀ ଅନୁସାରେ ସର୍ବପ୍ରଥମେ ରାଜା ପ୍ରସେନିଜତ୍ ଚଳନ୍ତି ପ୍ରତିମା ନିର୍ମାଣ କରିଥିଲେ । ଏବଂ ପରବର୍ତ୍ତୀ ସମୟ ଠାରୁ ମୂର୍ତ୍ତିପୂଜାର ଶୁଭାରମ୍ଭ ହୋଇଥିଲା ।

## ପୁରାଣପୃଷ୍ଠାରେ ମୃଣ୍ମୟୀ ମୂର୍ତ୍ତିପୂଜା

ଖୁବ୍ ପ୍ରାଚୀନ କାଳରୁ ଏହି ମୂର୍ତ୍ତି ପୂଜାର ପରମ୍ପରା ଚଳିଆସୁଛି । କୃତ୍ତିବାସ ରାମାୟଣ (୧୫୧୫-୧୫୧୮ଖ୍ରୀ.)ରେ ଲଙ୍କାକାଣ୍ଡରେ ରାବଣର ନିଧନ ପାଇଁ ଅସମୟରେ ଦେବୀଙ୍କୁ ଜାଗ୍ରତ କରାଇ ଶ୍ରୀରାମଚନ୍ଦ୍ର ପୂଜା କରିବାର ବିଧି ସଂପର୍କରେ ବର୍ଣ୍ଣନା କରାଯାଇଛି । ସୀତାଙ୍କର ଅପହରଣ ପରେ ପ୍ରଭୁ ରାମଚନ୍ଦ୍ର ଖୁବ୍ ଦୁଃଖରେ ଭାଙ୍ଗିପଡ଼ିଛନ୍ତି । ସୀତାଙ୍କ ଉଦ୍ଧାର ଉଦ୍ଦେଶ୍ୟରେ ସେ ରାବଣ ସହ ସଂଗ୍ରାମ କରିବା ସମୟରେ ରାବଣ ପକ୍ଷରୁ ଯୁଦ୍ଧ କରୁଥିବା ସୈନ୍ୟଶକ୍ତିଙ୍କର ସାମର୍ଥ୍ୟ ଦେଖି ହତାଶ ହୋଇପଡ଼ିଛନ୍ତି । ଫଳରେ ସେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ଏବଂ ତାଙ୍କର ମାନସିକ ଅବସ୍ଥା ଦୋହଲିଯାଇଛି । ଦେବରାଜ ଇନ୍ଦ୍ରଙ୍କ ପରାମର୍ଶ କ୍ରମେ ସେ ବ୍ରହ୍ମାଙ୍କୁ ଅନୁରୋଧ କଲା ପରେ ବ୍ରହ୍ମା ଦେବୀଙ୍କର ଆରାଧନା କରିବା ପାଇଁ ଉପଦେଶ ଦେଇଛନ୍ତି । ଫଳରେ ଶ୍ରୀରାମଚନ୍ଦ୍ର ପ୍ରାତଃ ସ୍ନାନ ସାରି ଋତୁକାଳୀନ ଫଳଫୁଲ ସଂଗ୍ରହ କରି ଦେବୀଙ୍କର ମାଟିରେ ପ୍ରତିମା ତିଆରି କରି ଯଥାବିଧି ପୂଜା ପାଠ କରିଛନ୍ତି ।

ଦେବୀମାହାତ୍ମ୍ୟରେ ରାଜା ସୁରଥ ଓ ବୈଶ୍ୟ ସମାଧି ଦୁହେଁ ନଦୀତଟରେ ତପସ୍ୟା ଏବଂ ଦେବୀସୂକ୍ତ ଜପ କରି ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତି ଗଢ଼ିବା ସହ ପୂଜାର୍ଚ୍ଚନା ମଧ୍ୟ କରିଛନ୍ତି । ସମାଧି ବୈଶ୍ୟ, ରାଜା ସୁରଥ ଏବଂ ଶ୍ରୀରାମଚନ୍ଦ୍ର ଏହି ତିନିହେଁ ମାତୃଶକ୍ତିର ପ୍ରତୀକ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଛନ୍ତି ।


ମା' ଦକ୍ଷିଣେଶ୍ୱରୀ

## ମୃଣ୍ମୟୀ ମୂର୍ତ୍ତି ପୂଜନର ଭିନ୍ନଭିନ୍ନ କଥା

ଅନେକ କହନ୍ତି, ନଦୀୟାର ରାଜା କୃଷ୍ଣଦେବ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ଗଢ଼ି ଶାରଦୀୟ ଦୁର୍ଗୋତ୍ସବ ପାଳନ କରିଥିଲେ । ତତ୍‌କାଳୀନ ଶୋଭାବଜାରର ରାଜା ନବକୃଷ୍ଣ ଦେଓ ମଧ୍ୟ ସେହିସମୟରେ ପୂଜା ଆରମ୍ଭ କରିଥିଲେ । ପଲାସୀ ଯୁଦ୍ଧରେ ବିଜୟ ଲାଭ କରିବା ପରେ ଲର୍ଡ଼ କ୍ଲାଇବ୍‌ଙ୍କ ଠାରୁ ଏଥିପାଇଁ ପ୍ରେରଣା ଓ ଉତ୍ସାହ ମିଳିଥିଲା ବୋଲି ଐତିହାସିକମାନେ




କାକଟପୁରର ମା' ମଙ୍ଗଳା

ମତ ଦିଅନ୍ତି । ଏହି ପରମ୍ପରା ଇଂରେଜମାନଙ୍କ ଅମଳରେ ବଙ୍ଗରୁ ଓଡ଼ିଶାକୁ ଆସିଥାଇପାରେ ବୋଲି ଅନେକେ କହନ୍ତି । ଓଡ଼ିଶାର ଆଠଗୋଟି ସ୍ଥାନରେ ଚଣ୍ଡୀଙ୍କର ପ୍ରଧାନ ବିଗ୍ରହମାନ ରହିଛି । ବାଣପୁରରେ ମା' ଭଗବତୀ, ଶ୍ରୀକ୍ଷେତ୍ରରେ ମା' ବିମଳା, କାକଟପୁରରେ ମା' ମଙ୍ଗଳା, ଝଙ୍କଡ଼ରେ ମା' ଶାରଳା, ଯାଜପୁରରେ ମା' ବିରଜା, ବାଙ୍କୀରେ ମା' ଚର୍ଚ୍ଚିକା, ବଡ଼ମ୍ବାରେ ମା' ଭଟ୍ଟାରିକା ଏବଂ ତାଳଚେରରେ ମା' ହିଙ୍ଗୁଳାଙ୍କ ନାମ ଓଡ଼ିଶା ପ୍ରସିଦ୍ଧ । ଏତଦ୍‌ବ୍ୟତୀତ ଓଡ଼ିଶାର ପ୍ରଧାନ ଶକ୍ତିପୀଠ ରୂପେ ଗଞ୍ଜାମର ପୁରୁଷୋତ୍ତମପୁରରେ ତାରାତାରିଣୀ, କଟକରେ କଟକଚଣ୍ଡୀ, କେନ୍ଦୁଝରରେ ତାରିଣୀ, ଖୋର୍ଦ୍ଧାରେ ବରୁଣେଇ, ଭଦ୍ରକରେ ଭଦ୍ରକାଳୀ, ଖଲ୍ଲିକୋଟରେ ନାରାୟଣୀ, ଚିଲିକାରେ କାଳିଜାଈ, ନୟାଗଡ଼ରେ ଦକ୍ଷିଣକାଳୀ ଆଦି ଶକ୍ତିପୀଠ ଥିଲାବେଳେ ଗାଁ ଗହଳିର ଅନେକ ଶକ୍ତିପୀଠ ଦେଖିବାକୁ ମିଳେ । ଓଡ଼ିଶା ଏମିତି କୌଣସି ଗାଁ ନାହିଁ, ଯେଉଁଠି ଠାକୁରାଣୀ ବା ଗ୍ରାମଦେବତୀ ନାହାନ୍ତି । ଓଡ଼ିଶାର ପୂର୍ବାଞ୍ଚଳରେ ବିରଜାଙ୍କୁ କେନ୍ଦ୍ରକରି ଶକ୍ତିପୂଜାର ଉତ୍ତରଣ ଘଟିଥିଲେ ହେଁ ପଶ୍ଚିମାଞ୍ଚଳରେ ସ୍ତମ୍ଭେଶ୍ୱରୀ ଉପାସନାର ପ୍ରସାର ଘଟିଥିଲା । ଏହି ମାତୃଶକ୍ତି ଉପାସନା ଆଦିବାସୀ ସଂପ୍ରଦାୟରେ ଅନେକ କ୍ଷେତ୍ରରେ ପ୍ରଚଳିତ । ସେମାନଙ୍କର ବିଶ୍ୱାସ ସ୍ୱାସ୍ଥ୍ୟ, ସମ୍ପଦ ଲାଭ ଏବଂ ବିପଦରୁ ମୁକ୍ତିପାଇଁ ଦେବୀଙ୍କର ଅଲୌକିକ ଶକ୍ତିର ସାହାଯ୍ୟ ନେଇଥାନ୍ତି । ସେମାନଙ୍କର ବିଶ୍ୱାସ ଯେ Man appears to be a helpless being in the hands of these powerful spirits who control his life in the world.

## ବିଦେଶରେ ମାତୃଶକ୍ତି ଉପାସନା

କେବଳ ଓଡ଼ିଶା କି ଭାରତବର୍ଷ ନୁହେଁ ବିଦେଶରେ ମଧ୍ୟ ମାତୃଶକ୍ତି ଉପାସନାର ଦୃଷ୍ଟାନ୍ତ ରହିଛି । ମାତୃଶକ୍ତି ଏଭଳି ଏକ ଶକ୍ତି ଯାହାଙ୍କର ବ୍ୟାପ୍ତି ଅନ୍ତରରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ, ଅଣୁଠାରୁ ପରମାଣୁ ପର୍ଯ୍ୟନ୍ତ । ବୈଜ୍ଞାନିକମାନେ ସ୍ୱୀକାର କରିଛନ୍ତି ଯେ, ସଂସାର ସୃଷ୍ଟିର ଆଦ୍ୟସ୍ରୋତ ହେଉଛି ଈଶ୍ୱର କଣିକା । ସେହି ଈଶ୍ୱର କଣିକା ହିଁ ହେଉଛି ମାତୃଶକ୍ତି । ସ୍ପେନ୍ ଅନ୍ତର୍ଗତ ଲେରିଭାର ନିକଟବର୍ତ୍ତୀ କୋଗୁଲ୍ ଗୁମ୍ଫାରେ ପ୍ରାଚୀନ ଗୁମ୍ଫାରେ ଖୋଦିତ ଦେବୀ ଚିତ୍ର ୟୁରୋପର ଭିଲେନ୍‌ଡର୍ପ, ଲାଉସାଲ, ମାଲ୍‌ଟା ଦ୍ୱୀପ, ତୁର୍କୀର ଆମକ ସ୍ଥାନରେ ପ୍ରସ୍ତର ଖୋଦିତ ପ୍ରାକ୍‌ଐତିହାସିକ ମାତୃମୂର୍ତ୍ତି, କ୍ରୀଟ୍ ଦ୍ୱୀପରେ ସିଂହବାହିନୀ ମୂର୍ତ୍ତି ମାତୃଶକ୍ତି ଉପାସନାର ବଳିଷ୍ଠ ପ୍ରମାଣ ରହିଛି ।

ଗ୍ରୀସର ଗୃହୀ ଦେବୀ, ମାନରର ସିଭିଲ୍ ଦେବୀ, ମିଶରରେ ଆଇସିସ ଦେବୀ ଓ ଇସ୍‌ଥାଇ ଦେବୀ, ଭୂମଧ୍ୟସାଗର ଅଞ୍ଚଳରେ କ୍ରୀଟ୍ ଦ୍ୱୀପର ସିଂହପୃଷ୍ଠରେ ବସିଥିବା ସିଂହବାହିନୀ ଦେବୀ ଆଜି ବି ବିରାଜମାନ । କେତେକ ସ୍ଥାନରେ ଭାରତରୁ ମୂର୍ତ୍ତିଶିଳ୍ପୀମାନେ ଯାଇ ସେଠାରେ ମୂର୍ତ୍ତି ନିର୍ମାଣ କରିଥିବା କଥା ଉଲ୍ଲେଖ ରହିଛି ।

ଠିକ୍ ସେହିପରି ସଂସ୍କୃତି ଓ ସଭ୍ୟତା ଦୃଷ୍ଟିରୁ ନେପାଳ ଓ ଭାରତ ଅଭିନ୍ନ । ନେପାଳରେ ଅବସ୍ଥିତ ପଶୁପତିନାଥ ମନ୍ଦିରର ଅନତି ଦୂରରେ ବାଗବତୀ ନଦୀ ପ୍ରବାହିତ । ଏହି ନଦୀର ଅପରପାର୍ଶ୍ୱରେ ଗୁହ୍ୟେଶ୍ୱରୀଙ୍କର ସିଦ୍ଧ ଶକ୍ତିପୀଠ ଅଛି । ଏହା ୫୧ଟି ପ୍ରସିଦ୍ଧ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ।

କାଠମାଣ୍ଡୁର ପ୍ରାୟ ୨୨୨ କି.ମି. ଦୂରରେ ମୁକ୍ତିନାଥ ନାମକ ଏକ ପବିତ୍ର ସ୍ଥାନ । ଏଠାରୁ ନାରାୟଣୀ (ଗଣ୍ଡୁକୀ ନଦୀ) ପ୍ରବହମାନ । ଝରଣାର ଉଦ୍‌ଗମ ସ୍ଥଳରେ ଅଗ୍ନିଜ୍ୱଳା ଦୃଶ୍ୟ ହୋଇଥାଏ । ଏଠାରେ ସତୀଙ୍କ ଗଣ୍ଡସ୍ଥଳ ପଡ଼ିଥିବାର କୁହାଯାଏ । ଏଠାରୁ ଅନେକ ଶାଳଗ୍ରାମ ଶିଳା ମିଳିଥାଏ । ନେପାଳରେ ଆଉ ଦୁଇଟି ମଧ୍ୟ ଶକ୍ତିପୀଠ ଅଛି । ଗୁଜୟେଶ୍ୱରୀ ମନ୍ଦିରପୀଠ । ମାନ୍ୟତା ଅନୁସାରେ ଏଠାରେ ଦେବୀ ସତୀଙ୍କର ଦୁଇ ଆଣ୍ଠୁ ଖସିପଡ଼ିଥିଲା । ତେଣୁ ଏଠାରେ ଏକ ବିଶାଳ ଶକ୍ତିପୀଠ ବିଦ୍ୟମାନ ।

ବାଂଲାଦେଶରେ ମଧ୍ୟ ଅନେକ ଶକ୍ତିପୀଠ ଅଛି । ବୋଗରା ଷ୍ଟେସନ ଠାରୁ ପ୍ରାୟ ୩୦କି.ମି. ଦୂରରେ ଭବାନୀପୁର ଶକ୍ତିପୀଠ ଅବସ୍ଥିତ । ସେଠାରେ ସୀତାକୁଣ୍ଡ ନାମକ ତୀର୍ଥ ନିକଟରେ ଚନ୍ଦ୍ରଶେଖର ପର୍ବତ ଶିଖରରେ ଭବାନୀ ମନ୍ଦିର ଅବସ୍ଥିତ ।

## ମହାମାୟା ଶକ୍ତିପୀଠ

ଇରାନ୍‌ର ଦକ୍ଷିଣ ଭାଗରେ ଅଦବାସ ନାମକ ନଗର ଅଛି । ସେଠାରେ ଶିବ ମନ୍ଦିର ଅଛି । ଏବଂ ଏହି ଶିବଲିଙ୍ଗ ସହିତ ଯୋଗମାୟା ମୂର୍ତ୍ତି ମଧ୍ୟ ପୂଜିତ ହେଉଛନ୍ତି । ପାକିସ୍ଥାନରେ ହିଙ୍ଗଲାଜ ମନ୍ଦିର ଦେବୀଙ୍କ ସିଦ୍ଧ ମନ୍ଦିର ଅଟେ, ଯେଉଁଠି ହିନ୍ଦୁମାନଙ୍କ ସହ ମୁସଲମାନ ସମ୍ପ୍ରଦାୟ ମଧ୍ୟ ଆସ୍ଥା ରଖିଥାନ୍ତି ।

**ଇନ୍ଦ୍ରାଣୀ ଶକ୍ତିପୀଠ :**

ଶ୍ରୀଲଙ୍କାରେ ମଧ୍ୟ ଅନେକ ଶକ୍ତିପୀଠ ରହିଛି । ଏଠାକାର ପ୍ରମୁଖ ଶକ୍ତିପୀଠ ମଧ୍ୟରୁ ଇନ୍ଦ୍ରାଣୀ ଶକ୍ତିପୀଠ ଅନ୍ୟତମ । ଜାଫ୍‌ନା ନଲ୍ଲୁର ସ୍ଥିତ ମନ୍ଦିରରେ ସୀତାଙ୍କ ପାଉଁଜି ଖସିପଡ଼ିଥିଲା । ସୁତରାଂ ଏହି ପୀଠକୁ ଇନ୍ଦ୍ରାଣୀ ଶକ୍ତିପୀଠ ବୋଲି କୁହାଯାଏ ।

## ତିବ୍ବତ୍ ମାନସରେ ଶକ୍ତିପୀଠ

ଏଠାରେ ଦେବୀ ସତୀଙ୍କ ବାମହାତର ପାପୁଲି ଖସିପଡ଼ିଥିଲା । ମାନସରୋବର କୂଳରେ ଥିବା ଏହି ଶକ୍ତିପୀଠ ବେଶ୍ ପ୍ରଭାବଶାଳୀ ।

## ଭାରତର ପ୍ରସିଦ୍ଧ ମାତୃଶକ୍ତି ପୀଠ

ପୁରାଣ ପୃଷ୍ଠାର ବିଭିନ୍ନ ବର୍ଣ୍ଣନା ମଧ୍ୟରେ ଭାରତର ଅନେକ ସ୍ଥାନରେ ତନ୍ତ୍ରପୀଠ, ଶକ୍ତିପୀଠ ଏବଂ ଉପପୀଠର ଅବତାରଣା କରାଯାଇଛି । କଳିକା ପୁରାଣ ଅନୁସାରେ ୫୧ଟି ମୁଖ୍ୟ ବା ମହାପୀଠ ଏବଂ ୨୬ଟି ଉପପୀଠ ଥିବାର ଉଲ୍ଲେଖଅଛି । ପୁରାଣରେ ବର୍ଣ୍ଣିତ ଅଛି ଯେ, ସତ୍ୟଯୁଗର ରାଜା ଦକ୍ଷ ଏକ ଯଜ୍ଞର ଆୟୋଜନ କରିଥିଲେ । ସକଳ ଦେବଦେବୀ ଏବଂ ରାଜନ୍ୟବର୍ଗଙ୍କୁ ଋଷି ଆମନ୍ତ୍ରଣ କରିଥିବାବେଳେ ନିଜ ଜ୍ୱାଇଁ ମହାଦେବ ଏବଂ କନ୍ୟାଙ୍କୁ ନିମନ୍ତ୍ରଣ କରିନଥିଲେ । ଶିବଙ୍କଠାରୁ ଅନୁମତି ନେଇ ସତୀ ଯଜ୍ଞସ୍ଥଳରେ ପହଞ୍ଚିବା କ୍ଷଣି ତାଙ୍କ ପିତା ନିଜ କନ୍ୟାକୁ ଭର୍ତ୍ସନା କରିଥିଲେ । ଏପରିକି ସତୀ ପିତାଙ୍କର ଗାଳି ଏବଂ ଅପମାନ ସହି ନପାରି କ୍ରୋଧାନ୍ୱିତା ହୋଇ ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଇଥିଲେ । ସତୀ ସୀତାଙ୍କର ଆତ୍ମାହୁତି ପରେ ସଂହାର ରୂପ ଧରି ସ୍ୱୟଂ ଶିବ ଯଜ୍ଞସ୍ଥଳୀରେ ପହଞ୍ଚିଲେ ଏବଂ ଅର୍ଦ୍ଧଦଗ୍ଧ ଶରୀରକୁ ଶିରରେ ଧାରଣ କରି

ଆକାଶମାର୍ଗରେ ବିଶ୍ୱ ପରିକ୍ରମା କରିବାକୁ ଲାଗିଲେ । ମହାଦେବଙ୍କର ଏପରି ଅବସ୍ଥା ସାରା ସଂସାରପାଇଁ ଅମଙ୍ଗଳ ସୂଚକ ବୋଲି ଦେବତାମାନେ ବିଚାରକଲେ । ସୁତରାଂ ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଏବଂ ଶନି ସତୀଙ୍କ ମୃତଦେହରେ ପ୍ରବେଶ କରି ଖଣ୍ଡଖଣ୍ଡ କରିପକାଇଲେ । ଦେବୀଙ୍କ ଅଂଶ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା, ସେହି ସ୍ଥାନ ଶକ୍ତିପୀଠରେ ରୂପାନ୍ତରିତ ହେଲା । ଯେଉଁଠୁ ଅଦ୍ୟାବଧି ମାତୃଶକ୍ତି ଉପାସନାର ପରମ୍ପରା ଚଳିଆସୁଛି ।

## ଭାରତର ବିଭିନ୍ନ ଦେବୀପୀଠରେ ପଡ଼ିଥିବା ସତୀଙ୍କ ଶରୀରର ବିଭିନ୍ନ ଅର୍ଦ୍ଧଦଗ୍ଧ ଅଙ୍ଗ :

| ପବିତ୍ର ଅଂଶ | ପଡ଼ିଥିବା ସ୍ଥାନ | ସ୍ଥାନର ଅଧିଷ୍ଠାତ୍ରୀ ଦେବଦେବୀ |
|---|---|---|
| ବ୍ରହ୍ମରନ୍ଧ୍ର | ହିଙ୍ଗୁଳା | କୋଟରୀ, ଭୀମଲୋଚନ |
| ତ୍ରିନେତ୍ର | ଫକିରି | ମହିଷାମର୍ଦ୍ଦିନୀ |
| ବାମ କର୍ଣ୍ଣ | କରାଟ ଓ ବାଙ୍କ | ଅପର୍ଣ୍ଣା, ରମେଶ |
| ଦକ୍ଷିଣ କର୍ଣ୍ଣ | ଶ୍ରୀପର୍ବ | ସୁନ୍ଦରୀ, ସୁଦର୍ଶନାନନ୍ଦ |
| ନାସିକା | ସୁଗନ୍ଧ (ବରିସାଲ) | ସୁନନ୍ଦା, ତ୍ର୍ୟମ୍ବକ |
| ବାମ ଗଣ୍ଡ | ଗୋଦାବରୀ | ବିଶ୍ୱମାତୃକା, ବିଶ୍ୱେଶ |
| ଦକ୍ଷିଣ ଗଣ୍ଡ | ଗଣ୍ଡକୀ | ଗଣ୍ଡକୀ, ଚଣ୍ଡୀ, ଚକ୍ରପାଣି |
| ଊର୍ଦ୍ଧ୍ୱ ଦନ୍ତପଂକ୍ତି | ଅନଳ | ନାରାୟଣୀ |
| ଅଧ ଦନ୍ତପଂକ୍ତି | ପଞ୍ଚସାଗର | ବରାହ, ମହାରୁଦ୍ର |
| ଜିଭ | ଜ୍ୱାଳାମୁଖୀ | ଅମ୍ବିକା, ବଟୁକେଶ୍ୱର |
| ଅଧର | ପ୍ରଭାସ | ଚନ୍ଦ୍ରଭାଗା, ବକ୍ରତୁଣ୍ଡ |
| ଚିବୁକ | ଜନସ୍ଥାନ | ଭ୍ରମରୀ |
| କଣ୍ଠ | କାଶ୍ମୀର | ମହାମାୟା, ତ୍ରିସନ୍ଧ୍ୟା |
| ବାମ ସ୍କନ୍ଧ | ମିଥିଳା | ମହାଦେବୀ, ମହୋଦର |
| ଦକ୍ଷିଣ ସ୍କନ୍ଧ | ରତ୍ନାବଳୀ | କୁମାରୀ, କୁମାର |
| ବାମ ସ୍ତନ | ଜଳନ୍ଧର | ତ୍ରିପୁରମାଳିନୀ |
| ଦକ୍ଷିଣ ସ୍ତନ | ରାମଗିରି | ଶିବାନୀ, ଚଣ୍ଡ |
| ହୃଦୟ | ବୈଦ୍ୟନାଥ | ନବଦୁର୍ଗା, ବୈଦ୍ୟନାଥ |
| ବାମ ବାହୁ | ବାହୁଳା | ବାହୁଳି, ଭିଲଛକ୍ |
| ଦକ୍ଷିଣ ବାହୁ | ବକ୍ରେଶ୍ୱର | ବକ୍ରେଶ୍ୱରୀ, ବକ୍ରେଶ୍ୱର |
| ହସ୍ତ ଅଙ୍ଗୁଳି | ପ୍ରୟାଗ | କଲ୍ୟାଣୀ, ବେଣୀମାଧବ |
| ନାଭି | ଉତ୍କଳ | ବିଜୟ, ଜୟ |
| ଜଠର | ହରିଦ୍ୱାର | ଭୈରବୀ, ବକ୍ର |
| ବାମ ଜାନୁ | ମାଳବ | ଶୁଭଚଣ୍ଡୀ, ତମ୍ରା |
| ଦକ୍ଷିଣ ଜାନୁ | ସ୍ରୋତ | ଚଣ୍ଡିକା, ସଦାନନ୍ଦ |
| ବାମ ଜଂଘ | ଜୟନ୍ତିକା | ଜୟନ୍ତୀ, କନାଡ଼ିଶ୍ୱର |
| ଦକ୍ଷିଣ ଜଂଘ | ନେପାଳ | ନବଦୁର୍ଗା, କପାଳି |
| ବାମ ଚରଣ | ତିରୋଟ | ଅମରି, ଅମର |
| ଦକ୍ଷିଣ ଚରଣ | ତ୍ରିପୁରା | ତ୍ରିପୁରା, ନଳ |
| ମହାମୁଦ୍ରା (ଯୋନି) | କାମରୂପ | କାମାକ୍ଷାଦେବୀ, ଉମାନନ୍ଦ |

## କନ୍ୟାକୁମାରୀ

ଆରବସାଗର, ଭାରତ ମହାସାଗର ଓ ବଙ୍ଗୋପସାଗର ସଙ୍ଗମସ୍ଥଳରେ ଦେବୀ କନ୍ୟାକୁମାରୀଙ୍କର ଏକ ମହାନ ଶକ୍ତିକ୍ଷେତ୍ର ଅଛି । ସେ ଦକ୍ଷିଣ ଉପକୂଳ ସୀମାନ୍ତରେ ରକ୍ଷାକାରିଣୀ ଭାବେ ନାଗାଧିରାଜ ହିମାଳୟରେ ସଦାସର୍ବଦା ଶିବଙ୍କୁ ପତିରୂପେ ପାଇବା ପାଇଁ ଧ୍ୟାନ ମୁଦ୍ରାରେ ଅପେକ୍ଷାରତା ।

## ମା' ନୈନାଦେବୀ

ଉତ୍ତରାଞ୍ଚଳ ରାଜ୍ୟର ନୈନିତାଲରେ ଥିବା ନୈନୀ ହ୍ରଦର ଉତ୍ତରରେ ଏହି ପୀଠ ଅବସ୍ଥିତ । ଦକ୍ଷ ଯଜ୍ଞରେ ସତୀ ଝାସଦେଇଥିବାରୁ ମା'ଙ୍କର ଦୁଇଟ ନୟନ ଏଠାରେ ପଡ଼ିଥିବାରୁ ମା'ଙ୍କ ନାମ ନୈନାଦେବୀ ବୋଲି ବିଶ୍ୱାସ ଅଛି ।

## ଦକ୍ଷିଣେଶ୍ୱରୀ କାଳୀ

ଏହା କଲିକତାରେ ଅବସ୍ଥିତ । ଠାକୁର ରାମଚନ୍ଦ୍ର ପରମହଂସଙ୍କର ଏହା ଥିଲା ମାତୃଶକ୍ତିର ପୀଠ । ସାରାଦେଶର କୋଣ ଅନୁକୋଣରୁ ମା'ଙ୍କୁ ଦର୍ଶନ କରିବା ପାଇଁ ହଜାରହଜାର ଭକ୍ତ ଉପସ୍ଥିତ ହୁଅନ୍ତି ।

## ମହିଷାମର୍ଦ୍ଦିନୀ ମା' ଚାମୁଣ୍ଡେଶ୍ୱରୀ

ମହୀଶୂର ଠାରୁ ପ୍ରାୟ ୧୫କି.ମି. ଦୂରରେ ଚାମୁଣ୍ଡି ପର୍ବତ । ସେହି ପର୍ବତ ଉପରେ ଚାମୁଣ୍ଡିଶ୍ୱରୀଙ୍କ ସ୍ୱର୍ଣ୍ଣମୂର୍ତ୍ତି ବିରାଜମାନ । ମନ୍ଦିରର ଅଗ୍ରଭାଗରେ ମହିଷାସୁର ମୂର୍ତ୍ତି ସ୍ଥାପନ କରାଯାଇଛି । ସମ୍ମୁଖଭାଗରେ ୧୬ଫୁଟ ଲମ୍ବ ବିଶିଷ୍ଟ ନନ୍ଦୀ ମୂର୍ତ୍ତି ରହିଛି ।

## ମା' କାମାକ୍ଷା

ସମ୍ପ୍ରତି ଆସାମର ଗୌହାଟୀ ଠାରେ ମହାମାୟା ମା' କାମାକ୍ଷାଦେବୀ ବିରାଜିତା । ଧ୍ୱଂସମୁଖୀ ଶିବଙ୍କୁ ତାଣ୍ଡବଲୀଳାରୁ କ୍ଷାନ୍ତ କରିବାପାଇଁ ଶିବ ପାଗଳପ୍ରାୟ ବୁଲୁଥିବା ସମୟରେ ସୀତାଙ୍କ ମୃତଦେହକୁ ବିଷ୍ଣୁ ତାଙ୍କର ସୁଦର୍ଶନ ଚକ୍ରରେ ଖଣ୍ଡଖଣ୍ଡ କାଟି ପକାଇଥିଲେ । ଦେବୀ ସତୀଙ୍କର ଯୌନାଙ୍ଗ (ମହାମୁଦ୍ରା) ଆସାମରେ ପ୍ରବାହିତ ବ୍ରହ୍ମପୁତ୍ର ନଦୀତଟରେ ନିପତିତ ଯୋଗୁଁ ଏଠି ଦେବୀପୀଠ ସ୍ଥାପିତ ହୋଇଛି, ଯାହାର ନାମ କାମାକ୍ଷା । ନରକାସୁର କାମାକ୍ଷା ଦେବୀଙ୍କର ପ୍ରଥମ ଉପାସକ ଥିଲେ ବୋଲି ପୁରାଣରେ ବର୍ଣ୍ଣିତ । ମନ୍ଦିରର ଅସ୍ପଷ୍ଟ ଆଲୁଅରେ ଦେବୀଙ୍କ ମହାମୁଦ୍ରା ଝାପ୍‌ସା ଦେଖାଯାଏ । ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ମଧ୍ୟ ଏହି ମନ୍ଦିର ପରିଭ୍ରମଣରେ ଆସିଥିଲେ ।

## ମା' ଅମ୍ବାଜୀ ମନ୍ଦିର

ଗୁଜରାଟ ରାଜ୍ୟର ବନସ୍କାନ୍ଥା ଜିଲ୍ଲାର ଜୁନାଗଡ଼ ଠାରେ ମା' ଅମ୍ବାଜୀ ମନ୍ଦିର ନିର୍ମିତ । ଅହମ୍ମଦାବାଦ ଠାରୁ ୩୨୫ କି.ମି. ଦୂର ଏବଂ ମାଉଣ୍ଟଆବୁଠାରୁ ପ୍ରାୟ ୪୫ କି.ମି. ଦୂରରେ ଅବସ୍ଥିତ ଗୁରନାର ପର୍ବତ ଉପରେ ନିର୍ମିତ ଏହି ମନ୍ଦିରରେ ମା' ଅମ୍ବାଜୀ ପୂଜା ପାଉଛନ୍ତି । ଏଠାରେ କୌଣସି ମୂର୍ତ୍ତିକୁ ପୂଜା କରା ନ ଯାଇ ଗର୍ଭଗୃହରେ ମାତୃଶକ୍ତିଙ୍କ ପଦଚିହ୍ନକୁ ପୂଜା କରାଯାଏ ।

## ଓଡ଼ିଶାର ମାତୃଶକ୍ତି ଉପାସନା

'ଜ୍ଞାନାର୍ଣ୍ଣବତନ୍ତ୍ର' ଅନୁସାରେ ୫୦ଗୋଟି ପୀଠ ମଧ୍ୟରୁ ଏକାମ୍ର, ବିରଜା, ଉଡ୍ଡୀଶ, ଉଡ୍‌ଡୀୟନ ପ୍ରଭୃତି ତାନ୍ତ୍ରିକ ପୀଠ ଓଡ଼ିଶାରେ ପ୍ରତିଷ୍ଠିତ ।



କାମାକ୍ଷା ମନ୍ଦିର



ମା' ଶାରଳା ମନ୍ଦିର

## ଓଡ଼ିଶାରେ ମାତୃଶକ୍ତି ପୀଠ ଓ ମାତୃ ଉପାସନା

ଓଡ଼ିଆ ଜାତି ଏକ ସଂସ୍କୃତିପ୍ରିୟ ଜାତି । ଏକ ସୃଜନଶୀଳ ଜାତି । ଏକ ଆଧ୍ୟାତ୍ମିକ ଉତ୍ତରଣ ଚେତନାର ଜାତି । ପ୍ରକୃତି ଓ ଜଙ୍ଗଲ ପରିବେଷ୍ଟିତ ଓଡ଼ିଶା ମାଟିରେ ଆଦିବାସୀମାନେ ମୁଖ୍ୟତଃ ପ୍ରକୃତିପୂଜକ । ଯଥାର୍ଥରେ ସେଇମାନଙ୍କୁ ହିଁ ଶକ୍ତିର ଉପାସକ ବୋଲି କୁହାଯାଇପାରେ । ଜଗତର ନାଥ ଜଗନ୍ନାଥ ହେଉଛନ୍ତି ଦାରୁଦେବତା । ତାଙ୍କର ଶରୀର କାଠରେ ଗଢ଼ା । ବିଶ୍ୱାବସୁ ଜଗନ୍ନାଥଙ୍କର ପ୍ରଥମ ପୂଜକ । ସେ ବନବାସୀ । ତେଣୁ ଜଗନ୍ନାଥ ପ୍ରଥମେ ବନଦେବତା । ଏମିତି ଅନେକ ବିଶ୍ୱାସ ଆମ ଜାତିର ରକ୍ତରେ ଏବଂ ନିଃଶ୍ୱାସରେ ମିଶିଛି । କେବଳ ଜଗନ୍ନାଥଙ୍କର ଭକ୍ତିଧାରା ନୁହେଁ ବରଂ ଶକ୍ତି ଉପାସନାରେ ଆମର ମାଟି ଆମ ସଂସ୍କୃତି, ଆମ ସାହିତ୍ୟ ପୂର୍ଣ୍ଣଗର୍ଭା । ଶାକ୍ତ ଦର୍ଶନ କହେ, ଜଗନ୍ନାଥ 'ଶକ୍ତି' ଦ୍ୱାରା ନିୟନ୍ତ୍ରିତ ହୋଇ ନ ଥାନ୍ତି ବରଂ ଶକ୍ତି ଉପର ଏକ ମୁଗ୍ଧ ପ୍ରତିରୂପ । ମହାନିର୍ମାଣତନ୍ତ୍ରରେ ସେ ସ୍ୱୟଂ ଦକ୍ଷିଣକାଳିକା । ପୁଣି ଶ୍ରୀମନ୍ଦିର ବେଢ଼ାରେ ମା' ବିମଳା, ମା' ଭୈରବୀ ଏବଂ ଜଗନ୍ନାଥ ଭୈରବୀ ଭାବରେ ପୂଜା ପାଇଆସୁଛନ୍ତି । ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ହେଉଛନ୍ତି ଏକ, ଏକବ୍ରହ୍ମ ଏବଂ ଏକତ୍ୱର ପ୍ରତୀକ । ସୁଭଦ୍ରା ହିଁ ଏକ ଶକ୍ତିର ମହାଦୀପ । ସୁତରାଂ ଶକ୍ତିପୂଜା ଶ୍ରୀକ୍ଷେତ୍ରରୁ ଲମ୍ବିଯାଇଛି ଓଡ଼ିଶାର ପୁରପଲ୍ଲୀ ପର୍ଯ୍ୟନ୍ତ ।

### କଟକ ଚଣ୍ଡୀ

କଟକ ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି କଟକ ଚଣ୍ଡୀ । ଷ୍ଟେସନରୁ ପ୍ରାୟ ୪ କି.ମି. ଗଲେ ମହାନଦୀ ତଟଦେଶରେ ଏହି ମନ୍ଦିର ଅବସ୍ଥିତ । ଏଠାରେ ବଳୀ ପ୍ରଥା ପ୍ରଚଳନ ଥିଲେ ମଧ୍ୟ ସାଂପ୍ରତିକ ସମୟରେ ତାହା ହେଉନାହିଁ । ଏହା କେବଳ ଡ. ହରେକୃଷ୍ଣ ମହତାବଙ୍କ ପ୍ରୟାସ ଯୋଗୁଁ ସମ୍ଭବ ହୋଇପାରିଛି । ମା'ଙ୍କ ନିକଟରେ ସମର୍ପଣ କରି ବଳୀ ପାଇଁ ଆସୁଥିବା ପଶୁମାନଙ୍କୁ ଛାଡ଼ିଦିଆଯାଏ । କଟକଚଣ୍ଡୀ ଏକ ଶକ୍ତିର ମୂଳ ଆଧାର ବୋଲି ଭକ୍ତମାନେ ବିଶ୍ୱାସ କରିଥାନ୍ତି ।

### ଉଡ୍ରାକ୍ଷ ମଠ

ପ୍ରାଗ୍ ଐତିହାସିକ ଯୁଗରୁ ଆରମ୍ଭ କରି ଶାକ୍ତଧର୍ମ ସମ୍ପ୍ରତି ବିକାଶ ଲାଭ କରିଛି । ଶାକ୍ତ ଧର୍ମର ଆଦ୍ୟପୀଠ ଦେବଭୂମି ଏବଂ ପୂଣ୍ୟଭୂମି ବୋଲି ଉତ୍କଳର ପ୍ରମୁଖତା ରହିଛି ବୋଲି ବହୁ ଗବେଷକ ମତ ପ୍ରଦାନ କରିଥାନ୍ତି । ତନ୍ତ୍ର ଜଗତର ଚାରୋଟି ପ୍ରଧାନ ପୀଠ ମଧ୍ୟରୁ ଉଡ୍ରପୀଠ ପ୍ରସିଦ୍ଧି ଲାଭ କରିଛି । ଏହାକୁ ଉଡ୍ରାକ୍ଷ ବୋଲି କୁହାଯାଏ । ହିନ୍ଦୁଙ୍କ ଭୈରବ ଭୈରବୀ ଭାବେ ବୃକ୍ଷମୂଳରେ ଅଥବା ମନ୍ଦିରରେ ପୂଜା ପାଉଛନ୍ତି ।

### ଝଙ୍କଡ଼ର ମା' ଶାରଳା

କଟକରୁ ପ୍ରାୟ ୬୦କି.ମି. ଦୂରରେ ଅବସ୍ଥିତ ଜଗତସିଂହପୁର ଜିଲ୍ଲାରେ ଏହି ପୀଠ ଉତ୍ତରଶାକ୍ତ ଓ ବୌଦ୍ଧ ପରମ୍ପରାର ଏକ ମିଳନ କ୍ଷେତ୍ର । ଶୁଦ୍ର ବ୍ରାହ୍ମଣସେବା ପ୍ରଚଳିତ ଥିବା ଏହି ପୀଠ ଏକଦା ଓଡ଼ିଶାର ଅଦ୍ୱିତୀୟ ପୀଠ ଭାବେ ବିଚାର କରାଯାଉଥିଲା । ଏହି ପୀଠର ବିଶେଷତ୍ୱ ହେଉଛି ବେଲପତ୍ର ଏବଂ ତୁଳସୀପତ୍ରର ବ୍ୟବହାର, ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ଆଦିକବି ସାରଳା ଦାସ ମା'ଙ୍କ ଆଶୀର୍ବାଦରେ କବିତ୍ୱ ପ୍ରାପ୍ତ ହୋଇଥିଲେ । ସଂପ୍ରତି ସାରା ଦେଶରେ ମା' ଶାରଦାଙ୍କ ମହାତ୍ମ୍ୟ ମଧ୍ୟ ରହିଛି । ଏଥିପାଇଁ ଏଠାକୁ ହଜାର ହଜାର ଭକ୍ତ ଆସିଥା'ନ୍ତି ।

### ବାଙ୍କୀର ମା' ଚର୍ଚ୍ଚିକା

କଟକ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପୀଠ ବାଙ୍କୀର ମା' ଚର୍ଚ୍ଚିକା । ଏହି ମନ୍ଦିରଟି ରଚିକ୍ ପାହାଡ଼ ଉପରେ ଅବସ୍ଥିତ । କିମ୍ବଦନ୍ତୀ ଅଛି ଭଗବାନ ପର୍ଶୁରାମ ମା' ଚର୍ଚ୍ଚିକାଙ୍କୁ ଆରାଧନା କରି ସିଦ୍ଧିଲାଭ କରିଥିଲେ । ସପ୍ତମ କିମ୍ବା ଅଷ୍ଟମ ଶତାବ୍ଦୀରେ ଏହି ମନ୍ଦିରକୁ ଭୌମବଂଶୀୟ ରାଜାମାନେ ନିର୍ମାଣ କରିଥିଲେ । ଏହି ସମୟରେ ଓଡ଼ିଶାର ଅଷ୍ଟଭୂଜା ଆରାଧନା ପ୍ରଧାନ ପ୍ରଚଳିତ ଥିଲା ।

### ମା' ପାଟଖଣ୍ଡା

ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଓ ଜରାସିଂହ ଠାରେ ବିରାଜମାନ କରିଛନ୍ତି ମା' ପାଟଖଣ୍ଡା । ଆଶ୍ୱିନ ମାସରେ ଏଠାରେ ପାଟଖଣ୍ଡା ଯାତ୍ରା ଅନୁଷ୍ଠିତ ହୁଏ । ଏଥିପାଇଁ ପାଟଣେଶ୍ୱର ମନ୍ଦିରରୁ ସିନ୍ଦୂର ଆସିଥାଏ । ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ଆରୋଗ୍ୟ କରିବା ଏବଂ ବନ୍ଧ୍ୟାଦୋଷ ଦୂର କରିବା ପାଇଁ ଅନେକ ଭକ୍ତଙ୍କ ସମାବେଶ ହୋଇଥାଏ ।

### ମା' ବିମଳା

ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ମନ୍ଦିର ପରିସରରେ ଦେବୀ ବିମଳାଙ୍କ ମନ୍ଦିର । ଦକ୍ଷିଣ ପଶ୍ଚିମ କୋଣରେ ପୂର୍ବକୁ ମୁଖକରି ମା' ବିମଳା ବିରାଜମାନ । ଏହି ମନ୍ଦିରଟି ଗଙ୍ଗବଂଶ ସମୟରେ ନିର୍ମାଣ କରାଯାଇଥିଲା । ଯଯାତିକେଶରୀ କିନ୍ତୁ ବିମଳାମନ୍ଦିର ନିର୍ମାଣ କରିଥିବା କଥା ମାଦଳା ପାଞ୍ଜିରୁ ଜଣାପଡ଼େ । ବିମଳାଙ୍କ ପାଖରେ ଆଶ୍ୱିନ ମାସ ମହାଷ୍ଟମୀ ତିଥିରେ ଯଦିଓ ପଶୁବଳୀ ପ୍ରଥା ଅଛି ତଥାପି ସଂପ୍ରତି ତାହା ଦିଆଯାଉନାହିଁ । ସମଗ୍ର ରାଜ୍ୟରେ ବିମଳା ହିଁ ପାର୍ବତୀଙ୍କର ଅନ୍ୟତମ ଅବତାର ।

### ତାରାତାରିଣୀ

ଗଞ୍ଜାମ ଜିଲ୍ଲାର ତାରାତାରିଣୀ ପୀଠ ଓଡ଼ିଶାର ଅନ୍ୟତମ ପବିତ୍ର ଶକ୍ତିପୀଠ । ବ୍ରହ୍ମପୁର ସହରରୁ ମାତ୍ର ୩୫କି.ମି. ଦୂରରେ ଥିବା ଋଷିକୂଲ୍ୟା ନଦୀ କୂଳରେ ତାରାତାରିଣୀ ମନ୍ଦିର ଅବସ୍ଥିତ । ଦକ୍ଷିଣ ଓଡ଼ିଶାର ପ୍ରତ୍ୟେକଙ୍କ ଘରେ ତାରାତାରିଣୀ ହେଉଛନ୍ତି ଇଷ୍ଟଦେବୀ । ଆଶ୍ୱିନ ମାସରେ ମହାଷ୍ଟମୀ ଠାରୁ ବିଜୟଦଶମୀ ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଏ ।

### ମା' ବରାଳୀ ଦେବୀ

ଫୁଲବାଣୀ ଠାରୁ ମାତ୍ର ୧୦ କି.ମି. ଦୂରରେ ଅର୍ଥାତ୍ କନ୍ଧମାଳ ଜିଲ୍ଲାର ବଳସକୁମ୍ପା ଗ୍ରାମରେ ମା' ବରାଳୀ ଦେବୀ ମନ୍ଦିର ଅବସ୍ଥିତ । ପୂର୍ବରୁ ମହାନବମୀ ଦିନ ଦଶହରା ପାଳନ ହେଉଥିଲା । ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ

ଖଣ୍ଡା ପ୍ରତିଷ୍ଠା କରାଯାଇ ପୂଜାକାର୍ଯ୍ୟ ଆରମ୍ଭ କରାଯାଏ ।

## ମା' ମଙ୍ଗଳା

ପୁରୀ ଜିଲ୍ଲାର କାକଟପୁରଠାରେ ଏହି ମନ୍ଦିର ଅବସ୍ଥିତ । ଭୁବନେଶ୍ୱରରୁ ମାତ୍ର ୫୦କି.ମି. ଏହାର ଦୂରତା । ପ୍ରାଚୀ ନଦୀ କୂଳରେ ଅବସ୍ଥିତ ଏହି ମା' ମଙ୍ଗଳା ପୀଠ ହେଉଛି ଓଡ଼ିଶାର ଅନ୍ୟତମ ପ୍ରାଚୀନ ଶାକ୍ତ ପୀଠ ବା ଶକ୍ତି ପୀଠ । ଜଗନ୍ନାଥଙ୍କ ନବକଳେବର ସମୟରେ ଦଇତାପତିମାନେ ଦାରୁ ସନ୍ଧାନ ପୂର୍ବରୁ କାକଟପୁରର ମା' ମଙ୍ଗଳାଙ୍କ ପାଖରେ ଅଧିଆ ପଡ଼ନ୍ତି । ମା'ଙ୍କର ସ୍ୱପ୍ନାଦେଶ ହେବାପରେ ସେମାନେ କାଠ ଖୋଜିବାକୁ ଯାଆନ୍ତି ।


ମା' ତାରିଣୀ ମନ୍ଦିର, ଘଟଗାଁ

## ମା' କୀଚକେଶ୍ୱରୀ

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶକ୍ତି ମନ୍ଦିରମାନଙ୍କରେ ମା' କୀଚକେଶ୍ୱରୀ ଅନ୍ୟତମ । ମା' ପାର୍ବତୀଙ୍କର ଅନ୍ୟରୂପ ଭାବେ ଏହା ପୂଜା ପାଉଛନ୍ତି । ମା' କୀଚକେଶ୍ୱରୀ ମୟୁରଭଞ୍ଜ ଜିଲ୍ଲାର ବାରିପଦା ଠାରୁ ପ୍ରାୟ ୯୫ କି.ମି. ଦୂର ବହଳଦା ଠାରେ ଅବସ୍ଥିତ । ଏହି କୀଚକେଶ୍ୱରୀ ଦେବୀଙ୍କୁ ଚାମୁଣ୍ଡାଭାବେ ମଧ୍ୟ ପୂଜା କରାଯାଏ । ଶାରଳାଦାସଙ୍କ ମହାଭାରତରେ କୀଚକେଶ୍ୱରୀ ଦେବୀଙ୍କ କଥା ଉଲ୍ଲେଖ ଅଛି ।

## ମା' ବିରଜା

ଯାଜପୁରରେ ଅବସ୍ଥିତ ଏହି ମା' ବିରଜା କ୍ଷେତ୍ର ଦେବୀ ସତୀଙ୍କର ଅର୍ଦ୍ଧଜଙ୍ଘା ନାଭି ଏଠାରେ ପଡ଼ିଥିବାର ବିଶ୍ୱାସ ରହିଛି । ତେଣୁ ଏହି କ୍ଷେତ୍ରକୁ ନାଭିକ୍ଷେତ୍ର କୁହାଯାଏ । ଏହା ବୈତରଣୀ ନଦୀ କୂଳରେ ଅବସ୍ଥିତ । ମା' ବିରଜାଙ୍କର ୧୬ଦିନ ବ୍ୟାପୀ ଶାରଦୀୟ ପୂଜା ପାଳନ କରାଯାଏ । ମା' ବିରଜାଙ୍କୁ ଷୋଡ଼ଶବର୍ଷୀୟା କୁମାରୀ ଭାବେ ସଭିଏଁ ଭକ୍ତିଚକ୍ଷୁରେ ଦେଖିଥାନ୍ତି ।

## ମା' ମାଣିକେଶ୍ୱରୀ

ତେଲ ଓ ଇନ୍ଦ୍ରାବତୀ ନଦୀ କୂଳରେ ଏକ ଦୀପପୁଞ୍ଜ । ମା' ମାଣିକେଶ୍ୱରୀ ମନ୍ଦିର ସେହି ଦୀପପୁଞ୍ଜରେ ଅବସ୍ଥିତ । ଆଦିବାସୀ ଏବଂ ଅଣଆଦିବାସୀ ସଂସ୍କୃତିର ଏକ ଯୁଗ୍ମପୀଠ ବୋଲି ଲୋକେ ମାନିନେଇଛନ୍ତି । ଏହି ମନ୍ଦିରଟି ଭବାନୀପାଟଣା ଠାରେ ଅବସ୍ଥିତ । ଏଠାରେ ଆଶ୍ୱିନ ମାସରେ ଅଷ୍ଟମୀ, ନବମୀ ଓ ଦଶମୀରେ ମା'ଙ୍କର ପୂଜାର୍ଚ୍ଚନା ଧୂମଧାମରେ ପାଳନ କରାଯାଏ ।


ମା' ମାଣିକେଶ୍ୱରୀ ମନ୍ଦିର, ଭବାନୀପାଟଣା

## ମା' ଭଟ୍ଟାରିକା

କଟକ ଠାରୁ ଆଠଗଡ଼ ଗଲେ ବଡ଼ମ୍ବା ନିକଟରେ ଶାସଙ୍ଗ ଗ୍ରାମରେ ମା' ଭଟ୍ଟାରିକାଙ୍କ ମନ୍ଦିର ଅବସ୍ଥିତ । ମା' ଭଟ୍ଟାରିକା ଶକ୍ତି ସ୍ୱରୂପିଣୀ ଭାବେ ପୂଜା ପାଉଛନ୍ତି । ଏହି ମନ୍ଦିରକୁ ପର୍ଶୁରାମ ନିର୍ମାଣ କରିଥିଲେ ବୋଲି ରାମାୟଣରେ ବର୍ଣ୍ଣନା କରାଯାଇଛି । ରାମ, ଲକ୍ଷ୍ମଣ ଓ ସୀତା ପଞ୍ଚବଟୀ ଗମନ କାଳରେ ମା' ଭଟ୍ଟାରିକାଙ୍କୁ ପ୍ରାର୍ଥନା କରିଥିଲେ । ସେଠାରେ ଥିବା ମାଙ୍କଡ଼ପିଡ଼ିଆ ପାହାଡ଼ର ପାଦଦେଶରେ ରାମ, ଲକ୍ଷ୍ମଣ ଓ ଦେବୀ ସୀତାଙ୍କ ପଦଚିହ୍ନ ରହିଥିବାର ଲକ୍ଷ୍ୟ କରାଯାଏ । ଅର୍ଜୁନଙ୍କ ଅଜ୍ଞାତବାସ ସମୟରେ ଶ୍ରୀକୃଷ୍ଣ ଏବଂ ସତ୍ୟଭାମା ମା' ଭଟ୍ଟାରିକାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ ବୋଲି କିମ୍ବଦନ୍ତୀ ରହିଛି ।

## ମା' ଭୈରବୀ

ଓଡ଼ିଶାରେ ଥିବା ତନ୍ତ୍ରପୀଠ ମଧ୍ୟରେ ବୌଦ୍ଧଜିଲ୍ଲାର ପୁରୁଣା କଟକରେ ଦେବୀ ଭୈରବୀ ପୀଠ ଅନ୍ୟତମ । ଘଞ୍ଚ ବାଉଁଶବଣ ମଧ୍ୟରେ ମା' ଭୈରବୀ ଏଯାବତ ପୂଜା ପାଇଆସୁଛନ୍ତି । ଆଶ୍ୱିନମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ମା' ଭୈରବୀଙ୍କ ପୂଜାର୍ଚ୍ଚନା କରାଯାଏ । ଶାରଦୀୟ ପର୍ବକୁ ସେଠାକାର ଅଧିବାସୀମାନେ ସ୍ୱତନ୍ତ୍ର ପୂଜା ଭାବେ ପାଳନ କରିଥାନ୍ତି ।

## ମା' ତାରିଣୀ


କେନ୍ଦୁଝର ଜିଲ୍ଲାର ମା' ତାରିଣୀଙ୍କ ପୀଠ ଓଡ଼ିଶାର ଅନ୍ୟଏକ ପ୍ରସିଦ୍ଧ ପୀଠ । ମା' ତାରିଣୀଙ୍କ ମନ୍ଦିର ଆଧୁନିକ ସମୟରେ ନବନିର୍ମାଣ କରାଯାଇଛି । କିନ୍ତୁ ପ୍ରକୃତରେ ବହୁ ପ୍ରାଚୀନ କାଳରୁ ପ୍ରକୃତିର ବୃକ୍ଷ ତଳେ ପୂଜା ପାଇଆସୁଥିଲେ । ସେ ଭକ୍ତଙ୍କ ପାଇଁ କରୁଣାମୟୀ, ଅନୁରାଗୀ । କେନ୍ଦୁଝରଠାରୁ ମାତ୍ର ୪୫ କି.ମି. ଦୂର ଗଲେ ଏହି ମନ୍ଦିର ପଡ଼େ । କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜଦେଓ ୧୪୮୦ଖ୍ରୀ.ରେ ତାରିଣୀଙ୍କ ପାଇଁ ମନ୍ଦିର ନିର୍ମାଣ କରିଥିଲେ । ଏଠାକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସିଥାନ୍ତି ଏବଂ ନିଜର ମନୋକାମନା ପୂରଣ କରିଥାନ୍ତି ।

ଶେଷରେ ଏତିକି କୁହାଯାଇପାରେ ଶକ୍ତି ପୂଜା ବା ମାତୃପୂଜା ସାଂପ୍ରତିକ ସମୟଖଣ୍ଡରେ ନୁହେଁ; ବରଂ କେଉଁ ପ୍ରାକ୍ ଐତିହାସିକ ଯୁଗରୁ ଚଳିଆସୁଛି । ଏପରିକି ଓଡ଼ିଶାର ଅନେକ ସର୍ଜନଶୀଳ ସ୍ରଷ୍ଟାମାନେ ମଧ୍ୟ ତାଙ୍କ ସର୍ଜନାରେ ଶକ୍ତି ଉପାସନାର କଥା ଚିତ୍ରଣ କରିଛନ୍ତି । ଶାକ୍ତ ଧର୍ମ ଲୋକ ସାହିତ୍ୟ ଏବଂ ସୁବୋଧ ସାହିତ୍ୟରେ ବିଭକ୍ତ କରାଯାଇଛି । ପୁଣି ଲୋକସାହିତ୍ୟରୁ ଓଷାବ୍ରତ, ମନ୍ତ୍ର, ଲୋକଗୀତ ଏବଂ ସୁବୋଧ ସାହିତ୍ୟରୁ ଚର୍ଯ୍ୟାପଦ, ପୁରାଣ, ଜ୍ଞାନମିଶ୍ରା, କାବ୍ୟ, ଗୀତିକାବ୍ୟ ଜନ୍ମନେଇଥିବାବେଳେ ଲୋକଗୀତରୁ ପାଟୁଆନାଚ ଗୀତ, ଦଣ୍ଡ ନାଚ ଗୀତ, ଚଇତି ଘୋଡ଼ା ନାଚ, ଢ଼ଣ କୋଇଲା ନାଚ ଆଦି ସୃଷ୍ଟି । ଠିକ୍ ସେହିପରି ଗୀତିକବିତାରୁ ଚଉତିଶା, ଚଉପଦୀ, ଭଜନମାଳା ଆଦି ରଚନା କରାଯାଇ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରାଯାଇଛି । ତେଣୁ ଓଡ଼ିଆ ସଂସ୍କୃତିରେ ଓଡ଼ିଆ ଧର୍ମଧାରାରେ ଶକ୍ତିପୂଜା ତମାମ ଓଡ଼ିଶାବାସୀଙ୍କର ପ୍ରାଣଗତ ହୋଇ ରହିଛି ।


SMILE GOLD
JEWELLERS
BIS
BRIGHT & SHINY
GOLD | DIAMOND | SILVER | GEMS | WATCHES
Fancy Market, Saheed Nagar, Bhubaneswar
Mob: 9438019696

ପ୍ରସଙ୍ଗ - ୨

# ମାତା ତନୋଟ୍



# ଶକ୍ତିପୀଠ ତନୋଟ ମାତା
## (ହିଙ୍ଗ୍‌ଲାଜ ଠାରୁ ତନୋଟ ପର୍ଯ୍ୟନ୍ତ)

ଧର୍ମ ଏକ ବିଶ୍ୱାସ । କାହା ପାଇଁ ସମୁଦ୍ର ପରି ଗଭୀର ତ କାହାପାଇଁ ମା'ର ପଣତ ପରି ସୁରକ୍ଷିତ । କାହା ପାଇଁ ପାରଦ ପରି ସ୍ୱଚ୍ଛ ତ କାହାପାଇଁ ଧୁଆଁ ପରି ଅସ୍ୱଷ୍ଟ । କାହାପାଇଁ ସୃଷ୍ଟିର ମୂଳ ଆଧାର ତ ଆଉ କାହାପାଇଁ କେବଳ ଅନ୍ଧବିଶ୍ୱାସ । ବ୍ୟକ୍ତି, ଜାତି, ଦେଶ ଅନୁସାରେ ବଦଳୁଥାଏ ଧର୍ମର ରୀତି ନୀତି ପରିଭାଷା । ମୋ ପାଇଁ ଯେଉଁ ଧର୍ମ ବଡ଼ ହୁଏତ ଆପଣଙ୍କ ପାଇଁ ତାହା ହେଇନପାରେ । କାହିଁକି ନା ଜଣକର ବିଶ୍ୱାସକୁ, ଅନୁଭବକୁ ଅନ୍ୟଜଣେ ସେତିକି ବିଶ୍ୱାସର ସହ ଗ୍ରହଣ କରିବା କଷ୍ଟ । ସେଇଥିପାଇଁ ତ ପୃଥିବୀର ଯେତେ ଯୁଦ୍ଧ, ହିଂସା, ଆତଙ୍କବାଦ ଆକ୍ରମଣ ସବୁର କେନ୍ଦ୍ର ବିନ୍ଦୁ ଧର୍ମ । ଧରିତ୍ରୀ ଫାଟି ମାତା ସୀତା ତନ୍ମଧ୍ୟରେ ସମାହିତ ହେବା ବା କୋଟି ବସ୍ତ୍ର ଦେଇ ପ୍ରଭୁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ଲଜ୍ଜା ନିବାରଣ କରିବା ଆଦି ପୌରାଣିକ କଥା ଆମେ ପଢୁ ଶୁଣୁ, ଆଶ୍ଚର୍ଯ୍ୟ ହେଉ, ବିଶ୍ୱାସ କରୁ । ଭାବୁ ସତରେ କଣ ଏମିତି ହେଇଥିବ ? ନା ଏକ ମିଥ୍ । ପ୍ରଶ୍ନଟିଏ ଉଙ୍କିମାରେ ମନରେ । କିଛି ଅଘଟଣ ଘଟିଲେ ଲାଗେ କାହିଁ ଏଠି ତ କୃଷ୍ଣ ଆସି ବଞ୍ଚେଇଲେନି ଝିଅଟିକୁ ? ସତରେ କଣ ଭଗବାନ ଅଛନ୍ତି ? ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ଭଗବାନଙ୍କ ପ୍ରତ୍ୟକ୍ଷ ସାନିଧ ମିଳୁଥିବା ସମୟରେ




## ଲକ୍ଷ୍ମୀପ୍ରିୟା ଓଝା

ସିଦ୍ଧେଶ୍ୱର ପୁର, କଟକ-୭୫୪୧୦୦
ଫୋନ : ୭୪୯୦୯୯୬୮୬୫

ଫଟୋ ସୌଜନ୍ୟ : ଲେଖିକା




◀ ଲେଖିକା ଲକ୍ଷ୍ମୀପ୍ରିୟା ଓଝା

କଳିଯୁଗରେ କାହିଁ ମିଳୁନି ? ତେଣୁ ଏମିତି ଏକ ଦ୍ୱନ୍ଦ୍ୱର ଦୋଳାୟମାନ ସ୍ଥିତି ଭିତରେ ଆମ ଧର୍ମର ଅବସ୍ଥିତି । ସମସ୍ତଙ୍କୁ ଆବଶ୍ୟକ ଚାକ୍ଷୁସ ପ୍ରମାଣ । ଆଉ ଯଦି ସେମିତି ଚାକ୍ଷୁସ ପ୍ରମାଣ ଆମେ ଆମ ଏଇ ଜୀବଦ୍ଦଶାରେ, ଏଇ କଳିଯୁଗରେ ଦେଖିଲୁ ତେବେ ଅବିଶ୍ୱାସ କରିବାର କିଛି ପ୍ରଶ୍ନ ଉଠୁଛି କି ? ବୋଧହୁଏ ନା ।

ମୋର ସୌଭାଗ୍ୟ ମୋ ସ୍ୱାମୀ ଓଏନ୍‌ଜିସିରେ ଜିଓଫିଜିକାଲ୍ ସର୍ଭିସ୍‌ରେ ଥିବା ଯୋଗୁଁ ଭାରତର ବିଭିନ୍ନ କୋଣରେ ରହିବାର ସୌଭାଗ୍ୟ ପ୍ରାପ୍ତ ହେଲି ମୁଁ । ଆର୍ମି ପରି ଜୀବନ ଆମର । ତେଲ ସନ୍ଧାନରେ ବର୍ଷକୁ ଆଠମାସ ଆମକୁ ବିତେଇବାକୁ ପଡେ ବାହାରେ । କେବେ ସମୁଦ୍ର ଭିତରେ, କେବେ ମାଇନସ୍ ଡିଗ୍ରୀରେ ତ କେବେ ମରୁଭୂମିର ବାଲୁକା ପ୍ରାନ୍ତର ଭିତର ବଙ୍କର୍ ହୁଏ ଆମ ଘର । ସେଇ କ୍ରମରେ ଅନେକ ସମୟ ଆମକୁ ବିତେଇବାକୁ ପଡିଥିଲା ରାଜସ୍ଥାନର ଜନମାନସ ଶୂନ୍ୟ ଉତ୍ତପ୍ତ ଥର୍ ମରୁଭୂମିର ବିଭିନ୍ନ ସ୍ଥାନରେ । ଥର୍ ମରୁଭୂମି ଭିତରେ ଅଛି ତେଲର ଅପର୍ଯ୍ୟାପ୍ତ ଭଣ୍ଡାର । ତେଣୁ ତାରି ସନ୍ଧାନରେ ଅନବରତ କାର୍ଯ୍ୟରତ ଭୂତତ୍ତ୍ୱବିତ୍ । ଗୁଜୁରାଟ ବରୋଦାରୁ ଯୋଧପୁର ହେଇ ପହଞ୍ଚିଲୁ ଜୈସେଲ୍‌ମେର୍ । ତାପରେ ସେଠୁ ଆରମ୍ଭ ହେଲା ଯାତ୍ରା ବଡ଼ ବଡ଼ ଚକ ଥିବା ଜାପାନୀ ଟୟୋଟାରେ । ଜୈସେଲ୍‌ମେର୍‌ରୁ ବାହାରିଲା ବେଳେ ମନରେ ଏକ ଅଦ୍ଭୁତ ପ୍ରକାର ଆନନ୍ଦ । ଖୁବ୍ ଶୀଘ୍ର ସହର ଛାଡି ଆମର ପ୍ରବେଶ ଥର୍ ମରୁଭୂମି ଭିତରେ । ପ୍ରଥମେ ପ୍ରଥମେ ଇନ୍ଦିରା ଗାନ୍ଧୀ କେନାଲ ପରିଯୋଜନା ଏବଂ ଆକାଶ ମାର୍ଗରୁ ମଞ୍ଜି ନିକ୍ଷେପଣ ଯୋଗୁ ଅନେକ ସ୍ଥାନରେ ମରୁଭୂମିରେ ଶ୍ୟାମଳିମା ଦେଖି ମନ ପୁଲକିତ ହେଉଥିଲା ସତ କିନ୍ତୁ ଭୂଗୋଳରେ ପଢିଥିବା ଥର୍ ମରୁଭୂମିର ଚିତ୍ର ଖାପ ଖାଉନଥିଲା । ଉଲ୍ଲାସ ଭୟରେ ପରିଣତ ହେଲା ଯେବେ ଆମେ ମୁଖ୍ୟ ରାସ୍ତାରୁ ବିଚ୍ଛିନ୍ନ ହେଇ ଧୀରେ ଧୀରେ ମରୁଭୂମି ଭିତରକୁ ଆହୁରି ଭିତରକୁ ପ୍ରବେଶ କରୁଥିଲୁ । ଜୈସେଲ୍‌ମେର୍ ସହର ଠାରୁ ଅଢେଇଶହ କିଲୋମିଟର ଦୂରରେ ଆମର ଗନ୍ତବ୍ୟ ଆମର କ୍ୟାମ୍ପ୍ । ବର୍ଡ଼ର ଠୁ ଖୁବ ନିକଟରେ । ରାସ୍ତାରେ କେବଳ ଆମରି ଜାପାନୀ ଟୟୋଟା । ଅଭିଜ୍ଞ ଡ୍ରାଇଭର । ମୋ ବୈଜ୍ଞାନିକ ସ୍ୱାମୀ ମୁଁ ଆଉ ମୋ କୁନି କୁନି ଦୁଇ ପୁଅ ଝିଅ । ଜିପ୍ ତୀଖ ପାହାଡ଼ ଚଢ଼ିଲା ପରି ଚଢ଼ି ପଡୁଥାଏ । ବାଁ ଡାଁ ଆଗ ପଛ ସବୁଆଡେ ବାଲିର ପାହାଡ଼ । କେବେ କେବେ କିଛି ଦିଶୁନଥାଏ ତ କେବେ କେବେ ଦୂର ଦୂର ଯାଏ ଆଖି ନ ପାଇଲା ପର୍ଯ୍ୟନ୍ତ କେବଳ ଦିଗନ୍ତ ବିସ୍ତାରି ବାଲି ଆଉ ବାଲି । ତାରି ଦେହରେ ରାସ୍ତା । ହୁଏତ ଏ ପାହାଡ଼ କାଲିକୁ ନଥିବ । ମରୁଝଡ଼ରେ ବାଲି ଉଡିଯାଇ ଆଉ କେଉଁଠି ତିଆରି କରିଥିବ ପାହାଡ଼ ଏ ସ୍ଥାନକୁ ସମତଳ କରି । ତେଣୁ ଚିହ୍ନ ଦେଇ ରାସ୍ତା ନିରୂପଣ କରିବା ମରୁଭୂମିରେ ଅଜଣା ଲୋକ ପାଇଁ ଦୂରୁହ ବ୍ୟାପାର । କେବଳ ଅଭିଜ୍ଞ ଅଧିବାସୀ ହିଁ ବାରି ପାରନ୍ତି ରାସ୍ତା । ସେମାନେ ବି କେବେ କେବେ ବାଟବଣା ହେଇ ହଜି ଯାଆନ୍ତି, ପାଣି ନପାଇ ମୃତ୍ୟୁ ମୁଖରେ ପଡନ୍ତି । ଆମ ଅଭିଜ୍ଞ ଡ୍ରାଇଭର୍ ବି ରାସ୍ତାକୁ ନେଇ ଟିକେ ସନ୍ଦିହାନ ହେଲା । କାରଣ ପିଚୁ ରାସ୍ତା ବୋଲି କିଛି ନଥିଲା । ଅନେକ ସମୟ ପରେ ଟିକେ ଦୂରରେ ଦିଶିଲେ ଛେଳି ପଲ ସହ ଦି' ଜଣ ବଂଜାରା । ସିଟି ବଜାଇ ସେମାନଙ୍କୁ ପାଖକୁ ଡାକିଲା । ଲୋକଟି ସିଟି ଶୁଣି ଦୌଡ଼ି ଦୌଡ଼ି ଆସିଲା । ଧଳା କପଡା ସମ୍ପୂର୍ଣ୍ଣ ମାଟିଆ । ମୁଣ୍ଡରେ ପଗଡି । ହାତରେ ଠେଙ୍ଗା । ଖୁବ୍ ଅପରିଷ୍କାର ଦେହ ମୁଣ୍ଡ । ଦେହରୁ କେମିତି ଏକ ଉତ୍କଟ ଗନ୍ଧ ବାହାରୁଥିଲା । ସେ ରାଜସ୍ଥାନୀ ବଂଜାରା ଭାଷାରେ ରାସ୍ତା ବତାଇ ଚାଲିଗଲା । ତାର ଏ ବେଶ ପୋଷାକ ଦେଖି ପଚାରିବାରୁ କହିଲା ଆମ ଡ୍ରାଇଭର, "ସେମାନେ ଏମିତି ମାସ ମାସ ଧରି ଏଇ ମରୁଭୂମିରେ ଛେଳି ଚରାଉଥାନ୍ତି ।" ମୁଁ ପଚାରିଲି, "ଆଉ ଖାଇବା, ପିଇବା ?" ଡ୍ରାଇଭର କହିଲା, "କେବେ କେମିତି କୋଉଠୁ ବସ୍ତି ପାଖରେ ଚାଉଳ, ଡାଲି ମିଳିଲେ ଫୁଟାଇ ଖାଆନ୍ତି ନହେଲେ ନାହିଁ । କେବଳ ଛେଳି କ୍ଷୀର ପିଇ ମାସ ମାସ ରହିଯାଆନ୍ତି ।" ମୁଁ କହିଲି, "ଆଉ ଗାଧେଇବା ?" ଡ୍ରାଇଭର କହିଲା, "ପିଇବାକୁ ପାଣି ନାହିଁ । ଗାଧେଇବେ କେମିତି ? ମାସ ମାସ ଧରି ଗାଧାନ୍ତି ନାହିଁ । ଏମାନଙ୍କର ଅଭ୍ୟାସ ହିଁ ସେମିତି ।" ରାସ୍ତାରେ ଯାଉ ଯାଉ ଅଳ୍ପ ଦୂରରେ ଟିକେ ଗାଡି ସ୍ଲୋ କରି ଡ୍ରାଇଭର କହିଲା, "ଦେଖନ୍ତୁ ମାଡାମ୍ ସେ ଯେଉଁ ସିନଟେକ୍ସ ଦେଖୁଛନ୍ତି ଭାରତୀୟ ସେନା ମରୁଭୂମିରେ ଏମିତି ଠାଏ ଠାଏ ପାଣି ରଖିଛନ୍ତି ରାହାଗିରିଙ୍କ ପାଇଁ ।" ମୁଁ ଗାଡି ଅଟକାଇ ପାଖକୁ ଗଲି କଳା ସିନଟେକ୍ସ ଭିତର ପାଣି ଧଳା ତ ନଥିଲା ନିଶ୍ଚୟ । ହୁଏତ କେହି ବ୍ୟବହାର ପାଇଁ ଢାଙ୍କୁଣୀ ଖୋଲି ବନ୍ଦ କରିନି । ତେଣୁ ପାଣି ଭିତରେ ବାଲିର ପରସ୍ତ । ପାନୀୟ ଉପଯୋଗୀ ତ ବିଲ୍‌କୁଲ୍ ନୁହେଁ । ଉପରେ ସୂର୍ଯ୍ୟଙ୍କର ପ୍ରବଳ ଉତ୍ତାପଯୋଗୁଁ ପାଣି ଟକ ଟକ ତାତିଲା । ଅବଶ୍ୟ ଭାରତୀୟ ସେନାଙ୍କ ପଦକ୍ଷେପ ନିଶ୍ଚୟ ପ୍ରଶଂସନୀୟ । ଆମ ଟୟୋଟା ଯେତେ ଯେତେ ଆଗକୁ ବଢୁଥିଲା ସେତେ ସେତେ ଅଣ୍ଟା ପିଠି ଦରଜ ହେବାକୁ ଲାଗିଥିଲା । ମୁଁ ରାଗୁଥିଲି ଅଫିସ ଭଲ ଗାଡି ନପଠେଇଥିବା ଯୋଗୁଁ । କିନ୍ତୁ ପରେ ଜାଣିଲି ସେଭଳି ମରୁଭୂମିରେ କେବଳ ସେଇଟା ହିଁ ସବୁଠୁ ଭଲ ଗାଡି । ଆମେ ଯାହାକୁ ଭଲ ଗାଡି କହୁଛୁ ସେଭଳି ରାସ୍ତାରେ ହାତେ ବି ଗଡିବନି । ଆମ ଗାଡି ଯେତେ ଯେତେ ଆଗକୁ ବଢୁଥିଲା ସେତେ ସେତେ ମରୁଭୂମିର ରୁକ୍ଷ କ୍ରୁର ରୂପ ସାମ୍ନାକୁ ଆସୁଥିଲା । ପଶୁ ପକ୍ଷୀ ଜନମାନସ ଶୂନ୍ୟ ବାଲିର ସମୁଦ୍ରର ମଝିରେ ମଝିରେ



ପଡିଥିବା ମଣିଷ, ପଶୁଙ୍କ କ୍ଷୀର ପରି ଧଳା କଙ୍କାଳ ମନରେ ଭୟ ସଞ୍ଚାର କରୁଥିଲା । ଲାଗୁଥିଲା ଯଦି ଆମେ ବାଟ ଭୁଲିଗଲୁ ତାହାଲେ ..... ? ? ମଝିରେ ଦିଶିଲା ଚାରି ପାଞ୍ଚଟି ଛୋଟ ଛୋଟ ଚାଳଛପର ଝୁମ୍ପୁଡିକୁ ନେଇ ଗୋଟେ ଗାଁ । ମରୁଭୂମି ଭିତରେ ଏମିତି ଖୁବ୍ କମ ଘରକୁ ନେଇ ଗାଁ ଅତି ସାଧାରଣ କଥା । ଡ୍ରାଇଭର ଗାଡି ରଖିଲା । ଆମେ ଟିକେ ଓହ୍ଲାଇଲୁ ଅଣ୍ଟା ସଳଖିବା ପାଇଁ । ଠିଆ ହେଇ ଆମ ବୋତଲରେ ଥିବା ପାଣି ପିଇଲୁ ଢୋକେ ଢୋକେ । ଅକ୍ଟୋବର ମାସରେ ମଧ ପ୍ରବଳ ଗରମ । ବାହାରେ ଠିଆ ହେଇ ହେଉନଥାଏ । ସେଇ ଝୁମ୍ପୁଡି ଭିତରୁ ବଂଜାରା ଚଣିୟା ଚୋଲୀରେ ବାହାରି ଆସିଲା ସୁନ୍ଦର ଝିଅଟେ । ରଙ୍ଗ ପୁରା ଆଉଟା ସୁନା ପରି । ମନେପଡ଼ିଗଲା ମୋତେ ସ୍ମିତା ପାଟିଲର ସିନେମା ମିର୍ଚ୍ଚ ମସାଲା । ଭାବିଲି ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ୍‌କାନୁନରେ ଦୁନିଆ ଅନେକ ପ୍ରଗତି କଲାଣି ସତ କିନ୍ତୁ ଏମାନଙ୍କ ପାଇଁ ଏସବୁ ଅପହଞ୍ଚ । ଏମାନଙ୍କ ସହ ଘଟୁଥିବା ଅଘଟଣର କାହାଣୀ ଏଇଠି ଆରମ୍ଭ ହେଇ ଏଇଠି ଶେଷ ହେଇ ଯାଉଥିବ ନିଶ୍ଚୟ । ଅନ୍ୟାୟକୁ ଯେ ପ୍ରତିରୋଧ କରାଯାଇ ପାରେ ସେକଥା ସେମାନେ ସ୍ୱପ୍ନରେ ସୁଦ୍ଧା ଭାବି ପାରୁନଥିବେ । ମନକଥା ମନରେ ରଖି ଡ୍ରାଇଭରକୁ ପଚାରିଲି ଏ ଜନମାନସ ଶୂନ୍ୟ ଇଲାକାରେ ଏମାନେ ବଞ୍ଚନ୍ତି କେମିତି ? ବଜାର ସଉଦା କେମିତି କରନ୍ତି ? ଦେହ ପା ହେଲେ ? ଡ୍ରାଇଭର କହିଲା, "ପ୍ରାୟ ଏମାନେ ଛେଳି, ଓଟ କ୍ଷୀରରେ ନିଜ ଖାଇବା ଚଳେଇ ନିଅନ୍ତି । ଦେହ ପା ପାଇଁ ଏମାନେ ପ୍ରାୟତଃ ସହରକୁ ଯାଆନ୍ତି ନାହିଁ । ସେମିତି ସହି ଯାଆନ୍ତି । ବସ୍ ଧରିବାକୁ ହେଲେ ଦଶ ପନ୍ଦର କିଲୋମିଟର ଚାଲିଚାଲି ଆସି ମୁଖ୍ୟ ସଡକ ଉପରେ ଅପେକ୍ଷା କରିବାକୁ ପଡେ । ମିଳିଗଲେ ସହରକୁ ଯାଇ ବଜାର ସଉଦା କରିବାକୁ ବା ଡାକ୍ତରଖାନା ଯାଆନ୍ତି । ନ ମିଳିଲେ ଦିନସାରା ସେମିତି ଅପେକ୍ଷା କରିକରି ସନ୍ଧ୍ୟାକୁ ଘରକୁ ଫେରନ୍ତି । ମୁଖ୍ୟତଃ ଆର୍ମିବାଲା ବା କେବେ କେବେ ଯାତ୍ରୀ ବି ଏମାନଙ୍କୁ ଲିଫ୍ଟ ଦିଅନ୍ତି । ଏ ଡହ ଡହ ଖରାରେ ଛାଇ ନଥିବା ରାସ୍ତା ଉପରେ, ପାଣି ନଥିବା ସ୍ଥାନରେ ବସି ଦିନରେ ଯାଉଥିବା ଖଣ୍ଡେ, ଦିଖଣ୍ଡ ବସ୍‌କୁ ଅପେକ୍ଷା କରି ରୋଗିଣା ଦେହରେ ପୁଣି ଫେରିବା ଆହାଃ କି କଷ୍ଟକର ଜୀବନ !

ପ୍ରାୟ ସାରାଦିନ କ୍ଲାନ୍ତିକର ଯାତ୍ରା ପରେ ଆମେ ପହଞ୍ଚି ଯାଇଥିଲୁ ଆମ କ୍ୟାମ୍ପରେ । ଜନମାନସ ଶୂନ୍ୟ ମରୁଭୂମି ଭିତରେ ପ୍ରାୟ ତିରିଶ ଖଣ୍ଡେ ବଙ୍କରକୁ ନେଇ ଆମ କ୍ୟାମ୍ପ । ଗୋଟେ ପଟେ ଅଫିସ୍, ସାଇଡ଼ରେ ରୋଷେଇଘର, ଡ଼ାଇନିଙ୍ଗ, ରିକ୍ରେସନ୍ ରୁମ୍ । ଗୋଟିଏ ଗାଡି ଭିତରେ ଛଅଟି କମନ୍ ବାଥରୁମ୍, ଟଏଲେଟ୍ । ଆର ଧାଡ଼ିକରେ ଲୋକଙ୍କ ରହିବା ପାଇଁ ବଙ୍କର । ଏବଂ କାର୍ଯ୍ୟ ଉପଯୋଗୀ ଜିପ୍, ଭାଇବ୍ରେଟର, ଟ୍ୟାଙ୍କର, ଟ୍ରକ୍, ଜେନେରେଟର, ଇନ୍‌ଷ୍ଟ୍ରୁମେଣ୍ଟ ଆଦି ଗାଡି ସବୁ ଧାଡିରେ ଠିଆ ହେଇଛନ୍ତି । ଷ୍ଟାଫ୍‌ମାନେ ଆମ ଜିନିଷ ନେଇ ଆମ ବଙ୍କରରେ ରଖିଦେଲେ । ଗୋଟିଏ ବସ୍ ପରି ଗାଡି ଭିତରେ ତଳ ଉପର ହେଇ ଦୁଇଟି ସିଂଗିଲ ବଙ୍କ ବେଡ୍ । ଦୁଇଟି ଚେୟାର୍ । ଗୋଟେ ଛୋଟ ଟେବୁଲ ଏବଂ ଆଲମୀରା । ଦୁଇଟି ଟ୍ରଲିରେ ଆମ ଚାରିଜଣଙ୍କ କପଡା ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ । ବାସ୍ ବଂଚିବା ପାଇଁ ଏତିକି ତ ଲୋଡ଼ା । ଆଠ ମାସ ପାଇଁ ବର୍ତ୍ତମାନ ଏ ଆମର ଘର । ରୋଷେଇଆ ପିଲାଟି ଚା, ପାଣି ଆଦି ଆଣି ଦେଲା ବେଳେ କହିଲା ସକାଳ ଦଶରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏବଂ ରାତିରେ ପିଲାଙ୍କୁ ବାହାରକୁ ନ ବାହାର କରିବାକୁ । ଦିନରେ ପ୍ରବଳ ଗରମ ଯୋଗୁ ସନ୍‌ଷ୍ଟ୍ରୋକ୍ ହେବାର ସମ୍ଭାବନା ଅଧିକ ପୁଣି ବାଲି ସୂର୍ଯ୍ୟ ଉଦୟ ପରେ ପରେ ଯେତେ ଜଲଦି ଗରମ ହୁଏ ସୂର୍ଯ୍ୟ ଅସ୍ତ ହେଉହେଉ ସେତେ ଜଲ୍‌ଦି ଥଣ୍ଡା ହୁଏ । ବାଲି ଥଣ୍ଡା ହେଲା ପରେ ବିଷଧର ସାପ, ବିଛା ବାଲି ଭିତରୁ ବାହାରନ୍ତି । ତେଣୁ ରାତିରେ ମଧ ବହୁତ ସଜାଗ ରହିବାକୁ କହି ଦେଇଗଲା । ସନ୍ଧ୍ୟା ହେଉ ହେଉ ଶୀତ ମାଡି ଆସିଲା । ଚୌକିଦାର ଏବଂ ଅନ୍ୟମାନେ ନିଆଁ ଜାଳି ବସିଲେ । ଆମେ ବି ବସିଲୁ । ପ୍ରାୟ ସବୁଦିନ ଦିନସାରା ବଙ୍କର ଭିତରେ ବନ୍ଦ ହେଇ ରହିବା ପରେ ଅପେକ୍ଷା ସନ୍ଧ୍ୟାକୁ ଥାଏ । ସନ୍ଧ୍ୟାରେ ଗପର ଆସର ଜମେ । କାମ କରୁଥିବା ପୁରୁଣା ଲୋକ ନିଜ ନିଜ ଅନୁଭୂତି କୁହନ୍ତି ।ଯାହା କୌଣସି ରୋମାଞ୍ଚକର ଉପନ୍ୟାସ ଠାରୁ ଆହୁରି ଅଧିକ ରୋଚକ, ରୋମାଞ୍ଚକର । ଦିନେ ତ ମୋ କୁନି ଝିଅକୁ ଭୋକ ଲାଗିଲା । କ୍ୟାମ୍ପରେ ସେ ପର୍ଯ୍ୟନ୍ତ କ୍ଷୀର ଆସିନଥିଲା । ଏଠି କହିରଖେ କି ପାଣି ପାଇଁ ଟ୍ୟାଙ୍କର ଅଢେଇଶ କିଲୋମିଟର ଯାଉଥିଲା । ଭୋରରୁ ଯାଇ ସନ୍ଧ୍ୟାକୁ ବା ତା ପରଦିନ ଫେରୁଥିଲା । ସେହିପରି ପେଟ୍ରୋଲ ଏବଂ ଖାଦ୍ୟ ସାମଗ୍ରୀ ମଧ । ଝିଅକୁ ଭୋକ ଲାଗିବା କଥା ଶୁଣି ଗୋଟେ ଲେବର ଏବେ କ୍ଷୀର ନେଇ ଆସୁଛି କହି ସିଟି ମାରି ମାରି କ୍ୟାନ୍‌ଟିଏ ଧରି ଦୌଡିଲା । ଅନେକ ସମୟ ଯାଏଁ ନଫେରିବାରୁ ମୁଁ ଅନ୍ୟଜଣକୁ ପଚାରିଲି ସେ ଏତେବେଳ ଯାଏ କୁଆଡେ ଗଲା ? ପାଖରେ କିଛି ବଜାର ବା ଗାଁ ଅଛିକି ? ଆଉ ଜଣେ ଲେବର କହିଲେ ଏ ସେ ଯେଉଁ ଛେଳି ଦେଖା ଯାଉଛନ୍ତି ସେଠିକି ଯାଇଛି ଆଣିବାକୁ । ମୋତେ କେବଳ ଖୁବ ଦୂରରେ କିଛି କଳାକଳା ଗାର ଦିଶୁଥିଲା । କିଛି ତ ଦିଶୁନି । ଏ ତ ବହୁତ ଦୂର । ଲେବର ଜଣଙ୍କ କହିଲେ, "ହଁ ପାଞ୍ଚ ସାତ କିଲୋମିଟର ହେବ ।" ପାଞ୍ଚ ସାତ କିଲୋମିଟର ? ଶୁଣି ଯେତିକି ଆଶ୍ଚର୍ଯ୍ୟ ହେଲି ସେତିକି ଦୁଃଖୀ । ଏ ଡହ ଡହ ଖରାରେ ପିଲାଟି ଯାଇଥିବା ଯୋଗୁ । ମୋ ମନଦୁଃଖ ଦେଖି ବାକି ମାନେ କହିଲେ , "ଦୁଃଖୀ ହୁଅନ୍ତୁନି ମାଡାମ ଏ ତ ଆମମାନଙ୍କ ଜୀବନର ନିତ୍ୟପ୍ରତ୍ୟ ଅତି ସାଧାରଣ କଥା ।" ଆଉ ଥରେ କ୍ୟାମ୍ପରେ ରୋଷେଇଆ ପିଲାଟି କହିଲା, "ଆଜି ରାଜସ୍ଥାନୀ ଦାଲବାଟି ଖୁଆଇବି ଆପଣମାନଙ୍କୁ । ସେଦିନ ସେ ତେଲ ଲୁଣ ଦେଇ ଅଟାର ଗୁଳା କରି ଗୋଟିଏ ପାତ୍ରରେ ରଖିଲା ଏବଂ ଅନ୍ୟ ପାତ୍ରଟିରେ ହରଡ ଡାଲିରେ ଲୁଣ ହଳଦୀ ପାଣି ଆଦି ଦେଇ ତା ମୁହଁକୁ ଭଲରେ ବନ୍ଦ କଲା । ତାପରେ ଗାତ ଖୋଳି ପୋତି ଦେଲା । ସନ୍ଧ୍ୟାକୁ ଯେବେ ବାଲି ତଳୁ ପାତ୍ର ଦୁଇଟିକୁ ବାହାର କଲା ଡାଲି ଏବଂ ବାଟି (ଅଟା ଗୁଳା) ସମ୍ପୂର୍ଣ୍ଣ ସିଝି ଯାଇଥିଲା । ଦେଖି ଆଶ୍ଚର୍ଯ୍ୟ



ଲାଗିଲା ।

ଆମ କ୍ୟାମ୍ପର ଅଳ୍ପ ଦୂରରେ ଥିଲା ଇଣ୍ଡିଆ ପାକିସ୍ତାନର ତାରଜାଲି ଘେରା ବର୍ଡ଼ର । ପ୍ରକୃତରେ ଆମ ଏ କ୍ୟାମ୍ପରେ ସାଧାରଣତଃ ଫାମିଲି ଯାଆନ୍ତି ନାହିଁ । ଅଫିସରମାନେ କେବଳ ଡ୍ୟୁଟି ପାଇଁ ଯାଆନ୍ତି । କିନ୍ତୁ ମୁଁ ପ୍ରକୃତରେ ଆସିଥିଲି ଏଇ ଆମର ଇଣ୍ଡିଆ ପାକିସ୍ତାନ ବର୍ଡ଼ର ଦେଖିବାକୁ । ତେଣୁ ରହଣିର ପ୍ରଥମ

**SUPRATIK INFRAVENTURES**

# LIFESTYLE Project - II

***Limited 2 & 3 BHK Flat Available***

RERA APPROVED







**7205330222**

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple O. T. Road, Balasore - 756001

ରବିବାର ଆମେ ଅଫିସ ଗାଡ଼ି ଧରି ବର୍ଡ଼ର ବୁଲିବାକୁ ଚାଲିଲୁ । ସାଧାରଣତଃ ଆମେ ନିଜ ବୁଲାବୁଲି ପାଇଁ ଅଫିସ ଗାଡ଼ି ନେବାକୁ ଆଭଏଡ଼ କରୁ ଅନ୍ୟ କ୍ୟାମ୍ପମାନଙ୍କରେ । କିନ୍ତୁ ଏଠି ଯେଉଁଠି ଖାଇବା, ପାଣି ପାଇଁ ଅଢେଇଶହ କିଲୋମିଟର ଯିବାକୁ ପଡୁଛି ସେଠି ପ୍ରାଇଭେଟ୍ ଗାଡ଼ି କୋଉଠୁ ଆସିବ ? ଅଗତ୍ୟା ଆଉ କୌଣସି ଉପାୟ ନଥିଲା ଅଫିସ୍ ଗାଡ଼ି ଛଡ଼ା । ଆମ କାମ ଯୋଗୁ ଆମକୁ ଭାରତ ସରକାରଙ୍କ ଠାରୁ ପରମିସନ୍ ମିଳିଥିଲା । ତେଣୁ କାହାକୁ କିଛି ନପଚାରି ସିଧା ପହଂଚିଗଲୁ ତାରଜାଲି ପାଖରେ । ସାଙ୍ଗେ ସାଙ୍ଗେ ୱାଚ୍ ଟାୱାରରୁ ବାଇନାକୁଲାରରେ ଆମକୁ ଦେଖି ଦୁଇ ଯବାନ ଆସି ପହଞ୍ଚିଗଲେ ଏବଂ ପଚରାଉଚୁରା କଲେ । ଆମେ ଆମର ପରିଚୟ ଦେଲା ପରେ ଏବଂ ମୋ ସ୍ୱାମୀ ତାଙ୍କୁ ନିଜର ଆଇ କାର୍ଡ ଦେଖାଇଲା ପରେ ସେମାନେ ଖୁସି ହେବା ସହ କହିଲେ, "ବିନା ଇନ୍‌ଫର୍ମ କରି ଏମିତି ଆସିବା ଉଚିତ ନୁହେଁ ।" ଆମେ ସେ ବିଶାଳ ବିଶାଳ କଣ୍ଟାଯୁକ୍ତ ତାରଜାଲି ଦେଖି ଆଶ୍ଚର୍ଯ୍ୟ । ମଣିଷ ତ ଛାଡ଼ ଛୋଟ ପଶୁ ବି ଗଳି ପାରିବେନି ସେ ଭିତରେ । ମୁଁ କହିଲି, "ଏଇଠୁ ଆମ ସୀମା ?" ଆମକୁ ସେପଟେ ଖୁବ ଦୂରରେ ଗୋଟେ ଛୋଟ ଖୁଣ୍ଟ ଦେଖାଇ କହିଲେ, "ପ୍ରକୃତରେ ସେଇଟା ଆମ ବର୍ଡ଼ର ।" ମୁଁ ପଚାରିଥିଲି, "ତାହାଲେ ଆମେ ଏତେ ଜାଗା ଛାଡ଼ି ତାରଜାଲି ଏଠି କାହିଁ ବନେଇଛେ ?" ସେ କହିଲେ, "ଏଲ୍‌ଓସି ପାଖରେ ଦୁଇ ଦେଶ କିଛି ବି ନିର୍ମାଣ କରି ପାରିବେନି । ତେଣୁ ଭାରତ ତା ଜାଗାରେ ତିଆରି କରିଛି ଏ ତାରଜାଲି ।"

ଏପଟେ ଭାରତ ସେପଟେ ପାକିସ୍ତାନ । ସେଇ ବାଲି, ସେଇ ଜନମାନସ ଶୂନ୍ୟ ମରୁଭୂମି । ଦୁଇ ଦେଶ ମଧ୍ୟରେ ମାଟିର ଭିନ୍ନତା କିଛି ନାହିଁ । ହେଲେ ମାନସିକତାରେ କେତେ ଭିନ୍ନତା ସତେ ! ସେ ପୁଣି କହିଲେ, "ଏ ତାରଜାଲି ହେଇଗଲା ପରେ ଅନେକ ଶାନ୍ତି । ନହେଲେ ସେପଟ ଲୋକଙ୍କର ଏପଟେ ଅବାଧ ପ୍ରବେଶ ହେଉଥିଲା । ଦୁନିଆ ଚୋରି ତସ୍କରୀ, ଅଫିମ ଚାଲାଣ, ଆତଙ୍କବାଦୀଙ୍କ ଅନୁପ୍ରବେଶ ଆଦି ଆଦି ଅନେକ ସମସ୍ୟା ଥିଲା । ପୁଣି ଆମ ପଟ ଲୋକ ମେଣ୍ଢା, ଛେଳି ଚରାଉ ଚରାଉ କେବେ ସେପଟକୁ ଚାଲିଗଲେ ସେମାନଙ୍କୁ ଫେରାଇ ଆଣିବା ପାଇଁ ଦୁଇ ସରକାରଙ୍କ ଭିତରେ କଥାବାର୍ତ୍ତା, ନେଗୋସିଏସନ ଆଦି ଆଦି ଦୀର୍ଘ ପ୍ରକ୍ରିୟା ଭିତର ଦେଇ ଗତି କରୁକରୁ ବିଚାରା ନିରୀହ ଲୋକଗୁଡ଼ାଙ୍କୁ ଅକଥନୀୟ ଯନ୍ତ୍ରଣା ସହିବାକୁ ପଡୁଥିଲା । ଭଲ ହେଲା ତାରଜାଲି ହେଇଗଲା । ଶାନ୍ତି ।" ପୁଣି ଟିକେ ରହି କହିଲେ, "ଆପଣଙ୍କ ଓଏନ୍‌ଜିସି ଲୋକ ପରା ଥରେ ସେପଟକୁ ପଳେଇଥିଲେ । ଜାଣି ନାହାଁନ୍ତି କି ? ମାତା ତନୋଟ ରାୟଙ୍କ କୃପାରୁ ଜଲ୍‌ଦି ମୁକୁଳି ଆସିଲେ ।" ପ୍ରଥମ ଥର ପାଇଁ ଶୁଣିଲି ମାତାଙ୍କ ନାମ । ସେତେବେଳେ ଭାରତ ସରକାରଙ୍କ ଅଧୀନରେ ଥିଲା ଓଏନଜିସି । ସେ ସମୟରେ ଭାରତ ପାକିସ୍ତାନ ବର୍ଡ଼ର ମଝିରେ ଆଜି ଭଳି ତାରଜାଲି ନଥିଲା । ଦୁଇ ଦେଶ ମଧ୍ୟରେ କେବଳ ମଝିରେ ମଝିରେ ଚିହ୍ନ ସ୍ୱରୂପ ଖୁଣ୍ଟି ପୋତା ହେଇଥିଲା । ଓଏନଜିସିର କାମ ଏଏଲ ଏକ୍ସପ୍ଲରେସନ । ଅଫିସର, ଲେବର ସମସ୍ତେ ସର୍ଭେ ହେଇଥିବା ସ୍ଥାନମାନଙ୍କରେ ଭାଇବ୍ରେଟର, ଇନ୍‌ଷ୍ଟ୍ରୁମେଣ୍ଟ ନେଇ ତେଲ ଅଛିକି ନାହିଁ ଡାଟା କଲେକ୍ଟ କରିବାକୁ ଯାଆନ୍ତି । ସେଦିନ ସେମାନେ କାମ କରୁ କରୁ କେତେବେଳେ ପାକିସ୍ତାନ ଭିତରକୁ ପଶି ଗଲେଣି ଜାଣି ପାରିଲେ ନାହିଁ । ପାକିସ୍ତାନ ସୈନିକ ଚାରିପଟୁ ଘେରି ତାଙ୍କୁ ବନ୍ଦୀ କରି ତାଙ୍କ ମିଲିଟାରୀ କ୍ୟାମ୍ପକୁ ନେଇଗଲେ । ଭାରତ ସରକାରଙ୍କ ପାଖକୁ ଖବର ପହଂଚିଗଲା । ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ସେମାନଙ୍କୁ ଦୁଇଦିନ ଭିତରେ ଛାଡ଼ିଦେଲେ । କିନ୍ତୁ ବନ୍ଦୀ ହେଇଥିବା ଏବଂ କ୍ୟାମ୍ପରେ ଥିବା ତାଙ୍କ ସାଥିମାନେ କୁହନ୍ତି, "ତନୋଟ ମାତାଙ୍କ କୃପାରୁ ସେମାନେ ଏତେ ଜଲ୍‌ଦି ସେଠୁ ମୁକୁଳିକି ଆସିଲେ ବୋଲି । ନହେଲେ ପରେ ବହୁତ ଅସୁବିଧା ହେଇଥାନ୍ତା ।" ତାପରେ ଆମକୁ ସେ ୱାଚ୍ ଟାୱାରକୁ ନେଇଗଲେ । ସେଠି ଚଢ଼ି ଆମେ ବାଇନାକୁଲାରରେ ଦେଖିଲୁ ପାକିସ୍ତାନ ପୋଷ୍ଟ । ନିଜର କିଛି କାମରେ ବ୍ୟସ୍ତ ଥିବା ଦୁଇଜଣ ପାକିସ୍ତାନୀଙ୍କୁ ମଧ୍ୟ । ସେମାନେ ମଧ୍ୟ ଆମକୁ ଦେଖି ପାରୁଥିବେ ପଚାରିଲାରୁ ଯବାନ ଜଣଙ୍କ କହିଲେ 'ହଁ' ।

ଏଇ ରହଣି ଭିତରେ ତନୋଟ ମାତାଙ୍କ ସମ୍ପର୍କରେ ଅନେକ କଥା ଶୁଣିବାକୁ ପାଇଲି । ସେଠିକାର ସ୍ଥାନୀୟ ଲୋକଙ୍କ ପାଇଁ ସେ ଆସ୍ଥା, ଭରସା, ବିଶ୍ୱାସର ଦେବୀ । ତେଣୁ ଆଉ ଗୋଟେ ରବିବାର ଦେଖି ଅଫିସ ଗାଡ଼ି ନେଇ ବାହାରିଗଲୁ ମାତାଙ୍କ ଦର୍ଶନ ପାଇଁ । ଭାରତରେ ଥିବା ଭବ୍ୟ ମନ୍ଦିର ପରି ବିଶାଳ କି କାରୁକାର୍ଯ୍ୟ ଖଚିତ ନୁହେଁ । ଭାରତୀୟ ସ୍ଥାପତ୍ୟ, ଭାସ୍କର୍ଯ୍ୟ ଖୋଜୁଥିବା ଲୋକ ଏଠିକୁ ଆସିଲେ ନିରାଶ ହେବେ ନିଶ୍ଚୟ । ଭାରତ ମୁଖ୍ୟ ଶକ୍ତିପୀଠ ମଧ୍ୟରେ ହୁଏତ ତନୋଟ ନ ଆସି ପାରନ୍ତି । କିନ୍ତୁ ଏହାର ମହିମା ଶୁଣିଲେ ଆପେ ଭକ୍ତିରେ ମୁଣ୍ଡ ନଇଁଯିବ । ଦୈବୀ ଶକ୍ତି ଉପରେ ଆସ୍ଥା ଆହୁରି ଦୃଢ଼ ହେବ । ମନ୍ଦିରଟି ସମ୍ପୂର୍ଣ୍ଣ ରୂପରେ ଭାରତୀୟ ସୀମା ସୁରକ୍ଷା ବାହିନୀଙ୍କ କଣ୍ଟ୍ରୋଲରେ । ପୂଜକ ଠାରୁ ନେଇ ସେବାୟତ ପର୍ଯ୍ୟନ୍ତ ସମସ୍ତେ ବିଏସ୍‌ଏଫ୍‌ରୁ । ଭାରତ ପାକିସ୍ତାନ ଯୁଦ୍ଧ ପୂର୍ବରୁ ଏହି ମନ୍ଦିର ଭାଟି ରାଜପୁତ ଏବଂ ସ୍ଥାନୀୟ ଲୋକଙ୍କ ରକ୍ଷଣା ବେକ୍ଷଣାରେ ଥିଲା ।

ମାତା ତନୋଟ ରାୟ ମାତା ହିଙ୍ଗୁଳା ବା ହିଙ୍ଗଲାଜ ଦେବୀଙ୍କ ପ୍ରତିରୂପ । ମାତା ହିଙ୍ଗଲାଜ ଦେବୀ ଭାରତର ୫୧ (ଏକାବନ) ଶକ୍ତି ପୀଠ ମଧ୍ୟରୁ ପ୍ରମୁଖ



ଶକ୍ତିପୀଠ । ପୂର୍ବେ ଅଖଣ୍ଡ ଭାରତରେ ଓ ବର୍ତ୍ତମାନ ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶରେ ହିଙ୍ଗଲାଜ ପ୍ରାନ୍ତର ହିଙ୍ଗଲୋ ଜାତୀୟ ବନ୍ୟ ଉଦ୍ୟାନ ମଝିରେ ହିଙ୍ଗଲୋ ନଦୀ କୂଳରେ ମାତା ହିଙ୍ଗଲାଜଙ୍କ ମନ୍ଦିର । ଏଠି ମାତା ସତୀଙ୍କ ବ୍ରହ୍ମରନ୍ଧ୍ର ବା ମସ୍ତିଷ୍କ ପଡ଼ିଥିଲା । ଶିବ ପୁରାଣ, ଦେବୀ ଭାଗବତ, କଳିକା ପୁରାଣ ଆଦିରେ ମାତା ହିଙ୍ଗଲାଜ ଦେବୀଙ୍କର ବର୍ଣ୍ଣନା ଅଛି । ପୌରାଣିକ କଥାନୁସାରେ ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବାପାଇଁ ପର୍ଶୁରାମ ୨୧ ଥର ପୃଥିବୀ ପରିକ୍ରମା କରି କ୍ଷତ୍ରିୟଙ୍କର ସଂହାର କରିଥିଲେ । ପୃଥିବୀ କ୍ଷତ୍ରିୟ ଶୂନ୍ୟ ହେଲା । ବାକି ବଞ୍ଚିଥିବା ଅଳ୍ପ କିଛି କ୍ଷତ୍ରିୟ ମାତା ହିଙ୍ଗଲାଜଙ୍କ ଶରଣ ପଶିଲେ । ମାତା ସେମାନଙ୍କୁ ନିଜ ଗୁମ୍ଫାରେ ଆଶ୍ରୟ ଦେବା ସହ ତାଙ୍କୁ ବେଦ ପୁରାଣ ଶିକ୍ଷା ଦେଇ ବ୍ରହ୍ମକ୍ଷତ୍ରିୟ କରିଦେଲେ । ପର୍ଶୁରାମଙ୍କୁ ଯେବେ ଏକଥା ଜ୍ଞାତ ହେଲା ସେ ସେଠାରେ ଯାଇ କ୍ଷତ୍ରିୟମାନଙ୍କୁ ବ୍ରାହ୍ମଣ ଧର୍ମ ପାଳନ କରୁଥିବା ଦେଖି ଖୁସି ହେଲେ ଏବଂ ତାଙ୍କୁ ଧର୍ମ ଶାସ୍ତ୍ର ଶିକ୍ଷାଦେଲେ । ସେହି ବଞ୍ଚିଯାଇଥିବା କ୍ଷତ୍ରିୟମାନେ ସମୟକ୍ରମେ ଚରଣ, ଗାଣ୍ଡବୀ, କ୍ଷତ୍ରୀ, ବାରୋଟ ଆଦି ବିଭିନ୍ନ ନାମରେ ବିଭକ୍ତ ହେଇ ଏବଂ ଭାରତର ରାଜସ୍ଥାନ, ଗୁଜୁରାଟ, ପଞ୍ଜାବ, ମଧ୍ୟପ୍ରଦେଶ, ଆନ୍ଧ୍ର, ତେଲେଙ୍ଗାନା ଆଦି ସ୍ଥାନରେ ରହିବାକୁ ଲାଗିଲେ । ସେମାନେ ଯେଉଁ ଯେଉଁ ସ୍ଥାନରେ ରହିଲେ ସେଠି ମାତା ହିଙ୍ଗୁଳାଙ୍କ ମନ୍ଦିର ପ୍ରତିଷ୍ଠା କରି ତାଙ୍କୁ କୂଳଦେବୀ ରୂପେ ପୂଜା କରିବାକୁ ଲାଗିଲେ । ପାକିସ୍ତାନରେ ରହି ଯାଇଥିବା କ୍ଷତ୍ରିୟମାନଙ୍କ ମଧ୍ୟରୁ ଅଧିକାଂଶ ସମୟକ୍ରମେ ମୁସଲମାନ ଧର୍ମ ଗ୍ରହଣ କରିନେଲେ । କିନ୍ତୁ ଆଜି ମଧ୍ୟ ମାତାଙ୍କୁ ପୂଜିବାକୁ ଆସନ୍ତି ଏବଂ ହିଙ୍ଗଲାଜ

ମନ୍ଦିରକୁ ନାନୀ (ଆଈ) କା ମନ୍ଦିର ବା ନାନୀକା ପୀର ବୋଲି କୁହନ୍ତି । ମାତାଙ୍କୁ ଦର୍ଶନ କରିବାକୁ ଆସୁଥିବା ମୁସଲମାନ ତାଙ୍କ ତୀର୍ଥ ଯାତ୍ରାକୁ 'ନାନୀ କା ହଜ୍' ବୋଲି କୁହନ୍ତି । ହିନ୍ଦୁ ମୁସଲମାନ ଧର୍ମ ନିର୍ବିଶେଷରେ ଭାରତ, ପାକିସ୍ତାନ, ଆଫଗାନିସ୍ତାନ, ଆରବ, ଇଜିପ୍ଟ ଆଦି ଦେଶରୁ ମାତାଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ଅତ୍ୟନ୍ତ ଦୁର୍ଗମ ପଥ ଅତିକ୍ରମ କରି ଏଠାରେ ପହଞ୍ଚନ୍ତି । ଏହି ପବିତ୍ର ସ୍ଥାନକୁ ଆସିଥିବା ମହିଳାଙ୍କୁ ହଜିୟାନି କୁହାଯାଏ ଏବଂ କୌଣସି ଧାର୍ମିକ ସ୍ଥଳକୁ ଏମାନଂକୁ ପ୍ରବେଶ ପାଇଁ ସସନମାନେ ଅନୁମତି ଥାଏ । ପାକିସ୍ତାନର କରାଚୀ ଠାରୁ ମାତ୍ର ୧୨୦ କିଲୋମିଟର ଦୂରରେ ବଲୁଚିସ୍ତାନ ପ୍ରାନ୍ତରେ ଏହି ମନ୍ଦିର ଅବସ୍ଥିତ ହେଲେ ହେଁ ରାସ୍ତା ଅତ୍ୟନ୍ତ ଦୁର୍ଗମ । ଏଠି ପହଁଚିବାର ଦୁଇଟି ରାସ୍ତା ଗୋଟେ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଉଚ୍ଚା ଉଚ୍ଚା ପାହାଡି ରାସ୍ତା ଅନ୍ୟଟି ଜନମାନସ ଶୂନ୍ୟ ଦିଗନ୍ତ ବିସ୍ତାରି ୧୫୦ କିଲୋମିଟର ମରୁଭୂମି । ଘଞ୍ଚ ଜଙ୍ଗଲ, ବିସ୍ତୃତ ମରୁଭୂମି, ଉଞ୍ଚା ଉଞ୍ଚା ପାହାଡ଼, ଜଙ୍ଗଲୀ ପଶୁ, ଚୋର, ଡାକୟତଙ୍କ ଆକ୍ରମଣ ଏବଂ ପୃଥିବୀର ସବୁଠୁ ବିଶାଳ ୩୦୦ ଫୁଟ ଉଚ୍ଚ ମଡ ଜ୍ୱାଳାମୁଖୀକୁ ଅତିକ୍ରମି ପାଦରେ ଚାଲି ଚାଲି ଏଠି ପହଞ୍ଚିବାକୁ ପଡେ । ଏହା ଅମରନାଥ ଯାତ୍ରାଠାରୁ ମଧ୍ୟ ଅଧିକ କଷ୍ଟଦାୟକ ଏବଂ ବିପଦସଂକୁଳ । ଏବେ ମଧ୍ୟ ଆଧୁନିକ ସୁଖ ସୁବିଧା ଠାରୁ ଦୂରରେ । କୁହାଯାଏ ମାତାଙ୍କ ଦର୍ଶନ କଲାମାତ୍ରେ ଗତ ଜନ୍ମର ପାପ କର୍ମର ଫଳ ଭୋଗିବାକୁ ପଡ଼ିନଥାଏ । କିନ୍ତୁ ମାନ୍ୟତା ଅଛି କି ଯଦି କେହି ମନରେ ଆବିଳତା ନେଇ ଦର୍ଶନ ପାଇଁ ଆସେ ତେବେ ମାତାଙ୍କ ଦର୍ଶନରୁ ସେ ବଞ୍ଚିତ ହୁଏ । ଗୁମ୍ଫାରେ ଅଟକି ଯାଏ ବା ରାସ୍ତାରେ ମୃତ୍ୟୁ ବରଣ କରେ । ଏଠି ମାତାଙ୍କର ପଥରରେ ଖୋଦିତ ମୂର୍ତ୍ତି ନାହିଁ କି ଭବ୍ୟ ମନ୍ଦିର ନାହିଁ । ବୈଷ୍ଣବ ଦେବୀଙ୍କ ପରି ଏଠି ମଧ୍ୟ ବିଶାଳ ପାହାଡର ଖୁବ ଛୋଟ ଗୁମ୍ଫା ଭିତରେ ଗୋଟେ ଶିଳାକୁ ହିଁ ସିନ୍ଦୁର ଦେଇ ପୂଜା କରାଯାଏ । କୁହାଯାଏ ରାତିହେଲେ ସବୁ ଶକ୍ତି ବାହାରି ଏହି ସ୍ଥାନରେ ବିଚରଣ କରନ୍ତି ଏବଂ ଭୋର ହେଲା କ୍ଷଣି ମାତାଙ୍କ ଭିତରେ ଲୀନ ହେଇଯାନ୍ତି । ଅନ୍ୟ ସମସ୍ତ ଶକ୍ତିପୀଠ ପରି ଏଠି ମଧ୍ୟ ଶିବ ଭୈରବ ରୂପରେ ମାତାଙ୍କ ରକ୍ଷା କରନ୍ତି । ଭାରତ ପରି ଏଠି ନବରାତ୍ର ରେ ପୂଜା ପାଠ, ଭଜନ କୀର୍ତ୍ତନ, କନ୍ୟା ପୂଜନ, ଗରବା ଆଦି ନ ଦିନଧରି ପାଳନ ହୁଏ ଏବଂ ନବରାତ୍ର ସମୟରେ ଦଶ ପନ୍ଦର ହଜାର ଶ୍ରଦ୍ଧାଳୁ ଏଠିକୁ ଆସନ୍ତି । ତିନି କିଲୋମିଟର ପାଖାପାଖି ଲମ୍ବା ଲାଇନରେ ମେଳା ଲାଗେ । ରାମାୟଣ ଅନୁସାରେ ରାମଚନ୍ଦ୍ର ରାବଣକୁ ମରିଲା ପରେ ବ୍ରହ୍ମହତ୍ୟା ପାପରୁ ମୁକ୍ତ ହେବାପାଇଁ ଏହି ହିଙ୍ଗଲାଜ ମାତାଙ୍କ ଦର୍ଶନ କରି ଏଠାରେ ହୋମ କରିଥିଲେ । ଗୁରୁ ନାନକଙ୍କ ଠାରୁ ନେଇ ଗୋରେଖ ଦାସ ଆଦି ବହୁ ସନ୍ଥ ମାହାମ୍ୟ ଏବଂ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏଠିକୁ ଆସି ମାତାଙ୍କ ଦର୍ଶନ କରିଛନ୍ତି । ଅନେକ ପ୍ରାକୃତିକ ଆପଦାକୁ ସାମ୍ନା କରି ମଧ୍ୟ ମନ୍ଦିର ଅକ୍ଷୁର୍ଣ୍ଣ ରହିଛି । ଅନେକ ପ୍ରାକୃତିକ ଆପଦରୁ ମାତା ତାଙ୍କ ଭକ୍ତଙ୍କୁ, ସ୍ଥାନୀୟ ଲୋକଙ୍କୁ ବଞ୍ଚାଇଛନ୍ତି ।

ଏକ ମୁସଲମାନ ରାଜ୍ୟରେ ଯେଉଁଠି ହିନ୍ଦୁ ମନ୍ଦିରମାନଙ୍କୁ ଭାଙ୍ଗି ଦିଆ ଯାଉଛି ସେହି କ୍ରମରେ ଏହି ପୀଠକୁ ମଧ୍ୟ ଭାଙ୍ଗିବାକୁ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହେଇଛି । କିନ୍ତୁ କେବେ ବି ଆତଙ୍କବାଦୀମାନେ ସଫଳ ହେଇ ପାରିନାହାଁନ୍ତି । ମନ୍ଦିରର ପାଖ ହେବାର ଅନେକ ଆଗରୁ ସେମାନେ ପବନରେ ଲଟକି ଯିବାର ଅନୁଭବ କରନ୍ତି । ଆଗକୁ ବଢି ପାରନ୍ତିନାହିଁ । କେବଳ ଏତିକି ନୁହେଁ ମୋଗଲମାନେ ମଧ୍ୟ ଏହି ମନ୍ଦିରକୁ ଧ୍ୱଂସ କରିବାକୁ ଚେଷ୍ଟା କରି ସଫଳ ହେଇ ପାରିନଥିଲେ । ଯେଉଁମାନେ ଏହାକୁ ଧ୍ୱଂସ କରିବାକୁ ଚେଷ୍ଟା କରିଛନ୍ତି ସେମାନେ ବିକଳାଙ୍ଗ, ପାଗଳ ଆଦି ହେଇଯାଇଛନ୍ତି । ନହେଲେ ସେମାନଙ୍କ ବଂଶରେ କେହି ବଞ୍ଚି ନାହାଁନ୍ତି । ବଂଶ ଲୋପ ପାଇଯାଇଛି । ତେଣୁ ଭୟରେ ଆତଙ୍କବାଦୀମାନେ ଏହି ମନ୍ଦିରକୁ କ୍ଷତି ପହଞ୍ଚାଇବାକୁ ଆଜି ପର୍ଯ୍ୟନ୍ତ ସାହସ କରି ପାରୁନାହାଁନ୍ତି । ରାମାୟଣ କାଳରୁ କି ତା ପୂର୍ବରୁ ରହି ଆସିଥିବା ଏହି ପ୍ରାଚୀନ ମନ୍ଦିରର ସୁରକ୍ଷା, ଦେଖାଶୁଣା ଆଦି ଉଭୟ ହିନ୍ଦୁ ଏବଂ ମୁସଲମାନ କରନ୍ତି ।

ହିଙ୍ଗ୍‌ଲାଜ ମାତ ଯୁଦ୍ଧର ଦେବୀ । ସେଇ ହିଙ୍ଗ୍‌ଲାଜମାତାଙ୍କ ପ୍ରତିରୂପ ଭାରତର ମାତେଶ୍ୱରୀ ତନୋଟ ରାୟ । ସ୍ଥାନୀୟ ଲୋକଙ୍କ ଭାଷାରେ ଏବଂ ଚରଣ ସାହିତ୍ୟ ଅନୁସାରେ ମାପଦିଆ ନାମକ ଜଣେ ଲୋକର କିଛି ସନ୍ତାନ ସନ୍ତତି ନଥିଲେ । ସେ ତାଙ୍କ କୂଳଦେବୀ ମାତା ହିଙ୍ଗ୍‌ଲାଜଙ୍କ ପାଖକୁ ସାତ ଥର ଖାଲି ପାଦରେ ସନ୍ତାନ ଆଶାରେ ଦର୍ଶନ କରିବାକୁ ଯାଇଥିଲେ । ଶରଣ ପଶିଥିଲେ । ତାଙ୍କୁ ନିଜ ଅପୁତ୍ରିକ ହେବାର ଦୁଃଖଦ କାହାଣୀ ଶୁଣାଇଥିଲେ । ଦେବୀ ପ୍ରସନ୍ନ ହେଇ ଦିନେ ତାଙ୍କୁ ସ୍ୱପ୍ନରେ ପଚାରିଲେ ତାଙ୍କୁ କଣ ଦରକାର ପୁତ୍ର କି କନ୍ୟା ? ମାପଦିଆ ମାତା ହିଙ୍ଗଲାଜଙ୍କୁ



ନିଜର କନ୍ୟା ରୂପେ ପାଇବାକୁ ଆଶା କଲେ । ମାତା ପ୍ରସନ୍ନ ହେଇ ନିଜେ ତାଙ୍କର କନ୍ୟା ରୂପେ ଜନ୍ମ ହେଲେ । ମାପଦିଆଙ୍କର ସାତ ଝିଅ ଓ ଗୋଟିଏ ପୁତ୍ର ହେଲା । ସପ୍ତମ କନ୍ୟା 'ଆବଡ଼' ହିଙ୍ଗଲାଜ ମାତାଙ୍କ ଅବତାର ବୋଲି କୁହାଯାଏ । ରାଜପୁତ ଶାସନ ସମୟରେ ଏହି ଆବଡ଼ ମାତା ଭୌତିକ ଶରୀରରେ ଅନେକ ବିପଦରୁ ମାଡ଼ ପ୍ରଦେଶକୁ (ବର୍ତ୍ତମାନ ରାଜସ୍ଥାନ) ବଞ୍ଚେଇବା ସହ ଅନେକ ଅଲୌକିକ କାର୍ଯ୍ୟ କରିଥିଲେ । ସମୟକ୍ରମେ ଭାଟି ରାଜପୁତ ନରେଶ ତନୁଜୀ ରାଓ ଏହିଠାରେ ନିଜର ରାଜଧାନୀ ପ୍ରତିଷ୍ଠା କରି ୮୪୭ ମସିହାରେ ଆବଡ଼ ମାତାଙ୍କ ମନ୍ଦିର ସ୍ଥାପନ କଲେ । ତାଙ୍କ ନାମ ଅନୁସାରେ ଆବଡ଼ ଦେବୀଙ୍କ ନାମ ତନୋଟ ମାତା ହେଲା । ସେ ସମୟରେ ମନ୍ଦିରରେ ପୂଜା ପାଠ ହେଉଥିଲା । କିନ୍ତୁ ମୋଗଲମାନେ ଆକ୍ରମଣ କରି ମନ୍ଦିରକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଥିଲେ । ମାତାଙ୍କ ମୂର୍ତ୍ତି ଏକ ଗଛତଳେ ରଖି ସ୍ଥାନୀୟ ଅଧିବାସୀ ପୂଜା କରୁଥିଲେ । ୧୧୪୦ ମସିହାରେ ପୁନର୍ବାର ଖୁବ ଛୋଟ ମନ୍ଦିରଟିଏ ସ୍ଥାନୀୟ ଶାସକଙ୍କ ଦ୍ୱାରା ନିର୍ମାଣ ହେଇଥିଲା । ଆଖପାଖ ବାରଖଣ୍ଡ ଗାଁ ର ଲୋକ କୂଳଦେବୀ ହିସାବରେ ତାଙ୍କୁ ପୂଜା କରୁଥିଲେ । ହଜାର ବର୍ଷ ଭାରତ ପରାଧୀନତାର ଜଞ୍ଜିରରେ ବନ୍ଦୀ ହେଇ ଏକ ମୁମୂର୍ଷ ଅବସ୍ଥାରେ କାଳ କାଟୁଥିବା ସମୟରେ ଆଉ କିଏ ଯାଇ ଜନମାନସ ଶୂନ୍ୟ ଇଲାକାରେ ଥିବା ଏ ମନ୍ଦିରର ରକ୍ଷଣା ବେକ୍ଷଣ କରନ୍ତା ?

୧୯୪୭ ମସିହା ଅଗଷ୍ଟ ୧୫ ରେ ଭାରତ ସ୍ୱାଧୀନତାର ସ୍ୱାଦ ଚାଖିଲା । କିନ୍ତୁ ତା ପୂର୍ବରୁ ଅଖଣ୍ଡ ଭାରତ ଦୁଇ ଭାଗରେ ବିଭକ୍ତ ହେଇ ଭାରତ ପାକିସ୍ତାନ ମଧ୍ୟରେ ବିଭାଜିତ ହେଇଗଲା । ହିଙ୍ଗଲାଜ ମାତା ରହିଗଲେ ପାକିସ୍ତାନ ପଟେ ଏବଂ ତାଙ୍କ ପ୍ରତିରୂପ ମାତା ତନୋଟ ରାୟ ରହିଲେ ଭାରତରେ । ସୀମାରେଖା ଟାଣି ହେଇଗଲା । ନିଜ ନିଜ ଦେଶର ସୀମା ସୁରକ୍ଷା ପାଇଁ ମୁତୟନ ହେଲେ ସୈନ୍ୟ । ସୈନ୍ୟ ଯେଉଁଠିକି ଯାଏ ନିଜର ଘର ବସେଇ ଦିଏ । କୌଣସି ଆକୃତିର ପଥରଟିଏ ଦେଖିଲେବି ଉଠେଇଆଣି ଶାଳଗ୍ରାମ ଭାବି ପୂଜାକରେ । ତନୋଟର ସୀମା ଜଗିବା ପାଇଁ ଥିବା ସୈନିକ ମଧ୍ୟରୁ କେହିକେହି ଧର୍ମପରାୟଣ ଯବାନ ପାଖରେ ଥିବା ତନୋଟ ମାତାଙ୍କ ମନ୍ଦିରରେ ସକାଳେ ହେଉ ବା ସନ୍ଧ୍ୟାରେ ମୁଣ୍ଡିଆଟିଏ ମାରି ଆସୁଥିଲେ । ଗୁଳ୍ମ ଲତାରେ ବାଡ଼ ବୁଜି ବେଢା ବନେଇଥିଲେ ସ୍ଥାନୀୟ ଲୋକ । ଭାରତ ସ୍ୱାଧୀନତାର ସ୍ୱାଦ ଚାଖିବାର କୋଡିଏ ବର୍ଷ ପୂର୍ଣ୍ଣ ହେଇନାହିଁ ୧୯୬୫ ମସିହାରେ ପାକିସ୍ତାନ ଆକ୍ରମଣ କଲା ଭାରତ ଉପରେ । ବର୍ଡ଼ର ଠାରୁ ମାତ୍ର ପନ୍ଦର କିଲୋମିଟର ଦୂରରେ ତନୋଟ ମାତାଙ୍କ ମନ୍ଦିର । ତନୋଟ ବର୍ଡ଼ରକୁ ଜଗି ମାତ୍ର ବାରଜଣ ସିପାହୀ ସେଦିନ । ଅଚାନକ ଯୁଦ୍ଧ ଆରମ୍ଭ ହେଲା । ଜଣେ ସୈନିକ ପାଖରେ ଥିବା ଅପେକ୍ଷାକୃତ ଗୋଟେ ଉଚ୍ଚା ଜାଗାରେ ଯାଇ ଦେଖିଲା ଆଖି ନପାଇଲା ଯାଏ ହଜାର ହଜାର ସୈନିକ ମାଡି ଆସୁଛନ୍ତି । ନା ପାଖରେ ସୈନ୍ୟବଳ ନା ଅସ୍ତ୍ରବଳ । ଯେବେ ସାରା ରାସ୍ତା ବନ୍ଦ ହେଇଯାଏ ମଣିଷ ହାତ ଯୋଡ଼ି ଭଗବାନଙ୍କ ଶରଣ ପଶେ । ସେ ପୋଷ୍ଟର ମୁଖ୍ୟ ଥିଲେ ଲେଫ୍ଟନାଣ୍ଟ କର୍ଣ୍ଣଲ ଜୟ ସିଂ । ସେ ସୈନିକମାନଙ୍କୁ 'ତନ ଯାଏ



ଭେଦ୍ୟ
ଆମ ମାଟିର ସ୍ୱର



ପର ତନୋଟ ନ ଯାଏ’ କହି ଉତ୍ସାହିତ କରିବାସହ ମାତାଙ୍କ ଶରଣ ପଶିଲେ । ଶୂନ୍ୟ ବାଣୀ ହେଲା । ମୋ ବେଢା ଛାଡି ବାହାରକୁ କେହି ଯାଅନି । କିଛି ହେବନି । ସେଇଆ ହେଲା । ଗୁଳ୍ମ ଲତା ବାଡ଼ ଘେରା ଛୋଟ ମନ୍ଦିର ପରିସର ଭିତରେ ସେଇ ବାରଜଣ ସୈନିକ ରହିଗଲେ । ପାକିସ୍ଥାନ ତରଫରୁ ପାଖାପାଖି ତିନି ହଜାର ବମ ଆସି ପଡିଲା ମନ୍ଦିର ପରିସର ଓ ଆଖପାଖରେ । ବେଢା ଭିତରେ ତ ସାଢେ ଚାରିଶହ ବମ ପଡିଲା । ଗୋଟିଏ ବି ଫୁଟିଲା ନାହିଁ । ଏମିତିକି ମାତାଙ୍କ ପତାକାକୁ ବି କିଛି ହେଲାନି । ଆଶ୍ଚର୍ଯ୍ୟ ନୁହେଁ କି ? ଭିତରେ ଥିବା ସୈନିକମାନଙ୍କର ସାହସ ବଢ଼ିଲା । ସେମାନେ ପାଖରେ ଥିବା ଗୋଳା ବାରୁଦ ସହ ପାକିସ୍ଥାନୀ ସୈନିକଙ୍କ ମୁକାବିଲା କଲେ । ପରିଶେଷରେ ଅନ୍ୟ ଭାରତୀୟ ସୈନ୍ୟ ମଧ୍ୟ ପହଂଚି ତାଙ୍କୁ ସହଯୋଗ କଲେ । ଦୁଇଦିନ ଯୁଦ୍ଧ ପରେ ପାକିସ୍ଥାନ ସେଠୁ ପଛକୁ ଫେରିଲା । ପାକିସ୍ଥାନୀ ସୈନିକଙ୍କ ପୋଜିସନ ଜାଣିବାକୁ କେବଳ ଜଣେ ସୈନିକ ବେଢା ପରିସରରୁ ବାହାରକୁ ଯାଇଥିଲେ ଯାହାଙ୍କ ମୃତ୍ୟୁ ହେଇଥିଲା ପାକିସ୍ଥାନୀ ଗୁଳିରେ । ବାକି କିଛି କ୍ଷତି ହେଇନଥିଲା ଭାରତର ଏଇ ପୋଷ୍ଟରେ ।

ତାପରେ ପୁଣି ଥରେ ୧୯୭୧ ମସିହା ଯୁଦ୍ଧରେ ପାକିସ୍ଥାନ ଭାରତ ସୀମା ଭିତରକୁ ପଶି ଆସିଲା । ସେ ସମୟରେ ତନୋଟରେ ବହୁତ ଭାରତୀୟ ସୈନିକ ଥାନ୍ତି । ତେଣୁ ପାକିସ୍ଥାନ ତନୋଟ ଆଡକୁ ନଆସି ତନୋଟ ଠାରୁ ଚାଳିଶ କିଲୋମିଟର ଦୂର ଲଙ୍ଗେଓ୍ୱାଲା ଆଡକୁ ମାଡି ଆସିଲା । କିସନଗଡ଼ ଫୋର୍ଟ ଏବଂ ଅନ୍ୟାନ୍ୟ ଚାରିଟି ଫୋର୍ଟ ଅକ୍ତିଆର କରି ପାକିସ୍ଥାନର ଦୁଇ ହଜାର ସୈନିକ ଲଙ୍ଗେଓ୍ୱାଲାକୁ ଘେରି ଗଲେ । ଯେପରି ଲଙ୍ଗେଓ୍ୱାଲାକୁ କୌଣସି ସାହାଯ୍ୟ ନ ମିଳିବି ସେଥିପାଇଁ ଭାରତୀୟ ସେନାଙ୍କ ସପ୍ଲାଇ ଲାଇନ ପାକିସ୍ଥାନ କାଟି ଦେଇଥିଲା । ସେତେବେଳକୁ ଭାରତର କେବଳ ୧୨କ୍ଟ (ଦେଢ଼ଶହ)ସୈନିକ ଲଙ୍ଗେଓ୍ୱାଲାରେ ମୁତୟନ ଥିଲେ । ତେଣୁ ଲଙ୍ଗେଓ୍ୱାଲାକୁ ଅଧିକାର କରିବା ପାକିସ୍ଥାନର ବାଁ ହାତର ଖେଳଥିଲା । ସୈନିକମାନେ ସେଇ ଦୂରରେ ଥାଇ ମାତା ତନୋଟଙ୍କୁ ପାର୍ଥନା କରିବା ସହ ପୋଷ୍ଟର ମୁଖ୍ୟ ମେଜର କୁଲଦୀପ ସିଂ ଙ୍କ ନେତୃତ୍ୱରେ ଜୀବନ ମରଣର ଯୁଦ୍ଧ ଲଢୁଥିଲେ । ଏଥର କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବେ ଲଙ୍ଗେଓ୍ୱାଲା ପୋଷ୍ଟ ଆଡକୁ ମାଡି ଆସୁଥିବା ଶହ ଶହ ପାକିସ୍ଥାନୀ ଟ୍ୟାଙ୍କ ବାଲିରେ ଧସିବା, ଗରମ୍ ହେଇଯିବା, ତେଲ ସରିଯିବା ଆଦି ଯାନ୍ତ୍ରିକ ତ୍ରୁଟି ଯୋଗୁ ଆଗକୁ ବଢିପାରିଲା ନାହିଁ । ସେମିତି ବାଲିରେ ଅଚଳ ଅବସ୍ଥାରେ ପଡ଼ିରହିଲା । ସେ ସମୟର ପୁରୁଣା ଲୋକ କୁହନ୍ତି ପାକିସ୍ଥାନୀ ସୈନିକମାନେ ଯେମିତି ପୋଷ୍ଟ ପାଖାପାଖି ଆସିଲେ ଅନ୍ଧ ହେଇଗଲେ । ପରସ୍ପର ସହ ଲଢ଼ିବାକୁ ଲାଗିଲେ । ସୈନିକମାନେ ଆସିବା ପୂର୍ବରୁ ରାସ୍ତା ଜାଣିବା ପାଇଁ ଆସିଥିବା ତାଙ୍କ ଗୁପ୍ତଚର ରାସ୍ତା ଭୁଲିଗଲା । ପାଗଳ ହେଇ ଏଣେ ତେଣେ ବୁଲିଲା ଏବଂ ପାକିସ୍ଥାନର ଗୁପ୍ତ ତଥ୍ୟ ସବୁ କହିଦେଲା । ସକାଳ ହେଇଗଲା ଏବଂ ଭାରତୀୟ ଏୟାର ଫୋର୍ସ ବମ ବର୍ଷାଇ ପାକିସ୍ଥାନର ଟ୍ୟାଙ୍କର, ଯୁଦ୍ଧ ବାହାନ ଆଦି ନଷ୍ଟ କରିଦେଲା । ପାକିସ୍ଥାନୀ ପରାସ୍ତ ହେଇ ଛତ୍ରଭଙ୍ଗ ଦେଲେ । ଏଥିରେ ମାତ୍ର ଦୁଇ ଜଣ ଭାରତୀୟ ସୈନିକ ଶହୀଦ ହେଇଥିବା ସମୟରେ ପାକିସ୍ଥାନର ୨୦୦ ସୈନିକ ଶହୀଦ ହେଇଥିଲେ । କିଛିଗୋଟେ ଅଦୃଶ୍ୟ ଶକ୍ତି ସେଠି ସୈନିକଙ୍କ ସୁରକ୍ଷା ପ୍ରଦାନ କରୁଛି ବୋଲି ପାକିସ୍ଥାନୀମାନଙ୍କର ବିଶ୍ୱାସ ଦୃଢ଼ ହେଲା । ଏବଂ ଜାଣିଲା ପରେ ପାକିସ୍ଥାନ ବ୍ରିଗେଡିୟର ଶାହନବାଜ ଖାନ ତନୋଟ ମାତାଙ୍କ ଦର୍ଶନ ପାଇଁ ଭାରତ ସରକାରଙ୍କ ଠାରୁ ଅନୁମତି ମାଗିଲେ । ଅଢେଇ ବର୍ଷ ପରେ ତାଙ୍କୁ ଅନୁମତି ମିଳିଲା । ସେ ମାତାଙ୍କୁ ଦର୍ଶନ କରି ରୂପାର ଛତା ପ୍ରଦାନ କଲେ । ଯାହା ଏବେ ବି ଅଛି । ମାତାଙ୍କ ପରିସର ଆଖପାଖରେ ପଡିଥିବା ପାକିସ୍ଥାନ ଟ୍ୟାଙ୍କରୁ ବାହାରିଥିବା ଜୀବନ୍ତ ଅଫୁଟା ବୋମା ମନ୍ଦିର ବେଢାରେ ଆମ ତ୍ରିରଙ୍ଗା ରଙ୍ଗରେ ରଙ୍ଗେଇ ହେଇ ରଖାଯାଇଛି । ଏବେ ବିଏସ୍ଏଫ୍ଙ୍କ ଦ୍ୱାରା ନିର୍ମିତ ମ୍ୟୁଜିୟମରେ ପ୍ରାୟ ସାଢେ ଚାରିଶହ ବୋମା ଏବଂ ସେ ସମୟର ଯୁଦ୍ଧର ଫଟୋ ପ୍ରଦର୍ଶିତ ହେଇଛି । ତା ସହ ଡକ୍ୟୁମେଣ୍ଟାରୀ ଫିଲ୍ମ ଦ୍ୱାରା ଭାରତ ପାକିସ୍ଥାନ ଯୁଦ୍ଧ ଏବଂ ବିଏସ୍ଏଫ୍ର କାହାଣୀ ପରିଦର୍ଶିତ ହେଉଛି । ଏହି ପୋଷ୍ଟରେ ମୁତୟନ ୧୪ ବିଏସଏଫଙ୍କୁ sentinetal of thar ସମ୍ମାନ ମିଳିଛି ଭାରତ ସରକାରଙ୍କ ଠାରୁ । ସେ ସାର୍ଟିଫିକେଟ ମନ୍ଦିର ଭିତରେ ବନ୍ଧେଇ ହେଇ ଟଙ୍ଗା ଯାଇଛି । ୧୯୬୫ ଯୁଦ୍ଧର ସ୍ମାରକୀ ସ୍ୱରୂପ ମାତାଙ୍କ ମନ୍ଦିର ପରିସରରେ ଏକ ବିଜୟ ସ୍ତମ୍ଭ ସ୍ଥାପନ କରାଯାଇଛି । ତାକୁ ଦେଖିଲେ ମନରେ ଗର୍ବ ଆସିବା ସହ ମାତାଙ୍କ ପ୍ରତି ଭକ୍ତିରେ ସ୍ୱତଃ ମଥା ନାଇଁଯାଏ । କୋଡିଏ ବର୍ଷ ତଳେ ଦେଖିଥିବା ମନ୍ଦିରକୁ ମୋତେ ଏବେ ପୁନର୍ବାର ଦେଖିବାକୁ ସୁଯୋଗ ମିଳିଲା । ଏବେ ମନ୍ଦିରର ପରିପାଟୀ ବଦଳି ଯାଇଛି । ସେବେ କେବଳ ମନ୍ଦିର ଥିଲା । ଏବେ ଆଖପାଖ ବେଢା ଖୁବ ସୁନ୍ଦର ହେଇଯାଇଛି । ପୂର୍ବେ ଖୁବ କମ ଲୋକ ଆସୁଥିଲେ । ଏବେ ସୋସିଆଲ ମିଡ଼ିଆରେ ମାଆଙ୍କ ପ୍ରଚାର ପ୍ରସାର ଯୋଗୁ ଲୋକଙ୍କ ଭିଡ଼ ମଧ୍ୟ ଅଧିକ । ପ୍ରତିଦିନ ଏଠିକୁ ଆଠ ରୁ ଦଶ ହଜାର ଲୋକ ଏବଂ ଛୁଟିଦିନ ମାନଙ୍କରେ ପାଖାପାଖି କୋଡିଏ ହଜାର ଲୋକ ଆସୁଛନ୍ତି । ପ୍ରତିବର୍ଷ ଦଶହରା ଏବଂ ମାଅଙ୍କର ଅନ୍ୟାନ୍ୟ ପୂଜା ସହ ୧୯୭୧ ଯୁଦ୍ଧର ଐତିହାସିକ ବିଜୟ ପର୍ବ ପାଳନ କରାଯାଏ ଖୁବ ଧୁମ୍ଧାମ୍ରେ । ସ୍ଥାନୀୟ ଲୋକ ଏବଂ ଆମ ସୈନିକମାନଙ୍କର ଅନେକ ଅନୁଭୂତି ଅଛି କି ମାତା ପ୍ରତିଦିନ, ପ୍ରତିକ୍ଷେତ୍ରରେ ତାଙ୍କୁ ସହାୟ ହୁଅନ୍ତି । କିନ୍ତୁ ସେ ସବୁ ବ୍ୟକ୍ତିଗତ ତେଣୁ କେହି ବିଶ୍ୱାସ କରିପାରନ୍ତି ବା କେହି ନକରି ପାରନ୍ତି । କିନ୍ତୁ ଭାରତ ପାକିସ୍ଥାନ ଯୁଦ୍ଧ ସମୟର ପାକିସ୍ଥାନର ଗୋଟେ ବି ବମ ଲକ୍ଷ ଭେଦ ନକରିବା , ନଫୁଟିବା ତାଙ୍କ ଟ୍ୟ ।ଙ୍କ ଆଦି ବାଲିରେ ପୋତି ହେଇ ଆଗକୁ ନବଢ଼ିବା ଆଦି ପ୍ରତ୍ୟକ୍ଷ ଘଟଣା ଯୋଗୁ ପ୍ରତ୍ୟେକ ବ୍ୟକ୍ତି ମାତାଙ୍କ ଶକ୍ତି ଉପରେ ବିଶ୍ୱାସ ନକରି ରହିପାରନ୍ତି ନାହିଁ ।

ଏଠିକୁ ଯିବାକୁ ହେଲେ ରାଜସ୍ଥାନର ଜୈସେଲମେର୍ ପର୍ଯ୍ୟନ୍ତ ଫ୍ଲାଇଟ୍, ଟ୍ରେନ୍ ଓ ବସ୍ ଚଳାଚଳର ସୁବିଧା ଅଛି । ସେଠି ବିଭିନ୍ନ ରେଞ୍ଜର ହୋଟେଲ ଅଛି । ନିଜ ପସନ୍ଦ ମୁତାବକ ହୋଟେଲରେ ରହି ସେଠାରୁ ପ୍ରାଇଭେଟ୍ ଟାକ୍ସି କରି ତନୋଟ ଦୁଇଘଣ୍ଟାରେ ପହଞ୍ଚି ହେବ । ରାସ୍ତା ବହୁତ ଭଲ । ଜୈସେଲମେର୍ରେ ଜୈସେଲମେର ଫୋର୍ଟ, ବଡାବାଗ ଆଦି ଦେଖି ତା ପରଦିନ ଲଙ୍ଗେଓ୍ୱାଲା ଯୁଦ୍ଧସ୍ଥଳୀ ଦେଖି ତନୋଟ ଯାଇ ହେବ । ସେଠୁ ଭାରତ ପାକିସ୍ଥାନ ବର୍ଡ଼ର ଦେଖି ପୁଣି ଜୈସେଲମେର୍ ଫେରି ହେବ । ରାସ୍ତା ସାରା ଆପଣଙ୍କୁ ବହୁତ ପବନକଳ ବା ଉଇଣ୍ଡ୍ ମିଲ ଦେଖିବାକୁ ମିଳିବ । ଯାହା ସେ ଏରିଆକୁ ଇଲେକ୍ଟ୍ରିସିଟି ସପ୍ଲାଇ କରୁଛି ଏବେ । ଇଣ୍ଡିଆ ପାକିସ୍ଥାନ ବର୍ଡ଼ର ଦେଖିବାକୁ ହେଲେ ଏଥିପାଇଁ ଆପଣଙ୍କୁ ଜିଲ୍ଲାପାଳ ଏବଂ ସୈନ୍ୟ ବିଭାଗରୁ ଆଗୁଆ ଅନୁମତି ନେବାକୁ ପଡିବ । ଯାହା କଷ୍ଟସାଧ । ବାକି ଲଙ୍ଗେଓ୍ୱାଲା ଏବଂ ତନୋଟ ମାତାଙ୍କ ଦର୍ଶନ ପାଇଁ ଚେକ୍ ପୋଷ୍ଟ୍ରେ ପରିଚୟ ପତ୍ରର ଆବଶ୍ୟକୀୟ ଯାଞ୍ଚ୍ ପରେ ଆପଣ ଯାଇ ପାରିବେ । ଯାହା ଭାରତୀୟ ନାଗରିକଙ୍କ ପାଇଁ ବିଶେଷ କଷ୍ଟସାଧ ନୁହେଁ । ପରିଶେଷରେ ମୁଁ ସେଇ ଯୁଦ୍ଧର ଦେବୀ ସୀମା ସୁରକ୍ଷା ପ୍ରଦାୟିନୀ ମାତେଶ୍ୱରୀ ତନୋଟ ରାୟଙ୍କୁ ପ୍ରଣିପାତ କରିବା ସହ ମାଗୁଣି କରୁଛି କି ସେ କେବଳ ତନୋଟ ନୁହେଁ ସମଗ୍ର ଭାରତର ସୀମା ସୁରକ୍ଷା କରିବା ସହ ଏହାର ଦାୟିତ୍ୱରେ ଥିବା ସମସ୍ତ ସୈନିକଙ୍କୁ ନିଜର ଛତ୍ରଛାୟା ତଳେ ଘଣ୍ଟ ଘୋଡାଇ ରଖନ୍ତୁ । ସେମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ଜୟ ମାତେଶ୍ୱରୀ ତନୋଟ ରାୟ କୀ ଜୟ ।



# ସ୍ୱୟଂଭୁ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।
ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୁ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୁ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

*** ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ***

# ଶକ୍ତିମୟୀ ସପ୍ତ






# ଯାଜପୁର - ଦଶାଶ୍ୱମେଧ ଘାଟର
# ସପ୍ତମାତୃକା

**ନାରାୟଣ ରାଉତରାୟ**
ଉପୁଲାଇ, ନଗୁଆଁ, ଯାଜପୁର
ଫୋନ: ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ



ଓଡିଶାର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ମାତୃକା ମୂର୍ତ୍ତୀଙ୍କ ମଧ୍ୟରେ ପର୍ଶୁରାମେଶ୍ୱର ମୁକ୍ତେଶ୍ୱର ମନ୍ଦିର, ରାଣୀପୁର ଝରିଆଲ୍ ମାର୍କଣ୍ଡେଶ୍ୱର ପୁଷ୍କରିଣୀ, ଶେରଗଡ ଓ ଯାଜପୁରର ଦଶାଶ୍ୱମେଧ ଘାଟରେ ଥିବା ସପ୍ତମାତୃକା ଅନ୍ୟତମ ।

ଯାଜପୁର ହେଉଛି ସର୍ବଧର୍ମର ସମନ୍ୱୟ । କିନ୍ତୁ ଯାଜପୁର ବିରଜାଙ୍କ ପାଇଁ ଶକ୍ତି କ୍ଷେତ୍ର ରୂପେ ଭାରତରେ ପ୍ରତିଷ୍ଠା ଲାଭ କରିଛି । ସର୍ବ ପ୍ରାଚୀନ ଦ୍ୱିଭୁଜା ମା ବିରଜା ଙ୍କୁ ବାଦ୍ ଦେଲେ ସହର ମଧ୍ୟରେ ଅନ୍ୟ ମାତୃକା ମାନେ ମଧ୍ୟ ପୂଜା ପାଉଛନ୍ତି । କିଏ ନଦୀ କୂଳେ ତ କିଏ ବୃକ୍ଷ ତଳେ, ଆଉ କିଏ ଗ୍ରାମଦେବତୀ ଭାବରେ ଗାଁର ଆରମ୍ଭ ହେଉ ବା ଶେଷ ମୁଣ୍ଡରେ । ବିରଜା କ୍ଷେତ୍ରକୁ ଆସୁଥିବା ପର୍ଯ୍ୟଟକ ମାନେ ମା ବିରଜାଙ୍କୁ ଦର୍ଶନ କରି, ଉପଯୁକ୍ତ ପଥ ପ୍ରଦର୍ଶକ ନ ପାଇ ନିରାଶରେ ଫେରି ଯାଉଛନ୍ତି । ସେମାନଙ୍କର ଆଢୁଆଳରେ ରହି ଯାଉଛି ଯାଜପୁରର ଅନେକ ଦେବାଦେବୀଙ୍କ ପ୍ରମୁଖ ପୀଠ । ବିରଜା କ୍ଷେତ୍ରରେ ସର୍ବେକ୍ଷଣ ସମୟରେ ଦେଖିବାକୁ ପାଇଥିଲି ବୈତରିଣୀ କୂଳରେ ଯଯାତିକେଶରୀ ଙ୍କ ସ୍ମୃତି ସ୍ମାରକ ଦଶାଶ୍ୱମେଧ ଘାଟ ନିକଟରେ ଏକ ଭଗ୍ନ ମନ୍ଦିର । ମନ୍ଦିର ଭିତରେ ଯାଇ ମାତୃକା ମାନଙ୍କୁ ଦେଖିବା କଷ୍ଟକର ହୋଇପଡିଛି । କାରଣ ମାତୃକା ମୂର୍ତ୍ତୀ ଗୁଡିକ ବସ୍ତ୍ର ଆବରଣରେ ଆବୃତ୍ତ ହୋଇ ରହିଛନ୍ତି । ପୂଜକକୁ ଦେଖି ମୂର୍ତ୍ତୀମାନଙ୍କ

ସମ୍ପର୍କରେ ପଚାରିବାରୁ ସେ କିଛି ପୌରାଣିକ ଉପାଖ୍ୟାନ ସମ୍ପର୍କରେ ମୋତେ ସମ୍ୟକ ଧାରଣା ଦେଲେ । ତାକୁ ହିଁ ଭିତ୍ତି କରି ମନରେ କୌତୁହଳ ଜାତ ହେଲା । ସେଦିନ ସେଠାରୁ ଫେରି ଅବଶୋଷ ମନରେ ଘାଂଟିଚକଟି ହେଉଥିଲି । 'ରେବତୀ'ର ସହଯୋଗୀ ସମ୍ପାଦକ କୃଷ୍ଣଭାଇ କିଛିଦିନ ତଳେ କଥା ଛଳରେ ଯାଜପୁରର ଶିବମନ୍ଦିର, ଦଶାଶ୍ୱମେଧଘାଟ, ସିଦ୍ଧେଶ୍ୱର ପରି ଅନେକ ପ୍ରାଚୀନ କୀର୍ତ୍ତିରାଜି ସମ୍ପର୍କରେ ଲେଖିବାକୁ ପ୍ରେରଣା ଦେଇଥିଲେ । ଭାବିଲି ପ୍ରଥମେ ସପ୍ତମାତୃକା ସମ୍ପର୍କରେ ଆଲେଖ୍ୟଟିଏ ଲେଖିବି । ତାପରେ କୃଷ୍ଣଭାଇଙ୍କ ଠାରୁ ଲେଖା ସମ୍ପର୍କରେ ଆଲୋଚନା କରି ସବୁଜ ସଙ୍କେତ ପାଇଲା ପରେ ବିଧିବଦ୍ଧ ଭାବେ ଲେଖା ପ୍ରସ୍ତୁତ ପାଇଁ ସକାଳୁ ସକାଳୁ ଯାଇ ଯାଜପୁରର ବୈତରଣୀ କୂଳର ଦଶାଶ୍ୱମେଧ ଘାଟରେ ପହଁଚିଲି । ମୁଁ ପହଁଚିଲା ବେଳକୁ ସପ୍ତମାତୃକା ମନ୍ଦିରର ପହୁଡ ଖୋଲା ଯାଇନଥାଏ । ତେଣୁ ବୈତରଣୀ ନଦୀର ଉତ୍ତର ପାର୍ଶ୍ୱରେ ଥିବା ବରାହ ମନ୍ଦିର, ନବଗ୍ରହମନ୍ଦିର, ମହାଶ୍ମଶାନ ଏବଂ ଏବେ ନିର୍ମାଣଧୀନ ସଂଗ୍ରହାଳୟ ଆଡେ ବୁଲିଫେରିଲା ବେଳକୁ ପହୁଡ ଖୋଲି ଯାଇଥିଲା । କିନ୍ତୁ ଆଗରୁ ଯେଉଁ ନନାଙ୍କୁ (ପୂଜକ) ଭେଟିଥିଲି ତାଙ୍କର ପୂଜାପାଳୀ ସେଦିନ ନଥିଲା । ଅନ୍ୟ ଜଣେ ପୂଜକଙ୍କୁ ଦେଖି ମନରେ ଶଙ୍କା ଜାତ ହେଲା । ଏକଥା ଭାବୁ ଭାବୁ ଓଡିଶାର ଜଣେ ପ୍ରଖ୍ୟାତ ଐତିହାସିକ ତଥା ଯାଜପୁର ସମ୍ପର୍କରେ ଗବେଷଣା କରି ଡକ୍ଟରେଟ୍ ପାଇଥିବା ଗବେଷକ ତଥା ମୋର ବନ୍ଧୁ ଏକାଦଶୀ ପାଢୀଙ୍କ ସହିତ ଦେଖା ହୋଇଗଲା ସେ ମଧ୍ୟ ସେଦିନ ଆସିଥିଲେ କେଉଁ ଏକ ପତ୍ରିକାକୁ ବରାହ ମନ୍ଦିର ଉପରେ ଆଲୋକପାତ କରିବାକୁ । ଦୁଇଜଣଙ୍କର କଥାବାର୍ତ୍ତା ଭିତରେ





ମୁଁ ମଧ୍ୟ ତାଙ୍କ ଠାରୁ ବରାହ ମନ୍ଦିର ସମ୍ପର୍କରେ କିଛି ଅବଗତ ହେଲି । ଦଶାଶ୍ୱମେଧ ଘାଟ ସମ୍ପର୍କରେ କିଛି ତଥ୍ୟ ମଧ୍ୟ ପାଇଲି । 'ରେବତୀ'ର ନିୟମିତ ପାଠକ ପାଠିକାଙ୍କ ପାଇଁ ସେ ସମ୍ପର୍କରେ ଆଲେଖ୍ୟଟିଏ ଲେଖିବାକୁ ପ୍ରୟାସ କରିଛି ।

### କିମ୍ବଦନ୍ତୀ

ବରାହ ପୁରାଣ ଅନୁଯାୟୀ ରୁଦ୍ର ଯେତେବେଳେ ତ୍ରିଶୂଳ ଦ୍ୱାରା ଅନ୍ଧକାସୁରକୁ ଆଘାତ କଲେ, ସେତେବେଳେ ଅନ୍ଧକାସୁର ଶରୀରରୁ ନିର୍ଗତ ପ୍ରତ୍ୟେକ ରକ୍ତ ବିନ୍ଦୁରୁ ଗୋଟିଏ ଗୋଟିଏ ନୂତନ ଅନ୍ଧକାସୁର ସୃଷ୍ଟି ହେଲେ । ରୁଦ୍ର ଏଥିରେ ଚକିତ ହୋଇ ନିଜ ତ୍ରିଶୂଳ ଅଗ୍ରରେ ଅନ୍ଧକାସୁରକୁ ଧାରଣ କରି ରଣାଙ୍ଗନରେ ପ୍ରଳୟକାଳୀନ ତାଣ୍ଡବ ନୃତ୍ୟ କଲେ । ବ୍ରହ୍ମା ବିଷ୍ଣୁ ସହିତ ଅନ୍ୟ ଦେବଗଣ ସୃଷ୍ଟି ହେଉଥିବା ପ୍ରତ୍ୟେକ ଅନ୍ଧକାସୁରକୁ ନିପାତ କରିବାକୁ ପ୍ରୟାସ କରିବାକୁ ଚେଷ୍ଟା କରିଥିଲେ ହେଁ ସମସ୍ତଙ୍କର ସମସ୍ତ ଚେଷ୍ଟା ବିଫଳ ହୋଇଥିଲା । ଏହାଦ୍ୱାରା କୋପରେ ଶିବଙ୍କ ତୃତୀୟ ନୟନରୁ ଅଗ୍ନି ଶିଖା ବହିର୍ଗତ ହୋଇ ଏକ ଦେବୀ ରୂପ ଧାରଣ କଲା । ଏହି ଦେବୀ ହେଲେ ଯୋଗେଶ୍ୱରୀ ପ୍ରଥମ ତଥା ପ୍ରଧାନ ମାତୃକା । ଏହାପରେ କ୍ରମେ ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର, ମହେଶ୍ୱର. ନରସିଂହ, କାର୍ତ୍ତିକେୟ ଆଦି ଦେବତାଙ୍କ ଶକ୍ତିରୁ ସପ୍ତମାତୃକା ସୃଷ୍ଟି ହେଲେ ।

### ଅବସ୍ଥିତି

ଦଶାଶ୍ୱମେଧ ଘାଟ ନିକଟରେ ଥିବା ସିଦ୍ଧ ଗଣେଶ ମନ୍ଦିରକୁ ଲାଗି ପୂର୍ବ ଦିଗରେ ସପ୍ତ ମାତୃକାଙ୍କ ମନ୍ଦିର ରହିଛି । ମନ୍ଦିରର ମୁଖ୍ୟ ଦ୍ୱାର ପଶ୍ଚିମ ଦିଗରେ । ଏହାବ୍ୟତୀତ ଉତ୍ତର ଦିଗକୁ ଆଉ ଛଅଟି ଦ୍ୱାର ରହିଛି । ସେସବୁ ଦ୍ୱାର ବହୁଦିନ ଧରି ବନ୍ଦ ରହୁଥିଲା ଏବେ କିନ୍ତୁ ସେଥି ମଧ୍ୟରୁ ଚାରିଟି ଦ୍ୱାର ଖୋଲା ଗଲାଣି । ଏହି ମନ୍ଦିରରେ ଥିବା ମାତୃକା ମୂର୍ତ୍ତିଗୁଡିକ ଦେଖିବାକୁ ଭୟଙ୍କର ଓ ବିକଳାଙ୍ଗ । ବୌଦ୍ଧଧର୍ମର ମହାଯାନ ପନ୍ଥୀ ମାନେ ଯେତେବେଳେ ତନ୍ତ୍ରଯାନରେ ପ୍ରବେଶ କଲେ ସେତେବେଳେ ପ୍ରଥମ ସ୍ୱର ଉତ୍କଳ ଭୂମିରୁ ସୃଷ୍ଟି ହୋଇଥିଲା । ତନ୍ତ୍ର ସାଧନା ପରେ ପରେ ମାତୃକା ଆରାଧନା ମଧ୍ୟ ତନ୍ତ୍ର ସାଧନାର ଏକ ଅଙ୍ଗ ହୋଇ ଉଠିଲା । ପ୍ରତି ପୀଠରେ ଏହି ମାତୃକା ମାନେ ଶକ୍ତି ରୂପେ ଅଧିଷ୍ଠିତା ହେଲେ । କିନ୍ତୁ ପରବର୍ତ୍ତୀ ସମୟରେ ପୀଠଦେବତାଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇବା ଯୋଗୁଁ ମାତୃକା ଉପାସନା ଅବହେଳିତ ହେଲା । ତଥାପି ତନ୍ତ୍ର ସାଧନାରେ ମାତୃକା ଶକ୍ତି ଆରାଧନାର ପୀଠ ରୂପେ ଯାଜପୁର କେଉଁକାଳରୁ ପ୍ରାଧାନ୍ୟ ଲାଭ କରିବା ସଙ୍ଗେ ସଙ୍ଗେ ଏବେ ବି ଯାଜପୁରରେ ମାତୃକା ଉପାସନା ପ୍ରଚଳିତ ଅଛି ।

### ୧. ଚାମୁଣ୍ଡା

ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କଲେ ଉତ୍ତରକୁ ମୁହଁ କରି ବସିଥିବା ଦେବୀଙ୍କ ନାମ ଚାମୁଣ୍ଡା । ପ୍ରେତସଂସ୍ଥା ଚ ଚାମୁଣ୍ଡା । ଏହି ଦେବୀ ପ୍ରେତାସନା ଏବଂ ପାଦପଦ୍ମତଳେ ଶାୟିତ ଅବସ୍ଥାରେ ରହିଛି ଏକ ପ୍ରେତ ବା ଶବର ମୂର୍ତ୍ତି । ଏହାଙ୍କର ଅନ୍ୟ ନାମ କାଳୀ । ଏହି ଦେବୀ ମହିଷାସୁର ନିଧନ ହେବା ପରେ ଶୁମ୍ଭ ଓ ନିଶୁମ୍ଭ ନାମକ ଦୁଇ ମହାଦାନବଙ୍କର ସେନାପତି ଚଣ୍ଡ ଓ ମୁଣ୍ଡ ନାମକ ଅସୁର ଦୁହିଙ୍କୁ ବଧ କରି ଦୁହିଙ୍କର ମସ୍ତକକୁ ଆଣି ଯୁଦ୍ଧରତା ସର୍ବଶକ୍ତିମୟୀ ଦୁର୍ଗାଙ୍କ ପାଦପଦ୍ମରେ ଉପହାର ଦେବାରୁ ଦେବୀ ସନ୍ତୁଷ୍ଟ ହୋଇ କହିଲେ, 'ଯସ୍ମାଚ୍ଚଣ୍ଡଂ ଚ ମୁଣ୍ଡଂ ଚ ଗୃହୀତ୍ୱା ତ୍ୱମୁପାଗତା । ଚାମୁଣ୍ଡେତି ତତୋ ଲୋକେ ଖ୍ୟାତା ଦେବି ଭବିଷ୍ୟସି ।' ଅର୍ଥାତ୍ ହେ ଦେବୀ ! ଯେ ହେତୁ ତୁମ୍ଭେ ଚଣ୍ଡ ଓ ମୁଣ୍ଡ ଅସୁରଙ୍କର ମୁଣ୍ଡଦୁଇଟିକୁ ଘେନି ଆସିଅଛି । ଏଣୁ ଏ ସଂସାରରେ ଆଜି ଠାରୁ ତୁମ୍ଭର ନାମ 'ଚାମୁଣ୍ଡା' ରୂପରେ ଖ୍ୟାତି ଲାଭ କରିବ । ସେହି ଦିନ ଠାରୁ ଏହାଙ୍କର ନାମ 'ଚାମୁଣ୍ଡା' ହୋଇଅଛି । ଚାମୁଣ୍ଡାଙ୍କର ପ୍ରଣାମମନ୍ତ୍ର: 'ଦଂଷ୍ଟ୍ରାକରାଳବଦନେ ଶିରୋମାଳା ବିଭୂଷଣେ । ଚାମୁଣ୍ଡେ ମୁଣ୍ଡମଥନେ ନାରାୟଣି ନମୋଽସ୍ତୁତେ ।'


www.bharatmasala.in
ଶାରଦୀୟ ଅଭିନନ୍ଦନ
JBSPL
BHARAT™
MASALA
AN ISO 9001 : 2015 & HACCP CERTIFIED COMPANY
THE TASTE OF NEW INDIA
BHARAT MASALA
JHAL LAL
Hot & Red Chilli Powder
Fresh Indian Spices
BHARAT MASALA
Turmeric Powder
مسحوق الكركم
Fresh Indian Spices
JAY BHARAT SPICES PVT. LTD.
Jagatpur, Cuttack - 754021, Odisha (INDIA)
18003451138 (Toll Free) jbspl@bharatmasala.in

## ୨. ବରାହୀ

ମନ୍ଦିରର ଦ୍ୱିତୀୟ ସ୍ଥାନରେ ଥିବା ମାତୃକା ବାରାହୀ ନାମରେ ପରିଚିତ । ବାରାହୀ-'ବାରାହୀ ମହିଷାସନା' । 'ଯଜ୍ଞ ବାରାହ ମୁତୁଳଂ ରୂପଂ ଯା ବିଭ୍ରତୋ ହରେଃ । ଶକ୍ତିଃ ସାପ୍ୟାଯଯୌ ତନ୍ତ ବାରାହୀଂ ବିଭ୍ରତୀ ତନ୍ତୁମ୍ ।' ଏହି ଦେବୀବରାହୀ ରକ୍ତବୀର୍ଯ୍ୟ ବଧ ସମୟରେ ସର୍ବଶକ୍ତିମୟୀ ଦେବୀ ଦୁର୍ଗାଙ୍କ ଶରୀରରୁ ଆବିର୍ଭୂତ ହୋଇଛନ୍ତି । ଦେବୀ ମହିଷ ବାହନା । ଏହାଙ୍କ ପାଦ ତଳେ ମହିଷଟିଏ ଅଛି । ଏହି ଦେବୀ ଯଜ୍ଞବରାହ ରୂପଧାରୀ ଭଗବାନ୍ ବରାହଙ୍କର ଶକ୍ତି ବାରାହୀ ରୂପ ଧାରଣ କରି ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ଦେବୀଙ୍କର ପ୍ରଣାମ ମନ୍ତ୍ର: 'ଗୃହୀତୋଗ୍ର ମହାଚକ୍ରେ ଦଂଷ୍ଟ୍ରୋଦ୍ଧୃତ ବସୁନ୍ଧରେ । ବରାହ ରୂପିଣୀ ଶିବେ ନାରାୟଣୀ ନମୋଽସ୍ତୁତେ ।'

## ୩. ଇନ୍ଦ୍ରାଣୀ

ତୃତୀୟ ସ୍ଥାନରେ ଥିବା ମୂର୍ତ୍ତି, ଇନ୍ଦ୍ରାଣୀ /ଐନ୍ଦ୍ରୀ ଗଜସମାରୂଢା ବା ଗଜବାହନା । ଏହାଙ୍କ ପାଦ ତଳେ ଗଜଟିଏ ଅଛି ।



'ବଜ୍ରହସ୍ତା ତଥୈବୈନ୍ଦ୍ରୀ ଗଜରାଜୋପରିସ୍ଥିତା । ପ୍ରାପ୍ତା ସହସ୍ରନୟନା ଯଥା ଶକ୍ରସ୍ତଥୈବ ସା' ।' ବଜ୍ରାୟୁଧ ଧାରୀ ଇନ୍ଦ୍ରଙ୍କର ଶକ୍ତି ସ୍ୱରୂପା ଏହି ଦେବୀ ଐନ୍ଦ୍ରୀ ବା (ଇନ୍ଦ୍ରାଣୀ) ନାମରେ ବିଦିତ । ସହସ୍ର ନୟନ ଶୋଭିତ ଇନ୍ଦ୍ରଙ୍କ ପରି ଐରାବତ ଗଜାରୋହଣ ପୂର୍ବକ ବଜ୍ରଯୁଧ ଧାରଣ କରି ରଣ କ୍ଷେତ୍ରରେ ଉପସ୍ଥିତ ହୋଇଥିଲେ । ଏହି ଦେବୀଙ୍କ ପ୍ରଣାମ ମନ୍ତ୍ର : 'ରୀଟିନି ମହାବଜ୍ରେ ସହସ୍ର ନୟୋନୋଜ୍ଜ୍ୱଳେ । ବୃତ୍ର ପ୍ରାଣହରେ ଚୈନ୍ଦ୍ରି ନାରାୟଣୀ ନମୋଽସ୍ତୁତେ ।'

## ୪. ବୈଷ୍ଣବୀ

ଚତୁର୍ଥ ସ୍ଥାନରେ ଥିବା ମୂର୍ତ୍ତି ବୈଷ୍ଣବୀ । 'ବୈଷ୍ଣବୀ ଗରୁଡାସନା' /ଗରୁଡ ବାହାନା ଏହି ଦେବୀ ବୈଷ୍ଣବୀ । ତଥୈବ ବୈଷ୍ଣବୀ ଶକ୍ତି ର୍ଗରୁଡୋପରି ସଂସ୍ଥିତା । ଶଙ୍ଖଚକ୍ର ଗଦା ଶାର୍ଙ୍ଗ ଖଡ୍ଗ ହସ୍ତା ଭ୍ୟରୂପା ଯଯୌ ।' ଗରୁଡାବାହାନା ଏହି ଦେବୀ ବିଷ୍ଣୁଙ୍କର ଶକ୍ତି ସ୍ୱରୂପା । ଦେବି ବୈଷ୍ଣବୀ ଶଙ୍ଖ, ଚକ୍ର, ଗଦା, ଶାର୍ଙ୍ଗ(ଧନୁ) ଓ ଖଡ୍ଗ ଆୟୁଧମାନ ଧାରଣ କରି ଯୁଦ୍ଧଭୂମିକୁ ଆସିଥିଲେ । ପ୍ରଣାମ ମନ୍ତ୍ର: 'ଶଙ୍ଖ ଚକ୍ର ଗଦା ଶାର୍ଙ୍ଗ ଗୃହୀତ ପରମାୟୁଧେ । ପ୍ରସୀଦ ବୈଷ୍ଣବୀ ରୂପେ ନାରାୟଣୀ ନମୋ ଽସ୍ତୁତେ ।'

## ୫. ବ୍ରାହ୍ମୀ/ବ୍ରହ୍ମାଣୀ

ପଂଚମ ସ୍ଥାନରେ ଥିବା ମୂର୍ତ୍ତି ବ୍ରାହ୍ମୀ / ବ୍ରାହ୍ମଣୀ । 'ବ୍ରାହ୍ମୀ ହଂସସମାରୂଢା ।' 'ହଂସଯୁକ୍ତ ବିମାନାଗ୍ରେ ସାକ୍ଷସୂତ୍ର କମଣ୍ଡଳୂଃ । ଆୟାତା ବ୍ରହ୍ମଣଃ ଶକ୍ତି ବ୍ରହ୍ମାଣୀ ସାଭିଧୀୟତେ ।' ରଥ ଚୂଡାରେ ହଂସଶୋଭା ପାଉଥିବା (ହଂସକେତନ) ବିମାନରେ ବସି ବ୍ରହ୍ମାଙ୍କର ଶକ୍ତି ବ୍ରାହ୍ମଣୀ ( ବ୍ରାହ୍ମୀ ଅକ୍ଷସୂତ୍ର ରୁଦ୍ରାକ୍ଷମାଳା ) ଓ କମଣ୍ଡଳୂ ହସ୍ତରେ ଧାରଣ କରି ସମର ପ୍ରାଙ୍ଗଣରେ ଉପସ୍ଥିତ ହୋଇଥିଲେ । ଏହି ଦେବୀ ବୁଢୀଟିଏ ବସିଲା ଭଳି ଦୁଇ ଆଣ୍ଠୁ ଟେକି ବସି ଅଛନ୍ତି । ଦେବୀଙ୍କ ପ୍ରଣାମ ମନ୍ତ୍ର : 'ହଂସଯୁକ୍ତ ବିମାନସ୍ଥେ ବ୍ରହ୍ମଣୀ ରୂପ ଧାରିଣୀ । କୌଶାମ୍ଭଃକ୍ଷରିକେ ଦେବି ନାରାୟଣି ନମୋ ଽସ୍ତୁତେ ।'

## ୬. କୌମାରୀ

ଷଷ୍ଠ ସ୍ଥାନରେ ଥିବା ମୂର୍ତ୍ତିଟି କୌମାରୀ । କୌମାରୀ ଶିଖିବାହାନା/ମୟୂର ବାହାନା । ଦେବୀଙ୍କ ପାଦ ତଳେ ମୟୂରଟିଏ ଶୋଭା ପାଉଛି । ଏହି ଦେବୀ କୁମାର ବା କାର୍ତ୍ତିକେୟଙ୍କ ଶକ୍ତି କୌମାରୀ ଅଟନ୍ତି । 'କୌମାରୀ ଶକ୍ତିହସ୍ତାଂ ଚ ମୟୂର ବରବାହାନା । ଯୋଦ୍ଧୁ ମଭ୍ୟାୟଯୌ ଦୈତ୍ୟାନମ୍ବି ବା ଗୁହରୂପିଣୀ ।' ଅର୍ଥାତ କର୍ତ୍ତିକେୟଙ୍କର ଶକ୍ତି ସ୍ୱରୂପା ଦେବି କୌମାରୀ, ଦୈତ୍ୟ ମାନଙ୍କୁ ବିନାଶ କରିବା ପାଇଁ ଆୟୁଧ ଧାରଣ କରି ମୟୂର ବାହାନରେ ଯୁଦ୍ଧ ଭୂମିରେ ଉପସ୍ଥିତ ହୋଇଥିଲେ । ପ୍ରଣାମ ମନ୍ତ୍ର: ମୟୂର କୁକ୍କୁଟ ବୃତ୍ତେ ମହାଶକ୍ତି ଧରେଽନଘେ । କୌମାରୀ ରୂପ ସଂସ୍ଥାନେ ନାରାୟଣୀ ନମୋଽସ୍ତୁତେ ।'

## ୭. ମାହେଶ୍ୱରୀ

ସପ୍ତମ ସ୍ଥାନରେ ଥିବା ମୂର୍ତ୍ତିଟି ମାହେଶ୍ୱରୀ । 'ମାହେଶ୍ୱରୀ ବୃଷାରୂଢା / ବୃଷଭ ବାହନା ।' ଏହି ଦେବୀଙ୍କ ପାଦ ତଳେ ବୃଷଭଟିଏ ଶୋଭା ପାଉଛି । 'ମାହେଶ୍ୱରୀ ବୃଷାରୂଢା ତ୍ରିଶୁଳ ବର ଧାରିଣୀ । ମହାହି ବଳୟା ପ୍ରାପ୍ତା ଚନ୍ଦ୍ରରେଖା ବିଭୂଷଣା ।' ମହେଶ୍ୱର ଅର୍ଥାତ୍ ଶିବଙ୍କର ଶକ୍ତିରୂପା ବୃଷଭ ବାହାନା, ସେର୍ବୋତ୍ତମା ତ୍ରିଶୁଳଧାରିଣୀ, ସର୍ପରାଜ ବାସୁକିଙ୍କୁ ବଳୟ ବା କରକଙ୍କଣ ରୂପରେ ଧାରଣକରି ଚନ୍ଦ୍ରଚୂଡା ଏହି ଦେବୀ ମାହେଶ୍ୱରୀ ଅଟନ୍ତି । ପ୍ରଣାମ ମନ୍ତ୍ର: ତ୍ରିଶୁଳ ଚନ୍ଦ୍ରାହିଧରେ



ମହାବୃଷଭବାହିନି । ମାହେଶ୍ୱରୀ  ସ୍ୱରୂପେଣ ନାରାୟଣୀ ନମୋଽସ୍ତୁତେ ।'

## ୮. ନାରସିଂହୀ

ଅଷ୍ଟମ ସ୍ଥାନରେ ଅର୍ଥାତ ସର୍ବଶେଷରେ ପୂର୍ବଭାଗ କାନ୍ଥ ପାଖକୁ ଲାଗି ରହିଥିବା ମୂର୍ତ୍ତିଟି ନାରସିଂହୀ । ମହାବୀର୍ଯ୍ୟବତୀ ଏହି ଦେବୀ ନୃସିଂହଙ୍କର ଶକ୍ତି ନାରସିଂହୀ ଅଟନ୍ତି । 'ନାରସିଂହୀ ମହାବୀର୍ଯ୍ୟା । ନାରସିଂହୀ ନୃସିଂହସ୍ୟ  ବିଭ୍ରତୀ ସଦୃଶଂ ବପୁଃ । ପ୍ରାପ୍ତା ତତ୍ର ସଟାକ୍ଷେପ- କ୍ଷିପ୍ତନକ୍ଷତ୍ର ସଂହତି ।' ନୃସିଂହ ସଦୃଶ ଶରୀର ଧାରଣ କରି ସଟା ବା କେଶର ସମୂହରେ ଆକାଶରୁ ନକ୍ଷତ୍ରମାନଙ୍କୁ ଅପସାରଣ କରୁଥିବା ଏହି ଭୟଙ୍କରୀ ମୂର୍ତ୍ତି ନାରସିଂହୀ  ଅଟନ୍ତି । ପ୍ରଣାମ ମନ୍ତ୍ର : 'ନୃସିଂହ ରୂପେଣୋଗ୍ରେହ ହନ୍ତୁଂ ଦୈତ୍ୟାନ୍ କୃତୋଦ୍ୟମେ/ ତ୍ରୈଲୋକ୍ୟତ୍ରାଣସହିତେ ନାରାୟଣି ନମୋଽସ୍ତୁତେ ।'

## ମାତୃକାଙ୍କ ରୂପ ବର୍ଣ୍ଣନା

**ବ୍ରାହ୍ମୀ:** ଏହି ମୂର୍ତ୍ତି ପୂର୍ବ, ଉତ୍ତର, ଦକ୍ଷିଣକୁ ତିନୋଟି ମୁଣ୍ଡ କରିଥାଏ ଦୁଇଟି ହାତ । ଦକ୍ଷିଣ ହସ୍ତରେ ଅଭୟ ଦାନର ଲକ୍ଷଣ ଓ ବାମ ହାତରେ କୋଳରେ ଶିଶୁ । ବାମ ଜାନୁ ମାଡି ଦକ୍ଷିଣ ଜାନୁ ଲମ୍ୱାଇ ଅଛି । ହଂସର ସାନବାହନଟି ତଳେ ଥାଏ ।

**ମାହେଶ୍ୱରୀ:** ଚାରିଗୋଟି ହାତ । କୋଳରେ ଶିଶୁ । ଊର୍ଦ୍ଧ୍ୱ ହସ୍ତ ଦ୍ୱୟରେ ଡମ୍ବରୁ ଓ ଖଣ୍ଡା । ଏହି ମୂର୍ତ୍ତିଟିରେ ଏକ ପକ୍ଷରେ ମାତୃଭାବ – ଅପର ପକ୍ଷରେ ରଣରଙ୍ଗିନୀ ଭାବ ପ୍ରକାଶ ପାଇଛି ।

**କୌମାରୀ:** ଏହାର ଗଠନ ମାହେଶ୍ୱରୀ ମୂର୍ତ୍ତି ତୁଲ୍ୟ ହେଲେ ସୁଦ୍ଧା ଏହାର ମୁଖରେ ହାସ୍ୟ ଭାବ ପ୍ରକାଶ ପାଇଛି ।

**ବୈଷ୍ଣବୀ:** ଏହି ମୂର୍ତ୍ତି ହାର, କେୟୂର, ଅଳଙ୍କାରରେ ବିଭୂଷିତ । ଶଙ୍ଖ, ଚକ୍ର, ଗଦା ଏହି ମୂର୍ତ୍ତି ସହ ରହିଚି । ଏହି ମୂର୍ତ୍ତି କୋଳରେ ଶିଶୁ ରହିଛି ।


**ବାରାହୀ:** ଏହି ମୂର୍ତ୍ତିର ମୁଖ ବରାହ ପରି ହୋଇଥିବାରୁ ଏହାକୁ ବାରାହୀ ଓ ଅନୁସୂୟା କୁହାଯାଏ । ଏହା ଚତୁର୍ଭୁଜ ମୂର୍ତ୍ତି । ବୃଷଭ ବାହିନୀ ଏହି ଦେବୀ । ଶିଶୁ ସହିତ ହାତଗୁଡିକରେ ଅଭୟ, ଡମ୍ବରୁ, କଡ୍ଗ ରହିଛି ।

**ଇନ୍ଦ୍ରାଣୀ:** ଏହା ଗଜ ବାହିନୀ, ଚତୁର୍ଭୁଜା ମୂର୍ତ୍ତି । ବାମ କୋଡରେ ଶିଶୁ ରହିଥାଏ । ମୁଖ ହସ ହସ ଦେଖାଯାଏ ।

**ଚାମୁଣ୍ଡା:** ସପ୍ତମାତୃକା ମଧ୍ୟରେ ଏହି ମୂର୍ତ୍ତିଟି ସବୁଠାରୁ ଭୟଙ୍କର ମୂର୍ତ୍ତି । ଓଲଟ ପଦ୍ମାସନରେ ମୃତ ମନୁଷ୍ୟ ଉପରେ ଦକ୍ଷିଣ ଗୋଡ ମାଡି, ବାମ ଗୋଡ ଲମ୍ୱାଇ ବସିଥିବାର ଦେଖାଯାଏ । ଆଖି ଗୁଡିକ କ୍ରୋଟ ବିତରକୁ ପଶି ଯାଇଥାଏ । ଦାନ୍ତଗୁଡିକ ମୁକ୍ତ ଓ ଜିହ୍ୱା ବାହାରକୁ ବାହାରି ଥାଏ । ବେକରେ ମୁଣ୍ଡର ମାଳା ଶୋଭା ପାଏ । ଏହି ମୂର୍ତ୍ତି ଦକ୍ଷିଣ ହସ୍ତରେ ଖଣ୍ଡା, ବାମ ହସ୍ତରେ ତ୍ରିଶୂଳ, ଅନ୍ୟ ଦୁଇ ହସ୍ତରେ ମନୁଷ୍ୟ ମୁଣ୍ଡ ଓ ପାତ୍ର ଧାରଣ କରିଥାଏ । ମୁଣ୍ଡରେ ଜଟା ଓ କିରୀଟ ଥାଏ । ଏହି ମୂର୍ତ୍ତିକୋଳରେ ଶିଶୁ ନାହିଁ । ଯାଜପୁରରେ ବୃହତ୍କାୟ ଏହି ଚାମୁଣ୍ଡା ମୂର୍ତ୍ତି ଏସ.ଡି.ଓ. ହତାରେ ଅଛି । ଏହି ମୂର୍ତ୍ତିଟିକୁ ମନମୋହନ ଚକ୍ରବର୍ତ୍ତୀ ଯାଜପୁରରେ ଏସ.ଡି.ଓ ହତାରେ  ଥିବା ଅବସ୍ଥାରେ ସଂରକ୍ଷଣ କରିଥିଲେ ।



ଶିବଦୂତୀ ବା ଯମମାତା– ଏହା ଚାମୁଣ୍ଡା ମୂର୍ତ୍ତିତୁଲ୍ୟା ଭୟଙ୍କର ମୂର୍ତ୍ତି ।



**ନାରସିଂହୀ:** ଏହି ମୂର୍ତ୍ତିଟିର ମୁହଁ ସିଂହ ପରି । ଅନ୍ୟ ମାତୃ ମୂର୍ତ୍ତି ପରି ଏହା ନିର୍ମିତ ।

ଶାକ୍ତକ୍ଷେତ୍ର ଯାଜପୁରରେ ବହୁ ଦିନରୁ ମାତୃକା ପୂଜା ପ୍ରଚଳିତ ହୋଇ ଆସୁଛି । ମିଳୁଥିବା ମାତୃକା ମୂର୍ତ୍ତିଗୁଡିକୁ ଦେଖିଲେ ଜଣାଯାଏ, ଏଠାରେ ଦୁଇଟି ସପ୍ତ ମାତୃକା ସେଟ୍ ଥିଲା । କାରଣ ଦଶାଶ୍ୱମେଧ ଘାଟର ମୂର୍ତ୍ତି ଗୋଟିଏ ସେଟ୍‌ର ଓ ମୂର୍ତ୍ତିଗୁଡିକ ବିକ୍ଷିପ୍ତ ହୋଇ ପଡିଛନ୍ତି । ଏହି ମୂର୍ତ୍ତି ମଧ୍ୟରୁ ତିନିଗୋଟି ମାତୃକ ମୂର୍ତ୍ତି ଯାଜପୁର ଉପଜିଲ୍ଲାପାଳଙ୍କ ସରକାରୀ ବାସ ଭବନ ହତାରେ ସଂରକ୍ଷିତ କରି ରଖା ଯାଇଛି । ତଥାପି ଯାଜପୁରରେ ସପ୍ତ ମାତୃକାଙ୍କ ଏକ ତୃତୀୟ ସେଟ୍ ଥିବା ଅନୁମାନ କରାଯାଉଛି, କାରଣ ଚାମୁଣ୍ଡାଙ୍କ ଅନ୍ୟ ଏକ ମୂର୍ତ୍ତି ଯାହାକି ଯାଜପୁର ଉପକଣ୍ଠ ଜାଉଁଳିବନ୍ଧ ଠାରେ ରହିଛି, ତାହା କଦାପି ଏକ ଅସଂଲଗ୍ନ ମୂର୍ତ୍ତି ହୋଇନପାରେ । ଖ୍ରୀଷ୍ଟିୟ ପଂଚଦଶ ଓ ଷୋଡଶ ଶତାବ୍ଦୀରେ ଯାଜପୁରର ବହୁ ମନ୍ଦିର ଓ ମୂର୍ତ୍ତି ସବୁଦିନ ପାଇଁ ଧ୍ୱଂସ କରିଦିଆ ଯାଇଥିଲା । ଯାଜପୁରର ମୂର୍ତ୍ତି ଓ କୀର୍ତ୍ତି ସମୂହ ଏକଦା ସମୃଦ୍ଧର ଶୀର୍ଷରେ ପହଁଚିଥିଲା । ଏବେ ମିଳୁଥିବା ମାତୃକା ମୂର୍ତ୍ତି  ମଧ୍ୟ ବହୁ ବର୍ଷ ଧରି ଫକୀର ସୟଦ ବୁଖାରିଙ୍କ ସ୍ମୃତି ସ୍ତମ୍ଭର ପାର୍ଶ୍ୱବର୍ତ୍ତୀ ମଣ୍ଡପର ପଛପଟେ ଥିବା ଅଳିଆଗଦା ଉପରେ ଓଲଟପାଲଟ ହୋଇ ପଡିଥିଲା । କିଟୋ ସାହେବ ପ୍ରଥମେ ମୂର୍ତ୍ତିଗୁଡିକୁ ଦେଖିଲେ ଓ ପରେ ଯୋସେଫ ଆର୍ମହଟ୍‌ଙ୍କ ସେଗୁଡିକୁ ଉପଜିଲ୍ଲାପାଳଙ୍କ ହତାରେ ସଂରକ୍ଷିତ କରି ରଖିଥିଲେ ।

ଯାଜପୁରରେ ଚାମୁଣ୍ଡାଙ୍କର ସ୍ୱତନ୍ତ୍ର ମନ୍ଦିର ନଥିବାରୁ ବର୍ତ୍ତମାନ ତିନୋଟି ଚାମୁଣ୍ଡା ମୂର୍ତ୍ତି ଦୃଷ୍ଟିଗୋଚର ହେଉଥିବାରୁ ଏବଂ ଗୋଟିଏ ମାତୃକା ସେଟ୍ ପୂର୍ଣ୍ଣ ଭାବରେ ତଥା ଅନ୍ୟ ସେଟ୍‌ଟି ଅପୂର୍ଣ୍ଣ ଭାବରେ ପ୍ରାପ୍ତ ହୋଇଥିବାରୁ ଜାଉଁଳିବନ୍ଧରେ ମିଳୁଥିବା ଚାମୁଣ୍ଡା ମୂର୍ତ୍ତି ନିଶ୍ଚୟ ଏକ ତୃତୀୟ  ସେଟ୍‌ର ଅନ୍ତର୍ଗତ ବୋଲି ଧାରଣା

ଦୃଢ ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ, ଦଶାଶ୍ୱମେଧ ଘାଟ ନିକଟରେ ପୂଜା ପାଉଥିବା ସପ୍ତ ମାତୃକା ମୂର୍ତ୍ତି ସହ ପୂର୍ବରୁ ଯେଉଁ ପ୍ରାଚୀନ ମନ୍ଦିରରେ ଶୋଭା ପାଉଥିଲେ ସେହି ମନ୍ଦିର ମୋଗଲ ରାଜତ୍ୱ ସମୟରେ ବିଧ୍ୱସ୍ତ ହୋଇଥିଲା ଓ ମୁର୍ତ୍ତିଗୁଡ଼ିକୁ ବୈତରଣୀ ନଦୀରେ ପକାଇ ଦିଆ ଯାଇଥିଲା । ପରେ କଟକର ଜଣେ ମହାଜନ ମୂର୍ତ୍ତିଗୁଡ଼ିକୁ ବାଲୁକା ରାଶିରୁ ଉଦ୍ଧାର କରି ଥିଲେ ଓ ମନ୍ଦିର ନିର୍ମାଣ କରାଇ ତହିଁରେ ମୂର୍ତ୍ତି ପ୍ରତିଷ୍ଠା କରାଇଥିଲେ । ଏହି ରୀତିରେ ଅନ୍ୟ ମାତୃକ ମୂର୍ତ୍ତିଗୁଡ଼ିକ ଏବେ ମଧ୍ୟ ମାଟିତଳେ ବା ବାଲୁକା ଶଯ୍ୟାରେ ପୋତି ହୋଇ ରହିଥିବା ଅସମ୍ଭବ ନୁହେଁ ।



## ମାତୃକାକୁ କାହିଁକି ପୂଜା କରାଯାଏ

ପୌରାଣିକ କିମ୍ବଦନ୍ତୀରୁ ଜଣାପଡେ ଏକଦା ଛଅ ଜଣ ଋଷି ପତ୍ନୀ ମିଛରେ ନିଜକୁ କାର୍ତ୍ତୀକେୟଙ୍କ ମାଆ ଭାବରେ ପରିଚୟ ଦେଇଥିବାରୁ ନିଜ ନିଜର ସ୍ୱାମୀମାନଙ୍କ ଠାରୁ ନିର୍ଯ୍ୟାତିତା ଓ ପରିତ୍ୟକ୍ତା ହୋଇଥିଲେ । ଏହାପରେ ସେମାନେ କାର୍ତ୍ତିକେୟଙ୍କୁ ନିଜର ଦୁଃଖ ଜଣାଇଲେ । ସେମାନଙ୍କ ମାଆ ଭାବରେ ଗ୍ରହଣ କରିବାକୁ ଅନୁରୋଧ କଲେ । କାର୍ତ୍ତିକେୟ ସେମାନଙ୍କୁ ମାଆ ଭାବେ ଗ୍ରହଣ କଲେ । ଏକଥା ଶୁଣି ଋଷି ପତ୍ନୀଗଣ କହିଥିଲେ ଆମେ ବିଶ୍ୱରେ ପ୍ରମୁଖ ଦେବୀ ଭାବେ ପୂଜା ପାଇବୁ । ମନୁଷ୍ୟଙ୍କ ନବଜାତ ସନ୍ତାନଙ୍କୁ ବିନାଶ କରିବୁ । ଏକଥାକୁ କାର୍ତୀକେୟ ପ୍ରଥମ ସର୍ତ୍ତକୁ ମାନିନେଲେ । ଦ୍ୱିତୀୟ ସର୍ତ୍ତକୁ ବିନାଶ ପରିବର୍ତ୍ତେ ରକ୍ଷା କରିବାକୁ ସେମାନଙ୍କୁ କହିଲେ । ମାତୃକା ମାନେ ଏ କଥାରେ ରାଜି ହେବା ସଙ୍ଗେ ସଙ୍ଗେ ଷୋହଳ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ସେମାନେ ବିଭିନ୍ନ ପ୍ରକାରର ପୀଡା ଦେବାକୁ ସର୍ତ୍ତ ରଖିଲେ । ପିଲାଙ୍କୁ ମାତୃକାମାନଙ୍କ ପୀଡାରୁ ରକ୍ଷା କରିବା ପାଇଁ ପ୍ରାୟତଃ ମାଆ ମାନେ ସପ୍ତ ମାତୃକା ପୂଜା କରିଥାଆନ୍ତି ।

## କେଉଁ ସ୍ଥାନରେ ସପ୍ତ ମାତୃକା ଉପାସନା ହୁଏ


ଜଗତସିଂହପୁର ଜିଲ୍ଲା ସବ୍‌ଡିଭିଜନର ଅଳକାନନ୍ଦୀ ନିକଟସ୍ଥ ସଂଲପୁର ଗ୍ରାମର ସପ୍ତମାତୃକା ମନ୍ଦିରରେ ବୀରେଶ୍ୱର (ବୀରଭଦ୍ର) ଓ ଗଣେଶଙ୍କ ସହ ସପ୍ତମାତୃକା ଉପାସିତ ହେଉଛନ୍ତି । ଏ ମୂର୍ତ୍ତିମାନଙ୍କ ହସ୍ତରେ ଶିଶୁଥିବାରୁ ପୁରୀର ସାତଭଉଣୀଙ୍କ ସହ ଏମାନଙ୍କର ସାମ୍ୟ ପରିଲକ୍ଷିତ ହୁଏ । ଏହି ମୂର୍ତ୍ତିଙ୍କର ସମସାମୟିକ ବୈଷ୍ଣବୀ, ବରାହୀ, ଇନ୍ଦ୍ରାଣୀ ଓ ଚାମୁଣ୍ଡା ଆଦି ଚାରୋଟି ସପ୍ତମାତୃକାଙ୍କୁ ଧର୍ମଶାଳା ଠାରୁ ସଂଗ୍ରହ କରାଯାଇ ଓଡିଶା ମ୍ୟୁଜିୟମରେ ସଂରକ୍ଷିତ କରା ଯାଇଛି । କଟକ ଜିଲ୍ଲାର କୁଣ୍ଡେଶ୍ୱର ଠାରେ ସପ୍ତମାତୃକା ମୂର୍ତ୍ତି ମଧ୍ୟ ଦେଖା ଯାଆନ୍ତି ।

ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଭାଗରେ ନିର୍ମିତ ବାଲେଶ୍ୱର ଜିଲ୍ଲାର ଶେରଗଡ ଠାରେ ଥିବା ସପ୍ତମାତୃକା ବିଗ୍ରହଙ୍କ ସହିତ ହର ଓ ପାର୍ବତୀ ମୂର୍ତ୍ତି ପୂଜା ପାଉଛନ୍ତି । କେବଳ ସେତିକି ନୁହେଁ ବଲାଙ୍ଗୀର ଜିଲ୍ଲାର ରାଣୀଝରିଆଲ ଠାରେ ଥିବା ଚୌଷଠୀ ଯୋଗିନୀ ମନ୍ଦିର ଓ ଟିଟିଲାଗଡରେ ମଧ୍ୟ ସପ୍ତମାତୃକା ବିଗ୍ରହ ଦେଖାଯାଏ । ଏତଦ୍‌ବ୍ୟତୀତ କଳାହାଣ୍ଡି ଜିଲ୍ଲାର ବେଲଖଣ୍ଡି ଗ୍ରାମ ନିକଟସ୍ଥ ତେଲନଦୀର ଅବବାହିକାରେ ଗୋଟିଏ ସପ୍ତମାତୃକା ମନ୍ଦିର ମଧ୍ୟ ଅଛି । ଏହି ମନ୍ଦିରରେ ଥିବା ସପ୍ତମାତୃକାଙ୍କର ପୁରୀ ଓ ଯାଜପୁରରେ ଥିବା ବିଗ୍ରହଙ୍କ ସହ ବହୁସାମ୍ୟ ରହିଛି । ଏହି ମନ୍ଦିରରେ କୌମାରୀ, ମାହେଶ୍ୱରୀ, ବ୍ରାହ୍ମଣୀ, ବୈଷ୍ଣବୀ, ବରାହୀ, ଇନ୍ଦ୍ରାଣୀ ଓ ଚାମୁଣ୍ଡା ଆଦି ବିଗ୍ରହ ଅଛନ୍ତି ।

ପୁରୀର ମାର୍କଣ୍ଡେଶ୍ୱର ସାହିସ୍ଥ ମାର୍କଣ୍ଡେଶ୍ୱର ମନ୍ଦିରର ପୂର୍ବ ପାଖରେ ଗୋଟିଏ ସପ୍ତମାତୃକା ମନ୍ଦିର ଅଛି । ଏହାକୁ ସାତଭଉଣୀ ମନ୍ଦିର ବୋଲି କୁହାଯାଏ । ମାଦଳାପାଞ୍ଜିରୁ ଜଣାଯାଏ ଯେ ଏହି ମନ୍ଦିର ବୀମକେଶରୀଙ୍କ ସମୟରେ ନିର୍ମିତ ହୋଇଥିଲା । ଏଠାରେ ଥିବା ଚାମୁଣ୍ଡା ମୂର୍ତ୍ତି ବ୍ୟତୀତ ଅନ୍ୟ ସମସ୍ତ ମୂର୍ତ୍ତି ହାତରେ ଗୋଟିଏ ଲେଖାଏଁ ଶିଶୁଙ୍କୁ ଧାରଣ କରିଛନ୍ତି । କଳା କୌଶଳ ଦୃଷ୍ଟିରୁ ପୁରୀ, ବଲାଙ୍ଗୀର ଓ ଯାଜପୁର ବିଗ୍ରହଙ୍କ ମଧ୍ୟରେ ବହୁସାମ୍ୟ ପରିଲକ୍ଷିତ ହେଉଥିବାର ଆର.ପି.ଚନ୍ଦ, ଆର.ଡି. ବାନାର୍ଜୀ ଓ ଡକ୍ଟର ହରେକୃଷ୍ଣ ମହତାବ ଆଦି ଖ୍ୟାତନାମା ଐତିହାସିକମାନେ ଏହି ତିନି ସ୍ଥାନର ବିଗ୍ରହମାନେ ଏକ ସମୟର ବୋଲି ମତ ଦିଅନ୍ତି । ପୁରୀ ଜିଲ୍ଲାର ଭରବଙ୍କନସ୍ୱର କପାଳିନୀ, ମୋହିନି, ଉତ୍ତରାୟଣୀ, ଗୌରୀ, ରାମାୟଣୀ ଓ ଦକ୍ଷିନଚଣ୍ଡୀ ମନ୍ଦିରଗୁଡିକ ବହୁ ପ୍ରାଚୀନ ଶାକ୍ତପୀଠ ରୂପେ ବିଖ୍ୟାତ । ଏଥିମଧ୍ୟରୁ କପାଳିନୀ, ମୋହିନୀ, ଉତ୍ତରାୟାଣୀ ଓ ଗୌରୀ ମନ୍ଦିର ଖ୍ରୀ. ୮ମ ଶତାବ୍ଦୀରେ ପ୍ରତିଷ୍ଠିତ । ଭୁବନେଶ୍ୱରସ୍ଥ କପାଳିନୀ ମନ୍ଦିରରେ ଥିବା କପାଳିନୀ ଦେବୀ ହେଉଛନ୍ତି ଚାମଣ୍ଡା ମୂର୍ତ୍ତି ବିଶେଷ । ଏହି ମନ୍ଦିରରେ ଥିବା ଅନ୍ୟ ଷୋଳଗୋଟି ମୂର୍ତ୍ତି ବୋଲି ସ୍ପଷ୍ଟ ସୂଚିତ ହୁଏ । ଏପରିକି ଖ୍ରୀ. ୭ମ ଶତାବ୍ଦୀରେ ନିର୍ମିତ ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିରରେ ମଧ୍ୟ ସପ୍ତମାତୃକା ବିଗ୍ରହ ଦେଖିବାକୁ ମିଳେ । ଏହା ଯାଜପୁରର ବୈତରଣୀ କ୍ଷେତ୍ରରେ ସପ୍ତମାତୃକା ଓ ପୁରୀର ସାତଭଉଣୀ ମୂର୍ତ୍ତି ଠାରୁ ପ୍ରାଚୀନ ବୋଲି ରମାପ୍ରସାଦ ଚାନ୍ଦଙ୍କ ମତ । ଭୁବନେଶ୍ୱରସ୍ଥ ଲିଙ୍ଗରାଜ ମନ୍ଦିରର ମୁଖ୍ୟଦ୍ୱାର ନିକଟରେ ଏକ ବହୁ ପ୍ରାଚୀନ ସପ୍ତମାତୃକା ମନ୍ଦିର ଥିଲା । ବର୍ତ୍ତମାନ ତାହା ଲୁପ୍ତ ପ୍ରାୟ । ଏ ମନ୍ଦିର ସମ୍ପର୍କରେ ଐତିହାସିକ ମନମୋହନ ଗାଙ୍ଗୁଲି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଓଡିଶାର ଏହି ସପ୍ତମାତୃକା ଗୁଡିକ ସପ୍ତମ, ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇଥିବା ପରି ମନେ ହୁଏ । କାରଣ ଏହି ସମୟରେ ପଶ୍ଚିମ ଓଡିଶାରେ ରାଜତ୍ୱ କରୁଥିବା ସୁଲୁକି ରାଜାମାନେ ନିଜକୁ ସ୍ତମ୍ଭେଶ୍ୱରୀ ପାଦ ଭକ୍ତ ଭାବରେ ଅଭିହିତ କରିଛନ୍ତି । ଏହି ସମୟରେ ରାଣୀପୁର ଝରିଆଲର ଚତୁଃଷଷ୍ଠୀ ଯୋଗିନୀ ମନ୍ଦିର ଶାକ୍ତ ଉପାସନାର ପ୍ରଧାନ ପୀଠ ହୋଇଥିଲା । ଖ୍ରୀଷ୍ଟୀୟ ସପ୍ତମ ଅଷ୍ଟମ ଶତକରେ ଓଡିଶାରେ ଭୌମରାଜାମାନେ ରାଜତ୍ୱ କରୁଥିଲେ । ସେମାନେ ତାନ୍ତ୍ରିକ ମତବାଦ ଓ ଶକ୍ତି ଉପାସନାକୁ ଉତ୍ସାହିତ କରିଥିଲେ । ଫଳରେ ଏହାଙ୍କ ସମୟରେ ବହୁ ମାତୃମୂର୍ତ୍ତି ଓ ମନ୍ଦିର ନିର୍ମିତ ହୋଇଥିଲା । ଭୌମ ରାଜାମାନେ ସେମାନଙ୍କର ରାଜଧାନୀ ବିରଜା କ୍ଷେତ୍ର ରଖିଥିଲେ । ସେଠାରେ ସେମାନେ ସପ୍ତମାତୃକା ମନ୍ଦିର ନିର୍ମାଣ କରିଥିଲେ । ଐତିହାସିକ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୂର୍ତ୍ତିର ସ୍ଥାପତ୍ୟ ଦୃଷ୍ଟିରୁ ବିଚାର କରି ଏହାକୁ ନବମ-ଦଶମ ଶତାବ୍ଦୀର କୀର୍ତ୍ତି ଭାବରେ ବର୍ଣ୍ଣନା କରିଛନ୍ତି । କାରଣ ଭୌମରାଜାମାଙ୍କର କୀର୍ତ୍ତି ସମୟର ମାତୃମୂର୍ତ୍ତିଗୁଡିକରେ କୋଳରେ ଶିଶୁ ନଥିଲେ । ଯାଜପୁରର ଅଧିକାଂଶ ମାତୃକାଙ୍କ କୋଳରେ ଶିଶୁ ଅଛନ୍ତି ।

ଏହି ହେତୁ ଭୌମବଂଶର ପରବର୍ତ୍ତୀ କାଳରେ ନବମ-ଦଶମ ଶତାବ୍ଦୀରେ ଏହି ମାତୃକା ମୂର୍ତ୍ତିଗୁଡିକ ସୋମବଂଶୀ ରାଜାମାନଙ୍କ ଦ୍ୱାରା ନିର୍ମିତ ବୋଲି କୁହାଗଲେ ଯଥାର୍ଥ ହେବ ।


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

ପ୍ରସଙ୍ଗ-୪



# ଲୋଭନୀୟ ଲାଠିଯାତ୍ରା

# ଦଶହରାରେ ପ୍ରେଣ୍ଡ୍ରାଣୀ ମା'ଙ୍କ ଲାଠିଯାତ୍ରା

**ପ୍ରଦୀପ କୁମାର ମିଶ୍ର**
ସମର୍ପଣ, ଆଇବି ରୋଡ୍,
ପାୱାର୍‌ହାଉସ୍ କଲୋନୀ, ୭ମ ଗଳି,
ଜୟପୁର, କୋରାପୁଟ-୭୬୪୦୦୧
ଫୋନ: ୯୪୩୭୫୨୫୧୦୫

ଫଟୋ ସୌଜନ୍ୟ : ଲେଖକ



**ଲୋକସଂସ୍କୃତିରେ ଲୋକଦେବତାଙ୍କ ସ୍ଥାନ ବେଶ୍ ଉଚ୍ଚରେ । ଆଦିବାସୀ ସଂପ୍ରଦାୟ ଯଦିଓ ପ୍ରକୃତିର ବିଭିନ୍ନ ଶକ୍ତିକୁ ଦେବାଦେବୀର ରୂପ ଭାବି ନିରାଜନା କରିଥାନ୍ତି; ତଥାପି ମାନବ ଭିତରେ ଦେବତାର ଉତ୍ତରଣକୁ ବି ବେଶ୍ ମର୍ଯ୍ୟାଦା ଦେଇଥାନ୍ତି । ଏହି କ୍ରମରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ୍ ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମା' ପ୍ରେଣ୍ଡ୍ରାଣୀଙ୍କ ମହିମା ଅତ୍ୟନ୍ତ ଅଲୌକିକ ଏବଂ ଭାବପୂର୍ଣ୍ଣ ।**



▶ଲେଖକ ପ୍ରଦୀପ କୁମାର ମିଶ୍ର

ଆମ ଚାଲିଚଳନ, ରୀତିନୀତି, ଆଚାରବିଚାର, ସଂସ୍କୃତି ଦ୍ୱାରା ପରିପୁଷ୍ଟ ହୋଇ ଆସିଛି । ଯେଉଁ ବିଭବ ଆମକୁ ସର୍ବଦା ଉନ୍ନତି ପଥରେ ଗତିଶୀଳ ହେବା ପାଇଁ ପ୍ରେରଣା ଦିଏ, ଦୃଷ୍ଟାନ୍ତ ବାଢ଼େ, ତାକୁ ଆମେ କହୁ 'ସଂସ୍କୃତି' । ସଂସ୍କୃତିର ପରିସର ଅତ୍ୟନ୍ତ ବ୍ୟାପକ । ବିଭିନ୍ନ ଜନଜାତିର ପରମ୍ପରା ଏବଂ ଉଚ୍ଚତର ଆଚାର ସଂସ୍କୃତିର କଳେବରକୁ ବିଶାଳ କରିବାରେ ଯୁଗେ ଯୁଗେ ସହାୟକ ହୋଇ ଆସିଛି । ବିଶ୍ୱରେ ଆଦିବାସୀଙ୍କ ସଂଖ୍ୟା ସର୍ବାଧିକ ଏଣୁ ସେମାନଙ୍କ ଲୋକସଂସ୍କୃତି ଓ ଲୋକସାହିତ୍ୟ ଅଦ୍ୟାବଧି ଆମ ସଂସ୍କୃତିକୁ ପ୍ରଭାବିତ କରିଆସିଛି । ଏହି କ୍ରମରେ ଦକ୍ଷିଣ ଓଡ଼ିଶାର ଉପାନ୍ତରେ ବସବାସ କରୁଥିବା ପ୍ରାଚୀନ ଜନଜାତି, ବଣ୍ଡା, ପରଜା, ଗାଦବା, କନ୍ଧ, କୋୟା, ଗଣ୍ଡ, ଭତରାଙ୍କ ଲୋକ ସଂସ୍କୃତି ବହୁ ଭାବରେ ଆମ ଉତ୍କଳୀୟ ସଂସ୍କୃତିକୁ ସମୃଦ୍ଧ କରି ଆସିଛି । ଅବିଭକ୍ତ କୋରାପୁଟ ଜିଲ୍ଲା ଏକ ନିଆରା ଭୂଖଣ୍ଡ, ଏହାର ଜଳବାୟୁ, ଭୂମିରୂପ, ଏବଂ ପ୍ରାକୃତିକ ବିଭବ ଏତେ ଅନୁପମ ଯେ, ଏଠି ବାସ କରୁଥିବା ପ୍ରାଚୀନ ଜନଜାତିର ସଂସ୍କୃତି ବି ଏକ ନୈସର୍ଗିକ ସୌନ୍ଦର୍ଯ୍ୟ ବିଭାରେ ବେଶ୍ ବୈଚିତ୍ର୍ୟ ବିମଣ୍ଡିତ ।

ଲୋକସଂସ୍କୃତିରେ ଲୋକଦେବତାଙ୍କ ସ୍ଥାନ ବେଶ୍ ଉଚ୍ଚରେ । ଆଦିବାସୀ ସଂପ୍ରଦାୟ ଯଦିଓ ପ୍ରକୃତିର ବିଭିନ୍ନ ଶକ୍ତିକୁ ଦେବାଦେବୀର ରୂପ ଭାବି ନିରାଜନା କରିଥାନ୍ତି; ତଥାପି ମାନବ ଭିତରେ ଦେବତାର ଉତ୍ତରତାକୁ ବି ବେଶ୍ ମର୍ଯ୍ୟାଦା ଦେଇଥାନ୍ତି । ଏହି କ୍ରମରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ୍ ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମା' ପ୍ରେଣ୍ଡ୍ରାଣୀଙ୍କ ମହିମା ଅତ୍ୟନ୍ତ ଅଲୌକିକ ଏବଂ ଭାବପୂର୍ଣ୍ଣ । ଶୈବ ଓ ଶାକ୍ତ ସଂସ୍କୃତିର ଅନ୍ୟତମ ପ୍ରାଚୀନ ପୀଠ ଭାବେ ଅବିଭକ୍ତ କୋରାପୁଟ ବହୁ ପ୍ରମାଣକୁ ଅଦ୍ୟାବଧି ଧରି ରଖିଛି । ଭୂଖନନ ବେଳେ ବିଭିନ୍ନ ସ୍ଥାନରୁ ଶିବଲିଙ୍ଗ ଏବଂ ଦେବୀ ପ୍ରତିମାର ଆବିର୍ଭାବ ଏ ସବୁର ବଳିଷ୍ଠ ପ୍ରମାଣ । ରାୟଗଡ଼ାର ମା' ମଝି ଘରିଅଣୀ, ମାଲକାନାଗିରିର ମାନ୍ୟମ୍‌କୋଣ୍ଡାର ଠାକୁରାଣୀ (ସୁଭଦ୍ରାମ୍ମା), ନବରଙ୍ଗପୁରର ମା' ଭଣ୍ଡାର ଘରଣୀ, ଜୟପୁରର ଜଗତଜନନୀ ଏବଂ ଉମରକୋଟର ମା' ପ୍ରେଣ୍ଡ୍ରାଣୀ ଲୋକଦେବୀ ଭାବେ ସର୍ବଜନ ପୂଜିତ ।

## କୁମାରୀ କନ୍ୟାଙ୍କ ଜୀବନ ପ୍ରଭାତ

ମାନବୀ ଆତ୍ମା କିପରି ଦେବୀ ଆତ୍ମାରେ ରୂପାନ୍ତରିତ ହୁଏ ସେ ସମ୍ପର୍କରେ ବହୁ ଅଲୌକିକ କିମ୍ବଦନ୍ତୀ ପ୍ରେଣ୍ଡ୍ରାଣୀଙ୍କ ପ୍ରସଙ୍ଗରେ ଶୁଣିବାକୁ ମିଳେ । ସୀତା, ସାବିତ୍ରୀ ଏବଂ ଦମୟନ୍ତୀଙ୍କ ପରି ଜୀବନ ପ୍ରଭାତରୁ ପ୍ରେଣ୍ଡ୍ରାଣୀ ଥିଲେ ସତୀ ଏବଂ ସ୍ୱାଧୀ । ରାଇଘର ନିକଟବର୍ତ୍ତୀ ପ୍ରେଣ୍ଡ୍ରାହାଣ୍ଡି ଗ୍ରାମରେ ଆଦିବାସୀ ଗଣ୍ଡ ପରିବାରରେ ତାଙ୍କର ଭୂମିଷ୍ଠ ହୁଏ । ପିତା ବୁରୁଷ ଓ ମାତା ମୁତଙ୍ଗଇଙ୍କ ସାତପୁଅରେ ଏକ ମାତ୍ର ଅଲିଅଳି କନ୍ୟା ପ୍ରେଣ୍ଡ୍ରାଣୀଙ୍କ ଜୀବନ ବେଶ୍ ଆନନ୍ଦ ଓ ପ୍ରାଚୁର୍ଯ୍ୟ ଭିତରେ ଗଡ଼ି ଚାଲିଥିଲା ।

କୁଳୀନ ପ୍ରଥା ଓ ପରମ୍ପରାରେ ବୁରୁଷଙ୍କ ପରିବାରରେ ଭାବି ଘରଜ୍ୱାଇଁ ଭାବେ ମଙ୍ଗଂତୁ ସକଳ କାର୍ଯ୍ୟରେ ସହାୟତା କରୁଥିଲେ । ପରିବାରର ହାନିଲାଭ ସୁଖଦୁଃଖରେ ସେ ବି ଥିଲେ ଭାଗିଦାର । ଭଲପାଇବାର ପବିତ୍ର ଅଦୃଶ୍ୟ ବନ୍ଧନ କେମିତି ଆତ୍ମାକୁ ଆତ୍ମା ସହିତ ଯୋଡ଼ିଦିଏ, ଏବଂ ଜୀବନରେ ଶାନ୍ତି ଓ ସ୍ୱର୍ଗୀୟ ସାନ୍ତ୍ୱନା ଭରିଦିଏ, ତାର ପ୍ରମାଣ ପ୍ରେଣ୍ଡ୍ରାଣୀଙ୍କ ଚରିତ୍ରରେ ଦେଖିବାକୁ

ମିଳେ ।

ଉଭୟଙ୍କର ଭିତରେ ଦୈହିକ ମିଳନ ଆଗରୁ ଆତ୍ମିକ ମିଳନର ସ୍ୱର୍ଗୀୟ ଲଗ୍ନ ଉଭୟଙ୍କୁ ଏକ କରି ସାରିଥିଲା । ବିଶ୍ୱାସ, ଭକ୍ତି, ସତୀତ୍ୱ ଓ ପବିତ୍ରତା ଧର୍ମରେ ପ୍ରେଣ୍ଡ୍ରାଣୀ ଥିଲେ ଅନନ୍ୟା ଓ ଅତୁଳନୀୟା ।

## ବିଶ୍ୱାସଘାତକତା

ଏକଦା ଧାରା ଶ୍ରାବଣରେ ଅବାରିତ ବର୍ଷା ପ୍ରେଣ୍ଡ୍ରାହାଣ୍ଡିକୁ ଶ୍ରୀହୀନ କରିଦେଲା । ବହୁଧନ ଜୀବନ ଧୋଇ ହୋଇଗଲ । ଏହି ସମୟରେ ପିତା ବୁରୁଷର ଆକୁଳ ପ୍ରାର୍ଥନାରେ ଦେବୀ ରକ୍ତ ମାଗିଲେ । ଏହି ଶୂନ୍ୟ ବାଣୀରେ ବୁରୁଷ ପ୍ରୀତ ହୋଇ ବଳି ଖୋଜିଲେ । କାହାକୁ ଏ ବଳିରେ ଉତ୍ସର୍ଗ କରାଯିବ ? ଏହି ଚିନ୍ତାରେ ସାରା ପରିବାରରେ ଭାଳେଣି ପଡ଼ିଲା । ପୁତ୍ର ମୋହରେ ଅନ୍ଧ ହୋଇ ବୁରୁଷ କୌଣସି ପୁତ୍ରକୁ ଉତ୍ସର୍ଗ କରିବା ସ୍ଥିତିରେ ନଥିଲେ । ପୁତ୍ରମାନଙ୍କ ଭିତରେ ଏକ ଷଡ଼ଯନ୍ତ୍ର କ୍ରମେ ଘରଜ୍ୱାଇଁ ମଙ୍ଗତୁକୁ ଏଥିଲାଗି ବଛାଗଲା । ସମସ୍ତଙ୍କ ଆଦେଶରେ ମଙ୍ଗତୁ ଏଥିଲାଗି ନିଜକୁ ପ୍ରସ୍ତୁତ କରିନେଲା । ମହାଶକ୍ତି ମହାମାୟାଙ୍କୁ ପ୍ରଣାମ ଜଣାଇ ମଙ୍ଗତୁ ଆପଣାର ଜୀବନ ଫୁଲକୁ ନୈବେଦ୍ୟ ରୂପେ ଟେକିଦେଲେ । ବାପା ଓ ଭାଇଙ୍କର ଷଡ଼ଯନ୍ତ୍ର ଓ ବିଶ୍ୱାସଘାତକତା କୁମାରୀ ପ୍ରେଣ୍ଡ୍ରାଣୀକୁ ଗଭୀର ଦୁଃଖ ଓ ବେଦନାରେ ଜର୍ଜରିତ କଲା । ମଙ୍ଗତୁର ମଙ୍ଗଳ କନ୍ୟାର ସତୀତ୍ୱ ଶିଖା ପ୍ରଜ୍ୱଳିତ ହେଲା । ଏ ଜଗତରେ ନହେଲେ ବି ସ୍ୱର୍ଗରେ ଅନ୍ତତଃ ମଙ୍ଗତୁ ସହ ଦେଖା ହେବ ଏଇ ନିବିଡ଼ ଭଲ ପାଇବାର



ନିର୍ମଳ ଭାବରେ ପ୍ରେଣ୍ଡ୍ରାଣୀ କନ୍ୟା ଆପଣାର ଜୀବନକୁ ଝାସ ଦେଇଦେଲେ ।

ଦୁଇ ସାଧାରଣ ଜୀବନର ପରିସମାପ୍ତି ହୋଇଗଲା । ଏକ ଶୋକାକୁଳ ପରିବେଶ ସାରା ପରିବାର ଓ ପ୍ରେଣ୍ଡ୍ରାହାଣ୍ଡିକୁ ଆଚ୍ଛନ୍ନ କରିଦେଲା । ଦିନେ ରାତିରେ କୁମାରୀ କନ୍ୟାଙ୍କ ଦେବୀଆତ୍ମା ସ୍ୱପ୍ନରେ ବୁରୁଷକୁ ଦେଖାଦେଇ ବିଶ୍ୱାସ ଘାତକ ନିଜ ଭାଇମାନଙ୍କ ନିର୍ମମ କାର୍ଯ୍ୟକଳାପ ବିଷୟରେ କହି ପ୍ରାୟଶ୍ଚିତ ସ୍ୱରୂପ ତାଙ୍କ ଆତ୍ମାକୁ (ପ୍ରେଣ୍ଡ୍ରାଣୀ) ପ୍ରତିମା ଭିତରେ ପୂଜା କରିବାକୁ ନିର୍ଦ୍ଦେଶ ଦେଲେ ଏବଂ ପୂଜାରୀ ଭାବେ ତାଙ୍କ ବଂଶ ଅଦ୍ୟାବଧି ଏହି ନିର୍ଦ୍ଦେଶକୁ ପାଳନ କରି ଆସୁଛନ୍ତି ।

ସ୍ୱପ୍ନ ଭଙ୍ଗ ପରେ ବୁରୁଷ ରାତିରେ ଶୋଇ ପାରିଲେନି । ପ୍ରଭାତରେ ଯାଇ ପ୍ରେଣ୍ଡ୍ରାଣୀ ମୂଳରେ ଥିବା ଲୋଭନୀୟ ଶୀଳା ଦର୍ଶନ ମାତ୍ରକେ ମା'ଙ୍କ ସ୍ୱରୂପ ସେଠି ପ୍ରତିଭାତ ହେଲା । ବୁରୁଷ ଶିଳାଦେବୀଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ଲାଲ୍‌ପାଟ ପିନ୍ଧାଇ, ଫୁଲମାଳ ଦେଇ ମା'ଙ୍କୁ ନିଜଗ୍ରାମକୁ ନେଇ ଆସିଲେ ଏବଂ ଗୁଡ଼ିରେ (ଛୋଟ ମନ୍ଦିର) ତାଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କରିବାକୁ ଲାଗିଲେ । ଚାହୁଁ ଚାହୁଁ ମା'ଙ୍କ ଦର୍ଶନ ପାଇଁ ସମସ୍ତେ ଛୁଟିଲେ । ଥରେ ଜଣେ ସରକାରୀ ଅମିନ ଏ କଥାକୁ ଅବିଶ୍ୱାସ କରିବାରୁ ମା' ଛାୟାଦେବୀ ଭାବେ ତାଙ୍କୁ ଦର୍ଶନ ଦେଲେ । ତଥାପି ତାର ସନ୍ଦେହୀ ମନ ମା'ଙ୍କୁ ପ୍ରେତ ଭାବେ ଗ୍ରହଣ କରିବାରୁ ତାର ବଂଶ ଲୋପ ପାଇଲା ।

## ମା'ଙ୍କ ମହିମା

ରାଜା ଚୈତନ୍ୟ ଦେବ ଏକଦା ମୃଗୟାରେ ନିଜ ପ୍ରିୟ ଅଶ୍ୱକୁ ହଜେଇ ବେଶ୍ ଖୋଜାଖୋଜି କଲେ । ରାଜାଙ୍କ କର୍ମଚାରୀ ଚାରିଆଡ଼େ ଭ୍ରମି ଭ୍ରମି ସେହି ବନପାହାଡ଼ ଘେରା ମନ୍ଦିର ନିକଟରେ ପହଂଚି, ଶିରା (ମା'ଯାହାଙ୍କ ଦେହରେ ପ୍ରସନ୍ନ ହୁଅନ୍ତି) ପାଖରୁ ଅମିନ ବଷୟରେ ଶୁଣିଲେ ଏବଂ ଅଗତ୍ୟା ଆସି ରାଜାଙ୍କୁ ଏକଥା ଜଣାଇଲେ । ରାଜା ସ୍ୱୟଂ ଯାଇ ଶିରାଙ୍କୁ ପଚାରିବା ମାତ୍ରେ ଶିରା କହିଲା ଯେ ମା'ଙ୍କ ମନ୍ଦିର ରାଜା ନିର୍ମାଣ କଲେ ଘୋଡ଼ା ଆସି ତାଙ୍କ ପାଖରେ ଘାସ ଚରିଲା । ଏଭଳି ଭାବେ ମା' ସମସ୍ତଙ୍କ ମନସ୍କାମନା ପୂରଣ କରି, ଜଗତ ଜନନୀ ଭାବେ ପୂଜା ପାଇଛନ୍ତି ।

ଏକଦା ଜୟପୁର ମହାରାଜା ବିକ୍ରମ ଦେବ ବର୍ମା ମା'ଙ୍କ ଲାଠି ଯାତ୍ରାକୁ ନିନ୍ଦିବାରୁ ତାଙ୍କ ମତିଭ୍ରମ ହେବା ଏବଂ ଅସୁସ୍ଥ ହୋଇ ପଡ଼ିବା କିମ୍ବଦନ୍ତୀ ରହିଛି । ଏସବୁ କେବଳ ଜନଶ୍ରୁତି ବା କିମ୍ବଦନ୍ତୀ ନୁହେଁ । ଆଜି ବି ହଜାର ହଜାର ଯାତନା ପୀଡ଼ିତ ଜନସାଧାରଣ ମା'ଙ୍କ ଶରଣାଗତ ହୋଇ ଦୁଃଖ କଷ୍ଟରୁ ମୁକ୍ତି ପାଉଛନ୍ତି । କ୍ରମେ ମା'ଙ୍କ ମହିମା ସର୍ବତ୍ର



ପ୍ରଚାରିତ ହେବା ପରେ ପ୍ରତ୍ୟେକ ଆଦିବାସୀ ଏବଂ ଅଣ ଆଦିବାସୀ ଗାଁରେ ପୂଜା ପାଇଲେ ମା' ପ୍ରେଣ୍ଡ୍ରାଣୀ । କିନ୍ତୁ ପୂଜକ ହେଲେ, ପୂଜାରୀ ବଂଶର ବ୍ୟକ୍ତି ବିଶେଷ, ମୂଳତଃ ଆଦିବାସୀ ସଂପ୍ରଦାୟର ।

## ଲୋକଦେବୀ ମା' ପ୍ରେଣ୍ଡ୍ରାଣୀ

ଉମରକୋଟ ଠାରେ ମା'ଙ୍କ ଆସ୍ଥାନର ବିଶେଷତ୍ୱ ଢେର୍ ବେଶୀ । ମା'ଙ୍କ ସ୍ୱତନ୍ତ୍ର କୃପା ଏହି ପୀଠ ପାଇଁ ଅତୁଟ ରହିଛି । କାରଣ ଏଠାରେ ଶ୍ରଦ୍ଧାଳୁ ଭକ୍ତଙ୍କ ସଂଖ୍ୟା ଅଧିକ । ଆଦବାସୀ ହରିଜନଙ୍କ ଠୁ ସଭ୍ୟ ଶିକ୍ଷିତ ମଣିଷ ଯାଏଁ ସମସ୍ତଙ୍କ ପାଇଁ ସେ ଲୋକଦେବୀ, ସବୁରୀ ମା', ପ୍ରେଣ୍ଡ୍ରାଣୀ ମା' ।

ରାଜା ବିକ୍ରମ ଦେବ କୃତକର୍ମର ଫଳ ପାଇବା ପରେ ସେ ଅତ୍ୟନ୍ତ ଅନୁତପ୍ତ ହୋଇ, ମା'ଙ୍କ ସାକ୍ଷାତ ଅବତାର ଉଭାଲାଠିଙ୍କୁ ଜୟପୁର ନିମନ୍ତ୍ରଣ କଲେ । ଏହି ଉଭାଲାଠି ଏଗାର ହାତ ବାଉଁଶରେ ନିର୍ମିତ । ରୂପା ମୋହର ଖଚିତ ଏହି ବିଶାଳ ଦଣ୍ଡରେ ମା' ବାସ କରନ୍ତି । ମା'ଙ୍କ ସକଳ ଶକ୍ତି ଓ କୃପା ଏଥିରେ ନିହିତ । ସେଇମାନେ ଭଗବାନ ଯେଉଁମାନେ ଏହି ଉଭାଲାଠିଙ୍କୁ ଦର୍ଶନ କରନ୍ତି । ତତୋଽଧିକ ଧନ୍ୟ ସେମାନେ ଯେଉଁମାନେ ଲାଠିଯାତ୍ରାରେ ଜୟପୁର ଯାଆନ୍ତି । କର୍ମର ପ୍ରାୟଶ୍ଚିତ ପାଇଁ ଜୟପୁର କାଳୀ ମନ୍ଦିରରେ ପ୍ରତିବର୍ଷ ମହାରାଜା ଲାଠିଯାତ୍ରା ପୂଜନର ବ୍ୟବସ୍ଥା କଲେ । ଏହି ମହୋତ୍ସବରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ପୀଠରୁ ଲାଠିମାନେ ଆସି କାଳୀ ମନ୍ଦିର ଠାରେ ବିଜୟା ଦଶମୀରେ ଉଭା ହୋଇ ଭକ୍ତଜନଙ୍କୁ ଦର୍ଶନ ଦେଇଥାନ୍ତି ।



## ଜୟପୁରକୁ ଲାଠିଯାତ୍ରା

ପ୍ରେଣ୍ଡ୍ରାଣୀ ଲାଠିଯାତ୍ରା ଉମରକୋଟରୁ ବାହାରି ଏଠାରୁ ପ୍ରାୟ ୪କି.ମି. ଦୂରରେ ଥିବା ପୂଜାରୀ ଭରଣ୍ଡି ପ୍ରେଣ୍ଡ୍ରାଣୀ ପୀଠରୁ ବାହାରେ । ଏଠାରେ ବହୁ କାଳରୁ ମା'ଙ୍କର ପ୍ରାଚୀନ ଆସ୍ଥାନ ରହିଛି ଏବଂ ରାଜାଙ୍କ ନିର୍ଦ୍ଦେଶ ପ୍ରକାରେ ଏହି ପୀଠରୁ ପୂଜାରୀ ଗଣ ଏବଂ ଗ୍ରାମବାସୀ ବିଜୟା ଦଶମୀ ଆଗରୁ ନିଜକୁ ପ୍ରସ୍ତୁତ କରି ନିଅନ୍ତି । ଆଶ୍ୱିନ ମାସର ଷଷ୍ଠୀ କିମ୍ବା ସପ୍ତମୀ ତିଥିରେ ପବିତ୍ର ଲାଠିକୁ ପୂଜାର୍ଚ୍ଚନା କଲା ପରେ, ଶୁଭଯାତ୍ରା ଆରମ୍ଭ ହୁଏ । ଦ୍ୱିତୀୟ ପୂଜା ହୁଏ ଉମରକୋଟ ମୁଖ୍ୟପୀଠ ମା' ପ୍ରେଣ୍ଡ୍ରାଣୀଙ୍କ ପାଖରେ । ପରେ ମା'ଙ୍କ ଲାଠି ବାହକମାନେ ନିଷ୍ଠାପର ଭାବେ ଖାଲିପାଦରେ ଚାଲିଚାଲି ପ୍ରାୟ ତିନିଦିନ ପରେ ଜୟପୁରରେ ପହଂଚନ୍ତି । ମା'ଙ୍କ କୃପାରୁ ଯିବା ସମୟରେ ଯାତ୍ରାର କ୍ଳାନ୍ତି, ଲାଠି ବାହକମାନଙ୍କୁ ବାଧେ ନାହିଁ । କଥିତ ଅଛି, ପ୍ରଥମ ଜୟପୁର ଲାଠିଯାତ୍ରାରେ




ସ୍ୱୟଂ ବିକ୍ରମଦେବ ପ୍ରାୟଶ୍ଚିତ ପାଇଁ ଯେତେବେଳେ ମା'ଙ୍କ ଲାଠି ଧାରଣ କଲେ ସେତେବେଳେ ଏକ ଅଦୃଶ୍ୟ ଶକ୍ତି ଦ୍ୱାରା ଠେଲି ହୋଇ ସେ ଜଳାଶୟରେ ପ୍ରବେଶ କରିଥିଲେ । ପରେ ଉଭାଲାଠିଙ୍କ ପ୍ରଭାବରେ ରାଜା ସମସ୍ତ ରୋଗ ଓ ବିପତ୍ତିରୁ ମୁକ୍ତି ପାଇଥିଲେ ।

## ପ୍ରେଣ୍ଡ୍ରାଣୀ ମା' ସବୁରି ମା'

ଜୟପୁରରେ ଲାଠି ବାହକ ମାନେ ପହଂଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଏ । ରାତିରେ ସେମାନେ ବାଙ୍କମଠରେ ଅବସ୍ଥାନ କରନ୍ତି । ପରଦିନ ସକାଳ ଅର୍ଥାତ୍ ବିଜୟା ଦଶମୀରେ ଲାଠିକୁ ପୂଜା କରି ଶୋଭାଯାତ୍ରାରେ ପୁରୁଣା ଗଡ଼ସ୍ଥିତ କାଳୀ ମନ୍ଦିର ପର୍ଯ୍ୟନ୍ତ ବାଦ୍ୟ ବାଜଣାରେ ନିଆଯାଏ । ଲାଠିଯାତ୍ରା ଆରମ୍ଭରୁ ଶେଷଯାଏଁ ଆଦିବାସୀ ଢୋଲ ଓ ମହୁରୀ ଶବ୍ଦ ପରିବେଶକୁ ବେଶ୍ ଭାବଗମ୍ଭୀର ଓ ଆଧ୍ୟାତ୍ମିକ କରି ଗଢ଼ି ତୋଳେ । ପଥ ପ୍ରାନ୍ତରେ ଜନ ସାଧାରଣ ଉଭାଲାଠିକୁ ପାରମ୍ପରିକ ରୀତିରେ ପୂଜା ବଳି ଚଢ଼ାଯାଏ ।

ତତ୍‌ପରେ ଉଭାଲାଠିଙ୍କର ପ୍ରତ୍ୟାବର୍ତ୍ତନ ଯାତ୍ରାର ଶୁଭାରମ୍ଭ ହୁଏ । ସଂପ୍ରତି ଏହି ଯାତ୍ରାର ବ୍ୟବସ୍ଥାରେ ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନଙ୍କ ଶ୍ରଦ୍ଧା ସହଯୋଗ ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିଚି । ଉଭାଲାଠି ମୂଳ ଆସ୍ଥାନକୁ ଫେରିବା ପାଇଁ ପ୍ରାୟ ୧ ମାସରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ । ଫେରିବା ସମୟରେ ମା' ପ୍ରାୟ ସବୁ ଜନପଦର ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ପ୍ରତ୍ୟେକ ଗ୍ରାମର ବୁରୁଷ ଓ ମହିଳା ଭକ୍ତି ନମ୍ରତାରେ ଲାଠି ବାହକ ପୂଜାରୀମାନଙ୍କ ଚରଣକୁ ଜଳରେ ଧୌତ କରି ଧୂପଦୀପ ଓ ନୈବେଦ୍ୟରେ ମା'ଙ୍କ ପ୍ରତି ଆପଣାର ଅତୁଟ ଭକ୍ତି ଶ୍ରଦ୍ଧା ଓ ସମର୍ପଣ ଭାବକୁ ବାଢ଼ିଥାନ୍ତି । ପ୍ରାୟ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ, ଉଭାଲାଠିଙ୍କ ଭକ୍ତଗଣ ପୂଜାରୀ ଭରଣ୍ଡିରେ ପହଂଚିଥାନ୍ତି ।



# ମାଆ ଫଖାରୁଶୁଣୀ

# ମା’ ସଂଖାରୁଶୁଣୀ ପୀଠର ନିଆରା ପରମ୍ପରା


**ଡକ୍ଟର ଶିଶିର କୁମାର କର**

ଶ୍ରୀନିବାସ, ଶ୍ରୀକଣ୍ଠପୁର, ବାଲେଶ୍ୱର

ଫୋନ: ୯୭୭୮୫୪୩୮୯୭


ଫଟୋ ସୌଜନ୍ୟ : ଲେଖକ

**ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ଏକ ପ୍ରତ୍ୟକ୍ଷଦେବୀ ହେଲେ ମା’ ସଂଖାରୁଶୁଣୀ । ଯାହାଙ୍କ ନାମରେ ନାମିତ ହୋଇଛି ସଂଖ୍ୟାରୁ ଗ୍ରାମ । ସେ ସପ୍ତନାଗ ଉପରେ ଆସୀନା । ନାଗମାନଙ୍କର ସାତଟି ଫଣା ତାଙ୍କର ଛତ୍ର । ରାତିରେ ବାଘ ଚଢ଼ି ସେ କରନ୍ତି ବିହାର । ତାଙ୍କ ପୀଠରେ ଜାତିବର୍ଣ୍ଣର ବିଚାର ନାହିଁ । ନାପିତମାନେ ଦେଉରୀ ସାଜି କରନ୍ତି ନିତ୍ୟପୂଜା । ବ୍ରାହ୍ମଣ ଆସନ୍ତି ବିଶିଷ୍ଟ ଆରାଧନାରେ । ଅକ୍ଷୟ ତୃତୀୟା ଦେବୀଙ୍କର ପ୍ରତିଷ୍ଠା ଦିବସ । ସେ ପରମ ବୈଷ୍ଣବୀ, ତେଣୁ ବଳି ଗ୍ରହଣ କରନ୍ତି ନାହିଁ ।**



▲ ଲେଖକ ଡ. ଶିଶିର କୁମାର କର

ଭଦ୍ରକ ଜିଲ୍ଲାସ୍ଥ ବାସୁଦେବପୁର ବ୍ଲକର ଏକ ପ୍ରତ୍ୟକ୍ଷଦେବୀ ହେଲେ ମା’ ସଂଖାରୁଶୁଣୀ । ଯାହାଙ୍କ ନାମରେ ନାମିତ ହୋଇଛି ସଂଖ୍ୟାରୁ ଗ୍ରାମ । ସେ ସପ୍ତନାଗ ଉପରେ ଆସୀନା । ନାଗମାନଙ୍କର ସାତଟି ଫଣା ତାଙ୍କର ଛତ୍ର । ରାତିରେ ବାଘ ଚଢ଼ି ସେ କରନ୍ତି ବିହାର । ତାଙ୍କ ପୀଠରେ ଜାତିବର୍ଣ୍ଣର ବିଚାର ନାହିଁ । ନାପିତମାନେ ଦେଉରୀ ସାଜି କରନ୍ତି ନିତ୍ୟପୂଜା । ବ୍ରାହ୍ମଣ ଆସନ୍ତି ବିଶିଷ୍ଟ ଆରାଧନାରେ । ଅକ୍ଷୟ ତୃତୀୟା ଦେବୀଙ୍କର ପ୍ରତିଷ୍ଠା ଦିବସ । ସେ ପରମ ବୈଷ୍ଣବୀ, ତେଣୁ ବଳି ଗ୍ରହଣ କରନ୍ତି ନାହିଁ ।

ତାଙ୍କର ଦାସୀମାନେ ବିଶ୍ରାମ ହୋଇ ଦିଅନ୍ତି ଅଲୌକିକ ପରୀକ୍ଷା । ସମାଧାନ କରନ୍ତି ଶ୍ରଦ୍ଧାଳୁମାନଙ୍କର ସମସ୍ୟା । ସେ ମୋକ୍ଷ ଏବଂ ଧନଦାତ୍ରୀ ।

ଭାରତ ଭୂଖଣ୍ଡରେ ରହିଛି ୫୧ଟି ଶକ୍ତିପୀଠ ଏବଂ ଶହଶହ ଉପଶକ୍ତିପୀଠ । ମହାମାୟା ଦୁର୍ଗା, ମହାଲକ୍ଷ୍ମୀ, ମହାସରସ୍ୱତୀ, ମହାଦେବୀ ଭାବରେ ସଶକ୍ତ ନବବିଧ ରୂପ ଓ ଦଶ ମହାବିଦ୍ୟା ନାମରେ ପରିଚିତା । ବହୁଧାମ ଗ୍ରାମ ନଗର, ସହରମାନଙ୍କରେ ଦେବୀ ବିଭିନ୍ନ ରୂପରେ ହୁଅନ୍ତି ପୂଜିତା ।

ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳ ଶକ୍ତି ପୂଜାର ପୀଠସ୍ଥଳୀ । ଏହି ରାଜ୍ୟର ପ୍ରତି ଗ୍ରାମ, ସହର, ନଗରମାନଙ୍କରେ ଶକ୍ତି ଆରାଧନା ହେଉଛି ବିଭିନ୍ନ ନାମରେ । ଆଂଚଳିକ ବୈଶିଷ୍ଟ୍ୟ ନେଇ ଏହାର ପ୍ରତିଷ୍ଠା ଓ ପୂଜା ଚାଲିଛି । ଶକ୍ତିକୁ ମାତା, ଜନ୍ମଦାତ୍ରୀ, ଜ୍ଞାନଦାତ୍ରୀ, ଧନଦାତ୍ରୀ ଓ ମୁକ୍ତିଦାତ୍ରୀ ଭାବରେ କଥିତ । ଏହି ଦେବୀ ଅର୍ଚ୍ଚନା ଓ ଶକ୍ତି ଉପାସନା ବିଷୟରେ ଆମ୍ଭେମାନେ ଦେବୀ ଭାଗବତ, ପଦ୍ମପୁରାଣ, ଶ୍ରୀମଦ୍ ଭାଗବତ, ସାରଳା ମହାଭାରତ ଓ ଚଣ୍ଡୀପୁରାଣରୁ ପଢିବାକୁ ପାଉଁ ।

ବିଭିନ୍ନ ଶକ୍ତି ମଧ୍ୟରେ ଦୁର୍ଗା, କାଳୀ, ଭଦ୍ରକାଳୀ, ମଙ୍ଗଳା, ସର୍ବମଙ୍ଗଳା, ହିଙ୍ଗୁଳା, ବିମଳା, ଶାରଳା, ବିରଜା, ଚର୍ଚ୍ଚିକା, ଅମ୍ବିକା, ଅମ୍ବାନୀ, ଶିବାନୀ, ନାରାୟଣୀ, ରୁଦ୍ରାଣୀ, ତାରିଣୀ, ବୈଷ୍ଣବୀ, ଭଗବତୀ, ଭୈରବୀ, ଚଣ୍ଡୀ, ଗଡ଼ଚଣ୍ଡୀ, ରାମଚଣ୍ଡୀ ଆଦି ନାମରେ ପରିଚିତା ଓ ପୂଜିତା ।

ଅଖିଳ ବିଶ୍ୱବ୍ରହ୍ମାଣ୍ଡ, କୀଟପତଙ୍ଗ ଠାରୁ ଗ୍ରହନକ୍ଷତ୍ର ଏବଂ ଅନ୍ତରୀକ୍ଷ ପର୍ଯ୍ୟନ୍ତ ସେହି ଆଦ୍ୟାଶକ୍ତି, ବୈଷ୍ଣବୀ ଶକ୍ତି ରୂପରେ ସମଗ୍ର ଜଗତକୁ ପାଳନ କରନ୍ତି । ସେହି ଆଦ୍ୟାଶକ୍ତି ପୁଣି ମାହେଶ୍ୱରୀ ଶକ୍ତି ରୂପରେ ନିଜର ତମୋଗୁଣରେ ଜଗତର ହିତ ପାଇଁ ସଂହାର ଓ ପ୍ରଳୟ ରଚନା କରନ୍ତି । ହେଲେ ସେହି ମହାମାୟା ସଦାସର୍ବଦା ମଙ୍ଗଳମୟୀ । ଏହା ସପ୍ତଶତୀ ଚଣ୍ଡୀରେ ଲେଖାଅଛି ।

"ସୃଷ୍ଟି ସ୍ଥିତି ବିନାଶାନାଂ ଶକ୍ତିଭୂତେ ସନାତନୀ  
ଗୁଣାଶ୍ରୟେ ଗୁଣମୟେ ନାରାୟଣୀ ନମୋସ୍ତୁତେ ।  
ଓଁ ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣେ  
ସର୍ବୋସ୍ୟର୍ତ୍ତି ହରେଦେବୀ ନାରାୟଣୀ ନମୋସ୍ତୁତେ ।"

ଆଦ୍ୟାଶକ୍ତିଙ୍କର ବିଭିନ୍ନ ରୂପ ମଧ୍ୟରେ ନାରାୟଣୀ, ପରମ ବୈଷ୍ଣବୀ ଶକ୍ତି ରୂପ ଜଗତର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ବିଭିନ୍ନ ଗ୍ରାମାଂଚଳରେ ଏହି କଲ୍ୟାଣମୟୀ ରୂପ ଭିନ୍ନ ଭିନ୍ନ ସ୍ଥାନରେ ହେଉଛି ପୂଜିତ । ପରମ ବୈଷ୍ଣବୀ ମା ସଂଖାରୁଶୁଣୀ ଶକ୍ତିପୀଠ ତା’ ମଧ୍ୟରୁ ଅନ୍ୟତମ ।

## ଅବସ୍ଥିତି

ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ସଂଖାରୁ ଗ୍ରାମଟି ନଈଘେରଦ ମଧ୍ୟରେ ବିଦ୍ୟମାନ । ବାସୁଦେବପୁର ଠାରୁ ଉତ୍ତରକୁ ୧୨ କିଲୋମିଟର ଦୂର । ବାସୁଦେବପୁରକୁ ତଳ ବାଟେ ବାଲେଶ୍ୱର ରାସ୍ତାରେ ଆଉଟୁ ଛକରୁ ପୂର୍ବକୁ ତିନି କଲୋମିଟର ଗଲେ ପଡ଼ିବ ସଂଖ୍ୟାରୁ ଗ୍ରାମ । ଏହା ଐତିହାସିକ ଇରମ ମେଳନ ପଡ଼ିଆ ଠାରୁ ଚାରି କିଲୋମିଟର ଏବଂ ଉତ୍ତର ସହର ରାଜପଥ ଠାରୁ ୧୯ କିଲୋମିଟର ଦୂରତାରେ ଅବସ୍ଥିତ ।

ଏହି ଗ୍ରାମର ପଶ୍ଚିମ ଓ ଉତ୍ତରରେ କାଂଶବାଂଶ ନଦୀ, ଦକ୍ଷିଣରେ ଗମେଇ ନଦୀ ଏବଂ ପୂର୍ବରେ ବଙ୍ଗୋପସାଗର । ଗ୍ରାମ ମଝିରେ ପଚାଶ ଏକର ଜମିର ଏକ ବିସ୍ତୀର୍ଣ୍ଣ ପଡ଼ିଆ ବିଦ୍ୟମାନ । ଏହାର ଅବର୍ଣ୍ଣନୀୟ ବଣ୍ୟଶୋଭା ଅତ୍ୟନ୍ତ ହୃଦୟସ୍ପର୍ଶୀ । ବର-ଅଶ୍ୱତ୍ଥ, ଗହଳ କାଶତଣ୍ଡୀ, ବଇଁଚକୋଳି, କିଆବଣ ଅଧ୍ୟୁଷିତ ପ୍ରାନ୍ତର । ଅତୀତରେ ଗଧିଆ, ଶିଆଳ, ବାରହା, ଗୋରୁ, ମଇଁଷି, ଚିଲ, ବଣିମାନଙ୍କର ଥିଲା ବିଚରଣ କ୍ଷେତ୍ର । ବର୍ତ୍ତମାନ ତାହା

ସ୍କୁଲ୍, କଲେଜ୍, ଡାକ୍ତରଖାନା, ଫୁଟବଲ୍ ପଡ଼ିଆ, ବିଭିନ୍ନ ମନ୍ଦିର, ଯାତ୍ରା ପେଣ୍ଡେଲ୍ ଦ୍ୱାରା ସଂକୁଚିତ ।

## ଇତିହାସ ଓ କିମ୍ବଦନ୍ତୀ ଦୃଷ୍ଟିରେ ଶକ୍ତିପୀଠ

ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଗୋହିରୀଟିକିରୀ ଯୁଦ୍ଧରେ ହୋଇଥିଲେ ପରାଜିତ ଏବଂ ନିହତ । ସ୍ୱାଧୀନତାର ରବି ଚିରଦିନ ପାଇଁ ଓଡ଼ିଶାର ଦିଗ୍‌ବଳୟରୁ ହେଲା ଅନ୍ତର୍ହିତ । ୧୫୬୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବଙ୍କ ପରାଜୟ ପରେ ରାଜଧାନୀ କଟକ ଆଫଗାନମାନଙ୍କର ଅଧୀନସ୍ଥ ହେଲା । ସେତେବେଳେ କ୍ରୋଧୀ ଆଫଗାନ୍ ସେନାପତି କାଳାଚାନ୍ ହିନ୍ଦୁମନ୍ଦିର ଓ ବିଗ୍ରହଗୁଡ଼ିକ ନଷ୍ଟ କଲେ । କିମ୍ବଦନ୍ତୀ ଅନୁସାରେ ସେ ସଂଖାରୁ ଗ୍ରାମ ନିକଟସ୍ଥ ପଚୁଆଁ ଅଞ୍ଚଳରେ ଥିବା ସାଧିଜୀ, ମାଧିଜୀ ମନ୍ଦିରକୁ ଭାଙ୍ଗି, ଖଣ୍ଡଖଣ୍ଡ କରି ଦେଇଥିଲେ ବିଗ୍ରହକୁ । ଏଯାବତ୍ ତାହା ପଡ଼ିଛି ଅତୀତର ମୂକସାକ୍ଷୀ ହୋଇ ।

ପରେ ପରେ ପଠାଣ ମୋଗଲ ଶାସନ ଭିତରେ ଏ ରାଜ୍ୟର ଜନସାଧାରଣ ପ୍ରାୟ ଦେଢ଼ ଶହ ବର୍ଷ ବହୁ ଭାବରେ ହୋଇଥିଲେ




ନିର୍ଯାତିତ । ଏପରିକି ଶ୍ରୀଜଗନ୍ନାଥ ଓ ଯାହାଙ୍କ ମନ୍ଦିର ମଧ୍ୟ ଏଥିରୁ ଅବ୍ୟାହତି ପାଇ ପାରିନାହିଁ ।

୧୭୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶାସନକର୍ତ୍ତା ହୋଇଥିଲେ ମରହଟ୍ଟାମାନେ । ସେମାନେ ଓଡ଼ିଶାକୁ ଦୁଇ ଭାଗରେ ବିଭକ୍ତ କଲେ । ଯଥା: ଗଡ଼ଜାତ ଓ ମୋଗଲ ବନ୍ଦୀ । ମୋଗଲ ବନ୍ଦୀ ଅଞ୍ଚଳରେ ଥିବା ବହୁ ଦେବାଦେବୀଙ୍କ ପୀଠର ପରିଚାଳନା ଦାୟିତ୍ୱ ସେମାନେ ଗ୍ରହଣ କଲେ । ହେଲେ କୁଶାସନ, ଅରାଜକତା, ଅପାରଗତା, ଲୁଣ୍ଠନ ଓ ଅତ୍ୟାଚାର ଯୋଗୁଁ ଓଡ଼ିଶାବାସୀ ତ୍ରାହି ତ୍ରାହି ରାବ କଲେ ।

ସେତେବେଳେ ଅବିଭକ୍ତ ବାଲେଶ୍ୱରର ତିନିଜଣ ସାମନ୍ତ ରାଜା ଥିଲେ । ଦକ୍ଷିଣ ବାଲେଶ୍ୱର ବା ଭଦ୍ରକ ଅଂଚଳର ଶାସନ ଦାୟିତ୍ୱ ନାମକୁ ମାତ୍ର ମର୍ଦ୍ଦରାଜ ଦେବଙ୍କ ହାତରେ ଥିଲା । ପରେ ପରେ ଆଙ୍କୁଡ଼ା ଓ ଭେଡ଼ା ଅଞ୍ଚଳର ଶାସନ ଦାୟିତ୍ୱ ଗ୍ରହଣ କଲେ ସଙ୍କର୍ଷଣ ଦେବ । ସେ ଧର୍ମବିଶ୍ୱାସୀ ଓ ଅଧ୍ୟାତ୍ମବାଦୀ ଥିଲେ । ସେ ବିରଜା କ୍ଷେତ୍ର ଯାଜପୁରରୁ ଏକ ପରମ ବୈଷ୍ଣବୀ ମୂର୍ତ୍ତି ଆଣି ପ୍ରତିଷ୍ଠା କଲେ । ପରେ ପରେ ଅନ୍ୟ କେତେଗୁଡ଼ିଏ ବିଗ୍ରହ ସେ ପ୍ରତିଷ୍ଠା କଲେ ଆଖପାଖ ଅଞ୍ଚଳରେ । ନୂଆ ବସତି ସ୍ଥାପନ ହେଲା । ସଙ୍କର୍ଷଣଙ୍କ ନାମ ଅନୁସାରେ ଗ୍ରାମର ନାମ ହେଲା ସଂଖାରୁ । ଦେବୀଙ୍କ ନାମ ହେଲା ସଂଖାରୁଶୁଣୀ । ଏହା ମୁକ୍ତ ଆକାଶ ତଳେ ପ୍ରତିଷ୍ଠା ହୋଇଥିଲା । ପରବର୍ତ୍ତୀ ସମୟରେ ଦେବୀପୀଠ ସାମ୍ନାରେ ପୋଖରୀଟିଏ ଖୋଳା ହେଲା । ଅତୀତରେ ଜନୈକ ବ୍ୟକ୍ତି ଶକ୍ତି ପାଖକୁ ଲାଗି ବର ଅଶ୍ୱତ୍ଥ ଦୁଇଟି ଗଛ କରିଥିଲେ ରୋପଣ ।

ସଂଖାରୁଶୁଣୀକୁ ବାଦ୍ ଦେଇ ତାଙ୍କର ଛଅ ଭଉଣୀ ପାଖରେ ଥିବା ବିଭିନ୍ନ ଗ୍ରାମ ବା ସାହିରେ ପ୍ରତିଷ୍ଠା ହୋଇଥିବାର ଜଣାଯାଏ ।

ସର୍ବମଙ୍ଗଳା- ଅମାନିଆ
ଜାତିବୁଢ଼ୀ(ମା ପରମ ବୈଷ୍ଣବୀ)- ଅଣତୀରା
କାଳିକା- ମହାଳିକ୍ ସାହି
କଳସ ମଙ୍ଗଳା- ଜିରେଇଗଡ଼ି
ଗତେଇ ମଙ୍ଗଳା- ସାହାଡ଼ା ଆଡ଼ି
ଘଟ ବାସୁଳୀ- ଗାରିଡ଼ି ଆଡ଼ି

କାଳକ୍ରମେ ସେହି ବର ଅଶ୍ୱତ୍ଥ ଯୋଡ଼ି ବୃକ୍ଷ ଦୁଇଟି ପରିବର୍ଦ୍ଧିତ ହୋଇ କଲେ କାୟା ବିସ୍ତାର । କାଉ-କୋଇଲି, ବଣି-ବାଇଚଢ଼େଇ, ପାରା-ଘରଚଟିଆମାନଙ୍କର ହେଲା ବିଚରଣ କ୍ଷେତ୍ର । ଠାକୁରାଣୀ ପୂଜା ପାଉଥିଲେ ସତ ହେଲେ କୁକୁର, ମାଙ୍କଡ଼ ତାଙ୍କ ଉପରେ କରୁଥିଲେ ମଳମୂତ୍ର ତ୍ୟାଗ । ଅଶ୍ୱତ୍ଥ ଗଛଟି ବାର୍ଦ୍ଧକ୍ୟ ଜନିତ କାରଣରୁ ଅବକ୍ଷୟ ହେବାକୁ ଲାଗିଲା ।

୧୯୫୭ ମସିହାର କଥା । ସେ ସମୟରେ ଉଦୀୟମାନ ଯୁବକ ଶ୍ରୀନିବାସ ଚନ୍ଦ୍ର କର ଆଉ କେତେଜଣ ଯୁବସାଥୀଙ୍କୁ ନେଇ ଦୁଇଟି ଗଛକୁ ହାଣି ମନ୍ଦିର କରିବା କଥା ଚିନ୍ତା କଲେ । ବୟସ୍କ ରକ୍ଷଣଶୀଳ ବ୍ୟକ୍ତିମାନେ ବିରୋଧ କଲେ । କାଳିସୀମାନେ କହିଲେ- "କଞ୍ଚାଖାଇ ଠାକୁରାଣୀ ହେଉଛନ୍ତି ଶକ୍ତିମୟୀ ସଂଖାରୁଶୁଣୀ । ତା' ଗଛରେ ହାତ ଦେଲେ ଘୋର ଅମଙ୍ଗଳ ହେବ ।"

ଯୁବନେତା ଶ୍ରୀନିବାସ କହିଲେ- "ସବୁଆଡ଼େ ଶକ୍ତିପୀଠରେ ମନ୍ଦିର ହୋଇଗଲାଣି । ଅଘରୀ ମା'କୁ ଘର ଭିତରେ ତା' ସନ୍ତାନ ରଖିବାକୁ ଚାହିଁଲେ ଦୋଷ କ'ଣ ?" ପରିଶେଷରେ ବ୍ରାହ୍ମଣ ଡାକି ପୂଜା ଆରାଧନା କରି ଯୁବନେତା ଶ୍ରୀନିବାସ ନୂଆ କୁରାଢ଼ିରେ ପ୍ରଥମେ ଚଟା ଦେଲେ । ଅନ୍ୟମାନେ ଗଛ ଗଡ଼ାଇ ଦେଲେ । କେତେକ ରକ୍ଷଣଶୀଳ ବ୍ୟକ୍ତି ଗଛକାଟି ମୋକଦ୍ଦମା କଲେ । ହେଲେ ଯୁବକମାନେ ଠିକ୍ ଭାବରେ ବୁଝାଇ ଦେବାରୁ କୁଚକ୍ରୀ ଲୋକଙ୍କ ଯୋଜନା ଫସର ଫାଟିଲା । ଆଗରୁ ମଧୁମେହ ରୋଗରେ ଶିକାର ହୋଇଥିବା ଯୁବକ ଶ୍ରୀନିବାସ ଶାରୀରିକ ଅସୁସ୍ଥତାର ଶିକାର ହୋଇ ବିଛଣା ଧରିଲେ । ଅଳ୍ପଦିନ ମଧ୍ୟରେ ତାଙ୍କର ମୃତ୍ୟୁ ହେଲା । ମନ୍ଦିର ତୋଳା ହୋଇ ପାରିଲା ନାହିଁ । ଅନ୍ଧବିଶ୍ୱାସୀ ଲୋକେ ଠାକୁରାଣୀ ଗଛ କାଟିବାର ପରିଣାମ ବୋଲି କହି ବୁଲିଲେ । ମୁଟ୍ରିଅଗସ୍ତି ନାମକ ଜନୈକ ସାଧୁବ୍ୟକ୍ତି ମାଟିଘର ଓ କୁଟାଛପର କରି ଠାକୁରାଣୀଙ୍କୁ ଦେଲେ ଆଶ୍ରୟ ।

କିଛି ବର୍ଷ ପରେ ସେହି ମୁଟ୍ରି ଅଗସ୍ତିଙ୍କର ସାଧୁ ଉଦ୍ୟମରେ ଛୋଟ ମନ୍ଦିରଟିଏ ତୋଳାଗଲା । ଠିକ୍ ଭାବରେ ତାହା ନିର୍ମାଣ ହୋଇ ନଥିବାରୁ କିଛିଦିନ ଭିତରେ ତାହା ଭାଙ୍ଗି ପଡ଼ିଲା । ୨୦୧୬/୧୭ ମସିହାରେ ଜନସାଧାରଣଙ୍କ ମିଳିତ ସହଯୋଗରେ ମନ୍ଦିର, ମୁଖଶାଳା, ଗର୍ଭଗୃହ ସୁନ୍ଦର ଭାବରେ ନିର୍ମାଣ କରାଯାଇଛି । ପାଖରେ ଛୋଟ ମଙ୍ଗଳା ମନ୍ଦିରଟିଏ ମଧ୍ୟ ନିର୍ମିତ ହୋଇଛି ।

## ନିଆରା ପରମ୍ପରା

ସେତେବେଳେ ସଙ୍କର୍ଷଣ ଦେବ ପୁରୀର ଛତିଶାନିଯୋଗ ପ୍ରଥାକୁ ଆଖି ଆଗରେ ରଖି ବିଭିନ୍ନ ବିଗ୍ରହ ଓ ଭିନ୍ନ ଭିନ୍ନ ବର୍ଣ୍ଣର ଲୋକଙ୍କୁ ଥଇଥାନ କରିଥିଲେ । ଯଥା: ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୌଡ଼, ଧୋବା, ନାପିତ, ବଢ଼େଇ, ତେଲି, ଓଝା, ଡମ, ରାଢ଼ି ମହାଳିକ, ତନ୍ତୀ, ଭଞ୍ଜ, ନାୟକ, ଭାଣ୍ଡ, କେଉଟ, ଗୋଖା, ପ୍ରଧାନ, ହାଡ଼ି ଇତ୍ୟାଦି । ଅର୍ଥାତ୍ ଦେବୀଙ୍କର କୌଣସି ପ୍ରକାର କାର୍ଯ୍ୟ ପାଇଁ କିଛି ଅସୁବିଧା ହେବ ନାହିଁ । ପ୍ରଧାନମାନେ ହେଲେ ମାଟିଆ ଶ୍ରେଣୀର । ଦ୍ରାବିଡ଼ ସଂସ୍କୃତିର ଲୋକ । ହେଲେ ସେଠାରେ କେହି ଜନଜାତିର ଲୋକ ନାହାନ୍ତି । ସଙ୍ଖାରୁଶୁଣୀ ମନ୍ଦିର ପାଖାପାଖି ଏକ ସୁନ୍ଦର ଜଗନ୍ନାଥ ବିଗ୍ରହ ଏବଂ ସଙ୍ଖେଶ୍ୱର ମହାଦେବ ବିଗ୍ରହ ପ୍ରତିଷ୍ଠା ସଙ୍କର୍ଷଣ ଦେବ କରିଥିବା କଥା ଅନୁମାନ କରାଯାଏ । ଏବେ ସେଠାରେ ସବୁ ମନ୍ଦିର ହୋଇ ଯାଇଛି ।



ମା' ସଂଖାରୁଶୁଣୀଙ୍କର ଦେଉରୀ ହେଲେ ନାପିତ ବାରିକ ବଂଶ । ସେମାନେ ପ୍ରତିଦିନ ପୂଜା କରନ୍ତି । ଅକ୍ଷୟ ତୃତୀୟାରେ ପ୍ରତିଷ୍ଠା ଦିବସ ପୂଜା, ମାନସିକ ପୂଜା, ଚଣ୍ଡୀପାଠ, ଗାୟତ୍ରୀ ଯଜ୍ଞ, ଗୀତା ଯଜ୍ଞ, ଅଷ୍ଟମୀ ପୂଜା ସମୟରେ ବଡ଼ବଡ଼ କର୍ମକାଣ୍ଡୀ ବ୍ରାହ୍ମଣ ମାନେ ପୂଜା କରିଥାନ୍ତି । ବର୍ତ୍ତମାନ ପାଳି ଅନୁସାରେ ଭାସ୍କର ସନ୍ଧିବିଗ୍ରହ (ବ୍ରାହ୍ମଣ) ଅଭିରାମ ବାରିକ (ନାପିତ) ପୂଜକ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି ।

## ପୂଜା-ଆରାଧନା

ଅକ୍ଷୟ ତୃତୀୟା ହେଉଛି ସଂଖ୍ୟାରୁଶୁଣୀଙ୍କର ପ୍ରତିଷ୍ଠା ଦିବସ । ଏହା ଏକ ପୁଣ୍ୟ ତିଥି । ଉକ୍ତ ଦିବସରେ ସତ୍ୟଯୁଗର ଅବସାନ ଘଟି ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା । ତିଥିଟି ବୈଶାଖ ମାସ ଶୁକ୍ଳପକ୍ଷରେ ପଡ଼େ । ବିଷ୍ଣୁ, ଲକ୍ଷ୍ମୀ, ଗଣେଶ ଓ କୁବେରଙ୍କୁ ଏହି ତିଥିରେ ଆରାଧନା କରାଯାଏ । ଶ୍ରୀକୃଷ୍ଣ ଉକ୍ତ ଦିବସରେ କୃଷ୍ଣାଙ୍କର ଆତ୍ମସମ୍ମାନ ରକ୍ଷା କରିଥିଲେ । ଭଗବାନ ପର୍ଶୁରାମଙ୍କର ଏହା ଜନ୍ମତିଥି । ଯୁଧିଷ୍ଠିର ଏହିଦିନ ଅକ୍ଷୟ ପାତ୍ର ଲାଭ କରିଥିଲେ । ଯେଉଁପାତ୍ରରୁ ଯେତେ ଖାଇଲେ ମଧ୍ୟ ଭୋଜନ ସରେ ନାହିଁ । ଗଙ୍ଗାମାତା ଏହିଦିନ ସ୍ୱର୍ଗରୁ ଆସି ମର୍ତ୍ତ୍ୟରେ କରିଥିଲେ ପଦାର୍ପଣ । ହିନ୍ଦୁମାନେ ଅକ୍ଷୟ ତୃତୀୟା ଦିନ ନାଭିପିଣ୍ଡ ଗୟାରେ ପିଣ୍ଡଦାନ କରନ୍ତି । ଅକ୍ଷୟ ତୃତୀୟାରେ ସୁବର୍ଣ୍ଣ ଭଳି ମହାର୍ଘ୍ୟ ଦ୍ରବ୍ୟ କିଣିଲେ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ । ନାରୀମାନେ ସ୍ୱାମୀମାନଙ୍କର ଶୁଭ ମନାସି ସନ୍ତାନ କାମନା କରନ୍ତି । ଏହିଦିନ ଲାଭ କରିଥିବା ଜିନିଷ କ୍ଷୟ ନହୋଇ ଅଭିବୃଦ୍ଧି ହେଉଥିବାରୁ ଏହାର ନାମ- ଅକ୍ଷୟ ତୃତୀୟା ।"

ଅକ୍ଷୟ ତୃତୀୟା ଏକ କୃଷି ଭିତ୍ତିକ ପର୍ବ । ଏଥିରେ ରହିଛି ସୃଷ୍ଟି ଏବଂ ସୃଜନୀର ସଂକେତ । ଧାନ ବା ବିଭିନ୍ନ ବିହନକୁ କୁହାଯାଏ ଅକ୍ଷୟ ବୀଜ ଅକ୍ଷୟ ତୃତୀୟାରେ କୃଷକ ଅକ୍ଷିମୁଠି ଅର୍ଥାତ୍ ଅକ୍ଷୟ ମନାସି ବିହନ ବୁଣିଥାଏ ।

## ନିଶାଘଟ

ବୈଶାଖ ମାସ ଶୁକ୍ଳପକ୍ଷ ପ୍ରଥମା ଦିନ ମଧ୍ୟରାତ୍ରିରେ ନିଶାଘଟ ଉଠେ । ସାତ ଜଣ ପୁରୁଷ ଶ୍ରଦ୍ଧାଳୁ ଉପବାସ ଓ ନିଆରା ରହିଥାନ୍ତି । ଦୁଇଦିନ ଆଗରୁ ନିଆରା ରହି ସ୍ୱତନ୍ତ୍ର ବିଛଣାରେ ଶୟନ କରିଥାନ୍ତି । ସଂଖାରୁଶୁଣୀଙ୍କ ଆଗରେ ଥିବା ପୋଖରୀରୁ ଏକ ବଡ଼ କଳସରେ ସଂଖାରୁଶୁଣୀ ଘଟ ଏବଂ ଛ'ଟି ବିଡ଼ାରେ ଅନ୍ୟ ଭଉଣୀମାନଙ୍କର ଘଟ ଉତ୍ତୋଳନ ହୁଏ । ଖୋଳ, ତାଳ, କରତାଳ, ଟମକ, ନିଶାଣ, ଘଣ୍ଟ, ଘଣ୍ଟା ଧ୍ୱନିରେ ସେ ଅଞ୍ଚଳ ହୋଇଉଠେ ମୁଖରିତ । ସାତଜଣ ବ୍ରାହ୍ମଣ ଏହି କାର୍ଯ୍ୟକୁ ସଫଳତାର ସହିତ କରିଥାନ୍ତି । ସାତଜଣ ଠାକୁରାଣୀଙ୍କ ପାଇଁ ସାତଜଣ କାଳିସୀ ନିଆରା ରହିଥାନ୍ତି । ପ୍ରତ୍ୟେକ ଦେବୀଙ୍କର ବାଦ୍ୟକାର ଅଲଗା ଅଲଗା ଓ ସ୍ୱତନ୍ତ୍ର ବାଦ୍ୟ ପରିବେଷଣ କରନ୍ତି । ବିଭିନ୍ନ ଦାସୀମାନଙ୍କର ଉଦଣ୍ଡ ନୃତ୍ୟ ମଧ୍ୟ ଅଲଗା ଅଲଗା । ନୃତ୍ୟରୁ ଜାଣିହୁଏ ସେ କେଉଁ ଭଉଣୀଙ୍କର କାଳିସୀ ବୋଲି । ଘଟ ଉତ୍ତୋଳନ ସହିତ ସାତଭଉଣୀଙ୍କୁ ଆବାହନ ପାଇଁ ନିମନ୍ତ୍ରଣ କରାଯାଏ ।

ସଂଖାରୁଶୁଣୀ ଓ ଜାତିବୁଢ଼ୀ ଦୁହେଁ ପରମ ବୈଷ୍ଣବୀ ହୋଇଥିବାରୁ ତାଙ୍କ ପାଖରେ କିଛି ବଳି ପଡ଼େ ନାହିଁ । ଅନ୍ୟ ଭଉଣୀମାନଙ୍କ ମଧ୍ୟରୁ କାଳିକା, ସର୍ବମଙ୍ଗଳା, କୁକୁଡ଼ା ଓ ଅଣ୍ଡାବଳି ଗ୍ରହଣ କରନ୍ତି । ସେମାନେ ସଂଖାରୁଶୁଣୀ ପୀଠରୁ ବାହାରକୁ ଯାଇ ବଳି ଭକ୍ଷଣ କରିବାର ପ୍ରଥା ରହିଛି । ବଡ଼ଭଉଣୀ ସଂଖାରୁଶୁଣୀ ଡରରେ କେହି ବିଶୃଙ୍ଖଳିତ ହୁଅନ୍ତି ନାହିଁ । ସଂଖାରୁଶୁଣୀଙ୍କ ଦାସୀ ସମସ୍ତ ଯାତ୍ରାକାର୍ଯ୍ୟକୁ କରନ୍ତି ନିମନ୍ତ୍ରଣ । ଫଳରେ ଦେବୀପୀଠ ସବୁବେଳେ ରହିଥାଏ ପବିତ୍ର ଓ ପରିଷ୍କାର ।

ଘଟ ସଂସ୍ଥାପନ ପରେ ରାତିରୁ ଅଧିବାସ ପୂଜା ଆରମ୍ଭ ହୁଏ । ଦେଉରୀମାନେ ନଡ଼ିଆ, କଦଳୀ, କମଳା, ସେଉ, ଡାଳିମ୍ବ ପ୍ରଭୃତି ଫଳ ଛଡ଼ାଇ କାଟନ୍ତି । ନିଆରା ଥିବାବେଳେ କେତେକ ସଦସ୍ୟ ଓ ଯୁବଗୋଷ୍ଠୀ ତାଙ୍କୁ କାର୍ଯ୍ୟରେ ହୁଅନ୍ତି ସହାୟକ । ଧୂପ, ଝୁଣା, ଅଗୁରୁ, ଚନ୍ଦନ, ସିନ୍ଦୂରର ମହମହ ବାସ୍ନାରେ ବାସ୍ନାୟିତ ହୋଇଥାଏ ସେ ଅଞ୍ଚଳ । ମା' କାଳିକା ବାସୀ ଉନ୍ମତ୍ତ ହୋଇ ଖଜୁର ଗଛରୁ ଝାଡ଼ ଭାଙ୍ଗନ୍ତି । ସେ ଦୃଶ୍ୟକୁ ପିଲାଛୁଆ ବିସ୍ମିତ ନେତ୍ରରେ କରୁଥାନ୍ତି ଉପଭୋଗ ।

ସକାଳ ହୋଇଗଲା ପରେ ଦାସୀମାନଙ୍କର ବିଶ୍ରାମ ଛାଡ଼ିଯାଏ । ଷୋଡ଼ଶ ଉପଚାରରେ ପୂଜା ହୁଏ । ମା'ଙ୍କ ପାଖରେ ଫଳ-ମୂଳ, କ୍ଷୀରୀ, ପଞ୍ଚାମୃତ ଭୋଗ ଲାଗେ । କଳା ଓ ରଙ୍ଗିନ ଶାଢ଼ି ପିନ୍ଧିବା ଓ ଶ୍ୱେତପୁଷ୍ପରେ ପୂଜା ହବା ମା'ଙ୍କର ସଉକ୍ ଅଟେ । ସେ ଗାୟତ୍ରୀ ବୀଜମନ୍ତ୍ରକୁ ଭଲପାନ୍ତି । ତେଣୁ ଅନବରତ ଚଣ୍ଡୀପାଠ ସହିତ ମଝିରେ ମଝିରେ ପଢ଼ାଯାଏ ଗାୟତ୍ରୀ ମନ୍ତ୍ର । "ଓଁ ଭୂ ଭୂର୍ବସ୍ୱ ତସ୍ୟ ବିତୁବରିଣଂ ଭର୍ଗୋଦେବସ୍ୟ ଧିମହୀ, ଧିୟୋ ୟୋନଃ ପ୍ରଚୋଦୟାତ୍ ।"

ଅକ୍ଷୟ ତୃତୀୟା ଦିନ ବିଭିନ୍ନ ଶ୍ରଦ୍ଧାଳୁ ଆସି ମୁଦା ବସାନ୍ତି । ଦାସୀମାନେ ମା'ଙ୍କ ଶକ୍ତି ଲାଭ କଲା ପରେ ଭକ୍ତଙ୍କର ସମସ୍ୟା ସମାଧାନ କରନ୍ତି । ଗୋଟିଏ ହାତରେ ଝୁଣାସରା ଓ ଅନ୍ୟ ହାତରେ ବେତଗୋଛା ଧରି ନାଚିନାଚି ବିଭିନ୍ନ ପ୍ରଶ୍ନର ସେମାନେ ଦିଅନ୍ତି ଉତ୍ତର । ଧନ, ଜନ, ଗୋପ, ଲକ୍ଷ୍ମୀ ବର୍ଦ୍ଧନ ପାଇଁ କରନ୍ତି ଆଶୀର୍ବାଦ । ବେଳେବେଳେ ଏମିତି ହୁଏ ସର୍ବମଙ୍ଗଳା ଦାସୀ ଉପରେ ମା'କାଳିକା ସବାର ହୋଇଯାନ୍ତି । ସେତେବେଳେ ତାଙ୍କର ରୂପରେଖ, ତାଳ, ମାନ, ନୃତ୍ୟ ଓ ଚେହେରା ସବୁକିଛି ବଦଳି ଯାଏ ।

## ସ୍ୱରୂପ

ମା' ସଂଖାରୁଶୁଣୀ କଳାବସ୍ତ୍ରକୁ ଭଲପାନ୍ତି । ସେ ଚର୍ତୁଭୂଜା । ଗୋଟିଏ ହାତରେ ଧରିଥାନ୍ତି ସର୍ପର ଲାଞ୍ଜ, ଅନ୍ୟ ହାତରେ ଅମୃତଭାଣ୍ଡ, ତୃତୀୟ ହାତରେ ନିଆଁହୁଳା ଏବଂ ଚତୁର୍ଥ ହସ୍ତଟି ଅଭୟ ପ୍ରଦାନ କରିବା ଢଙ୍ଗରେ ଥାଏ । ସପ୍ତନାଗ,

ଯାହାଙ୍କର ସାତଟି ଫଣା ଥାଏ ତାହା ଠାକୁରାଣୀଙ୍କ ମଥା ଉପରେ ଛତ୍ର ସ୍ୱରୂପ ପାଉଥାଏ ଶୋଭା । ନାଗଙ୍କ କୁଣ୍ଡଳୀ ଉପରେ ସେ ବସିଥାନ୍ତି ଚକାମାଡ଼ି । ଦେବୀଙ୍କର ଦୃଷ୍ଟି ମଧୁକ୍ଷରା ଓ ଦରଦଭରା । ଦୁଃଖ ନାଶିନୀ, ଭୋକ ହାରିଣୀ, କ୍ଷମା ଦାୟିନୀ, ପରମ ବୈଷ୍ଣବୀ ସଂଖ୍ୟାରୁଶୁଣୀ ମା' ଜଗତର ମଙ୍ଗଳ ପାଇଁ ଏପରି ଅପରୂପ କରିଛନ୍ତି ଅବଧାରଣ । ସେ ଲକ୍ଷ୍ମୀ ବା ନାରାୟଣୀ ହୋଇଥିବାରୁ କେବଳ ମୋକ୍ଷ ଦାୟିନୀ ନୁହନ୍ତି ବରଂ ଅଟନ୍ତି ଧନଦାତ୍ରୀ ।

## ମାହାତ୍ମ୍ୟ

ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରୁ ବହୁ ଭକ୍ତଭକ୍ତା ମାନସିକ ରଖି ଏହି ଶକ୍ତିପୀଠକୁ ଆସନ୍ତି । ମାସରେ କୋଡ଼ିଏ ବାଇଶଦିନ ଯଜ୍ଞ ଓ ଚଣ୍ଡୀପାଠ ହୁଏ । ଦେବୀ ରାତିରେ ବାଘ ଚଢ଼ି ବୁଲୁଥିବାର ଅନେକ ପ୍ରତ୍ୟକ୍ଷଦର୍ଶୀ କରନ୍ତି ବର୍ଣ୍ଣନା । ଇରମ୍‌ରେ ଥିବା ବଜ୍ରମହାକାଳୀଙ୍କ ପାଖକୁ ଏଇ ସାତଭଉଣୀ ନିଆଁହୁଳା ଧରି ଯିବା ଆସିବା କଥା ବୟସ୍କ ଲୋକମାନେ ସ୍ୱୀକାର କରନ୍ତି ।

ଇରମ୍‌ର ତତ୍କାଳୀନ ଜମିଦାର ରାଧାକାନ୍ତ ପାଢ଼ୀ ଥରେ ସଂଖାରୁଶୁଣୀଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ଚାହିଁଲେ । ଡାକରା ପାଇ ବୁଦ୍ଧିଅଗସ୍ତି (ସଂଖାରୁଶୁଣୀଙ୍କ ଦାସୀ) ଦୁର୍ଲ୍ଲଭ ସାହୁ (ସର୍ବମଙ୍ଗଳାଙ୍କ ଦାସୀ) ଦେବୀଙ୍କ ଆଜ୍ଞାମାଳ ଧରି ଚାଲିଲେ । ବାଟରେ ପରୀକ୍ଷା ପାଇଁ ପିତ୍ତଳ ଗଗରା ଭିତରେ ନିଆଁ ରଖି ତତା ଯାଇଥିଲା । ଦାସୀ ଦୁଇଜଣ ତାକୁ ଅକ୍ଳେଶରେ କାଖେଇ କାଖେଇ ନେଇ ରଖିଲେ ଜମିଦାରଙ୍କ ବୈଠକଖାନା ଆଗରେ । ଜମିଦାର ପ୍ରୀତ ହେଲେ ।

ବଜ୍ରମହାକାଳୀଙ୍କର ଭକ୍ତ ଜନୈକ ସେଟେଲମେଣ୍ଟ୍ ଅଫିସର୍ ସେ ଅକ୍ଷୟ ତୃତୀୟାରେ ଏକ ମୋଟା ଓ ଲମ୍ବା ଲୁହାର ଶାବଳଟିଏ ସାଙ୍ଗରେ ଆଣିଥିଲେ । ତାଙ୍କ ନିର୍ଦ୍ଦେଶ ମତେ ସେହି ଶାବଳଟିକୁ ନିଆଁ ଜାଳି ଲାଲ୍ କରି ଦିଆଗଲା । ସେ କହିଲେ- "ଦେବୀ ଯଦି ଦାସୀଙ୍କ ଉପରେ ଠିକ୍ ପ୍ରସନ୍ନ ଥିବେ ତା'ହେଲେ ଏହି ଉତ୍ତପ୍ତ ଶାବଳଟିକୁ ହାତରେ ବାଙ୍କି ଗୋଲାକୃତି କରିଦେବେ ।" ତାହା ହିଁ ହେଲା । ଦାସୀ କୃଷ୍ଣ ସାହୁ ଏବଂ କଣ୍ଡରୁ ନାୟକ ପ୍ରଚଣ୍ଡ ଦାସୀ ହୋଇ ଶାବଳଟିକୁ ଏକ କୁଣ୍ଡଳୀରେ କରି ଦେଇଥିଲେ ପରିଣତ । ସେତେବେଳେ ହରିବୋଲ, ହୁଳହୁଳି ଧ୍ୱନିରେ ସେ ଅଞ୍ଚଳର ଗଗନ ପବନ ହୋଇଥିଲା ମୁଖରିତ । ଅଫିସର୍ ଜଣଙ୍କ କୃତକୃତ୍ୟ ହୋଇ ଦେବୀଙ୍କୁ ଦଣ୍ଡ ପ୍ରଣାମ କରିଥିଲେ । ସେହିପରି ସର୍ବମଙ୍ଗଳା ଦାସୀ ଭାଗବତ ବାରିକ୍ ଏକ ବରଗଛ ଚେର ସନ୍ଧିରେ ମୁଣ୍ଡ ଗଳାଇ ଦାସୀ ହୋଇ ବାହାରିଯିବା ଥିଲା ଏକ ଅଭିନବ ଘଟଣା ।

ଆଉ ଗୋଟିଏ କଥା, ସେ ଅଞ୍ଚଳରେ ଅନାବୃଷ୍ଟି ଦୈବ ଦୁର୍ବିପାକ, ମହାମାରୀ ହେବା ପୂର୍ବରୁ ଦେବୀ ତା'ର ସନ୍ତାନସନ୍ତତିଙ୍କୁ ବହୁପୂର୍ବରୁ ଦାସୀ ମାଧ୍ୟମରେ ସତର୍କ କରାଇ ଦେଉଥିଲେ । ତେଣୁ ତାର ପ୍ରତିକାର ବ୍ୟବସ୍ଥା ଠିକ୍ ଭାବେ କରା ଯାଇପାରୁଥିଲା ।

## ନିଆଁ ପାଟ୍, ଝୁଣା ପାଟ୍

ଅକ୍ଷୟ ତୃତୀୟା ଦିନ ରାତ୍ରିର ଶେଷ ପ୍ରହରକୁ ନିଆଁ ପାଟ୍, ଝୁଣା ପାଟ୍ ହୁଏ । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଆଗରୁ ଦୁଇଫୁଟ୍ ଓସାର କୋଡ଼ିଏ ଫୁଟ୍ ଲମ୍ବ, ଛଅ ଇଞ୍ଚ୍ ଗଭୀରର ଗାତ ଖୋଳା ଯାଇଥାଏ । ସେହି ଗାତରେ ଦୁଇଘଣ୍ଟା ପୂର୍ବରୁ କାଠଜାଳି ନିଆଁରଡ଼ ସୃଷ୍ଟି ହୋଇଥାଏ । ନିଆଁକୁ ପ୍ରଜ୍ୱଳିତ କରି ରଖିବା ପାଇଁ ବାରମ୍ବାର ଛଟା ଯାଉଥାଏ ଝୁଣା । ଜଣେ ପରେ ଜଣେ କାଳିସୀ ଦାସୀ ହୋଇ ତା' ଉପରେ ଚାଲନ୍ତି ନାଚି ନାଚି । କିଛି ସାହସୀ ଶ୍ରଦ୍ଧାଳୁଙ୍କୁ ଦାସୀମାନେ ହାତ ଧରି ନିଆଁରେ ଚଲାନ୍ତି । ଏଇମିତି ହେଉ ହେଉ ହୋଇଯାଏ ସକାଳ । ତିନିଦିନର ଯାତ୍ରା ସମାପ୍ତ ହୁଏ । ପରେ ପରେ ପୋଖରୀରେ ଘଟ ବିସର୍ଜନ ଦିଆଯାଏ ।

ଅକ୍ଷୟ ତୃତୀୟା ଦିନ ପ୍ରାୟ ଦୁଇହଜାର ଶ୍ରଦ୍ଧାଳୁ ପଙ୍ଗତରେ ପ୍ରସାଦ ସେବନ କରନ୍ତି । ସେଇଦିନ ଠାକୁରାଣୀଙ୍କୁ ବିଭିନ୍ନ ସୁନା ରୂପାର ଅଳଙ୍କାର ଓ ଅର୍ଥଦାନ ମିଳେ । ସେହି ପଇସାରେ ଠାକୁରାଣୀଙ୍କର ବିଭିନ୍ନ ଉନ୍ନତିକର କାର୍ଯ୍ୟ କରାଯାଏ । ଦୁର୍ଗାପୂଜାରେ ଶକ୍ତିପୀଠରେ ହୋମ ଓ ଚଣ୍ଡୀପାଠ ତିନିଦିନ କରାଯାଏ । ସେତେବେଳେ କାଳିସୀ ବିଶ୍ରାମ ହୁଅନ୍ତି ନାହିଁ । ପ୍ରତ୍ୟକ୍ଷ ଦେବୀ ଭାବେ ସମୟକ୍ରମେ ମା' ସଂଖାରୁଶୁଣୀଙ୍କର ମହାତ୍ମ୍ୟ ପ୍ରସାରପ୍ରଚାର ହେବାରେ ଲାଗିଛି ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ
ରିହାତି ୧୭%
ବାର୍ଷିକ ଗ୍ରାହକ ଯୋଜନା




- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୫୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୫୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟ ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର


SMILE GOLD
Agarbati
JHPPL
SMILE+
AN ISO 9001:2008 Certified
Since : 20years
Our Product
SMILE+ SANITISER
White Phenyle
ROSE
BLACK DIMOND
SANDALWOOD
GOLDEN CHAMPA
RAJNIGANDHA
NEEM GOLD
MALLI GOLD
LEMON GOLD
Rose Gold
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796




# 'ଜହୁରୀ ଭାଇ'ର ଯାତ୍ରା

# ନୃସିଂହ ଚରଣ ସାହୁରୁ ଜହ୍ଲୁରୀ ଭାଇ


## ପ୍ରିୟମ୍ବଦା ରଥ

କ୍ୱାର୍ଟର ନମ୍ବର ୩୧୩, ସେକ୍ଟର ୪, କେ. ଭି. ପାର୍କ
ନିକଟ, ଆର୍‌କେ ପୁରମ୍, ନୂଆଦିଲ୍ଲୀ-୧୧୦୦୨୨
ଫୋନ : ୮୬୮୮୯୫୭୮୦୦


ଫଟୋ ସୌଜନ୍ୟ : ଲେଖିକା

**ଜହ୍ଲୁରୀ ହୀରାକୁ ଚିହ୍ନିବା ପରି ଶିଶୁମାନଙ୍କ ଭିତରୁ ହୀରାମାନଙ୍କୁ ଠାବ କରିବା ପାଇଁ ଯିଏ ହେଲେ 'ମୀନାବଜାର' ପତ୍ରିକାର ଜହ୍ଲୁରୀ ଭାଇ, ସେ ପ୍ରକୃତରେ ଜନସେବକ, ଲେଖକ, ସାମ୍ବାଦିକ ନୃସିଂହ ଚରଣ ସାହୁ । ନିଜ ପୈତୃକ ସମ୍ପତ୍ତି ବିକ୍ରି କରି ଯିଏ ତିଆରି କରୁଛନ୍ତି ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କର ଜୀବନୀ ଗ୍ରନ୍ଥ । ଏହା ଓଡ଼ିଶାର ସାରସ୍ୱତ ଭଣ୍ଡାର ପାଇଁ ହେବ ଅମୂଲ୍ୟ ରତ୍ନ । ବ୍ୟୟବହୁଳ ଏଇ ସାରସ୍ୱତ କାର୍ଯ୍ୟ ପାଇଁ ସରକାର ଆଗେଇ ଆସିଲେ, ତାଙ୍କର ସାଧନାର ସଫଳାୟନ ହୋଇପାରିବ ବୋଲି ବିଶ୍ୱାସ ।**


ଲେଖିକା ପ୍ରିୟମ୍ବଦା ରଥ

ମଇ ମାସର ଏକ କୋମଳ ଅପରାହ୍ନ । ଆକାଶରେ ଅଦିନିଆ ମେଘର ଆସ୍ତରଣ । ମନ ମୋହିଲା ପରି ଦୃଶ୍ୟ । ସେଦିନ ସକାଳର ଅଦିନିଆ ବର୍ଷା ପରିବେଶକୁ ବେଶ୍ ଶାନ୍ତ ଶୀତଳ କରିଦେଇଥାଏ । ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଆମେ ପହଞ୍ଚିଥିଲୁ ଟଙ୍କପାଣି ରୋଡ଼, ପାଣ୍ଡବ ନଗର ସ୍ଥିତ ଓଡ଼ିଶାର ପିଲାମାନଙ୍କ ଆଦରର ଜହ୍ଲୁରୀ ଭାଇଙ୍କ ବାସଭବନରେ । ମୋ ସହିତ ଥିଲା ଝିଅ ଦିବ୍ୟାଂଶି । କଲିଂ ବେଲ୍‌ର ଶବ୍ଦରେ ଯିଏ କବାଟ ଖୋଲିଲେ, ସେ ଥିଲେ ସୋନି । ଆଗରୁ ଫୋନ୍‌ରେ କଥାବାର୍ତ୍ତା ହୋଇ ପରିଚୟ ହୋଇଥିଲା ଆମ ଦୁହିଁଙ୍କ ମଧ୍ୟରେ । ଆମେ ଓଡ଼ିଆ ପୁସ୍ତକ ପ୍ରକାଶନରେ ସୋନିଙ୍କର ସହାୟତାକୁ ଭୂରି ଭୂରି ପ୍ରଶଂସା କରୁ । ସାର୍ ଦେଖୁ ଦେଖୁ ଆତ୍ମିୟତାର ଆପଣାପଣରେ ବୈଠକ ଘରକୁ ଡାକି ନେଇ ବସାଇଲେ । ଘର ଭିତରେ ସମ୍ପୂର୍ଣ୍ଣ ନୀରବତା । ଗଦାଗଦା ବହିପତ୍ର, ସମ୍ବାଦପତ୍ର, ପତ୍ରପତ୍ରିକା ଓ ବହୁ ଗ୍ରନ୍ଥାବଳିକୁ ନେଇ ସୁସଜ୍ଜିତ ଜହ୍ଲୁରୀ ଭାଇଙ୍କ ସୃଜନ ସାମ୍ରାଜ୍ୟ । ସେଠାରେ ମୋ ଆଖି ଝଲସିଗଲା, ମୋତେ ଲାଗିଲା ଯେପରି ହଜାର ହଜାର ଫାଇଲ୍ ଭିତରୁ ଓଡ଼ିଶାର ଅଜସ୍ର ବରପୁତ୍ରଙ୍କ ଜୀବନୀ ଭିତରୁ ସହସ୍ର ଇନ୍ଦ୍ରଧନୁର ଦୀପ୍ତି ବିଚ୍ଛୁରିତ ହେଉଛି । ମୋତେ ଚାରିପଟେ ଘୁରି ଘୁରି ଦେଖୁଥିବାର ଦେଖି ସୋନି ପଚାରିଲେ, "କଣ ଦେଖୁଛନ୍ତି ଦିଦି ? ଏଇଠି ଦିନକୁ ଚଉଦ ଘଣ୍ଟା ବିତାନ୍ତି ସାର୍ । ଏସବୁ ଓଡ଼ିଆ ଗ୍ରନ୍ଥ ପ୍ରକାଶିତ ହୋଇଛି ଗଲା ବାର ବର୍ଷ ଭିତରେ । ନିଜ ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଗୌରାବାନ୍ୱିତ କରିଥିବା ଓଡ଼ିଶାର ଦୁଇ ମହାନାୟକ ପିତୃପ୍ରତିମ ଡକ୍ଟର ହରେକୃଷ୍ଣ ମହତାବ ଓ ପଦ୍ମଶ୍ରୀ ବିନୋଦ କାନୁନଗୋଙ୍କ ପ୍ରେରଣା ପାଇ ଦୀର୍ଘ ୫୮ ବର୍ଷ ହେଲା ସେ ଏହି କାମରେ ଲାଗି ରହିଛନ୍ତି । ଏଥିରେ ଶିକ୍ଷା, ସାହିତ୍ୟ, ବିଜ୍ଞାନ, କଳା, ସମାଜ ସେବା, ସ୍ୱାଧୀନତା ସଂଗ୍ରାମ, ଦେଶର ପ୍ରତିରକ୍ଷା, ପର୍ଯ୍ୟଟନ ଓ ରାଜନୀତି ଇତ୍ୟାଦି ବହୁବିଧ କ୍ଷେତ୍ରରୁ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶାର ଦଶ ହଜାର ଦିବଂଗତ ଓ ଜୀବିତ ବ୍ୟକ୍ତି ବିଶେଷଙ୍କର ଜୀବନକୁ ନେଇ ୧୫ ଖଣ୍ଡ ବୃହତ୍ ଗ୍ରନ୍ଥ ପ୍ରକାଶ କରିବାର ଯୋଜନାରେ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ଦଶ ଭାଗ ଆମେ ଓଡ଼ିଆରେ ୭୦୦୦ ବରପୁତ୍ରଙ୍କ ଜୀବନୀ ପ୍ରକାଶ କରିସାରିଛୁ । ବର୍ତ୍ତମାନ ଏକାଦଶ ଭାଗ ପ୍ରକାଶ ପାଇଁ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସେ ଦିନରାତି ଏକାକାର କରି ଦେଇଛନ୍ତି । ଅପେକ୍ଷାରେ ଅଛୁ ।"

ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି, "ଓଡିଶାରେ ଏତେ ବରପୁତ୍ର ଅଛନ୍ତି ? ଧନ୍ୟ ସେମାନଙ୍କର ତ୍ୟାଗ ଓ ସାଧନା । ଯେଉଁମାନେ ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜ ନିଜର ନିରବଚ୍ଛିନ୍ନ ସାଧନା ଅବ୍ୟାହତ ରଖି ସଫଳତାର ଶୀର୍ଷ ଛୁଇଁ ପାରିଛନ୍ତି । ସେହି ନକ୍ଷତ୍ରମାନଙ୍କର ଉଜ୍ଜ୍ୱଳ ଦୀପ୍ତିକୁ ଏକାକାର କରି ସାର୍ ଯେ ଗୋଟିଏ ସୂର୍ଯ୍ୟରେ ପରିଣତ କରି ଆଲୋକ ବିତରଣ କରୁଛନ୍ତି ଏହା କିଛି କମ୍ କଥା ନୁହେଁ ।"

ଆମର ଏପରି କଥାବାର୍ତ୍ତା ଭିତରେ "ମା ଆସିଗଲୁ କିଛି ଅସୁବିଧା ହୋଇନି ତ ?" କହି ଘର ଭିତରକୁ ପଶି ଆସିଲେ ଜହ୍ଲୁରୀ ଭାଇ । ଆମେ ତାଙ୍କ ପାଦ ସ୍ପର୍ଶ କରୁକରୁ ସସ୍ନେହ ସ୍ମିତହାସ୍ୟ ସହ ମୋ ଝିଅକୁ କୋଳେଇ ନେଲେ । କୁନି ଓଠରେ କେରାଏ ହସ ଖେଳିଗଲା ତାର । ଏଣୁ ତେଣୁ ଚାହିଁ ସେ ପ୍ରଶ୍ନ କଲା, "ଆପଣ କ'ଣ ମୋ ପରି ପାଠ ପଢୁଛନ୍ତି ? ଖାଲି ବହି ଆଉ ବହି ଅଛି ଏଠି ।" "ଏମାନେ ପରା ମୋ ସାଙ୍ଗ, ଏମାନଙ୍କୁ ଛାଡି ମୁଁ ରହିବି କେମିତି ?" ବୋଲି ସାର୍ କହିଲେ । ଆମର ଏ ହସ ଖୁସି କଥାବାର୍ତ୍ତା ମଧ୍ୟରେ ତାଙ୍କ ପୁତୁରା ବୋହୂ ଟ୍ରେରେ ମିଠା, ଚା' ପାଣି ରଖି ଚାଲିଗଲେ । ଆମ ସମସ୍ତଙ୍କୁ ଜଳଖିଆ ଖୋଇବା ଭିତରେ କାନ୍ଥରେ ଟଙ୍ଗା ହେଇଥିବା ଜଣେ ମହିଳାଙ୍କ ଫଟୋ ଦେଖି ମୁଁ ପଚାରିଲି, "ଇଏ ମାଉସୀ ବୋଧେ !" "ହଁରେ ମାଆ । ସିଏ ଚାଲିଗଲାଣି ।" କହି ଚାଲିଲେ, "ତିନି ଝିଅ ବିବାହ କରି ଯିଏ ଯାହା ସଂସାରରେ ବ୍ୟସ୍ତ । ଅବସର ପରେ ପତ୍ନୀଙ୍କ ସ୍ୱର୍ଗବାସ ହେଲା । ଏବେ ସାନଭାଇର ପିଲାମାନେ ଆସି ମୋ ପାଖରେ ରହୁଛନ୍ତି । ଦୁଃଖସୁଖରେ ସମୟ କଟୁଛି । ନଚେତ୍ ଏକୁଟିଆ ନିଃସଙ୍ଗ ଜୀବନ ବଡ କଷ୍ଟଦାୟକ ହୋଇପଡନ୍ତା । ଅବଶ୍ୟ ବିଭିନ୍ନ ସ୍ଥାନରୁ ଏ ବହି ପ୍ରତି ଆକର୍ଷିତ ହୋଇ ଅନେକ ବିଶିଷ୍ଟ ଲୋକଙ୍କ ଠାରୁ ଆରମ୍ଭ କରି ସାନ ସାନ ସ୍କୁଲ୍ କଲେଜ ପିଲାମାନେ ମଧ୍ୟ ଏଠାକୁ ଆସି ଗପସପ ଓ ଆଲୋଚନା ମଧ୍ୟରେ ମୋ ଭିତରେ ଜୀବନ୍ୟାସ ଭରୁଛନ୍ତି ।"

ଏପରି କିଛି ବ୍ୟକ୍ତିଗତ କଥା ପରେ ମୁଁ ଜାଣିବାକୁ ଚାହୁଁଥିଲି ତାଙ୍କ ପାରିବାରିକ ଓ ବାଲ୍ୟ ସ୍ମୃତି ସମ୍ବନ୍ଧରେ । ହଠାତ୍ ନୀରବି ଗଲେ ସେ । କିଛି କ୍ଷଣ ଅନ୍ତରେ କିଞ୍ଚିତ ଲୋତକାପ୍ଲୁତ ନୟନରେ ମନର ବେଦନାକୁ ବୁକୁ ତଳେ ଚାପି ରଖି ସେ ଫେରିଥିଲେ ତାଙ୍କ ପିଲାଦିନକୁ ।

"୧୯୪୫ ମସିହା ଯାଜପୁର ଜିଲ୍ଲାର ନରସିଂହପୁର ଗ୍ରାମରେ ମୋର ଜନ୍ମ । ବାପା ପଞ୍ଚାନନ ସାହୁ, ବୋଉ ଲାବଣ୍ୟା ଦେଇ । ଜନ୍ମର ତୃତୀୟ ବର୍ଷରେ ମା'କୁ, ଆଠ ବର୍ଷରେ ବାପାଙ୍କୁ ହରାଇ ଅନାଥ ହୋଇଥିଲୁ ଆମେ ତିନି ଭାଇ ଭଉଣୀ । ଗଣ୍ଡେ ଖାଇ ଖଣ୍ଡେ ପିନ୍ଧିବାର ସୌଭାଗ୍ୟ ଥିଲେ ବି, ଅନ୍ୟ ଛୁଆମାନଙ୍କ ପରି ବାପାଙ୍କ କାନ୍ଧ, କି ମା' କୋଳର ଝୁଲଣା ଆମ ଭାଗ୍ୟରେ ନଥିଲା । ପିତୃମାତୃ ସ୍ନେହରୁ ବଞ୍ଚିତ ହୋଇ ସ୍ନେହ କାଙ୍ଗାଳଙ୍କ ପରି ବଢିଛି ମୁଁ । ବୋଉର ମୁହଁ ତ ମନେନାହିଁ । ଶେଷଶଯ୍ୟାରେ

ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଉପଦେଶ ମୋ ପରବର୍ତ୍ତୀ ଜୀବନରେ ସଫଳତାର ମନ୍ତ୍ର ପାଲଟି ଯାଇଥିଲା । ପରିସ୍ଥିତି ସହ ସଂଗ୍ରାମ କରି ନିଜ ଗୋଡରେ ନିଜେ ଠିଆ ହେବା ମୁଁ ପିଲାଦିନୁ ଶିଖିଛି । ଯିବାବେଳେ ବାପା, ବଡବାପାଙ୍କୁ କହୁଥାନ୍ତି, ଏ ପିଲାମାନେ ତୁମକୁ ଲାଗିଲେ । ମୋ ଯିବାର ସମୟ ହୋଇ ଗଲାଣି । ରଥ ସଜା ହୋଇ ଘଣ୍ଟଘଣ୍ଟା ବାଜୁଛି । ଯାଆ ଖାଇ, ପିଇ କାମ ସାରିଦିଅ । ଆମେ କାନ୍ଦିବାରୁ କହୁଥାନ୍ତି, କେଉଁ ଦିନ ତ କାନ୍ଦିଥାନ୍ତେ । ମୋର ଜଣେ ବୁଢୀ ମା ମୋତେ ନିର୍ଦ୍ଦେଶ ଦେଲେ ବାପାଙ୍କ ପାଖେ ଭାଗବତ ପଢିବାକୁ । ମୁଁ ପଢୁଥାଏ ବାପା ବିଡିଟେ ପିଇବାକୁ ଚାହିଁଲେ । ମୁଁ ସେତେବେଳେ ଶିକ୍ଷକମାନଙ୍କ ପ୍ରଭାବରୁ ବିଡି ପାଟିରେ ପୁରେଇବିନି ବୋଲି ପ୍ରତିଜ୍ଞା କରିଥିଲି । ଲଣ୍ଠନ ଟେକି ତିନି ଥର ଲଗେଇବା ପରେ ବି ମୋ ଦ୍ୱାରା ସେ କାମ ହେଲାନି । ସାନଭାଇ ଅତି ସହଜରେ ପାଟିରେ ଟାଣି ନିଆଁ ଧରେଇ ଦେଲା । ଶେଷଥର ତା ହାତରୁ ବିଡି ଖଣ୍ଡେ ଟାଣି ବାପା ଚାଲିଗଲେ । ସେବେ ଠାରୁ ଏ ଜୀବନରେ କେବଳ ବିଡି ନୁହେଁ କୌଣସି ମାଦକ ଦ୍ରବ୍ୟ ସ୍ପର୍ଶ କରିବି ନାହିଁ ପ୍ରତିଜ୍ଞା କରିଥିଲି । ୮୦ ବର୍ଷ ହେଲାଣି କେତେ ଦେଶ ବିଦେଶ ବୁଲିଛି । କିନ୍ତୁ ନିଶା ଦ୍ରବ୍ୟ ଛୁଇଁ ନାହିଁ । ଏମିତି ଅନେକ କଥା ଅଭୁଲା ସ୍ମୃତି ହୋଇ ରହିଛି । ଏଇ ଯେମିତି ଚତୁର୍ଥ ଶ୍ରେଣୀରେ ପଢୁଥାଏ, ଘରୋଇ କାମରେ ଶଗଡ ଓଦରରେ ବସି ଯାଉ ଯାଉ ହଠାତ୍ ଏକ ଛୋଟ ଗଡ଼ାଣିରେ ଦୁର୍ଘଟଣା ଘଟିଲା । ମୋ ମୁଣ୍ଡ ଉପରେ ଶଗଡ ଚକା ଚଢିଗଲା । ରକ୍ତ ଜୁଡୁବୁଡୁ ସାରା ଶରୀର । ସେଇ ଅବସ୍ଥାରେ ମୋତେ ନେଇ ଡାକ୍ତରଖାନା ଧାଇଁ ଗଲେ ପିଉସା । ମଫସଲ କଥା । ସେତେବେଳେ ସମୟରେ ଡାକ୍ତରଖାନାରେ ଅପରେସନ ସୁବିଧା ସାତ ସପନ । ତଥାପି ଡାକ୍ତର ବାବୁ ଅବନୀ ବନ୍ଧୁ ମଜୁମଦାର ଏବଂ ସାଧୁଚରଣ ପଣ୍ଡା ମାଡିବସି ଫଟା ମୁଣ୍ଡକୁ ଦୁଇ ସ୍ଥାନରେ ସିଲେଇ କରିଦେଲେ । ମୁଁ ଚିତ୍କାର କରି କାନ୍ଦୁଥାଏ । ଆଶ୍ୱାସନା ଦେଇ କହୁଥାନ୍ତି, ଏତେ ବଡ ବିପଦରୁ ରକ୍ଷା ପାଇଗଲ । ଖୁବ୍ ବଡ ଲୋକ ହେବ ଏବଂ ଦେଶ ଓ ଜାତିର ମୁଖ ଉଜ୍ଜ୍ୱଳ କରିବ । ଏହାପରେ ମୋତେ ଦେଖିବାକୁ ଆସି ଅନ୍ୟ ଗୁରୁଜନ ଓ ଶିକ୍ଷକମାନେ ମଧ୍ୟ ସେହି କଥା କହିବାକୁ ଲାଗିଲେ । ସେହି ଦିନ ଠାରୁ ମନ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି ହେଲା, ମୋର ଏ ଜୀବନ ସମାଜର



## ରାତାରାତି ଲୋକପ୍ରିୟତା ହାସଲର ଲକ୍ଷ୍ୟ ନରଖି ସାଧନା ଜାରି ରଖିବା ଉଚିତ



**●ନୃସିଂହ ଚରଣ ସାହୁରୁ 'ଜହୁରୀ ଭାଇ'ର ଯାତ୍ରା କିପରି ଥିଲା ?**

●● ନୃସିଂହ ଚରଣ ସାହୁରୁ 'ଜହୁରୀ ଭାଇ'ର ଯାତ୍ରା ପୂର୍ବରୁ ନିର୍ଦ୍ଧାରିତ ନଥିଲା । ଆକସ୍ମିକ ଭାବରେ ହୋଇଥିଲା । ପ୍ରଥମେ ମୁଁ ମେଟ୍ରିକ୍ ପାସ୍ କରିସାରିଲା ପରେ ବିନୋଦ କାନୁନଗୋଙ୍କ ପାଖରେ ଲେଖାଲେଖି ଆରମ୍ଭ କରିଥିଲି । ତାପରେ ଭାରତୀୟ ବିଦ୍ୟା ଭବନରୁ ସାମ୍ବାଦିକତା ପାସ୍ କଲା ପରେ ମହତାବ ବାବୁ ପାଖକୁ ଡାକିନେଲେ । କହିଲେ, "ତୁମେ 'ପ୍ରଜାତନ୍ତ୍ର'ର ସହ ସମ୍ପାଦକ ରହିବ" ଓ 'ମୀନା ବଜାର' ସଂସ୍ଥାରେ ମଧ୍ୟ ମୋତେ ଜଡ଼ିତ କରାଇଲେ । 'ମୀନା ବଜାର' ପତ୍ରିକାର ମୂଳ ଲକ୍ଷ୍ୟରୁ ପ୍ରଥମଟି ଥିଲା 'ମୀନାବଜାର' ପତ୍ରିକା ମାଧ୍ୟମରେ ଶିଶୁମାନଙ୍କ ସାରସ୍ୱତ ପ୍ରତିଭା ବିକଶିତ କରାଇବା ଏବଂ ଦ୍ୱିତୀୟରେ ସମଗ୍ର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମୀନାମଣ୍ଡଳୀମାନ ଗଢ଼ି ଶିଶୁମାନଙ୍କୁ ଓଡ଼ିଶାର କଳା-ସାହିତ୍ୟ, ପରମ୍ପରା ଓ ସଂସ୍କୃତି ସହିତ ପରିଚିତ କରାଇବା । ମୀନା ଶବ୍ଦର ଅର୍ଥ ହେଲା ମୂଲ୍ୟବାନ ରତ୍ନ । ମହତାବ ବାବୁ ପ୍ରତ୍ୟେକ ଶିଶୁକୁ ଏକ ମୂଲ୍ୟବାନ ରତ୍ନ ହିସାବରେ ବିଚାର କରୁଥିଲେ । ସେହି ରତ୍ନ ଓ ଶିଶୁମାନଙ୍କ ଜଗତକୁ ସେ 'ମୀନାବଜାର' ଆଖ୍ୟା ଦେଇଥିଲେ । ମାତ୍ର ସେହି ସବୁ ରତ୍ନମାନଙ୍କୁ ସମାଜ ଓ ସାହିତ୍ୟର ବିକାଶ କ୍ଷେତ୍ରରେ ନିୟୋଜିତ କରିବା ନିମନ୍ତେ ଚିହ୍ନରା ବ୍ୟକ୍ତି ବିଶେଷଙ୍କ ଆବଶ୍ୟକତା ଥିଲା । ଆଉ ମୁଁ ସେଇ 'ଜହୁରୀ' ଥିଲି ଯିଏ ପିଲାମାନଙ୍କ ସହ ମିଶି ତାଙ୍କୁ ଉତ୍ସାହିତ ପ୍ରୋତ୍ସାହିତ କରିଥିଲି । ଏହିପରି ଭାବରେ 'ଜହୁରୀ ଭାଇ'ର ଯାତ୍ରା ଆରମ୍ଭ ହୋଇଥିଲା ।

**●ପିଲାମାନଙ୍କ ସର୍ଜନାତ୍ମକ ପ୍ରତିଭା ଲୋକଲୋଚନକୁ ଆଣିଲା ବେଳେ ମୀନାବଜାରର ଜହୁରୀ ଭାଇ ଭାବେ କିପରି ଅନୁଭବ ରହିଥିଲା ?**

●● ସବୁ ସେଇ ଈଶ୍ୱରଙ୍କର ଇଚ୍ଛା । ମୁଁ କେବଳ ଗୋଟିଏ ମାଧ୍ୟମ । ପିଲାମାନଙ୍କୁ ଆଦର ଓ ଉତ୍ସାହିତ କରି ତାଙ୍କ ପାଖରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ବିଶେଷ ଜଟିଳ ମଧ୍ୟ ନଥିଲା । ବିଶେଷ ସରଳ



କିଛି ନା କିଛି ଉପକାରରେ ଲାଗିବା ଉଚିତ୍ ।" କହୁ କହୁ କିଛି ସମୟ ନୀରବ ରହି ପୁଣି ଆରମ୍ଭ କଲେ ସାର୍, "ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ହେତୁ ଏକାବେଳକେ ଅଧିକ ସମୟ କଥା ହେବା ଆଉ ସମ୍ଭବ ହେଉନି । ବହୁ ରୋଗ ବ୍ୟାଧି ମାଡି ବସିଛି । ଦିନକୁ ପାଞ୍ଚ, ଛଅଟି ମେଡିସିନ୍ ଖାଇ କେବଳ ବହି ଲେଖିବା ପାଇଁ ବଞ୍ଚିବା କଥା । ଠାକୁରଙ୍କୁ ପାର୍ଥନା ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କଲମ ଚାଲିଥାଉ ।"

ଝିଅ ତା ବୟସର ସାଥୀଟିଏ ପାଇ ଖେଳକୁଦରେ ମାତିଥାଏ । ନିୟମିତ ସମୟ ବ୍ୟବଧାନରେ ନିର୍ଦ୍ଦିଷ୍ଟ କିଛି ଔଷଧ ନେବା ପରେ, ମୋର ପ୍ରଶ୍ନ ଥିଲା, ବାପା,ମା ଙ୍କୁ ହରାଇ ଜହୁରୀ ଭାଇଙ୍କ ପରବର୍ତ୍ତୀ ଜୀବନର ଯାତ୍ରା କିପରି ଥିଲା ? ଦୀର୍ଘ ସମୟ ପରେ ଏକ ମନଖୋଲା ହସ, ମୋତେ ଟିକେ ଆଶ୍ୱସ୍ତ କଲା । ଦୁଃଖ କାହାଣୀ ଏଇଠି ସମାପ୍ତ ବୋଧେ । ମୋର ଭାବନାକୁ ଭୁଲ୍ ପ୍ରମାଣିତ କରି ସେ କହିଲେ, "ଜୀବନ ଆଉ କଣ ? ଅଭାବ, ଅନାଟନ, ଦାରିଦ୍ର୍ୟ ଯାହା ମିଳୁଥିଲା ସେତିକିରେ ସନ୍ତୁଷ୍ଟ । ଗାଁ ସ୍କୁଲ୍‌ରେ ତୃତୀୟ ଶ୍ରେଣୀ ପାଶ୍ କଲି । ବୃତ୍ତି ପାଇବା ସତ୍ତ୍ୱେ ପଢାପଢିରେ ସୁବିଧା ହେଉ ନଥିଲା । ଡିବି, ଲଣ୍ଠନ ଆଲୁଅ ଟିକେ ମଧ ମିଳିବା କଷ୍ଟ । ଏହି ସମୟରେ ଦେବଦୂତ ଭଳି ସହାୟତାର ହାତ ବଢ଼ାଇ ଦେଲେ ସ୍ଥାନୀୟ ପୋଷ୍ଟମାଷ୍ଟର ଶ୍ରୀ ଲକ୍ଷ୍ମୀକାନ୍ତ ଦାସ ଓ ତାଙ୍କ ଧର୍ମପତ୍ନୀ ଶିଶିରା ଦାସ । ନିଜର ଶିଶୁକନ୍ୟା ରୂପଶ୍ରୀକୁ ଘରୋଇ ଟିଉସନ ପଢ଼ାଇବା ଆଳରେ ମୋର ଖାଦ୍ୟ, ସ୍ୱାସ୍ଥ୍ୟ ଓ ପଢାପଢିର ଯତ୍ନ ନେଇ ମୋ ଭିତରେ ଉଚ୍ଚ ଆକାଂକ୍ଷା ସୃଷ୍ଟି କଲେ । ଏ ଜୀବନ ସର୍ବଦା ଋଣୀ ରହିବ ଦୁହିଁଙ୍କ ପାଖରେ ।

ମାଟ୍ରିକ ପରୀକ୍ଷା ପରେ ସେ ଚାଲି ଆସିଲେ କଟକ । ସେଇଠୁ ଆରମ୍ଭ ହେଲା ଏକ ନୂଆ ଜୀବନ । ସାକ୍ଷାତ ହେଲା ଜ୍ଞାନ ମଣ୍ଡଳର ପ୍ରଣେତା ପଦ୍ମଶ୍ରୀ ବିନୋଦ କାନୁନଗୋଙ୍କ ସହ । ଏମିତି ଦିନେ କାମ ଆଶାରେ ବୁଲୁବୁଲୁ, ଜ୍ଞାନମଣ୍ଡଳ ଅଫିସ ଦେଖି ଭିତରେ ପଶିଗଲେ । ସାମ୍ନାରେ ବିନୋଦ ବାବୁ । ମନରେ ଭୟ ଥାଇ ବି ସାହସ ବାନ୍ଧି ପଚାରିଲେ, "ଆପଣଙ୍କର ଏଠି 'ଶିଶୁ ସମ୍ପଦ' ବାହାରୁଛି । ସେଥିରେ ମୋର ଲେଖାଟି ପ୍ରକାଶ କରିବାକୁ ଇଚ୍ଛା ।"

ମଧ୍ୟ ନଥିଲା । କାରଣ ପିଲାମାନେ ହେଉଛନ୍ତି ଜଣେ ଜଣେ ମୂଲ୍ୟବାନ ରତ୍ନ । ମୁଁ ତାଙ୍କର 'ଜହୁରୀ ଭାଇ' ହୋଇଥିବାରୁ ତାଙ୍କର ପ୍ରତିଭାକୁ ସର୍ବମୁଖରେ ଆଣିବାରେ ମୁଁ ଖୁବ୍ ଆନନ୍ଦିତ ହେଉଥିଲି । ସେଇ ସମୟତକ ମୋ ଜୀବନର ଶ୍ରେଷ୍ଠ ସମୟ ଥିଲା ।



●ଲେଖକ ନୃସିଂହ ଚରଣ ସାହୁ ଜରୁରୀ ଭାଇର ପରିଚୟ ତଳେ ଚାପି ହୋଇଗଲେ କି ?

●● ମୋ ଅନୁସାରେ ତ କଦାପି ନୁହେଁ, କାରଣ ଦୁଇଟି ଯାକ ନାମରୁ ମୋତେ ସ୍ନେହ, ଶ୍ରଦ୍ଧା ଆଦର ସମ୍ମାନ ମିଳିଛି । 'ଜହୁରୀ ଭାଇ' ପରିଚୟ ପାଇଁ ମୁଁ 'ମୀନା ବଜାର'ର ଅଗଣିତ ପାଠକ ଓ ମହତାବ ବାବୁଙ୍କ ପାଖରେ ମୋର କୃତଜ୍ଞତା ଜଣାଇବି । କିନ୍ତୁ ନୃସିଂହ ଚରଣ ସାହୁର ଅନେକ ପରିଚୟ ଜଣେ ସ୍ୱାମୀ, ବାପା, ସାହିତ୍ୟ ସାଧକ, ଲେଖକ ଓ ଜଣେ ଆଦରଣୀୟ ମଣିଷ, କେହି କାହା ତଳେ ଚାପି ହୋଇନାହାନ୍ତି ।

●ଆଫ୍ରିକୀୟ ରାଷ୍ଟ୍ର ୟୁରୋପିଆର ଦୁର୍ଭିକ୍ଷ ପରିସ୍ଥିତି ସମ୍ପର୍କରେ ଆପଣଙ୍କ ଅନୁଭବ କଣ ?


●● ମୁଁ ୧୯୭୬ ମସିହାରେ ଯୋଗ ଦେଇଥିଲି ସେବା ଅନୁଷ୍ଠାନ 'କେୟାର'ରେ । ୧୯୮୫ରେ ଯିବାକୁ ପଡ଼ିଲା ଆଫ୍ରିକାର ଇଥିଓପିଆ ଯେଉଁଠି ବିଶ୍ୱର ସବୁଠାରୁ ଭୟବହ ଦୁର୍ଭିକ୍ଷ ପୀଡ଼ିତଙ୍କ ସେବା ଥଇଥାନ ପାଇଁ । ବାର ବର୍ଷ ହେଲା ସେଠାରେ ବର୍ଷା ହୋଇ ନଥାଏ । ସବୁଆଡ଼େ ଦୂଷିତ ଜଳ । ଖାଦ୍ୟ ପାନୀୟ ଜଳର ଅଭାବରେ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ପୀଡ଼ିତା ଯେଉଁଠି ଦେଖିବ ଖାଲି ଲୁହ, ଯନ୍ତ୍ରଣା । ଆମେ ସେହି ସ୍ଥାନକୁ ସେବାସ୍ଥଳ ଭାବି ବହୁତ ସେବା ସାହାଯ୍ୟ ଯୋଗାଇବା ପାଇଁ ବହୁତ ଚେଷ୍ଟା ଜାରି ରଖିଥିଲୁ ।

●ଜ୍ଞାନ ମଣ୍ଡଳ ଲେଖାଲେଖି ସହିତ ଆପଣ ଜଡ଼ିତ ଥିଲେ ?ବିନୋଦ କାନୁନଗୋଙ୍କ ସମ୍ବନ୍ଧରେ କଣ କହିବେ ?

●● ପିତୃତୁଲ୍ୟ ବିନୋଦ କାନୁନଗୋ ଜଣେ ଅମାୟିକ ପୁରୁଷ । ତାଙ୍କର ମୋ ପ୍ରତି ଅତୁଳନୀୟ ଅବଦାନ ରହିଛି । ମୁଁ ତାଙ୍କ ପାଖରେ ରହି ରାତି ୩ଟାରେ ଶ୍ରୁତଲିଖନ କରେ । ସେ ଭାବିଲେ ମୁଁ ବି କିଛି କିଛି ଲେଖାଲେଖି କରିପାରିବି । ସେ ମୋତେ ଲେଖିବାରେ ପ୍ରଥମେ ପ୍ରୋତ୍ସାହିତ କରିଥିଲେ । ତାପରେ ସେ କହିଥିଲେ, ଜ୍ଞାନ ମଣ୍ଡଳର ୬୦ଖଣ୍ଡ ସରିଲା ପରେ ୫୦୦୦ ଓଡ଼ିଶାର ବିଶିଷ୍ଟ ଲୋକଙ୍କର ଜୀବନୀକୁ ନେଇ ୫ ଭାଗର ଗୋଟିଏ biography encyclopedia ବରପୁତ୍ରମାନଙ୍କ ଜୀବନୀ ମହାଗ୍ରନ୍ଥ ଲେଖିବୁ । ତାଙ୍କ ସହ ବିତିଥିବା ମୂଲ୍ୟବାନ ମୁହୂର୍ତ୍ତ ବିଷୟରେ ବର୍ଣ୍ଣନା କରିହେବ ନାହିଁ ।

●ଆମେ ଓଡ଼ିଆ ଗ୍ରନ୍ଥାବଳି ସଙ୍କଳନରେ ଆସୁଥିବା ଆର୍ଥିକ ସମସ୍ୟା ଆପଣଙ୍କ

ବିନୋଦ ବାବୁ କହିଲେ, "ମୁଁ 'ଶିଶୁ ସମ୍ପଦ'ରେ ସବୁ ବିଷୟ ନିଜେ ଲେଖେ । ଅନ୍ୟ ଲେଖା ପ୍ରକାଶ କରେନି । ଏଠି ଅନ୍ୟ ଏକ ପୁସ୍ତକ ପ୍ରକାଶ ପାଏ ଜାଣିଛ ?" "ଜ୍ଞାନମଣ୍ଡଳର ଆଜ୍ଞା, ତିନୋଟି ଭାଗ ପଢ଼ିଛି ।" ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ପ୍ରଧାନ ଶିକ୍ଷକ ତ ସହ-ଶିକ୍ଷକଙ୍କୁ ଜ୍ଞାନମଣ୍ଡଳ ଦିଅନ୍ତି ନାହିଁ । ତୁମେ ବହି ପାଇଲ କେଉଁଠୁ ।" ମୋର ବହି ପଢ଼ିବାର ଆଗ୍ରହ ଜାଣି ସାର୍ ମୋତେ ଅନେକ ବହି ପଢ଼ିବାର ସୁଯୋଗ ଦେଇଛନ୍ତି । ଅନେକ ପ୍ରଶ୍ନର ସଠିକ ଉତ୍ତର ମୋଠୁ ପାଇ ଉଠି ଆସି ପିଠି ଥାପୁଡେଇ ଦେଇ ବିନୋଦ ବାବୁ କହିଲେ, "ବାବାରେ ଆଜି ଠୁ ତୁମେ ହିଁ 'ଜ୍ଞାନ ମଣ୍ଡଳ' ଲେଖିବ । କିନ୍ତୁ ମୁଁ କେବଳ ରାତିରେ ଲେଖେ । ଦିନ ସାରା ରେଭେନ୍ସାରେ ପଢେ ।" "ତୁମର ମତ କଣ ?" ପଚାରିଲେ ସେ । ତୁରନ୍ତ ରାଜି ହୋଇଗଲି । ଯାହା ହେଉ ସାର୍‌ଙ୍କର ଅସାଧାରଣ ଜ୍ଞାନ ଓ ସାହିତ୍ୟାନୁରାଗ ଲକ୍ଷ୍ୟ କରି ବିନୋଦ ବାବୁ ତାଙ୍କୁ 'ଜ୍ଞାନମଣ୍ଡଳ' ଲେଖା କାର୍ଯ୍ୟରେ ନିୟୋଜିତ କଲେ । ମ୍ୟାଟ୍ରିକ ବୃତ୍ତି ପାଇ ସେ ରେଭେନ୍ସା କଲେଜ୍‌ରେ ପଢ଼ିଲେ ଏବଂ ପ୍ରତିଦିନ ରାତି ଆଠଟା ବେଳେ ୮ କିମି ଚାଲି ଚାଲି ଚାଲି ଯାଇ 'ଜ୍ଞାନ ମଣ୍ଡଳ' ଅଫିସ୍‌ରେ ଶୋଇ ପଡ଼ନ୍ତି, ରାତି ୩ ଟାରୁ ଉଠି ବିନୋଦ ବାବୁଙ୍କ ଠାରୁ 'ଜ୍ଞାନମଣ୍ଡଳ' ପାଇଁ ଶ୍ରୁତଲିଖନ ନିଅନ୍ତି । ଏହିଠାରେ ତାଙ୍କ ଲେଖକୀୟ ପ୍ରତିଭାର ବିକାଶ ଘଟିଲା । ଏମତି ଲେଖିବା ଭିତରେ ବିନୋଦ ବାବୁ ପରାମର୍ଶ ଦେଇଥିଲେ ଷାଠିଏ ଖଣ୍ଡ 'ଜ୍ଞାନମଣ୍ଡଳ' ଲେଖିବା ପରେ ପାଞ୍ଚ ଶହ ଲୋକଙ୍କ ଜୀବନୀ ପୁସ୍ତକ ପ୍ରକାଶ କରିବାକୁ ତୋର ଦାୟିତ୍ୱ ରହିବ । ଏବେଠୁ ତଥ୍ୟ ସଂଗ୍ରହ କର । ପ୍ରଥମ ବର୍ଷର ଛାତ୍ର ଥିବା ସତ୍ତ୍ୱେ 'ରେଭେନ୍ସା ଭିଆନ'ରେ ଲେଖା ପ୍ରକାଶ ପାଇଲା 'ସାଧକ ଆର୍ତ୍ତ ବଲ୍ଲଭ' । ଲାଗ୍ ଲାଗ୍ ୨ ବର୍ଷ ଧରି ନୂତନ ଛାତ୍ରାବାସର ମୁଖପତ୍ର 'ପୂରବୀ'ର ସମ୍ପାଦକ ହେଲେ । ସେବାରେ ସେ ପାଉଥିଲେ ଅପାର ଆନନ୍ଦ । ୧୯୬୬ରେ କଳାହାଣ୍ଡିରେ ଭୟଙ୍କର ଦୁର୍ଭିକ୍ଷ ପଡିଲା । ସେ ନିଜର ୧୫ଜଣ ସହପାଠୀଙ୍କୁ ନେଇ ସେଠାରେ ରିଲିଫ୍ ଚାଉଳକୁ ରନ୍ଧେଇ ଦୁର୍ଭିକ୍ଷ ପୀଡିତ ଲୋକଙ୍କୁ


ଜହ୍ନରୀ ଭାଇଙ୍କ ସହିତ ଲେଖିକା ପ୍ରିୟମ୍ବଦା ରଥ

**ଦୃଢ଼ ମନୋବଳକୁ ଭାଙ୍ଗି ଦିଏ କି ?**

●●ଆମେ ଓଡ଼ିଆ ଶୀର୍ଷକ ଜ୍ଞାନକୋଷର ସଙ୍କଳନର ପ୍ରତ୍ୟେକ ସଙ୍କଳନରେ ଅର୍ଥ ସବୁବେଳେ ପ୍ରତିବନ୍ଧକ ସାଜିଛି । ତଥାପି ମୁଁ ହାର୍ ମାନି ନାହିଁ । ପ୍ରତ୍ୟେକ ଥର ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ । ମୁଁ ଏଥିପାଇଁ ମୋ ଘରଦ୍ୱାର ମଧ୍ୟ ବିକି ଦେଇଛି । କିନ୍ତୁ ମୋର ଏବେ ବି ମନବଳ ଦୃଢ଼ ଅଛି । ସାହିତ୍ୟ ସାଧନା ଏବେ ମଧ୍ୟ ଜାରି ରଖିଛି ।

**●ଏହିସବୁ ଉପଯୋଗୀ ଗ୍ରନ୍ଥାବଳୀ ସଠିକ୍ ଭାବରେ ପାଠକଙ୍କ ପାଖରେ କାହିଁକି ପହଞ୍ଚି ପାରିଲା ନାହିଁ ?**

●●ଭାଗ୍ୟର ବିଡ଼ମ୍ବନା । ବହୁତ ବାଧାବିଘ୍ନ ସହି ପୁସ୍ତକ ପ୍ରକାଶ କଲି । କିନ୍ତୁ ବିକ୍ରି ହୋଇ ପାରିଲା ନାହିଁ ବୋଲି ଯେତିକି ଦୁଃଖ ନାହିଁ ସେତିକି ଦୁଃଖ ଅଛି ପାଠକଙ୍କ ସମ୍ମୁଖରେ ପହଞ୍ଚି ପାରିଲା ନାହିଁ । ମୁଁ ବହୁତ ଦୁଃଖ ଅନୁଭବ କରେ ।

**●ବୃହତ ଗ୍ରନ୍ଥାବଳି ରଚନା ପଛରେ ଆପଣଙ୍କର କେଉଁ ଉଦ୍ଦେଶ୍ୟ ଥିଲା ?**

●● 'ଆମେ ଓଡ଼ିଆ' ସଙ୍କଳନ ପଛର ଯୋଜନା ଥିଲା ମୁଁ ୫୦୦ ପରିବର୍ତ୍ତେ ୫୦୦୦ ବରପୁତ୍ରଙ୍କ ଜୀବନୀ ରଚନା କରି 'ଆମେ ଓଡ଼ିଆ' ନାମରେ ୧୦ ଭାଗରେ ପ୍ରକାଶ କରିବୁ । ଇତିମଧ୍ୟରେ ୮ ଭାଗରେ ପ୍ରକାଶ ପାଇଛି ଯେଉଁଥିରେ ଓଡ଼ିଶାର ବରପୁତ୍ରମାନଙ୍କୁ ଅମର କରିବା ପ୍ରଚେଷ୍ଟାରୁ କ୍ଷାନ୍ତ ହୋଇ ନାହିଁ ମୁଁ । ଓଡ଼ିଆବାସୀଙ୍କୁ ଦେବାକୁ ଚାହୁଁଛି ଏକ 'କ୍ଷୟହୀନ ଅକ୍ଷର କୋଣାର୍କ'ର ଉପହାର ।

**●ଆପଣ ସାହିତ୍ୟ ସାଧନା କ୍ଷେତ୍ରରେ ଯଥେଷ୍ଟ ଆଦର ସମ୍ମାନ ପାଇଛନ୍ତି କି ? ନା ଯେତିକି ମିଳିଛି ସେତିକିରେ ସନ୍ତୁଷ୍ଟ ନୁହେଁ ?**

●●ମୁଁ ଅପରାହ୍ନ ବୟସରେ ପଦାର୍ପଣ କଲିଣି । ମୋର ୫୦ ବର୍ଷର ସାରସ୍ୱତ ସାଧନା ହିଁ ମୋ ଅନୁସାରେ ସାହିତ୍ୟିକ କ୍ଷେତ୍ର । ମୋତେ ଅନେକ ଆଦର, ସମ୍ମାନ ପାଠକଙ୍କ ଭଲପାଇବାର ଯଥଯଥା ମୂଲ୍ୟାୟନ ହୋଇଛି । କିନ୍ତୁ ଅର୍ଥ ବା ଆର୍ଥିକ ଭାବରେ ମୂଲ୍ୟାୟନ ଠିକ୍ ଭାବରେ ହୋଇ ନାହିଁ ।

**●ବର୍ତ୍ତମାନ ସମୟରେ କେଉଁ ପ୍ରେରଣା ଆପଣଙ୍କ କଲମକୁ ଶକ୍ତ କରୁଛି ?**

●●ଜଣେ ଲେଖକ ଓ ସାହିତ୍ୟିକ ସାଧକ ହିସାବରେ ମୋର ଅବସର ନେବା ପାଇଁ କେବେ ମସ୍ତିଷ୍କ ମଧ୍ୟରେ ଚିନ୍ତା କରିନାହିଁ । ହଁ ମୋର ସର୍ଜନଶୀଳତା ପଛର ପ୍ରେରଣା ହେଉଛନ୍ତି ମୋ ପାଠକ ଓ ମୋତେ ଭଲପାଉଥିବା ଲୋକ ।

**●ଜୀବନରେ କିଛି ଅବ୍‌ସୋସ୍ ରହିଗଲା କି ?**

●●ଆମେ ମନୁଷ୍ୟ ଜୀବନ ପାଇଛେ । ଆମର ସବୁ ଇଚ୍ଛା ପୂରଣ ହୋଇ ପାରିବ ନାହିଁ । କିନ୍ତୁ ଲେଖକ ହିସାବରେ କହିବି 'ଆମେ ଓଡ଼ିଆ' ଗ୍ରନ୍ଥଟି ଅନେକ ପାଠକଙ୍କ ପାଖରେ ପହଂଚି ପାରିନାହିଁ । ଯେତିକି ଓଡ଼ିଆ ସାହିତ୍ୟର ସମାଜରେ ସୁଦୂର ପ୍ରଚାର ପ୍ରସାର କରିବା କଥା ସେତିକି ହୋଇ ପାରିନାହିଁ ।

**●ସାହିତ୍ୟକୁ ନେଇ ଆପଣଙ୍କର କି ଆଶା ରହିଛି ? ଯୁବପିଢ଼ିଙ୍କୁ କେଉଁ ବାର୍ତ୍ତା ଦେବାକୁ ଚାହିଁବେ ?**

●●ଭବିଷ୍ୟତ କିଏ ଦେଖିଛି ? ମୁଁ ବୟସର ଅପରାହ୍ନରେ । କିନ୍ତୁ ସାହିତ୍ୟକୁ ନେଇ ଅନେକ ଆଶା ଭରସା ଅଛି ମୋର । 'ଆମେ ଓଡ଼ିଆ' ନବମ, ଦଶମ ସଂସ୍କରଣ ସରିଯାଇଛି । ଏକାଦଶ ଭାଗର ଇଚ୍ଛା ଅଛି । କିନ୍ତୁ ଆର୍ଥିକ ସ୍ଥିତି ଭଲ ନାହିଁ । ସରକାରଙ୍କ ନିକଟରୁ କିଛି ଅନୁଦାନ ତ ମିଳି ନାହିଁ । ତଥାପି ମୋର ଦୃଢ଼ ବିଶ୍ୱାସ ଅଛି ମୁଁ ଏକାଦଶ ସଂସ୍କରଣ ନିଶ୍ଚିତ ପ୍ରକାଶ କରିବି । ମୋର ଆଉ ଏକ ଇଚ୍ଛା ଆଜିକାଲିର ଯୁବପିଢ଼ି ଆମର ଭବିଷ୍ୟତ । ସାହିତ୍ୟ ଏକ ସାଧନା । ପ୍ରଚୁର ପଢ଼ାପଢ଼ି କରିବା ଉଚିତ୍ । ବିନା ପରିଶ୍ରମରେ ରାତାରାତି ଲୋକପ୍ରିୟତା ହାସଲ କରିବାର ଲକ୍ଷ୍ୟ ନରଖି ସାଧନା ଜାରି ରଖିବା ଉଚିତ । ସାଧନା ହିଁ ସଫଳତା ଆଣିଦିଏ ।

# ନୃସିଂହ ଚରଣ ସାହୁ : କିଏ କଣ କହନ୍ତି

ଶ୍ରୀଯୁକ୍ତ ସାହୁଙ୍କ 'ଆମେ ଓଡ଼ିଆ' ଗ୍ରନ୍ଥ ଓଡ଼ିଆ ଜାତିର ଉଜ୍ଜ୍ୱଳ ଦର୍ପଣ ସଦୃଶ୍ୟ । ଯେଉଁ ଦର୍ପଣରେ ସେ ଜାତି ତା'ର ପୂର୍ବପୁରୁଷମାନଙ୍କର ଅକ୍ଷୟ କୀର୍ତ୍ତି ଓ କୃତି, ତ୍ୟାଗ ଓ ବଳିଦାନ, ଶୌର୍ଯ୍ୟବୀର୍ଯ୍ୟ ଦେଖିବାକୁ ସମର୍ଥ ହେବ । ଫଳତଃ ପାଠକମାନଙ୍କ ମନରେ ଉଦ୍ଦୀପନା ସୃଷ୍ଟି ହେବ ଏବଂ ଆଗାମୀ ଦିନ ପାଇଁ ସେମାନେ ନୂତନ ନୂତନ ସ୍ୱପ୍ନ ଦେଖିବେ । ଜାତିର ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ତଥା ଜାତିର ସ୍ୱାଭିମାନ ଓ ଆତ୍ମବିଶ୍ୱାସର ପୁନର୍ଜାଗରଣ ନିମନ୍ତେ ସେମାନେ ସଂକଳ୍ପବଦ୍ଧ ହେବେ ।

**ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ**
**ସଭାପତି, ଓଡ଼ିଶା ଇତିହାସ କଂଗ୍ରେସ**



ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀ ରଚନା କେବଳ ଓଡ଼ିଶାର ବିଶିଷ୍ଟ ଲେଖକ,ଐତିହାସିକ ଏବଂ ସରକାରଙ୍କ ମିଳିତ ଉଦ୍ୟମରେ ସମ୍ଭବ ହୋଇପାରେ । କିନ୍ତୁ ବିନା ସରକାରୀ ସହାୟତାରେ ଶ୍ରୀ ନୃସିଂହ ଚରଣ ସାହୁ 'ଆମେ ଓଡ଼ିଆ' ଶୀର୍ଷକରେ ଓଡ଼ିଶାର ବରପୁତ୍ର-କନ୍ୟାମାନଙ୍କ ଜୀବନୀ-ଏନ୍‌ସାଇକ୍ଲୋପେଡ଼ିଆ ପ୍ରକାଶ କରି ସେହି ଅସାଧ୍ୟ ସାଧନ କରିଛନ୍ତି । ଓଡ଼ିଶାର ସାହିତ୍ୟ, ସଂସ୍କୃତି ଏବଂ ସାମ୍ବାଦିକତା କ୍ଷେତ୍ରରେ ଶ୍ରୀଯୁକ୍ତ ସାହୁ ଜଣେ ଅନନ୍ୟ ବ୍ୟକ୍ତିତ୍ୱ । ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜୀବନୀ ମହାଗ୍ରନ୍ଥ ତାଙ୍କର ଅକ୍ଷୟ କୀର୍ତ୍ତି ।

**ବିଭୂତି ପଟ୍ଟନାୟକ, ବିଶିଷ୍ଟ ଔପନ୍ୟାସିକ**



ଦୀର୍ଘ କାଳୀନ ଅନବରତ ଉଦ୍ୟମ ଫଳରେ ୨୦୧୨ରେ 'ଆମେ ଓଡ଼ିଆ' ପ୍ରଥମ ଭାଗ ଲୋକାର୍ପିତ ହୋଇଥିଲା । ୨୦୧୩ ମସିହାରେ ଦ୍ୱିତୀୟ ଭାଗ, ୨୦୧୪ରେ ତୃତୀୟ ଭାଗ ପ୍ରକାଶିତ ହୋଇସାରିଛି । ୨୦୧୫ରେ ପ୍ରକାଶିତ ହୋଇଛି ପାଂଚଶହ ପୃଷ୍ଠା ସମ୍ବଳିତ ଚତୁର୍ଥ ଭାଗ, ଯାହାକି ଆମ ସମାଜ, ସାହିତ୍ୟ, ସଂସ୍କୃତି, ରାଜନୀତି, ଦେଶପ୍ରୀତି, କଳା, ବିଜ୍ଞାନ ଓ ଦର୍ଶନର ଏକ ସମନ୍ୱିତ ରୂପ, ଆମ ପରମ୍ପରାର ଏକ ସ୍ୱଚ୍ଛ ଦର୍ପଣ । ଡକ୍ଟର ହରେକୃଷ୍ଣ ମହତାବ ଓ ପଦ୍ମଶ୍ରୀ ବିନୋଦ କାନୁନଗୋଙ୍କର ତ୍ୟାଗମନ୍ତ୍ରରେ ଦୀକ୍ଷିତ ଶ୍ରୀ ସାହୁ ଏକ ମହାନ୍ କାର୍ଯ୍ୟ କରିଛନ୍ତି । ଏ ଜାତି ତାଙ୍କ ନିକଟରେ କୃତଜ୍ଞ ଏବଂ ସମଗ୍ର ଓଡ଼ିଶା ପାଇଁ ଏହା ଗୌରବର କଥା ।

**ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର, ବିଶିଷ୍ଟ ଲେଖିକା**



It is an indispensable and extremey useful book as source of reference. It provides a back-ground to Odishan history and focuses on the movement that led to the unfication of Odia speaking tracts under British rule. Aspects of our collective past which official historians, given their emphasis on records and documents, tend to overlook are illuminated here briliantly.

**Prof. Jatindra Ku. Nayak**



ଏ ପର୍ଯ୍ୟନ୍ତ ଓଡ଼ିଆ ଜାତିର ସାମାଜିକ ଇତିହାସ ବିଧିବଦ୍ଧ ଭାବେ ଲେଖିବାର ପ୍ରୟାସ ହୋଇନଥିଲା । ଏହି ପରିସ୍ଥିତିରେ ନୃସିଂହ ଚରଣ ସାହୁଙ୍କ ପ୍ରଶଂସନୀୟ ଉଦ୍ୟମ ଜାତି ଗଠନରେ କେବଳ ସହାୟକ ହେବ ନାହିଁ, ଜାତି ପ୍ରାଣ ବହ୍ନି ପ୍ରଜ୍ୱଳିତ କରି ଜାତୀୟତାକୁ ବିକଶିତ କରିବ ।

**ସାତକଡ଼ି ହୋତା, ବିଶିଷ୍ଟ ସାହିତ୍ୟକ**



ଶ୍ରୀ ନୃସିଂହ ଚରଣ ସାହୁଙ୍କ ଦ୍ୱାରା ସଂକଳିତ 'ଆମେ ଓଡ଼ିଆ' ଶୀର୍ଷକ ୫୦୦ ପୃଷ୍ଠା ସମ୍ବଳିତ ତଥ୍ୟଭିତ୍ତିକ ଗ୍ରନ୍ଥଟି ସାମ୍ପ୍ରତିକ ପିଢ଼ି ଓ ଆଗାମୀ ପିଢ଼ି ପାଇଁ ଅତ୍ୟନ୍ତ ଉପାଦେୟ । ସମ୍ଭାର । ଯଥାର୍ଥରେ ଏହା ଓଡ଼ିଶାର ଐତିହ୍ୟ, ପ୍ରବହମାନ ସଂସ୍କୃତି, ପ୍ରତ୍ନବୈଭବ, ଓଡ଼ିଆ ଭାଷା ସାହିତ୍ୟର ଉତ୍ତରଣ, ପର୍ଯ୍ୟଟନ ବୈଚିତ୍ର୍ୟ, ସ୍ୱଦେଶ ପ୍ରୀତି, ଅସ୍ମିତା ଓ ସ୍ୱାଭିମାନର ଏକ ଜୀବନ୍ତ ଆଲେଖ୍ୟ ।

**ଅଧ୍ୟାପକ ରାଜକିଶୋର ମିଶ୍ର**
**ପ୍ରାକ୍ତନ ସଚିବ, ଓଡ଼ିଶା ସାହିତ୍ୟ ଏକାଡ଼େମୀ**



ଓଡ଼ିଶାର ଐତିହ୍ୟ, ପରମ୍ପରା, ଗୌରବୋଜ୍ଜ୍ୱଳ ସଂସ୍କୃତିକୁ ବଜାୟ ରଖିବା ଲାଗି ଯେଉଁମାନଙ୍କର ନିଃସ୍ୱାର୍ଥପର ସାଧନା ଓ ସଂଗ୍ରାମର ପଟାନ୍ତର ନାହିଁ, ସେମାନଙ୍କର କୀର୍ତ୍ତି ଓ କାହାଣୀରେ ଗୁନ୍ଥା ହୋଇଛି 'ଆମେ ଓଡ଼ିଆ' । ଯଥାର୍ଥରେ ଜଣେ 'ଜହୁରୀ ଭାଇ'ର କାର୍ଯ୍ୟ କରିଛନ୍ତି ନୃସିଂହ ଚରଣ ସାହୁ । ଇତିହାସର ଗର୍ଭଗୃହରୁ ରତ୍ନ ସାଉଁଟି ଆଣିଛନ୍ତି ଆଜିର ଓ ଆଗାମୀ କାଳର 'ଓଡ଼ିଆମାନଙ୍କ ଗର୍ବ' କରିବାର ପାଇଁ । ପ୍ରତ୍ୟେକ ଓଡ଼ିଆଙ୍କୁ ଆତ୍ମପରିଚୟ ଦେବାରେ 'ଆମେ ଓଡ଼ିଆ'ନିଶ୍ଚିତ ଭାବରେ ସହାୟକ ହେବ ।

**ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ସାହିତ୍ୟିକ**

ଖୁଆଇଲେ । ଏହା ପୂର୍ବରୁ ସେମାନେ କଞ୍ଚାଚାଉଳ ଖାଇଦେଇ ଜୀର୍ଣ୍ଣ ନହେବାରୁ ମୃତ୍ୟୁ ମୁଖରେ ପଡୁଥିଲେ । ସେ ଅଂଚଳର ଲୋକଙ୍କ ଦୁର୍ଦ୍ଦଶା 'ସମାଜ' ଓ 'ପ୍ରଜାତନ୍ତ୍ର'ରେ ପ୍ରକାଶ କରେଇ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ପରେ ସେ ଆସି ଯଥେଷ୍ଟ ପରିମାଣର ରିଲିଫ୍ ବ୍ୟବସ୍ଥା କଲେ । ଲୋକ ବଞ୍ଚିଗଲେ । ପରେ ସେ ଭାରତୀୟ ବିଦ୍ୟା ଭବନ ମୁମ୍ବାଇରେ ସାମ୍ବାଦିକତା ଅଧ୍ୟୟନ କରିଥିଲେ । ସେ ସମୟରେ ଓଡିଶାର ନବନିର୍ମାତା ଡକ୍ଟର ମହତାବ ଓଡ଼ିଶା ଫେରି ଆସି 'ପ୍ରଜାତନ୍ତ୍ର'ର ଦାୟିତ୍ୱ ନେଇ ଏହାକୁ ଏକ ଜାତୀୟ ସ୍ତରର ଖବର କାଗଜରେ ପରିଣତ କରିବାକୁ ପରାମର୍ଶ

## ପୁରସ୍କାର ଓ ସମ୍ମାନ

▶ବିଶିଷ୍ଟ ଶିଶୁ ସାହିତ୍ୟିକ ସମ୍ମାନ: ଧର୍ମଶାଳା ସାହିତ୍ୟ ସମାଜ (ଯାଜପୁର)
▶ଦିଗ୍‌ବଳୟ ସମ୍ମାନ-୨୦୧୪
▶ଶିଶୁ ସାଥୀ ସମ୍ମାନ-୨୦୧୭
▶ମହତାବ ସ୍ମାରକୀ ସମ୍ମାନ-୨୦୧୭
▶ଉତ୍କଳ ପ୍ରତିଭା ସମ୍ମାନ-୨୦୦୯
▶ଗୋକର୍ଣ୍ଣିକା ସାହିତ୍ୟ ସମାଜ ସମ୍ମାନ- ୨୦୧୫
▶ଗୌରୀ ଶଙ୍କର ସମ୍ମାନ
▶ବିଦ୍ୟାଧର ମିଶ୍ର ଜୀବନ ସାହିତ୍ୟ ସମ୍ମାନ-୨୦୧୪
▶ସୀତା ଶିବ ସ୍ମୃତି ନ୍ୟାସ ତରଫରୁ ସାହିତ୍ୟ ସାଧନା ସମ୍ମାନ-୨୦୨୩

## ପ୍ରେରଣା

▶'ମୋ କାହାଣୀ' ପ୍ରଫେସର ସର୍ବେଶ୍ୱର ଦାସଙ୍କ ଆତ୍ମଜୀବନୀ
▶'ମୋ ଜୀବନର ସ୍ମୃତି ଓ ଅନୁଭୂତି' ପ୍ରଫେସର ପତିତପାବନ ମିଶ୍ରଙ୍କ ଆତ୍ମଜୀବନୀ

## ସମ୍ପାଦକ ଓ ଲେଖକ

▶'ଶିଶୁଲେଖା'ର ସମ୍ପାଦକ
▶'ଗାନ୍ଧିବାଦୀ ନୃସିଂହ ଗୁରୁ'
(ରାଜ୍ୟ ଜନ ଶିକ୍ଷା ସାଧନ କେନ୍ଦ୍ର)ର ଲେଖକ
▶'ସେବକ ଶ୍ରେଷ୍ଠ ଲକ୍ଷ୍ମୀ ନାରାୟଣ'ର ଲେଖକ
▶'ଅମର ଶହୀଦ ବିର୍ସା ମୁଣ୍ଡା ଓ ଲକ୍ଷ୍ମଣ ନାୟକ'ର ଲେଖକ
▶'ଅମର ଶହୀଦ ବାଜି ରାଉତ ଓ ଜୟୀ ରାଜଗୁରୁ'ର ଲେଖକ
▶'ଗ୍ରାମ ସ୍ୱରାଜ'ର ସମ୍ପାଦନା ଉପଦେଷ୍ଟା
▶'କାଗଜ ଡଙ୍ଗା'ର ସମ୍ପାଦନା ଉପଦେଷ୍ଟା
▶'ଶାସନ ଓ ବିକାଶ ଉପରେ ନାଗରିକ ବିବରଣୀ
(୨୦୦୮-୨୦୦୯)ର ଅନୁବାଦକ
▶'ସୂଚନା ଅଧିକାର'ର ଅନୁବାଦକ
▶'ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା' (ସୂଚନା ପୁସ୍ତିକା)ର ସମ୍ପାଦକ
▶'ଆମେ ଓଡ଼ିଆ' (ଦଶ ଖଣ୍ଡ ଗ୍ରନ୍ଥାବଳି)ର ଲେଖକ ଓ ସମ୍ପାଦକ

ଦେଇଥିଲେ । ତାଙ୍କ ପରାମର୍ଶ କ୍ରମେ 'ପ୍ରଜାତନ୍ତ୍ର'ର ସହ ସମ୍ପାଦକ ଓ 'ମୀନାବଜାର'ର 'ଜହ୍ନରୀ ଭାଇ' ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ । ସେତେବେଳେ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ପ୍ରତିଷ୍ଠିତ ହଜାର ହଜାର ମୀନାମଣ୍ଡଳୀକୁ ଯାଇ, ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସୌଭାଗ୍ୟବଶତଃ ସେମାନଙ୍କ ମଧ୍ୟରୁ କେତେକ ଆଜି କେବଳ ଓଡ଼ିଶା ନୁହେଁ, ବିଶ୍ୱ ସ୍ତରରେ ମଧ୍ୟ ସ୍ୱପ୍ରତିଭା ପାଇଁ ପୂଜା ପାଉଛନ୍ତି । ମହତାବଙ୍କ ଇଚ୍ଛାନୁସାରେ ୧୯୭୫ ମସିହାରେ ଶ୍ରୀଯୁକ୍ତ ସାହୁଙ୍କର ପ୍ରଥମ ସାରସ୍ୱତ କୃତି 'ସେବକ ଶ୍ରେଷ୍ଠ ଲକ୍ଷ୍ମୀ ନାରାୟଣ' ପ୍ରକାଶ ପାଇଥିଲା ।

ସେବକ ଶ୍ରେଷ୍ଠ ନାଆଁଟି ଶୁଣି, କଥାବାର୍ତ୍ତା ମଧ୍ୟରେ ମୁଁ ପ୍ରଶ୍ନ କଲି, "ସାର୍ ଇଏ ତ ସାହିତ୍ୟ ଜଗତ କଥା । ସେବା କ୍ଷେତ୍ରରେ ମଧ୍ୟ ଆପଣଙ୍କର ଅତୁଳନୀୟ ଅବଦାନ ରହିଛି । ଯାହା ଖୁବ୍ କମ୍ ଲୋକ ଜାଣନ୍ତି । ସେ ସମ୍ବନ୍ଧରେ କିଛି ଧାରଣା ଦିଅନ୍ତୁ ।






୧୯୭୬ ମସିହା କଥା । ଜରୁରୀ ପରିସ୍ଥିତିବେଳେ 'ପ୍ରଜାତନ୍ତ୍ର'କୁ ବନ୍ଦ କରିଦେବା ପାଇଁ ଚକ୍ରାନ୍ତ ହେଲା । ମହତାବ ବାବୁଙ୍କୁ ଜେଲ୍ ଦଣ୍ଡାଦେଶ ହେଲା । ଶିଶୁ, ମହିଳା ମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରତି ଗୁରୁତ୍ୱ ଦେଉଥିବା ଆନ୍ତର୍ଜାତିକ ସେବା ଅନୁଷ୍ଠାନ 'କେୟାର୍' ସଂସ୍ଥାରେ ମୁଁ ଯୋଗ ଦେଲି । ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କାହା ବିଲରେ କୂଅ ଖୋଳା, ଜଳସେଚନ ସୁବିଧା ନିମନ୍ତେ କେନାଲ ଖୋଳିବା, ଏସବୁ କାର୍ଯ୍ୟ ଓଡିଶା ସାରା ଚାଲିଲା । ମୁଁ ଏସବୁରେ ସମ୍ପୃକ୍ତ ହୋଇ ସମଗ୍ର ରାଜ୍ୟ ବୁଲିଲି । ସେ ସମୟ ମୋର ମନେ ପଡିଲା ବାପା (ବିନୋଦ ବାବୁ)ଦେଇଥିବା ବଡ଼ଲୋକଙ୍କ ଜୀବନୀ ସଂଗ୍ରହ ଦାୟିତ୍ୱ । ଦିନ ସାରା ଅଫିସ୍ କାମ କରି ସଂଧ୍ୟାରେ ସାଇକେଲ ଖଣ୍ଡେ ଧରି ବାହାରି ପଡେ ସେ ଅଞ୍ଚଳରେ କିଏ ବିଶିଷ୍ଟ ବ୍ୟକ୍ତି ଅଛନ୍ତି ତଥ୍ୟ ସଂଗ୍ରହ କରିବାକୁ । ସେବା ଓ ସାହିତ୍ୟ ଉଭୟ ସେବା ମଧ୍ୟରେ, ହଠାତ୍ ମୋତେ ଓଡ଼ିଶା ଛାଡି ଭାରତ ବାହାରକୁ ଯିବାକୁ ପଡିଲା । ୧୯୮୫ରେ ବିଶ୍ୱର ସବୁଠାରୁ ଭୟାବହ ଦୁର୍ଭିକ୍ଷ ପୀଡ଼ିତ ଇଥିଓପିଆବାସୀଙ୍କ ସେବା ଓ ଥଇଥାନ ପାଇଁ ଦାୟିତ୍ୱ ମିଳିଲା । ଲକ୍ଷ ଲକ୍ଷ କ୍ଷୁଧାର୍ତ୍ତ ଲୋକଙ୍କୁ ସେବା ଓ ସାହାଯ୍ୟ ଯୋଗାଇ ଦେବା ପାଇଁ ଯେଉଁଠି ଖାଲି ଲୁହ ଆଉ ଲୁହ । ବାର ବର୍ଷ ଧରି ସେଠାରେ ବର୍ଷା ହୋଇ ନଥିଲା । କୌଣସି ପ୍ରକାର ଜୀବନ ବଞ୍ଚେଇବା ପାଇଁ ସେଇ ଦୂଷିତ ପାଣିକୁ ଫୁଟାଇ ପିଇ କିଛି କିଛି ଶୁଖିଲା ଖାଦ୍ୟ ଖାଉଥିଲୁ । ମୋତେ ସେମାନେ 'ଗ୍ରାସ୍ ଇଟିଙ୍ଗ୍ ଅଫିସ୍‌ର', 'ମଙ୍କ୍' ବୋଲି ଡାକୁଥିଲେ । ତେବେ ଭାରତର ତଥା ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ପ୍ରୀତି ତାଙ୍କୁ ଅନ୍ୟତ୍ର କେଉଁଠି ବେଶୀ ଦିନ ବାନ୍ଧି ରଖି ପାରିନଥିଲା ।




ସେ ପୁନଶ୍ଚ ଫେରିଥିଲେ ଓଡିଆ ସାହିତ୍ୟ ଜଗତକୁ । ୧୯୯୬ରେ ସେ ଡକ୍ଟର ହରେକୃଷ୍ଣ ମହତାବ ଫାଉଣ୍ଡେସନର ସୌଜନ୍ୟ ସଂପାଦକ ତଥା 'ପ୍ରଜାତନ୍ତ୍ର'ର ଉପଦେଷ୍ଟା ରହିବା ସହିତ ଓଡ଼ିଶା ସରକାରଙ୍କ 'ଶିଶୁଲେଖା'ର ସଂପାଦନା ଦାୟିତ୍ୱ ନିର୍ବାହ କରିଥିଲେ । ଏହାପରେ ସେ ମନେପକାଇ ଥିଲେ ତାଙ୍କ ଗୁରୁଦେବ ବିନୋଦ ବାବୁଙ୍କ ଉପଦେଶ– ଓଡ଼ିଶାର ପାଞ୍ଚ ଶହ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ସ୍ଥାନିତ କରି ଏକ ବୃହତ ଗ୍ରନ୍ଥାବଳୀ ଏନ୍‌ସାଇକ୍ଲୋପିଡ଼ିଆ ପ୍ରକାଶନ ନିମନ୍ତେ । ଶ୍ରୀ ସାହୁ କିନ୍ତୁ ୫୦୦ ପରିବର୍ତ୍ତେ ୫୦୦୦ ବରପୁତ୍ରଙ୍କର ଜୀବନୀ ରଚନା କରି 'ଆମେ ଓଡ଼ିଆ' ନାମରେ ଦଶ ଭାଗରେ ପ୍ରକାଶ କରିଛନ୍ତି । ଇତିମଧ୍ୟରେ ଦଶ ଭାଗ ପ୍ରକାଶ ପାଇସାରିଛି । ଏକାଦଶ ଖଣ୍ଡ ପ୍ରକାଶ ଅପେକ୍ଷାରେ । ବିଭିନ୍ନ ଭାଗରେ ରହିଛି ପ୍ରାଚୀନ ଓଡ଼ିଶାର ଆଗଙ୍ଗା ଗୋଦାବରୀ ଜୟ କରିଥିବା ଓଡ଼ିଆ ସମ୍ରାଟମାନଙ୍କ କୀର୍ତ୍ତିକାହାଣୀ, ଓଡ଼ିଆ ଭାଷାକୁ ବଞ୍ଚାଇଥିବା ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିଥିବା ମହାନ୍ ନେତା ମଧୁବାବୁ, ଗୋପବନ୍ଧୁ



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଆମେ ଓଡ଼ିଆ'ର ଷଷ୍ଠ ଭାଗ ଲୋକାର୍ପଣ । ବାମରୁ ଡାହାଣକୁ ମାନ୍ୟବର ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା, ସାଂସଦ ଶ୍ରୀ ପାଟଶାଣୀ, ବାଚସ୍ପତି ଶ୍ରୀ ନିରଞ୍ଜନ ପୂଜାରୀ, ଗ୍ରନ୍ଥକାର ଶ୍ରୀ ନୃସିଂହ ଚରଣ ସାହୁ, ମାନ୍ୟବର ମୁଖ୍ୟମନ୍ତ୍ରୀ, ସଂସଦ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ।

ଭଳି ଯୁଗଜନ୍ମା ସୁପୁରୁଷଙ୍କ ସାଧନାର ଗାଥା । ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଭାଗରେ ପାଖାପାଖି ୨୫୦୦ ସ୍ୱାଧୀନତା ସଂଗ୍ରାମୀ (ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବାଜି ରାଉତ, ଲକ୍ଷ୍ମଣ ନାୟକ, ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକ ପ୍ରମୁଖ)ଙ୍କ ଜୀବନୀ ପ୍ରକାଶିତ । ସପ୍ତମ ଓ ଅଷ୍ଟମ ଭାଗରେ ରହିଛି ମହାକବି ଜୟଦେବ, ଆଦିକବି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନ ସମୟର ସଚ୍ଚି ରାଉତରାୟ, ଗୋପୀନାଥ ମହାନ୍ତି ଓ ପ୍ରତିଭା ରାୟଙ୍କ ଭଳି ବହୁ ସାରସ୍ୱତ ସାଧକ (ମୋଟ ୧୮୦୦)ଙ୍କ ଫଟୋ ଚିତ୍ର ସହ ସେମାନଙ୍କ ସାଧନାର ଅମର କୃତି । ନବମ ଭାଗରେ ୯୦୦ ଗାଳ୍ପିକ,ଔପନ୍ୟାସିକ ଓ ନାଟ୍ୟକାରଙ୍କ ଜୀବନୀ ପ୍ରକାଶ ପାଇଛି । ସରକାରୀ ସାହାଯ୍ୟ ଅଭାବରୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ବିକ୍ରି କରି ସେ ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ନିଜ ରୋଜଗାର ସହ ପୈତୃକ ସମ୍ପତ୍ତି ସବୁକୁ ବିକି ଭାଙ୍ଗି ଲାଗି ପଡିଛନ୍ତି ବିସ୍ମୃତପ୍ରାୟ ବିଶିଷ୍ଟ ମଣିଷ ମାନଙ୍କୁ ପୁସ୍ତକର ଫର୍ଦ୍ଦରେ ସ୍ମରଣୀୟ କରି ରଖିବାକୁ । ଏହା ପଛରେ ରହିଛି ତାଙ୍କ ପତ୍ନୀ ସ୍ୱର୍ଗତ ଡକ୍ଟର କଳ୍ପନା ସାହୁଙ୍କ ଅକୁଣ୍ଠ ସହଯୋଗ । "ସେ ନିଜେ କିଣିଥିବା ଘର ଓ ପିଲାମାନଙ୍କ ପାଇଁ ମୁଁ କିଣିଥିବା ଜାଗାବାଡ଼ି ଏହି ବହି ପ୍ରସ୍ତୁତିରେ ସବୁ କିଛି ବିକି ଦେବାବେଳେ ଆଖି ବୁଜି ଦେଇଥିଲେ । ନଚେତ ଏହି କାମ ଆଗେଇ ପାରିନଥାନ୍ତା ।" ସରକାରୀ ସାହାଯ୍ୟ କଥା ପଚାରିବାରୁ ତାଙ୍କ ମଳିନ ହସ ସବୁ କାହାଣୀ ବଖାଣି ସାରିଥିଲା । ଏଠି ସରକାରୀ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତି ହୋଇ ରହି ଯାଇଛି । ହଠାତ ସତର୍କ କରିଦେବା ଭଳି କହିଲେ, "ଆଜି ପାଇଁ ଏତିକି ଥାଉ । ଏବେ ବେଳ ଗଡିଲାଣି ମାଆ । ଝିଅକୁ ନେଇ ଦୂରକୁ ଫେରିବୁ । ସଅଳ ଫେରି ଗଲେ ଭଲ ।"

"ଆଜ୍ଞା ସାର୍ ଆପଣଙ୍କ ଜୀବନ କାହାଣୀ ସତରେ ଅସରନ୍ତି । ଭଗବାନଙ୍କୁ ପ୍ରାର୍ଥନା ସୁସ୍ଥ ଓ ନିରୋଗ ରହି ଆପଣ ଏହି ଜାତୀୟ କାର୍ଯ୍ୟ ଚାଲୁ ରଖନ୍ତୁ ।"

ତିନି ଘଣ୍ଟା କଥା ବାର୍ତ୍ତା କରି ମୁଁ ଫେରି ଥିଲି । ମୋ ମୁଣ୍ଡରେ ଅନେକ ପ୍ରଶ୍ନ ଘୁରି ବୁଲୁଥିଲା । ବହିମାନଙ୍କ ଗହଳିରେ ଉଚ୍ଛଳ ହସ ହସୁଥିବା ଆପଣାର ମଣିଷ ଜହ୍ନୁରୀ ଭାଇ । ଓଡ଼ିଶାର ବରପୁତ୍ରମାନଙ୍କୁ ଅମର କରିବା ପ୍ରଚେଷ୍ଟାରୁ ସେ କ୍ଷାନ୍ତ ହୋଇନାହାନ୍ତି । ଜୀବନର ସାୟାହ୍ନରେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଓ ଆର୍ଥିକ ଦୁଃସ୍ଥିତିକୁ ଖାତିରି ନକରି ଦିନକୁ ଚଉଦ ଘଣ୍ଟା ପରିଶ୍ରମ କରୁଥିବା ଅନନ୍ୟ ସାଧକ । ଆଜିର ଦିନରେ ପୁରସ୍କାର ପାଇଁ ଧରାଧରି କରୁଥିବା ଲେଖକଙ୍କ ଠାରୁ କେତେ ଭିନ୍ନ ଓ ଅନ୍ୟନ୍ୟ । 'କ୍ଷୟହୀନ କୋଣାର୍କ' ନିର୍ମାଣ ପାଇଁ ତାଙ୍କୁ ଯଥାର୍ଥ ସମ୍ମାନ ସହଯୋଗ ମିଳିବା ଉଚିତ୍ ।



ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।

## ଆଇନ ପରାମର୍ଶ - ୨୫

# ଆଇନ୍‌ଗତ ଭାବେ ଯୁବପିଢ଼ି କିପରି କରିବେ ବ୍ୟବସାୟ ?




**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**

ଭୁବନେଶ୍ୱର ବାର୍ ଏସୋସିଏସନ୍

ଫୋନ : ୯୩୦୯୧୧୯୬୨୫


ବେଳେବେଳେ କମ୍ ବୟସର ଯୁବପିଢ଼ିଙ୍କ ମନରେ ବ୍ୟବସାୟକୁ ନେଇ ଆସିଥାଏ ଆଗ୍ରହ ଓ ଉତ୍କଣ୍ଠା । ସେହି ଆଗ୍ରହ ଓ ଉତ୍କଣ୍ଠାକୁ ନେଇ ବ୍ୟବସାୟରେ କିଛି ବଡ଼ କରିବାକୁ ସେମାନେ ଚିନ୍ତା କରିଥାନ୍ତି । କିନ୍ତୁ ହଠାତ୍ ଠିକ୍‌ଭୁଲ୍‌ର ସଠିକ ନିର୍ଣ୍ଣୟ ନେଇପାରି ନଥାନ୍ତି । ପଢ଼ିବା ସହିତ ବ୍ୟବସାୟକୁ କିପରି ସନ୍ତୁଳନ କରିବେ ଏଥିନେଇ ଚିନ୍ତାରେ ପଡ଼ିଥାନ୍ତି । ତେବେ ଆସନ୍ତୁ ଜାଣିବା ଆଇନ୍‌ଗତ ଭାବେ କିପରି ବ୍ୟବସାୟ କରି ଆଗକୁ ବଢ଼ିବେ ।

ଯଦି ମନ ମଧ୍ୟରେ ସ୍ଥିର କରିସାରିଛନ୍ତି ଆପଣ ବ୍ୟବସାୟ କରିବେ, ତେବେ ସର୍ବପ୍ରଥମେ ଆପଣଙ୍କ ବ୍ୟବସାୟର ନାମ କ'ଣ ରଖିବେ ସ୍ଥିର କରନ୍ତୁ । ଯେଉଁ ନାମ ଆପଣ ସ୍ଥିର କରିଛନ୍ତି ସେ ନାମ ଆପଣଙ୍କ ପାଖେ କିପରି ରହିବ ଏବଂ ସେ ନାମକୁ ଆଉ ଯେପରି କିଏ ନେଇ ବ୍ୟବସାୟ ଆରମ୍ଭ ନକରେ ସେଥିପାଇଁ ଆପଣ ସେ ନାମକୁ କିପରି ସୁରକ୍ଷିତ କରି ରଖିବେ. ଜାଣନ୍ତୁ ।

ଭାବି ନିଅନ୍ତୁ ଆପଣଙ୍କ ମୁଣ୍ଡରେ ଏକ ସୃଜନଶୀଳ ନାମ ଆସିଲା ଏବଂ ଆପଣ ଭାବୁଛନ୍ତି ଆପଣ ଯେତେବେଳେ ୨୫ କି ୩୦ ବର୍ଷର ହୋଇଯିବେ ଏବଂ ଆପଣଙ୍କ ପାଖରେ ଯେତେବେଳେ ପଇସା ଆସିବ ସେତେବେଳେ ବ୍ୟବସାୟ କରିବେ । ସମୟକ୍ରମେ ହଠାତ୍ ଜାଣିଲେ ଯେ ସେ ନାମର କପିରାଇଟ୍ ଆଉ କିଏ ନେଇ ସାରିଛି । ସେ ନାମରେ ଡୋମେନ୍ ତ ଆଉ କିଏ ନେଇ ସାରିଛି । ସେ ନାମର ଲୋଗୋ ଆଉ କିଏ କରି ଟ୍ରେଡ୍‌ମାର୍କ ତ କରିସାରିଛି । ତେବେ କରିବେ ତ କ'ଣ କରିବେ ?

- ଏଥିପାଇଁ ଆପଣ ୧୮ ବର୍ଷର ହୁଅନ୍ତୁ କି ୧୯ ବର୍ଷର ପ୍ରଥମେ ଆପଣଙ୍କ ମୁଣ୍ଡରେ ଆସୁଥିବା ବିଚାର ହେଉ କି ନାମକୁ କପିରାଇଟ୍ କରାଇନିଅନ୍ତୁ ।
- କପି ରାଇଟ୍ ପାଇଁ ଅଧିକ ପଇସା ଲାଗିଥାଏ ସେଥିପାଇଁ ସେହି ନାମର ଡୋମେନ୍ ବା ୱେବ୍‌ସାଇଟ୍‌ର ନାମ ମଧ୍ୟ କିଣି ନିଅନ୍ତୁ ।

ଉଦାହରଣ ସ୍ୱରୂପ ଯଦି ଆପଣଙ୍କ ମୁଣ୍ଡରେ 'ଏବିସି' ନାମଟି ଆସୁଛି ତେବେ abc.com ନାମରେ ଛୋଟ ୱେବ୍‌ସାଇଟ୍‌ର ନାମ ରଖିପାରିବେ । ପ୍ରଥମେ ଆପଣ Domainର କିଣିନିଅନ୍ତୁ ।

### ଡୋମେନ୍ କରିବେ କିପରି ?

- ପ୍ରଥମେ ଗୁଗଲ୍ (Google) କୁ ଯାଆନ୍ତୁ ।
- ଡୋମେନ୍ ବୁକିଂ ଟାଇପ୍ କରନ୍ତୁ ।
- ତାପରେ ବହୁତ ସାରା ୱେବ୍‌ସାଇଟ୍ ଦେଖାଯିବ । ଆପଣ ତା'ପରେ ଡୋମେନ୍ ବୁକ୍ କରିନେବେ ।
- ଡୋମେନ୍ ବୁକିଂ ବର୍ଷିକିଆ ନବୀକରଣ (yearly renewal) ହୋଇଥାଏ । ଏଇଟା ଆପଣଙ୍କ ପାଇଁ ସୁରକ୍ଷିତ ହୋଇଥାଏ ।
- ତା'ପରେ ପାଖରେ ପଇସା ହେଲେ ଲୋଗୋ (Logo) କରି ସେହି ବ୍ରାଣ୍ଡ୍ ନାମ ସହ ଟ୍ରେଡ୍‌ମାର୍କ କରିବେ । ଟ୍ରେଡ୍‌ମାର୍କ କରିଦେଲା ପରେ ସେହି ନାମକୁ ୧୦ବର୍ଷ ପର୍ଯ୍ୟନ୍ତ କେହି ନେଇ ପାରିବେ ନାହିଁ ।
- ତା'ପରେ ଆପଣ ନବୀକରଣ କରିଲେ ତାହା ଜୀବନସାରା ଆପଣଙ୍କ ପାଖରେ ରହିବ ।


### ଲାଭ କ'ଣ ?

- ପ୍ରଥମରୁ ଆପଣଙ୍କ ପାଖରେ ନାମ, ଟ୍ରେଡ୍‌ମାର୍କ ରହିଲା ।
- ଏହା ଧିରେ ଧିରେ ପୁରୁଣା ମଧ୍ୟ ହେବ ।
- ଯେତେବେଳେ ଆପଣଙ୍କ ପାଖରେ ପଇସା ଆସିବ ଏବଂ ବ୍ୟବସାୟ କରିବାକୁ ଭାବିବେ ସେତେବେଳେ ଆପଣଙ୍କ ପାଖେ ରେଜିଷ୍ଟାର୍ଡ଼ ବ୍ରାଣ୍ଡ୍ ନାମ ଥିବ । ତା'ପରେ ଚାହିଁଲେ ଆପଣ କପିରାଇଟ୍ କରି ପାରିବେ ।



- ବହୁତ ଜଣ ଏପରି ଥାନ୍ତି, ଯେକି ବ୍ୟବସାୟ କରିବାକୁ ଚାହାଁନ୍ତି ସତ ହେଲେ ପାଖରେ ପଇସା ନଥିବାରୁ ଇଚ୍ଛା କରନ୍ତି ନାହିଁ । ଆଜିର ଦିନରେ ଯଦି ଆପଣଙ୍କ ପାଖେ ୨ହଜାର ଟଙ୍କା ରହୁଛି ତେବେ ତାକୁ ସବୁ ମାସରେ ସିପ୍ (SIP) Systemetic Investment Planରେ Invest କରି ପାରିବେ । ମାସକୁ ୨୦୦୦ ହେଲେ ବର୍ଷକୁ ୨୪ହଜାର । ଏପରି ଯଦି ୫ବର୍ଷ କରିବେ ତେବେ ଆପଣଙ୍କ ପାଖେ ପଇସା ଆସିଯିବ ! ମୂଳଧନ ସହ ସୁଧ ମିଶି ଅଧିକ ହେବ । ଯଦ୍ୱାରା ବ୍ୟବସାୟ ପାଇଁ ଆପଣଙ୍କ ପାଖେ ପଇସା ଅଭାବ ରହିବନି । ତେବେ ଏସବୁ ଛୋଟ ଛୋଟ ଟିପ୍ସକୁ ଧ୍ୟାନରେ ରଖି ବ୍ୟବସାୟ ଆରମ୍ଭ କରନ୍ତୁ ।




Utkalika
1959
63 years of Excellence
Pioneer of Cultural Heritage
Since 1959
Odisha's Art & Crafts has occupied a significant place in the world due to its intricacy and exclusiveness. Watch the creativity in myriad shades of Odisha handloom and handicrafts at Utkalika. Every single rendition is a breathtaking example of Odisha's traditional heritage and artistry.
Our Branches
Inside the State
Bhubaneswar : 1. Unit-II, Market Building
2. Airport
Cuttack : Dargha Bazar
Rourkela : Sector- 5
Puri : Grand Road
Jeypore : Debottar Market
Sambalpur : VSS Marg
Outside the State
New Delhi : Baba Kharag Singh Marg,
Kolkata : Dhakuria
Hyderabad : Saifabad
Pune : Farguson Road
Mumbai : Navi Mumbai
Bengaluru : Residency Road
Authentic Handloom & Handicraft of Odisha
www.utkalikaodisha.com
Odisha State Co-operative Handicrafts Corporation Ltd. (Utkalika)
(Under Handlooms, Textiles & Handicrafts Dept., Govt. of Odisha)
D- 2/3, Industrial Estate, Rasulgarh, Bhubaneswar- 751010
Phone- 0674-2549090, E-mail : oschcltd@gmail.com, Website : www.utkalika.co.in




ପ୍ରଚ୍ଛଦ କଳ୍ପନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ପ୍ରଗତି ଗୁରୁ**, ଝାରସୁଗୁଡ଼ା
ଉଚ୍ଚତା : **୫ ଫୁଟ୍ ୪ ଇଞ୍ଚ୍**
ବୃତ୍ତି : **ଅଧ୍ୟୟନ**
ଶିକ୍ଷା : **ଏମ୍‌ବିଏ ଛାତ୍ରୀ**
ରୁଚି : **ମଡ଼େଲିଂ, ଅଭିନୟ**
ପ୍ରଚ୍ଛଦ ଫଟୋଗ୍ରାଫି : **ଅଖିଳ ଫଟୋଗ୍ରାଫି**, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ**, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **ରିତୁସ୍ ମେକ୍‌ଓଭର୍**
ସ୍ଥାନ : **ଅଖିଲ୍ ଫଟୋଗ୍ରାଫି ଷ୍ଟୁଡ଼ିଓ, ଭୁବନେଶ୍ୱର**

ଲେଣ୍ଡର

# ଅକ୍ଟୋବର - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

୦୨/୧୦/୨୦୨୩ : ଗାନ୍ଧୀ ଜୟନ୍ତୀ
୧୪/୧୦/୨୦୨୩ : ମହାଳୟା
୨୨/୧୦/୨୦୨୩ : ଅଷ୍ଟମୀ ପୂଜା
୨୩/୧୦/୨୦୨୩ : ନବମୀ ପୂଜା
୨୪/୧୦/୨୦୨୩ : ଦଶହରା
୨୮/୧୦/୨୦୨୩ : ଗଜଲକ୍ଷ୍ମୀ ପୂଜା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

# ଦ୍ରୌପଦୀ-୩୨

**ପ୍ରଫୁଲ୍ଲ କୁମାର ମହାନ୍ତି**

**(ଦ୍ରୌପଦୀର ସନ୍ଦେହ ମୋଚନ)**

କୃଷ୍ଣ ହିଁ ଥିଲେ ମୁଖ୍ୟ ନାଟ୍ୟକାର
ସବୁ ଚିତ୍ରର ମୁଖ୍ୟ କଳାକାର
ରାଜସୂୟ ଯଜ୍ଞ ଥିଲା ତାଙ୍କରି କଳ୍ପନା
ଅତ୍ୟାଚାରୀ ରାଜାଙ୍କର ନିର୍ମୂଳକ ଲାଗି
ଯେଉଁମାନେ ଭାବୁଥିଲେ କ୍ଷମତା ହିଁ ଶକ୍ତିର ମହିମା
ପ୍ରକୃତି ମଣିଷର ସମସ୍ତ ବିଭୂତି
ଥିଲା ତାଙ୍କ ଇଚ୍ଛାଧୀନ ଅହଂର ବିକୃତି:
ତେଣୁ କୃଷ୍ଣ କହିଥିଲେ ମୁନି ନାରଦଙ୍କୁ
ମିଛ କହି ପାଣ୍ଡବଙ୍କୁ ମନାଇବା ପାଇଁ
ରାଜସୂୟ ଆଡ଼ମ୍ବର ପଣ୍ଡୁମୋକ୍ଷ ପାଇଁ ।

ଯଜ୍ଞ ଅଶ୍ୱ ବିଦାବେଳେ ଆସିଥିଲେ କୃଷ୍ଣ
ଯାତ୍ରା ଅନୁକୂଳ ପାଇଁ ଶୁଭ ମନାସିଲେ
ଦ୍ରୌପଦୀ ପଚାରିଲେ ସଖା ବାସୁଦେବ
ତୁମେ ତେବେ ଲେଖକ ନିର୍ଦ୍ଦେଶକ ଯଜ୍ଞ ନାଟକର ?
ତୁମ ପ୍ରଶ୍ନ ମୋ ପାଇଁ ଅବୁଝା ପାଞ୍ଚାଳୀ
ମୁଁ ତ ଆସିଥିଲି ତୁମ ପାଇଁ ମୋର ସଖୀ ପାଇଁ
ଖୋଲିଦେବା ଲାଗି ତାର କାଲିର ଦୁଆର
ଭବିଷ୍ୟତ କର୍ମପୀଠ ଭାଗ୍ୟର ଆହ୍ୱାନ
ତୁମ ପାଇଁ ରାଜସୂୟ ଆରମ୍ଭର ଶଙ୍ଖନାଦ
ଆଗାମୀର କଳାଧଳା ଜୀବନ ନିର୍ଘୋଷ

କଣ କହୁଚ ସଖା ପାରିନାହିଁ ବୁଝି
ତୁମର ଶବ୍ଦମାନେ ପେଣ୍ଡୁ ପରି ଗଡୁଛନ୍ତି
ଲକ୍ଷ୍ୟହୀନ ସୀମାହୀନ ଅର୍ଥ ବଳୟରେ
ଖେଳି ଚାଲ କୃଷ୍ଣା ଯେମିତି ଖେଳିବ ତମେ
ଲକ୍ଷ୍ୟ ସୀମା ଦେଖାଦେବେ ନୂଆ ନୂଆ ରୂପେ
ମାରିଚାଲ ପେଣ୍ଡୁ ନିଜ ଲକ୍ଷ୍ୟ ନେଇ
ହୁଏତ ଲକ୍ଷ୍ୟହରା ହେବ କିନ୍ତୁ ଖେଳିଚାଲ

ଖେଳର ବିରତି ନାହିଁ ଅର୍ଥର ସମାପ୍ତି ନାହିଁ ।
ପେଣ୍ଡୁ ମାରିବା ଛଡ଼ା ଅନ୍ୟ ଗତି ନାହିଁ ।
ହାତ ଗୋଡ଼ ମନ ସନ୍ତୁଳିତ କରି ଖେଳି ଚାଲ
ନିଶ୍ଚୟ ଉଠିବ ଢେଉ ଅର୍ଥ ସମୁଦ୍ରରେ

ସୀମାଚିହ୍ନ ନଥାଇ କି ଖେଳ
ବିଚାରକ ନଥାଇ କାହିଁକି ଏ ଖେଳ
କେମିତି ମାରିଲି ମୁଁ କେଉଁଠି ବାଜିଲା ପେଣ୍ଡୁ
କିଏ ତାର କରିବ ବିଚାର ?
ହସିଦେଲେ କୃଷ୍ଣ- ସେଇତ ଏ ଖେଳ
ମାରିବାରେ ଅଧିକାର ସୀମାରେ ଅସୀମାରେ
ପରିଣାମ ଫଳଭୋଗ ଭଲମନ୍ଦ ବିଚାର
ନୁହେଁ ତୁମ ଅଧିକାର:
କେବଳ ଖେଳିବ ତୁମେ
ଚିନ୍ତା କଳ୍ପନାର ମହଲ ଗଢ଼ିବ ତୁମେ
ଝାଳନାଳ ହୋଇ ଦଉଡ଼ିବ ତୁମେ
ଲକ୍ଷ୍ୟସୀମା ସଫଳ ସାଧନା କରି ଯିବ ତୁମେ
ଫଳ ଆଶା କରିବନି ଭଲ ଅବା ମନ୍ଦ

କାହିଁକି ତେବେ ଏ ରାଜସୂୟ ଯଜ୍ଞ
ଯଦି ଫଳ ନାହିଁ ଆଶା ନାହିଁ ଲକ୍ଷ୍ୟ ଅନିଶ୍ଚିତ ?


ପୁଣି ହସିଲେ କୃଷ୍ଣ ସେଇଠି ତ ମଜା
ତୁମେ ମୁଁ ରାଜାପ୍ରଜା ସମସ୍ତେ ଖେଳାଳି
ଇଚ୍ଛାର ଲୀଳାଭୂମି ଏ ପବିତ୍ର ଭୂମି
ଇଚ୍ଛାର ସଂଘାତ ଅଛି ସମାଧାନ ନାହିଁ
ଜିଣିବାର ଇଚ୍ଛା ନେଇ ଆମେ ସବୁ ନାୟକ ନାୟିକା
ଆମ ପରେ ନୂଆ ପିଢ଼ି ନୂଆ ଖେଳ ନୂଆ ପ୍ରହେଳିକା
ଧୈର୍ଯ୍ୟ ଧର ସଖୀ ମୋର ନିଭାଅ ଭୂମିକା ।

ରାଜସୂୟ ହେବ କ୍ଷମତାର ସନ୍ତୁଳନ ପାଇଁ
ପ୍ରଜାର ଆଶ୍ୱାସ ଲାଗି ମଣିଷର ଶ୍ରେୟ ଲାଗି
ଉତ୍ପୀଡ଼କ ଜରାସନ୍ଧ ମହତ୍ତ୍ୱାକାଂକ୍ଷାରୁ
ଲକ୍ଷେ ରାଜା ଉଦ୍ଧରିବା ପାଇଁ

ଶାନ୍ତିର ଆମୋଦ ପାଇଁ କାଳ ପ୍ରବାହରେ-
ରାଜସୂୟ ଶେଷ ନୁହେଁ ଶେଷ ବୋଲି କିଛି ନାହିଁ
ରଙ୍ଗଭୂମି ପଡ଼ିବନି ଖାଲି
ଆଜି ପରେ ପୁଣି ଆସିବ କାଲି
ଆଜି ହୋଇ ଫେରିବ ଦେଖିବାକୁ
ଜୀବନର ନବରଙ୍ଗ ସପ୍ତସିନ୍ଧୁ ଫେଣ ।



♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୬୨୩



◄ ଡ. ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

**ପ୍ରଫୁଲ୍ଲ କୁମାର ମହାନ୍ତି**

ସମକାଳୀନ କବିତା

# ଫୁଟିବା ଆଗରୁ ଫୁଲ

## ହରିହର ମିଶ୍ର

ନାବାଳକ ସାବାଳକ ହେବା
ସଁବାଳୁଆ ପ୍ରଜାପତି ହେବା
ଜଣାଅଛି ଧର୍ମପଦକୁ,
ଡେଇଁପଡ଼ିବା ଆଗରୁ ସମୁଦ୍ର ଗର୍ଭକୁ ।

ଜଣାପଡ଼ିଛି ବାରବର୍ଷ ଟୋକା ବାଜିଆକୁ
ଫିରିଙ୍ଗି ଗୁଳିରେ ଢଳିପଡ଼ିବା ପୂର୍ବରୁ
ଏ ଦେଶ ଏ ଜନତା କିଏ କଣ

ଶ୍ରେଣୀ ଗୃହକୁ ପଶି ଆସି
ସେ ଆମେରିକାନ୍ ଟୋକା
ଛ' ଛ' ଜଣ ଛାତ୍ରଛାତ୍ରୀ ସହପାଠୀଙ୍କୁ
ଗୁଳି କରିବା ପଛରେ କାରଣ କଣ
ଖୋଜିଲା ବେଳକୁ ଆଖି ପିଛୁଡ଼ାକେ
ସବୁ ଶେଷ...

ଛୁଆ ପିଲା କେମିତି ହୁଏ
ପ୍ରଶ୍ନ କରୁଥିବା ବାଳିକା
ମାଆ ହେବାର ଅଭିନୟ କରୁଥାଏ
କ୍ଷୀରପାନ କରାଏ ବେବିଡଲ୍‌କୁ ।

ସବୁ ଅସମ୍ଭବ ସମ୍ଭବ
ଫୁଟିବାର ସ୍ୱପ୍ନ ଦେଖେ କଢିଟିଏ ।
କିସ ହେବ କାରଣ ଖୋଜିଲେ
କିସ ହେବ ଜାଣି ସେ ରହସ୍ୟ ।
ମନେପଡ଼େ
ଏବେ ଭାଙ୍ଗି ପଡ଼ିଥିବା
ଶ୍ରୀକୃଷ୍ଣ ସିନେମା



▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର


ଜାଣେ ଘରୁ ପାଞ୍ଚଣା ଦଶଣା
ଚୋରି କରି ପ୍ରାପ୍ତ ବୟସ୍କଙ୍କ ପାଇଁ
ଚଳଚ୍ଚିତ୍ର ଦେଖୁଥିବା ଟୋକାଙ୍କ ଉତ୍ପାତ
କୁହାଟ ଓ ହୁଇସିଲ୍
ମରାମରି ପିଟାପିଟି ସାହି ସାହି
ଟୋକାଙ୍କ ଭିତରେ ।

ନର୍ଗିସ, ମଧୁବାଳା, ସୁରେୟାମାନଙ୍କୁ
ଲାଇନ୍ ମାରିଲା ବେଳେ ସମୁଦ୍ର କୂଳରେ ।

ସଁବାଳୁଆମାନଙ୍କୁ ଭୟ କଣ
ତାଙ୍କୁ ନିପାତ କରିବାକୁ
ସ୍କୁଟି ଚଳେଇବାକୁ ନିଷେଧାଜ୍ଞା ଜାରି
ଜୋରିମାନା ସେମାନଙ୍କ ପିତାମାତାଙ୍କୁ ।

ଫୁଲ ଫୁଟିଗଲେ ଦୋଷ
ସଁବାଳୁଆ ପ୍ରଜାପତି ହେଲେ ସର୍ବନାଶ
ପରାଗ ସଂଗମର ବେଳ ପହଞ୍ଚିଲେ
ପବନରେ ସୃଜନ ବିକାଶ ପାଇଁ
ଚାଲିଥାଏ ଅଦୃଶ୍ୟରେ ରାସ ।


♥ ଭୂତପୂର୍ବ ସଭାପତି: ଓଡ଼ିଶା ସାହିତ୍ୟ
ଏକାଡ଼େମୀ, ମାର୍କଣ୍ଡେଶ୍ୱର ସାହି, ୬ଷ୍ଠ ଭାଗ,
ପୁରୀ-୭୫୨୦୦୧
ଫୋନ:୯୪୩୮୫୩୨୦୫୫

▲ ଫଟୋ ଉତ୍ତମ ମିଶ୍ର

# ନିଦ

## ଶୈଳବାଳା ମହାପାତ୍ର

ଗୋଟେ ସୁନ୍ଦର ଆଉ ନିବିଡ଼ ନିଦ ଲୋଡ଼ା

ଗୋଟେ ସୁନ୍ଦର ଓ ନିବିଡ଼ ନିଦ ଲୋଡ଼ା
ନିଦ ଭାଙ୍ଗିଲା ବେଳକୁ
ଶ୍ୟାମଳ ଦିଶୁଥିବ ଚାରିପାଖ
ଫୁର୍ତ୍ତିରେ ଫୁଲ ଫୁଟୁଥିବ
ଆତ୍ମାର ଆନନ୍ଦ ଆଙ୍କୁଥିବ ସ୍ୱପ୍ନ
ଅଜସ୍ର ଅୟୁତ

ମିଳେ କି ଏମିତି ନିଦ ?
ସ୍ୱାମୀର ସହସ୍ର ଅଭିଯୋଗ ବୋହୁ ବୋହୁ
ପିଠିରେ ଗୋଟେ କୁଜ
କେବେ ଝିଅର ବାହାଘର
କେବେ ପୁଅର ଦୂରତା
ବୋହୂର ବେଖାତିର୍ ଭାଙ୍ଗୁଥାଏ
କାଲିର ଭରସା
ପୁଣି କେବେ ଆତ୍ମୀୟଙ୍କ ଅବିଶ୍ୱାସ
ପଡ଼ୋଶୀର ଅବୁଝାମଣା

ସତ କୁହ
ଏମିତିରେ ନିଦ ହୁଏ ତମକୁ
ସତ-ସତିକା !
ନା ଅଳସ ଭାଙ୍ଗି
ହାଇ ମାରି
ଆଙ୍ଗୁଠିରେ ଚୁଟ୍‌କି ଫୁଟେଇ
ଅନିଦ୍ରା ଆକ୍ରାନ୍ତ ଜୀବନ
ଅଭିନୟ କରୁଥାଏ ନିଦର
ମିଛିମିଛିକା !

ସଂଘର୍ଷରେ ସରିଗଲା ତିନି ଭାଗରୁ ବେଶି
ଭାଗେ ବି ବଳକା ନାହିଁ ଆଉ

ଏଥର ଚାଲ ଦେଖିବା
ଗଛଙ୍କର ସାବ୍‌ଜା ହସ
ଶୁଣିବା ପାହାଡ଼ ଛାତିର କୁଳୁକୁଳୁ
ଲେସିହେବା ଜହ୍ନଗୀତି
ଆସୁ କି ନଆସୁ ନିଦ
ନିଦକୁ ଭରସା କରି
ନିଦ ବିଶ୍ୱାସରେ
ଆସ ଶୋଇଯିବା
ବହୁତ ହେଲାଣି ରାତି !


♥ ଶୀଳାଚିନ୍ମୟ,
ମଧୁବନ ୬ଷ୍ଠ ଗଳି, ଟିକରପଡା ରୋଡ଼,
ପୁରୀ, ଫୋନ:୭୦୦୮୫୮୬୫୦୧




▲ ଫଟୋ ଶୈଳବାଳା ମହାପାତ୍ର

# ଆତ୍ମନେପଦୀ

## ସମରେନ୍ଦ୍ରନାଥ ମହାପାତ୍ର

ମୋତେ ଭଲ ଲାଗେନା ଜେମାମଣି କାନ୍ଦଣା ଗୀତ
ଭଲ ଲାଗେନା ଥାଳ ଧରି ମାରିବା କୁହାଟ
ଚାହେଁନା ଛାତି ଚିରି ମାଂସ ବିଦାରି ଦେଖାଇବା ରକ୍ତ
ବରଂ, ଲୁହ ଟୋପେ ହେଇ ରହିଯିବା କା' ଆଖିରେ
ସେଇ ମୋର ଭାଗ୍ୟ !

ଜୀବନସାରା ତ କେତେ ଲୁହ ପୋଛିଦେଇଚି ପାପୁଲିରେ
କେତେ ଲୁହ ଶୁଖିଯାଇଚି ଆଖିପତାରେ
ତା'ର ହିସାବ ନେବା ପାଇଁ ସମୟ କାଇଁ ଯେ !

ଯୋଉମାନଙ୍କୁ ଭାବିଲି ନିଜର ବୋଲି
ଆଦର କଲି, କୋଳେଇ ଧରିଲି,
ସେମାନେ ଯେ ମୋତେ ଶକ୍ତ ଆଘାତ ଦେବେ
ଛାତି ମୋର କୋରିନେବେ ବିଶ୍ୱାସଘାତକତାର ଛୁରୀରେ
ମୁଁ କ'ଣ ଜାଣିଥିଲି ?

ଜାଣିଥିଲେ ବି କ'ଣ କରିପାରିଥାନ୍ତି ?
ସେମାନେ ଯେ ହଳଦୀବସନ୍ତ ପରି ଚୋରାଇ ନେଇଥିଲେ ମନ
କୋଇଲିର ଲଳିତ ସ୍ୱରରେ ଛନ୍ଦିଥିଲେ ପ୍ରାଣ
ରଜନୀଗନ୍ଧା ପରି ମହକାଇଥିଲେ ରାତିର ଅଙ୍ଗନ
ଛୁଇଁଥିଲେ ସଂଭ୍ରମରେ ଯେମିତିକା ଭୋର୍‌ର ପବନ

ସେମାନେ ଯେ ଆସୁଥିଲେ ଯାଉଥିଲେ ମାୟାଲୋକେ
ବଦଳାଇ ନିମିଷକେ ରୂପରଙ୍ଗ ଚେହେରା ଚରିତ୍ର
ବଦଳୁଥିଲା ଋତୁଚକ୍ର, ପାଣିପାଗ ଘନଘନ
ଜାଣି ବି ହେଉ ନ ଥିଲା କିଏ ଶତ୍ରୁ ଅବା କିଏ ମିତ୍ର !

ଛଳନାର ଛତା ତଳେ ମୁଖାପିନ୍ଧା ମଣିଷଙ୍କ ନାଚ !
କାହାକୁ ପାରିବ ଚିହ୍ନି, କାହାର ଯେ ନାହିଁ ଆଗପଛ
କିଏ ସେ ମାରିଲା ଛୁରୀ କଅଁଳ କଥାର ଲହରେ
ଜାଣିବା ସହଜ ନୁହେଁ, ଯଦିଓ ମୁଁ ଜୁଡୁବୁଡୁ ରକ୍ତରେ ।

ସାରା ଜୀବନ ଏମିତି କ୍ଷତମାନଙ୍କୁ ପୋଛି ବଞ୍ଚିବା ଶିଖିଚି
ବାହୁନା ଶିଖିନି କେବେ କହିବାକୁ କେମିତି ବଞ୍ଚିଚି !
ଶୁଖି ଯାଇଥିବା ଆଖିପତାର ଲୁହକୁ ଦେଖି ଯଦି କେହି
ବୁଝି ପାରିଲା ଦୁଃଖ ମୋର, ଯଥେଷ୍ଟ ତାହା ହିଁ ।

♥ ସମର୍ ଗ୍ରାଫିକ୍ସ, ସହଦେବଖୁଣ୍ଟା
ବାଲେଶ୍ୱର - ୭୫୬୦୦୧
ଫୋନ: ୭୦୦୮୩୩୦୭୪୫


▶ ଫଟୋ ସମରେନ୍ଦ୍ରନାଥ ମହାପାତ୍ର

# ନଦୀ

## ରଞ୍ଜନ କୁମାର ଦାସ

ଏ ମଣିଷ ସିନା
ଅଟକାଏ ନଦୀକୁ, ବାନ୍ଧେ ବନ୍ଧ
ଅନ୍ୟର ଦାବିକୁ କରେ ପ୍ରତ୍ୟାଖ୍ୟାନ
ନଦୀ କେବେ କାହାକୁ କରିନି ମନା
ତା ଦେହରେ ବୁଡି ଗାଧେଇବାକୁ
ତା ଜଳକୁ ନେଇ କ୍ଷେତରେ ମଡାଇବାକୁ
ଅବା ତାକୁ ନେଇ ଶୋଷ ମେଣ୍ଟାଇବାକୁ ।

ମଣିଷ କଥା ଛାଡ
ସେ ତ ଆଉ ମଣିଷ ହୋଇ ରହି ନାହିଁ ଯେ ତା ଠୁ ଆଶା କରିହେବ କିଛି
ନିର୍ଜୀବ ହେଲେ ବି ଏ ନଦୀର ବରଂ ଅଛି ହୃଦୟ
ତା ପାଖରେ ବସିଲେ ଯାଇ
କୁଳୁକୁଳୁ ଶବ୍ଦରେ ସେ ଦିଏ ଆଶ୍ୱାସନା
ଶୀତଳ ପବନରେ ସାଉଁଳି ଦିଏ ଅଳରା କେଶ ।
ଏ ମଣିଷ ସିନା ପାଣିରେ ମିଶାଏ ବିଷ
ଏ ମଣିଷ ସିନା ତାରି ରକ୍ତରେ
ନଦୀକୁ କରେ ଲାଲ୍ ।
ଏ ନଦୀ ତାର ସେମିତି ବହି ଚାଲିଥାଏ ନିର୍ବିବାଦରେ
ଯେ ଯାଏ ବୋହି ଯାଇନି ତା ଦେହରୁ ସେ ବିଷ
ଯେ ଯାଏ ପୁଣି ନୀଳ ନ ହୋଇଚି ତାର ପାଣି ।

ଏ ନଦୀର ବି ଖୁବ୍ ଧୈର୍ଯ୍ୟ
ନିହାତି ତାକୁ ନ ବାଧିଲା ଯାଏଁ
ସେ ବହି ଚାଲିଥାଏ ତାର
ଗାଇ ଗାଇ କୁଳୁକୁଳୁ ଜୀବନ ସଙ୍ଗୀତ ।

♥ ମୁଖ୍ୟ ପ୍ରଶାସକ: ଶ୍ରୀମନ୍ଦିର, ପୁରୀ-୭୫୨୦୦୧
ଫୋନ୍:୯୪୩୭୨୮୬୫୧୨


▶ ଫଟୋ ରଞ୍ଜନ କୁମାର ଦାସ

# ଚିଲିକା

## ଶ୍ରୀଦେବ



▶ ଫଟୋ ଶ୍ରୀଦେବ

ଚିଲିକାର ନୀଳଫେଣ ଆଇଁଷିଆ ଦେହ ପାଶେ ଆଦିମକାଳରୁ ଠିଆ ବୟସ୍କ ଆକାଶ
କେତେବେଳେ ନଇଁଆସେ ଶ୍ରାବଣୀବର୍ଷା ଛୁଇଁବାକୁ ଚିଲିକାର ଦେହ ଅସଂଯତ
ଚିଲିକାର ଆର୍ଦ୍ର ଆଖିପତା ଦେଖି ଆସେନେଇ ପୂର୍ଣ୍ଣମୀର ଜହ୍ନ, ଓ ଚଂପାଫୁଲ ବାସ୍ନା
କେତେବେଳେ ଗାଲେ ହାତ ଦେଇ ଚାହିଁଥାଏ ଅପଲକ ଚିଲିକା, ଢେଉ ଛୁଇଁବାକୁ ଚିକିଚିକି ଜ୍ୟୋତ୍ସ୍ନା

ଚିଲିକାର ଗାଢ଼ନୀଳଆଖି ଅଳ୍ପଅଳ୍ପ ଆଇଁଷିଆ ଗଂଧେ ଝଡ଼ିପୋକ ପରି ଝଡ଼ିପଡ଼େ ବିହଙ୍ଗ ଆକାଶ
ଆଶ୍ୱିନର କାଶତଣ୍ଡୀ ମେଳେ କେବେ ଆସେ ଚିଠିଟେ ଦେବାକୁ, କିଆଫୁଲ ହାତେଧରି ଚିଲିକାର ଓଠ
ଚିଲିକାର ଭିଜାଦେହ କେବେହେଲେ ନଦେଖିଚି ଯିଏ ନିଶାକ୍ଳାନ୍ତ ନୀଡ଼ଫେରା ପକ୍ଷୀ ଅଦଉତି
ମାଟିରୁ ଆକାଶଯାଏଁ ଦୁଃଖ ମହଣମହଣ, ସହି ସେ ଚାଲିଚି କହିନାହିଁ କେବେ ତା' ଅୟୁତ ଆହୁତି

ଅବତଂସ ସୁଖ ନଥିଲା ଆଦୌ ଆପାଦବକ୍ଷ ପିଂଧନ୍ତା ସେ, ନୀଳଧଡ଼ି ଶାଢ଼ି ପିନ୍ଧି ଆଙ୍କେ ଦୈନ୍ୟ ଦୃଶ୍ୟ
ଆକାଂକ୍ଷା ବି ନଥିଲା ଆଦୌ ତା', କେହି କହନ୍ତା କିମ୍ବଦନ୍ତୀ କାଳିଜାଇ ସେ ଲଟକନ୍ତା ୨୫ହଜାର ପ୍ରଚାରପତ୍ର
କେବଳଇ ଏକାଏକା ମୀମାଂସା ନିବୃତ୍ତେ ବର୍ଷକ ବାରମାସ ରତ୍ନିପ୍ରିୟା ଚିଲିକା ସେ ହଜାଏନି ଏକଲକ୍ଷ ହଂସ
କେହିକିନ୍ତୁ ତା'ଠୁଁ ଫେରିବାକୁ ଚାହାଁନ୍ତିନି, ଚିଲିକା ହେମାଳ ହସ ବାଂଟୁଥାଏ ଯୋଜନଯୋଜନ ବର୍ଷ

ଚିଲିକା ଚିଲିକା ଦି'ଡାକେ ଗଳାଫାଟି ଶୁଖିଗଲା ଯେବେ ତିନିଡାକେ କାଳିଜାଇ ବନ୍ଧ୍ୟାହେଲା କଂଠେ
ଚତୁର୍ଥ ପଞ୍ଚମ ଡାକେ କଳାମେଘ ନାଲିସୂର୍ଯ୍ୟ ନିଭେ ଷଷ୍ଠ ସପ୍ତମ ଡାକେ ପଶ୍ଚିମାକାଶେ ଇନ୍ଦ୍ରଧନୁ ନାଚେ ॥

♥ ସଂପାଦକ : 'ଚନ୍ଦ୍ରଭାଗା',
ମୋତିଗଂଜ, ବାଲେଶ୍ୱର - ୭୫୬୦୦୩
ଫୋନ୍ : ୯୪୩୭୧-୨୩୮୨୩

# ତୁମ ପାଇଁ ଆଜି ସବୁ ମଞ୍ଜୁର

## ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

ଦେଖ ତୁମ ପାଇଁ ଆଜି
ସବୁକିଛି ମଞ୍ଜୁର !
ତୁମ ମୃଦୁ ମୃଦୁ ଭର୍ତ୍ସନା ମଞ୍ଜୁର
ଆଉ ତୁମ ମଧୁର ଅଭିଶାପ ବି,
ତୁମ ଲଳିତ ମାଧୁର୍ଯ୍ୟ ଭରା
ମଉନ ଓଠର
ମିଠା ମିଠା ତୋଷାମଦ ମଞ୍ଜୁର
ଆଉ ତୁମ ବ୍ୟଙ୍ଗ ବିଦ୍ରୁପ ବି,
ତୁମ ନିରବ ବାକ୍ୟର
ବର୍ଚ୍ଛାଘାତ ମଞ୍ଜୁର,
ତୁମ ବ୍ରହ୍ମାସ୍ତ୍ରର
ତେଜିୟାନ ବାଣ
ତୁମ ଶାଣଦିଆ ହସର
ତୀକ୍ଷଣ ତୀରଣ
ତୁମ ଆଖିର ପଲକରୁ
ଅହରହ ବର୍ଷୁଥିବା
ଚାହାଣିର ଅଗ୍ନିବାଣ,
ହଁ ହଁ ଆଜି ସବୁକିଛି  ମଞ୍ଜୁର ।

ତୁମ ଭୋଜବାଜି ଖେଳର
ଉଜ୍ଜ୍ୱଳ ଫୁଲଝରି
ତୁମ କଥା କହିବାର ଠାଣି
କୋମଳତା ଭିତରେ
ଲୁଚିଛପି ରହିଥିବା ଶାଣିତ ଶାଏରୀ
ଆଉ କଥାରେ କଥାରେ
ବଶୀଭୂତ କରିବାର
ଅପୂର୍ବ କାରିଗରି-
ଆଜି ସବୁକିଛି ହିଁ ମଞ୍ଜୁର ।

କାରଣ କେବେ ଠାରୁ
ମୋ ଭିତରେ ବଞ୍ଚିଥିବା
ଚେତନାର ସତ୍ତାଟିଏ
ଜୀବନର ଶୀତଳ ସମର ସହ
ସନ୍ଧି କରିବାର, ଅପୂର୍ବ ରଣକୌଶଳ
ଆୟତ୍ତ କଲାଣି
କାରଣ, ଏବେ ମଧ୍ୟ ହୃଦୟକୁ
ରକ୍ତାକ୍ତ କରୁଥିବା
ସୂକ୍ଷ୍ମ କୁରୁକ୍ଷେତ୍ର ସହ
ସାଲିସ୍ କରିବାର,
ଅପରୂପ ମନ୍ତ୍ରଟିଏ
ଶିଖି ସାରିଲାଣି ।
ହଁ ହଁ ଏବେ ମଞ୍ଜୁର ତୁମର ଅହଂକାର
ତୁମର ଅଙ୍ଗୀକାର
ତୁମ କ୍ରୋଧର କାରୁଣ୍ୟ
ତୁମ ସ୍ମିତହସର ଲାବଣ୍ୟ
ଖାସ୍ ଗୋଟିଏ ନରମ ନିଃଶ୍ୱାସ ପାଇଁ
ଆଜି ସବୁକିଛି ହିଁ ମଞ୍ଜୁର ।

♥ ଲିଙ୍କରୋଡ୍, କଟକ-୭୫୩୦୧୨
ଫୋନ:୯୪୩୭୦୫୫୦୦୭



▶ ଫଟୋ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ



ଚିତ୍ର : ଶ୍ରୀ ଶ୍ରିଆ ପ୍ରିୟଁକା ପଣ୍ଡା

# ସେପାଖ ଦୁଆର

## ମମତା ଦାଶ

ସେପାଖ ଦୁଆର ବନ୍ଦ କରିଦେଲି ଆଜିଠୁ
ସବୁଦିନ ପାଇଁ ।
ସୁଦାମା ଲଗାଇ ଦେଲାଣି ଛିଟିକିଣି ।
ତାଲା ଚାବି ଅଛି ମୋର ଶୋଇବା ଶେଜ ତଳେ ।

ସେ ପାଖେ ମୋର ଗୋଟିଏ
ଦୁଆର ଅଛି ବୋଲି କିଏ ଜାଣେ ?
ସେ ଦୁଆର ବାଟେ ମୁଁ କାହା ସହିତ
କେତେବେଳେ କି ଏକେଲା ଯାଏ
କିଏ ଦେଖେ ? କିଏ ଶୁଣେ କେଉଁ ପକ୍ଷୀ
ମାଟିରେ କି ଗଛଡାଳରେ ବସି ରାବୁଥାଏ ?
ବାଟ ସରିଗଲେ ମୁଁ ବା ଆମେ, ଯେଉଁଠି
ବସି ରହୁ କି ଚାଲୁଥାଉ କି ହୋଇଯାଉ
ଅନୁପସ୍ଥିତି,ତାକୁ କହି ପାରିବିନି ଆଉ ।

ଲାଜକୁଳୀ ଫୁଲରେ ପାଦ ବାଜେ ଦିନେ ଦିନେ
ଦିନେ ଦିନେ ଝଲକି ଉଠେ ରଂଗଣି ଫୁଲର ଆଲୁଅ
ଗୁଳ୍ମ କଣ୍ଟା ଆଡେଇ ହୋଇଯାଆନ୍ତି କେବେ,
କେବେ ଓଦା ମାଟି ପାଦକୁ ଚୁପ୍ କରି ଛୁଏଁ ।
ଛାତି ଥର ଥର ହୁଏ,ଗୋଡ ଥରଥର ହୁଏ
କାହିଁକି କିଜାଣି
କିଏ କେଉଁଠି କି ଛକି ଥାଏ ?

ସେପାଖ ଦୁଆର ଦେଇ ଫେରି ହୁଏନା,
ମୁଖ୍ୟ ଦୁଆର ଦେଇ ଘରକୁ ଫେରିଲେ
ପୁଣି ରାନ୍ଧିବାର ଥାଏ, ସଜାଡ଼ିବାର ଥାଏ
ଜୀବନକୁ ନିୟମ ଅନୁସାରେ, ହସିବାକୁ ପଡେ
ଚର୍ଚ୍ଚା କରିବାକୁ ପଡେ ସଂସାରକୁ ହଜାରେ ଆଡମ୍ବରରେ ।
ଲୁକ୍କାୟିତ ସେପାଖ ଦୁଆର ମୋର
ସବୁବେଳେ ଖୋଲା ଥାଏ ବୋଲି
ଜାଣେ କି କିଏ, ଦେଖେ କି କିଏ ?



ଫଟୋ ମମତା ଦାଶ

ପରଦିନ ରାତିରେ ମୁଁ ବାହାରି ଗଲାବେଳେ କାହାର
ସ୍ୱର ଶୁଭିଲା 'ରାଧା' ।
ମୁଁ ପଚାରିଲି, 'କିଏ ସେ ଏ ରାଧା ?'
ନିରୁତ୍ତର ସ୍ୱର ।
ମୁଁ ପୁଣି ପଚାରିଲି, 'ସେଠି କଣ ଥାଏ
ଯମୁନା ଜଳ, କଦମ୍ବ ମୂଳ, ବଇଁଶୀ ସ୍ୱନ
ପୂର୍ଣ୍ଣମୀ ଜହ୍ନ
ପ୍ରେମର ବୃତ୍ତ, ରମଣ ନିତ୍ୟ ?
ଷୋଳ ସହସ୍ର ସୁନୀଳ ବାଳକ ସହିତ
କିଶୋରୀ ଷୋଳ ସହସ୍ର ?'

ନିରୁତ୍ତର ସ୍ୱର ଉଭେଇ ଗଲା ସେକ୍ଷଣି
ମୁଁ ମୁଖ୍ୟ ଦୁଆର ଦେଇ ଘରେ ପହଂଚିଲି ।
ସ୍ୱାଗତ କଲା ମଳିନ ଜୀବନ, ଚିରାଚରିତ ।

କାଲି ପୁଣି ଯେ ଗଲି
ଅନ୍ଧାରିଆ ଜାଗାରେ ଦେଖିଲି ଛାଇଟିଏ ।
ତାର ଆଲିଙ୍ଗନ ଚୁମ୍ବନରେ ହନ୍ତସନ୍ତ
ସେ କରିଦେଲା ମୋତେ, ମୁଁ ପୁଣି

ଶୁଣିଲି ସେଇ ସ୍ୱର: 'ତୁ ହିଁ ରାଧା ତ !
ଆଉ କିଏ, ତୁ ହିଁ ରାଧା ତ ।'

କେତେ ଦିନ ତାପରେ ନ ଖାଇ ନ ଗାଧୋଇ
ବସି ରହିଥାନ୍ତି ?
ଉପାୟ କଣ ଥିଲା ଆଉ ସେ ପାଖ ଦୁଆରକୁ
ବନ୍ଦ କରିଦେବା ବ୍ୟତୀତ ?
ସୁଦାମା ତାଲା ଲଗାଇବା ପରେ
ଚାବିଟିକୁ ଫିଙ୍ଗିଦେବ ଆକାଶ ଭିତରକୁ
ବୋଲି ତାକୁ କହିଛି ତ ।

୪୦୫,ଅର୍ଚ୍ଚିଡ୍ ପ୍ରାଇଡ୍, ଶ୍ରୀରାମ ନଗର, ସାମନ୍ତରାପୁର
ଭୁବନେଶ୍ୱର-୭୫୧୦୦୨, ଫୋନ:୯୪୩୮୧୦୬୩୧୭

# ମେଘ ସହ ଦିନେ

## ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର

ମେଘ ସହ ଦିନେ
ସଙ୍ଗାତ ବସିଲି
ବରଷାକୁ କଲି ମିତ
ନଈ ସହ ମିଶି
ଗୁଣୁ ଗୁଣୁ ହୋଇ
ଗାଇଲି ମୁଁ କେତେ ଗୀତ ।

ମେଘ ଚାଲିଗଲା
ମେଘର ବାଟରେ
ବରଷା ବି ଗଲା ଫେରି
ନଈ ମିଶିଗଲା
ସାଗର ବୁକୁରେ
ମୁଁ କେବଳ ହୁଏ ଝୁରି ।

ମନ ଅଗଣାରୁ
ଫୁଲ ଗଛଟି ତ
କେବେ ଠୁଁ
ଗଲାଣି ମରି ।
ଛପି ଛପି ଆସି
ମେଘ ଯଦି ମୋର
ଅଗଣାରେ ଯିବ ଝରି ।

ଫୁଲ ମହକରେ
ମୋ ଟିକି ଅଗଣା
ସରାଗେ ଉଠିବ ପୂରି ।

♥ ୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର
ଭୁବନେଶ୍ୱର-୭୫୧୦୧୩,
ଫୋନ୍:୯୪୩୭୦୧୧୦୦୩

# ଜୀବନ ପାଖରେ ଜୀବନ

## ପ୍ରବାସିନୀ ମହାକୁଡ଼

ଜୀବନ ଏଇଠି ସରିଯାଇନି
ଆଗକୁ ଆଉ କିଛି ବାକି ଅଛି
ସିଧା-ବଙ୍କା ସମତଳ ଉଠାଣି ଗଡ଼ାଣି ରାସ୍ତା
ଅଛି ରାସ୍ତାର ଦୁଇପାଖରେ ଫୁଟିଥିବା ଶୋକଫୁଲ
କାଲିଯାଏଁ ଯେଉଁମାନେ ମନମାରି ପଡ଼ିଥିଲେ
ନୂତନତାର ସନ୍ଧାନରେ ନିଜ ଅଜାଣତରେ

ଜୀବନକୁ କହି ହୁଏକି 'ତୁ ଏଇଠି ଥା'
ମୁଁ ଆଉ ଟିକିଏ ବଂଚିଆସେ
ଆଉ ଟିକିଏ ଭୋଗିନିଏ ଦୁନିଆଁର ଭଲମନ୍ଦକୁ
ଏଇ ଛୋଟିଆ ଦେହରେ

ଆଉ ଟିକିଏ ଶୁଣିନିଏ ଭାଗବତ ରାମାୟଣ ମହାଭାରତ
ଜ୍ଞାନେଶ୍ୱରଙ୍କ ଅଭଂଗ କବୀର ତୁଳସୀ ମୀରାଙ୍କୁ
ଶୁଣିନିଏ ପୃଥିବୀର ସବୁଠୁ କରୁଣତମ ସଂଗୀତ
ବ୍ୟାଧର ଶରରେ ଲାଖିଥିବା ରକ୍ତକୁ ହୃଦୟରେ ଧରି
ନିଜ ଛାତିରୁ ଅଜାଡ଼ି ଦେଇକି କବିତାର ସହସ୍ର ଧାରା
ହଜାର ହଜାର ବର୍ଷରୁ ଯିଏ ରକ୍ତରେ ବହିଆସୁଛି

ବିରଳ ପ୍ରେମକୁ କହିନି କିଛି ସମୟ ଦିଅ ତୁମ ନିଅଣ୍ଟିଆ ସମୟରୁ

ଯେତେଥର ଜୀବନକୁ ଖୋଜିଲି
ଦିନ ବର୍ଷ ଆଉ ମାସକ ଭିତରେ
ଅନୁଭୂତିର ସୂକ୍ଷ୍ମ ଆଲୋକରେ
ଅରଣ୍ୟର ଅନନ୍ତ ଆକର୍ଷଣରେ
ଖସି ପଡୁଥିବା ଲୁହ ବୁନ୍ଦାରେ
ଧୈର୍ଯ୍ୟ ଥିଲା କି ଖୋଜିବାରେ ?
ଅନ୍ୱେଷାରେ ?  ଅନ୍ୱେଷଣରେ ?
ଜୀବନକୁ ଖୋଜିଲି କବିତାରେ କାଶଫୁଲରେ
କାଳେ ଏଇଠି କେଉଁଠି ରହିଯାଇଥିବ
ଜୀବନ ଜୀବନ ପାଖରେ ଜୀବନ ଭିତରେ ।

♥ ଷ୍ଟେସନବଜାର, ଢେଙ୍କାନାଳ-୭୫୯୦୧୩
ଫୋନ: ୮୭୬୩୯୭୧୧୨୬



▶ଫଟୋ ଡ. ମନୋରମା ବିଶ୍ୱାଳ ମହାପାତ୍ର



▶ଫଟୋ ପ୍ରବାସିନୀ ମହାକୁଡ଼

# ଅଳ୍ପ-ହସ ମେଘ

## ଭଗବାନ ଜୟସିଂହ

ବର୍ଷାଖୋର୍ ଆକାଶରେ ଦଲକାଏ
ମେଘକୁ ଦେଖି ମୁଁ ପଚାରିଲି:
ଟିକିଏ ରହିବ ?
ଯିବା ବାଟରେ
ଅଳ୍ପ ହସି ଅଟକିଗଲା ମେଘ ।


ମୁଁ କହିଲି, ଆଜି ତମ ତଟର ତରଙ୍ଗରେ
ତଲ୍ଲୀନ କରି ପାରିବ ମୋ ଘର,
ତମ ରାଗର ଅବିରରେ ଭିଜେଇ
ପାରିବ ମୋ ଦିହ,
ହାଡ଼ରେ ଜଳେଇ ଦେଇପାରିବ ଦୀପ ?

ଦେଖୁଦେଖୁ ସବୁଦିଗୁ ଘନେଇ
ଆସିଲେ ମେଘ, ସବୁଆଡୁ
ଜୟଜୟକାର ଶୁଭିଲା ବର୍ଷାର
ଝିଙ୍କାରିଙ୍କ ଡେଣାର
ଡମ୍ବରୁ ଘନଘନ ବାଜିଲା ଆକାଶରୁ ।

ପୋଖରୀରେ କଅଁଳି ଆସିଲେ ପଦ୍ମ,
ଗୋହିରୀ ମଝିରେ ରମଣୀୟ ଦିଶିଲେ
କାଶତଣ୍ଡୀଙ୍କ ବଣ
ଶାଗୁଆନ ଡାଳରେ ଶିହିରି ଉଠିଲା
ଶ୍ରାବଣର ଦେହ ।

ଚାରିଆଡୁ ବର୍ଷାରେ ବେହାଲ ହେଲା
ସହର ତ ଆପେ ଆପେ ଖୋଲିଗଲା ଦ୍ୱାର,
ପଥର-ବନ୍ଧ ମାନିଲାନି ଧାର
ପ୍ରବାସରୁ ଫେରିଆସିଲେ ପତି
ଦେହ ଖୋଜିଲା ଦେହ ।

ବୁଝି ହେଲାନି, ଅସ୍ରାଏ ବର୍ଷାରେ କିଆଁ
ମୟୂରୀଙ୍କ ପୁଚ୍ଛରେ ଲାଗିଯାଏ
ବନସ୍ତର ପର



▲ ଫଟୋ ଭଗବାନ ଜୟସିଂହ



▲ ଚିତ୍ର : ଶିଳ୍ପୀ ପ୍ରତ୍ୟୁପନ୍ନା ପାଢ଼ୀ

ଆତୁର ବର୍ଷାର କିଆବଣରୁ
ଗୁମୁରି ଉଠେ ସନ୍ଧ୍ୟାର ଡାହୁକ ।
ରାତିର ବୁଲ୍‌ବୁଲ୍ ।

ଅସ୍ରାଏ ବର୍ଷା ପରେ ପରେ କିଆଁ
ନିଆଁରେ ଦହିହୁଏ ସନ୍ଧ୍ୟାର ଆକାଶ
ମେଘର ଲଲାଟରେ
ଫୁଟିପଡ଼େ ଦହନର ଦାଗ
କଦମ୍ବ ଫୁଲଙ୍କ ଫୁଆରାରେ ଲିଭିଯାଏ
ଆଖିଙ୍କ ଗୁଂଜର ।

ଆଜିଯାଏଁ ଶ୍ରାବଣୀ ବୁଝି ପାରିଲାନି
ଶ୍ରାବଣ ଆସିଲେ କାହିଁକି ମୁଁ
ଶ୍ରାବଣୀକୁ ଖୋଜେ,
ତା କପାଳକୁ ଚୁମି ପାରିନଥିବା
ମୋର ଅତୃପ୍ତ ଆବେଗମାନେ
ରାତିସାରା ଚାହିଁ ରହନ୍ତି ବର୍ଷାକୁ ।

ଏବେ ଆକାଶରେ ବର୍ଷା ନାହିଁ ।
ମୁଠାଏ ଚେତନାର ଝର୍କାରେ ଆଉ
କାଇଁ ଦିଶୁନାହିଁ ବର୍ଷାର ଆଭାସ
ଅସ୍ତାଚଳ ସୀମା ଦେଇ ଫେରିଗଲାଣି
ଅଳ୍ପ-ହସ ମେଘ
ଏବେ ସବୁକିଛି ନିରବ, ନିଝୁମ
ସ୍ୱର୍ଗକୁ ଖୋଲା ରହିଛି ବାଟ ।

♥ ଅଚ୍ୟୁତ ଆଶ୍ରମ ନିକଟ, ସେଣ୍ଟ୍ରାଲ ସ୍କୁଲ
ରୋଡ୍, ତାଳବଣିଆ, ପୁରୀ-୭୫୨୦୦୨
ଫୋନ: ୯୪୩୭୨୩୨୪୨୪

# ସ୍ୱର୍ଶ କାତର

## ମୋହିତ ଚକ୍ରବର୍ତ୍ତୀ

ଗୋଟାଏ ଚୁମ୍ବନରେ ଆପ୍ଲୁତ ଚୁମ୍ବକ ଖଣ୍ଡେ

ଥରେ
ଓଠ ବିନିମୟ କରି ଦେଖ

କ'ଣ କ'ଣ
ଅନୁବାଦ ହୋଇପାରେ
ଶବ୍ଦ ସବୁ ଏ ହୃଦୟ ଭିତରେ

କେଉଁ ଟ୍ରାଫିକ୍‌ର
ଲାଲ୍ ସିଗ୍ନାଲ୍
ଦେଖିଲା ପରେ ବି
ଥରେ ଜେବ୍ରା କ୍ରସିଂକୁ ଟପି
ଆଗେଇ ଆସ ଅନ୍ୟମନସ୍କତାରେ

ପାଇପାର ହଜାରେ ଭୁଲ୍ ଠିକଣା ପରେ ବି
ଗୋଟେ ସହଜ ରାସ୍ତାର ମୋଡ଼

ଯେଉଁଠି ପୁରୁଣା କୃଷ୍ଣଚୂଡ଼ା ଏବେ ବି ଲାଲେଲାଲ୍
ଏବେ ବି ସେଇଟା ଗୋଟେ
ଦୁର୍ଘଟଣା ପ୍ରବଣ ଅଞ୍ଚଳ ।

କେବେ ତଡିତ୍ ତରଙ୍ଗର
ସରବରାହ ନେଇ
ତମ ହାତ ମୁଠାରେ ବନ୍ଦୀ
ଗୋଟେ ଭ୍ରମରର ଉଚ୍ଚାଟପଣକୁ
ଅନୁଭବ କରି ଦେଖ

କାହିଁକି ସେ ସବୁବେଳେ ଫେରିଆସେ
ବନ୍ଦ କୋଠରୀକୁ ଜାଣି ଜାଣି

କେଉଁ ସ୍ୱର୍ଶକାତର
ରୋଗର ଉପଚାର ପାଇଁ

ଅନୁଭବ କରି ପାର
ଗୋଟେ ସୁଗନ୍ଧିତ ପବନ ବି ହାତ ମୁଠାରେ
ବନ୍ଦୀ କି ନା କୁହ !

ଥରେ ପ୍ରେମର ସ୍ୱର୍ଶ ଦେଇ ଦେଖ
ମୋ ହୃଦୟଟା କେଉଁ
ଟଚ୍ ସ୍କ୍ରିନ୍‌ରୁ ବି କମ୍ ନୁହଁ ।

♥ ପ୍ଲଟ୍ ନଂ ୩ସି/୨୫୯,
ସିଡିଏ, ସେକ୍ଟର-୯,
କଟକ-୭୫୩୦୧୪,
ଫୋନ: ୯୪୩୭୧୨୪୮୭୬



▲ ଫଟୋ ମୋହିତ ଚକ୍ରବର୍ତ୍ତୀ

# ଭାବି ହଉନି

## ହୃଦାନନ୍ଦ ପାଣିଗ୍ରାହୀ

ସହଜ ମନରେ ଆଉ ଭାବି ହଉନି
ଦୁନିଆକୁ
ବୁଝିହଉନି, କା ମନାରେ ଅଛି
କଉଁ ପ୍ରାଣଘାତୀ ବିଷ
ବାଦବିସମ୍ବାଦରେ
ଥରକୁ ଥର ହରକତ୍ ହେଇ
ମୁହଁ ଭାଙ୍ଗି ବସିଲେଣି ଧିରେ ଧିରେ
ଧର୍ମବନ୍ତ ଲୋକେ ।

ଯଉଁମାନେ ଠିକଣା ବେଳେ
ପଦେ ଦି'ପଦ କହୁଥିଲେ
ଚୁପ୍ ହେଇଗଲେଣି ଆପେ ଆପେ ।

ଖଳବଳ, ଖଟମିଛ, ଚୁଗୁଲିରୁ ନିସ୍ତାର କାହିଁ ?
ରକମରକମ ଫୁଲାଣି ଫିସାଦରେ ଫସି
ଚକ୍ରି ଖାଉଚି ମୁଣ୍ଡ
ବିଗିଡ଼ି ଯାଉଛି ମିଜାଜ୍ ।

'ମୁଁ'ଟିଏ ଗଢ଼ିବା ଲକ୍ଷ୍ୟରେ
ସବୁକୁ ପଛରେ ପକେଇ
ଧାଇଁଚନ୍ତି ସ୍ୱାର୍ଥପର ଲୋକେ
ବଢ଼ି ଚାଲିଚି ଈର୍ଷାର ତାତି
ହିଂସା ଉସ୍କାଉଚି ପ୍ରତିହିଂସାକୁ
ଭାଗ ଭାଗ ମଣିଷ, ଘର, ପରିବାର,
ସହର, ନଗର
ମୁହଁକୁ ଲୁଚେଇ କଉଁ ସନ୍ଧିରେ
ପଡ଼ିଚି ଯାଇ ଭାବପ୍ରୀତି, ମଧୁର ସମ୍ପର୍କ ।
ଆତ୍ମାକୁ ଚିହ୍ନିଚି କିଏ ?
ଆଖି ଆଗରେ କିସମ କିସମ
ଭୋଗସମ୍ପଦ
ଯଉଁ ଉଦାରତା ଦିନେ




▲ ଚିତ୍ର : ଶିଳ୍ପୀ ପ୍ରତ୍ୟୁଷ୍ନା ପାଢୀ

ହୃଦୟର ସାହାରା ଥିଲା
ତାହା ଆଜି ନାହିଁ,
କିଏ ମନେ ରଖୁଚିକି କା' ଉପକାର ?

ସବୁ କଥାରେ ବାରି ହେଇପଡୁଚି
ଗୋଟେ ମତଲବ
ଲୋକଙ୍କ ଭରସା ସାଙ୍ଗରେ ଖେଳି
ସୁବିଧାବାଦୀ ନେତାମାନେ
ରାତାରାତି ବଡ଼ଲୋକ
ମିଛ ବଣିଜର ଗହଳ ଚହଳରେ ହଜିଯାଉଚି
ନିପାରିଲା ଲୋକଙ୍କ କ୍ଷୀଣସ୍ୱର
ଆଉ ଜୋର୍ ଦେଇ କହିହଉନି
ଏଇଟା ଠିକ୍, ଏଇଟା ଭୁଲ୍
ଅରକ୍ଷ ଆଖିରେ ଘୋଟି ଯାଉଚି
ଧୂଆଁଳିଆ ପରଳ
ତହିଁକି ଅହଙ୍କାରର ରଗଡ଼ଝଗଡ଼ରେ
ନିଜ ଆଖିକି ଆଙ୍ଗୁଠି ଯାଉଚି କାହାର ?


♥ ଅବସରପ୍ରାପ୍ତ ପ୍ରାଧ୍ୟାପକ
ଝାଡ଼ପଟା, ପୋ: ଦୋଳସାହି, ଜିଲ୍ଲା: ଭଦ୍ରକ
ପିନ୍-୭୫୬୧୨୭, ମୋ: ୯୪୩୭୯୮୭୪୨୯

▲ ଡଃ ହୃଦାନନ୍ଦ ପାଣିଗ୍ରାହୀ

# ଭଣ୍ଡ ମହାପୁରୁଷ ହେବା ପାଇଁ

## ସ୍ୱରୂପ ମହାପାତ୍ର

ଆହୁରି ବେଶି ମିଛ କହି
କଥାଟାକୁ ଉଡ଼େଇ ଦେଇ ହେଇଥାନ୍ତା
କୁହାହେଇ ପାରିଥାନ୍ତା
ଇଏ ସବୁ ଶସ୍ତା ପ୍ରଚାର ମାତ୍ର
କାହାରି ଟୋପି ଓହ୍ଲେଇ ଦେବା ପାଇଁ
ଗୋଟେ ଷଡ଼ଯନ୍ତ୍ର

ମଣିଷର ଜୀବନ ଠାରୁ ମୃତ୍ୟୁ ଯାଏଁ
ଗଣି ଗଣି ହିସାବ କରିବାର
ଦକ୍ଷତା, ନା ନା କ୍ଷମତା
ଅଛି ତମ କଥାରେ ତମ କଲମରେ,
ତମ ଆଦେଶ ଓ ଶବ୍ଦର ଫାଶରେ ଅଛି
ଅଛି ଭାଇ ଅଛି ପରିବର୍ତ୍ତନର ଶବ୍ଦ ତୁମେ ଶୁଣ
ଶହେ ବର୍ଷର ଭବିଷ୍ୟତ ଗଢ଼େ ଓ ଭାଙ୍ଗେ
ସବୁ ମିଛରେ ହୋଇପାରେ
ମିଛରେ ନିହାଣ ମୁନରେ ଗୋଟେ ସମୟକୁ
ଅନ୍ଧ କରିଦେବାର କୌଶଳ ବି
ଭାଙ୍ଗି ଯାଇପାର ଧୂଳିଘର ପରି

ଏ କଥା କ'ଣ ବୁଝେଇବାକୁ ପଡ଼ିବ ଯେ
ତମେ କାଠର କଣ୍ଢେଇଟିଏ ମାତ୍ର
ତମେ ଯାହାକୁ ରକ୍ତ କହୁଛ
ସିଏ ଖାଲି ପାଣି
ତମେ ଯାହାକୁ ମାଂସ କହୁଛ
ତା'ହା ଖାଲି ମାଟି

ତମେ ଚାଲୁ ଚାଲୁ
ଅବଶ୍ୟ ଦିନେ ପୋତି ହୋଇଯିବ
ଯଦି ତମ ହାତରେ କିଛି ବି ଶକ୍ତି ନାହିଁ ତ
ନିଜକୁ ହିଁ ଦୟା କରିବା ଉଚିତ
ସମୟ ତମର ଚିତ୍କାରକୁ ସ୍ୱୀକାର କରେନି
ମିଛର ଶବ୍ଦର ଶିକୁଳୀ ଭାଙ୍ଗିବା ପାଇଁ
ଘୃଣା ଓ ବୁଲେଟ୍
ନିଜ ସହିତ ପୃଥିବୀକୁ ଧ୍ୱଂସ କରିବାକୁ
ଗୋଟେ ଭଣ୍ଡ ମହାପୁରୁଷ ତିଆରି ହେଉଛି
ଉଗ୍ର ଓ ମୃତ୍ୟୁବୋଳା
ଗୋଟେ ଅନ୍ଧ ପୁରୁଷ
ଠିଆ ହେଇଛି ଘର ବାହାରେ
ଆହୁରି ବେଶି ମିଛ କହି
ଉଡ଼େଇ ହେବନି ତାକୁ ।


♥ ବି/୨୨୩, ସେକ୍ଟର-୧୬
ରାଉରକେଲା-୩
ଫୋନ: ୯୪୩୭୭୬୭୮୧୨




▲ ଡଃ ସ୍ୱରୂପ ମହାପାତ୍ର

# ଯୁଦ୍ଧ ପାଇଁ ଗୋଟେ କବିତା

## ଡକ୍ଟର ହରିଶ୍ଚନ୍ଦ୍ର ବେହେରା

ଜିତିଲେ ରାଜ୍ୟ ଭୋଗ
ମଲେ ପ୍ରେତପୁରୀ ନ ଯାଇ
ସିଧା ସ୍ଵର୍ଗ

ତମ କଥା ତ ସେମାନେ ମାନିଥିଲେ
ଏଥିଲାଗି କମ୍ ଭୋଜ ବିଦ୍ୟା ତମେ ନ ଦେଖେଇଛ
ନିଜ ପାଟିରେ ଖେଳେଇଛ ଗୋଟେ
ବହ୍ମାଣ୍ଡକୁ
କେହି ଏଠି ମରନ୍ତିନି ପ୍ରମାଣ ଦେବାକୁ

ତମେ ଜିତିଲ ନା ହାରିଗଲ
ଏହି ଅସମାହିତ ପ୍ରଶ୍ନ ଏବେ ବି ଲାଖି ରହିଛି
କଣ୍ଟା ପରି ତଂଟି ପାଖରେ ଅନେକଙ୍କର

ଜିତିବା ପରେ କାହିଁକି ହୋଇଗଲେ ଏତେ ବିଷାଦଗ୍ରସ୍ତ
ବିଜେତାମାନେ
କୁଆଡ଼େ ଗଲା ଆକୁମାରୀ ହିମାଚଳ ଶାସନ କରିବାର
ଆତ୍ମପ୍ରସାଦ

ରକ୍ତ ନଦୀରେ ଭାସୁଥିବା ଅବୋଧ ଭବିଷ୍ୟତର ଶବ
କେବଳ ବୋହି ନେଇପାରେ ନିଜ ହକ୍ ପାଇଁ ଲଢୁଥିବା
ଜଣେ ରାଜାର

ଅଗଣନ ବିଧବାଙ୍କ ଲୁହ ଆଉ ଦୀର୍ଘଶ୍ଵାସରେ ତିଆରି
ଶିଆଳି ଲଟାରେ ତମେ ଦେହତ୍ୟାଗ କଲ
ଜାରାଶବର ନିମିତ୍ତ ମାତ୍ର

କେଉଁ ସ୍ଵାମୀହରାର ଆଖି ଲୁହ ପୋଛି କହିପାରିଲ
କାହିଁକି କାନ୍ଦୁଛ ଏ ଆତ୍ମା ପରା ଅବିନାଶୀ
କାହିଁକି ପୋଛି ପକେଇଲ ସିନ୍ଦୂର
ଭାଙ୍ଗିଦେଲ ତମ ଶଙ୍ଖା
ପିନ୍ଧ ପିନ୍ଧ

ରାହା ଧରି କାନ୍ଦୁଥିବା ଶିଶୁଙ୍କୁ କ'ଣ ପାଟିଖୋଲି ଦେଖେଇପାରିଲ
ହେଇ ଦେଖୁନ ତମ ବାପ ମାନେ ବଂଚିଛନ୍ତି
ମୃତ୍ୟୁ ଖାଲି ମିଛ ଖେଳ !

ଶାନ୍ତିର ବାର୍ତ୍ତା ବହନ କରି ଉଡିପାରିଲାନି
ଗୋଟିଏ ବି କପୋତ ଆକାଶରେ

ରକ୍ତନଦୀ ନୁହେଁ ରକ୍ତାକ୍ତ ଇତିହାସଟିଏ ଲେଖାଗଲା ତମରି ପାଇଁ
କାଳର କପୋଳରେ
ରକ୍ତ କମଳ ର ଆରକ୍ତ ପାଖୁଡ଼ାରେ !

♥ କଲ୍ୟାଣ ନଗର, ବାଲେଶ୍ଵର-୭୫୬୦୦୧
ଫୋନ: ୯୪୩୭୮୧୩୭୦୮



▶ ଡକ୍ଟର ହରିଶ୍ଚନ୍ଦ୍ର ବେହେରା

# ପ୍ରେମ ନାଆଁରେ

## ସେନାପତି ପ୍ରଦ୍ୟୁମ୍ନ କେଶରୀ

ପାଗଳାମି ବୋଧେ ମୋ ରକ୍ତରେ ଅଛି
ଦୁନିଆର କୋଉ ନାରୀ
ସେମିତିକା ପ୍ରେମ ଦେଇପାରେ
ଯାହା ଭାଙ୍ଗି ଦେଇପାରିବ ମୋ କଳିଜାର ବେହୋସି ।

ହୁଏତ ମୋ ହୃଦୟ ଧସି ଯାଇପାରେ
ଅତଡ଼ା ପରି ଭରା ନଈକୁ
କିନ୍ତୁ ସହଜରେ ଭାସିଯିବନି ସୁଅରେ
ଦେଖୁ ଦେଖୁ ସଦର୍ପେ ମୁଁ ପାହାଡ ପରି ଛିଡ଼ା ହେବି ।

ବିଜୁଳି ଠୁ ଆହୁରି ଉଗ୍ର, ଆହୁରି ଉନ୍ମତ୍ତ ମୋର ପ୍ରେମ
ଯୋଉ କେଳା ଚୋଟ ଖାଇ ବି ସାପକୁ
ନିର୍ଦ୍ଧୁମ ନଚେଇ ପାରେ
ସେଇ କେଳା ମୁଁ ।

ଗରମ ପେଜର ବାମ୍ଫ ପରି
ଚନ୍ଦ୍ରର ସିଲ୍‌ଭର୍ କଂସାରେ
ଚମକେ ମୋର ରେତ
ମରଣର ମୁହଁ କଇଁଥା ପଡ଼ିଯାଏ
ମୋର ତତଲା ଚୁମ୍ବନରେ ।

ଅରଣ୍ୟର ନିର୍ଜନତା ଠୁ ଆହୁରି ନିର୍ଜନ
ମୋର ପ୍ରେମିକ ଅହଙ୍କାର
ପ୍ରପାତ ଜଳଠୁ ଆହୁରି ଉଦଣ୍ଡ
ମୋ ପାଦର ମହବଳୀ ଲମ୍ଫ ।

ପୀଡ଼ା ବୋଧେ ଜାଣେନା
ଛାତିର ବାହାରେ ବି
ରହିପାରେ ଜୀବନର ଅନେକ ଦହନ
ପତ୍ର, ଫୁଲ ଫଳଙ୍କ ଅଗୋଚରରେ
ରହିପାରେ ଗଛର ନଗ୍ନ ହେବାର ଦୁଃଖ ।


ଜୀବନର ଗୋଟେ ଗୋଟେ ବିଶ୍ଵାସଘାତକତା
ବନାଗ୍ନିର ଜ୍ଵାଳା ଠାରୁ ଆହୁରି ଉତ୍ପୀଡକ !

କାକର ବୁନ୍ଦା ଭିତରେ ଲୁଚିଥାଏ
ତାକୁ ଚାଟି ନେବାକୁ ସମୁଦ୍ରର ଶୋଷ ।

ଆଜିଯାଏ ମୋ ଭିତରର ପାଗଳାମିକୁ
କେହି ଦୂରେଇ ପାରିନି
ମୁଁ ଚାହିଁଲେ ଝଡ଼ର ଟାଆଁଶା କେଶକୁ
ଭିଡ଼ି ଭିଡ଼ି ବୁଲି ଆସିପାରେ ଆକାଶ ପାତାଳ ।

କାଳେ କାଳେ ପ୍ରେମ ନାଁରେ ଲୁହ ବୁନ୍ଦାସବୁ
ଚୁପ୍‌ଚାପ୍ ଝରିଯାଇଛି ବିନା ପ୍ରତିବାଦରେ
କିନ୍ତୁ ତାହା କେବେ ଭୁଲି ହୁଏନି
ଯାହା ତତଲା ଚେଙ୍କ ପରି ଛାତିରେ ଫସି ରହିଛି !

♥ ସାଇସର୍ଜନା, ଜଗନ୍ନାଥ କଲୋନୀ, ବାଲିକୁଦା,
କଟକ-୭୫୩୦୧୧, ଫୋନ: ୬୩୭୧୫୨୩୫୯୮



▶ ସେନାପତି ପ୍ରଦ୍ୟୁମ୍ନ କେଶରୀ

# ନିଜ ଖୁସି ପାଇଁ ଅପେକ୍ଷାରେ

## ଅମରେନ୍ଦ୍ର ଖଟୁଆ

ପୁଣି ମାଗିଲା
ହାତ ନ ପତାଇ,
ଆଖି ଭିତରେ ସମୁଦ୍ରକୁ
ନ ଜଗାଇ
ଓଠରେ ଶବ୍ଦଙ୍କ
ରଙ୍ଗ ବଦଳାଇ ।

ପୁଣି ମାଗିଲା ।
ସରିଯାଇଥିବା ସଂପର୍କର
ଭଙ୍ଗାରୁଜା ଇଲାକା ବାହାରେ
ମନେପଡୁନଥିବା ସବୁ
ଐତିହାସିକ ନିଆଦିଆରେ ।
ଓ ଏମିତି କିଛି ନଦେଇ ହଉଥିବାର
କ୍ଷମତାହୀନ ମୁହୂର୍ତ୍ତଙ୍କ
ବିରଳ ହାଟରେ ।

ମାଗିଲା ।
ଆକ୍ଷରିକ ପୃଥିବୀ ଛାଡ଼ି
ଏମିତି ନିଜର ଅନ୍ତରଙ୍ଗ
ଦୁଃଖଙ୍କ ବଗିଚାରେ
ମୃତ ଫୁଲଙ୍କ ଚିତ୍ର ଆଙ୍କୁଥିବାର
ଅନ୍ୟପଣରେ । ବିଷାଦୀୟତାକୁ
ଜାଣି ନଥିବା ଅହଙ୍କାର
ସେପାଖର ଏକ୍‌ଲାପଣକୁ
କୋମଳତାର ଡାକରେ ।


ବନ୍ଦ କଲାନି ମାଗିବା ।
ଦୀର୍ଘଶ୍ୱାସଙ୍କ ସ୍ୱରଚିତ
ଗୀତକୁ ମାଗିଲା
ନିଜକୁ ଖୁସି କରିବାର
ଦୂରତମ ସୁର । ରୁଟିନ୍‌ରୁ
ପୁଣି ପ୍ରେମ, ବନ୍ଧୁତା ଓ
ବଞ୍ଚିବାର ଲାବଣ୍ୟ ପାଇଁ
ମୁହଁ ଦେଖଉଥିବା ଦର୍ପଣଟାଏ ।

ବର୍ଷ ବର୍ଷ ବିତାଇଥିବା
କାରୁଣ୍ୟ ଓ ବିଫଳତାକୁ ପୁଣି
ମାଗିଲା ଅଭିମାନର ଫସଲ
ଲଗାଇବାର ନିଛକ ଲୋଭ ।
ମାଗିଲା ପ୍ରିୟତମା ଚିତ୍ରଟିଏ
ପୁଣି ପାଖାପାଖି ହୋଇ
ନୀରବତାରେ ହୃଦୟକୁ
ବାଙ୍ମୟିତ କରିବାର ଶୂନ୍ୟସ୍ଥାନ ।

ମାଗିବା ତା ଅଭ୍ୟାସ ।
ଦେହରୁ, ହାଡ଼ରୁ, ହୃଦୟରୁ,
ମନରୁ, ମୁଣ୍ଡରୁ ଓ
ବଞ୍ଚିବା ସମୟରୁ କଣ ଗୋଟେ
ମାଗି ଖୁସିର ଅପହଞ୍ଚକୁ
ନଚେଇବା ତାର ଶୃଙ୍ଖଳିତ
କଟକଣା, ଦୁଃଖର ପରିତ୍ୟକ୍ତ
ଖଞ୍ଜା ଉପରେ ।

କିଛି ଦେଇ ହବ ତ, ଜୀବନକୁ ପୁଣି
ଜୀବନ ଭଳି କାଟିବାରେ !

♥ ଏନ୍-୧୯୪, ଗ୍ରେଟର୍ କୈଳାଶ-୧,
ନୂଆଦିଲ୍ଲୀ-୧୧୦୦୪୮
ଫୋନ:୮୨୮୦୧୪୭୬୮୭



▲ ଡ଼ ଅମରେନ୍ଦ୍ର ଖଟୁଆ



▲ ଚିତ୍ର : ଶିଳ୍ପୀ ଶିଖା ସ୍ୱରୂପା ନାୟକ

# ଚିରକାଳ

## ଡକ୍ଟର ଗୌତମ ଜେନା

ଜନ୍ମ ଜନ୍ମାନ୍ତରର ଭ୍ରାନ୍ତିକୁ ଏଡ଼ାଇ
ଏ ମର୍ମଭେଦୀ ନିଦାଘକୁ
କୃତାଞ୍ଜଳିପୁଟରେ ସ୍ୱାଗତ କରୁଛି ।
କେଉଁ ଅଜଣା ସମ୍ମୋହନରେ
ତମର ମହମହ ବାସ୍ନାରେ
ବିଭୋର ହେଉଛି
ବିଭୋର ହେଉଛି ପ୍ରତିନିୟତ
ସେଇ ଗୋଟେ ବିଶ୍ୱାସରେ ।

ତମଠୁ କ'ଣ କେହି ବେଶୀ ଅନ୍ତରଙ୍ଗ
ଆତ୍ମହରା କରିପାରିବ ମୋତେ !
ସବୁ ଜଣା କି ଅଜଣାରେ ମୋର କି ଯାଏ !
ସ୍ୱପ୍ନ କି ଦୁଃଖରେ ମୋର କି ଯାଏ !
ସାରା ଜଗତକୁ କେବେଠୁ ଭୋଗି ସାରିଛି ମନଇଚ୍ଛା
ସେଇଥିପାଇଁ ତ ସାରା ଜୀବନକୁ ଆଡ଼େଇଦେଇଛି
ବାଁ ହାତରେ ସବୁଦିନ ପାଇଁ
କେବଳ ତମରି ପାଇଁ
କେବଳ ତମରି ପାଇଁ ।

ଏଥର ଏ ମାଟି
ମନେହେଉଛି ଖୁବ୍ ଦୁର୍ଲ୍ଲଭ ।
କେଉଁଠି ପ୍ରତିଘାତ ନାହିଁ କି ବନ୍ଧନ ନାହିଁ ।
ଦେହ ନାହିଁ କି ଦାହ ନାହିଁ ।
ମୁଁ ଚୁପ୍‌ଚାପ୍ ଉଝାଳି ଲାଗିଛି
କେତେକେତେ ଜନ୍ମର ସ୍ମୃତି ।
ଅଥଚ ସବୁରି ଊର୍ଦ୍ଧ୍ୱରେ
ସେ ଅନାହତ ସ୍ୱର ଶୁଣି ପାରୁଛି
ଚିରକାଳ
ହଁ, ଚିରକାଳ ।

♥ ଚହଟା, ଧର୍ମଶାଳା, ଯାଜପୁର-
୭୫୫୦୦୮, ଫୋନ: ୯୨୩୭୪୮୧୪୦୫



▲ ଡ଼ ଗୌତମ ଜେନା

# ଚେର

## କମଳ କୁମାର ମହାନ୍ତି

ଫି'ଥର ମୁଁ ବାହାରି ପଡ଼େ
ଅମୃତ ଅନ୍ୱେଷାରେ
ଆଉ ଫେରୁଥାଏ ଖାଲି ହାତରେ !

ଅଜାଣତରେ କେଉଁଠି ଲଟକିଥାଏ
ମୋ ନିପାରିଲାପଣର କାରଣମାନ
ନିଜକୁ ପଚାରି ମୁଁ ନିରାଶ ହୁଏ
ସାମ୍ନାକୁ ଆସନ୍ତି କେତେ ପେଙ୍କୁଆ ଆଖି
ଆଉ ନିର୍ଲିପ୍ତ ମୁହଁଟିମାନ
ତାଙ୍କ ଲାଗି ଅମୃତର କିଛି ମାନେ ନଥାଏ
କେତେ ଫନ୍ଦି ଯୋଖି ଅମୃତର ଆସ୍ୱାଦନ କରୁଥା'ନ୍ତି
ସହରର ବଡ଼ପଣ୍ଡାଏ
ସାଧନ ନଥିବା ଲୋକ କି ଅମୃତ ପିଏ !

ଖୋଜାଲୋଡ଼ାରେ ମୋ'ପାଦ ଫେରେ
ଗାଆଁ ମାଟିର ଆଲୁଅ ଅନ୍ଧାର ମନାସି
ମାଟିର ସ୍ୱର୍ଗଲାଗି ସାଇତା ସ୍ୱପ୍ନରେ
ମୁଁ ଟିକେଟିକେ ବ୍ୟୟ କରିଦିଏ ମୋତେ
ସ୍ନେହ ଶ୍ରଦ୍ଧା ଜରଜର କୁଡ଼ିଆରେ
ସ୍ୱପ୍ନର ରଂଜାରେ ମାଡୁଥାଏ ଶାଗୁଆ ଲତା
ମୋ' ଛାତି ନିଭୃତରେ ଭରିଥିଲା ଦିନେ ଯିଏ
ସୃଜନର ନୂଆ କବିତାଟିଏ !

ଖେତ ସଙ୍ଗେ ଯୁଝିହୁଏ ଖେତୁଆଳ
ଦୁଃଖକୁ ଲଲାଟ ଲିଖନ ଭାବି
ମନ ମାରି ବସେ ଗଛମୂଳେ
ଅମୃତ ବଣ୍ଟା ହେବା ବେଳକୁ
ତା' ଭାଗ ସରି ଯାଇଥାଏ ।

ଅମୃତର ବାହାନାରେ ମୁଁ ଖୋଜି ପାଏ



▲ ଚିତ୍ର : ଶିଳ୍ପୀ ଅନୁଷ୍କା ମହାନ୍ତି

ମୋତେ ସହରର ପୂତିଗନ୍ଧରେ
ଜରିମଖା ଆଦରର ପର୍ବସବୁ
ବଖାଣିଲା ବେଳେ ମନେହୁଏ ଅମୃତ ରହିଛି
କେବଳ ସହରର ଚିକ୍‌ମିକ୍ ମାୟାରେ
ଯହିଁ ଭାଷା ଝରେ ମନ୍ତ୍ର ଝରେ
ଥୋଲା ଥୋଲା ଅମୃତ ହାଣ୍ଡିରେ !

ମଞ୍ଚ ସାଜେ ମାୟାଲୋକ
ଆର୍ତ୍ତି ଅଭିଯୋଗକୁ ଛାଟ ମାରେ
ପ୍ରତାପୀ ଐନ୍ଦ୍ରଜାଲିକ
ପେଟରେ ପେଟେ ମାମଲା ବୁଦ୍ଧି
ପୂରାଇ ବୁଲନ୍ତି କେତେ ହରି ସୁବୁଦ୍ଧି !

ଯେଉଁଠି ଜହର ଲଦା ଟ୍ରକ୍‌ସବୁ ଅଟକିଯା'ନ୍ତି
ସ୍ୱାଧୀନତାର ଅମୃତ ସକାଳରେ !
ସେଇଠି ସାଧବ ପୁଅମାନେ ଚିହ୍ନା ପଡୁଥା'ନ୍ତି
ରାହାଜାନୀ ସଂଜରେ !

ଚେର ଭେଦିଥାଏ ତେଣେ
ଅତଳ ବିତଳ ରସାତଳ
କେଉଁଠି ମିଳେନା ଅମୃତ ବୁନ୍ଦାଏ !

♥ ଆରସା, ତିହିଡ଼ି, ଭଦ୍ରକ-୭୫୬୧୩୯
ଫୋନ: ୯୪୩୯୦୪୭୨୮୩



▶ ଫଟୋ କମଳ କୁମାର ମହାନ୍ତି

# ପ୍ରେମ ବୃତ୍ତାନ୍ତ

## ପ୍ରତୀକ୍ଷା ଜେନା

ପୃଥିବୀରେ କେଉଁଠି ଫୁଟିନାହିଁ ଫୁଲ,
ସବୁଠି, ସବୁ ବୃନ୍ତରେ ଫୁଲର ଇ ଭ୍ରମ ।

ନିଶା ଗରଜୁଛି ମାଲ୍ୟାଣୀ,
ସବୁର୍ କର...
ଏଇ ଘାଟକୁ ଆସିବ ରାଜପୁତ୍ର,
ଅଶ୍ୱ ବାନ୍ଧି ପାହାଚେ ପାହାଚେ ଓହ୍ଲେଇବ
କାଚକେନ୍ଦୁ ପାଣିକୁ,
ଏଇଠି ଏଇ ନିଶାର୍ଦ୍ଧରେ ସମ୍ମୋହନ କରିବ
ଆଖିକୁ,
ଅଣ୍ଟାରେ ହାତ ଛନ୍ଦି ଅଣାୟତ୍ତ କରିବ
ହୃଦୟର ଗତି,
ଓଠ ସନ୍ଧିରେ ମହୁ ସଞ୍ଚାରି,
ନିଃଶ୍ୱାସରେ ନିଃଶ୍ୱାସର ଲହର ଖେଳେଇ
ଫୁଟେଇବ ଫୁଲ ।

ରାତ୍ରିର ତୃତୀୟ ପ୍ରହର ସ୍ଥିର,
କାହିଁ କେତେ ଦିନରୁ ତୃଷାର୍ତ୍ତ ଏ ମରୁବାଲି,
ତୃଷିତ ଝାଉଁବଣ, ସମୁଦ୍ର...
ସେଠି ପାହାଡ଼ ଛାତିରେ କେବେ କେହି
ସ୍ନେହରେ ଗୁଞ୍ଜିନି ତ ମୁହଁ,
ସବୁଜ ରଙ୍ଗର ଶିହରଣରେ
ଲତ୍‌ପତ୍ କରିନାହିଁ ଦେହ,

ନିଶା ଗରଜୁଛି ମାଲ୍ୟାଣୀ,
ଧୃତ କାପାଳିକ ହାଡ଼ ଛୁଇଁଇ ଫୁଟେଇବ ଫୁଲ
ସବୁର୍ କର ।

ଫୁଲ ଫୁଟିବାର ଅର୍ଥ
ଗଭୀର ଜଳରେ ତରଙ୍ଗ ଖେଳିବା ଆହ୍ଲାଦରେ,
ଫୁଲ ଫୁଟିବାର ଅର୍ଥ
ପୃଥିବୀ ସନ୍ତାନସମ୍ଭବା ହେବା,
ଫୁଲ ଫୁଟିବାର ଅର୍ଥ ବନ୍ଦ ହେଇଯିବା
କାହାର ହୃତ୍‌ପିଣ୍ଡ ଉଲ୍ଲାସରେ,

ଫୁଲ ଫୁଟିବାର ଅର୍ଥ,
ନିଷ୍ଠୁର ଭ୍ରମର ଶିଶୁ ସମ ସମର୍ପଣ କରିବା
କୋଳରେ ।

ପୃଥିବୀରେ କେଉଁଠି ଘଟିନାହିଁ ପ୍ରେମ,
ସବୁ କବିତା, ସବୁ ଧାଡ଼ିରେ ତା' ଥିବାର ଇ
ଭ୍ରମ ।

♥ ନାଲ୍‌କୋ ନଗର,
ଅନୁଗୁଳ
ଫୋନ: ୮୨୪୯୧୩୬୨୭୭



▶ ଫଟୋ ପ୍ରତୀକ୍ଷା ଜେନା

# ଦର୍ପଣ ଭିତରର ଲୋକ

## ତ୍ରିନାଥ ସିଂହ

ଫି' ସକାଳ
ନିଦଉଜୁରା ଆଖିରେ ପାଣି ଛାଟି
ବେସିନ୍ କାନ୍ଥର ସେଇ ଆବକ୍ଷଦର୍ପଣ ଭିତରେ ମୁଁ
କ'ଣ ସବୁ ଖୋଜି ହେଉଥାଏ...

କ'ଣ ସବୁ ଧୋଇ ଦେଉଥାଏ
ଆଞ୍ଜୁଳା ଆଞ୍ଜୁଳା ପାଣି ଛାଟି ଚକ୍ଷୁପଟଳରୁ...
ନିଦକୁ ଝୁଣ୍ଟି ପଡ଼ିଥିବା ମୋର ରକ୍ତଜମାଟ ଦୃଷ୍ଟିମାନଙ୍କୁ
ନା ଅଦେହଦେହକୁ ମୋର ବିଦାରି ଦେଉଥିବା ଅନ୍ଧାରର
ନଖଆଞ୍ଚୁଡ଼ାକୁ
ନା ଗତରାତିର ଗୋଟିଏ ହେଲେ ବି ମନେ ନଥିବା
ସାତଶହ ଅଠରଟି ସ୍ୱପ୍ନଙ୍କର ବିସ୍ମୃତ ସ୍ପନ୍ଦନକୁ...

କାହାକୁ ମୁଁ ଧୋଇ ଦେଉଥାଏ
ଆଞ୍ଜୁଳା ଆଞ୍ଜୁଳା ପାଣି ଛାଟି ପ୍ରତି ସକାଳକୁ!!

ଦର୍ପଣରେ ଦେଖା ଯାଉଛି
ଝର୍କା ସେପାଖର ଆମ୍ବଡାଳରେ ବସି ଚୁଇଁ ଚଢ଼େଇଟିଏ
ପଜଉଛି ଥଣ୍ଟ
ଓ ପତ୍ରଫାଙ୍କ ଦେଇ ଆକାଶର ନୀଳରୁ ଦିଶୁଛି ଫର୍ଦ୍ଦେ
ଯୋଉଠୁ ଗଲାରାତି ତିନିପହର ବେଳକୁ ଖସି ପଡ଼ିଥିଲା
ଅନ୍ଧାରକୁ ଝୁଣ୍ଟି ଗୋଟିଏ ଦେଦୀପ୍ୟମାନ ତାରାର
କୁହାଟ!

ଦର୍ପଣ ଭିତରର ସାମ୍ନାକାନ୍ଥରେ ଟଙ୍ଗା ହେଇଥିବା
ମୋର ବାଉନବର୍ଷ ତଳର ଫଟୋ ଭିତରୁ
ମତେ ହିଁ ସେ ଚାହିଁ ରହିଥାଏ ନିର୍ନିମେଷ କାକୁସ୍ଥ



▲ଚିତ୍ର : ଶିଳ୍ପୀ ଫିର୍ଦୌସି ତବସୁମ୍



▲କବି ତ୍ରିନାଥ ସିଂହ

ଜଡ଼େଇ ଧରି ଗୁଡ଼ାଏ ଅଚିହ୍ନା ପ୍ରଶ୍ନର ଅଲରା ବିସ୍ମୟ
ଦର୍ପଣ ଭିତରୁ ଚାହିଁଥିବା ଲୋକଟି ମୁଁ ଯଦି
କିଏ ତେବେ ଦର୍ପଣ ବାହାରେ ଠିଆ ହେଇଥିବା
ଏଇ ଲୋକ...!

କିଏ ସେଇ ଲୋକ
ଯିଏ ସନ୍ଦେହ ଚକ୍ଷୁରେ ଦେଖୁଥାଏ ମୋର ଆସିବାକୁଥିବା
ଯେତେ ସବୁ ସମୟର ଦୀର୍ଘତର ପ୍ରଚ୍ଛାୟାମାନଙ୍କୁ
ଓ ଝୁରି ହେଉଥାଏ ବିତି ସାରିଥିବା ମୁହୂର୍ତ୍ତମାନଙ୍କର
ଜମାରୁ ଆଉ ଶୁଭୁ ନଥିବା କଳରବକୁ...!!

ଆଞ୍ଜୁଳା ଆଞ୍ଜୁଳା ପାଣି ଛାଟି
କ'ଣ ସବୁ ଧୋଇ ଦେଉଥାଏ ସିଏ
ଆଖିରୁ... ମୁହଁରୁ...
ବିତି ସାରିଥିବା ସମୟର
ଦେହରୁ ଯେତେକ ଯନ୍ତ୍ରଣାକାତର ପ୍ରଶ୍ୱାସକୁ
ଅବା ଆସିବାକୁ ବାକିଥିବା ଅନ୍ୟସବୁ ମୁହୂର୍ତ୍ତଙ୍କ
ଶୁଣା ଯାଇନଥିବା ପାଦଶବ୍ଦରୁ ସନ୍ଦେହ ଓ ଝୁଣ୍ଟିବାର ଦାଗ ।

କ'ଣ ଗୋଟେ ଖୋଜି ହେଉଥାଏ ଦର୍ପଣ ଭିତରର ଲୋକଟି...
ଦର୍ପଣକୁ
ଅବା ଦର୍ପଣ ଭିତରୁ ଦିଶୁଥିବା ଆକାଶରୁ ଫର୍ଦ୍ଦେ
ଦରମକଚା ନୀଳିମାକୁ!


♥ ଭବିଷ୍ୟନିଧି କାର୍ଯ୍ୟାଳୟ,
ପାନପୋଷ ମାର୍ଗ, ରାଉରକେଲା - ୭୬୯୦୧୨
ଫୋନ : ୮୮୯୫୦ ୯୯୪୬୪


ଭେଟ
ଆମ ମାଟିର ସ୍ୱର

# ଡର

## ସାବିତ୍ରୀ କବି

କୋଉଠି ଥାଏ ତମ ଭିତରେ
ଏତେ ଡର, ଏତେ ଲାଜ,ଏତେ ଭୟ
ହରେଇ ଦେବାର ଗ୍ଲାନି ପାଇବାର ମୋହ ।

ଆସି ଏତେବର୍ଷ ପରେ ଖୁବ୍ ଏକ୍ଲା ହୋଇଗଲେ
ଆଖି ମୁଦି ମନେ ପକାଉଛି ତମ ସେଦିନର ସେଇ
ଋଷୀ ମନଜିଣା ଚେହେରା
ତମ ହସ ଥିଲା ଠିକ୍ ମହୁଲ ପରି ମିଠା
ଫୁଲ ପରି ନରମ ଓ ନିରୀହ ଚାହାଣୀ
ବଟା ହଳଦୀ ରଂଗର ଦେହ, ଅନ୍ଧାର ପରି
କଳା ଘୁମର କେଶ, ଓଠରେ କଳାଜାଈ, ଗାଲରେ ଭଉଁରୀ,
କେତେ ଗଭୀର ତମର ପ୍ରେମ ।

ଏ ଭିତରେ କେତେ ଯୁଗ ବିତିଗଲାଣି
ତମକୁ ଖୋଜୁଛି ଆଜିଯାଏଁ ପାଉନି
ଯେଉଁଠି ତୁମେ ଅନ୍ଧାରକୁ ଡରି ଝୁଣ୍ଟି ପଡ଼ୁଥିଲ
ଠିକ୍ ସେଇ ଜାଗାରେ ମୁଁ ତମର ସେ
ପାଦ ନଥିବା ପାଦକୁ ଛୁଇଁ ଦେଉଛି ।

ଯେଉଁ ଗଛରୁ ଗୋଲାପଟିଏ ତୋଳିବାକୁ ଯାଇ
ତମ ହାତରୁ ଝରିଥିଲା ରକ୍ତ
ମୁଁ ସେଇ ଗଛଟିକୁ ଛୁଇଁ ଦେଉଛି
କାଳେ ମୋ କାଣି ଆଙ୍ଗୁଠିରେ ଲାଗିଯିବ
ତମ ହାତ ନଥିବା ହାତର ସ୍ପର୍ଶ ।

ଯେଉଁ ନଈକୂଳରେ ଶିପ ଓ ଶାମୁକା
ଖୋଜୁଖୋଜୁ ଆଙ୍କି ଦେଇଥିଲ ତମ ହୃଦୟରେ
ସାଇତି ରଖିଥିବା ପ୍ରିୟ ପୁରୁଷର ଚିତ୍ର
ମୁଁ ସେଇ ନଈବାଲିକୁ ଛୁଇଁ ଦେଉଛି
କାଳେ କାଚକେନ୍ଦୁ ପରି ଚକ୍ ଚକ୍ କରୁଥିବା
ସେଇ ବାଲି ଦେହରେ ଦିଶିଯିବ ତମ ମୁହଁ
କାଳେ ମୋତେ ଦେଖି ତମେ ଲାଜକୁଳୀ ଲତା ପରି
ଲାଜେଇ ଯିବ ଓ ଡାଏରୀରେ ସବୁଠୁଁ ମିଠା କବିତାଟିଏ
ହୋଇ ଝରି ପଡ଼ିବ ।

ତମେ ପାହାଡ଼ କାନ୍ଥରେ ଲେଖିଥିଲ ଯେଉଁ ଗୀତ
ସମୟର ଖରା ଲିଭେଇ ଦେଇଛି ସେଇସବୁ
ଗୀତର ଧାଡ଼ି, ମୁଁ ସେଇ ଲିଭି ଯାଇଥିବା ଗୋଲ୍ ଗୋଲ୍
ଅସ୍ପଷ୍ଟ ଅକ୍ଷର ଭିତରେ ଖୋଜୁଛି କାଳେ ସେଠି
ତମ ଅଜାଣତରେ ଲେଖି ହୋଇଯାଇଥିବ ମୋ ନାଁ ।

ତମେ ଯେଉଁ ଝରଣା କୂଳରେ ଚିକ୍‌ମିକ୍
ପାଣି ଭିତରକୁ ଗୋଡ଼ ଲମ୍ବେଇ ମିଠା ସ୍ୱରରେ
ଗୀତ ଗାଉଥିଲ ମୁଁ ସେଇ ଝରଣାର କୁଳୁକୁଳୁ
ସ୍ୱରକୁ କାନଉଚି କାଳେ ଶୁଭିଯିବ ତମ ମିଠା ଗୀତର ସ୍ୱର,
କାଳେ ତା' ଭିତରେ ଛପି ରହିଥିବ ମୋ ପ୍ରତି ତମର
ଅସରନ୍ତି ଭଲପାଇବା କୋଟିଏ ଯୁଗର ।

ଯେଉଁ ନଈକୂଳରେ ହଜି ଯାଇଥିଲା
ତମ ପାଦର ପଟେ ପାଉଁଜି, ମୁଁ ସେଇ ନଈକୂଳକୁ
ବାରମ୍ବାର ଯାଏ କାଳେ ଗାଧୁଆଡ଼ୁଠ ମହକୁଥିବ ତମ
ଅନୂଢ଼ା ଦେହର ବାସ୍ନାରେ,
କାଳେ ତମ ଓଠର ହସ ଫୁଲ ହୋଇ ଫୁଟିଥିବ
ନଈଆଡ଼ିରେ ।

ଏଠି ଆମ ସହରରେ ବର୍ଷା ହେଲେ
ମୁଁ ଆକାଶରୁ ଅନ୍ତରୀକ୍ଷ ଯାଏଁ ଖୋଜୁଛି ତମକୁ
କାଳେ ମେଘ ମେଘ ରଙ୍ଗର ଶାଢ଼ି ପିନ୍ଧି
ମେଘର ମହ୍ଲାର ଗାଇଗାଇ ତମେ ଭିଜୁଥିବ ବର୍ଷାରେ ।

ତମ ଭିତରେ ଏତେ ଡର, ଏତେ ଲାଜ ଏତେ ଭୟ
ଅଥଚ, ଛାତି ତଳେ ଏତେ ପ୍ରେମ !
ଆମ ସହରରେ ଝିଅମାନେ କେହି ଜଣେ ବି
ଦିଶନ୍ତିନି ତମ ପରି,
ଜାଣିଚ ତମକୁ ଖୋଜୁଚି ଗାଁଠୁ ସହର
ସମୟର ନଈଧାରରେ କାହାଣୀ ପାଲଟି ଗଲାଣି
ସେ ଦିନସବୁ, କେତେ ମେଘ ବର୍ଷି ଗଲାଣି
କେତେ ଫୁଲ ଫୁଟି ଝରି ଗଲେଣି
ତମେ ଏମିତିକା ଫୁଲଟିଏ
ଯାହାଙ୍କୁ ମୁଁ ଖୋଜୁଛି ଓ ଖୋଜୁଥିବି
ଶେଷଯାଏଁ, ମୋ ଖୋଜିବା ସରୁନି ।

♥ବିଶ୍ୱନାଥପୁର, ରାଣୀତାଲ, ଭଦ୍ରକ-୭୫୬୧୧୧
ଫୋନ: ୯୪୩୯୧୭୭୩୮୦



# ନିଆଁ

## ସତ୍ୟ ସାହୁ

ମରମକୁ ବାଧେ ଲୋ ସ୍ୱର୍ଣ୍ଣମୟରୀ
ସୁନା ସବୁ ମାଟି ହେଇଗଲା

ସବାଖାଇ ପେଟକୁ ତୋର କିଛି ବି ଅଣ୍ଟୁନି
ପୃଥ୍ୱୀ ତ ଦଶମାସର ଗର୍ଭ ଧରିଲାଣି
ତୋ ପେଟ କାହିଁକି ପୁରୁନି ଯେ !

ରାତିପାଣି ପିଇପିଇ କୁଆନ୍ ହୁଏ ମନଅରଣ୍ୟ
ଛାତିରେ ଝୁଲେ ବାଘନଖି ଲକେଟ୍ ହେଇ ଦିନନିଆଁ ।

ନିଦ ତ ନେଇଗଲା ସେ ସୂର୍ଯ୍ୟବର୍ଣ୍ଣି ପାଟ
ପିଇଗଲି ଠାକୁରାଣୀ ଝୁଣା ଧୂଆଁ, କର୍ପୂର ନିଆଁ
କହିଲେ ନାଗିଚି କାଳିସି । ଉଠ୍ ନାଚ୍
ନାଚିଲି ବେଧଡ଼କ ଆସିବା ଯାଏଁ ତିନ୍ତିଆଣି ମେଘ ।

ହଁ ଟିକକରେ ମୋ ସରକାର ଚୁଲି ଜଳେ
ମନସୁଖ ମାଟିଆଳ ମାଟି ମୂର୍କି ମୋହର ମାରେ
ଆମ ପାରିଲା ପଣିଆର ନଥାଏ ଗଣତି
ଥାଅ କୁଶଳରେ କହିବାକୁ ନେଉଟେନି ଜିଭ
କେତେ ଆଉ ଦେଖିମି ତୋ ପାଇଁ ସ୍ୱପ୍ନ
ରହ ଟିକେ ଚୁମୁଟି ସାରେ ନିଜକୁ ।

ନିୟମକାନୁନ ଭିତରେ ଆଦବକାଇଦାର ଖେଳ
ଧନରେ, ହଅ ନି ଅସମ୍ଭାଳ
ଦେଖିବୁ ଆଣିଦେବି ଚିତ୍ରିତ ସକାଳ
ଠେକାଟେ ଭିଡ଼ିଛି ତ ମଥାରେ ।

ଦି'ଶହ ଛ ଖଣ୍ଡ ହାଡ଼ ମିଶେଇ ତିଆରିଛି ଦଣ୍ଡ
ଟେକି ଦେଇଛି ମଥାନକୁ ପୋଇଁବାକୁ ତେଜ
ଦ୍ୱାହି ମାନବତାର, ହସ୍ତେ ଥିବ ଶାନ୍ତି ଦଣ୍ଡ
ଦେଖିବୁ-
ପୂରିବ ସେ ହିରଣ୍ମୟ ଗର୍ଭ ।

♥ ସିଟି କୋଅପରେଟିଭ୍ ବ୍ୟାଙ୍କ,
ଦରଜୀପୋଖରୀ, ବାଲେଶ୍ୱର-୭୫୬୦୦୧
ଫୋନ: ୭୦୬୪୦୯୯୯୫୯, ୯୪୩୯୯୭୯୩୪୪


ଫଟୋ ସତ୍ୟ ସାହୁ

# ଅନ୍ଧ ମଣିଷ

## ସଦାଶିବ ଦାଶ

ବିଶ୍ୱାସ ଘାତକତାର ବାରୁଦ ଗଦାରେ ଠିଆ ହୋଇଥାଏ,
ଘୃଣାର ଚଷମା ପିନ୍ଧି, ରକ୍ତଚକ୍ଷୁ ଅନ୍ଧ ମଣିଷ ।
ଦରବାର ବସିଥାଏ କିପରି ଦଖଲ କରି ହେବ ସାରା ବିଶ୍ୱ
ଲୋପ କରି ସବୁ ଧର୍ମ, ସଂପ୍ରଦାୟ, ଗଢ଼ିବାକୁ ଜିହାଦୀ ସାମ୍ରାଜ୍ୟ
ଆତଙ୍କରୁ ସୃଷ୍ଟି ହେବ ମଣିଷର ରକ୍ତ ହୋରିଖେଳ
ଅନ୍ଧ ମଣିଷର କଣ୍ଠରୁ ଶୁଭିବ ମୃତ୍ୟୁର ହୁଙ୍କାର ।

ତା'ର ହସ୍ତେ ଥିବ ଚକ୍‌ମକ୍ ବାରହାତ ଛୁରୀ
କେତେ ହେବ ଉଲ୍ଲସିତ ମଣିଷର କଟାମୁଣ୍ଡ ଧରି
ବିସ୍ଫୋରଣ ସଂହାରରୁ ବର୍ତ୍ତିବେନି ଶାନ୍ତିପ୍ରିୟ ଲୋକେ
ତା ଦୃଷ୍ଟିରେ ତା'ର ଧର୍ମ ନିୟମକାନୁନ୍ ଏକମାତ୍ର ସତ୍ୟ ।
ରାସ୍ତାରୁ ହରଣ ହେବେ ପୁଣ୍ୟମୟୀ ନାରୀ
ବନ୍ଦୀ ହେବେ ଅନ୍ଧ ମଣିଷର ଅୟସଖାନାରେ ।

ଏଇ ମଣିଷମାନେ ନାରୀକୁ ଦିଅନ୍ତି ନାହିଁ ବାକ୍ ସ୍ୱାଧୀନତା
ଦିଅନ୍ତିନି ପଢ଼ିବାର ଅଧିକାର, ଜୀବିକା ନିର୍ବାହ
ନାରୀ ଖାଲି ପଣ୍ୟ ପରି, ସନ୍ତାନର ଉତ୍ପାଦନକାରୀ
କଳା ଚଦରରେ ଢଙ୍କା, ନାୟିକାରେ ବିଳାସ କକ୍ଷର
ମଣିଷର ଗଣା ହୁଏ ନାହିଁ, ଜନ୍ମଦେବା ତା'ର ଅଧିକାର
ଅଖୋଜା ଅଲୋଡ଼ା ହୁଏ, ତ୍ରାହି ନାହିଁ ଯୌନ ଶୋଷଣର ।

ଅଖୋଜା ଅଲୋଡ଼ା ହୁଏ ରୂପ ତା'ର ଢଳିଗଲେ
ପାଏ ନାହିଁ ସନ୍ତାନର ସ୍ନେହଶ୍ରଦ୍ଧା, ସମାଜରେ ସ୍ଥାନ ।
ଯେ ଅନ୍ଧ ମଣିଷମାନେ ଅଧିକାର ସବୁ ସଂପଦର
ପାଟି ଫିଟାଇଲେ ଗୁଳି, ମୃତ୍ୟୁଦଣ୍ଡ, ପ୍ରାଣ ସଂହାରର ।

ଅନ୍ଧ ମଣିଷଙ୍କ ଦେଶେ ପ୍ରେମ କରିବାଟା ପାପ
ଧରାହେଲେ, ରାସ୍ତାକଡ଼େ ଝୁଲେ ମୃତ ଦେହ
ନାରୀ ହୋଇ ଜନ୍ମହେବା ମହାପାପ, ପୁରୁଷ ହିଁ ଶକ୍ତିର ଆଧାର
ଅନ୍ଧ ମଣିଷର ଭୋକ ଗ୍ରାସିବାକୁ ତା ଧର୍ମର ତାତିଲା ଲୁହାରେ
ଭାଙ୍ଗିବାକୁ ଚାହେଁ ସିଏ ଛଦ୍ମବେଶେ ଶାନ୍ତିର ସାମ୍ରାଜ୍ୟ ।
ବିଶ୍ୱ ସାରା ଖୋଲିଦେଇ ସ୍ଥାନେ ସ୍ଥାନେ ସେମାନଙ୍କ ପ୍ରଚାରର ପୀଠ
କ୍ରମେ କ୍ରମେ ଗ୍ରାସୁଥାନ୍ତି ଶାନ୍ତିପ୍ରିୟ ଜନତା ହୃଦୟ ।
ଏଇମାନେ ସବୁଠାରୁ ବଡ଼ ଭୟ ଆତଙ୍କର ପ୍ରଚାରକ
ଧ୍ୱଂସକାରୀ ଏକୋଇଶ ବିଶ୍ୱ ମଣିଷର ।

♥ ବଟେଶ୍ୱର, ସାଲେପୁର, କଟକ, ଫୋନ:୮୨୮୦୧୩୩୭୧୨


ଫଟୋ ସଦାଶିବ ଦାଶ



▲ ଚିତ୍ର : ଶିଳ୍ପୀ ନିକୁଞ୍ଜ ବିହାରୀ ଦାସ

# ସ୍ୱପ୍ନ ଖଳା


## ସଂଜିତ୍ କୁମାର ବଳ


ଏଠି ଯୋଉ ଶବ୍ଦ ବୋହୁଚି
କେମିତି ଥଳକୂଳ
ପାଇପାରଂତା ମୋ ଆଖି !

ସେଥିପାଇଁ ନିଜଠୁ ଭିନେ ହେଇ
ମୁଁ ସେଠି କେବେଠୁଁ ପଡିରହିଚି
ମୋ ନିଃଶ୍ୱାସ ପାଇଁ
ପବନକୁ ସାଇତି ରଖେ
ତମ ଶୂନ୍ୟତା ଯୋଉଠି ।

କେବେକେବେ ମୋ ସକାଳ
ଫେରିଯାଏ ମୋତେ ଖୋଜିଖୋଜି
କାଂଥରେ ସେ ଟାଣିଥିବା
ଆଲୁଅ ଗାରରୁ ମୁଁ ଜାଣିପାରେ
ମୋର ସବୁଠୁ ଛୋଟ ସ୍ୱପ୍ନ
ଏବେ ଗ୍ରହଣ ମୁକ୍ତ ହେଇସାରିଚି,
କେବଳ ଯାହା ଭାବନାର
ଶୁଦ୍ଧିକରଣ ବାକି ଅଛି ।

ମୁଁ ସେବେଠୁ କଥା ହେଇନି
ମୋର ଗୋଟେ ବଡ ସ୍ୱପ୍ନ ସହ
ଯୋଉଦିନ ଜାଣିଲି
ସେ ହରେଇ ସାରିଚି ସ୍ମୃତି ଶକ୍ତି,
ନହେଲେ ମୋ ପାଖେପାଖେ
ବୁଲୁଥିବା ତମ ଛାଇକୁ
ସେ କଣ କହିଥାଂତା
ମୋର କୋଉ ଗୋଟେ ଜନ୍ମର
ଅଭିଶାପ ବୋଲି ।

ତମକୁ ଦିନେ ଭେଟିଥିବା
ମୋ ଶବ୍ଦସବୁ ଆଜି ବି ନିର୍ବୋଧ
ସେମାନେ ପୋଷି ଚାଲିଛଂତି
ମୋର କିଛି ସ୍ୱପ୍ନଂକୁ



▲ ଫଟୋ ସଂଜିତ୍ କୁମାର ବଳ

ଯୋଉମାନେ ହାତଗୋଡ ବିହୀନ,
ଭାବେ, ନିର୍ବୋଧତା କଣ
ଲୁହର ବିଶ୍ୱାସଭାଜନ
ଯୋଉ ଲୁହକୁ ଭେଟିବା ପାଇଁ
ଏତେ ସଂବେଦନଶୀଳ
ଶବ୍ଦଂକ ଆବେଦନ ।

ଏଠି ଯୋଉ ଶବ୍ଦଂକ ତାରକସି
କୋଉ ଲୁହବୁଂଦାକୁ ଚିରି
ମୁଁ ଦେଖେଇ ପାରିବି
ତମ ଉପସ୍ଥିତି !

ବରଂ ସାଇତା ଥାଉ ଲୁହ
ସ୍ୱପ୍ନଂକ ଖଳାରେ
ମୋ ପ୍ରିୟତମ ଇଚ୍ଛାସବୁ
ବସି ରହିଥାଂତୁ ଧାଡିହେଇ,
ଇଚ୍ଛାର ଗୋପନୀୟତା ବି
ଝୁଲି ରହିଥାଉ ଲୁହ ଧାରରେ,
ଯେତେଦିନ ଯାଏ ଆଖିକୁ
ଅପଲକ ରଖିବାର ସାମର୍ଥ୍ୟ ଥିବ
ଲୁହ ଭିତରେ ଥିବା
ଲୁହର ଆତ୍ମସଂତୋଷରେ ।


♥ ସା-ମୃଷାଂଗ ପୋ-କୋହ୍ଲ
ତିହିଡି ଜିଲ୍ଲା-ଭଦ୍ରକ
ଫୋନ:୮୨୪୯୦୮୧୯୨୭


# ଘରର ନକ୍ସା


## ଶ୍ରୀକାନ୍ତ ମହାନ୍ତି


ଗଲା ସନ କାଳବୈଶାଖୀରେ
ଭୁଷୁଡ଼ି ପଡ଼ିଲା ମୋ ଚାଳଛପର ଘର
ଗୁଅ-ବାଉଁଶ-ଓରା-ଆଡ଼ର
ଛନ୍ଦା ଛନ୍ଦି ନିଧଡ଼କ ଗଣ୍ଠି
ଚାହୁଁ ଚାହୁଁ ଛିଣ୍ଡିଗଲା ।
ଅଧାକାନ୍ଥି ଉପରେ
ଆଣ୍ଠୁମାଡ଼ି ନଥି କରି ବସିପଡ଼ିଲା ଘର ।
ଜିତି ଆସିଲା ବେଳକୁ କପଟ ଯୁଦ୍ଧରେ
ନାୟକକୁ କିଏ ଯେମିତି
ପଛପଟୁ ମାରିଦେଲା ତୀର ?

ଏବେ ସେଇ ଚାଳ ଉପରେ ଫୁଟିଛି
ପାଖା ପାଖି ଦୁଇଟା ହୃଷ୍ଟପୁଷ୍ଟ ପାଳଛତୁ -
ଛତୁ ନୁହେଁ ତ, ଦି'ଟା ଡବ ଡବ ଆଖି
ମୋ' ଆଡ଼କୁ ଅଭୟ ଦୃଷ୍ଟିରେ ଚାହିଁ ରହିଚି...
ଠିକ୍ ତାରି ତଳେ ହାରଟିଏ ପରି
ଛନ୍ ଛନ୍ କଖାରୁ ଡଙ୍କଟାଏ
ଲଟେଇ ପଡ଼ିଛି ।

ଉଦୁଉଦିଆ ଖରାବେଳେ
ପାରାମାନଙ୍କ ଘୁତୁ ଘୁତୁ ଶବ୍ଦରେ
ଗୁମୁରି ଉଠୁଛି ଘର ।


ଏ ଯାଏଁ ଡେରି ପାରିଲି ନାହିଁ ଚାଳ ଖଣ୍ଡକ
ଚାଂଚରା ଘେରାଇ ତା'ରି ପାଖରେ ପଡ଼ିରହିଚି
ତଥାପି ଭାଙ୍ଗିପଡ଼ିନି କେବେ
ଜାଣିଛି – ମୋର ଘର ଖଣ୍ଡିଏ ଅଛି ।

ଝୁଅ କହୁଚି, 'ବା'ଲୋ !
ଲୁଗା ବଦଳିବି ପରା
ବୁଜିଦେ ଆଖି ।'

ଆଖି ବୁଜିଦେଲେ
ତିଆରି ହୋଇଯାଏ ଗୋଟିଏ କାନ୍ଥ
ଝିଅ ପାଇଁ ବିଶ୍ୱାସର ବଖରାଟିଏ ସୃଷ୍ଟି ହୁଏ -
ଖୁବ୍ ଗୋପନୀୟ ଓ ନିଭୃତ ।

କିଏ କହେ
ମୋର ନାହିଁ ଘରଟିଏ –
ଘରଟିଏ କୋଉଠି ନା କୋଉଠି
ମନରେ ବସା ବାନ୍ଧିଥାଏ ।


♥ ୪୧୧, ସହିଦ ନଗର
ଭୁବନେଶ୍ୱର- ୭୫୧୦୦୭
ଫୋନ : ୯୮୬୧୧୧୭୨୪୦

▶ ଫଟୋ ଶ୍ରୀକାନ୍ତ ମହାନ୍ତି

# ବର୍ଷା ଋତୁର ଦୃଶ୍ୟ

## ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ

ଦେଖିଲି ଦୂରରୁ .....
ଆଃ କି ସୁନ୍ଦର ନୀଳ ଦୃଶ୍ୟ
ଥିଲା ମୋ ସାମ୍ନାରେ,
ପାଛିଏ ପାଛିଏ ଫୁଲ
ଭିଜୁଥିଲେ ଟିମୁଟେ ବର୍ଷାରେ ।

ତରତର ପାଦରେ ପହଂଚିବାକୁ
ଛୁଇଁବାକୁ ପ୍ରସ୍ତ ପ୍ରସ୍ତ ନୀଳ ଦୃଶ୍ୟ
ଯା ଥିଲା ଅଦୂର ଚିତ୍ରଟେ,
ପହଂଚିଲା ବେଳକୁ
ଦୃଶ୍ୟ ଥିଲା ... ଧୂସର ଓ ଧୂପ ଘେରା
ଯନ୍ତ୍ରଣାରୁ ଗୋଟେ,
ଯେମିତି ବନ୍ଧ୍ୟା ମାଟି ମୁଠେ ।

ଦୂର ପର୍ବତ ତ ସବୁ କାଳେ ଗୋଟେ
ନିରୀହ ସୁନ୍ଦରତାର ଆଖି ଭ୍ରମ,
ଜାଣିଲା ପରେ ଦୂରରୁ ଦେଖିବା
ବେଶ୍ ଭଲ,
ପାଦ ନ ବଢେଇ ....
କୌଣସି ଦୁଃସାହସରେ,
ଅକାଳେ ସକାଳେ ନିହାତି...
ଭୋକିଲା ପଣରେ ।

ଦେଖିଲେ ତ ଲାଗୁଥିଲା
ତା ଆଖିରେ
ଭଲପାଇବାର ଅମାପ ଶୋଷ,
ହେଲେ ହାତ ପାଆନ୍ତାରେ, ଅଥଚ...
ନିମିଷକେ ଶେଷ ହୋଇଯାଏ
ସବୁତକ ବିଭ୍ରମତାର ବାଚାଳାମୀ,
ଗୋଟିଏ ଅସାମାନ୍ୟ ଭୁଲ୍‌ରେ
ନିର୍ଦ୍ଦୋଷ ଚେହେରା ବି ପାଲଟି ଯାଏ
ମୁହୂର୍ତ୍ତକେ ...

ଗୋଟେ ଗହଣାଗାଣ୍ଠି ଶୂନ୍ୟ ଦେହ,
ଅବିଶ୍ୱାସର ମୂର୍ତ୍ତି ପରି...
ଲଂଗଳା ଠିଆ ହୁଏ ସାମ୍ନାରେ
ଆକସ୍ମିକ ଭାବରେ,
ନିହାତି ଗୋଟେ ବିରୋଧାଭାସରେ ।

ହୃଦୟ ତ ପଢି ହୋଇଯାଏ...
ପ୍ରେମରେ ପଡିଥିଲେ,
ପୁରୁଣା ହେଲେ ପ୍ରେମ
ଗୋଟେ ସୈତାନୀ ହୃଦୟ
ସାମ୍ନାରେ ମେଲି ହୋଇଯାଏ
ସେତେବେଳେ ପ୍ରେମର ଧାସରେ, ହୁଏତ
ଶିଝିପାରେ ବିଶ୍ୱାସର ନୀଳ କିଆରୀ
ବଡ ବ୍ୟଭିଚାରୀ
ହୁଏତ ସେଠି ଲୁଚି ବସିଥାଏ ପ୍ରତାରଣା
ଠିକ୍ ଗୋଟେ...
ନାମୀ ଖୁଣୀ ଆସାମୀ ପରି ।

ସମୟର ଡଉଲ ଡାଉଲ ଛାଇ
କ୍ରମଶଃ ଆକ୍ରାନ୍ତ ହୁଏ
ବିଶ୍ୱାସଘାତର ଜହରରେ,
ଯେଉଁଠି ବିଶ୍ୱାସ ଥାଏ କମ୍
ବେଶୀ ଥାଏ ବିଶ୍ୱାସ ଘାତକତାରେ
ଅସତର୍କ ଫି ସାଲ୍, ଫି ମୁହୂର୍ତ୍ତରେ
ସେ ପ୍ରେମିକା ହୋଇପାରେ,
ପ୍ରତାରଣା ବି,
ବନ୍ଧୁ ହୋଇପାରେ, ବନ୍ଧୁକ ବି,
କାଲି ଯିଏ ସିକନ୍ଦର ଥିଲେ
ଆଜି ସେ ....
ଆଣ୍ଟୁଏ ଘାସର ମାଟି ତଳେ ।

ଅଥଚ ଏ ବର୍ଷା ଗୋଟେ ଖିଆଲ୍‌ରେ
ଦେହକୁ ଛୁଉଁଥିଲା ଆଶ୍ଚର୍ଯ୍ୟରେ
କେବଳ ମୁଠେ ନୀଳ ଜହରରେ ।

♥ ସନ୍ତୋଷ ଭିଲ୍ଲା, ମହାନଦୀ ବିହାର
କଟକ-୭୫୩୦୦୪
ଫୋନ: ୯୯୩୭୨୨୨୧୨୨



▶ ଡ଼ଃ. ନୃସିଂହ ଚରଣ ଷଡ଼ଙ୍ଗୀ

# କବିତାର କଥା

## ନନ୍ଦ କିଶୋର ସିଂହ

କବିତା ମୋ କଥା କହେ ଲାବଣ୍ୟବତୀର
କବିତା ବି କଥା କହେ
ଆମ ଗାଆଁ ଗ୍ରହଣଖଣ୍ଡି ଲବଣୀ ବେଓ୍ୱାର ।
କବିତା ମୋ ଖୁଲଣା ସୁନ୍ଦରୀ
କେବେ ପୁଣି ଯୋଗୀର କେନ୍ଦରା ସୁରେ
କାନ୍ଦଣା ଲହରୀ
କବିତା ମୋ କେତେବେଳେ
ଉଦ୍ଧବକୁ ଭାଗବତ ଅର୍ଜୁନକୁ ଗୀତା
କବିତା ମୋ କଥା କହେ
ଅତି ମାନସର
କେବେ ପୁଣି ପେଟ ଚାଖଣ୍ଡକ ପାଇଁ
ଧୂଳିମାଟି ତେଲଲୁଣ ଚିନ୍ତା ।

କବିତା ମୋ କଥା କହେ ସାତତଳ ପ୍ରାସାଦର
ଚର୍ବ୍ୟ ଚେଷ୍ୟ ଲେହର ସିମ୍ଫୋନୀ
କେବେ ପୁଣି ଦରିଦ୍ର କୁଟୀରେ
ଅନ୍ନ ମୁଠେ ପାଇଁ; କାନ୍ଦୁଥାଏ ବାହୁନି ବାହୁନି ।

କବିତା ବନ୍ଦିନୀ କେବେ ଅଶୋକ ବନରେ
କେବେ ଇରାନୀ କିଶୋରୀ ସହକାର ତଳେ
କବିତା ଶିଖାଏ ଜନ୍ମମୃତ୍ୟୁର ରହସ୍ୟ
ସିଏ ପୁଣି ଉପବାସୀ ମନେ
କାର୍ତ୍ତିକର ପଂଚୁକ ହବିଷ୍ୟ

ହେଲେ...
କବି ଓ କବିତା ମଧ୍ୟେ ବଢ଼ିଚାଲେ
ଯେତିକି ଦୂରତା
ପାଠକ ପାଇଁ ପରଶେ ସେତିକି ଶଠତା
ଏଣୁ କବିତାର ବାର୍ତ୍ତା ବନ୍ଧୁ କାନ ଡେରି ଶୁଣ
ଛୁଇଁ ଯାଉ ଦେହମନ ତୁମ ପଂଚପ୍ରାଣ ।

♥ କୋରେଇ, ଯାଜପୁର-୭୫୫୦୨୨
ଫୋନ : ୯୮୬୧୪୩୫୨୯୯



▶ ନନ୍ଦ କିଶୋର ସିଂହ

# ନିଶା ଝରଣାରେ ଜୀବନ ଡଙ୍ଗା

## ଅରୁଣ କୁମାର ସାହୁ

ବିନା ନିଶାରେ କି ଜୀବନ
ବିନା ଆଶାରେ କି ମରଣ
ଆଦିବାସୀ ଜୀବନ ତ ନିଶାରେ ଭରିଛି
ପ୍ରତିଦିନ ଅନେକ ମୃତ୍ୟୁ
ମଣିଷ କି କେବେ କ'ଣ ଆଶାକୁ ଭୁଲିଛି ।

ଝଡ ତୋଫାନ ଓ ବର୍ଷାର ଅନ୍ତରାଳେ
ବଞ୍ଚୁଥାଉ ମୋର ଏ ପାହାଡି କୁଡିଆ
ପଶୁ ମାଂସ ମିଳୁଥାଉ ସାରା ବର୍ଷ ସାରା
ଗରମ ଧାଙ୍ଗିଡି ମିଳନ୍ତୁ ମନ ଯେବେ ଯାହା
ପିଲାମାନେ ବଞ୍ଚିଥାନ୍ତୁ ବାଘ ଏବଂ ଗଧିଆ ମୁହଁରୁ
ମୁଁ ବି ବଞ୍ଚି ରହିଥାଏ ଠିକାଦାର କୃପା ଏବଂ
ମହୁଲି ବିନା ବଞ୍ଚିବା ଦିନଙ୍କ ଡାଉରୁ ।

ହଁ ଖାଲି ଏତିକି ଆଶାରେ ବିତିଯାଏ
ଆଦିବାସୀ ମଣିଷର ତମାମ୍ ଜୀବନ
ଖାଲି ଏତେକ ପୂର୍ଣ୍ଣତାରେ ସଫଳ ହୁଏ
ଆମ ସବୁ ମନୋକାମନା ଓ ମଣିଷ ଜୀବନ
ମଧୁମେହ ରକ୍ତଚାପ ଅନେକ କିଛି ଅନେକ ଦୂରରେ
ଏ ନିଷେଧାଦେଶ କିଏ ସଜାଡି ଦେଇଛି
ଆମ ଦେହ ଜିନ୍ ଓ ରକ୍ତରେ
ଆଉ କିଛି ରୋଗ ନାହିଁ ଏ ଜୀବନ ଚକ୍ରରେ
ଦେହ ଏଠି ରୋଗଯୁକ୍ତ
ଖାଲି ଯାହା ନିଶାର ନିଶାରେ ।

ସେ ପାଇଁ ତ ଆଦିବାସୀ ଜୀବନ ବି ସରିଯାଏ
ଚାଳିଶି କି ପଚାଶ ବର୍ଷରେ
ନିଶା ନିଜେ ଖାଇଦିଏ ଆମର ତିରିଶ ବର୍ଷ



▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର

ଆମେ ଖାଉଥିବା ନିଶାର ବିଷରେ ।

ମହୁଲ ଗଛରେ ଯେଉଁ ଫୁଲ ଆସେ
ତା' ନିଜସ୍ୱ ମହୁଲି ରଙ୍ଗରେ
ଦେହ ମନ ପ୍ରାଣ ଉଲୁସି ଉଠେ ମହୁଲ ଗନ୍ଧରେ
ମହୁଲି ରନ୍ଧାହୁଏ ନିଶାର ନିଆଁରେ ।
ମହୁଲି ମାଠିଆରେ ଉଛୁଳି ଉଠେ
ମାଆ ଟିକେ ଚାଖିଦେଲା ପରେ
ତା'ପରେ ତ ମହୁଲି ପିଇ ମାତାଲ ଜୀବନ
ତା'ପରେ ତ ଖାଲିଟାରେ
ଆକାଶରେ ଉଡିବାର ଦିନ
ଆଉ କି ଜୀବନର କଷ୍ଟ କିଛି ଆଉ ଜଣା ପଡେ
ଆଉ କି ଧାଙ୍ଗିଡିର ଦେହ ସନ୍ତୁଷ୍ଟି ପାଇଁ
ଯୌବନର ଖୋଜାଲୋଡା ଦରକାର ପଡେ ।
ଆଉ କ'ଣ ବାଘଭାଲୁ ଝଡବର୍ଷା କେହି ବି ଡରାଏ
ସାହୁକାର ସରକାର ଏକାକାର ସବୁ
ଠିକାଦାର ମାଡର ଦରଜ ଦେହରେ
ଆଉ କ'ଣ କିଛି ଜଣାପଡେ ।

ମହୁଲି ନଆସିଲେ ଚାଉଳି ଯେ ଆସେ
ସରାଗରେ ରତିକ୍ରୀଡା ସ୍ଥୁଳରେ ସ୍ଥୁଳରେ
ରତିକ୍ଳାନ୍ତ ଆଦିମ ବାସୀ ଶୋଇପଡୁ ଆମେ

ଘନଘୋର ନିଶାକାଳେ ନିଶାର କୋଳରେ
ରାତ୍ରିରେ ମୁଁ ସ୍ୱପ୍ନ ଦେଖେ ଚାରିପାଖେ ବନ୍ୟା
ରଙ୍ଗ ବେରଙ୍ଗ ପାଣିର ଘର ଓ ଘେରିରେ
କିଏ ସେ ପୁଂଣି କେଉଁଠୁ ପଚାରେ
ଚାଉଳି ନା ମହୁଲି ଭଲ
କାଦମ୍ବରୀ କେମିତି ଲାଗେ ଯେ
ଏ ପ୍ରଶ୍ନର ଉତ୍ତର ଖାଲି ପ୍ରଶ୍ନ ଭରିଦିଏ
ଆଦିବାସୀ ମଣିଷ କି କେଉଁଠି କେବେ
କାହାକାହା ପ୍ରଶ୍ନରେ କି ଉତ୍ତର ଫେରାଏ ।

କାହାକୁ ସେ ପ୍ରଶ୍ନ ବି କରେନା
ନା ତା' ପାଖରୁ କେବେ କିଛି ଉତ୍ତର ମିଳିଛି
ସେ ତ ଜଙ୍ଗଲର ନିର୍ବାକ ଏକ ସିଧାସାଧା ଗଛ
ବଞ୍ଚି ରହିଥାଏ ତା'ର କଟା ପାଳି ଯାଏ
ନିଶାର ସାର ମିଳୁଥାଏ ଇଆଡୁ ସିଆଡୁ
ସାର ଗଛକୁ ନିଜେ ଜାଳିଦେବା ଯାଏଁ ।

ଡାଳଡାଳ ମହୁଲିର ନିଶା ମିଳିଗଲେ
ଧାଡିଧାଡି ଧାଙ୍ଗିଡିଙ୍କ ଆଶାସବୁ ବାଟ ଭାଙ୍ଗିଯାଏ
ଜୀବନ ଯେବେଠୁଁ ଯୌବନକୁ ନାହିଁ କରିଦେଲା
ସେବେଠାରୁ ସାରା ନିଶା ଶାନ୍ତ ହୋଇଗଲା ।

ଆଉ ଥିବା ବାକି ଜୀବନ ପାଇଁ
ଅସରନ୍ତି ନିଶାର ବୋତଲ ସବୁ
ଆପେଆପେ ପହଞ୍ଚିଯାଏ ବିନା ଇସାରାରେ
ବିନା ଇସ୍ତାହାରରେ ବି କିଏ ପହୁଞ୍ଚାଇ ଦିଏ ।
କିଏ କହେ ନିଶା ଆମ ଦେହ ବିଦେହକୁ
ଖାଇଖାଇ ଖୋକଲା କଲାଣି
କିଏ କହେ ଆଦିବାସୀ ବାହୁରେ ଥିବା
ଶାଳକାଠର ତାକତ୍ ସବୁରେ
ନିଶା କଂସେଇର ଉଇ ଲାଗିଲାଣି ।
କିଏ କହେ ମାତ୍ର ଚାଳିଶ ବର୍ଷର ଜୀବନ ଆୟୁରେ
ନିଜେ ହିଁ ନିଜ ଅସମାପ୍ତ ଜୀବନ ବାକ୍ୟରେ
କେତେବେଳେ ପୂର୍ଣ୍ଣଚ୍ଛେଦ ଲଗେଇ ଦେଲାଣି ।

ହୋଇଥାଉ ଏମିତି ଏ ପୂର୍ଣ୍ଣଚ୍ଛେଦ
ଜୀବନର ଚାଳିଶ ବର୍ଷରେ
ଏ ଛୋଟିଆ ବାକ୍ୟଟାର ମଝିରେ ମଝିରେ
ଆଉ କିବା ଦରକାର କମା ଅବା
ରହସ୍ୟର ପ୍ରଶ୍ନବାଚୀଟିଏ
ସରଳ ବାକ୍ୟ ହୋଇ ଆସିଥିଲା
ଏମିତି ଏକ ସହଜ ବୟସ
ସବୁ ଆଶାର ଊର୍ଦ୍ଧ୍ୱରେ ଟେକିଦେଇ
ନିଜ ଭଙ୍ଗାଦେହର ଶୀର୍ଣ୍ଣ ଦୁଇ ବାହୁ
ଚୁପ୍‌ଚାପ୍ ଚାଲିଗଲା ବିନା ଭୂମିକାରେ
ନିଶା ଝରଣାରେ ଜୀବନର ଡଙ୍ଗା ବାହିଦେଇ ।



▲ କବି ଅରୁଣ କୁମାର ସାହୁ

♥ ଡିଜିଏମ୍ : ନାଲ୍‌କୋ, ଭୁବନେଶ୍ୱର
ଫୋନ: ୯୪୩୭୧୫୫୬୧୭

# ସ୍ୱପ୍ନ ପ୍ରଜାପତି

## ଅଖିଳ କୁମାର ମିଶ୍ର

ସେ ପିଛିଲା ଦିନରୁ ଆସେ କି
ଏଇ ଲାଗେ ମତେ ଦିଶେ,
ହୃଦୟକୁ ଠିକ୍ ଜଣା ପଡ଼େନି ।
ମତେ ସେ ମାଗେ, ଲମ୍ୱା ଲମ୍ୱା ରାତିର ହିସାବ,
ମୋ ନିରବତାର ସବୁଠୁ ସୁନ୍ଦର କ୍ଷତ,
ମୋ ଖୋଲା ପଢ଼ାବହିର ପୃଷ୍ଠାସବୁ ସେ ଖେଳାଏ
ବିଛୁଡ଼ି ପଡ଼ିଥିବା ବିଛଣାକୁ ଚାହେଁ ।

ଭଲ ପାଇବା ଏକ ଫୁଲଦାଗ,
ପ୍ରଥା ଓ ବିଶ୍ୱାସର ଥାଏ,
ନକଲ ସମୟ ସେ ମାଗେ ମୋ ଖାଲି ହାତରୁ,
ପାପୁଲିକୁ ମୁହଁରେ ଦେଇ ସେ ସିଟି ମାରେ,
କେତେ ଧ୍ୱନି ବାଜେ, ସ୍ୱର ଆସେ ନାହିଁ
ରାତିଟା ସାହି ଭଳି ଢଳିଯାଏ ।

ବୋଧହୁଏ ଖୁବ୍ ଚର୍ଚ୍ଚାରେ ଥିଲେ,
ସହରର ଝଙ୍କାଳିଆ ଗଛ, ଅମାନିଆ ନଦୀ,
ଭିଡ଼ରେ ହଲି ଯାଉଥିବା ବ୍ରିଜ୍ ଓ
ପାଗଳ ପରି ଧାଉଁଥିବା ଗାଡ଼ିମୋଟର
ସବୁଠୁ ମିଶାଇ ଦେଲେ ଯୋଉ ଚାହାଣୀ
ଆଜି ବି ରାଣ ଖାଏ, ପ୍ରତିବଦ୍ଧତାରେ ।

ପ୍ରେମିକର ରାସ୍ତା କେବେ ସରିଯାଏ,
କେବେ ବଦଳିଯାଏ,
କେବେ ଅଚାନକ ରହିଯାଏ ।

ଚିତ୍ରିତ ବିଛଣାରେ,
ଯିଏ ଅପେକ୍ଷା କରିଛି,
ସିଏ ମତେ ନୁହଁ
ମୋ ସ୍ୱପ୍ନକୁ ଚାହିଁଚି ।

♥ ଅତିରିକ୍ତ ମହାନିର୍ଦ୍ଦେଶକ, ପତ୍ର ସୂଚନା କାର୍ଯ୍ୟାଳୟ,
ଭାରତ ସରକାର, ଦୋରଲା, ରାଞ୍ଚି
ଫୋନ: ୭୯୭୮୩୬୬୭୬୦



▲ ଫଟୋ: ଅଖିଳ କୁମାର ମିଶ୍ର



▲ ଚିତ୍ର : ଶିଳ୍ପୀ ମାନମୟୀ ରଥ

# ଦୁଇଟି କବିତା

## ସିତାଂଶୁ ଲେଙ୍କା

**୧. ବାଟ**

ଏ ବାଟ
କେତେ ସହଜ ସରଳ
ପୁଣି କେତେ ଯେ କଣ୍ଟକିତ

ସେ କେବେ ମନେରଖେନା
କାହାକୁ ବି
ବାଟକୁ ଆମେ ମନେରଖୁ

ବେଳେ ବେଳେ ଭୁଲିଯାଉ ବାଟ
ଜାଣେ
ବାଟ ଅବାଟ ହେଇଯାଏ ମୋର
ମୁଁ ଧାଏଁ
ଅଣନିଃଶ୍ୱାସ ହେଇ ଧାଏଁ
ଅବାଟ ବି ଗୋଟେ
ବାଟ ନୁହେଁ କି ବନ୍ଧୁଗଣ
କୁହନ୍ତୁ ନା ?
ସତରେ ମୁଁ ଅବାଟରେ
ବାଟ ଖୋଜୁଥାଏ ।

ଅହରହ ଖୋଜାଖୋଜିରେ
ଲୁହଲହୁରେ
ପାଇଯାଏ ଯେଉଁ ବାଟ
ସେ ବାଟରେ ଖାଲି କଣ୍ଟା
ମୋତେ ଫୋଡ଼ି ଫୋଡ଼ି ମାରେ
ଓ ମୁଁ
କବିତା ହେଇଯାଏ ।

**୨. ଯାଏଁ**

ଯାଏଁ ଦେଖେ
କୋଉଠି କୋଉଠି ଛିଟ୍‌କି ପଡ଼ିଚି
କବିତାର ଗଣ୍ଠିଘର
ଆଲୁଅ ସେପାଖରେ ଯେଉଁ ଅନ୍ଧାର
ରକ୍ତ ସେପାଖରେ କରାଳ
ଜୀବନ ସେପାଖରେ ଯେଉଁ ମାଟି ଓ ମଟାଳ
ଯୌବନ ସେପାଖରେ ଉଲଗ୍ନ
ନଈ ସେପାଖରେ
ଗାଁ ସେପାଖରେ  ସବୁଜ କ୍ଷେତ
ଜଙ୍ଗଲ ସେପାଖରେ ବସ୍ତି

ଭୋକ ସେପାଖରେ
ଯୁଦ୍ଧ ସେପାଖରେ ଯେଉଁ ଆଁ

ଶୋଷଣ ସେପାଖରେ ବାସ୍
ସେଇଠି ନା ଆଉ କେଉଁଠି
ତେବେ
ଯେଉଁଠି ହେଉନା କାହିଁକି
କବିତାର ନିଆଁ ଝୁଲାରେ
ଆମକୁ ଜନ୍ମ ନେବାକୁ ପଡ଼େ ବାରମ୍ୱାର
ବାରମ୍ୱାର ଯିବାକୁ ପଡ଼େ
କବିତାର ସେଇ ଘର ଭିତରକୁ

ଯାଏଁ
ତାହେଲେ ।

♥ ମେଘଦମ୍ବରୁ, କୁରୁଡ଼ା, ବାଲେଶ୍ୱର-
୭୫୬୦୫୬, ଫୋନ:୯୦୪୦୪୪୭୨୭୯





▲ ଫଟୋ: ସିତାଂଶୁ ଲେଙ୍କା

# ଜୀବନ ଦୁର୍ଲଭ

**ଡକ୍ଟର ସୁଷମା ମିଶ୍ର**

କେଉଁ ରୂପ ନେଇ କେଉଁ କ୍ଷଣରେ
କିଏ ସେ ଜନ୍ମ ନେବ ମହୀମଣ୍ଡଳରେ
ଅଛି କି ନିଜ ଆୟତ୍ତରେ ।
କେହି ଅଜାତ ଜନ୍ମିବା ଆଗରୁ
ଲୋଡ଼ି ପାରେ କି ଆପଣାର ଜନ୍ମ !
ସୃଷ୍ଟିର କୋଳରେ ଭୂମିଷ୍ଠ ହେବାର ମୁହୂର୍ତ୍ତ
ସବୁରି ପାଇଁକି ନୁହେଁକି ଅଯାଚିତ !
ଅଦୃଶ୍ୟ ଜଗତକାରଙ୍କ
ଦୃଶ୍ୟମାନ ଜଗତରେ
ଆୟୁଷ୍କାଳ ଭୋଗିଲା କାଳରେ
କେହି କ'ଣ ଭେଦିପାରେ ଜନ୍ମ ରହସ୍ୟ !

ଅନୁଭବୀ ସାଜିଲା ଦିନରୁ
ଦୁନିଆର ଅଙ୍ଗନରେ
କେତେ ବିଚିତ୍ର ଲାଗୁଛି
ଚଉପାଖରୁ ଯେ ଅନ୍ତରୀକ୍ଷ
ବିସ୍ତାରିତ ହୋଇଯାଉଛି
ମୋ' ବଶୀଭୂତ ନେତ୍ର
କେତେ ନା କେତେ ପ୍ରାପ୍ତି
ମୋତେ କୋଳେଇ ନେଉଛି
ସାଉଁଟିବାରେ ଲାଗିଛି ମୁଁ ପ୍ରତିଟି ଅନୁଭବରୁ
ଜୀବନର ବିନ୍ଦୁ ବିନ୍ଦୁ ସ୍ୱାଦ ।
ମୋ ସୁଖରେ ଦୁଃଖରେ
ସମଭାଗୀ ହୋଇଛି ମାଟିରୁ ଆକାଶ
ଆକାଶକୁ ଖୁମ୍ବ ହୋଇ
ମୋ ପାଇଁକି ରହିଛନ୍ତି ଯେତେ ପରିଜନ ।
ଭଲରେ ମନ୍ଦରେ ମୋତେ ବେଢ଼ି ରହିଛି
ପରିଚିତ କୋଳାହଳରୁ ଅଚିହ୍ନା କୂଜନ ।



▶ ଡକ୍ଟର ସୁଷମା ମିଶ୍ର

ପବନ ଆଉଁଷି ଦେଇଛି
ଯେତେଥର ମୁଁ ନୟାନ୍ତ ହୋଇଛି ପ୍ରତିକୂଳତାରେ,
ନଈ ମୋତେ ଶିଖାଇଛି
ଦୁଇପାଖ ଯୋଡ଼ିବାକୁ ବିଭାଜିତ କାଳରେ
ସମୁଦ୍ର ମୋତେ ଦେଇଛି
ସିନ୍ଧୁଏ ଉଦ୍‌ବେଳନ ଭଲପାଇବାର ,
ପାହାଡ଼ ମୋତେ ଚଢ଼ାଇ ଦେଇଛି
ସ୍ୱପ୍ନର ପାହାଚ
ଛୁଇଁବାକୁ ଶୀର୍ଷ ବିନ୍ଦୁ ସଫଳତାର ।

ଯେବେଠାରୁ ନିଠେଇ ଦେଖିଛି ପରିପାର୍ଶ୍ୱକୁ
ପ୍ରେମେଇ ଯାଇଛି ଭିତରେ
କେତେ ବଡ଼ ଭାଗ୍ୟ ମୋର
ମୁଁ ଜନ୍ମ ନେଇଛି ଏଇ ସୁନ୍ଦର ପୃଥିବୀରେ ।
ଅନନ୍ତ ସୃଷ୍ଟିର ଭାବୟିତ୍ରୀ ସାଜିଲା ଦିନରୁ
ଲୁଟିଛି ଜିଇଁବାର ପ୍ରକୃତ ଆନନ୍ଦ,
ଆନନ୍ଦିତ ହେଲା ବେଳେ
ତଥାପି ମୁଁ ଗଣୁଛି ପ୍ରମାଦ
ବିତାଇ ଆସିଲିଣି ଅଧାରୁ ଅଧିକ କାଳ
ଆୟୁଷର ଅସ୍ତାଚଳେ ଅଛି ବୋଲି
ଆଉଥରେ ଉଦିତ ସକାଳ ।

ମହାକାଳ ଆସିବ ତ ଦିନେ
ବୁଜିବାକୁ ଜୀବନର ଦୀପ ।
ଜନ୍ମ ପରି ମରଣକୁ କିଏ ବା ଜାଣିଛି !
ବଞ୍ଚିବାକୁ ଚାହିଁଲେ ବି
ମୃତ୍ୟୁର ଗାରକୁ କେବେ ମଣିଷ ଲଂଘିଛି !

ଜଣା ନାହିଁ ଜୀବନ ସେପାରି କଥା
ମୃତ୍ୟୁ ପରେ ପୁନର୍ଜନ୍ମ କେତେ ଦୂର ସତ୍ୟ !
ଲଭିଥିବା ଚଳନ୍ତି ଜନ୍ମଟି
ଲାଗେ ମୋତେ ଏକାନ୍ତ ଦୁର୍ଲଭ,
ଜୀବନର ବହମାନ ସ୍ରୋତ ।

ଗ୍ରାସିବା ଆଗରୁ ଆସି ଅନାହୂତ କାଳ
ମୋ ଭିତରେ ସଞ୍ଚିଥିବି ବଞ୍ଚିବାର ମୋହ
ଅନ୍ତିମ ପ୍ରଶ୍ୱାସ କାଳେ
ସୃଷ୍ଟିମଧୁ ଢୋକିନେବି ଗଙ୍ଗାଜଳ ପରି
ବିଶ୍ୱର ବିସ୍ମୟ ପାଶେ
ଶେଷ ଲୟ ଥାପି ଦେବି ନିଜକୁ ବିସ୍ମରି ।

♥ ସ୍ୱନ୍ଦନ,ଖଣ୍ଡଗିରି ଏନ୍‌କ୍ଲେଭ୍,
ଭୁବନେଶ୍ୱର:୭୫୧୦୩୦
ଫୋନ : ୯୦୪୦୦୪୨୦୦୭

# ତୁମେ ଓ ବର୍ଷା

**ଇଂ. ସରୋଜ ମହାପାତ୍ର**

ଇଚ୍ଛା ଆକାଶରେ ତୁମେ ପୂର୍ଣ୍ଣ ରାତି
ମୁଁ ଭସା ବାଦଲର ମେଘ
ମନ କଳସୀର ହଳଦି ଗାରରେ
ତୁମେ ମହମହ ଗୋଟେ ଦାଗ ।

ଗରଜି ବରଷା ସ୍ମୃତି ଉଖାରିଲା
ଲାଜରେ ସଢ଼ିଲା ଦେହ
ପାଣି ଫୋଟକାରେ ସରମ ଭାସୁଛି
ଏ ବରଷା ଟିକେ ରହ !

ବାଦଲ ଫଟାର ଆଶଙ୍କା ଆକାଶେ
କେତେ ଅଭିସାର ଗାର
ନିବିଡ଼ତା କଥା ବୁଝିଛି ବୋଲି ତ
ଅବିରତ ବାରିଧାର ।

ସହର ନକ୍ସାରେ କେତେ ବକ୍ର ରେଖା
ବରଷା ଦେଇଛି ଟାଣି
ନାକତଳ ଜାଇ ଠିକଣା ଠାରରେ
ଜାଣେ, ତୁମକୁ ପାଇବି ପୁଣି ।

♥ ମହାନଗର ନିଗମ, ଭୁବନେଶ୍ୱର,
ଫୋନ: ୭୦୦୮୧୬୭୩୨୧



▶ ଇଂ. ସରୋଜ ମହାପାତ୍ର

# ପୃଥିବୀର ପୁନଃ ଅଙ୍କନ: ତିନୋଟି ନକ୍ସା

ଯୀଶୁକ୍ରିଷ୍ଟ ଦାସ

### ୧. ଶିଳ୍ପୀକରଣ

ମାୟାମୃଗର ମୋହ
ବାଟ କଢ଼େଇ ନେଲା
ଲୁହାର ମଞ୍ଚା ଆଡ଼କୁ,
ଯାହା ଉପରେ ଝୁଲୁଥିଲେ –
ମୁକ୍ତ ବଜାର, ପ୍ରଶସ୍ତ ରାଜପଥ
କଳକାରଖାନା ଓ ଅଦୃଶ୍ୟ ହାତ ଅଗରେ ଝୁଲନ୍ତା ପୋଲ ।

ମାୟା ମାରିଚର
'ତ୍ରାହି ଲକ୍ଷ୍ମଣ ତ୍ରାହି ଲକ୍ଷ୍ମଣ' ଡାକରେ
ଧାଡ଼ି କରି ଶ୍ରମିକ ସବୁ ଚାଲିଗଲେ
ମାୟାର କଣ୍ଟାବନକୁ,
ବଦଳରେ –
ଜଙ୍ଗଲରେ ନିଆଁ ଲାଗିଲା,
ପୃଥିବୀ ଗଡୁଥିଲା ତତଲା କଢ଼େଇ ଦେହରେ,
ସାର୍କ ପାଇଁ ସମୁଦ୍ରରେ ମାଇକ୍ରୋ ପ୍ଲାଷ୍ଟିକର ଦାନା ଯୋଗାଡ଼ ହେଲା ।
ମନେରଖ,
ତୁମେ ଲେଖୁଥିବା ପୁରାଣ ପୃଷ୍ଠାସବୁ
ସୁନାର ଲଙ୍କା ନିର୍ମାଣ ନକ୍ସା କେବଳ ।



▶ ଫଟୋ ଯୀଶୁକ୍ରିଷ୍ଟ ଦାସ

### ୨. ଜଗତୀକରଣ

ମାଗୁଣିର କେବେ ଶଗଡ଼ ହିଁ ନଥିଲା,
ଥିଲା ଖାଲି ଅନ୍ଧାର କିଟିମିଟିଆ ରାତି,
ଦୁଃସ୍ୱପ୍ନ ଓ ମୁଣ୍ଡତଳ ଗାମୁଛା ଗୁଣ୍ଡାରେ
ଅବଶୋଷର ରାତିଏ ନିଦ ।

ଦିନେ ନଈ ସୁଅରେ ଭାସିଗଲେ
ଗାଦିଘର ଖଟୁଲି, ଦୋଳ ଗୋବିନ୍ଦ ବେଦୀ
ମଠ ମହନ୍ତ ଜଣାଣ,
ଲାଗିଲା ଯାଇ ସହରର ସେଇ ଉପାନ୍ତରେ
ଯେଉଁଠି କ୍ୟାମ୍ପ୍ ଲାଗିଥିଲା
ଅନ୍ୟ ଦେଶରୁ ଆସିଥିବା ଲୋକଙ୍କ ପାଇଁ,
ଯାହା ପିଠିରେ ନାଉ ହେଇ ଆସିଥିଲା –
ଭୋକ, ବେସୁରା ସଙ୍ଗୀତ ରାଗ, ରୋଗ
ଯୁଦ୍ଧର ବାରୁଦ ଗନ୍ଧ ଓ ଅଜଣା ଏକ ଜୀବାଣୁ ।

ଅନ୍ୟମାନଙ୍କ ପରି ଛଳନା କରି ପାରିନି ମାଗୁଣି
ପୁଞ୍ଜିପତିର ବନିଶୀ ଖାଡ଼ି ଅଗରେ
ଥୁପ ହେଇ ଝୁଲୁଥିବା ବିକାଶ ଦେଖି ।

### ୩. ସହରୀକରଣ

ବଗଟିଏ
ପୋଖରୀ ପାଣି ଶୁଖିବା ନାଁରେ
ମାଛମାନଙ୍କୁ ଶିଖେଇ ସାଙ୍ଗରେ ନେଇ ଉଡ଼ିଯାଏ
ଅନ୍ୟ ଏକ ନଦୀର ଧୂମ୍ରାଭ ଦିଗରେ ।
ଦିନେ କଙ୍କଡ଼ା ପଚାରେ
ବାଟ ମଝିରେ କୁଢ଼ କୁଢ଼ କଙ୍କାଳ ହାଡ଼ କାହାର ?

ଏ ହାଡ଼ କାହାର ? କାହାର ଏ କଙ୍କାଳ ?

ଚାଷ ଜମିରେ ଇଟା ଓ କଂକ୍ରିଟ୍‌ର
ଚେର ଭିଡ଼ି ତିଆରି ରାସ୍ତା ଦେଇ
ବସ୍‌ଟିଏ ଗାଁ ଛକରେ ଲାଗେ,
ନିଜ ପିଠିରେ ଗାଁ ଲୋକଙ୍କୁ ବସେଇ
ଉଡ଼େଇ ନିଏ ରାତି ନଥିବା ସହରକୁ ।

ସହରୀ ଶରବିଦ୍ଧ ଜୀର୍ଣ୍ଣ ଦେହରେ
ସବୁ ଥାଇ ବି କେହି ନଥିବାର
ଅଭାଗା ବୁଢ଼ା ବାପଟି ପରି
ନିଜେ ଗାଁ ଖଟିଆ ଉପରେ ପଡ଼ି
ଆସନ୍ନ ମୃତ୍ୟୁ ପାଇଁ ପ୍ରସ୍ତୁତ ହେଉଥାଏ ।

♥ ନହଙ୍ଗ, କୁପାରୀ, ଖଇରା
ବାଲେଶ୍ୱର-୭୫୬୦୫୯
ଫୋନ:୯୬୬୮୫୯୭୫୪୪

# ପୁରୁଣା ଭଡ଼ାଘର ଖାଲି କଲା ବେଳେ

ସୁକୁମାର ଦାସ

ତାରି ଭିତରେ ମୁଁ ଇତିହାସ ପାଲଟି ଗଲି ।
ସବୁ ନେଇଗଲି, ଆଳିମାଳିକା ବାକ୍ସ-
ପୁରୁଣା ଝାଡୁ, ଟିଣଡବା, ଖାଲି ବୋତଲ
ଭଙ୍ଗା ଚଷମା, ପୁରୁଣା ସପମଶିଣା
ଏମିତିକି ପାଇଖାନାରେ ଥିବା ଭଙ୍ଗା-
ବାଲ୍‌ଟି ଓ ପୁରୁଣା ମଗ୍ ।

ବାହାରକୁ ଆସି ଦେଖିଲି
ସ୍ମୃତିର ଦିନଗୁଡ଼ିକ କିପରି ଦୁଃଖରେ
ଲୋଟି ପଡୁଛନ୍ତି ହୃଦୟର ଦଲିଲ ଭିତରେ ମୋର
ନିଜ ଭିତରର ଆବେଗ ଓ ଖୋଲାମେଲା
ହୃଦୟ କିପରି କାନ୍ଦି ଉଠୁଛି ।
ଦୀର୍ଘ ବର୍ଷର ସମ୍ପର୍କ କିପରି କୁରୁଳି ଉଠୁଛି
ଆଖିର ଲୁହ ଗୁଡ଼ିକ ଅମାନିଆଁ ବୋହି ଚାଲିଛି,
ଛଳନା ଓ ପ୍ରବଞ୍ଚନା ଲୁଚିଯାଇଛି,
ହଜିଯାଇଛି ଚତୁର୍ଦ୍ଦିଗ ।

କିଏ ଜଣେ ଡାକୁଛି ଗୋପନରେ
ସ୍ମୃତିର ଚାଦର ପିନ୍ଧି କଇଁ କଇଁ କାନ୍ଦୁଛି
ଯୋଉଠି ବିତି ଯାଇଛି ଦୀର୍ଘବର୍ଷର
ନିବିଡ଼ ସମ୍ପର୍କର ମଧୁର ମିଳନ
ସ୍ତ୍ରୀଙ୍କ ସହିତ ସ୍ନେହ ଓ ପ୍ରେମର ଆଲିଙ୍ଗନ
ରୋଗୀଣା ମାଆଙ୍କୁ ସେବା ଶୁଶ୍ରୁଷା କରିବାର
ଦୀର୍ଘ ଅନୁଭୂତି, ସବୁ ମନେ ପଡୁଛି
କମ୍ପାନୀ ଚାକିରୀର ଅଭାବ, ଅନଟନ
ଦୁଃଖ ଦାରିଦ୍ର୍ୟ, ହଜିଲା ଅତୀତ ହାତ ଠାରି ଡାକୁଛି,
ଆମକୁ ସବୁ ଛାଡ଼ି ଯିବାକୁ ହେବ
ପ୍ରେମ ପ୍ରଣୟ, ଚୋରା ହସ, ପ୍ରେମିକାର ନିବେଦନ
ଓ ଭଗାରୀର କଟାକ୍ଷ ବାଣ, ଛଳନାର ଯଉଘର ।

ଶେଷ ନିଃଶ୍ୱାସ ଯିବା ପୂର୍ବରୁ
ସ୍ମୃତିଗୁଡ଼ିକ ଶଢର ଖେଳାଳି ପାଖରେ
କଇଁ କଇଁ କାନ୍ଦନ୍ତି ବୋଲି ଜାଣିବା ପରେ
ସେମାନଙ୍କୁ ଲେଖି ଦେଲି ସାଦାକାଗଜର ପୃଥିବୀରେ
ନିସ୍ତାର ନେବାକୁ, ବିଦାୟ ପୂର୍ବରୁ ।

♥ କବି ସଂସାର, ଆରୁହାବୃତ୍ତି, ଭୋଗରାଇ,
ବାଲେଶ୍ୱର-୭୫୬୦୭୯,
ଫୋନ:୭୯୭୮୨୬୨୮୭୪


▲ କବି ସୁକୁମାର ଦାସ

# ରେବତୀ

ଦୀପ୍ତି ଦାସ

ଆଜି ବି ରେବତୀ
ନିଆଁ ଚୁଲି ପାଉଁଶରେ
ନିଃଶ୍ୱାସକୁ ପୋତି ଦେଇ
କାଠ ହୋଇ ଜଳିଯାଉଛି
କ୍ଷୀର ହୋଇ ଉତୁରି ପଡୁଛି
ପାଣି ହୋଇ ହାଣ୍ଡିରେ ଫୁଟୁଛି
ଟଙ୍କାଏ ଚାଉଳ ହୋଇ
ଭାତ ହୋଇ ଫୁଟି ଫୁଟି ବାସୁଛି

ସଂସାରର ସାତତାଳ ପାଣିରେ
ବୁଡ଼ି ଉଠି ପୁଣି କୂଳରେ ଲାଗି
ଦୂବ ହୋଇ କଅଁଳି ଯାଉଛି
ଆଜି ବି ରେବତୀର ଆଖି ତଳେ
ପଲକରେ ପ୍ରେମର ପୁଲକିତ ଢେଉ
ମରମେ ମଉନେ ଜଳେ
ଯୌବନର ଯଉ
ସେ ତ ଆଜି ବି ଅପହଞ୍ଚ ଇଲାକାର
ନିଘଞ୍ଚ ବନାନୀର ବ୍ୟଥା
ଫକୀରମୋହନଙ୍କ ସୃଜନର ଅନୁପମ କଳା
ବିମ୍ବିତ ପ୍ରତିବିମ୍ବ

▼ ଚିତ୍ର : ଶିଳ୍ପୀ ନିତ୍ୟାନନ୍ଦ ସାହୁ



ଲୁହରେ ଢଳଢଳ କରୁଣ କଥା ଓ କବିତା

ରେବତୀର ଆଖି ଆଜି ଖୋଜୁଥାଏ
ଉଦୟର ଅନୁରାଗ ବିନ୍ଦୁଏ ଆକାଶ
ପାଦର ପାଉଁଜିରେ ଛଳଛଳ ଛନ୍ଦ
ଅନାହତ ନିଷ୍ପାପ ନିର୍ଝର
ଝରିବାର ଅନନ୍ତ ନିଶାରେ
ଖୋଜୁଥାଏ ଦଶଦିଶା
ବିକାଶର ବିନ୍ଦୁଏ ବତାଶ

ଶୈଶବର ସିଲଟରେ ଅଲେଖା ଅକ୍ଷର ପରି
ଲୁଚି ଯାଉଛି ଢେଉ ଏକ ଶୂନ୍ୟ ମୁଣ୍ଡଳିରେ
ସବୁ ଗ୍ରହ ନକ୍ଷତ୍ର ଯେମିତି ଖୋଜୁଛନ୍ତି
ରେବତୀର ଭାଗ୍ୟର ଠିକଣା
କେଉଁ ଏକ ଜ୍ୟୋତିଷର ହାତଲେଖା
ତାଳପତ୍ର ଶୁଖା କୁଣ୍ଡଳିରେ

ଅପହଞ୍ଚ ଇଲାକାର ଓଢଣି ତଳେ
ଜଳେ ତାର ସ୍ୱପ୍ନର ସଂଜ୍ଞା
ବୀଜ ତଳ ଆଉଟା ଅନ୍ଧାର ଯେମିତି
ଭାଗ୍ୟ ଭୋଗ ଥାଳରେ ନ ପାହିବା ରାତି

ସତେକି ରେବୀ ରେବା
ରୁବି ଓ ରେବତୀ ସବୁ ନିରିମାଖି

ଏକାପରି ଆଖିର ଅକ୍ଷର
ଏ ଧରାରେ ଧାରା ହୋଇ
ଅମୃତ ଲେଖନୀ ହୋଇ
ସୃଜିବାକୁ ଚାହେଁ ତାର
ସୃଜନ ସ୍ୱାକ୍ଷର
ସତେ ଅବା ଆଜିବି ଆମ ରେବତୀ ମାନେ
ମାଟି ପାଣି ଓ
ପବନର ମୁଗ୍ଧ ମଧୁସ୍ୱରେ ।

♥ ଅରଡ଼ ବଜାର, ବାଲେଶ୍ୱର-୭୫୬୦୦୧
ଫୋନ : ୯୮୬୧୪୬୬୪୫୩


▼ କବି ଦୀପ୍ତି ଦାସ

# ନ ଦେଖିଥିବା ଦିନ




**ତରୁଣକାନ୍ତି ମିଶ୍ର**
୧୩୭, ଲୁଇସରୋଡ଼୍, ବିଜେବି ନଗର,
ଭୁବନେଶ୍ୱର-୭୫୧୦୧୪
ଫୋନ: ୯୩୩୭୧୦୨୩୪୦


ଅଳଂକରଣ : ଲୋପାମୁଦ୍ରା ପରିଡ଼ା



ତରୁଣକାନ୍ତି ମିଶ୍ର

'ମାଆ, ଆକାଶ କେତେ ସୁନ୍ଦର !'

ଏଗାର ବର୍ଷର ପିଲାଟି କହିଲା, ପାର୍କର ସିମେଣ୍ଟ ବେଞ୍ଚ୍‌ରେ ବସି ସାରି ।

ସ୍ତ୍ରୀଲୋକଟି ହାତରେ ଥିଲା ଗୋଟିଏ କନା ବ୍ୟାଗ୍, ଟିକିଏ ଭାରି, ଟିକିଏ ପୁରୁଣା । ସେ ବସିଲା ପିଲାଟି ପାଖରେ । କହିଲା, 'ହଁ ରେ ଧନ । ସୁନ୍ଦର ।'

ପିଲାଟି ଦୀର୍ଘ ପ୍ରଶ୍ୱାସରେ ଟାଣି ନେଲା ପାର୍କର କିଛି ବିଶୁଦ୍ଧ ପବନ, ଯେପରିକି ତାହାରି ଭିତରେ ରହିଛି ଆକାଶର ଭଗ୍ନାଂଶ ।

ସେ କହିଲା, 'ଆଜି ବୋଧେ ସେ ପିଲାମାନେ ଖେଳୁ ନାହାନ୍ତି । କାଇଁ କିଛି ତ ପାଟି ଶୁଭୁନି !'

ସ୍ତ୍ରୀଲୋକଟି ଦେଖିଲା ପାର୍କର ବିସ୍ତୀର୍ଣ୍ଣ ପରିସୀମା, ବହୁତ କମ୍ ଲୋକ ଥିଲେ ପାର୍କରେ । ଖରା ଆଉ ଟିକିଏ କମିଲେ, ଗହଳି ବଢିବ । ସ୍କୁଲ୍ ପିଲାଏ ବି ଆସି ପହଞ୍ଚି ଯିବେ ଗୋଟି ଗୋଟି ।

'ଆଜି କେତେ ତାରିଖ ମାଆ ?'

'ଏକୋଇଶ ତାରିଖ ।' ମାଆର ସ୍ୱର ମୃଦୁ, ଅନ୍ୟମନସ୍କ ।

'ଆଜି ତେବେ ବର୍ଷର ଶହେ ତେସ୍ତରୀ ଦିନ ।' ପିଲାଟି କହିଲା ସମୟ ନଷ୍ଟ ନ କରି, 'ତୁମେ ଭାବୁଥିବ ଶହେ ବାସ୍ତରୀ । କିନ୍ତୁ ଏ ବର୍ଷଟା ପରା ଲିପ୍-ଇୟର୍, ଫେବୃଆରୀ ମାସରେ ଅଣତିରିଶ ଦିନ !

... ଆଉ ତୁମ ଜନ୍ମ ଦିନ ରହିଲା ଠିକ୍ ଶହେ ଅଠର ଦିନ ।'

ସ୍ତ୍ରୀଲୋକଟି ବ୍ୟାଗ୍ ଭିତର ଅଣ୍ଡାଳିଲା, ପଚାରିଲା, 'ପାଣି ପିଇବୁ ?'

ପିଲାଟି ମୁଣ୍ଡ ହଲାଇ ମନା କଲା, କହିଲା, 'ନା । ପିଇଲେ ମୂତ ମାଡ଼ିବ ।'

ପିଲାଟି ପିନ୍ଧିଥିଲା ଗୋଟିଏ କଳା ଚଷମା । ମୁହଁରୁ ଚଷମା କାଢ଼ି ସେ ଆଖି ପୋଛିଲା; ଆଖିପତାକୁ ଧୀରେ ଧୀରେ ଛୁଇଁଗଲା ଲେଉଟାଣି ଖରା ଓ ପବନ । ସେ କହିଲା, ‘ଆକାଶ ବହୁତ ସୁନ୍ଦର ।’

ସେ ପୁଣି କହିଲା, ‘ଆଜି ସକାଳେ ମୁଁ ଗୋଟେ ଗୀତ ତିଆରି କରିଥିଲି, ମନେ ମନେ । ‘ଆକାଶ ଦିଶୁଛି କେତେ ସୁନ୍ଦର, ପ୍ରଭୁ ହେ ତୁମକୁ ଜୁହାର’ କିନ୍ତୁ ତା’ପରେ ଭାବିଲି, ଏଇଟା ଭୁଲ୍ ହେଇଗଲା । ‘ଦିଶୁଛି’ ବୋଲି କେମିତି କହିବି ଯେ ! ମୁଁ ତ ଆକାଶ ଦେଖିନି ବହୁତ ଦିନ ହୋଇଗଲାଣି ।’

ପିଲାଟି ତା’ପରେ କଳା ଚାଷମାଟି ପିନ୍ଧିଲା ଯତ୍ନରେ ।

ସ୍ତ୍ରୀଲୋକଟି ପଚାରିଲା, ‘କେକ୍ ଖାଇବୁ ? ଭଲ କେକ୍ ଆଣିଛି ।’

ପିଲାଟି ହାତ ବଢ଼ାଇ କେକ୍ ନେଲା, କଳେ ଖାଇ କହିଲା, ‘ତୁମେ ଆଗରୁ ବଢ଼ିଆ କେକ୍ ତିଆରି କରୁଥିଲ । ଏଇ ଦୋକାନ କେକ୍ ଜମା ସେମିତି ନୁହେଁ ।’

ସ୍ତ୍ରୀଲୋକଟି କହିଲା,‘ହଉ, ଦିନେ କରିଦେବି ।’

ପିଲାଟି କହିଲା, ‘ତୁମ ହାତ ତିଆରି କେକ୍ ମୁଁ ଖାଲି ବାସନାରୁ ହିଁ କହିଦେବି, ଦେଖିବା ଦରକାର ନାହିଁ –

...ଅବଶ୍ୟ ମୁଁ ତ କିଛି ଦେଖି ପାରେ ନାହିଁ ।’

ପିଲାଟି କେକ୍ ଖାଇସାରିଲା, ଗୋଟିଏ ଦରକାରୀ କଥା କହିଲା ପରି କହିଲା, ‘କାଲି ମୁଁ ସ୍ୱପ୍ନ ଦେଖୁଥିଲି ରାତିରେ । ବହୁତ ସମୟ ।’

ଟିକିଏ କିଛି ଚିନ୍ତା କଲା ପରି, ନୀରବ ରହି ସେ କହିଲା, ‘ମୁଁ ଆଗରୁ ଭାବୁଥିଲି, ଅନ୍ଧମାନେ ବୋଧେ ସ୍ୱପ୍ନ ଦେଖି ପାରନ୍ତି ନାହିଁ । କିନ୍ତୁ ସେଟା ଠିକ୍ ନୁହେଁ । ଦେଖି ପାରନ୍ତି । ମତେ କିଛି ଦିଶୁନି ବାହାରଟା, ପୁରା ଅନ୍ଧାର ସବୁଆଡ଼, କିନ୍ତୁ ମୁଁ ସ୍ୱପ୍ନ ଦେଖି ପାରେ । ସବୁ ଭଲ ଭାବରେ ! ... ଆକାଶ, ମେଘ, ଫୁଲ, ଗଛ, ପତ୍ର, ଚଢ଼େଇ, ମଣିଷ, ଏମିତି କି ତୁମ ଆଖିତଳର କଳା ଢାଇ ବି । ସବୁ ମୁଁ ଦେଖି ପାରେ ସ୍ୱପ୍ନରେ ।’

‘ପାଣି ପିଇବୁ ?’

ପଚାରିଲା ମାଆଟି, ବ୍ୟାଗ୍ ଭିତରୁ ପାଣି ବୋତଲ ଅଣ୍ଡାଳୁ ଅଣ୍ଡାଳୁ ।

ପିଲାଟି କହିଲା, ‘ଶୋଷ ଲାଗୁଚି ମତେ ଟିକେ ଟିକେ । କିନ୍ତୁ ପିଇବି ନାହିଁ । ମୂତ ମାଡିବ । ତୁମକୁ ତ ପୁଅପିଲାଙ୍କ ବାଥ୍ରୁମ୍‌କୁ ଯିବାକୁ ଭଲ ଲାଗେନି ମୋଟେ ।’

ପିଲାଟି ଓଠରୁ ଗୁଣ୍ଡ ଗୁଣ୍ଡ କେକ୍ ପୋଛି ଦେଉ ଦେଉ ସ୍ତ୍ରୀଲୋକଟି କହିଲା, ‘ଢୋକେ ପିଇଦେ । ପରିସ୍ରା ଲାଗିଲେ ଝିଅମାନଙ୍କ ବାଥ୍ରୁମ୍‌କୁ ନେଇଯିବି, କେହି କିଛି କହିବେ ନାହିଁ ।’

‘ହଁ, ଜାଣିଚି । କେହି କିଛି କହିବେନି । ଲୋକେ ଅନ୍ଧପିଲାଙ୍କୁ ଦୟା କରନ୍ତି ।’

‘କାଲି କ’ଣ ଦେଖିଲୁ ସ୍ୱପ୍ନରେ, କହ ।’

ସ୍ତ୍ରୀଲୋକଟି ପଚାରିଲା କଥା ବୁଲାଇ ।

ପିଲାଟି ଖୁସି ହୋଇଗଲା ଏତିକି ଶୁଣି । ଆରମ୍ଭ କଲା କହିବାକୁ ତା’ର ଦୀର୍ଘ ସ୍ୱପ୍ନ ବୃତାନ୍ତ । ଅନେକ ସ୍ୱପ୍ନର ଆରମ୍ଭ ନ ଥାଏ, ଶେଷ ବି ।

ସେଇ ସମୟ ଭିତରେ ବାଳକଟିଏ ଆସିଥିଲା, ଅଚିହ୍ନା ବାଳକ । କହିଥିଲା, ଫୁଟ୍‌ବଲ୍ ଖେଳିବାକୁ ପ୍ଲେୟର୍ ନିଅଂଟ ହେଉଛନ୍ତି, ଇଏ ଖେଳିବାକୁ ଆସିବ କି ?

‘ନା, ଯା’ ଦିହ ଭଲ ନାହିଁ ।’

ଅଚିହ୍ନା ପିଲାଟି ଚାଲିଗଲା । ଏଠି ସମସ୍ତେ ପ୍ରାୟ ଅଚିହ୍ନା । ଜୟଦେବ ବିହାରରେ ସମସ୍ତେ ଚିହ୍ନା ଥିଲେ, ଟଙ୍କପାଣି ରୋଡ଼ରେ ସେମାନେ ନୂଆ, ଦୁଇ ମାସ ହେଲା ଆସିଛନ୍ତି । ସେଠି ଥିଲା ଛୋଟ ଫ୍ଲାଟ୍‌ଘର, ଏଠି ଗୋଟିକିଆ ଘର ଖଣ୍ଡେ, ଆହୁରି ଛୋଟ । ଆଖିକୁ ଦିଶୁ ନ ଥିବା ପିଲା ପାଇଁ, ସିଡ଼ି ଚଢି ଫ୍ଲାଟ୍‌ର ତିନି ମହଲା ଉପରକୁ ଯିବା ସହଜ ନ ଥିଲା ।

‘ମୁଁ ସବୁକଥା ସ୍ୱପ୍ନରେ ଦେଖେ, ସବୁ ଲୋକଙ୍କୁ, କିନ୍ତୁ ବାପାଙ୍କୁ କେବେ ଦେଖିନି ସ୍ୱପ୍ନରେ । ତାଙ୍କ ମୁହଁଟା ବୋଧେ ମୁଁ ଭୁଲି ଗଲିଣି ।’

ଗୋଟିଏ ବଲ୍ ହଠାତ ଆସି ପିଟି ହୋଇଗଲା ପିଲାଟି ଦେହରେ; ବେଞ୍ଚ ତଳକୁ ଗଡ଼ିଗଲା ।ପିଲାଟି ଚମକି ପଡିଲା । ବେଞ୍ଚରୁ ଓହ୍ଲାଇ ପଡି ଭୂଇଁରେ ବଲ୍‌ଟିକୁ ଅଣ୍ଡାଳିବାକୁ ଲାଗିଲା । ବଲ୍‌ଟିକୁ ଉଦ୍ଧାର କରିବାକୁ ଦୌଡ଼ି ଆସିଥିବା ତିନି ଚାରୋଟି ବାଳକ ଆମୋଦିତ ହୋଇ ଦେଖିଲେ, ଆଖି ଆଗରେ ଥାଇ ସୁଦ୍ଧା ପିଲାଟି ବଲ୍‌ଟିକୁ ଧରିବାକୁ ସମର୍ଥ ହେଉ ନାହିଁ । ଜଣକୁ ବହୁତ ଜୋର୍‌ରେ ହସ ବି ଲାଗିଲା ।

ସ୍ତ୍ରୀଲୋକଟି ନଇଁ ପଡ଼ି ବଲ୍‌ଟି ଆଣି ପୁଅ ହାତରେ ଦେଲା । ପିଲାଟି ହାତରେ ବଲ୍ ଧରି ରଖିଲା ଟିକିଏ ସମୟ, କିଛି ଅନୁଭବ କଲା ପରି । ତା’ ଠାରୁ ବଲ୍‌ଟି ନେବା ପାଇଁ ଜଣେ ଦି’ଜଣ ଆଗେଇ ଆସିଥିଲେ । କିନ୍ତୁ ପିଲାଟି ତା’ ପୂର୍ବରୁ ବଲ୍‌ଟିକୁ ଏକ ତୀବ୍ର ଶଟ୍‌ରେ ପଠାଇ ଦେଇଥିଲା ଆକାଶକୁ । ବାଳକ ତିନୋଟି ଆଶ୍ଚର୍ଯ୍ୟ ହୋଇ ଦେଖିଲେ, ବଲ୍ ଏବେ ଦିଶୁ ନାହିଁ ଆଖିକୁ, ସତେକି ଅଦୃଶ୍ୟ ହୋଇ ଯାଇଛି, ସେମାନେ ଦୌଡ଼ିଲେ ଏ ଦିଗ, ସେ ଦିଗ ।

ପିଲାଟି ଆସି ବସି ପଡ଼ିଲା ବେଞ୍ଚରେ, କହିଲା ସ୍ୱୀକାରୋକ୍ତି ଭଳି, ‘ମତେ ଫୁଟ୍‌ବଲ୍ ବହୁତ ଭଲ ଲାଗେ, କ୍ରିକେଟ୍ ବି ।’

‘ତୁ ରାତିରେ ରୁଟି ଖାଇବୁ ନା ପଖାଳ, ଦୁଇଟା ଯାକ ଅଛି !’

‘ତୁମେ ଯାହା ଖାଇବ ସେଇଆ । ଆଉ ମାଛ ଅଛି ତ ?’

**କାହାଣୀ ପଛର କାହାଣୀ**

**ଜଣେ ସହୃଦୟ ଯୁବ-ସାହିତ୍ୟିକ ଫେସ୍‌ବୁକ୍ ପୃଷ୍ଠାରେ ଲେଖିଥିଲେ, ତରୁଣକାନ୍ତି ମିଶ୍ରଙ୍କ ଲେଖା ମତେ ଭଲ ଲାଗେ, ସେ ମୋର ପ୍ରିୟ ଗାଳ୍ପିକ । କିନ୍ତୁ ସେ ବଡ଼ ନିଷ୍ଠୁର, ବଡ଼ ନିଷ୍ଠୁର ତାଙ୍କ ଲେଖା । ମୁଁ ନିଷ୍ଠୁର କି ନୁହେଁ, କହି ପାରିବି ନାହିଁ । କିନ୍ତୁ ମୋର ଅନେକ ଗଳ୍ପରେ କାରୁଣ୍ୟ ରହିଛି, ଅନେକ କାହାଣୀ ବିୟୋଗାନ୍ତକ । ଯେମିତି କି ଜୀବନ ଖାଲି ଦୁଃଖରେ ଜୁଡୁବୁଡୁ, ନିରାଶାର ମରୁବାଲି ! କିନ୍ତୁ ମୁଁ ମୋ ଅନ୍ତଃକରଣରେ ନୈରାଶ୍ୟବାଦୀ ନୁହେଁ । ମୋ ଲେଖାରେ ଲୁହ ଅଛି, ଯନ୍ତ୍ରଣା ଅଛି, ମୃତ୍ୟୁ ଅଛି; କିନ୍ତୁ ଏ ସକଳ କାରୁଣ୍ୟ ଅନ୍ତରାଳରେ ରହିଛି ଆଶା ଓ ସମ୍ଭାବନାର ଶୁଦ୍ଧ ସ୍ରୋତସ୍ୱିନୀ । ମୋର ବିଶ୍ୱାସ, ମଣିଷର ଭାଗ୍ୟରେ ପରାଜୟ ନାହିଁ । ସେ ବିଫଳ ହୁଏ, ବିପର୍ଯ୍ୟସ୍ତ ହୁଏ, କିନ୍ତୁ ପରାସ୍ତ ହୁଏ ନାହିଁ । ସେ ବଂଚି ରହେ; ସବୁ କିଛି ସହି ନେଇ ପାରିବାର ପ୍ରଚଣ୍ଡ କ୍ଷମତା ତା’ର ରହିଛି । ପ୍ରାୟ ପ୍ରତିଟି ଗପରେ ମୁଁ ଏକଥା କହିଛି, କହିବାକୁ ଚେଷ୍ଟା କରିଛି । ‘ନ ଦେଖିଥିବା ଦିନ’ ସେପରି ଏକ କାହାଣୀ । ହୁଏତ ସାର୍ଥକ କାହାଣୀ ହୋଇ ନ ପାରେ, ସାହିତ୍ୟିକ ବିଚାରରେ । କେମିତି ଏ ଗପଟି ମୋ କଳ୍ପନାକୁ ଆସିଲା, କାହିଁକି ଲେଖିଲି, ମୁଁ ଜାଣେ ନାହିଁ । କିନ୍ତୁ ଏ ଗପଟି ଲେଖିଲା ବେଳେ, ମୋ କଳ୍ପନାରେ ଥିଲେ ମୋର ମାଆ । ଯିଏ ମୃତ୍ୟୁର ପାଞ୍ଚ ବର୍ଷ ଆଗରୁ ଚାଲିବା ଶକ୍ତି ହରାଇଥିଲେ, ଦୃଷ୍ଟି ଶକ୍ତି ହରାଇଥିଲେ । ସ୍ଥବିର ଅନ୍ଧାର ଭିତରେ ସେ ବଂଚିଥିଲେ ପାଂଚ ବର୍ଷ, ଜୀବନକୁ ବହୁତ ଭଲ ପାଇ ।**

ତରୁଣକାନ୍ତି ମିଶ୍ର

'ହଁ ଅଛି । ରଖିଛି କାଲି ଛେଞ୍ଚେଡ଼ା କରିଦେବି ଦିପହରେ ।'

'ମତେ ଛେଞ୍ଚେଡ଼ା ଭଲ ଲାଗେ ।'

ମାଆ ଜାଣି ନ ଥିବା ଗୋଟିଏ ଖବର ଜଣାଇବା ପରି କହିଲା ପିଲାଟି । ଟିକିଏ ସମୟ ସେ ଚୁପ୍ ରହିଲା ତା'ପରେ, ସ୍ତ୍ରୀଲୋକଟି ତା' ହାତର ମୋବାଇଲ୍‌ରୁ ସମୟ ଦେଖିଲା ।

'ମୁଁ ଗୋଟେ କଥା ଜାଣିଚି, ମାଆ, କିନ୍ତୁ ତୁମକୁ କହି ନାହିଁ ।'

ମାଆଟି ମୋବାଇଲ୍‌ରୁ ମୁହଁ ଟେକି ଚାହିଁଲା ପିଲାକୁ । କିଛି କହିଲା ନାହିଁ ।

ପିଲାଟି କହିଲା ଶାନ୍ତ ସ୍ୱରରେ । 'ମୁଁ ଜାଣିଚି ମାଆ, ବାପା ଆଉ ଫେରିବେ ନାହିଁ ।'

ମଉଳି ଆସୁଥିବା ଖରା ଯେମିତି ତାତି ଉଠିଲା ଆକାଶରେ, ଓ ମିଳେଇ ଗଲା ଖଇର ରଙ୍ଗର ମେଘ ଭିତରେ । ମେଘ ସବୁ ଧୀରେ ଧୀରେ ଜାକିଜୁକି ହୋଇ ଆସିଲେ ।

'ଯଦି ସେ ମୋ' ଆଖି ନଷ୍ଟ ହେଇଗଲା ଶୁଣି ବି ଆସିଲେ ନାହିଁ, ସେ କ'ଣ ସତରେ କେବେ ଆସିବେ !'

ମାଆଟି କିଛି କହିବା ଆଗରୁ, ପିଲାଟି କହିଲା, 'ଅବଶ୍ୟ ଦୁବାଇ ଏଠୁ ବହୁତ ଦୂର, କିନ୍ତୁ ସେ ଥରଟେ ବି ଆସି ପାରିବେନି, ଚାରି ବର୍ଷ ଭିତରେ ? ପଇସା ଯଦି ନାହିଁ ତ ଯେମିତି ହେଲେ ଏଠିକି ପଳେଇ ଆସିବା କଥା ନା ?'

.... ଆଗ ଥର ଯେବେ ଆସିଥିଲେ, ମୋ ଲାଗି ଗୋଟେ ଘଣ୍ଟା ଆଣିଥିଲେ, ମିଛିମିଛିକା ଘଣ୍ଟା, କିନ୍ତୁ ଭାରି ସୁନ୍ଦର । ଚିପି ଦେଲେ ବଢିଆ ସ୍ୱର ବାହାରୁଥିଲା । ପିଣ୍ଟୁ ମତେ ସବୁବେଳେ ନକଲି ଘଣ୍ଟା, ନକଲି ଘଣ୍ଟା କହି ଚିଡ଼େଇବାରୁ ଆଉ ଜମା ପିନ୍ଧିଲି ନାହିଁ ।'

'ଜାଣ, ମୋର ବେଳେ ବେଳେ ଇଚ୍ଛା ହୁଏ ତା'କୁ ଦେଖିବାକୁ । ମୋର ସେଇ ସାନ ଭାଇକୁ । ସେଇ ଜଣକ ଅବଶ୍ୟ ମୋ ମାଆ ନୁହନ୍ତି, କିନ୍ତୁ ଭାଇଟା ମୋର ତ ! ବାପାଙ୍କ ପୁଅ ।'

ଫୁଟ୍‌ବଲ୍‌ଟି ଏଥର କିନ୍ତୁ ଆସି ଦେହରେ ବାଜିଲା ନାହିଁ । ଗଡ଼ି ଗଡ଼ି ଆସି ରହିଲା ପିଲାଟିର ପାଦ ପାଖରେ । ସେ ନଇଁ ପଡି ବଲ୍‌ଟି ଧରିଲା ହାତରେ । ପାଖକୁ କେହି ପିଲା ଆସିବା ଆଗରୁ ଗୋଟିଏ ଶଟ୍‌ରେ ବଲ୍‌ଟିକୁ ପଠାଇ ଦେଇଥିଲା ଦୂରକୁ, ପୂର୍ବ ଭଳି ।

'ମତେ ସେଦିନ ଗୋଟେ କଥା ଭାରି କଷ୍ଟ ଲାଗିଥିଲା, ଜାଣ !'

ପିଲାଟି କହିଥିଲା ଟିକିଏ ରହି । 'ମୁଁ ଯେତେବେଳେ କହିଲି ଯେ ମୋ ଆଖିକୁ ଭାରି କାଟୁଛି, ବହୁତ ପୋଡୁଛି ସେଇ ଆଖି ଓଷଦଟା, ପକାଅନି ଆଉ, ସେମାନେ ଆଗ ହସିଥିଲେ, ପୁଣି ଗାଳି ଦେଇ କହିଥିଲେ ଏଟା କେଡ଼େ ଡରୁଆ ଛେରୁଆ ପିଲାଟେ ! ତା'ପରେ ଡାକ୍ତରବାବୁ ଆସି ଦେଖିଥିଲେ, ଭାରି ବ୍ୟସ୍ତ ହେଇ ଯାଇଥିଲେ, କହିଥିଲେ, ଆରେ ସର୍ବନାଶ କରିଦେଲରେ ତୁମେ ସବୁ ! ମତେ ସେତେବେଳକୁ ଭାରି କଷ୍ଟ ହେଉଥାଏ, ଆଖି ପୋଡ଼ିବାର କଷ୍ଟ । ମତେ କିନ୍ତୁ ଆହୁରି ବେଶି କଷ୍ଟ ଲାଗୁଥାଏ, ସେମାନେ ମୋତେ ଡରୁଆ ମିଛୁଆ ବୋଲି କହି ହସିବାରୁ । ମତେ ମିଛୁଆ କହିଲେ ମତେ ବହୁତ କଷ୍ଟ ଲାଗେ, ମାଆ ।'

ସ୍ତ୍ରୀ ଲୋକଟି ପିଲାଟିକୁ ପାଖକୁ ଆଣି ଯାକି ଧରିଲା, ପଚାରିଲା, 'ଶୀତ କରୁଛି କି ଧନ ?'

ଥଣ୍ଡା ଥଣ୍ଡା ଥିଲା ଚାରିଆଡ଼, ଶୀତ ନ ଥିଲା । ପିଲାଟି ଏ ପ୍ରଶ୍ନର ଜବାବ ଦେବା ଦରକାର ନ ଥିଲା । ସେ ଟିକିଏ ମୁଣ୍ଡ ଗୁଞ୍ଜି ରହିଲା ମାଆର ଛାତିରେ । ଅଳ୍ପ ସମୟ । ତା'ପରେ ମୁଣ୍ଡ ଉଠାଇ କହିଲା, 'ତୁମେ ଜମାରୁ ବ୍ୟସ୍ତ ହେବନି ମାଆ । ମୋର କିଛି ଅସୁବିଧା ହେବନି । ମୁଁ ଚଳି ଯିବି ମାଆ । ତୁମେ ମରିଗଲା ପରେ ବି । ସାଧୁ ମଉସା ଭାରି ଭଲ । ସେ ସବୁଦିନ ଟିକେ ଟିକେ ଖାଲି ଆସି ମତେ ଦେଖିଦେଇ ଯାଉଥିଲେ, କିଛି ଅସୁବିଧା ହେବ ନାହିଁ ମୋର, ମୁଁ ଚଳିଯିବି, ଆପେ ଆପେ ।'

ପିଲାଟି ଚୁପ୍‌ଚାପ୍ ଭାବିଲା କିଛି ମୁହୂର୍ତ୍ତ । ପାର୍କ ଭିତରଟା କେମିତି ନୀରବ ହୋଇ ଯାଇଥିଲା, ଆକାଶ ନିସ୍ପନ୍ଦ ।

ପିଲାଟି ଖୋଜିଲା ଧରିବାକୁ ତା' ମାଆର ଗୋଟିଏ ହାତ, ପାଇଲା ନାହିଁ ।

'... ମାଆ, କେତେ କଥା ତ ଘଟି ଯାଉଛି ସଂସାରରେ ! ଯଦି ଦିନେ ହଠାତ ମୁଁ ଅନ୍ଧ ହୋଇଗଲି, ମୋ ଆଖିକୁ ଆଉ କିଛି ଦିଶିଲା ନାହିଁ, ତେବେ ଏମିତି ତ ବି ହେଇପାରେ ମାଆ, ଦିନେ ହଠାତ ମୋ ଆଖିକୁ ସବୁ ଦେଖାଯିବ, ଦିନେ ହଠାତ ସକାଳେ ମୁଁ ଦେଖି ପାରିବି ତୁମକୁ ! ଏମିତି କାହିଁକି ହବ ନାହିଁ, ମାଆ; କୁହ ନା କାହିଁକି !'





# ମନ୍ତ୍ରଣା

## ବିଜୟ ନାୟକ

ହାଉସ୍ ନଂ- ସିଟୁ/୧୨, ସିଡ୍ୟୁଲ୍- ବି,
ପ୍ରେସିଡ଼େଣ୍ଟ୍ସ୍ ଇଷ୍ଟେଟ୍, ନୂଆଦିଲ୍ଲୀ-୧୧୦୦୦୪
ଫୋନ: ୯୪୩୭୧୪୩୮୯୬

ଅଳଂକରଣ : ସୁସ୍ମିତା ମିଶ୍ର


ସୁକାନ୍ତି ଭଲ ପଢ଼େ । ଦେଖିବାକୁ ଭଲ । ଭଲ ବି ତା' କଥାବାର୍ତ୍ତା । ତେଣୁ ସାର୍ ମାନେ ତାକୁ ଭଲପାଆନ୍ତି । ହେଡ୍ ମାଷ୍ଟ୍ରେ ତାକୁ ଆଦର କରନ୍ତି କାରଣ ଜେନେରାଲ ନଲେଜ୍‌ରେ ସେ ସ୍କୁଲ୍‌ରେ ସମସ୍ତଙ୍କ ଆଗରେ । ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଠାରୁ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନାଁ ତା' ମୁହଁରେ । ଭାରତ ବା ଓଡ଼ିଶାର ରାଜଧାନୀ କ'ଣ, ଇଂଲଣ୍ଡ, ଆମେରିକା, ରୁଷିଆ ଏପରିକି ଉଗାଣ୍ଡା ଓ ସିରିୟାର ରାଜଧାନୀ ପଚାରିଲା କ୍ଷଣି ସେ ଗାଇଯିବ । କେଉଁଠି ହୀରାକୁଦ, କେଉଁଠି ହାବୁଡ଼ା ପୋଲ, କେଉଁଠି ପିରାମିଡ଼ ତ ଟେଲିଭିଜନର ଉଦ୍ଭାବକ କିଏ– ଏସବୁ ତା' ଜିଭ ଅଗରେ । ହେଡ୍ ମାଷ୍ଟ୍ରେ ତେଣୁ କହିଲେ, ମନ୍ତ୍ରୀଙ୍କ ପାଖେ ପାଖେ ରହିବ ସୁକାନ୍ତି କେବଳ ।





ସୁକାନ୍ତି ଛୁଟିଘଣ୍ଟା ବାଜିବାକୁ ଖାଲି ଅପେକ୍ଷା କରିଥିଲା । ଘଣ୍ଟା ବାଜିଲା କ୍ଷଣି ବହିବସ୍ତାନି ଧରି ସେ ଶ୍ରେଣୀଗୃହରୁ ବାହାରି ଆସିଲା । ସାଙ୍ଗସାଥୀମାନଙ୍କୁ ଅପେକ୍ଷା କଲା ନାହିଁ । ରାସ୍ତାରେ ଦୌଡ଼ିଲା ପରି ଚାଲିଲା ଘରମୁହାଁ ।

ପସରା ମେଲିବା ଆରମ୍ଭ କରିଥିଲା କଅଁଳ ଶୀତ । କେଣ୍ଡାଭାରରେ ନଇଁ ପଡ଼ିଥିଲେ ଯେମିତି ଧାନଗଛସବୁ ନୂଆ ବୋହୂ ପରି । ତାଳଗଛ ମଥାନରେ ଲାଲପେଣ୍ଡୁ ପରି ଦୋହଲୁଥିବା ସୂର୍ଯ୍ୟ ଝାପ୍‌ସା ଆଲୁଅରେ ଝୁଣ୍ଟିପଡ଼ି ଗଛବୃଛ ଉହାଡ଼ରେ ଲୁଚିଗଲା କି ଆଉ ? ସ୍କୁଲ୍ ଠାରୁ ତାଙ୍କ ସାହି ମାଇଲିଏ ପ୍ରାୟ ହେବ । ଗାଁ ନଈ ଯେଉଁଠି ଅଣ୍ଟା ଭାଙ୍ଗିଛି, ସେଇଠି ଗୋଟେ ଅଧା ଭଙ୍ଗା ଦେଉଳ । ତା' ପାଖରେ ସ୍କୁଲ : ଆଦର୍ଶ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ମାଟି କାନ୍ଥ, ଚାଳଘର କିନ୍ତୁ ଚଟାଣ ପକ୍କା । ଆଗରେ ଖେଳପଡ଼ିଆ । ଚାରିପାଖରେ ବାଡ଼ । ଏବେ ଗୋଟେ ନୂଆ କୋଠାଘର ତିଆରି ସରିଛି । ତାଙ୍କ ସାହିରୁ ସ୍କୁଲ୍‌କୁ ନିତି ଚାଲିଚାଲି ଆସେ ସୁକାନ୍ତି ।

ସୁକାନ୍ତିକୁ ତାଙ୍କ ଗାଁ ଭାରି ଭଲଲାଗେ । ଡେଉଡେଉଆ ଗଛ ସନ୍ଧିରେ ଲୁଚିଥା'ନ୍ତି ସାହି ପରେ ସାହି, ମୁହଁ କିନ୍ତୁ ଦିଶୁଥାଏ । ମଠ ସାହିରେ ତାଙ୍କ ଘର, ତାଙ୍କ ଘର ପାଖରେ ଗୋଟେ ପୁରୁଣା ମଠ ଅଛି । ତା' ପଛକୁ ମକଦ୍ଦମ ସାହି, ସେଠୁ କିଛି ବାଟ ଗଲେ ମଝି ସାହି, ଉତ୍ତରକୁ ଶାସନ ପୁଣି ଦକ୍ଷିଣକୁ ଚାରିବାଟିଆ ସାହି । ଗାଁ ଭିତରେ ହିଡ଼ ପରି ରାସ୍ତା ସବୁ ଛନ୍ଦାଛନ୍ଦି । ଚାରିପାଖରେ ଧାନବିଲ । ବର୍ଷାଦିନରେ ଖୁବ୍ ଖସରା ହୋଇଥାଏ ଗାଁ ରାସ୍ତା । ସୁକାନ୍ତିର ଗୋଡ଼ କେତେଥର ଖସି ଯାଇଥିବ ପାଣିକାଦୁଅରେ । ସେ ଦୁଲ୍‌ଦାଲ୍ ହୋଇ ପଡ଼ିଥିବ ଅଣଓସାରିଆ ରାସ୍ତାରେ । ଏବେ ସିନା ଗାଁ ରାସ୍ତା କଂକ୍ରିଟ ହୋଇଯାଇଛି, କିନ୍ତୁ ଜହ୍ନିଫୁଲ ସେ ଆଉ ଦେଖୁନାହିଁ ଗାଁ ବାଡ଼ରେ । ଗାଁ ଗୋହିରିରେ ଚବରଚବର ପାଣିରେ ଚାଲିବାର ମଜା ବି ନାହିଁ ।

ସୁକାନ୍ତି ଏକା ନିଃଶ୍ୱାସକେ ଘରେ ପହଞ୍ଚିଗଲା । ସିଏ ଆଗରୁ କେବେ ଏତେ ଖୁସି ହୋଇଥିଲା ପରି ତା'ର ମନେପଡୁ ନଥିଲା । ବାପା ନୂଆ ଫ୍ରକ୍ ଆଣିଲେ, ସବାରିରେ ବୋଉ ସାଙ୍ଗେ ବସି ନଇ ଓ ପାଟବିଲ ଡେଇଁ ମାମୁଘରକୁ ଗଲେ ବା ଗାଁ ଦାଣ୍ଡରେ ଦାସକାଠିଆ ଦେଖିଲେ, ସେ ବହୁତ ଖୁସି ହେଉଥିଲା । କିନ୍ତୁ ମନ୍ତ୍ରୀଙ୍କୁ ଖାଇବାକୁ ଦେବା କାମ ତାକୁ ହେଡ୍ ମାଷ୍ଟ୍ରେ ଦେଲାପରେ, ତା' ଖୁସି ସବୁ ସୀମା ଟପିଗଲା ।

ସୁକାନ୍ତି ଭଲ ପଢ଼େ । ଦେଖିବାକୁ ଭଲ । ଭଲ ବି ତା' କଥାବାର୍ତ୍ତା । ତେଣୁ ସାର୍ ମାନେ ତାକୁ ଭଲପାଆନ୍ତି । ହେଡ୍ ମାଷ୍ଟ୍ରେ ତାକୁ ଆଦର କରନ୍ତି କାରଣ ଜେନେରାଲ ନଲେଜ୍‌ରେ ସେ ସ୍କୁଲ୍‌ରେ ସମସ୍ତଙ୍କ ଆଗରେ । ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଠାରୁ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନାଁ ତା' ମୁହଁରେ । ଭାରତ ବା ଓଡ଼ିଶାର ରାଜଧାନୀ କ'ଣ, ଇଂଲଣ୍ଡ, ଆମେରିକା, ରୁଷିଆ ଏପରିକି ଉଗାଣ୍ଡା ଓ ସିରିୟାର ରାଜଧାନୀ ପଚାରିଲା କ୍ଷଣି ସେ ଗାଇଯିବ । କେଉଁଠି ହୀରାକୁଦ, କେଉଁଠି ହାବୁଡ଼ା ପୋଲ, କେଉଁଠି ପିରାମିଡ଼ ତ ଟେଲିଭିଜନର ଉଦ୍ଭାବକ କିଏ– ଏସବୁ ତା' ଜିଭ ଅଗରେ । ହେଡ୍ ମାଷ୍ଟ୍ରେ ତେଣୁ କହିଲେ, ମନ୍ତ୍ରୀଙ୍କ ପାଖେ ପାଖେ ରହିବ ସୁକାନ୍ତି କେବଳ ।

ଗତ ପନ୍ଦର ଦିନ ହେଲା ତାଙ୍କ ସ୍କୁଲ୍‌ରେ ଆଉ ପଢ଼ାପଢ଼ି ହେଉ ନଥିଲା । ସ୍କୁଲ୍‌ର ନୂଆ ପକ୍କାଘରକୁ ମନ୍ତ୍ରୀ ଉଦ୍‌ଘାଟନ କରିବେ । ଘର ତିଆରି ସରିଲାଣି ଦୁଇମାସ ଆଗରୁ । କିନ୍ତୁ ଫିତା କଟା ନ ଗଲା ପର୍ଯ୍ୟନ୍ତ ସେଠି ସେମିତି ଚାବି ଝୁଲୁଥିବ କୁଆଡ଼େ । ମନ୍ତ୍ରୀ ଆସିବାକୁ ହଁ କରିବାରୁ ସଭାସମିତିର ଆୟୋଜନ ଧୁମ୍‌ଧାମ୍‌ରେ ଚାଲିଛି । ତିନି ଚାରି ଥର କଲେକ୍ଟର ଆସି ସ୍କୁଲ୍‌ରେ ବୁଲି ଗଲେଣି । ସଭା ପାଇଁ ମଞ୍ଚ ତିଆରି ଆରମ୍ଭ ହେଲାଣି । ନଈ ଆରପାରି ଗାଁର ଗୀତ ମାଷ୍ଟ୍ରେ ଆସି ଗୀତ ଶିଖାଉଛନ୍ତି । ଗୀତ ବିନା କୁଆଡ଼େ ସଭା ହୁଏ ନାହିଁ । ପୁଣି ନିଜେ ହେଡ୍ ମାଷ୍ଟ୍ରେ ପରା ସେ ଗୀତ ଲେଖିଛନ୍ତି ।

ଘରେ ପହଞ୍ଚି ବୋଉକାନିରେ ଯାଇ ଝାଳ ପୋଛିଲା ସୁକାନ୍ତି । ଖାଇବାକୁ ବାଢ଼ିବା ପାଇଁ ବୋଉ କହିଲାରୁ ସେ ମନା କଲା । ସେ କ'ଣ ଭାବେ

### କାହାଣୀ ପଛର କାହାଣୀ

ଅଜ୍ଞତା ଅନେକ ସମୟରେ ଆଶୀର୍ବାଦ ପାଲଟେ । ବୟସ୍କ ଲୋକମାନେ ଭାବିଚିନ୍ତି, ବୁଝିବିଚାରି କଥା କହନ୍ତି । କିନ୍ତୁ ପିଲାମାନେ ଯାହା ମନ ତାହା କହି ଦିଅନ୍ତି । ପେଟରେ କିଛି ରଖନ୍ତି ନାହିଁ । ତେଣୁ ବୟସ୍କମାନଙ୍କ କଥାରେ ସ୍ୱାଭାବିକତା ନଥାଏ, ପିଲାମାନଙ୍କ କଥାରେ ନଥାଏ କୃତ୍ରିମତା । ପିଲାମାନେ ସତ ହିଁ କହନ୍ତି କାରଣ ସତ କହିବାର ପରିଣାମ ବିଷୟରେ ସେମାନେ ସଚେତନ ନଥା'ନ୍ତି । ପଞ୍ଚମ ଶ୍ରେଣୀରେ ପଢ଼େ ସୁକାନ୍ତି । ସମାଜକୁ ସେ କେତେ ବା ଚିହ୍ନିଛି ? ମନ୍ତ୍ରୀଙ୍କୁ ସେ ଯାହା କହିଲା, ଆପଣମାନେ ବିଶ୍ୱାସ କରିବେ ନାହିଁ । ସୁକାନ୍ତି କଥା ଶୁଣିବା ଆସନ୍ତୁ ।

ବୋଉ ତ ଚଟାପଟ ଜାଣିପାରେ । କହିଲା, "ଆଲୋ କାନ୍ତି, ପରୀକ୍ଷାରେ ଭଲ ନମ୍ବର ରଖିଛୁ ନା କ'ଣ ? ତୋ ଓଠସାରା ତ ହସ ଲହଡ଼ି ଭାଙ୍ଗୁଛି ?" ସୁକାନ୍ତି ବୋଉ କଥା ଶୁଣି ଆହୁରି ଖୁସି ହେଲା । ନୂଆ ଡ୍ରେସ୍ ପାଇଁ ଅଳି କଲା । "ମନ୍ତ୍ରୀଙ୍କୁ ଖୁଆଇବା, ପିଆଇବା ଦାୟିତ୍ୱ ମୋତେ ଦେଇଛନ୍ତି ହେଡ୍ ମାଷ୍ଟ୍ରେ । ବୁଝିଲୁ ।" ସେ କହିଲା ଏବଂ କହୁକହୁ ହସିହସି ଗଡ଼ିଗଲା । ବୋଉ ଉତ୍ତର ଦେଲା, "ଏହି କଥା ତ । ହଉ । ତୋ ବାପା ବଜାରରୁ ଫେରନ୍ତୁ । ତାଙ୍କୁ ଡ୍ରେସ୍ କଥା କହିବୁ । ତୋର କୋଉ କଥା ସେ ରଖି ନାହାଁନ୍ତି ଯେ ?"

ସ୍କୁଲ୍‌ରେ ଫଙ୍କସନ୍ ହେବାର ଢେର୍ ଦିନ ପୂର୍ବରୁ ବାପା ତା' ପାଇଁ ନୂଆ ଡ୍ରେସ୍ ଆଣିଲେ, ଆଣିଲେ ହଳେ ନୂଆ ଜୋତା । ତା' ହାତଗୋଡ଼ ଆଉ ଭୂଇଁରେ ଲାଗୁ ନଥିଲା । ମନ୍ତ୍ରୀମାନଙ୍କୁ ସେ ଟି.ଭି.ରେ ଦେଖେ, ଖବରକାଗଜରେ ପଢ଼େ । କିନ୍ତୁ ମନ୍ତ୍ରୀ ପରି ଲୋକମାନେ ଏତେ ବଡ଼ ବୋଲି ତାକୁ ଜଣା ନଥିଲା । ସେ ତାଙ୍କ ହେଡ୍ ମାଷ୍ଟ୍ରେ, ସରପଞ୍ଚ୍ ଏପରିକି କଲେକ୍ଟର ଠାରୁ ଆହୁରି ବଡ଼ !

କିନ୍ତୁ ଏଡ଼େ ବଡ଼ ଲୋକମାନେ ଖାଆନ୍ତି କ'ଣ ? ସୁକାନ୍ତି ନିଜକୁ ପଚାରୁଥିଲା । ଆମମାନଙ୍କ ପରି ସେ କ'ଣ ଭାତମାଛ, ଶାଗମୁଗ କି ଚୁଡ଼ାମୁଢ଼ି ଖାଆନ୍ତି ? ନା ମ, ସେ ଆଉ କିଛି ଖାଉଥିବେ ନିଶ୍ଚୟ । ମନ୍ତ୍ରୀମାନେ କାହିଁକି ଏମିତି ସାଧାରଣ ଖାଦ୍ୟ ଖାଇବେ ? ହେଲେ ସେମାନଙ୍କ ପୋଷାକପତ୍ର ତ ଖୁବ୍ ସାଧାରଣ । ଯେତେ ମନ୍ତ୍ରୀଙ୍କର ଫଟୋ ସେ ଦେଖିଛି, ସେମାନେ ତାଙ୍କ ହେଡ୍‌ମାଷ୍ଟ୍ରଙ୍କ ପରି ଧୋତି ପିନ୍ଧିଥା'ନ୍ତି । ତାଙ୍କର ପୋଷାକ ସାଦାସିଧା । ତା' ମାନେ କ'ଣ ତାଙ୍କ ଖାଇବା ବି ଗାଁ ଲୋକଙ୍କ ପରି ହୋଇଥିବ ? ମନ୍ତ୍ରୀ ଆମ୍ବୁଲ କି ତେନ୍ତୁଳି ଖଟା ଖାଇବାକୁ ଭଲପାଆନ୍ତି କି ତା' ପରି ? ଭଲପାଆନ୍ତି କି ବାରମଜା କି ଆଇସ୍କ୍ରିମ୍ ଖାଇବା ପାଇଁ ? ତେବେ ସୁକାନ୍ତି ଆଗରେ ବଡ଼ ପ୍ରଶ୍ନ ଥିଲା, ମନ୍ତ୍ରୀଙ୍କୁ ସ୍କୁଲ୍‌ରେ କ'ଣ ସବୁ ଖାଇବାକୁ ଦିଆଯିବ ? ସ୍କୁଲ୍‌ରେ ତ ସେଦିନ ଭୋଜି ହେବ । ସେହି ଭୋଜିଭାତ କ'ଣ ମନ୍ତ୍ରୀ ଖାଇବେ ? ପାଣିଆ ଡାଲି, ବନ୍ଧାକୋବି ତରକାରି । ସୁକାନ୍ତି ଭାବୁଥିଲା, ବାପାଙ୍କୁ କହି ସେ ତାଙ୍କ ପୋଖରୀରୁ ଟଟକା ମାଛ ଧରାଇବ । ବୋଉ ହାତରନ୍ଧା ମାଛ ତରକାରି ଆହା କି ସୁଆଦିଆ । ସେ ସାଙ୍ଗରେ ନେଇଯିବ କି ମାଛ ତରକାରି ମନ୍ତ୍ରୀଙ୍କୁ ପରଷିବା ପାଇଁ ?

କେହି ମନ୍ତ୍ରୀ କେବେ କୁଆଡ଼େ ଆସି ନଥିଲେ ତାଙ୍କ ଗାଁକୁ । ମନ୍ତ୍ରୀ ଆସିବା ପୂର୍ବରୁ ସ୍କୁଲ ରୂପ ତ ବଦଳିଗଲା, ଗାଁ ରୂପ ବି ବଦଳିଗଲା ଅଧାରୁ ଅଧିକ । ଗାଁ ରାସ୍ତା ମରାମତି ହେଲା । ସହରକୁ ଲମ୍ବିଥିବା କାତିଛଡ଼ା ବଡ଼ ରାସ୍ତା ଉପରେ ପିଚୁ ପଡ଼ିଲା । ଶାସନ



ପୋଖରୀରୁ ପଙ୍କ କଢ଼ାଗଲା । ଗାଁ ଯୁବକ ସଙ୍ଘରେ ବଲ୍, ବ୍ୟାଟ୍ ବଣ୍ଟାଗଲା । ସ୍ୱୟଂ ସହାୟିକା ଗୋଷ୍ଠୀ ଉପରୁ ଋଣଛାଡ଼ କରାଗଲା । ସ୍କୁଲଘର ଛିଆଣି ହେଲା । ଅଗଣା ପରିଷ୍କାର କରାଗଲା । ଫୁଲଗଛରେ ନିତି ପାଣି ଦିଆଗଲା । ଏମିତି ଭିତରେ କେମିତି ସେ ଦିନଟି ଆସି ପହଞ୍ଚିଗଲା କାହାକୁ ଜଣାପଡ଼ିଲା ନାହିଁ । ଗୀତ ରିହାର୍ସାଲ୍ ପରି ଖାଇବାକୁ କେମିତି ଦିଆଯିବ, ତା'ର ବି ରିହାର୍ସାଲ୍ କଲେ ଖୋଦ୍ ହେଡ୍ ମାଷ୍ଟ୍ରେ । ତା' ହାତରେ ଗୋଟେ ଲମ୍ବା ଟ୍ରେ ଧରାଇ ଦିଆଗଲା । ଟ୍ରେରେ ରଖାଗଲା ଫଳଭରା ଚାରିପାଞ୍ଚଟା ପ୍ଲେଟ୍ । ହେଡ୍ ମାଷ୍ଟ୍ରେ କହିଲେ, "ତୁ ଟ୍ରେ ନେଇ ଟେବୁଲ ଉପରେ ଥୋଇବୁ । ମନ୍ତ୍ରୀଙ୍କୁ ନମସ୍କାର କରିସାରି ଟ୍ରେରୁ ଗୋଟେ ପରେ ଗୋଟେ ପ୍ଲେଟ୍ କାଢ଼ି ତାଙ୍କ ଆଗରେ ରଖିବୁ । କହିବୁ, ସାର୍ ଖାଆନ୍ତୁ ନା । ସେ ନାହିଁ ନାହିଁ କଲେ ତୁ ତାଙ୍କୁ ବଳେଇ ଚଳେଇ ଖୁଆଇବୁ ।" ସୁକାନ୍ତି ଏଥର ତା' ପ୍ରଶ୍ନର ଉତ୍ତର ପାଇଗଲା । ମନ୍ତ୍ରୀ ଯେତେହେଲେ ମନ୍ତ୍ରୀ ! ଫଳମୂଳ ନ ଖାଇ କ'ଣ ଶାଗପଖାଳ ଖାଇବେ ?

ଫଙ୍କସନ୍ ଦିନ ସକାଳୁ ସ୍କୁଲ୍‌କୁ ଯିବା ପାଇଁ ସମସ୍ତଙ୍କୁ କୁହା ଯାଇଥିଲା । ବଡ଼ିଭୋ'ରୁ ଉଠି ଗାଧୋଇ ପାଧୋଇ ରେଡି ହୋଇଗଲା ସୁକାନ୍ତି । ବାପା କହିଲେ, "ନୂଆ ଡ୍ରେସ୍‌କୁ ଏବେ ପିନ୍ଧ୍ ନା ରେ ମା' । ମନ୍ତ୍ରୀ ଆସିବେ ବେଳଗଡ଼ାଣିକୁ । ତୁ ମଝିରେ ଚାଲିଆସିବୁ ସ୍କୁଲ୍‌ରୁ । ନୂଆଡ୍ରେସ୍ ପିନ୍ଧିବୁ । ସାଇକେଲ୍‌ରେ ବସାଇ ମୁଁ ତୋତେ ସ୍କୁଲ୍‌କୁ ନେଇଯିବି ।" ସୁକାନ୍ତି ମନକୁ ଖୁବ୍ ପାଇଲା ବାପାଙ୍କ କଥା ।

'ଏଇ ମନ୍ତ୍ରୀ ଆସିଲେ' ବୋଲି କୁହାଗଲାରୁ ବାଜା ବାଜିଲା, ବାଣ ଫୁଟିଲା । କିନ୍ତୁ ମନ୍ତ୍ରୀ ଆସିଲେ ନାହିଁ । ବାଜା ବନ୍ଦ ହେଲା । ଶଙ୍ଖ ଫୁଙ୍କା ବି । କ'ଣ ନା ତାଙ୍କ ଆସିବା ଡେରି ହେବ । ମନ୍ତ୍ରୀଙ୍କର ଆସିବା କ'ଣ ଏମିତି ଡେରି ହୁଏ ? ସୁକାନ୍ତି ନିଜକୁ ପଚାରିଲା । ପୁଣି ନିଜକୁ ବୁଝାଇଲା, ହଁ ମନ୍ତ୍ରୀ କ'ଣ ସ୍କୁଲରେ ପଢୁଛନ୍ତି ଯେ ଡେରିରେ ଆସିଲେ ଅଙ୍କ ସାର୍ ନାଲି ଆଖି ଦେଖେଇବେ, ସାହିତ୍ୟ ସାର୍ ବେତ ଉଞ୍ଚେଇବେ ।

ହଠାତ୍ ବାଜା-ବାଣ, ଶଙ୍ଖ-ହୁଳହୁଳିରେ ସାରା ଗାଁଟା ଅବା ଫାଟି ପଡ଼ିଲା । ମନ୍ତ୍ରୀ ଆସି ସିଧା ପହଞ୍ଚିଲେ ସଫାସୁତୁରା ହୋଇ ଟେବୁଲ ଚେୟାର ପଡ଼ିଥିବା ତାଙ୍କ ଶ୍ରେଣୀଗୃହରେ । ମନ୍ତ୍ରୀଙ୍କୁ ଦେଖି ସୁକାନ୍ତିକୁ ଲାଗିଲା, ସେ ସେମିତି କିଛି ଅଲଗା ଧରଣର ଲୋକ ନୁହଁନ୍ତି । ତାଙ୍କ ହେଡ୍ ମାଷ୍ଟ୍ରଙ୍କ ଠାରୁ ଅଧିକ କଳା କିନ୍ତୁ ଦିଗୁଣା ମୋଟା । ମନ୍ତ୍ରୀ ବସୁବସୁ ସୁକାନ୍ତି ଟ୍ରେ ଧରି ପହଞ୍ଚିଗଲା ତାଙ୍କ ପାଖରେ । ହେଡ୍ ମାଷ୍ଟ୍ରଙ୍କ ରିହାର୍ସାଲ୍ ଅନୁଯାୟୀ, ଟେବୁଲ ଉପରେ ଟ୍ରେ ଥୋଇ ମନ୍ତ୍ରୀଙ୍କୁ ନମସ୍କାର କଲା । ଆହା– ମନ୍ତ୍ରୀମାନେ ଏଡ଼େ ଭଲଲୋକ ବୋଲି ତାକୁ ଆଗରୁ ଜଣା ନଥିଲା । ସେ ହସିହସି ତା' ନମସ୍କାର ଗ୍ରହଣ କଲେ । "ତୋ ନାଁ କ'ଣ ? ତୁ କୋଉ ଶ୍ରେଣୀରେ ପଢୁଛୁ( ?)", ପଚାରିଲେ । ସୁକାନ୍ତି ବେଧଡ଼କ ଉତ୍ତର ଦେଲା, "ମୋ ନାଁ ସୁକାନ୍ତି ପ୍ରଧାନ । ମୁଁ ପଞ୍ଚମ ଶ୍ରେଣୀର ଛାତ୍ରୀ ।" ମନ୍ତ୍ରୀ ହସିଲେ । ତାଙ୍କ କଳା ମୁହଁରେ ଜହ୍ନ ଉଇଁଲା କି ଆଉ ? ହେଡ୍ ମାଷ୍ଟ୍ରେ ମନ୍ତ୍ରୀଙ୍କୁ ନମସ୍କାର କରି ହଠାତ୍ ଉଠିଗଲେ ସଭା ପାଖକୁ । କଲେକ୍ଟର ମନ୍ତ୍ରୀଙ୍କ ପାଖ ମାଡୁ ନଥିଲେ । ବାରନ୍ଦାରେ ଏପଟ ସେପଟ ହେଉଥିଲେ । ସୁକାନ୍ତି ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମନ୍ତ୍ରୀ କିଛି ଖାଉ ନଥିଲେ ।

ସୁକାନ୍ତି ଭାବିଲା, ମନ୍ତ୍ରୀଙ୍କୁ ଭୋକ ନାହିଁ ନା ମନ୍ତ୍ରୀମାନେ ଏଠିସେଠି କିଛି ଖାଆନ୍ତି ନାହିଁ ? ସେ ଆଉଥରେ ଗୁହାରି କଲା, "କିଛି ହେଲେ ଖାଆନ୍ତୁ ସାର୍ ।" ମନ୍ତ୍ରୀ କିନ୍ତୁ ଆଗପରି ହସିଲେ ଯାହା । ସୁକାନ୍ତି ସେମିତି ଠିଆ ହୋଇ ରହିଲା ମନ୍ତ୍ରୀଙ୍କ ପାଖରେ । ମନ୍ତ୍ରୀ ତା' ଆଡ଼କୁ ଥରେ ଚାହିଁଲେ । ପଚାରିଲେ, "କ'ଣ କିଛି କହିବୁ କି ମା' ?" ସୁକାନ୍ତି ଆଶ୍ଚର୍ଯ୍ୟ ହେଲା, ମନ୍ତ୍ରୀ ତା' ମନକଥା ପଢ଼ିନେଲେ ନା କ'ଣ ? ତତ୍‌କ୍ଷଣାତ୍ ସେ କହି ପକାଇଲା, "ହଁ ସାର୍ ।" କିନ୍ତୁ ଆଉ କିଛି କଥା ତା' ପାଟିରୁ ବାହାରିଲା ନାହିଁ । ମନ୍ତ୍ରୀ ଅଭୟ ଦେଲେ । କହିଲେ, "କ'ଣ କହିବୁ କହ ମା', ଶୀଘ୍ର କହ ।" ସୁକାନ୍ତି ତା' ପରେ ମୁହଁ ଖୋଲିଲା, "ସାର୍ ଆପଣ କିଛି ହେଲେ ଖାଇଲେ ନାହିଁ । କିନ୍ତୁ ଆମ ଗାଁ ଲୋକେ କୁହାକୁହି ହେଉଛନ୍ତି କ'ଣ ନା ଆପଣ ସବୁ ଖାଇଗଲେ ।"

# ପୁଷ୍କରା : ପ୍ରଥା ପରମ୍ପରାର ପରିଭାଷା

'ପୁଷ୍କରା' ଏକ ଫିଲ୍ମ ନୁହଁ ବରଂ ହଜିଯାଉଥିବା କୌଳିକ ବୃତ୍ତି, ସଂସ୍କୃତି ଓ ପରମ୍ପରା ମଧ୍ୟରେ ବଞ୍ଚି ରହିଥିବା ଏକ ରହସ୍ୟମୟ ଅଥଚ ଅବିଶ୍ୱାସ୍ୟ ଚରିତ୍ର । ଫିଲ୍ମର ଭିନ୍ନ ଏକ କାହାଣୀ ଓ କଳାକାରଙ୍କ ପ୍ରାଣବନ୍ତ ଅଭିନୟ ଦର୍ଶକଙ୍କୁ ଭିନ୍ନ ସ୍ୱାଦ ଦେବା ସଂଗେ ସଂଗେ ହଲ୍ ମଧ୍ୟକୁ ଟାଣି ଆଣିବାରେ ସକ୍ଷମ ହୋଇଛି । ଏହି ଫିଲ୍ମର କଥାବସ୍ତୁ ପ୍ରଖ୍ୟାତ ଔପନ୍ୟାସିକ **ଶଙ୍କର ତ୍ରିପାଠୀ**ଙ୍କ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ ହୋଇଛି । ସୂଚନାଯୋଗ୍ୟ ଯେ, ଏହି 'ନାଦବିନ୍ଦୁ' ଉପନ୍ୟାସଟିକୁ ବାଲେଶ୍ୱରର ଅଗ୍ରଣୀ ପ୍ରକାଶନ ସଂସ୍ଥା ଶ୍ରଦ୍ଧା ପବ୍ଲିକେଶନ୍ ପ୍ରକାଶ କରି ଚର୍ଚ୍ଚାରେ ରହିଛି ।

ଏହି ଫିଲ୍ମକୁ ନେଇ 'ପୁଷ୍କରା' ଚରିତ୍ରରେ ଅଭିନୟ କରିଥିବା ଅଭିନେତା ସବ୍ୟସାଚୀ ମିଶ୍ର କହିଛନ୍ତି ଯେ, "ଏହି ମାଟି, ପାଣି ଓ ପବନରେ ବଞ୍ଚିଥିବା ଗୋଟିଏ ରହସ୍ୟମୟ ଚରିତ୍ରକୁ ନେଇ ତିଆରି ହୋଇଛି 'ପୁଷ୍କରା' । ଏଥିରେ ଏକ ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ ମୁଁ ଖୁବ୍ ଖୁସି ଅଛି ।" ନିଃସନ୍ଦେହ, ଏଥିପାଇଁ ସେ ଯଥେଷ୍ଟ ପରିଶ୍ରମ କରିଛନ୍ତି । 'ପୁଷ୍କରା' ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ଼ ଦେବ ବୋଲି ଆମେ ଆଶା ପ୍ରକାଶ କରୁଛୁ ।


ଅବଶେଷରେ ପୁଷ୍କରା ଦେଖିଲି ମୁଁ, ପରିବାର ସହିତ, ବାଲେଶ୍ୱରର ମୁଭିଏକ୍ସ ହଲ୍‌ରେ । ବହୁ ଦିନ ପରେ ଗୋଟିଏ ସୁନ୍ଦର କାହାଣୀକୁ ନେଇ ଓଡ଼ିଆ ଫିଲ୍ମ ଦେଖି ମନ ଖୁସି ହେଇଗଲା । ଏପରି ମୌଳିକ ଷ୍ଟୋରି ନେଇ ଫିଲ୍ମ ନିର୍ମାଣ କଲେ ଲୋକେ ହଲ୍‌କୁ ପୁଣି ଫେରିବେ, ଏଥିରେ ଦ୍ୱିମତ ହେବାର ନାହିଁ । ମୁଁ ତ ଆଶ୍ଚର୍ଯ୍ୟ ହେଲି ହଲ୍‌କୁ ଓଡ଼ିଆ ଫିଲ୍ମ ଦେଖିବାକୁ ଆସିଥିବା ଭିଡ଼କୁ ଦେଖି । ଭଲ ଓଡ଼ିଆ ଷ୍ଟୋରି ବା ଉପନ୍ୟାସକୁ ଫିଲ୍ମ କରାଯାଉ, ଏ କଥା ଏବେ ଲୋକେ ଚାହୁଁଛନ୍ତି । ଲୋକେ ପସନ୍ଦ ବି କରୁଛନ୍ତି ।

'ପୁଷ୍କରା' ତିନୋଟି କାରଣରୁ ମୋତେ ଛୁଇଁଲା । ଏକ୍ ଗୋଟିଏ ନିଛକ ଓଡ଼ିଆ ପରମ୍ପରାର ଚିତ୍ରାୟନ(ଧନ୍ୟବାଦ ସ୍କ୍ରିନ୍‌ପ୍ଲେ ରାଇଟର୍ ଦେବୀଦତ୍ତ ମହାନ୍ତି), ଦୁଇ ମନକୁ ଚଟ୍ କିନା ଧରୁଥିବା ଡାଏଲଗ୍ ବା ସଂଳାପ(ସଂଳାପକାର ଓ କାହାଣୀ ଶଙ୍କର ତ୍ରିପାଠୀ), ତିନ୍ ସବ୍ୟସାଚୀଙ୍କ ଜୀବନ୍ତ ଅଭିନୟ(ଧନ୍ୟବାଦ ସବ୍ୟସାଚୀ ମିଶ୍ର) । ଚଳଚ୍ଚିତ୍ର ଦେଖୁଥିବା ବେଳେ ଦୁଇଥର ମୋ ଆଖି ଲୁହରେ ଓଦା ହୋଇଛି । ଥରେ 'ପୁଷ୍କରା'ର ବାପାଙ୍କ ଶବ ପୋଡା ବେଳେ ଆଉ ଦ୍ୱିତୀୟ ଥର ପୁଷ୍କରା ଓ ସୁନନ୍ଦାଙ୍କ ଶେଷ କଥୋପକଥନ ସମୟରେ । ଆଃ, ମୁଁ ସେ ଅଭିନୟ ବେଳେ ଲୁହକୁ ସମ୍ଭାଳି ପାରିନଥିଲି ! ସୁନନ୍ଦା ଭୂମିକାରେ ଅଭିନୟ କରୁଥିବା ଅଭିନେତ୍ରୀ ସୁପ୍ରିୟାଙ୍କ ଅଭିନୟ ଆଗରୁ ଦେଖିନି କିନ୍ତୁ ଏଥିରେ କି ସ୍ୱଚ୍ଛନ୍ଦ ଓ ସାବଲୀଳ ଅଭିନୟ ! ପୁଷ୍କରା ଓ ସୁନନ୍ଦାଙ୍କ ଫ୍ଲାସ୍‌ବ୍ୟାକ୍‌ରେ ପ୍ରେମାରମ୍ଭର କଥାଭାଷା ଗୁଡ଼ିକୁ ଖୁବ୍ ଜୀବନ୍ତ ଫୁଟାଇଛନ୍ତି ଦୁହେଁ । ସବ୍ୟ ତ ପୋଖତ ଅଭିନେତା କିନ୍ତୁ ସୁନନ୍ଦା ବି ପରିପକ୍ୱ ଅଭିନୟ କରିଛନ୍ତି । 'ପୁଷ୍କରା' ଏକ ବିୟୋଗାନ୍ତକ ଫିଲ୍ମ ହୋଇଥିବାରୁ ହଲ୍‌ରୁ ଫେରିବା ପରେ ବି 'ପୁଷ୍କରା'ର ରିଏଲ୍ ମୃତ୍ୟୁକୁ ଗ୍ରହଣ କରିହେଉନି ଅନେକ ସମୟ ଯାଏଁ । ଗୁଞ୍ଜରିତ ହୋଇଛି ହୃଦୟରେ । ଆହା ପୁଷ୍କରା ବଞ୍ଚି ଯାଆନ୍ତାନି, ସୁନନ୍ଦା ସହିତ ନୂଆ ଜୀବନ ଆରମ୍ଭ କରନ୍ତାନି - ଏଇ ଭାବନା ସହ ମୋ ଭଳି ଅନେକ ଦର୍ଶକ ଫେରିଥିବେ; ଆଉ ଏଇଟା ହିଁ ଫିଲ୍ମର ସଫଳତା । 'ଶେଷ୍ ହୋଏ ହୋଇଲୋନା ଶେଷ୍' ବୋଲି ରବୀନ୍ଦ୍ରନାଥ ଠାକୁରଙ୍କ କଥାଟି ଆମେ ଲେଖାଲେଖି କରୁଥିବା ଗଳ୍ପ ଲେଖକମାନେ ମାନିଥାଉ । 'ପୁଷ୍କରା' ସେଇ ପର୍ଯ୍ୟାୟର । ହଠାତ୍

## ପୁଷ୍କରା : ଅର୍ଚ୍ଚିତା ଯାହା କହନ୍ତି:



'ପୁଷ୍କରା' ଦେଖିବା ପରେ ଅନେକେ ମୋତେ ଗୋଟିଏ ପ୍ରଶ୍ନ ପଚାରିଛନ୍ତି ଯେ, ଏମିତି ଦାଢ଼ିଆ ପୁଷ୍କରା ସ୍ୱାମୀକୁ ତମେ ଏତେବର୍ଷ ହେଲା କେମିତି ସହିଛ ? ଏହାର ଉତ୍ତରରେ ମୁଁ କେବଳ ଏତିକି କହିବି, ସିନେମାର ଗୋଟିଏ କଳାକାର ହିସାବରେ ତାଙ୍କର ଯୋଉ ଡେଡିକେଶନ୍ ତା ସାମ୍ନାରେ ମୁଁ କିଛି ନୁହଁ । ମୁଁ ବରଂ ତାଙ୍କ ପାଇଁ ଗର୍ବିତ । ଦୁଇବର୍ଷ ଧରି ଆସୁଥିବା ସବୁ ସିନେମାର ଅଫର୍‌କୁ ପ୍ରତ୍ୟାଖ୍ୟାନ କରି କେବଳ ଗୋଟିଏ ସିନେମା ପଛରେ ଲାଗିଲା ଭଳି କଳାକାର ବୋଧେ ବିରଳ । ତାଙ୍କ ଚେଷ୍ଟା ଓ ନିଷ୍ଠା ବୋଧେ ଆପଣମାନଙ୍କ ଭଲପାଇବାର ହେତୁ । ମୋର ବିଶ୍ୱାସ ତାଙ୍କର ଏହି ପ୍ରୟାସ 'ପୁଷ୍କରା' ମାଧ୍ୟମରେ ଓଡ଼ିଶାରେ ନିଶ୍ଚୟ କିଛି ନୂଆ ଆଲୋଡ଼ନ ଆଣିବ ।





ଏତେ କଥା ଦିଆନିଆ ପରେ ସୁନନ୍ଦା କାହିଁକି ନାଣ୍ଟୁକୁ ବିବାହ ପାଇଁ ରାଜି ହେଲା ନୀଳକଣ୍ଠକୁ ଆଡେଇ ଦେଇ, ମୁଁ ଧନ୍ଦି ହେଲି ଫିଲ୍ମର ଶେଷ ଯାଏଁ । ଶେଷ ବେଳକୁ ସୁନନ୍ଦାର ସ୍ୱାମୀର ପୁଷ୍କରା ଦୋଷକୁ ଛଡ଼େଇବା ପାଇଁ ପୁଷ୍କରା ସାଜି ତା ଘରକୁ ଆସିଥିବା ବେଳେ ପୁଷ୍କରାର ପ୍ରଶ୍ନରେ ସତକଥାଟିକୁ ଯେତେବେଳେ ସୁନନ୍ଦା ପ୍ରକାଶ କଲା, ଲାଗିଲା ଏ ଏକ୍ସାଇଟମେଣ୍ଟ୍ ବଜାୟ ରଖିବା ସହଜ ନୁହେଁ । ଏହି ନାଟକୀୟତା ଖୁବ୍ ଭଲ ଲାଗିଲା । ପରିଷ୍କାର ପରିଚ୍ଛନ୍ନ ଏଇ ଫିଲ୍ମରେ ଅର୍ଥହୀନ ଗୀତ ନାହିଁ କି ତଥାକଥିତ ଫାଇଟିଂ ବା ନାଚଗୀତ ନାହିଁ । ତଥାପି କେଉଁଠି ବି ଦର୍ଶକଙ୍କୁ ବୋର୍ ଲାଗିବା ଭଳି କିଛି ନାହିଁ । ଭିନ୍ନ କାହାଣୀ ଓ ସବ୍ୟସାଚୀଙ୍କର ଭିନ୍ନ ଅଭିନୟ 'ପୁଷ୍କରା'ର ପ୍ଲସ୍ ପୋଏଣ୍ଟ୍ । ବହୁଦିନ ତଳେ ସବ୍ୟଙ୍କ ଏକ ପାଗଳା ଚରିତ୍ରରେ ଅଭିନୟ ଦେଖି ମୁଗ୍ଧ ହେଇଥିଲି ଆଉ ଆଜି 'ପୁଷ୍କରା' ଦେଖି ଖୁସ୍ ହେଇଗଲି । ଆଉ ପୁଷ୍କରା ଓ ସୁନନ୍ଦାଙ୍କ ସ୍ୱଚ୍ଛ ପ୍ରେମ କାହାଣୀରୁ ମୁଁ ଗୋଟିଏ ଗଳ୍ପର ପ୍ଲଟ୍ ମଧ୍ୟ ପାଇଗଲି । ଯଦି ଗପଟେ ଲେଖେ ତେବେ ଶୀର୍ଷକ ଦେବି: 'ପଟେ କାନଫୁଲ' । ଉତ୍ସର୍ଗ କରିବି ପୁଷ୍କରାକୁ ।

ଶେଷରେ ସେଇ ଡାଇଲଗ୍‌ଟି କହି ରହିବି: ଆଞ୍ଜୁଳାଏ ଜଳକୁ ଜୀବନ ନାହିଁ, ଆଉ ତୁ ଦେଉଛୁ ସମୁଦ୍ର ! ପୁଣି : ପ୍ରେମରେ କିଏ ସନ୍ଥ ହୋଇଯାଏ ତ କିଏ ପୁଣି ପୁଷ୍କରା ବାଇଆ । ଏଇଟି ତୀର ଭଳି ବିଦ୍ଧ ହେଲା । ଜୟ ପୁଷ୍କରା, ଜୟ ସବ୍ୟସାଚୀ ମିଶ୍ର । ଜୟ ଶଙ୍କର ତ୍ରିପାଠୀ ।

ସମୀକ୍ଷା:

**କୃଷ୍ଣ କୁମାର ମହାନ୍ତି**



# ପେରିୟାର୍



## ପ୍ରଜ୍ଞାଶ୍ରୀ ରଥ

ବି-୨୦୧, ଢ଼ୁମୁଢ଼ୁମା, ଫେଜ୍-୬, ଏଚ୍‌ଆଇଜି ଫ୍ଲାଟ୍ସ (ଓଏସ୍‌ଏଚ୍‌ବି),ଭୁବନେଶ୍ୱର-୭୫୧୦୧୯,
ଫୋନ:୮୧୧୪୩୫୧୨୧୦

ଅଳଂକରଣ : ସଞ୍ଜୟ କୁମାର ରାଉଳ

**ଲଞ୍ଚ୍ ଟାଇମ୍‌ରେ କାମ କଲେ ଓଭର୍ ଟାଇମ୍ ମିଳେ କିଛି, ସେଥିପାଇଁ ସକାଳ ପହରୁ ଦିନ ତିନିଟା ଯାଏଁ ଶିମ୍ବ ତୋଳିଚି ଆଜି, ସୁପର୍ ଭାଇଜର୍ ଆସିକି ଓଜନ୍ କରିକି ପଇସା ଦେଇକି ଗଲା ପରେ ଖାଇବାକୁ ବସିଚି । ଶିମ୍ବ କିଣିବାକୁ ହେଲେ ଏଠି ନୁହେଁ, ସାମ୍ନାରେ ଯୋଉ କାଉଣ୍ଟର୍ ହେଇଚି ସେଠି ପଇସା ଦେବେ, ମତେ ପର୍ସ ଖୋଲିବାର ଦେଖି ସେ କହିଲା । ଜାଣିଲି ସେ ବଡ ସ୍ୱାଭିମାନୀ, ମୋ ଅଯାଚିତ ଦାନ କଦାପି ନେବନି ।**

ପୋନିକୁ ଭେଟିଲାବେଳେ ତାକୁ ନେଇ ଗପ ଲେଖିବି ବୋଲି ଭାବିନଥିଲି । ପୋନିକୁ ଓଡିଆ ଆସେନି, ଇଂଲିଶ୍ ବି ଜଣାନାହିଁ ତାକୁ । ଖାଲି ତାମିଲ୍ କହିପାରେ ସେ । ଆଉ ମୁଁ ମୂଳରୁ ଜାଣିନି ତାମିଲ୍ ।

ଓଡିଆରେ ଅନୁବାଦ ହେଇଥିବା କେଇଟା ତାମିଲ୍ ଗଳ୍ପ ଓ ଗୋଟେ ତାମିଲ୍ ଉପନ୍ୟାସ ଖାଲି ପଢିଚି, ସେ ବି କୋଉ ପିଲାଦିନେ, ତାସ୍ ଘର ନା କଣ ସେ ଉପନ୍ୟାସର ନାଁ । ଗୋଟେ ସେମିଅର୍ବାନ୍ ଏରିଆରେ ରହୁଥିବା ଗୋଟେ ଦମ୍ପତ୍ତିଙ୍କ ପାରିବାରିକ ଜୀବନ ଧୀରେ ଧୀରେ ବର୍ବାଦ୍ ହେଇଯାଉଚି ସ୍ୱାମୀଟିର ତାସ୍ ନିଶା ଯୋଗୁଁ, ସେ କେମିତି ହାରୁହାରୁ ପୂରା ହାରିଯାଇଚି ଜୀବନର ଖେଳରେ, ଶେଷରେ ସ୍ତ୍ରୀ ବି ପଳେଇ ଯାଇଚି ତାକୁ ଛାଡି, କୁନିପୁଅ ତା ସାଙ୍ଗକୁ ବାପା ଡାକୁଚି ଟାଇପ୍ ଅବସ୍ଥାର ବର୍ଣ୍ଣନା ସେ ଉପନ୍ୟାସରେ ।

ମତେ ତ କେବେବି ଭଲଲାଗେନି ସେ ତାସ୍ ଖେଳ । ଲାଗେ ବେକାର୍‌ଟାରେ ଚାରିଟାଲୋକ ବସି ଖାଲି ମୁଣ୍ଡ ଚିଣ କରିବାର ଯେ ବାଟ,ବରଂ ଲୁଡୁ କି ଚାଇନିଜ୍ ଚେକର୍ ହେଲା ବଢିଆ ପିଲାଙ୍କ ପାଇଁ, ବଡମାନେ ଚେସ୍ କି କ୍ୟାରମ୍ ଖେଳିପାରିବେ,ତାସ୍ ଖେଳକୁ ରୀତିମତ୍ ଡରିଥିଲି ସେ ଉପନ୍ୟାସ ପଢି ।

ଗୋଟେ କଥା କିନ୍ତୁ ଭାରି ଭଲଲାଗେ ଯେ ତାମିଲ୍ ସାହିତ୍ୟରେ ଲେଖକଙ୍କ ଠାରୁ ଲେଖିକା ବେଶି, ତାମିଲ୍ ଗଳ୍ପକଳା ବୋଧେ ସବୁଠୁ ବେଶି ମାଟିମନସ୍କ । ଏତେ ବେଶି ସ୍ପଣ୍ଟାନିଅସ୍ ଓ ଇନ୍‌ଫର୍ମାଲ୍ ଯେ ପାଠକ ବି ଗପରେ କୋଉଠି ନା କୋଉଠି ନିଜକୁ ପାଏ । ସାଧାରଣ ମଣିଷର ସୁଖଦୁଃଖ, ଭଲମନ୍ଦ, ହସକାନ୍ଦକୁ ନେଇ ତାମିଲ୍ ଲେଖିକାମାନେ ବେଶ୍ ସଚେତନ ।

ପେରିୟାର୍ ନଦୀର ଗୋଟେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ଯାଙ୍କର ଯିବାର ଥିଲା । ଗେଷ୍ଟ ହାଉସ୍‌ରେ ବସିକି କଣ କରିବି ଭାବି ମୁଁ ବି ବାହାରିପଡିଲି । ଡ୍ରାଇଭର୍ ତ ଯାଙ୍କୁ ନେଇକି ସାଇଟ୍ ଯିବ,ମୁଁ ପୁଣି ବୁଲିବି କେମିତି ! ହସହସ ମୁହଁରେ ସେ ଡ୍ରାଇଭର୍ ରାଜମ୍ କହିଲା: ସୀତାମ୍ମାକୁ ନେଇଯିବେ କି ?

ସୀତାମ୍ମା ହେଲା ତାର ନବବିବାହିତା ପତ୍ନୀ । ଓ୍ୱିମେନ୍ସ ପଲିଟେକ୍ନିକ୍‌ରେ ଫୁଡ୍ ପ୍ରିଜରଭେସନ୍ ଓ କ୍ୟାନିଂରେ ଡିପ୍ଲୋମା କୋର୍ସ କରିଚି । ହିନ୍ଦୀଟା ଚଳିବା ମୁତାବକ କହିପାରେ । ଇଂଲିଶ୍ ବି ଜାଣେ ଯେ, ତା ଛଡା ବହୁତ୍ ଦିନ ହେଲା ରାଜମ୍ ତାକୁ କୁଆଡେ ବୁଲେଇ ନେଇନି...ଶେଷଧାଡିଟା କହିଲା ବେଳକୁ ତଳକୁ ମୁହଁ ପୋତିଲା ରାଜମ୍ ଓ ମୁଁ ହସି ପକେଇଲି । ଓକେ ଓକେ,ଡାକ ସୀତାମ୍ମାକୁ । ମତେ ବି ସୁବିଧା ହବ ବୁଲିବୁଲି ତଥ୍ୟ ଗୋଟେଇବାକୁ କଥାଟା ମନରେ ରହିଲା ।

ସୀତାମ୍ମା ଆସିଲା ବେଶ୍ ସଜେଇ ହେଇକି, ସବୁଜ ଲାଙ୍ଗା ଉପରେ ହଳଦିଆ ଓ୍ୱାଣୀ ପକେଇ ଟିପିକାଲ୍ ତାମିଲ୍ ଗୁଡିୟା ହେଇ, ମୁଣ୍ଡରେ ଇଟିମଲା ଫୁଲର ଗଜରା ହାର, କାଚ, ମାଳି, ଅତର, ଫୁଲ ସବୁମିଶି ଗୋଟେ ଆରଣ୍ୟକ ବାସ୍ନା । ଯେତେ କହିଲେ ବି ଫ୍ରଣ୍ଟ ସିଟ୍‌ରେ ସେ ବସିଲା ନାହିଁ ରାଜନ୍ ପାଖରେ । ବରଂ ପଛସିଟ୍‌ରେ କଣିକିଆ ହେଇକି ବସିଥାଏ ବେଶ୍ ସଂଭ୍ରମର ସହ ।

ଜଳଭଣ୍ଡାର ପାଖରେ ଗୋଟେ ବିରାଟ ଫାର୍ମହାଉସ୍, ତାମିଲ୍ ନାଡୁ ସରକାରଙ୍କ ଉଦ୍ୟାନ ବିଭାଗର । "ଏଇଠି ତମେ ପିଉଥାଅ ସବୁଜିମା, ମୁଁ ଚାଲିଲି"...କହି ଯେ ଗଲେ ସେଠିକାର ଜଳସମ୍ପଦ ବିଭାଗର ଅଫିସ୍‌କୁ । ସୀତାମ୍ମା ମୋ ସହ ଏତେବେଳକେ କଥା ଆରମ୍ଭ କଲା ।

ଗପଟା କହିବା ଆଗରୁ ଟିକେ ହସୁଚି...ସେଇମାନଙ୍କ ପାଇଁ, ଯିଏ ପାଠକ କମ୍ ଆଲୋଚକ ବେଶି ।

ପୋନି ଗୋଟେ ଜୀବନ୍ତ ଚରିତ୍ର । ସେ କାହିଁକି ମୋ ଗପର ଚରିତ୍ର ହେଲା ସେ କଥାଟା କହେ ଏଥର ।

ଆମେ ଯେତେବେଳେ ତା ପାଖାପାଖି ପହଞ୍ଚିଗଲୁ, ସେତେବେଳେ ସେ କେତେଟା ଖୁଚୁରା ଟଙ୍କାକୁ ମନଧ୍ୟାନ ଦେଇ ଗଣୁଥିଲା, ତା ପାଖରେ ଗୋଟେ ପଲିଥିନ୍‌ରେ ଅଧାଖିଆ ତେନ୍ତୁଳି ଭାତ ଆଉ ପାଣି ବୋତଲଟେ । ଚାରିଟା ବାଜି ସାରିଥିଲା, ଆମେମାନେ ତ ଦୁଇଟା ପନ୍ଦର୍‌ରେ ଖାଇ ସାରିଥିଲୁ ଲଞ୍ଚ, ପୋନିର ଲଞ୍ଚ ସେଯାଏ ସରିନଥିଲା କି ଅଧାଖିଆରୁ ଟଙ୍କା ଗଣୁଚି କିଆଁ ଟିକେ ଦୂରରେ ଅଟକିଲି ଓ ତାକୁ ଦେଖିବାକୁ ଲାଗିଲି । ପୋନି ଆମକୁ ଦେଖି ପାରିନଥିଲା ବୋଧେ, ଆରାମ୍‌ରେ ଟଙ୍କାତକ ଥରକୁଥର ଗଣି ତାକୁ ପୁଣି ଗୋଟେ କନାପୁଟୁଳିରେ ବାନ୍ଧି ନିଜ ପୋଷାକ ଭିତରେ ଲୁଚାଇଦେଲା । ପୁଣି ସେଇ ବଳକା ତେନ୍ତୁଳିଭାତକୁ ଖାଇ ଲାଗିଲା । ଆଖପାଖରେ ପରିବା ବଗିଚାର ବିରାଟ ପଟୁଆର ଅଥଚ ପୋନି ପରି ସେଠି ଖଟୁଥିବା ମଣିଷମାନେ ଖାଲି ତେନ୍ତୁଳି ଭାତ କାହିଁକି ଖାଆନ୍ତି ? ଏଇ ଟାଇପ୍ ପ୍ରଶ୍ନ କଲେ ଯେ ଖୁବ୍ ହସନ୍ତି । "ତମର ଭଗବାନ୍ ହବାର ଥିଲା ମିଛଟାରେ ମଣିଷ ହେଲ" କହି ।

ସୀତାମ୍ମା ବଡ ଖୁସିରେ ଏପଟସେପଟ ବୁଲୁଥାଏ, ତାର ଗୁଡୁରୁଗୁଡୁରୁ ଭାଷାରେ କଣସବୁ ଗଡଗଡ କରି କହୁଥାଏ ପାଖଆଖରେ ବୁଲୁଥିବା ତାରି ପରି ସ୍ତ୍ରୀଲୋକମାନଙ୍କୁ । ବାରି ହଉଥାଏ ତା ଖୁସି । ମୋର ଲକ୍ଷ୍ୟ ପୋନି ଠାରେ । ଏତେଗୁଡେ ଶିମ୍ବ ଭିତରେ ଶିମ୍ବମଞ୍ଜି ପରି କଳା ଅଥଚ ନିଖୁଣ୍ ନିଟୋଳ ତା ମୁହଁରେ...ମନେ ବି ପଡିଲା ମୋ ବୋଉ ତିଆରି କରେ କିମିତି ସୋରିଷ ବାଟଣ ଗୋଳେଇ ବଡବଡ ନାଲିଲଙ୍କା ଦେଇ ତେଲ ଜର୍


▶ ଲେଖିକା ପ୍ରଜ୍ଞାଶ୍ରୀ ରଥ

ଜର୍ ଶିମ୍ବଭଜା । ଦେଠେଇ କରନ୍ତି ଚୁନିଚୁନି କରି କଟା ଶିମ୍ବର ରାଇ ବଡି ପକେଇ...ଗାଁ ଘରେ ଆମର ବିରାଟ ଶିମ୍ବଭାଡି । ଅଡିବେଶିରେ ଅଧକୁଲାଏ ଶିମ୍ବ ତୋଳାହୁଏ ସେଠି ଦିନକୁ । ଆଉ ଏଠି ଦେଖ । ପର୍ବତ ପ୍ରମାଣେ ଗଦା ହେଇଚି ହେଲେ ଲାଭ କଣ, ସେଇଠି ବସି ଗୋଟେ ମଣିଷ ତ ବିନା ଟୋପେ ଭଜା କି ତର୍କାରୀରେ ଖାଲି ସେମିତି ତେନ୍ତୁଳିଗୋଳା ଭାତ ଖାଉଚି ।

ଯିବା । ସୀତାମ୍ମାର ଡାକରେ ଚମକିଲି । ଭାବୁଭାବୁ ବହକି ଯିବାର ମଣିଷଟେ ମୁଁ । ସୀତାମ୍ମା କାହୁଁ ଜାଣିବ ।

ମତେ ସେଇ ଲେଡି ସହ କଥା ହବାର ଅଛି ସୀତାମ୍ମା । can you plz help । ସେ ବଡ ଆଗ୍ରହରେ ରାଜି ହେଲା । "ଏଇ ମୂଲିଆଣୀ ସାଙ୍ଗେ କଣ୍ କଥା ହେବେ ?" ପଚାରି ପକେଇଲା । ତାକୁ ଟିକେ ଗାଢ୍ ଦୃଷ୍ଟିରେ ଦେଖିଲି । ସେ ମୁହଁ ତଳକୁ କଲା । ସିଏ ଯିଏ ବି ହଉ ଗୋଟେ ଭଲମଣିଷ ପରି ମତେ ଲାଗୁଚି ଆଉ ମୁଁ ତା ସହ କଥାହେବି । ସେ ହୁଏତ ମୋ ଭାଷା ଜାଣିନି । ତେଣୁ ତମେ ଟିକେ ତାକୁ ପଚାର ସେ ମୋ ସହ ତମ ଜରିଆରେ କଥା ହବ କି ନାଇଁ ।

ସୀତାମ୍ମା ତାକୁ ଯାଇ ସେଇଆ କହିଲା ପରେ ପୋନି ତା ଜାଗାରୁ ଉଠି ଆସିଲା । କୋଉଠୁ ଆସିଚନ୍ତି । ତାର ପ୍ରଥମ ପ୍ରଶ୍ନ । ଓଡିଶାର ଯେତେ ପରିଚୟ ଦେଲି ସେ କିଛି ବୁଝିଲାନି । ହାରିବା ଆଗରୁ କହିଲି ପୁରୀ ନାଁ ଶୁଣିଚ । ଜଗନ୍ନାଥ ପୁରୀ । ସେ ବିସ୍ମୟରେ ଆଖି ବଡବଡ କରି ପଚାରିଲା । ହଁ । ଏଥର ଦୁଇହାତ ଉଠାଇ କପାଳ ଉପରେ ରଖି ସେ ଯୋଉ ଜଗନ୍ନାଥଙ୍କ ନାମ ଉଚ୍ଚାରଣ କଲା...ତା କଳାମୁହଁରେ ମତେ ସେ କଳାମୁହଁ ଦିଶିଗଲା ।

କଳା ବୋଲି କାହିଁକି ବା କହିବି । ସେ ଅଞ୍ଚଳର, ସେ ପରିବେଶର ନିଖୁଣ୍ ପ୍ରତିମାଟିଏ ପୋନି । କଳାଘୁମର ଆଖିଯୋଡିଏ, ଚିକ୍କଣ କଳାକେଶର ଚକାବେଣୀ ଖୋସାରେ ଦିଟା ବଣୁଆଫୁଲ । କାମକୁ ଆସିଚି ବୋଲି ସାର୍ଟ ଖଣ୍ଡେ ଗଳେଇଚି ସିନା ନହେଲେ ତାର ବି ଅଛି ତିନିଟା ଚକ୍ ଚକିଆ ଲାଙ୍ଗା ଯାହାକୁ ସେ ପୂଜାପର୍ବରେ ପିନ୍ଧେ । ମାସକୁମାସ ଦରମା ମିଳେ ତାକୁ । ଆଉ ଦରମା ପାଇଲା ଦିନ ଗୋଟେ ବେଗ୍ ପରିବା ସେ କିଣିକି ନିଏ । ମନଭରି ତର୍କାରୀ ଯଦି ମାସସାରା ଖାଇବ ପିଲାମାନଙ୍କର ବାକି ଖର୍ଚ୍ଚ କୁଆଡୁ ଉଠିବ !

ତମର କେତେଟା ପିଲା ପୋନି? ପଚାରୁ ପଚାରୁ ତପାକ୍ କରି କହିଲା ସେ ।

- ତିନିଟା ଝିଅ ।

- ଆଚ୍ଛା...କୋଉଠି ପଢନ୍ତି ସେମାନେ ? ? ?

ବଡଝିଅ କମ୍ପ୍ୟୁଟର୍ କୋର୍ସ କରୁଚି, ତା ତଳଟା



ଟିଚର୍ ହବ ନା ସେଇ ଟ୍ରେନିଂ ନଉଚି, ସାନଟା ଦେଇ ପାଠଶାଠ ହେଲାନି ତ ସିଏ ଗୋଟେ ପାର୍ଲର୍‌ରେ ଏଇନା ଆସିଷ୍ଟାଣ୍ଟ ଅଛି ବିନା ଦରମାରେ, ଛଅ ମାସ ପରେ ସେ ଟ୍ରେନି ଆସିଷ୍ଟାଣ୍ଟ ହେଲେ ଯାଇ ପାଞ୍ଚ ହଜାର ଟଙ୍କା ପାଇବ ମାସକୁ, ସେଇ ଯାକେ ଟିକେ ଟାଣ୍ ଟୁଣ୍ । ସେ କହିଲା ଓ ଟିକେ ହସିଲା ।

ମତେ ସତରେ ଈର୍ଷ୍ୟା ହେଲା । କେତେ ଭଲରେ ଏଇ ପୋନି ତା ପରିବାରକୁ ଦମ୍ଭର ସହ ଚଳେଇ ପାରୁଚି । କେତେ ଫିଟ୍ ବି ଅଛି ।

- କେତେ ବର୍ଷ ହେଲାରେ ପୋନି ତମ ବାହାଘର ?

- ନଅ ବର୍ଷ ଦିଦି ।

- ଏଁ !

- ଆଉ ଏ ଝିଅମାନେ ? ? ?

ପୋନି ତଳକୁ ମୁହଁ ପୋତିଲା ।

ଥାଉ ନକହୁ ସେ, ହୁଏତ ତାକୁ କଷ୍ଟ ହେବ, ହେଇଥିବ କଣ ଗୋଟେ କାହାଣୀ ।

ମୁଁ ଫେରିବାକୁ ଆରମ୍ଭ କଲି ତ ପୋନି କହିଲା: ଟିକିଏ ରହ ।

କଥାର ଉତ୍ତର ନଦେଇ ଚାଲିଯିବ । ତା ଆଖିରେ ଟଳମଳ ଅଖଣ୍ଡ ବିଶ୍ୱାସ ।

- କହ ପୋନି, ଏଇ ରହିଲି ମୁଁ, କହ ।

ନଅ ବର୍ଷ ତଳେ ତାକୁ ବାହା ହବ କହି ଭୁଲେଇ ଭାଲେଇ ନେଇ ଆସିଥିଲା ଜଣେ । ତାର ଘର ବି ଥିଲା, ଭର୍ପୂର୍ ସଂସାର ବି ଥିଲା, କେଜାଣି କେମିତି ପୋନି ଜାଣି ପାରିଲାନି । ଯେତେବେଳେ ଜାଣିଲା, ସେତେବେଳେ ଫେରିବାର ବାଟ ଆଉ ନଥିଲା । ପୋନିକୁ ରହିବାକୁ ହେଲା ଦାସୀ ଭାବରେ, ତିନିବର୍ଷ, ବିନା ସାଂସାରିକ ସ୍ୱୀକୃତିରେ ।

- ତା ପରେ ?

- ପରେ ଆଉ କଣ୍ ଦିଦି । ଲୋକଟା ମରିଗଲା ।

- ଆଉ ତା ସ୍ତ୍ରୀ ।

- ଅଛି ତ । ଘରେ । ରନ୍ଧା ଛଡା କିଛି ଆସେନି ତାକୁ, ହେଲେ ରାନ୍ଧିବ କଣ ଯଦି ରୋଜଗାର କିଛି ବି ନଥିବ...ସୀତାମ୍ମା ତା କଥାର ଅନୁବାଦ କରି କହୁକହୁ ସକେଇଲା ।

ପଚାରିବା କଥା ତ ନୁହେଁ, ତେବେ ବି କୌତୂହଳବଶତଃ ପଚାରି ପକେଇଲି, ତମେ କାହିଁକି ସେ ପରିବାରର ଦାୟିତ୍ୱ ନେବାକୁ ବାହାରିଲ କୁହ ।

ପୋନି ସେମିତି ସିଧାସିଧା କହିଲା...ମୋ ପରି ସେ ପିଲାମାନେ ପୋନି ନ ହୁଅନ୍ତୁ ଦିଦି,ସେଥିପାଇଁ ।

ଗୋଟେ ଶକ୍ତ ଚାବୁକ୍ ବାଜିଲା କୋଉଠି ।

ଲାଗିଲା କୋଉଠି ଜଳୁଚି ଅଖଣ୍ଡଦୀପ ।

ଅଧାଖିଆରୁ ପଇସା ଗଣି ଅଲଗା ଅଲଗା ରଖିଚି ପୋନି । ପିଲାଙ୍କ ପାଇଁ, ଘରର ଖର୍ଚ୍ଚ ପାଇଁ,କିଛିଟା ସଞ୍ଚୟ ଅନାଗତ ଭବିଷ୍ୟତ ପାଇଁ ।

ଲଞ୍ଚ୍ ଟାଇମ୍‌ରେ କାମ କଲେ ଓଭର୍ ଟାଇମ୍ ମିଳେ କିଛି, ସେଥିପାଇଁ ସକାଳ ପହରୁ ଦିନ ତିନିଟା ଯାଏଁ ଶିମ୍ବ ତୋଳିଚି ଆଜି, ସୁପର୍ ଭାଇଜର୍ ଆସିକି ଓଜନ୍ କରିକି ପଇସା ଦେଇକି ଗଲା ପରେ ଖାଇବାକୁ ବସିଚି । ଶିମ୍ବ କିଣିବାକୁ ହେଲେ ଏଠି ନୁହେଁ, ସାମ୍ନାରେ ଯୋଉ କାଉଣ୍ଟର୍ ହେଇଚି ସେଠି ପଇସା ଦେବେ, ମତେ ପର୍ସ ଖୋଲିବାର ଦେଖି ସେ କହିଲା । ଜାଣିଲି ସେ ବଡ ସ୍ୱାଭିମାନୀ, ମୋ ଅଯାଚିତ ଦାନ କଦାପି ନେବନି ।

- ପୋନି...ଯଦି କିଛି ନଭାବିବ ତମ ସହ ଗୋଟେ ଫଟ ଉଠେଇବାକୁ ଚାହେଁ ।

- ଏଇ କଥା...ପୋନି ଆନନ୍ଦରେ ପୋଜ୍ ଦେଲା ।

ଅନାଡି ହାତରେ କ୍ୟାମେରା ଧରି ସୀତାମ୍ମା କ୍ଲିକ୍ କଲା ଗୋଟେ ମୁହୂର୍ତ୍ତ ।

ପୂରା ବଗିଚା ବୁଲିବୁଲି ପୁଣି ପହଞ୍ଚିଲୁ ସେ ଜାଗାରେ...ସେତେବେଳେ ସେଠି ଶିମ୍ବ ନଥିଲା କି ପୋନି ନଥିଲା ।

ତା ଜାଗାରେ ଗଦା ହେଇଥିଲା ଗଦାଏ ଗେଣ୍ଡୁଫୁଲ ।

ହୁଏତ ଆଉ କିଏ ଥିବ ଠିକ୍ ସେମିତି ।

ପେରିୟାର୍‌ର ମାନେ କଣ୍ ଜାଣ...ଫେରିବା ରାସ୍ତାରେ ସେ ପଚାରିଲେ ।

- ନା ତ ।

ପେରିୟାର୍ ହେଲା ତାମିଲ୍ ନାଡୁର ନଈ । କିନ୍ତୁ ବହି ଯାଇଚି ପୂରାକୁପୂରା କେରଳ ଭିତର ଦେଇ । ପେରିୟାର୍ ନଥିଲେ କେରଳ ପୂରା ଶୁଖିଲା ପଡିଥାନ୍ତା, ପିଇବା ପାଣି କୁହ କି ଜଳସେଚନ ଏ ନଈ ହେଲା କେରଳର ଲାଇଫ୍‌ଲାଇନ୍ । 'ପେରିୟା'ର ଡିକ୍ସନାରୀ ଅର୍ଥ ହେଲା 'ବହୁତ୍ ବଡ଼' ।

ମୁଁ ବିଡ୍‌ବିଡେଇଲି: ମୁଁ ବି ଦେଖିଲି ପେରିୟାର୍ ...ଓଃ ପୋନି !

Ohm
PVC HDPE Pipes & Fittings

# OHM PIPES PVT. LTD.




“An ISO 9001-2015 Certified Company”

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

**Works: D - 7, 8, 49 & 50, Somnathpur, IID Centre, Odisha 756019**
**Sales Enquiry Odisha: +91 - 7008869992, 8280956445**
**West Bengal: +91- 9433094332**
**info@ohmpipes.com**
**www.ohmpipes.com**



# ପଟ୍ଟଚିତ୍ରର ପରିଭାଷା

# ପରିଚୟ ପଟ୍ଟଚିତ୍ର


**ସ୍ୱାଗତିକା ସେଠୀ**

କେଶରୀ ଏନକ୍ଲେଭ୍, ଏ-୧୦୫, ୟୁନିଟ-୮
ନୟାପଲ୍ଲୀ, ନୂଆସାହି, ଭୁବନେଶ୍ୱର-୭୫୧୦୧୨
ଫୋନ: ୯୪୩୭୮୧୫୫୪୦


ଫଟୋ ସୌଜନ୍ୟ : ଲେଖିକା



▲ ଲେଖିକା ସ୍ୱାଗତିକା ସେଠୀ

ପଟ୍ଟଚିତ୍ର ଶବ୍ଦଟି ଶୁଣୁ ଶୁଣୁ ଆଖି ସାମ୍ନାରେ ନାଚିଉଠେ ଲାଳିତ୍ୟପୂର୍ଣ୍ଣ ଏକ ସ୍ୱତନ୍ତ୍ର ଶୈଳୀର ଚିତ୍ର । ଏହି ପାରମ୍ପରିକ ଚିତ୍ରକଳା ତା'ର ଏହି ସ୍ୱତନ୍ତ୍ରତା ପାଇଁ ଦେଶବିଦେଶରେ କଳାପ୍ରେମୀଙ୍କ ହୃଦୟ ଜୟ କରି ପାରିଛି ଓ କଳା କ୍ଷେତ୍ରରେ ଓଡିଶାର ନୈପୁଣ୍ୟକୁ ଦର୍ଶାଉଛି । ଏମିତି ଦେଖିବାକୁ ଗଲେ ଓଡିଶାରେ ଚିତ୍ରକଳାର ପ୍ରାଚୀନତା ଏଠାରେ ଥିବା ଗୁମ୍ଫାଚିତ୍ରମାନଙ୍କରୁ ଜଣାପଡେ । ଆଦିମ ମାନବ ଶିକାର ପରି ନିଜର ଦୈନନ୍ଦିନ ଘଟଣାକୁ ଓ ଅନୁଭୂତିକୁ ଗୁମ୍ଫାଗାତ୍ରରେ ଚିତ୍ରାୟିତ କରୁଥିଲା । ବିକ୍ରମଖୋଲ, ଯୋଗୀମଠ, ଗୁଡହାଣ୍ଡି ଆଦି ସ୍ଥାନରେ ଏହାର ନିଦର୍ଶନ ମିଳିଥାଏ । ମାନବର ସାମାଜିକ ଉନ୍ନତି ସହ ସଂସ୍କୃତିର ସୃଷ୍ଟି ହେଲା ଓ ତା' ସହ ବିଭିନ୍ନ କଳାର ଉନ୍ନତି ମଧ୍ୟ ହେଲା । ଏଥିରୁ ଚିତ୍ରକଳା ବା କିପରି ବାଦ୍ ପଡିଥା'ନ୍ତା ? ପରବର୍ତ୍ତୀ ପର୍ଯ୍ୟାୟର କୌଣସି ଚିତ୍ରକଳା ସଂରକ୍ଷିତ ହୋଇ ରହି ନଥିଲେ ମଧ୍ୟ ଓଡିଶାରେ ପୁରାତନ ମନ୍ଦିର, ଗୁମ୍ଫା ଆଦିରେ ହୋଇଥିବା ପ୍ରସ୍ତର ଖୋଦେଇ ସୂକ୍ଷ୍ମ କାରୁକାର୍ଯ୍ୟ ମଧ୍ୟରେ ଦେବଦେବୀ, ନଟନଟୀମାନେ ଚିତ୍ର କରୁଥିବାର ଦର୍ଶା ଯାଇଛି । ଏଥିରୁ ଜଣାଯାଏ ଯେ ସେହି ପୁରାତନ ଯୁଗରେ ମଧ୍ୟ ଓଡିଶାରେ ଚିତ୍ରକଳାର ଉନ୍ନତି ହେଉଥିଲା ଓ ଚିତ୍ରକରମାନଙ୍କୁ ପୃଷ୍ଠପୋଷକତା ମିଳୁଥିଲା । ଓଡିଶାର ଗାଁଗହଳମାନଙ୍କରେ ଏବେ ମଧ୍ୟ ପରମ୍ପରା ଅନୁଯାୟୀ ପିଠୋଉ ବଟାରେ ମାଟି କାନ୍ଥବାଡ କୁଶଳୀ କାରିଗର ନୁହେଁ ବରଂ ସାଧାରଣ ମହିଳାମାନଙ୍କ ଦ୍ୱାରା ଚିତ୍ରିତ କରା ଯାଉଛି । ଏହିସବୁ ଝୋଟି ଓ ଚିତାରେ ଓଡିଶୀ ଚିତ୍ର ଶୈଳୀର ଛାପ ସ୍ପଷ୍ଟ ବାରି ହୁଏ । ଏହିପରି ସବୁ ଅନେକ ସ୍ତର ଦେଇ ବିଶ୍ୱରେ ଆମ ଓଡିଶାର ପରିଚୟ ପଟ୍ଟଚିତ୍ର ଶୈଳୀର ସୃଷ୍ଟି ।

ଯଦିଓ ପଟ୍ଟଚିତ୍ର ଏକ ପାରମ୍ପରିକ ଚିତ୍ର ତଥାପି ଏହାର ପ୍ରାଚୀନତା ବିଷୟରେ ଇତିହାସରେ କୌଣସି ସ୍ପଷ୍ଟ ଉଲ୍ଲେଖ ନାହିଁ । ଯଦିଚ ଅନେକ ପୁରାତନ କାବ୍ୟଗ୍ରନ୍ଥ, ଧର୍ମଗ୍ରନ୍ଥ, ପୁରାଣମାନଙ୍କରେ ଚିତ୍ରପଟ୍ଟ/ଚିତ୍ରପଟ ଶବ୍ଦର ବହୁଳ ବ୍ୟବହାର ଦେଖିବାକୁ ମିଳେ, ହେଲେ ପଟ୍ଟଚିତ୍ର ଶବ୍ଦର ବ୍ୟବହାର କୌଣସିଥିରେ ଦେଖିବାକୁ ମିଳିନି । ଚିତ୍ରପଟ୍ଟ ବା ଚିତ୍ରପଟର ଅର୍ଥ ଏକ ପଟ/ପଟା ବା କପଡା ଉପରେ ଅଙ୍କା ଯାଇଥିବା କୌଣସି ଏକ ଚିତ୍ର । ତେଣୁ ଆକ୍ଷରିକ ଭାବରେ ପଟ୍ଟଚିତ୍ରକୁ ବିଶ୍ଳେଷଣ କଲେ ମଧ୍ୟ ପଟ୍ଟଚିତ୍ରର ଅର୍ଥ ବ୍ୟାଖ୍ୟା କରି ହେଉନି, କାରଣ ପଟ୍ଟଚିତ୍ର ଏକ ନିର୍ଦ୍ଦିଷ୍ଟ ଶୈଳୀର ଚିତ୍ରକଳା । ତେଣୁ କେଉଁ ସମୟରେ ଏହି କଳା ପ୍ରଚଳିତ ହେଲା ତାହାର ସଠିକ୍ ବିବରଣୀ ମିଳି ପାରିନାହିଁ ।

ଗବେଷକ ଡକ୍ଟର ବଂଶୀଧର ମହାନ୍ତିଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖ ସିଂହାର ପଦ୍ଧତିରୁ ପଟ୍ଟଚିତ୍ରର ସୃଷ୍ଟି ହୋଇଥିବା ଖୁବ୍ ସମ୍ଭବ । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଚତୁର୍ଦ୍ଧାମୂର୍ତ୍ତି ଦାରୁ ବିଗ୍ରହ ପ୍ରଥମେ ତିଆରି ହୁଏ । ତା' ପରେ ଏହି ଦାରୁବିଗ୍ରହ ଉପରେ ଅଠା, କନା ଓ ଖଡି ବୋଳା ହେବା ପରେ ଯେଉଁ ପଦ୍ଧତିରେ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ, ପଟ୍ଟଚିତ୍ର ପ୍ରସ୍ତୁତିରେ ମଧ୍ୟ ଠିକ୍ ସେହିସବୁ ପଦ୍ଧତି ଓ ସୋପାନମାନ ବ୍ୟବହାର କରାଯାଏ । କେତେକଙ୍କ ମତରେ ଯେହେତୁ ଏହି ପଟ୍ଟଚିତ୍ର ଶ୍ରୀଜଗନ୍ନାଥଙ୍କ ସହ ଜଡିତ ତେଣୁ ଏହା ଶ୍ରେଷ୍ଠ । ତେଣୁ ଏହି ଚିତ୍ର ପୂର୍ବରୁ ପଟ୍ଟ ଶବ୍ଦ ବ୍ୟବହାର କରାଯାଇଛି । ଯେପରିକି ଶ୍ରେଷ୍ଠ ଶିଷ୍ୟକୁ ପଟ୍ଟଶିଷ୍ୟ, ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ରାଣୀଙ୍କୁ ପଟ୍ଟରାଣୀ ବା ପାଟରାଣୀ/ପଟ୍ଟମହିଷୀ ଆଦି କୁହାଯାଏ ।

ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ କଳିଙ୍ଗ ଗଜପତିମାନଙ୍କ କର୍ମାଙ୍ଗୀ(ଶାସନକାଳ ମଧ୍ୟରେ ସେମାନଙ୍କ ଦ୍ୱାରା କରା ଯାଇଥିବା କାର୍ଯ୍ୟାବଳୀ ସମ୍ପର୍କିତ ବିବରଣୀ)ମାନଙ୍କରେ ସେମାନେ ଶ୍ରୀମନ୍ଦିର ବାହ୍ୟ ଓ ଗର୍ଭଗୃହମାନଙ୍କରେ, ରଥ, ଅଣସର ପଟି, ଚାପ ଆଦିମାନଙ୍କରେ ଚିତ୍ରକରମାନଙ୍କ ଦ୍ୱାରା ଚିତ୍ର କରା ଯାଇଥିବା ଓ ଏଥି ପାଇଁ ସେମାନଙ୍କୁ କଉଡି ପ୍ରାପ୍ୟ ରୂପେ ଦିଆ ଯାଇଥିବାର ଉଲ୍ଲେଖ ଅଛି ।

ଯେହେତୁ ଏହି ପଟ୍ଟଚିତ୍ର ଠାକୁରଙ୍କ କାମରେ ଲାଗୁଥିଲା, ତେଣୁ ମହାରାଜାମାନେ ଏହି ଚିତ୍ରକରମାନଙ୍କର ପୃଷ୍ଠପୋଷକ ଥିଲେ । ଏହି ଚିତ୍ରକରମାନେ ବଂଶାନୁକ୍ରମିକ ଭାବରେ ଠାକୁରଙ୍କ ସେବା କରି ଆସୁଥିଲେ । ଏଥିପାଇଁ ଏହି ପଦ୍ଧତିର ମୌଳିକତା ଏ ପର୍ଯ୍ୟନ୍ତ ବଜାୟ ରହି ପାରିଛି ।

ପ୍ରଥମେ ପଟ୍ଟଚିତ୍ର କାଠପଟା, ମନ୍ଦିର କାନ୍ଥବାଡ ଆଦି ସମତଳ ସ୍ଥାନରେ ଧର୍ମାନୁଷ୍ଠାନ ପାଇଁ କରା ଯାଉଥିଲା । ପରେ ଏହି କଳାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା କରିବା ପାଇଁ ଉପାୟ ବାହାର କରିବାକୁ ଯାଇ କପାକନାରେ ଚିତ୍ର ଅଙ୍କା ଗଲା । ବଡ ଚିତ୍ରମାନଙ୍କର ଦୁଇ ମୁଣ୍ଡରେ ଲମ୍ବା ବାଡି ସଂଯୋଗ କରି ତାକୁ ଗୁଡାଇ ଅନ୍ୟତ୍ର ପଠା ଯାଉଥିଲା । ସମ୍ଭବତଃ ଏହି ଭାବରେ ପ୍ରାଥମିକ ପଟ୍ଟଚିତ୍ର ଆରମ୍ଭ ହୋଇ ଥାଇପାରେ ।

ଅନ୍ୟ ଏକ ଗବେଷଣାରୁ ଜଣା ପଡେ ଯେ ସପ୍ତଦଶ ଓ ଅଷ୍ଟଦଶ ଶତାବ୍ଦୀ ବେଳକୁ ପଟ୍ଟଚିତ୍ର ଓ ପୋଥିଚିତ୍ର ଅଧିକ ଲୋକପ୍ରିୟ ହୋଇ ପାରିଥିଲା । କାରଣ ପୂର୍ବେ ଚିତ୍ରକର ସମ୍ପ୍ରଦାୟ ଉଭୟ ଚିତ୍ରକଳା,



ଲିଖନକଳା ଓ ଶାସ୍ତ୍ରଜ୍ଞାନରେ ନିପୁଣ ଥିଲେ । ତେଣୁ ପୁରାଣଆଦିକୁ ଆଧାରିତ କରି ପୌରାଣିକ କାହାଣୀ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ତାଳପତ୍ର ଉପରେ ଖୋଦେଇ ପଦ୍ଧତିରେ ଚିତ୍ରାୟିତ କରୁଥିଲେ । ଏହାର ଶୈଳୀ ପଟ୍ଟଚିତ୍ର ଥିଲା । ଏହି ଚିତ୍ର ଧର୍ମକୈନ୍ଦ୍ରିକ ହୋଇ ଥିବାରୁ ଅଧିକ ଲୋକପ୍ରିୟ ହୋଇ ପାରିଥିଲା ।

ଶ୍ରୀଜଗନ୍ନାଥଙ୍କ ରୀତିନୀତିରେ ପଟ୍ଟଚିତ୍ରର ଘନିଷ୍ଠ ଭୂମିକା ଅଛି । ପ୍ରଭୁଙ୍କର ଅଣସର ବେଳେ ଚତୁର୍ଦ୍ଧା ମୂର୍ତ୍ତି ଏହି ପଟ୍ଟଚିତ୍ର ମାଧ୍ୟମରେ ନିଜ ମାନବୀୟ ରୂପରେ ସିଂହାସନରେ ପୂଜିତ ହୋଇଥା'ନ୍ତି । ତେଣୁ ଶ୍ରୀଜଗନ୍ନାଥଙ୍କ ସେବା ପାଇଁ ଏହି ଚିତ୍ର ଉତ୍ସର୍ଗୀକୃତ । ଚିତ୍ରକରମାନେ ପୁରୀର ବିଭିନ୍ନ ସାହିରେ ବାସ କରିବା ସହ ନିଜ ଭରଣ ପୋଷଣ ପାଇଁ ଯାତ୍ରୀପଟି ପ୍ରସ୍ତୁତ କରି ମନ୍ଦିର ବାହାର ବେଢ଼ା ଓ ବଡଦାଣ୍ଡରେ ବିକ୍ରି ମଧ୍ୟ କରୁଥିଲେ । ଏହି ଯାତ୍ରୀପଟିରେ ଚିତ୍ରକରମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଭିନ୍ନ ବେଶ ଓ ତତ୍ ସହିତ ଶ୍ରୀମନ୍ଦିରର ଅନ୍ୟାନ୍ୟ ଦେବାଦେବୀଙ୍କୁ ସଂକ୍ଷେପରେ ଚିତ୍ର କରି ପୁରୀକୁ ଆସୁଥିବା ଯାତ୍ରୀଙ୍କୁ ବିକ୍ରି କରି ଲାଭବାନ ହେଉଥିଲେ । ଯାତ୍ରୀମାନେ ଏହି ଯାତ୍ରୀପଟିକୁ ସେମାନଙ୍କ ତିର୍ଥର ଏକ ସ୍ମାରକୀ ରୂପେ ସାଙ୍ଗରେ ନେଇଥାନ୍ତି । ଏହା ଦ୍ୱାରା ଜଗନ୍ନାଥ ଧର୍ମର ପ୍ରଚାର ପ୍ରସାର ମଧ୍ୟ ହେଉଥିଲା । ଶ୍ରୀଚୈତନ୍ୟଙ୍କ ପୁରୀ ଆଗମନ ପରେ ବୈଷ୍ଣବ ଧର୍ମର ଲୋକପ୍ରିୟତା ବଢିଥିଲା । ଏହାକୁ ଧ୍ୟାନରେ ରଖି ଚିତ୍ରକରମାନେ ଶ୍ରୀଜଗନ୍ନାଥଙ୍କ ଚିତ୍ର ସହିତ ଶ୍ରୀକୃଷ୍ଣ ଲୀଳା ଓ ଅନ୍ୟାନ୍ୟ ପୌରାଣିକ ବିଷୟବସ୍ତୁମାନ ଆଙ୍କିବା ଆରମ୍ଭ କରିଥିଲେ । ଏହି ଯାତ୍ରୀପଟି ସାଧାରଣତଃ କାଗଜ ଉପରେ ପ୍ରସ୍ତୁତ କରା ଯାଉଥିଲା । ହେଲେ ଏହା ପଟ୍ଟଚିତ୍ର ଶୈଳୀର ଥିଲା । ଯାତ୍ରୀପଟି ବିଭିନ୍ନ ଆକାର ଓ ମାପର ତିଆରି ହେଉଥିଲା । ସେହି ଅନୁସାରେ ସେମାନଙ୍କ ନାମକରଣ ମଧ୍ୟ ହୋଇଥାଏ ।

ପୂର୍ବେ ଶ୍ରୀ ଜଗନ୍ନାଥଙ୍କ ସେବାରେ ନିୟୋଜିତ ଚିତ୍ରକର ଓ ରୂପକାରଙ୍କ କାର୍ଯ୍ୟ ଏକ ଥିଲା । ହେଲେ ପରବର୍ତ୍ତୀ କାଳରେ ବିଭିନ୍ନ ମାଧ୍ୟମକୁ ନେଇ କାରିଗରମାନେ ଉନ୍ନତମାନର କାମ କଲେ ଓ ତଦନୁଯାୟୀ ସେମାନଙ୍କୁ ଚିତ୍ରକର, ଭାସ୍କର, ସ୍ଥପତି, ବିନ୍ଧାଣୀ ଆଦି ନାମରେ ନାମିତ କରାଗଲା । ଶ୍ରୀଜଗନ୍ନାଥଙ୍କ ଛତିଶା ନିଯୋଗ ସେବାରେ ଚିତ୍ରକାରମାନଙ୍କର ବିଶେଷ ସେବା ଅଛି । ଏହି ଚିତ୍ରକାର ମାନେ ଦୁଇ ଭାଗରେ ବିଭକ୍ତ । ଯଥା: **୧.** ରୂପକାର- ଯେଉଁମାନେ ଦାରୁବିଗ୍ରହ ନିର୍ମାଣ କରନ୍ତି, ରଥ ଓ ଏଥିରେ ଲାଗୁଥିବା ପାର୍ଶ୍ୱ ଦେବାଦେବୀ, ବିମାନ, ଚାପ ଆଦି ଆନୁସଙ୍ଗିକ ଉପକରଣକୁ କାଠରେ ରୂପ ଦେଇଥାନ୍ତି । **୨.** ଚିତ୍ରକର- ଚିତ୍ରକର ପୁଣି ଦୁଇ ପ୍ରକାରର । **କ.** ଶ୍ରୀମୁଖସଂହାରୀ- ଏମାନେ ବର୍ଷତମାମ ତିନି ଠାକୁରଙ୍କ ଶ୍ରୀମୁଖ ଚିତ୍ର କରନ୍ତି । ଅଣସର ପଟି, ସ୍ନାନ ଯାତ୍ରାରେ ସ୍ନାନ ବେଦୀରେ ଓଲଟ ପଦ୍ମ ଆଦି ତିଆରି କରନ୍ତି । **ଖ.** ଦ୍ୱିତୀୟ ପ୍ରକାର ଚିତ୍ରକର ବର୍ଷର ବିଭିନ୍ନ ସମୟରେ ଦେବକାର୍ଯ୍ୟ ମୁତାବକ ଚିତ୍ର ଆଙ୍କିଥା'ନ୍ତି । ଯେପରିକି ଶ୍ରୀକୃଷ୍ଣ ଜନ୍ମ, ଗଣେଶ ପୂଜା, ରେଖା ପଂଚମୀ, ଝୁଲଣ ଯାତ୍ରା, ଭାଗବତ ଜନ୍ମ ଆଦି ।

ପଟ୍ଟଚିତ୍ର ଧାର୍ମିକ ଓ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ ହୋଇଥାଏ । ଏଥିରେ କୃଷ୍ଣଲୀଳାର କାଳୀୟ ଦଳନ, ରାଧାକୃଷ୍ଣ ରାସ, କଂସ ବଧ, ବକାସୁର ବଧ ଆଦି କୃଷ୍ଣଙ୍କର ବିଭିନ୍ନ ଲୀଳା ସମ୍ବନ୍ଧିୟ ଦୃଶ୍ୟ, ମହାଭାରତ, କୁମାରସମ୍ଭବ, ରାମାୟଣକାବ୍ୟ, ଗଣେଶ ଜନ୍ମ, ପ୍ରହଲ୍ଲାଦ କାହାଣୀ ସହ ବୁଦ୍ଧ ଚରିତ, କାଞ୍ଚିବିଜୟ ପରି ଅନେକ ଐତିହାସିକ ଘଟଣାବଳୀକୁ ଚିତ୍ର ମାଧ୍ୟମରେ ବ୍ୟାଖ୍ୟା କରା ଯାଇଥାଏ ।

ପଟ୍ଟଚିତ୍ରଟିଏ ପ୍ରସ୍ତୁତ କରିବାକୁ ହେଲେ ଅନେକ ସୋପାନ ଦେଇ ଯିବାକୁ ହୋଇଥାଏ । ଚିତ୍ରକର ଏସବୁ ପଦ୍ଧତିକୁ ନିଜେ ତିଆରି କରେ । ପାରମ୍ପରିକ ଭାବରେ ଚିତ୍ରକରର ପରିବାର ଓ ଶିଷ୍ୟମାନେ ତାଙ୍କୁ କାମରେ ସାହାଯ୍ୟ କରନ୍ତି । ପଟ୍ଟଚିତ୍ର ଅଙ୍କା ଯିବା ପୂର୍ବରୁ ଏଥିପାଇଁ ପ୍ରଥମେ ପଟି ପ୍ରସ୍ତୁତ କରାଯାଏ । ପଟି ପ୍ରସ୍ତୁତ ପାଇଁ ପ୍ରଥମେ ନରମ କପଡାକୁ ସମତଳ ସ୍ଥାନରେ ବିଛାଇ ତା' ଉପରେ ତେନ୍ତୁଳି ମଞ୍ଜି(ନୂଆ ତେନ୍ତୁଳି)କୁ ଛେଚି, ବାଟି ଓ ରନ୍ଧି ପ୍ରସ୍ତୁତ ହୋଇଥିବା ଅଠା ସମାନ ଭାବରେ ପ୍ରଲେପ ଦିଆଯାଏ । ଏହା ଉପରେ ଆଉ ଏକ ପରସ୍ତ କପଡା ସମାନ ଭାବରେ ବିଛାଇ ଚାପି ଦିଆଯାଏ ଓ ତା' ଉପରେ ପୁଣି ସେହି ତେନ୍ତୁଳି ଅଠାର ପ୍ରଲେପ ଦିଆଯାଏ । ଯଦି ମୋଟା ପଟି ଦରକାର ହୁଏ ତେବେ ଏହା ଉପରେ ଆଉ ଏକ ପରସ୍ତ ମଧ୍ୟ ଦିଆଯାଏ । ଖରାରେ ଏହି ପଟିକୁ ଶୁଖିବାକୁ ଛାଡିଦିଆ ଯାଏ । ବର୍ଷାଦିନରେ ପଟି ପ୍ରସ୍ତୁତ କରାଯାଏ ନାହିଁ । ପଟି ଶୁଖିଗଲା ପରେ ଦ୍ୱିତୀୟ ପ୍ରର୍ଯ୍ୟାୟରେ ଦୁଧଖଡି ଗୁଣ୍ଡରେ କିଛି ତେନ୍ତୁଳି ଅଠା ମିଶାଇ ମଣ୍ଡ ପ୍ରସ୍ତୁତ କରାଯାଏ ଓ ପଟି ଉପରେ ସମାନ ଭାବରେ ପ୍ରଲେପ ଦିଆଯାଏ । ପଟିର ଗୋଟିଏ ପଟ ଶୁଖି ଆସିଲେ ତାକୁ ଓଲଟାଇ ଅପର ପାର୍ଶ୍ୱରେ ମଧ୍ୟ ଏହି ପ୍ରଲେପ ଦେଇ ଶୁଖା ଯାଏ । ପରେ ଏଥିରେ ଖଡିଗୁଣ୍ଡ ଓ ତେନ୍ତୁଳି ଅଠାର ପାଣିଆ ପ୍ରଲେପ ଦେଇ ପ୍ରଥମେ ବଗଡା ପଥର ଓ ପରେ ଗୋଲ ଚିକ୍କଣ ପଥରରେ ଘଷି ପଟିକୁ ମସୃଣ କରାଯାଏ । ଚିତ୍ରର ଆବଶ୍ୟକତା ମାପକୁ ଧ୍ୟାନରେ ରଖି ଏହି ପଟିକୁ କଟାଯାଏ ।

ପ୍ରଥମେ ଶ୍ରୀଜଗନ୍ନାଥଙ୍କ ସେବାରେ ମୁଖ୍ୟତଃ ପାଞ୍ଚଟି ମୌଳିକ ବର୍ଣ୍ଣ ଯଥା: କଳା, ଧଳା, ଲାଲ, ହଳଦିଆ ଓ ଗେରୁଆ ବ୍ୟବହାର ହେଉଥିଲା । ପରେ ନୀଳରଙ୍ଗକୁ ବ୍ୟବହାର କରାଗଲା । ପଟ୍ଟଚିତ୍ରରେ ଧଳା, କଳା, ନାଲି, ହଳଦିଆ,ନୀଳ ପରି ମୁଖ୍ୟ ରଙ୍ଗମାନଙ୍କୁ ବିଭିନ୍ନ ଅନୁପାତରେ ବ୍ୟବହାର କରି ଅନ୍ୟାନ୍ୟ ମିଶ୍ରରଙ୍ଗ ପ୍ରସ୍ତୁତ କରା ଯାଇ ବ୍ୟବହାର କରାଯାଏ ।ଯେପରିକି: ପାଉଁଶିଆ(ଧଳା+କଳା), ସବୁଜ(ହଳଦିଆ+ ନୀଳ), ଫିକା ସବୁଜ(ଧଳା+ସବୁଜ), ଗାଢ ସବୁଜ ବା ପଚା(ହଳଦିଆ+କଳା), ପାଣି ନୀଳ(ଧଳା+ନୀଳ), ଗୋଲାପି(ଧଳା +ନାଲି), କମଳା(ହଳଦିଆ+ନାଲି), ଚମ୍ପାରଙ୍ଗ(ଧଳା +ହଳଦିଆ), ଫିକାଗେରୁ(ଧଳା +ଗେରୁ), ଗାଢ଼ା ଗେରୁ(ଗେରୁ ଆବଶ୍ୟକତା ଅନୁସାରେ କଳା), ପୃଷ୍ଠଭୂମୀ ହିଙ୍ଗୁଳ(ହିଙ୍ଗୁଳ +ଧଳା) । ପଟ୍ଟଚିତ୍ର ରଙ୍ଗାଇବା ପାଇଁ ପାରମ୍ପରିକ ରଙ୍ଗ ବ୍ୟବହାର କରାଯାଏ । ଏହିସବୁ ରଙ୍ଗ ପ୍ରାକୃତିକ ଉତ୍ସରୁ ପ୍ରସ୍ତୁତ କରାଯାଏ ।

ଧଳାରଙ୍ଗ ଶଂଖରୁ, ଲାଲ ରଙ୍ଗ ହିଙ୍ଗୁଳ ନାମକ ଏକ ଖଣିଜ ପଥରରୁ, ହଳଦିଆ ହରିତାଳ ନାମକ ଖଣିଜ ପଥରରୁ, ଗେରୁଆ ଗେରୁ ପଥରରୁ, କଳାରଙ୍ଗ ଦୀପକଳାରୁ ଓ ନୀଳରଙ୍ଗ ନୀଳଗଛ ପତ୍ରରୁ ଖୁବ୍ ଯତ୍ନର ସହ ବିଭିନ୍ନ ଉପାୟରେ ପ୍ରସ୍ତୁତ କରାଯାଏ । ଏହି ରଙ୍ଗ ପ୍ରସ୍ତୁତ ପ୍ରଣାଳୀ ଯେତିକି କଷ୍ଟକର ସେତିକି ସମୟସାପେକ୍ଷ ମଧ୍ୟ । ଶୁଖିଲା ରଙ୍ଗ ତିଆରି ସରିଲା ପରେ ଚିତ୍ର ପାଇଁ ଏହାକୁ ଘୋରି କଇଥ ଅଠାରେ ଗୋଳାଇ ପାଣିଆ ରଙ୍ଗ ପ୍ରସ୍ତୁତ କରାଯାଏ । ରଙ୍ଗ

ରଖିବା ପାଇଁ ନଡିଆ ଷଢେଇ ଓ ମଳା ପ୍ରସ୍ତୁତ କରାଯାଏ । ପ୍ରତ୍ୟେକ ରଙ୍ଗ ପାଇଁ ଅଲଗା ଷଢେଇ ବ୍ୟବହାର କରାଯାଏ । ପଟ୍ଟଚିତ୍ର ଆଙ୍କିବା ପାଇଁ ସ୍ୱତନ୍ତ୍ର ତୂଳୀ ବ୍ୟବହାର କରାଯାଏ । ଚିତ୍ରକରଙ୍କ ଭାଷାରେ ଏହାକୁ କାଠି କୁହାଯାଏ । ବହୁ ପୁରାତନ କାଳରେ କିଆପଟକୁ ଛେଚି ମୋଟା ବା ସରୁ ତୂଳୀ ତିଆରି କରୁଥିଲେ । ପରେ ମୋଟା ତୂଳୀ ପାଇଁ ମଇଁଷି କାନ୍ଧର ବାଳ ଓ ସରୁ ତୂଳୀ ପାଇଁ ଗୁଣ୍ଡୁଚି ମୂଷା ଲାଞ୍ଜର ବାଳକୁ କାଠିରେ ଗୁଡାଇ ତୂଳୀ ରୂପେ ବ୍ୟବହାର କରାଗଲା । କାରଣ ଏହା ଅଧିକ ନମନୀୟ ତଥା ବ୍ୟବହାର କରିବାକୁ ସହଜ । ଏଥିରେ ସୂକ୍ଷ୍ମ କାରୁକାର୍ଯ୍ୟ ମଧ୍ୟ ହୋଇ ପାରିଲା । ନିଜ ଆବଶ୍ୟକତା ଅନୁସାରେ ଚିତ୍ରକର ନିଜର ତୂଳୀ ପ୍ରସ୍ତୁତ କରେ ଓ ଏହାକୁ ବାଉଁଶ ନଳୀରେ ସାଇତି ରଖେ । ପଟ୍ଟଚିତ୍ରରେ ପଟି ଠାରୁ ଆରମ୍ଭ କରି ରଙ୍ଗ, ତୂଳୀ ସବୁକିଛି ଚିତ୍ରକର ନିଜେ ନିଜ ପରିବାର ଲୋକଙ୍କ ସହାୟତାରେ ପ୍ରସ୍ତୁତ କରେ ।

ପୂର୍ବେ ପଟ୍ଟଚିତ୍ର ଏକ କୌଳିକ ବୃତ୍ତି ଥିଲା । ଏଥିପାଇଁ କୌଣସି ତାଲିମ କେନ୍ଦ୍ର ନଥିଲା । ତେଣୁ ପିଲାବେଳୁ ପ୍ରାଥମିକ ଅଙ୍କନ ଶିକ୍ଷା ଘରୁ କିମ୍ବା କୁଳଗୁରୁଙ୍କ ଠାରୁ ଶିଖିବାକୁ ହେଉଥିଲା । ସେତେବେଳେ ସେମାନେ ଅକ୍ଷର ସହ ବିଭିନ୍ନ ଆକୃତିକୁ ଖଡିରେ ମଡାଉଥିଲେ । ହାତ ଖୋଲିବା ପରେ ଶିଳ୍ପୀ ଆଗ ସ୍ଲେଟ୍‌ରେ ରେଖାଙ୍କିତ ଡିଜାଇନ୍ କରୁଥିଲେ । ହେଲେ ଏବେ ଶିଳ୍ପୀମାନେ ପ୍ରାଥମିକ ଚିତ୍ର ପାଇଁ କାଗଜ ଉପରେ ପେନ୍‌ସିଲ୍ ବ୍ୟବହାର କରୁଛନ୍ତି । କ'ଣ ଓ କିପରି ଅଙ୍କା ହେବ ତାହା ସ୍ଥିର ହେଲା ପରେ ତଦନୁସାରେ ପଟିକୁ ମାପ କରି କଟାଯାଏ । ଏହା ପରେ ପଟି ଚାରିକଡେ ଧଡି ବା ବର୍ଡର୍ ଅଙ୍କା ଯାଏ । ବର୍ଡର୍ ସବୁବେଳେ ଦୁଇ ସମାନ୍ତରାଳ ରେଖା ମଧ୍ୟରେ ରଖାଯାଏ । ଏହି ରେଖାକୁ ସ୍କେଲ୍ ଦ୍ୱାରା ଟଣାଯାଏ । ବର୍ଡର୍‌ର ବେସ୍‌ରେ ଗାଢରଙ୍ଗ ଦିଆଯାଇ ତା ଉପରେ ହାଲୁକା ରଙ୍ଗର ଡିଜାଇନ୍ ପକାଯାଏ । ଧଡିର ଚାରିପାଖ ଧଳା ବା ହଳଦିଆ ରଙ୍ଗରେ କରା ଯାଇଥାଏ । ପରେ କଳାରଙ୍ଗର ଧଡି ଦିଆଯାଏ । ପଟିର ଆକାରକୁ ଦେଖି ଦୁଇ ବା ତିନୋଟି ବର୍ଡର୍ ଦିଆ ଯାଇଥାଏ । ଏହି ବର୍ଡର୍ ଅନେକ ପ୍ରକାରର ଅଛି । ଏମାନଙ୍କ ଡିଜାଇନ୍ ଅନୁସାରେ ନାମକରଣ କରା ଯାଇଅଛି । ଯେପରିକି– ଫୁଲଫାସିଆ, ଲତା ଲହରା, ମାଛି ଡାଳି, କୁମ୍ଭ ପଟ୍ଟଳ, ଚୌକ, ଶଂଖଲତା, ମାଛ ଡାଳି, ସାପଧଡି, ଝାଲର ଆଦି ।

ଏହା ପରେ ଟିପଣା ଅର୍ଥାତ୍ ଚିତ୍ରର ମୁଖ୍ୟ ବିଷୟବସ୍ତୁ ଚିତ୍ରିତ କରାଯାଏ । ପୂର୍ବେ ଏହାକୁ କେବଳ ଗୁରୁମାନେ ହିଁ ସିଧାସଳଖ ପଟି ଉପରେ କରୁଥିଲେ । ଦକ୍ଷ ଶିଷ୍ୟମାନଙ୍କୁ କିଛି ଟିପଣା କରିବା ପାଇଁ ଅନୁମତି ମିଳୁଥିଲା । ପୂର୍ବେ ଶିଳ୍ପୀମାନେ ଧାର୍ମିକଗ୍ରନ୍ଥ, ଶାସ୍ତ୍ର ପୁରାଣର ମୌଳିକତା ବିଷୟରେ ଅଭଜ୍ଞ ଥିଲେ । ହେଲେ ଏବେ ସେପରି ପରିସ୍ଥିତି ନାହିଁ । ତେଣୁ ଏବେ ଜଣେ ନିପୁଣ କଳାକାର ମଧ୍ୟ ପ୍ରଥମେ ଚିତ୍ରକୁ ସଠିକ୍ ଅନୁପାତରେ କାଗଜରେ ଆଙ୍କି ପରେ ଏହାକୁ ପଟିରେ ଉତାରୁ ଅଛନ୍ତି । ଟିପଣା ବା ଚିତ୍ର ଆଙ୍କି ସାରିବା ପରେ ଖାଲିସ୍ଥାନକୁ ଅଳ୍ପ ହିଙ୍ଗୁଳ ଓ ଧଳା ରଙ୍ଗ ମିଶାଇ ପୃଷ୍ଠଭୂମୀରେ ଦିଆଯାଏ । ଏହାକୁ ହିଙ୍ଗୁଳ ବନକା ବା ଯାମିନୀ ରଙ୍ଗ କୁହାଯାଏ । ଏହାପରେ ଟିପଣା ବା ମୁଖ୍ୟଚିତ୍ରରେ ରଙ୍ଗ ଦେବା ଆରମ୍ଭ ହୁଏ । ପ୍ରଥମେ ଆବଶ୍ୟକ ମୋଟେଇର ତୂଳୀରେ ଟିପଣାର ଦେହରଙ୍ଗ, ତା ପରେ ପୋଷାକ ପରିଚ୍ଛେଦ ଓ ଅନ୍ୟାନ୍ୟ ଦୃଶ୍ୟସମ୍ବଳିତ ଚିତ୍ରରେ ରଙ୍ଗ ଦିଆଯାଏ । ରଙ୍ଗ ଯେପରି ସବୁଆଡେ ସମଭାବରେ ଲାଗିବ ତାହା ପ୍ରତି ଖୁବ୍ ସାବଧାନତା ଅବଲମ୍ବନ କରାଯାଏ । ପୌରାଣିକ ଚରିତ୍ର ଯେପରିକି ରାମ, କୃଷ୍ଣ, ଶିବ, ସୂର୍ଯ୍ୟ, ଗଣେଶ ଆଦିଙ୍କ ଦେହ ପାଇଁ ନିର୍ଦ୍ଦିଷ୍ଟ ଦେହରଙ୍ଗ ଦିଆଯାଏ । ସାଧାରଣ ବର୍ଗର ଚରିତ୍ରମାନଙ୍କୁ ଫିକା ହଳଦିଆ ଓ ନାଲିଳିଆ ହଳଦିଆ ରଙ୍ଗ ଦିଆଯାଏ ।



ଦେହରଙ୍ଗ ସରିଲା ପରେ ଅଳଙ୍କାର ରଙ୍ଗ ଦିଆଯାଏ । ଚରିତ୍ର ଅନୁସାରେ ଚିତ୍ରକର ସେମାନଙ୍କୁ ଗହଣା ପିନ୍ଧାଇଥା'ନ୍ତି । ଯେପରିକି ରାଜା, ଦେବତା ଆଦି ମୁକୁଟ ପରିଧାନ କଲାବେଳେ ଅନୁଚର ଓ ସାଧାରଣ ଜନତା ପଗଡି ପରିଧାନ କରିଥାନ୍ତି । ଅଳଙ୍କାରର ପରିମାଣ ମଧ୍ୟ ଚରିତ୍ର ଅନୁସାରେ କମ୍ ବେଶି ହୋଇଥାଏ । ଏହାକୁ ନଳିପାହୁଡି ସହ କଳା ଓ ଧଳା ରଙ୍ଗ ଦ୍ୱାରା ରଙ୍ଗା ଯାଏ । ଏହି ପଦ୍ଧତି ରଥ, ନୌକା, ଘର, ଖମ୍ବ, ଆୟୁଧ ଆଦିର ଅଳଙ୍କରଣ ପାଇଁ ମଧ୍ୟ ବ୍ୟବହାର କରା ଯାଏ । ଏହା ପରେ ସୂକ୍ଷ୍ମ ତୂଳୀରେ ଗହଣା, ପୋଷାକ ଆଦିର ଭିତରର ସୂକ୍ଷ୍ମ କୁଟିକମ କରାଯାଇଥାଏ । ଏହି ସୂକ୍ଷ୍ମ କାମ ବା ଛିଟଦିଆ କାମ ସରିବା ପରେ ଗଛପତ୍ର କାମ କରାଯାଏ । ଶେଷରେ ହାଇଲାଇଟର୍ ପରି ଶଂଖଚୂନରୁ ତିଆରି ଧଳାରଙ୍ଗ ଦ୍ୱାରା ଚିତ୍ରର ସୌନ୍ଦର୍ଯ୍ୟକରଣ କରାଯାଏ । ଏହା ପଟ୍ଟଚିତ୍ରର ଅନ୍ତିମ ପ୍ରର୍ଯ୍ୟାୟ । ଏହାକୁ ଶଂଖପାତ କୁହାଯାଏ । ଏହା ପରେ ଧଡିକୁ ଛାଡି ବାହାର ଆଡକୁ ଯେଉଁକିଛି ଅଳ୍ପ ଖାଲିସ୍ଥାନ ରହିଥାଏ ତାକୁ ଫିକା ନୀଳ, ହିଙ୍ଗୁଳ ବା ପାଉଁଶିଆ ରଙ୍ଗ ଦେଲେ ପଟ୍ଟଚିତ୍ରଟି ସମ୍ପୂର୍ଣ୍ଣ ଲାଗେ । ଏହାକୁ ଶିଳ୍ପୀଙ୍କ ଭାଷାରେ ପିଠିଦିଆ କୁହାଯାଏ ।

ପୂର୍ବେ ଚିତ୍ରଟିଏ ସରିବା ପରେ କାରିଗର ଏହା ଉପରେ ପାରଦର୍ଶୀ ଜଉର ଏକ ସମତଳ ପ୍ରଲେପ ଦେଉଥିଲେ । ଯାହାକି ଚିତ୍ରର ରଙ୍ଗରେ ଔଜ୍ଜ୍ୱଲ୍ୟ ଆଣୁଥିଲା ଓ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରୁଥିଲା । ଏହି ପଦ୍ଧତିକୁ ଜଉଶାଳ କୁହା ଯାଉଥିଲା । ମାତ୍ର ଲାଖରୁ ଜଉ ପ୍ରସ୍ତୁତ କରି ପଟିରେ ସମାନ ଭାବରେ ପ୍ରଲେପ ଦେବା ଖୁବ୍ କଷ୍ଟକର ବ୍ୟାପାର । ଏଥିପାଇଁ ଜଣଙ୍କୁ ସିଦ୍ଧହସ୍ତ ହେବାକୁ ହେବ । ସାମାନ୍ୟ ଭୁଲ୍ ହେଲେ ଚିତ୍ରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ସମ୍ଭାବନା ଥାଏ । ଆଜିକାଲି ସିଲ୍‌କ୍ ଓ ଟସର କପଡା ଉପରେ ପଟ୍ଟଚିତ୍ର କାମ ହେଉଥିବାରୁ ଚିତ୍ର ଉଜ୍ଜ୍ୱଳ ଦିଶୁଛି । ତେଣୁ ଏହି ଜଉଶାଳର ପ୍ରୟୋଜନ ହେଉନାହିଁ ।

## ମୋଗଲ ପ୍ରଭାବ

ଶ୍ରୀଜଗନ୍ନାଥଙ୍କ ସେବା ଓ ସଂସ୍କୃତି ସହ ଯୋଡି ହୋଇ ଏହି ପଟ୍ଟଚିତ୍ର ଚିତ୍ରକରମାନେ ରାଜାଙ୍କ ପୃଷ୍ଠପୋଷକତା ପାଇ ପ୍ରଥମେ ପୁରୀରେ ବାସ କରୁଥିଲେ ଓ ଏହି କଳାର ବିକାଶ ହୋଇ ପାରିଥିଲା । ସେମାନେ ସ୍ଥାନୀୟ ବିଭିନ୍ନ ମନ୍ଦିର, ଜେଗାଘର, ମଠମାନଙ୍କରେ ଚିତ୍ର ଆଙ୍କି, ଯାତ୍ରୀପଟି ବିକ୍ରୟ କରି ନିଜ ପ୍ରତିପୋଷଣ କରୁଥିଲେ । ମାତ୍ର ଷୋହଳଶହ ଶତାବ୍ଦୀ ମଧ୍ୟଭାଗ ବେଳକୁ ମୁସଲମାନ ଆକ୍ରମଣରେ ଓଡିଶାରେ ଗଜପତିଙ୍କ ଆଧିପତ୍ୟ ଦୁର୍ବଳ ହୋଇ ଯାଇଥିଲା । ତେଣୁ ଶ୍ରୀ ମନ୍ଦିର ନୀତିରେ ମଧ୍ୟ ବିଭ୍ରାଟ ଦେଖା ଯାଇଥିଲା । ଚିତ୍ରକରମାନେ ଠାକୁରଙ୍କ ସେବାକାର୍ଯ୍ୟକରି ମୁସଲମାନ୍ ଶାସକଙ୍କ ଚକ୍ଷୁଶୂଳ ହେବାକୁ ଚାହୁଁ ନଥିଲେ । ତେଣୁ ସେମାନେ ନିଜ ପ୍ରତିପୋଷଣ ପାଇଁ ସାଧାରଣ ଜୀବିକାକୁ ଗ୍ରହଣ କରିନେଲେ । କିଛି ଚିତ୍ରକର ସେବକ ପୁରୀ ପାଖାପାଖି ସ୍ଥାନ ଯେପରିକି ଦାଣ୍ଡସାହି, ରଘୁରାଜପୁର ଆଦିକୁ ସ୍ଥାନାନ୍ତରିତ ହୋଇଗଲେ ଓ ସେଠାରେ ଅନ୍ୟ ଜୀବିକା ସହ ଚିତ୍ରକର କାମ ବଜାୟ ରଖିଲେ । ଆଜି ରଘୁରାଜପୁର ପଟ୍ଟଚିତ୍ର ପାଇଁ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର



ସ୍ଥାନ ପାଇ ପାରିଛି । ଏହି ସମୟରେ ଯୌତୁକ ପେଡି, ଦିଅଁଘର, ଗୋବର କଣ୍ଢଇ, ନଡିଆ ଚିତ୍ର ଆଦି କରି ଜୀବିକା ପୋଷିଲେ । ପୁରୀ ରାଜାଙ୍କ ଆଧିପତ୍ୟ କମି ଯିବାରୁ ସାମନ୍ତ ଓ ଗଡଜାତରାଜାମାନେ ନିଜ ରାଜ୍ୟରେ ସ୍ୱାଧୀନ ଭାବରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରି ଶ୍ରୀମନ୍ଦିରର ସେବା ନୀତି ପ୍ରଚଳନ କଲେ । ସେଇଥି ପାଇଁ ସେବାୟତମାନଙ୍କ ଆବଶ୍ୟକତା ଦେଖାଗଲା । ତେଣୁ ଅନ୍ୟାନ୍ୟ ସେବାୟତଙ୍କ ସହ କିଛି ଚିତ୍ରକର ସେବକ ସେହିସବୁ ନୂଆ ମନ୍ଦିର ନୀତି ପାଇଁ ରାଜାମାନେ ମୌକା ଦେଲେ ଓ ସେମାନେ ସେଠାରେ ନିଜ କୌଳିକ ସେବାକାର୍ଯ୍ୟରେ ପୁଣି ଲାଗିଗଲେ । ସେହିସବୁ ରାଜ୍ୟମାନଙ୍କରେ ମଧ୍ୟ ଚିତ୍ରକରମାନେ ଗଡଜାତ ରାଜାମାନଙ୍କଠାରୁ ଭରଣପୋଷଣ ପାଇଁ ଜାଗିରି ପାଇଥିଲେ । ସେହିପରି ରାଜ୍ୟଗୁଡିକ ହେଲା- ନୟାଗଡ, ପାରଳାଖେମୁଣ୍ଡି, ଚିକିଟି, ଢେଙ୍କାନାଳ, କେନ୍ଦୁଝର, ରଣପୁର ଆଦି ।

ପ୍ରାକ୍ ମୋଗଲ କାଳରେ ଓଡିଶାର ନଥିପତ୍ର କାମ ଓ ରାଜକାର୍ଯ୍ୟସବୁ ତାଳପତ୍ରରେ ଖୋଦେଇ ଲେଖା ଦ୍ୱାରା ସମ୍ପାଦିତ ହେଉଥିଲା । ହେଲେ ମୋଗଲମାନେ ଓଡିଶାରେ ହିସାବକିତାବ ଓ ରାଜକାର୍ଯ୍ୟ ଆଦି ପାଇଁ ତାଳପତ୍ର ଖୋଦେଇକୁ ଅସହଜ ମନେକରି ନାପସାନ୍ଦ କରିଥିଲେ ଓ କାଗଜର ବ୍ୟବହାର ଆରମ୍ଭ କରିଥିଲେ । ପଟ୍ଟ ପ୍ରସ୍ତୁତି ସମୟସାପେକ୍ଷ ଓ ଅଧିକ ଦାମ୍ ହୋଇଥିବା ସ୍ଥଳେ କାଗଜରେ କାମ ଅନେକଟା ସହଜ ଥିଲା । ତେଣୁ ଏହି ସମୟରେ ଚିତ୍ରକରମାନେ ପଟ୍ଟଚିତ୍ର ପାଇଁ କାଗଜ ବ୍ୟବହାର କରିବା ଆରମ୍ଭ କରିଥିଲେ । ଯାତ୍ରୀପଟିର ପ୍ରଚଳନ ମଧ୍ୟ ଏହି ସମୟରେ ଆରମ୍ଭ ହୋଇଥିଲା । ପୁରୀ ପ୍ରସିଦ୍ଧ କାଗଜ ମୁଖା ମଧ୍ୟ ଏହି ସମୟରେ ଆରମ୍ଭ ହେଲା । ଏହା ପୂର୍ବରୁ କାଠରେ ମୁଖାମାନ ପ୍ରସ୍ତୁତ ହେଉଥିଲା ଯାହାକି ଅପେକ୍ଷାକୃତ ଭାରି ଥିଲା । ମୋଗଲମାନଙ୍କ ଦ୍ୱାରା ଆନିତ ପାରସ୍ୟ ଦେଶର ତାସ୍ ଖେଳ ଗଞ୍ଜିଫା ସାରା ଭାରତ ସହ ଓଡିଶାକୁ ମଧ୍ୟ ଆସି ଗଞ୍ଜପାରେ ପରିଣତ ହୋଇଥିଲା । ମୋଗଲ୍ ଗଞ୍ଜିଫାରେ ବାଦ୍‌ଶାହ୍, ଓ୍ୱଜୀର୍ ପରି ଦରବାର ପାରିଷଦମାନଙ୍କୁ ନେଇ ତାସ୍‌ର ମୂଲ୍ୟାୟନ କରା ଯାଇଥିଲା । ହେଲେ ଓଡିଶାରେ ଗଞ୍ଜପା ଖେଳ ଭାରତର ଅନ୍ୟ ପ୍ରାନ୍ତର ଠାରୁ ଅନେକଟା ଭିନ୍ନ । ଓଡିଶାର ଗଞ୍ଜପା ସମ୍ପୂର୍ଣ୍ଣ ଭାବରେ ପଟ୍ଟଚିତ୍ର ଶୈଳୀରେ ପ୍ରସ୍ତୁତ । ଏଥିରେ ଦଶବତାର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ମୋଗଲ୍ ଶୈଳୀର ପୋଷାକ ପରିଧାନ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ଏଠାରେ ପଟ୍ଟଚିତ୍ର ଶୈଳୀରେ ଚିତ୍ରିତ କରା ଯାଇଥାଏ । ଏ ପର୍ଯ୍ୟନ୍ତ ବିଶେଷକରି ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଏହି ଗଞ୍ଜପା ଖେଳ ଓ ଗଞ୍ଜପା ପ୍ରସ୍ତୁତି ପାଇଁ ପ୍ରସିଦ୍ଧି ସାଉଁଟୁଛି ।

ମୁସଲମାନ୍ ଶାସନ ଓ ମୋଗଲ୍ ଶାସନକାଳରେ ଓ ଏହା ପରେ ଇଂରେଜ ଶାସନ କାଳରେ ଭାରତ ସହ ଓଡିଶା ରାଜନିତୀରେ ଦେଖା ଦେଇଥିବା ଭିଷଣ ଅସ୍ଥିରତା ଓଡିଶାକୁ ଉତ୍କଟ ଅର୍ଥନୈତୀକ ଶଙ୍କଟକୁ ଠେଲି ଦେଇଥିଲା । ଏହି ପରିସ୍ଥିତି ଅନ୍ୟାନ୍ୟ କଳା ସହ ପଟ୍ଟଚିତ୍ରର ଅବକ୍ଷୟର ମଧ୍ୟ କାରଣ ପାଲଟି ଯାଇଥିଲା । ଚିତ୍ରକରମାନଙ୍କୁ ପୃଷ୍ଠପୋଷକତା ଆଉ ମିଳି ପାରିନଥିଲା । ତେଣୁ ସେମାନେ ଜିବୀକା ପାଇଁ ଅନ୍ୟ ଧନ୍ଦା ଆପଣାଇ ନେଇଥିଲେ । ଯେହେତୁ ପଟ୍ଟଚିତ୍ର ଶ୍ରୀଜଗନ୍ନାଥଙ୍କ ସେବାକାର୍ଯ୍ୟରେ ଲାଗୁଥିଲା, ତାହା ଅତ୍ୟନ୍ତ ରକ୍ଷଣଶୀଳ ତଥା ଗୋପନୀୟ ପରିବେଶରେ ସମ୍ପାଦିତ କରା ଯାଉଥିଲା । ତେଣୁ ଏହାର ତିଆରି ଶୈଳୀ ଜ୍ଞାନକୌଶଳ ଖୁବ୍ ସିମିତ ଲୋକଙ୍କ ପାଖରେ ଥିଲା । କିଛି ପିଢି ନିଜ କୌଳିକ ବୃତ୍ତିକୁ ଛାଡି ଦେବା ପରେ ଉତ୍ତର ପିଢି ସେହି ପାରମ୍ପାରିକ ଜ୍ଞାନରୁ ବଂଚିତ ହୋଇଗଲେ । ଯେଉଁ କିଛି କଳାକାର ଥିଲେ ସେମାନେ କେବଳ ପଟ୍ଟଚିତ୍ରକୁ ନିଜର ପେସା ରୂପେ ନେଇ ଜୀବିକା ଚଳାଇବା କଷ୍ଟକର ଥିଲା

ଭାରତର ସ୍ୱାଧୀନତା ପରେ ଦେଶ ନିଜ ସଂସ୍କୃତିର ସଂରକ୍ଷଣ ଦିଗରେ କାମ ଆରମ୍ଭ କଲା । କାରଣ ସଂସ୍କୃତି ନିଜ ଜାତିର ପରିଚୟ ଓ ଏକତାର ମୂଳମନ୍ତ୍ର । ହସ୍ତଶିଳ୍ପ ମନ୍ତ୍ରାଳୟ ଓଡିଶାରେ ଅନ୍ୟାନ୍ୟ ହସ୍ତକଳା ସହ ପଟ୍ଟଚିତ୍ରର ଉନ୍ନତି ପାଇଁ ମଧ୍ୟ କାମ କଲେ । ପୁରୁଖା ପଟ୍ଟଚିତ୍ର ଶିଳ୍ପୀମାନଙ୍କୁ ଆଣି ସରକାରୀ ସ୍ତରରେ ତାଲିମ କେନ୍ଦ୍ରମାନ ସ୍ଥାପନ କରାଗଲା । ଏଠାରେ ପ୍ରସ୍ତୁତ ଚିତ୍ରକୁ ହସ୍ତଶିଳ୍ପ ନିଗମକୁ ବିକ୍ରୟ ପାଇଁ ଦିଆଗଲା । ୧୯୭୦ ମସିହା ବେଳକୁ ଟସର କନା ଉପରେ ପଟ୍ଟଚିତ୍ର ଆଙ୍କିବା ପ୍ରଥମେ ପରୀକ୍ଷାମୂଳକ ଭାବରେ ଆରମ୍ଭ ହୋଇଥିଲା । ଗ୍ରାହକମାନଙ୍କ ଦ୍ୱାରା ଏହା ଖୁବ୍ ଆଦୃତ ହେଲା । ଏଥିରେ ପାରମ୍ପରିକ ରଙ୍ଗ ବ୍ୟବହାର କରା ନ ଯାଇ ସେତେବେଳେ ବଜାରରେ ଉପଲବ୍ଧ ଗୁଣ୍ଡ ରଙ୍ଗରେ ରଙ୍ଗ ଦିଆଗଲା । ପଟ୍ଟଚିତ୍ର ପରି ଏହାର ପୃଷ୍ଠଭୂମୀ ହିଙ୍ଗୁଳ ବା ଧଳା ନ ହୋଇ ଟସରର ପ୍ରକୃତ ରଙ୍ଗ ରହିଲା । ଏଠାରେ ଚିତ୍ରର ଆକାର ଅନେକ ବଡ ମଧ୍ୟ ହୋଇ ପାରିଲା । ଏହା ଅଧିକ ଆକର୍ଷଣୀୟ, ସହଜସାଧ୍ୟ



GREEN CHILLYZ®

Events & Catering

Odisha's Best Outdoor Catering Service

SINCE 1999

# Let Us CATER Your Event





**Book Now** +91 909-002-2220, +91 805-011-1110

Greenchillyzcatering | Greenchillyzcatering1999 | Greenchillyzcatering.com

ହୋଇଥିବାରୁ ଚିତ୍ରକରମାନେ ଏହା ବିକ୍ରି କରି ଅଧିକ ଲାଭବାନ ହେଲେ ଓ ଅନେକ ଶିଳ୍ପୀ ଏ ଶୈଳୀକୁ ଆପଣାଇ ନେଲେ । ହେଲେ ଏଥିରେ ଗତାନୁଗତିକ ପଟ୍ଟର ବ୍ୟବହାର ନ ହେଉଥିବାରୁ କେତେକ ପାରମ୍ପରିକ ଶିଳ୍ପୀ ଏହାକୁ ପଟ୍ଟଚିତ୍ର ନ କୁହାଯାଇ ବରଂ ଟସର ଚିତ୍ର କୁହାଯିବା ସପକ୍ଷରେ ମତ ଦେଇଛନ୍ତି ।

ପଟ୍ଟଚିତ୍ର ଏକ ପାରମ୍ପରିକ କଳାର ମାନ୍ୟତା ପାଇଥିଲେ ମଧ୍ୟ ସୃଜନାତ୍ମକ ଲୋକକଳାରେ ଏହାକୁ ମାନ୍ୟତା ମିଳି ପାରି ନାହିଁ । କାରଣ ଏଥିରେ ସମାଜର ଦୈନନ୍ଦିନ ଘଟଣାବଳୀ ଚିତ୍ରିତ କରା ଯାଉ ନାହିଁ । ୧୯୮୪-୮୫ ମସିହାରେ ଜାତୀୟସ୍ତରର ଏକ କର୍ମଶାଳାରେ ଏହା ଉପରେ ଆଲୋଚନା ହେବା ପରେ ଓଡିଶାର ଶିଦ୍ଧ ପଟ୍ଟଚିତ୍ର କାରିଗରମାନେ ଏହା ଉପରେ ପରୀକ୍ଷା କରିବା ଆରମ୍ଭ କଲେ । ପରମ୍ପରାକୁ ବିଷୟବସ୍ତୁ ଭାବରେ ନେଇ ଦୋଳଯାତ୍ରା, ଘୋଡାନାଚ, କୁମାରଉତ୍ସବ, ପୋଖରୀତୁଠ ଆଦି ଅଙ୍କା ଯାଇଥିବା ଚିତ୍ରରେ ଏହି ଶୈଳୀ ଭଲ ଭାବରେ ବ୍ୟବହାର କରା ଯାଇ ପାରିଲା । ହେଲେ ରେଳଷ୍ଟେସନ୍‌ର ଦୃଶ୍ୟ, ଉଡାଜାହାଜ ଉଡିବା, ଆଧୁନିକ ଗାଡିମଟର ଏହି ଶୈଳୀ ମାଧ୍ୟମରେ ଭଲ ଦିଶିଲା ନାହିଁ । ଆଧୁନିକ ଓ ମିଶ୍ରଚିତ୍ର ପରି ଯଦିଓ ମନେ ହେଲା, ତେବେ ଏଥିରେ ମୌଳିକତା ନଥିଲା ପରି ଓ ଏହା ପୋଷ୍ଟର୍ ପରି ଦେଖା ଗଲା । ତେଣୁ ଏଥିରୁ ଅଭିଜ୍ଞ ପଟ୍ଟଚିତ୍ର ଶିଳ୍ପୀମାନେ ଏଥିରୁ ଓହରି ଆସିଲେ । ସେମାନଙ୍କ ମତରେ ସୂକ୍ଷ୍ମକଳା ଲୋକକଳା ନାଁରେ ପଟ୍ଟଚିତ୍ର ନିଜ ମୌଳିକତା ହରାଇ ଦିଗ୍‌ଭ୍ରଷ୍ଟ ନ ହେଉ ।



ଏବେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ହସ୍ତଶିଳ୍ପ ତାଲିମ କେନ୍ଦ୍ର ଖୋଲା ଗଲାଣି । ଅନ୍ୟାନ୍ୟ ହସ୍ତକଳା ସହ ଏଠାରେ ପଟ୍ଟଚିତ୍ରର ମଧ୍ୟ ତାଲିମ ଦିଆ ଯାଉଛି । ପୂର୍ବେ ପଟ୍ଟଚିତ୍ର କେବଳ ଶ୍ରୀଜଗନ୍ନାଥଙ୍କ ସେବା ସହ ଜଡିତ ଥିବାରୁ ଏହାର ଜ୍ଞାନ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମୁଷ୍ଟିମେୟ ଲୋକଙ୍କ ପାଖରେ ଥିଲା । ଏହାର ପ୍ରକ୍ରିୟା ଅତ୍ୟନ୍ତ ଶୁଦ୍ଧପୂତ, ଭକ୍ତିମୟ, ଗୋପନୀୟ ଓ ପାରମ୍ପରିକ ଥିଲା । ହେଲେ ପଟ୍ଟଚିତ୍ର ତାଲିମ କେନ୍ଦ୍ର ସ୍ଥାପନ ହେଲା ପରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ଶିକ୍ଷା ସମସ୍ତଙ୍କ ପାଖରେ ପହଂଚି ପାରିଲା । ଯେ କୌଣସି ଶିକ୍ଷାର୍ଥୀ ନିଜର କଠିନ ଅଧ୍ୟବସାୟ, ଏକଗ୍ରତା ଓ ସାଧନା ବଳରେ ଜଣେ ସିଦ୍ଧହସ୍ତ ପଟ୍ଟଚିତ୍ର କଳାକାର ହୋଇ ପାରିବ । ଏହି ତାଲିମ କେନ୍ଦ୍ରଗୁଡିକ କଳା ଶିକ୍ଷା ଦେବା ସହ ପାରମ୍ପରିକ କଳାର ଉନ୍ନତି, ପୁରାତନ ନମୁନାର ପୁନର୍ଗଠନ ଓ ଏହାର ସଂଗ୍ରହ ସହ ଏହା ଉପରେ ଅଧିକ ଗବେଷଣା କରିବା ମୂଳ ଲକ୍ଷ । କେତେକ ସ୍ଥଳେ ଏମାନେ କଳାକାରମାନଙ୍କୁ ବଜାରର ସୁବିଧା ଉପଲବ୍ଧ କରାନ୍ତି । ପାରମ୍ପରିକ ପଟ୍ଟଚିତ୍ର ସହ ଏଠାରେ ପଟ୍ଟଚିତ୍ର ଶୈଳୀରେ କଳାକାରମାନଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ ଅନ୍ୟାନ୍ୟ ମାଧ୍ୟମ ମଧ୍ୟ ସୃଷ୍ଟି କରାଗଲା ଯାହାସବୁ ସାଧାରଣ ଜନତାଙ୍କ ଦ୍ୱାରା ମଧ୍ୟ ଆଦୃତି ପାଇଲା । ଏହି ଶୈଳୀକୁ କ୍ୟାଲେଣ୍ଡର୍, ପୋଷାକ, ଟେବୁଲ୍ ଲ୍ୟାମ୍ପ୍, ଫୁଲଦାନୀ, ଝରକା କବାଟ ଉପର ପାଲମେଟ୍, ଘରସଜା ଉପକରଣ ଉପରେ ପ୍ରୟୋଗ କରି ଗ୍ରାହକୋପଯୋଗୀ କରାଗଲା । ଏଥିରୁ କଳାକାରମାନେ ଭଲ ରୋଜଗାର ପାଇ ପ୍ରତିଷ୍ଠିତ ମଧ୍ୟ ହୋଇ ପାରିଲେ । ସରକାରୀ ସ୍ତରରେ ପଟ୍ଟଚିତ୍ରର ସମ୍ପ୍ରସାରଣ, ଆଧୁନିକୀକରଣ ଓ ତ୍ରୁଟିପୂର୍ଣ୍ଣ କରିବା ପାଇଁ ପ୍ରଦର୍ଶନୀ, ଆଲୋଚନାଚକ୍ର ଓ କର୍ମଶାଳାମାନ ଆୟୋଜନ କରା ଯାଉଛି । କଳାକାରମାନଙ୍କୁ ଦେଶବିଦେଶ ଯାଇ ନିଜ କଳାର ପ୍ରଦର୍ଶନ ମଧ୍ୟ କରିବା ପାଇଁ ଏବେ ସୁଯୋଗ ମିଳୁଛି ।



ଏମିତିସବୁ ସଂସ୍ଥା ଦ୍ୱାରା ପଟ୍ଟଚିତ୍ରର ପୁନରୁଦ୍ଧାର ହୋଇ ପାରିଲା । ସାଧାରଣ ଲୋକ ମଧ୍ୟ ଏ କଳା ଶିକ୍ଷାଲାଭ କରି ପାରିଲେ ।

ହେଲେ ଏହି ସୁଫଳ ସହ ପଟ୍ଟଚିତ୍ରକୁ ନେଇ ଅନେକ କୁଫଳ ମଧ୍ୟ ମିଳୁଛି । ପ୍ରଥମତଃ ଏହି ସଂସ୍ଥାକୁ ଚଳାଉଥିବା ବ୍ୟକ୍ତିବେଶେଷମାନେ ପ୍ରାୟତଃ ପଟ୍ଟଚିତ୍ରକର ନୁହଁନ୍ତି । ତେଣୁ ସେମାନେ ଏହାର ଐତିହ୍ୟ, ପରମ୍ପରାର ମହତ୍ୱ ଓ ସ୍ୱାଭିମାନକୁ ସେତେ ଗଭୀର ରୂପରେ ହୃଦୟଙ୍ଗମ କରିବାକୁ ଅସମର୍ଥ । ଆଗେ ଚିତ୍ରକର ଭକ୍ତିଭାବାବେଗରେ କାମ କରୁଥିଲେ । ତେଣୁ ଆର୍ଥିକ ଦିଗଟା ସେମାନଙ୍କ ପାଇଁ କିଛିଟା ଗୌଣ ଥିଲା । ହେଲେ ଏବେ ଶିଳ୍ପୀ ସହଜରେ ଟସର ଓ ସିଲ୍‌କ୍ କନାରେ ଗୁଣ୍ଡ ଓ ସିନ୍ଥେଟିକ୍ ରଙ୍ଗ ବ୍ୟବହାର କରି ଅଧିକ ଲାଭବାନ ହେବାକୁ ଇଚ୍ଛା କରୁଛନ୍ତି । ସ୍କ୍ରିନ୍ ପ୍ରିଣ୍ଟ୍ ଆସିଯିବା ପରେ ଏହି ପଦ୍ଧତିକୁ ବ୍ୟବହାର କରି ସାଧାରଣ ଜନତାଙ୍କୁ ପଟ୍ଟଚିତ୍ରର ଭ୍ରମ ଦେଇ ଅନେକସ୍ଥଳରେ ଲୋକ ଠକିବା ଆରମ୍ଭ କରି ଦେଲେଣି । ଏବେ ଏହା ମାତ୍ରାଧିକ ବ୍ୟବସାୟିକ ହୋଇ ନିଜର ସରଳତା, ସାବଲୀଳତା ଠାରୁ ଦୂରେଇ ଯାଉଛି । କଳାକାର କଷ୍ଟ କରି ଆଉ ପଟ୍ଟ କିମ୍ବା ପ୍ରାକୃତିକ ରଙ୍ଗ ତିଆରି କରିବାକୁ ଚାହୁଁ ନାହାନ୍ତି । ମିଶ୍ରଚିତ୍ର କରିବାକୁ ଯାଇ ଓଡିଶାର ଅନ୍ୟାନ୍ୟ ଭାଗରେ, ଯେପରିକି ବୁଗୁଡା, ଧରାକୋଟ, ପାରଳାଖେମୁଣ୍ଡି, ସୋନପୁର ଆଦିମାନଙ୍କର ପଟ୍ଟଚିତ୍ରରେ ଥିବା ଆଞ୍ଚଳିକ ସ୍ୱତନ୍ତ୍ରତା ନଷ୍ଟ ହୋଇ ଯାଇଛି । ଏବେ କେବଳ ପୁରୀ ଓ ଭୁବନେଶ୍ୱରର ପଟ୍ଟଚିତ୍ର ହିଁ ଦେଖିବାକୁ ମିଳୁଛି । ଏପରି ଅନେକ ଦାୟିତ୍ୱହୀନ ଓ ଅସଚେତନ କଳାକାରମାନଙ୍କ ପାଇଁ ଏହି କଳା ଆଗକୁ ବଢିବା ପରି ଦୃଶ୍ୟମାନ ହେଉଥିଲେ ମଧ୍ୟ ନିଜ ଚେରମୂଳକୁ ହୁଗୁଳା କରୁଛି । ତେଣୁ ପଟ୍ଟଚିତ୍ରର ଅବକ୍ଷୟକୁ ବନ୍ଦ କରିବା ପାଇଁ ଓ ଏହାର ଉନ୍ନତି ପାଇଁ ଓଡିଶାର ସମସ୍ତ ପଟ୍ଟଚିତ୍ର କାରିଗରମାନେ ଓ ଶୁଭାକାଂକ୍ଷୀମାନେ ଏକଜୁଟ ହୋଇ ସାଙ୍ଗଠାନିକ ସ୍ତରରେ କାମ କରିବା ଉଚିତ ।



# ରୂପସୀ ରଙ୍ଗଣି

## ରୂପର ରାଣୀ ରଙ୍ଗଣି

ଶ୍ୱେତା ରାଉତ
ପ୍ଲଟ୍ ନଂ ୨୩୬, ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬
ଫୋନ: ୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଗୁଗୁଲ୍



◀ ଲେଖିକା ଶ୍ୱେତା ରାଉତ

ଫୁଲକୁ ଆମେ ଭକ୍ତି, ପ୍ରେମ, ସମର୍ପଣର ପ୍ରତୀକ ଭାବେ ଜାଣୁ । ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟ ଧାରଣ କରି ଫୁଲ ପ୍ରକୃତିକୁ ଯେତିକି ସୁନ୍ଦରତା ପ୍ରଦାନ କରେ, ଆମ ମସ୍ତିଷ୍କକୁ ମଧ ସେତିକି ଶକ୍ତି ଓ ଶାନ୍ତି ପ୍ରଦାନ କରେ । ଆମ ମସ୍ତିଷ୍କ ଏମିତି ଏକ ଦୁନିଆଁରେ ବିକଶିତ ହୁଏ ଯାହାର ଆଦି, ଅନ୍ତ, ଶକ୍ତି ସାମର୍ଥ୍ୟର ସବୁ  ଆକଳନ ପଛେ ପଡ଼ିଯାଏ । କିନ୍ତୁ ଆପଣମାନେ ଜାଣନ୍ତି କି ଫୁଲ, ଏହି ଆକଳନ କରି ହେଉନଥିବା ମସ୍ତିଷ୍କକୁ ଖୁବ୍ ସହଜରେ ନିୟନ୍ତ୍ରଣାଧିନ କରିଥାଏ । ଫୁଲକୁ ଦେଖିବା ମାତ୍ରେ ମସ୍ତିଷ୍କରେ ଖୁସି ଆନନ୍ଦ କ୍ଷରଣ ହେଉଥିବା ଡୋପାମିନ୍ ଟ୍ରିଗର ହୋଇଥାଏ ବା ସକରାତ୍ମକ ଉର୍ଜା ବଢ଼ିବାକୁ ଲାଗିଥାଏ । ଫୁଲକୁ ହାତରେ ଧରି, ତା'ର ମହକକୁ ଆଘ୍ରାଣ କଲେ ମସ୍ତିଷ୍କର ଶକ୍ତି ବଢ଼ିଥାଏ । ଏହାକୁ ବୈଜ୍ଞାନିକ ଭାଷାରେ 'ବଣ୍ଡିଂ ହରମୋନ୍' ବା 'କଡ଼ଲ୍ କେମିକଲ୍' କୁହଯାଏ । ଏହି କେମିକଲ ବା ଡୋପାମିନ୍ 'ଅକ୍ସିଟୋସିନ୍', ମସ୍ତିଷ୍କରେ ବିଶ୍ୱାସ ତିଆରି କରେ, ରୋମାଣ୍ଟିକ୍ ବା ପ୍ରେମମୟ ଓ କରୁଣାର ଭାବ ଜାଗ୍ରତ କରାଏ । ଏହା ଏମିତି ଏକ ଅନୁଭବ ଯାହା ଫୁଲ ଦ୍ୱାରା ପ୍ରାପ୍ତହୁଏ, ତାହା ଅନ୍ୟତ୍ର କେଉଁଠି ମିଳିବା ଅସମ୍ଭବ । ମସ୍ତିଷ୍କରେ ଆଉ ଏକ ସ୍ନାୟୁରସ କ୍ଷରଣ ହୁଏ ଯାହାକୁ 'ସେରୋଟୋଟିନ୍' କୁହାଯାଏ । ଏହି ସେରୋଟୋଟିନ୍ ଆମକୁ ଖୁସି ରଖିବାର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସେରୋଟୋଟିନ୍ କୌଣସି ଔଷଧ ବା ଖାଦ୍ୟ ଦ୍ୱାରା ମିଳିନଥାଏ, ବରଂ ଏହା ଏକ ଗର୍ବିତ, ଆନନ୍ଦିତ ହେବାର ଉପଲବ୍ଧିରୁ ଜାତ ହୁଏ, ଯାହା ଆପଣ ଫୁଲ ବଗିଚାରେ ବୁଲିବା ବେଳେ, ଫୁଲ ସଂସ୍ପର୍ଶରେ ଆସିବା ବେଳେ ଅଧିକ ପ୍ରାପ୍ତି କରିଥାନ୍ତି । ଫୁଲ ଆମ ମସ୍ତିଷ୍କରେ ଅଧିକ ସମ୍ମୋହନ ସୃଷ୍ଟି କରେ ଯାହା ଅବର୍ଣ୍ଣନୀୟ । ସବୁଥର ଆମେ ଭିନ୍ନ ଭିନ୍ନ ଫୁଲ ସମ୍ପର୍କରେ ଭିନ୍ନ ଭିନ୍ନ କଥା ଜାଣିବାକୁ ପାଆନ୍ତି । ଆଜି ଆମେ ଏଭଳି ଏକ ଫୁଲ ସମ୍ପର୍କରେ ଜାଣିବା, ଯେଉଁ ଫୁଲ ଏବେ ଲୁପ୍ତ ପ୍ରାୟ ଓଡ଼ିଶାର ଘରେ ଘରେ ଲୋକମାନଙ୍କର ଖୁବ୍ ପ୍ରିୟ ଏହି ଫୁଲ । ବିଭିନ୍ନ ରଙ୍ଗରେ ଭରା ସାଧବବୋହୂ ପରି ସୁସଜ୍ଜିତ ରୂପରେ ଫୁଟୁଥିବା ଏହି ଫୁଲ ଖୁବ୍ ଛୋଟ ଛୋଟ ହେଲେ ବି ବଡ଼ ବଡ଼ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରେ । ଏ ଫୁଲ ଏକ ଲମ୍ବା ନାଡ ଥିବା ଛୋଟ କାହାଳୀ ସଦୃଶ ଅନୁପମ ରୂପର ରାଗିଣୀ 'ରଙ୍ଗଣି' ଫୁଲ, ଯିଏ ଦ୍ୱିପହର ୪ଟାରେ ଫୁଟେ ଓ ସକାଳୁ ଝାଉଁଳିଯାଏ । ତେବେ ଆସନ୍ତୁ ଜାଣିବା ଏହି ସୁନ୍ଦରୀ ଫୁଲ ରଙ୍ଗଣୀ ସମ୍ପର୍କରେ କିଛି ଜଣାଅଜଣା କଥା ।

## ରଙ୍ଗଣିର ପରିଚୟ

ସମଶୀତୋଷ୍ଣ ଜଳବାୟୁରେ ଭଲ ବଢ଼ି ପାରୁଥିବା ଏହି ରଙ୍ଗଣୀଫୁଲର ବନସ୍ପତିକ ନାମ ହେଉଛି 'ମିରାବିଲିସ୍ ଜଲାପା'। ଏହା 'ନିକ୍ଟାଗିନେସୀ ବା ବୁଗେନ୍‌ବେଲିଆ' ପରିବାର ଅନ୍ତର୍ଭୁକ୍ତ। ରଙ୍ଗଣିଫୁଲ ଦେଖିବାକୁ ଛୋଟ ତୂରୀ ଭଳି ଆକାର ଓ ଫୁଲ ୧ ଇଞ୍ଚ ଚଉଡ଼ା, ଦୁଇ ଇଞ୍ଚ ଲମ୍ବା ବିଶିଷ୍ଟ। ଏହି ଫୁଲ ସନ୍ଧ୍ୟା ହେବା ପୂର୍ବରୁ ବା ଦ୍ୱିପହର ୪ଟା ବେଳେ ଫୁଟେ ଓ ସକାଳ ହେଲେ ମଉଳି ଯାଏ। ଏହା ପାଖାପାଖି ୧୬ ଘଣ୍ଟା ସତେଜ ରହିଥାଏ। କାହାଳୀ ଭଳି ଦିଶୁଥିବା ରଙ୍ଗଣି ଫୁଲ ପାଖୁଡ଼ାରୁ ନୁହେଁ ବରଂ ରଙ୍ଗିନ ସହପତ୍ରର ଏକ ଅନିଚ୍ଛୁକ ଭାଗରୁ ଉତ୍ପନ୍ନ ଓ ପଞ୍ଚକୋଶୀୟ ହୋଇଥାଏ। ଏହା ବହୁ ଶାଖା ବିଶିଷ୍ଟ ବୁଦା ସଦୃଶ ଏକ ବାରମାସୀ ବୃକ୍ଷ। ଏହାର ଉଚ୍ଚତା ୨-୩ ଫୁଟ୍, ଝଙ୍କାଳିଆ ବା ବୁଦା ଭଳି ହୋଇଥାଏ। ଏହାର ପତ୍ର ମୁନିଆଁ ୨-୪ ସେ.ମି. ଲମ୍ବା ହରଗୌରୀ ଫୁଲର ପତ୍ର ଭଳି ହୋଇଥାଏ। ଏହି ଫୁଲ ଗୋଟିକିଆ ଓ ପେନ୍ଥା ଉଭୟ ଆକାରରେ ଫୁଟେ। ଗୋଟିଏ ଗଛରେ ବିଭିନ୍ନ ରଙ୍ଗ ଯଥା- ଧଳା, ଗୋଲାପୀ, ହଳଦିଆ, ବାଇଗଣୀ, ଲାଲ୍, ଛିଟ ଛିଟ ଓ ଡବଲ ବା ମିଶ୍ରିତ ରଙ୍ଗର ମଧ ହୋଇଥାଏ। ଦେଖିବାକୁ ପିଟୁନିଆ ଭଳି ବହୁ ରଙ୍ଗ ବିଶିଷ୍ଟ ଓ ଖୁବ୍ ଛୋଟ ଛୋଟ। ଏହାର ଡାଳ ମୋଟା, ଚାରିକଣିଆ ଓ ବହୁ ଶାଖା ବିଶିଷ୍ଟ ହୋଇଥାଏ। ରଙ୍ଗଣି ଫୁଲ ଧଳାରୁ ବାଇଗଣୀ ରଙ୍ଗ ଓ ଲାଲ୍‌ରୁ ଗୋଲାପୀକୁ ଧିରେ ଧିରେ ପରିବର୍ତ୍ତିତ ହୋଇଥାଏ, ଯାହା ଦେଖିଲେ ଜଣାପଡ଼େନାହିଁ। 'କନେକ୍ଟିକଟ୍' ଏକ ରାଜ୍ୟ ଯେଉଁଠି ଶିଶୁମାନଙ୍କ ମଜବୁତ୍ ଜୀବନ, ମସ୍ତିଷ୍କର ବିକାଶ ସୁନ୍ଦର ସ୍ୱାସ୍ଥ୍ୟ ଓ ଶିଶୁମାନଙ୍କ ସମ୍ପୂର୍ଣ୍ଣ କ୍ଷମତାର ବିକାଶକୁ ପ୍ରାଧାନ୍ୟ ଦିଆ ଯାଇଥାଏ। ଏହି ରାଜ୍ୟକୁ 'କନେକ୍ଟିକଟ୍ ବେବିଜ୍' ମଧ କୁହାଯାଏ। ରଙ୍ଗଣି ଫୁଲ ହେଉଛି ଏହି 'କନେକ୍ଟିକଟ୍ ବେବିଜ୍'ର ରାଷ୍ଟ୍ରୀୟ ଫୁଲ।



## ବିଭିନ୍ନ ସ୍ଥାନରେ ରଙ୍ଗଣିର ନାମ

ସୁନ୍ଦର, ସୁକୋମଳ ରଙ୍ଗଣିକୁ ଦେଖିଲେ ନବବଧୂଟିଏ ପରି ମନେହୁଏ। ବିଭିନ୍ନ ସ୍ଥାନରେ ରଙ୍ଗଣିର ବିଭିନ୍ନ ନାମ ରହିଛି। ଯଥା: ସଂସ୍କୃତରେ - କୃଷ୍ଣକଳୀ, ସନ୍ଧ୍ୟାକାଳୀ, କୃଷ୍ଣକାନ୍ତା; ହିନ୍ଦୀରେ - କୃଷ୍ଣକଳୀ, ଗୁଲ୍ ଅବାସ୍, ବା ଗୁଲ୍ଲାବାସ୍; ଇଂରାଜରେ - ଫୋର୍ ଓ କ୍ଲକ୍, ଫ୍ଲାଓବାର, ମିରାବିଲିସ୍ ଜଲାପା,କ୍ୱିନ୍ ଅଫ୍ ଦି ନାଇଟ୍, ମାର୍ବଲ ଅଫ୍ ପେରୁ, ଜାପାନୀ ୱଣ୍ଡର୍ ଫ୍ଲାୱାର, ବ୍ୟୁଟି ଅଫ୍ ଦି ନାଇଟ୍; କନ୍ନଡରେ- ଚନ୍ଦ୍ର ମଲ୍ଲିଗେ, ଉତ୍ତର ଗୁଲ୍ଲୁମୁଁଚି, ମଧ୍ୟାହନା ମଲ୍ଲିଗେ, ନାଲ୍‌କୁ ଗନ୍ତେ ହୁ, ବିଭୂତି ହୁ; କୋଙ୍କଣୀରେ- ଆକାଶମ୍ବରୀ, ମେରେମଡୀ; ମଣିପୁରୀରେ- ମୁକ୍କଲେଇ; ମରାଠୀରେ- ଗୁଲବାସ, ଗୁଲ୍ଲାବାସ, ସାୟଂକାଲୀ; ମିଜୋରାମରେ- ଅରତୁ କସ୍ଟୁଆନ୍; ଓଡ଼ିଆରେ - ରଙ୍ଗଣି ଫୁଲ; ମାଲାୟଲମ୍‌ରେ- ଏନ୍ଟିମଲାରୀ, ଏଣ୍ଟି ମନ୍ତରିମ୍, ନାଲୁମଣି ପୁବ; ତେଲୁଗୁରେ- ଚନ୍ଦ୍ରମଲ୍ଲି, ଚନ୍ଦ୍ରକାନ୍ତା; ଉର୍ଦ୍ଦୁରେ- ଗୁଲ ଅବବାସ୍; ତାମିଲ୍‌ରେ- ପଟ୍ଟାରାସୁ, ଅନ୍ଧିମଦରାଇ, ଅନ୍ତି ମଲ୍ଲିଗାଇ; ଗୁଜୁରାଟୀରେ ଫୁଲବାସ; ବଙ୍ଗାଳୀରେ- ସନ୍ଧ୍ୟାମାଲତୀ, କ୍ରିଷ୍ଣକଲୀ; ପଞ୍ଜାବୀରେ- ଅବାସୀ, ଗୁଲ୍ଲାବାସ; ଅହମିଆରେ - ଗୋଧୂଳି ଗୋପାଲ; ସିଙ୍ଗାପୁରରେ ନାଇକ୍ଟାଗୋଜଲାପାଏ; ଲଣ୍ଡନରେ - ମିରାବିଲିସ୍ ଜଲାପା କହିଥାନ୍ତି। ଲାଟିନ୍‌ରେ ମିରାବିଲିସ୍‌ର ଅର୍ଥ 'ଅଦ୍ଭୁତ' ଓ ଜିଲାପା ହେଉଛି ମେକ୍ସିକୋର ଏକ ରାଜ୍ୟ ବେରାକ୍ରୁଜର ରାଜଧାନୀ, ସେଥିପାଇଁ ସ୍ଥାନୀୟ ନାମାନୁସାରେ ଏହି ଅଦ୍ଭୁତ ଅପୂର୍ବ ସୁନ୍ଦର ଫୁଲ ରଙ୍ଗଣିକୁ 'ମିରାବିଲିସ୍ ଜଲାପା' କୁହାଯାଏ। ଏକେଟକ୍ ଦ୍ୱାରା ଔଷଧୀୟ ଓ ସଜାସଜି ଉଦ୍ଦେଶ୍ୟରେ ରଙ୍ଗଣି ଫୁଲର ଚାଷ କରାଯାଇଥାଏ। ଗ୍ରୀସ୍‌ରେ ଏହାକୁ 'ନିକ୍ଟୋଲୋଉଡୋ' ଯାହାର ଅର୍ଥ ରାତିର ଫୁଲ ଓ 'ଡେଲିନା' ଯାହାର ଅର୍ଥ 'ସୂର୍ଯ୍ୟାସ୍ତ' କୁହାଯାଏ। ମାଲ୍‌ଦ୍ୱୀପରେ ଏହି ରଙ୍ଗଣିକୁ 'ଅସୁରୁମା' କୁହାଯାଏ, ଯାହାର ଅର୍ଥ 'ଅସ୍ତ'। ମାଲ୍‌ଦ୍ୱୀପରେ ମୁସଲମାନଙ୍କ ଦୈନିକ ତୃତୀୟ ଅନିବାର୍ଯ୍ୟ ପ୍ରାର୍ଥନା ସମୟ ଦ୍ୱିପହର ୪ଟାରେ ଏହି ରଙ୍ଗଣି ଫୁଟୁଥିବାରୁ ଏହା ଆଲ୍ଲାଙ୍କ ଚମତ୍କାର ପାଇଁ ଫୁଟିଥାଏ ବୋଲି ବିଶ୍ୱାସ କରନ୍ତି। ବାଂଲାଦେଶରେ ଏହାକୁ 'ସନ୍ଧ୍ୟାମାଲତୀ', ପାକିସ୍ଥାନରେ- 'ଗୁଲ୍ ଅବନାନ୍, ଗୁଲ୍-ଏ-ଅବାସ୍' ଓ ଶ୍ରୀଲଙ୍କାରେ 'ହେଣ୍ଡେରିକା' କୁହାଯାଏ। ଥାଇଲାଣ୍ଡରେ- ବନ୍‌ୟେନ୍, ଆନ୍ଧ୍ରପ୍ରଦେଶର ଚନ୍ଦ୍ରକାନ୍ତା, ଯାହାର ଅର୍ଥ ଚନ୍ଦ୍ରଙ୍କର କିରଣ, ବୁଲ୍‌ଗେରିଆରେ 'ନିସ୍ତନା କୁସାବିକା' କୁହାଯାଏ, ଯାହାର ଅର୍ଥ ଦ୍ୱିପହର ୪ଟାର ଫୁଲ। ମୈଥିଳୀରେ 'ସଞ୍ଝଫୁଲ' (ସନ୍ଧ୍ୟାର ଫୁଲ), ଇଣ୍ଡୋନେସିଆରେ 'ପୁକୁଲ ଏମ୍ପେଟ୍', ଚୀନ୍‌ରେ ଶାୱାର ଫୁଲ୍, ହଂକଂରେ- ବେଉ୍‌ଗଲୀ ଚମେଲୀ, ନେଦରଲାଣ୍ଡରେ- ନଚ୍‌ଶ୍ମୋନ, ଫ୍ରାନ୍‌ରେ- ବେଲେ ଡେ ନାଇଟ୍, ଇରାନ୍‌ରେ -ଲେଇଦ-ଅବ୍‌ବାସୀ, ଜାପାନରେ- ଓସିରୋଇ ବାବା, ଇଜ୍ରାଇଲ୍‌ରେ- ଲଲାନିଟ୍, ରାଓ ଗୋନିଟ୍, ପୋଲାଣ୍ଡରେ - ଡିଜିବାଜେକ୍, ଯାହାର ଅର୍ଥ କିଛି ସ୍ୱତନ୍ତ୍ର ବା ଅଜୀବ ଯାହା ଫୁଲ ଫୁଟିବାର ସମୟକୁ ଦର୍ଶାଇଥାଏ। ଫିଲପାଇନ୍ସରେ - ପ୍ରିନ୍ସେସା ଏନ୍‌ଜୀ ଗୋବୀ କୁହାଯାଏ, ଯାହାର ଅର୍ଥ ରାତିର ରାଜକୁମାରୀ। ଚିଲ୍ଲିରେ ରଙ୍ଗଣି ଫୁଲକୁ 'ପୁପିତା' କୁହାଯାଏ। ମେକ୍ସିକୋ, କ୍ୟୁବାରେ ଏହାକୁ ମାରାବିଲା ଓ ମାଲାବାରେ ଏହାକୁ 'ହଜଜେର' କୁହାଯାଏ, ଯାହାର ଅର୍ଥ ଆକର୍ଷକ ଯୁବକ।



ୟୁକ୍ରେନ୍‌ରେ - ନୀଚନା କ୍ରସୁନ୍ୟା, କଲମ୍ବିଆରେ - ଡାନ୍ ଜିଓଗେ ଡେ, ଉତ୍ତରାଖଣ୍ଡରେ ଚୁଲବେଙ୍କ୍, ଲେବନନ୍‌ରେ - ଶବ ଅହ ଲେୟଲ, ଯାହାର ଅର୍ଥ ରାତିର ଯବାନ, ଋଷରେ-ଯୋକା କୁହାଯାଏ, ଯାହାର ଅର୍ଥ ସକାଳ ହେବା ବା ପ୍ରାତଃ । ଏତେଗୁଡ଼ାଏ ଦେଶରେ ରଙ୍ଗଣିକୁ କେଉଁ କେଉଁ ନାମରେ ଜାଣନ୍ତି, ତାହା ଦର୍ଶାଇବାର କାରଣ ହେଲା, ପ୍ରତ୍ୟେକ ସ୍ଥାନରେ ରଙ୍ଗଣି ଫୁଲ ପ୍ରତି ଅହେତୁକ ଭଲ ପାଇବାକୁ ଦର୍ଶାଇଥାଏ ଯାହା ନିହାତି ଆଶ୍ଚର୍ଯ୍ୟ ।



## ରଙ୍ଗଣି ଫୁଲର ପ୍ରଜାତି ଓ ପ୍ରକାର

ରଙ୍ଗଣି ଫୁଲର ବୈଜ୍ଞାନିକ ନାମ ହେଉଛି 'ମିରାବିଲିସ୍ ଜଲାପା' ବା ମାର୍ବଲ ଅଫ୍ ପେରୁ । ଏହା ଏକ ଚିରାଚରିତ ଅଳଙ୍କରଣ ଉଦ୍ଭିଦ ଓ ନିକ୍ଟାଗିନାସିଆ ପରିବାର ଅନ୍ତର୍ଭୁକ୍ତ । ରଙ୍ଗଣି ଆମେରିକାର ମୂଳ ଉତ୍ପତ୍ତିସ୍ଥଳ କୁହା ଯାଇଥିଲେ ହେଁ ଜୟଦେବଙ୍କ ଗୀତଗୋବିନ୍ଦ ଓ ଅନ୍ୟାନ୍ୟ ପୌରାଣିକ ଗ୍ରନ୍ଥମାନଙ୍କରେ ରଙ୍ଗଣିର ବର୍ଣ୍ଣନା, ଏହାକୁ ଭାରତୀୟ ଉଦ୍ଭିଦ ବୋଲି ଦାବି କରେ । ବନସ୍ପତି ବୈଜ୍ଞାନିକମାନଙ୍କ ଅନୁସାରେ ପ୍ରାୟ ୪୫ଟି ପ୍ରଜାତିର ରଙ୍ଗଣି ଫୁଲ ରହିଛି ଏବଂ ସଙ୍କରୀକରଣ ଦ୍ୱାରା ଏହାର ଅନେକ ପ୍ରକାର ଉତ୍ପନ୍ନ କରାଯାଇଛି । ସବୁଠାରୁ ପ୍ରସିଦ୍ଧ ରଙ୍ଗଣି ହେଉଛି 'ମିରାବିଲିସ୍ ଜିଲାପା' ଯାହାକୁ 'ଫୋର୍ ଓ କ୍ଲକ୍' ଫୁଲ ବା ଦ୍ୱିପହର ଫୁଲ କୁହାଯାଏ । ଏହା ଅଣ-କଠିନ ପ୍ରଜାତି ବିଶିଷ୍ଟ ଯାହା ସମଗ୍ର ବିଶ୍ୱରେ ବିକ୍ରି ହୁଏ ଓ ଏହି ଫୁଲ ସନ୍ଧ୍ୟା ସମୟରେ ଖୁବ୍ ଆକର୍ଷକ ରୂପରେ ଫୁଟିଥାଏ । ରଙ୍ଗଣିର ଆଉ ଏକ ପ୍ରଜାତି ରହିଛି 'ମିରାବିଲିସ୍ ରୋଟୁଣ୍ଡିଫୁଲିଆ' ଯାହା ଗୋଲାକାର ପତ୍ର ବିଶିଷ୍ଟ ଓ ଯୁକ୍ତରାଷ୍ଟ୍ରରେ 'କଲରାଡୋ' ଏହାର ଉତ୍ପତ୍ତି ସ୍ଥଳ । ସରକାର ଅଧୁନା ଲୁପ୍ତ ପ୍ରାୟ ଏହି ରଙ୍ଗଣୀର ସଂସ୍ଥାପନା ପାଇଁ ପରାମର୍ଶ ଦେଇଛନ୍ତି ଓ ବହୁଳ ଭାବେ ରହି ଅଳଙ୍କରଣ ଫୁଲକୁ ରୋପଣ କରିବାକୁ ସଚେତନ କରାଇଛନ୍ତି । ମିରାବିଲିସ୍ ଏକ୍ସପାନ୍ସ, ଆଉ ଏକ ପ୍ରଜାତି ରହିଛି ଯାହାକୁ 'ଚାଗୋକିମ୍ୟା ମାଇକା' ଭାବରେ ଜାଣନ୍ତି । ଏହାର ଉତ୍ପତ୍ତିସ୍ଥଳ ହେଉଛି ଆଣ୍ଡାମାନ ଓ ଏହା 'ଇନ୍‌କା' ସଭ୍ୟତା ଦ୍ୱାରା ଗୃହୀତ ହୋଇଥିଲା । ଏହାର ନାଡ ଓ ଫୁଲ ଖାଦ୍ୟରେ ବ୍ୟବହାର କରାଯାଇଥିଲା । ରଙ୍ଗଣିର ଏକ ପ୍ରଜାତି ରହିଛି 'ମିରାବିଲିସ୍ ଲଙ୍ଗିଫ୍ଲୋରା' ଯାହାକୁ 'ସୁଇଟ୍ ଫୋର ଓ କ୍ଲକ୍ ଫ୍ଲାଓ୍ୱାର' କୁହାଯାଏ । ଏହା ଦୁଇଫୁଟ ଉଚ୍ଚଥା ବିଶିଷ୍ଟ ଦୁଇଗୁଣ ଚଉଡ଼ା ହୋଇଥାଏ । ଏହା ଖୁବ୍ ସୁସ୍ୱାଦୁ ଓ ଏହାର ମହକ କମଳା ପରି ହୋଇଥାଏ । ବାଇଗଣୀ ରଙ୍ଗରେ ଆଚ୍ଛାଦିତ ଚମତ୍କାର ଆକର୍ଷକ ଫୁଲ ରଙ୍ଗଣିର ଅନ୍ୟ ଏକ ବୁଦା ସୃଷ୍ଟି କରୁଥିବା ପ୍ରଜାତି ରହିଛି । 'ମିରାବିଲିସ୍ ମଲ୍ଟିଫ୍ଲୋରା', ଯାହାକୁ ୱାଇଲ୍ଡ 'ଫୋର ଓ କ୍ଲକ୍' କୁହାଯାଏ । ଏହା ଖୁବ୍ ଆକର୍ଷକ ଓ ମୃଦୁ ସୁଗନ୍ଧଯୁକ୍ତ । ଏହିପରି ଆହୁରି ଅନେକ ପଜାତି ରହିଛି ଯଥା- ମାର୍ବଲ ଅଫ୍ ପେରୁ, କଲରାଡୋ ଫୋର ଓ କ୍ଲକ୍, ମିରାବିଲିସ୍ ଅକ୍ସିବାଫୋଇଡ୍ସ, ନାଇକ୍ଟାଗୋ ଭେରସିକଲର, ମିରାବିଲିସ୍ ମାକ୍ ଫାରଲାନେଇ, ଡେଜର୍ଟ ଓ୍ୱସ୍‌ବୋନ୍ ବୁସ୍, ରେଡ୍ ଫୋର ଓ କ୍ଲକ୍, ମିରାବି ଲସ୍, ଓଡୋରୋଟା, ମିରାବିଲିସ୍ ଲିନିଆରସି, ମିରାବିଲିସ୍ ଟେନୁଇଲୋବୋ, ମିରାବିଲିସ୍ ଏଲିପାନ୍ସ ଇତ୍ୟାଦି । ବାଇଗଣୀ ରଙ୍ଗର ରଙ୍ଗଣିକୁ ସ୍ଥାନେ ସ୍ଥାନେ 'ଅମ୍ବେଲାଓ୍ୱ' ମଧ୍ୟ କହିଥାନ୍ତି । ଶଙ୍କରୀକରଣ ଦ୍ୱାରା ରଙ୍ଗଣିର ନାଲି ଓ ଧଳା ମିଶ୍ରିତ ବା ଅନ୍ୟାନ୍ୟ ରଙ୍ଗର ଫୁଲ ଉତ୍ପାଦନ କରି ଫୁଲ ବଜାରରେ ରଙ୍ଗଣିକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି ଉଦ୍ଭିଦ ବିଜ୍ଞାନୀମାନେ । ରଙ୍ଗଣିର ବିଶେଷତ୍ୱ ହେଲା ଏହା ଗୋଟିଏ ବୁଦାରେ ବିଭିନ୍ନ ରଙ୍ଗରେ ଫୁଲ ଫୁଟାଇଥାଏ ।




## ରଙ୍ଗଣିର ଲୋକକଥା

ଏକଦା ଏକ ଛୋଟ ଝିଅ ଖେଳୁଥିବା ବେଳେ ଛୋଟ ଛୋଟ ଫଳ ଭଳି କିଛି ମଞ୍ଜି ପାଇଲା । ସେ ମଞ୍ଜିକୁ ଧରି ମାଆକୁ ଦେଖାଇ ପଚାରିବାରୁ, ମାଆ ପାଟିକରି କହିଲେ "ଫିଙ୍ଗିଦେ ଏଇ ଫଳଗୁଡ଼ିକ ଜଣାନାହିଁ କେଉଁ ବିଷାକ୍ତ ଫଳ କି ମଞ୍ଜି ହୋଇଥିବ ।" ଝିଅଟି ସେଗୁଡ଼ିକ ନେଇ ଘର ସାମ୍ନାରେ ଗାତ କରି ପୋତିଦେଲା ଓ କହିଲା "ତୁ କେଉଁ ମଞ୍ଜି ମୁଁ ଜାଣେନାହିଁ, ଯଦି ତୁ ଫୁଲ ଗଛଟିଏ ହୋଇ ଯାଆନ୍ତୁ ମୁଁ ସବୁଦିନ ତୋତେ ଗେଲ କରନ୍ତି । ଆଜିଠୁ ତୁ ମୋ ସାଙ୍ଗ, ମୁଁ ଯେତେବେଳେ ଗୀତ ବୋଲିବି ଜାଣିବୁ ମୁଁ ତୋତେ ମନେ ପକାଉଛି ।" ପରଦିନ ସ୍କୁଲ୍‌ରୁ ଫେରି ଦ୍ୱିପହର ସମୟରେ ଝିଅଟି ଖେଳିବାକୁ ଗଲା ଓ ମଞ୍ଜି ପୋତିଥିବା ସ୍ଥାନରେ ବସି ଗୀତ ଗାଇବାକୁ ଲାଗିଲା । ଝିଅଟିର ଗୀତ ଶୁଣି ମାଟି ଭିତରୁ ମଞ୍ଜିଗୁଡ଼ିକ ସତେ ଯେମିତି ବାହାରକୁ ବାହାରିବାକୁ ବ୍ୟାକୁଳ ହେଉଥାନ୍ତି, କିନ୍ତୁ ମାଟିର ଆସ୍ତରଣ ଉପରକୁ ଆସି ପାରୁନଥାନ୍ତି । ସବୁଦିନ ଝିଅଟି ଦ୍ୱିପହର ସମୟରେ ସେଇଠି ବସି ଗୀତଗାଏ, ମଞ୍ଜିଗୁଡ଼ିକ ମାଟିର ଆସ୍ତରଣ ଭାଙ୍ଗି ବାହାରକୁ ବାହାରି ସୂର୍ଯ୍ୟାଲୋକ ଦେଖିବାକୁ ବିଚଳିତ ହେଉଥାନ୍ତି । ଏକଦା ଝିଅଟିର ମଧୁର ସ୍ୱର ଶୁଣି ମଞ୍ଜିରୁ ଛୋଟ ସରୁ ଚାରାଟିଏ ମାଟି ଫିଟେଇ ବାହାରକୁ ବାହାରି ଆସିଲା । ଝିଅଟିର ଆନନ୍ଦ କହିଲେ ନସରେ । ଧିରେ ଧିରେ ଚାରାଟି ଗୋଟେ ବୁଦା ଭଳି ହୋଇଗଲା ଓ ନାନା ରଙ୍ଗର ଫୁଲରେ ଭରିଗଲା । ବିଭିନ୍ନ ରଙ୍ଗର ଆକର୍ଷକ ଫୁଲ ଦେଖି ଝିଅଟି ତାକୁ 'ରଙ୍ଗଣି' ଫୁଲ ବୋଲି କହି ଖୁସିରେ ନାଚି ଉଠିଲା । ଦିନେ ଝିଅଟି ସ୍କୁଲରେ ଥିବା ସମୟରେ କେହି ଜଣେ ରଙ୍ଗଣିର ଡାଳଫୁଲ ସହ ସବୁ କାଟି ବଜାରକୁ ନେଇ ଯାଇଥିଲା । ଝିଅଟି ଦ୍ୱିପହର ସମୟରେ ସ୍କୁଲ୍‌ରୁ ଫେରି ଖୁବ୍ ଖୋଜିଲା, ହେଲେ ରଙ୍ଗଣିକୁ ପାଇଲା ନାହିଁ । ଖୋଜି ଖୋଜି ଯାଇ ପାଖ ବଜାରରେ ପହଞ୍ଚିଲା । ଦେଖିଲା ଜଣେ ବ୍ୟବସାୟୀ ରଙ୍ଗଣୀକୁ ବିକିବାକୁ ମୁଲଚାଲ

କରୁଛି । ଖରାରେ ଝାଉଁଳି ପଡ଼ିଛି ରଙ୍ଗଣି । ଅନ୍ୟ ଫୁଲମାନଙ୍କ ସହ ମିଶାଇ ଖୁବ୍ ଜୋର୍‌ରେ ବ୍ୟବସାୟୀ ରଙ୍ଗଣିକୁ ବାନ୍ଧିଦେଇଛି । ଝିଅଟି ଦୌଡ଼ିଯାଇ ଛଡାଇ ଆଣିଲା ତା'ର ପ୍ରିୟ ରଙ୍ଗଣିକୁ ଓ ଘରକୁ ଆଣି ଏକ ପାଣି ପାତ୍ରରେ ରଖିଦେଲା ରଙ୍ଗଣିକୁ । ଡାଳରେ ପାଣି ବାଜିବାରୁ ରଙ୍ଗଣି ପୁଣି ସତେଜ ଦିଶିଲା । ନିଜେ ଶୟନ କକ୍ଷରେ ଶୋଇ ଛୋଟ ଝିଅଟି ଫୁଲଦାନୀରେ ଥିବା ରଙ୍ଗଣିକୁ ଦେଖି ହସୁଥାଏ ଓ ପାଖକୁ ନେଇ ଗେଲ କରି ଦେଉଥାଏ । ତା' ଓଠର ସ୍ପର୍ଶରେ ରଙ୍ଗଣି ସତେଜ, କୋମଳ ଓ ଲାଲ ଗୁରୁଗୁରୁ ହୋଇଉଠିଲା । ଝିଅଟି ପୁଣି ରଙ୍ଗଣିକୁ ଫୁଲଦାନୀରେ ଥିବା ପାଣିରେ ରଖିଦେଲା । ଝରକା ଆଡେ ଚାହିଁଲା, ଘର ସାମ୍ନାରେ କଟା ଯାଇଥିବା ବୁଦାରେ ପୁଣି ରଙ୍ଗଣି ଫୁଟିଛି । ଖୁବ୍ ଆକର୍ଷକ ଦିଶୁଥାଏ । ଦ୍ୱିପହର ସମୟ ହୋଇଥାଏ, ଅସୁସ୍ଥ ଛୋଟ ଝିଅଟି ବିଛଣାରେ ଶୋଇ ଚାହିଁ ରହିଥାଏ ରଙ୍ଗଣିକୁ । ସ୍ମିତହାସ୍ୟ ଥାଏ ଓଠରେ, ଆଖି ଖୋଲିଥାଏ, ହେଲେ ପ୍ରାଣବାୟୁ ଉଡି ଯାଇଥାଏ । ରଙ୍ଗଣି ପ୍ରତିଦିନ ଠିକ୍ ସେଇ ଦ୍ୱିପହର ସମୟ ହେଲେ ଝିଅଟିର ଗୀତ ଓ ମଧୁର ସ୍ୱରକୁ ଅପେକ୍ଷା କରେ, ଖୁବ୍ ସଜବାଜ ହୋଇ ନାନା ରଙ୍ଗରେ ଫୁଟେ, ଝିଅଟିକୁ ଖୁସି କରିବାକୁ, ହେଲେ ଝିଅଟି ଆଉ ଫେରେନାହିଁ । ରଙ୍ଗଣି ତାକୁ ତାରାମାନଙ୍କ ଭିତରେ ଦେଖିବାକୁ ଚାହେଁ, ସେଥିପାଇଁ ରାତିସାରା ସତେଜ ରହି ଚାହିଁଥାଏ ଓ ସକାଳ ହେଲେ କାଳେ  କେହି ବ୍ୟବସାୟୀ ବିକ୍ରି କରିବାକୁ ତାକୁ ପୁଣି କାଟିନେବ, ସେ ମଉଳିଯାଏ । ଝିଅଟିର ଅପେକ୍ଷାରେ ମନମାରି ଶୋଇପଡ଼େ । ପୁଣି ସ୍କୁଲ୍ ଛୁଟି ସମୟ ହେଲେ ରଙ୍ଗଣୀ ସତେଜ ରୂପ ନେଇ ଝିଅଟିକୁ ଅପେକ୍ଷା କରେ । କାଳେ ସେ ଫେରିଆସିବ, ସେଥିପାଇଁ ସେ ଦ୍ୱିପହର ସମୟରେ ଫୁଟିଥାଏ । କେହି କେହି ଏକଥା ମଧ କହନ୍ତି ଯେ, ଛୋଟ ଝିଅଟି ମୁସଲିମ୍ ଥିଲା, ତେଣୁ ରଙ୍ଗଣି (ଗୁଲ ଅବ୍‌ବାସ୍) ଝିଅଟିର ମୃତ୍ୟୁ ପରେ ତାକୁ ଫରିୟାଦ୍ କରିବା ପାଇଁ ମୁସଲମାନଙ୍କ ପ୍ରାର୍ଥନା ସମୟରେ ଫୁଟିଥାଏ ଓ ଆଲ୍ଲାକୁ ସମର୍ପିତ ହୋଇଥାଏ ।

ଓଡ଼ିଆରେ କିନ୍ତୁ ଅନ୍ୟ ଏକ ଲୋକକଥା ରହିଛି, ସାଧବମାନେ ବୋଇତ ନେଇ ବାଣିଜ୍ୟ କରିବାକୁ ଯିବାବେଳେ ସାଧବାଣୀମାନେ ମେଲାଣି ଦେବାକୁ ସମୁଦ୍ରକୂଳରେ ଯାଇ ପୂଜାର୍ଚ୍ଚନା କରୁଥିଲେ । ସାଙ୍ଗରେ ଧୂପ, ଦୀପ, ଚନ୍ଦନ, ଆଳତୀ ସବୁ ନେଇଥିଲେ କିନ୍ତୁ ଫୁଲ ନେବାକୁ ଭୁଲ୍ ଯାଇଥିଲେ । ସାଧବମାନଙ୍କୁ ବନ୍ଦାପନା କଲାବେଳେ ଦେଖିଲେ ପୂଜା ଥାଳିରେ ଫୁଲ ନାହିଁ । ବିନା ଫୁଲରେ ସ୍ୱାମୀଙ୍କ ବନ୍ଦାପନା କରିବା ଠିକ୍ ହେବ ନାହିଁ ଭାବି, ସାତ ସାଧବାଣୀ ମା ମଙ୍ଗଳାଙ୍କୁ ସ୍ମରଣ କଲେ । ମା' ମଙ୍ଗଳା ସେମାନଙ୍କ ଗୁହାରୀ ଶୁଣି ସାତ ସାଧବାଣୀଙ୍କୁ ସାତଟି ରଙ୍ଗର କୋମଳ ଓ ଆକର୍ଷକ ଫୁଲରେ ପରିଣତ କରିଦେଲେ ଏବଂ ସାଧବମାନଙ୍କ ପାଦରେ ନିଜକୁ ସମର୍ପି ଦେଇ ପତ୍ନୀଧର୍ମ ପାଳନ କରିଥିଲେ । ସେହିଦିନଠୁ ସେହି ସାତଟି ରଙ୍ଗରେ ଫୁଟିଥିବା ଫୁଲରେ ପରିଣତ ହୋଇଥିବା ସାଧବରାଣୀଙ୍କୁ ରଙ୍ଗଣି ଫୁଲ ବା ସାଧବାଣୀ ଫୁଲ କୁହାଯାଏ ।





## ଔଷଧରେ ରଙ୍ଗଣିରେ ବ୍ୟବହାର

ରଙ୍ଗଣି ଫୁଲ ଦୁନିଆଁର ବିଭିନ୍ନ ସ୍ଥାନରେ ବିଭିନ୍ନ ରୋଗର ଉପଚାର ପାଇଁ ବ୍ୟବହୃତ ହୋଇଥାଏ । ଏହା ଏକ ପାରମ୍ପାରିକ ଔଷଧ ଯାହା ଭାଇରସ୍ ନିରୋଧି ଗତିବିଧି ଓ ଟ୍ୟୁମର ନିରୋଧି ଗତିବିଧି ପାଇଁ ବ୍ୟବହୃତ ହୋଇଥାଏ । ବିଶେଷକରି ଏହି ଫୁଲ ମାଂସ ଫୁଲିବା ବା କୌଣସି ଅଙ୍ଗ ଫୁଲିବାରେ ଉପଶମ ଦେଇଥାଏ ।ବର୍ତ୍ତମାନ ରଙ୍ଗଣୀକୁ ନେଇ ଗବେଷଣାରୁ ଜଣାଯାଏ ଯେ, ରଙ୍ଗଣି ପତ୍ରରେ ଆଲ୍‌କହଲ୍‌ଯୁକ୍ତ ଅର୍କ ଏବଂ କ୍ରମିକ ପେଟ୍ରୋଲିୟମ ଇଥର୍‌ର ଭଗ୍ନାଂଶଗୁଡ଼ିକର ଆଣ୍ଟି ଇମ୍ଫ୍ଲେମେଟୋରୀ ଗୁଣ ରହୁଥିବାରୁ କେରେଜେନନ୍ ପ୍ରେରିତ ର୍‌ୟାପ-ପାଓ-ଏଡିମା ଏବଂ କପାସ ଗୋଲି ପ୍ରେରିତ ଗ୍ରେନୁଲୋମା ମଡେଲ୍‌ର ଉପଯୋଗ କରି ଏହାର ବିରୋଧୀ ଗତିବିଧି ପାଇଁ ଚୟନ କରାଯାଇଛି । ବହୁ ପୁରୁଣା ଫୁଲାରୋଗ ବା ଟ୍ୟୁମର ଚିକିତ୍ସା ପାଇଁ ରଙ୍ଗଣି ପତ୍ରର ଉପଯୁକ୍ତ ଖୁରାକ ବ୍ୟବହାର କରି ଔଷଧ ପ୍ରସ୍ତୁତ କରାଯାଉଛି । ରଙ୍ଗଣୀ ପତର ରସକୁ ମାଲିସ୍ କଲେ କୁଣ୍ଡିଆ ରୋଗ ଭଲ ହୋଇଥାଏ । ଶୁଖିଲା ତ୍ୱଚା ବା ସୂର୍ଯ୍ୟକିରଣ ପ୍ରଭାବରେ ତ୍ୱଚା କଳା ଦିଶିଲେ କିମ୍ବା କୁଣ୍ଡେଇ ହେଲେ ରଙ୍ଗଣି ପତ୍ରର ଲେପ ଲଗାଇଲେ ଆରାମ ମିଳେ । ଡାଇବେଟିସ୍ କାରଣରୁ ଶରୀରରେ ସହଜେ ଘା' ଶୁଖେ ନାହିଁ । ଏପରି ଘା' ଥିବା ସ୍ଥାନରେ ରଙ୍ଗଣି ମୂଳକୁ ବାଟି ଲେପ ଦେଲେ ଖୁବ୍ ଶୀଘ୍ର ଭଲ ହୋଇଥାଏ । ରଙ୍ଗଣି ପତ୍ରକୁ ବାଟି ମକଚି ଯାଇଥିବା ସ୍ଥାନରେ ଲଗାଇଲେ ଦରଜ ଖୁବ୍ ଶୀଘ୍ର କମିଥାଏ । ରଙ୍ଗଣୀ ଡାଳ ବା ମୂଳର ଛାଲକୁ ୨ ଗ୍ରାମ ମାତ୍ରାରେ ନେଇ ତାଓ୍ୱାରେ ହାଲୁକା ଭାଜି ଲୁଣ ଓ ଗୋଲ୍‌ମରିଚ ସହିତ ଖାଇଲେ ପ୍ଲୀହା ରୋଗ ଦୂର ହୋଇଥାଏ । ଆୟୁର୍ବେଦ ବିଜ୍ଞାନୀଙ୍କ ଅନୁସାରେ ରଙ୍ଗଣୀ ଏକ ବହୁ ଲାଭକାରୀ ଉଦ୍ଭିଦ ଯାହା ଅନେକ ରୋଗରୁ ଉପଶମ ଦେଇଥାଏ, କିନ୍ତୁ ବ୍ୟବହାର କରିବା ପୂର୍ବରୁ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ଜରୁରୀ ।

# ହସଖୁସିର ପରିବାର - ୩୯

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୁଁ ବାପାମାଆଙ୍କର ଗୋଟିଏ ପୁଅ । ମୋର ଆଉ ଗୋଟିଏ ବଡ ଭଉଣୀ ବି ଅଛି । ସେ ଚାକିରି କରି ବେଙ୍ଗାଲୁରରେ ରହୁଛି । ଘରେ କେବଳ ମୁଁ, ମାଆ ଓ ବାପା । ମୋର ଭଉଣୀ ବହୁତ ଭଲ ପାଠ ପଢୁଥିଲା । ତେଣୁ ତାକୁ ପାଠ ସରିବା ସଙ୍ଗେ ସଙ୍ଗେ ଚାକିରି ମିଳିଗଲା । ମୁଁ ଏବେ ଯୁକ୍ତ ଦୁଇ ପଢୁଛି । ବାପାମାଆଙ୍କର ଇଚ୍ଛା ମୁଁ ଭଲ ପାଠ ପଢି ଡାକ୍ତର ବା ଇନିୟରଟେ ହୁଏ । ମୋର କିନ୍ତୁ ପାଠ ପଢାରେ ସେତେ ଆଗ୍ରହ ନାହିଁ । ମୋତେ ରୋଷେଇ କରିବାକୁ ବହୁତ ଭଲ ଲାଗେ । ମୁଁ ଘରେ ବିଭିନ୍ନ ପ୍ରକାର ରୋଷେଇ ଘରୋଇ ଉପାୟରେ ତିଆରି କରିବାକୁ ଭଲପାଏ । ସେଥିପାଇଁ ମୁଁ ୟୁଟ୍ୟୁବ୍‌ରେ ଏହି ବିଷୟଗତ ବିଭିନ୍ନ ଲୋକଙ୍କର ଚ୍ୟାନେଲ ବି ଦେଖେ । ବିଭିନ୍ନ ନୂଆ ନୂଆ ରୋଷେଇ କରି ସାଙ୍ଗସାଥି ତଥା ବାପାମାଆଙ୍କୁ ବି ଖାଇବାକୁ ଦିଏ । କିନ୍ତୁ ଘରେ କେହି ହେଲେ ମୋର ଏହି କାମକୁ ପ୍ରଶଂସା କରନ୍ତି ନାହିଁ । ସେମାନଙ୍କ ମତରେ ଆଗ ପାଠ ପଢି ଭଲ ଚାକିରି କର ତାପରେ ଅନ୍ୟ କଥା । ମୋ ମାଆ ମୋତେ ସବୁବେଳେ କୁହନ୍ତି ରୋଷେଇ ଝିଅ ପିଲାଙ୍କ କାମ । ତୁ ପୁଅଟେ ହେଇ କାହିଁକି ଏଥିରେ ନିଜର ସମୟ ନଷ୍ଟ କରୁଛୁ । ସେ ମୋତେ ସବୁବେଳେ ମୋ ବଡ ଭଉଣୀର ଉଦାହରଣ ଦିଅନ୍ତି । ଯାହା ମୋତେ ଆଦୌ ଭଲ ଲାଗେ ନାହିଁ । କିନ୍ତୁ ମୁଁ ନିଜ ମନକଥା କାହାରିକୁ କହି ପାରେ ନାହିଁ । ବେଳେ ବେଳେ ମୋର ଅନେକ ସାଙ୍ଗ ମଧ୍ୟ ମୋତେ ଏହି ରୋଷେଇକୁ ନେଇ ଥଟ୍ଟା

▼ଅନବିଦ୍ୟା ଓ ସମ୍ବିତ୍ ପଟ୍ଟନାୟକଙ୍କ ହସଖୁସିର ପରିବାର



ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ପରିହାସ କରନ୍ତି ଯାହା ମୋତେ ବହୁତ କଷ୍ଟ ଦିଏ । ମୁଁ ଚାହେଁ ଏହି ରୋଷେଇରେ ହିଁ ମୋର କ୍ୟାରିୟର କରିବାକୁ । ଯାହା ମୁଁ ଘରେ କାହାକୁ ବି ମନଖୋଲି କହି ପାରୁନି । କାହିଁକି ଏହିପରି ଅନେକ ସମୟରେ ବାପାମାଆମାନେ ନିଜର ଇଚ୍ଛାକୁ ପିଲାମାନଙ୍କ ଉପରେ ଲଦି ଦିଅନ୍ତି ତାହା ବି ମୁଁ ବୁଝି ପାରୁନି । ମୁଁ ଏସବୁଥିରୁ ବାହାରି ନିଜ ଇଚ୍ଛାରେ ନିଜର ଭବିଷ୍ୟତ ଗଢ଼ିବାକୁ ଚାହୁଁଛି । ଦୟାକରି ମୋତେ ରାସ୍ତା ବତାନ୍ତୁ ।

**ସନ୍ଦୀପ ବରିଦାର, କଟକ**

**ସମାଧାନର ସୂତ୍ର**

ତୁମେ ଯାହା ଲେଖିଛ ତାହା ସମସ୍ୟା ନୁହେଁ ବରଂ ତୁମ ପାଇଁ ଏକ ଆହ୍ୱାନ ବା ପରୀକ୍ଷା ସଦୃଶ । ଏହି ପରୀକ୍ଷାରେ ତୁମକୁ ପାସ କରିବାକୁ ହେବ । ତୁମକୁ ଯାହା ଭଲ ଲାଗେ ତାହା ତୁମେ କରୁଛ ଓ ଭବିଷ୍ୟତରେ କରିବ ବୋଲି ସ୍ଥିର କରିଛ । ସେଥିପାଇଁ ତୁମ ମନରେ କିଛି ସଙ୍କୋଚ ନାହିଁ । ବାପାମାଆ ତୁମକୁ ଯାହା କହୁଛନ୍ତି ତାହା ତାଙ୍କ ମନୋଭାବର ପ୍ରତିଫଳନ । ମଧ୍ୟବିତ ପରିବାରରେ ବାପାମାଆମାନେ ନିଜର ଇଚ୍ଛାକୁ ପିଲାମାନଙ୍କ ଉପରେ ଲଦିଥାନ୍ତି । ଏହି ବିଷୟକୁ ନେଇ ଅନେକ ଚଳଚ୍ଚିତ୍ର ମଧ୍ୟ ହୋଇଛି । ପିଲାମାନେ ନିଜ ପସନ୍ଦ ମୁତାବକ ପାଠ ପଢ଼ି ଭବିଷ୍ୟତ ଗଢ଼ିବାକୁ ବହୁତ କମ ବାପାମାଆ ଉତ୍ସାହ ଦେଇଥାନ୍ତି । ସେଥିପାଇଁ ଅନେକ ପିଲା ଜୀବନରେ ସଫଳତାର ଶୀର୍ଷରେ ପହଂଚି ପାରନ୍ତି ନାହିଁ । ତୁମେ ଯାହା କରିବାକୁ ଚାହୁଁଛ ତାହା ସମସ୍ତଙ୍କୁ ମନଖୋଲି କହି ଦିଅ । ଏଥିରେ ନିଜକୁ ନୀଚ ବୋଲି ଭାବିବା ଆଦୌ ଉଚିତ ନୁହେଁ । ତାରକା ହୋଟେଲମାନଙ୍କରେ ଏହି ରୋଷେଇ ବିଭାଗରେ ବଡ ବଡ ପଦବିରେ ପୁରୁଷମାନେ ହିଁ ରହିଥାନ୍ତି । ରୋଷେଇ ବିଷୟରେ ଉଚ୍ଚତର ଶିକ୍ଷା ବି ଅନେକ ବିଶ୍ୱବିଦ୍ୟାଳୟରେ ରହିଛି । ଚାକିରି ନ କରି କ୍ୟାଟରିଙ୍ଗ ବ୍ୟବସାୟ କରି ଅନେକ ଯୁବକ ନିଜେ ସଫଳ ହେବା ସହିତ ଅନ୍ୟମାନଙ୍କ ପାଇଁ ରୋଜଗାର ମଧ୍ୟ ସୃଷ୍ଟି କରିଛନ୍ତି । ଏଣୁ ତୁମେ ମନଦୁଃଖ ନ କରି ଦୃଢ ଆତ୍ମବିଶ୍ୱାସର ସହିତ ସେହି ଦିଗରେ ପଢ଼ିବା ପାଇଁ ମନ ସ୍ଥିର କର । ଅନ୍ୟମାନଙ୍କ କଥାରେ ପ୍ରଭାବିତ ନ ହୋଇ ଦୃଢ ମନୋବଳରେ ନିଜର ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କର । ସେ ସଂପର୍କରେ ଅତ୍ୟଧିକ ତଥ୍ୟ ସଂଗ୍ରହ କରିବା ସହିତ ସେହି ଅଭିଜ୍ଞତା ଥିବା ବ୍ୟକ୍ତିମାନଙ୍କ ସହିତ ପରାମର୍ଶ କର । ଥଣ୍ଡାମୁଣ୍ଡରେ ମନଖୋଲି ବାପାମାଆଙ୍କୁ ସଂପୃକ୍ତ ବିଷୟଟି ଓ ତାହାର ଭବିଷ୍ୟତ ବିଷୟରେ ଭଲ ଭାବରେ ବୁଝାଇ ଦିଅ । ଏକ ପେଷାଦାର ମନୋଭାବ ନେଇ ସେହି ଦିଗରେ କାର୍ଯ୍ୟ କଲେ ତୁମେ ନିଶ୍ଚିତ ସଫଳତା ପାଇବ । କୌଣସି ପରିସ୍ଥିତିରେ ଭାବପ୍ରବଣ ହୋଇ ଭୁଲ ସିଦ୍ଧାନ୍ତ ନେବା ଉଚିତ ହେବ ନାହିଁ ।

**ସମସ୍ୟା: ୨**

ମୋତେ ଏବେ ୫୦ ବର୍ଷ ବୟସ । ମୁଁ ଚାକିରି କରିଛି । ପ୍ରାୟ ପାଂଚ ବର୍ଷ ତଳେ ମୋ ସ୍ୱାମୀଙ୍କର ଦେହାନ୍ତ ହୋଇ ଯାଇଛି । ମୋର ଦୁଇ ଝିଅ ଓ ଦୁଇ ପୁଅ । ପୁଅ ଦୁଇ ଜଣ ପ୍ରାଇଭେଟରେ ଭଲ ଚାକିରି କରୁଛନ୍ତି । ଗୋଟିଏ ଝିଅ ବିବାହ କରି ସାରିଛି । ସାନ ଝିଅ ସରକାରୀ ଚାକିରି କରୁଛି, ବାହା ହେଇନି । ବଡ ପୁଅ ବିବାହ କରି ବାଙ୍ଗାଲୋରରେ ତାର ଚାକିରି ଜାଗାରେ ନିଜ ପରିବାର ସହିତ ରହୁଛି । ସେ ବେଳେବେଳେ କୁଣିଆ ପରି ଘରକୁ ଆସେ ଏବଂ ଦୁଇ ତିନି ଦିନ ରହି ପୁଣି ଫେରିଯାଏ । ଘରର କୌଣସି କଥାରେ ସେ ମୁଣ୍ଡ ଖେଳାଏ ନାହିଁ । ସାନ ପୁଅ କୋରାପୁଟରେ ଚାକିରି କରିଛି । ସେ ଏବେ ଯାଏଁ ବିବାହ କରିନି । ମୋ ସ୍ୱାମୀ ସରକାରୀ ଚାକିରି କରୁଥିଲେ । ତାଙ୍କର ଦେହାନ୍ତ ପରେ ଯାହା କିଛି ଟଙ୍କା ମୋତେ ମିଳିଛି ମୁଁ ତାହା କାହାକୁ ନ ଦେଇ ବ୍ୟାଙ୍କରେ ରଖି ଦେଇଛି ସାନ ପୁଅ ଓ ଝିଅର ବାହାଘର ପାଇଁ । କିନ୍ତୁ ଏବେ ମୋ ପିଲାମାନଙ୍କର ନଜର ସେହି ଟଙ୍କା ଉପରେ ରହିଛି । ସେମାନେ ମୋତେ ପରୋକ୍ଷରେ ସେ ଟଙ୍କାକୁ ସମସ୍ତଙ୍କ ଭିତରେ ସମାନ ଭାବରେ ବାଂଟି ଦେବାକୁ କହୁଛନ୍ତି । ଏବଂ ମାଆ ହିସାବରେ ସବୁ ପିଲାଙ୍କ ପାଠ ପଢ଼ାରୁ ନେଇ ବିବାହ ପର୍ଯ୍ୟନ୍ତ ସବୁ ଦାୟିତ୍ୱ ମୋର ବୋଲି ମୋତେ ବାରମ୍ବାର ତାଗିଦ କରୁଛନ୍ତି । ବଡ ପୁଅ କିଛି ନ କହିଲେ ମଧ୍ୟ ମତେ ଲାଗୁଛି ସେ ବି ପରୋକ୍ଷରେ ଏହାକୁ ସମର୍ଥନ କରୁଛି । ମୁଁ ତାକୁ ଯେତେବେଳେ ଏହି ସମସ୍ୟା କଥା କହିବାକୁ ଚେଷ୍ଟା କରୁଛି ସେ ତାହାକୁ ଚତୁରତାର ସହିତ ଆଡେଇ ଯାଉଛି । ଏପରିକି ସେ ଏହା ମଧ୍ୟ କହୁଛି ଯେ ଏସବୁ ପଛରେ ତୁମେ ହିଁ ଦାୟୀ । ଦିନ ଦିନ ଧରି ମୋ ପିଲାମାନେ ମୋ ସହିତ କଥା ହେଉ ନାହାନ୍ତି । ଏ ପରିସ୍ଥିତିରେ ମୁଁ କଣ କରିବି ଦୟାକରି ମୋତେ କୁହନ୍ତୁ ।

**ସ୍ନିଗ୍ଧାରାଣୀ ଖଟୁଆ, କଟକ**

**ସମାଧାନର ସୂତ୍ର**

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣା ପଡୁଛି ଯେ ଆପଣଙ୍କ ପରିବାରରେ କାହାର କାହା ସହିତ ମନ ମିଳୁନାହିଁ । ବଡପୁଅ ବାଙ୍ଗାଲୋରରେ ନିଜର ପରିବାର ସହିତ ଖୁସିରେ ଅଛନ୍ତି । ବାପାଙ୍କ ଦେହାନ୍ତ ପରେ ବଡପୁଅ ହିଁ ଘରର ଦାୟିତ୍ୱ ନେବା କଥା । ବଡପୁଅ ସହିତ ଆପଣଙ୍କର ବଡଝିଅ ବି ଆପଣଙ୍କୁ ସବୁ ପ୍ରକାର ସହଯୋଗ କରିବା କଥା । ଝିଅମାନଙ୍କର ବାହାଘର ହେଇଗଲା ପରେ ବି ସେମାନେ ସବୁବେଳେ ବାପଘର ପାଇଁ ଚିନ୍ତା କରିଥାନ୍ତି । ଆପଣଙ୍କ ପରିବାରରେ ବଡପୁଅ ଓ ବଡଝିଅ ଯଦି ଆପଣଙ୍କର ବିଶ୍ୱାସ ଭାଜନ ହେଉ ନାହାନ୍ତି ତେବେ ବଡ ଦୁଃଖର କଥା । କିନ୍ତୁ ଆପଣ ଏଥିରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ । ଏବେ ଆପଣଙ୍କର ବଡ ଦାୟିତ୍ୱ ହେଉଛି ସାନପୁଅ ଓ ଝିଅଙ୍କର ବାହାଘର କରାଇବା । ଆପଣ କୌଣସି

ଶିଶିର ବେହେରାଙ୍କ ହସଖୁସିର ପରିବାର



କଥାରେ ମୁଣ୍ଡ ନ ପୂରାଇ କେବଳ ସେମାନଙ୍କର ବାହାଘର ପାଇଁ ବ୍ୟବସ୍ଥା କରନ୍ତୁ । ଆପଣଙ୍କ ସହିତ ପିଲାମାନେ ଭଲରେ କଥା ହୁଅନ୍ତୁ ବା ନ ହୁଅନ୍ତୁ ତାହା ଆପଣଙ୍କ ପାଇଁ ଏବେ ପ୍ରାଧାନ୍ୟ ନୁହେଁ । ସ୍ୱାମୀଙ୍କ ଦେହାନ୍ତ ପରେ ମିଳିଥିବା ଅର୍ଥକୁ ସୁରକ୍ଷିତ ଭାବରେ ବ୍ୟାଙ୍କରେ ଜମା ରଖନ୍ତୁ । ତେବେ ପୁଅଝିଅଙ୍କ ବାହାଘରବେଳେ ଆପଣ ଆଉ କାହା ପାଖରୁ ଅର୍ଥ ସାହାଯ୍ୟ ନେବା ଦରକାର ପଡିବ ନାହିଁ । କିଏ କଣ କହିଲା ବା ନ କହିଲା ସେଥିରେ ଭାବପ୍ରବଣ ନ ହୋଇ ଆପଣଙ୍କର ଯାହା ମୁଖ୍ୟ ଦାୟିତ୍ୱ ସେଥିପ୍ରତି ଧ୍ୟାନ ରଖନ୍ତୁ । ଅର୍ଥ ହିଁ ଅନର୍ଥର କାରଣ, ଏହା ଆପଣ ଭଲ ଭାବରେ ଜାଣନ୍ତି । ଆପଣଙ୍କ ଘରର କଥା ବାହାର ଲୋକଙ୍କ ଆଗରେ କେବେ ବି ପ୍ରକାଶ କରନ୍ତୁ ନାହିଁ । ତାହା ଦ୍ୱାରା କଥାଟା ଆହୁରି ଜଟିଳ ହୋଇ ଯାଇପାରେ । ମନୋବଳ ଦୃଢ ରଖନ୍ତୁ । ସମୟ ଅନୁସାରେ ସବୁ ଠିକ୍ ହେଇଯିବ ।

**ସମସ୍ୟା: ୩**

ମୁଁ ବିବାହିତା । ଘରେ ମୋର ସ୍ୱାମୀ, ପୁଅଝିଅ ଦୁଇ ଜଣ ଅଛନ୍ତି । ମୋ ସ୍ୱାମୀ ସରକାରଙ୍କ ଅଧୀନରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ । ସେ ସବୁଦିନ ସକାଳେ ଅଫିସ ଯାଇ ସଂଧ୍ୟାରେ ଘରକୁ ଫେରନ୍ତି । ଘରେ ପହଂଚିବା ପରେ ଟି.ଭି ଦେଖିବା ନଚେତ ମୋବାଇଲ ଦେଖିବାରେ ନିଜର ସମୟ ବିତାନ୍ତି । ଘରର ସବୁ କାମ ଏକା ମୋତେ ହିଁ କରିବାକୁ ହୋଇଥାଏ । ତାହା ସହିତ ପିଲାଙ୍କ ପାଠପଢା ବି ଦେଖିବାକୁ ହୁଏ । ଘରର କୌଣସି କାମରେ ମୋ ସ୍ୱାମୀ ମୋତେ ସାହାଯ୍ୟ କରନ୍ତି ନାହିଁ । କିନ୍ତୁ ମୋତେ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଯଦି ତାଙ୍କ ଅଫିସରୁ କେହି ଅବା ତାଙ୍କର ଅନ୍ୟ କେହି ବାଲ୍ୟବନ୍ଧୁ ଆମ ଘରକୁ ଆସନ୍ତି ଅଥବା ମୋ ଘର ଲୋକ ଅବା ଶାଶୁ ଘର କି ବନ୍ଧୁବାନ୍ଧବରେ ଅନ୍ୟ କେହି ଘରକୁ ଆସନ୍ତି ତେବେ ସେ ଅନବରତ ଘରର ସବୁ କାମ କରି ଚାଲନ୍ତି । ଭଲ ରୋଷେଇ କରି ଖାଇବାକୁ ଦେବାଠାରୁ ନେଇ ଘର ସଫା କରିବା ଇତ୍ୟାଦି କେଉଁ କାମରେ ଊଣା କରନ୍ତି ନାହିଁ । ଦରକାର ପଡିଲେ ବାସନ ମାଜି ସଫା କରିଥାନ୍ତି । ପିଲାଙ୍କ କାମ ମଧ୍ୟ କରିଥାନ୍ତି । ଫଳରେ ସେ ଲୋକମାନେ ଏସବୁ ଦେଖି ଭାବନ୍ତି ଯେ ସେ ଚାକିରି ସହିତ ଏତେ ସବୁ କାମ କରୁଛନ୍ତି ଆଉ ମୁଁ କିଛି ନ କରି ଖାଲିରେ ବସିଛି । ସେ ବହୁତ ଭଲ ଆଉ ମୁଁ ବହୁତ ଅଳସୁଆ । ଏପରିକି ମୋ ଘରର ଲୋକ ଆସିଲେ ମନେ ମନେ ଭଗବାନଙ୍କୁ ଡାକନ୍ତି ଯେ ସମସ୍ତଙ୍କୁ ଏହିପରି ଜ୍ୱାଇଁଟିଏ ମିଳୁ । ମୁଁ ଯେତେ ଯାହା କହିବାକୁ ଚାହିଁଲେ ବି ମୋ ଘର ଲୋକ ସେ କଥାକୁ ବିଶ୍ୱାସ କରନ୍ତି ନାହିଁ । ଅନେକ ସମୟରେ ମୁଁ ମୋ ସ୍ୱାମୀଙ୍କୁ ଏ ବିଷୟରେ ପଚାରିବାକୁ ଚାହିଁଲେ ସେ ବି ଏ କଥାକୁ ହସିକରି ଉଡାଇ ଦିଅନ୍ତି ଏବଂ କୁହନ୍ତି ତାଙ୍କୁ କେହି ପ୍ରଶଂସା କରିବା ମୁଁ ସହି ପାରୁନି ବୋଲି ଏମିତି କହୁଛି । ଯାହା ଶୁଣିଲେ ମୋତେ ବହୁତ କଷ୍ଟ ବି ଲାଗେ । ଶାଶୁଘର ଲୋକ ଆସିଲେ ମୋ ପ୍ରତି ମନରେ ଅନେକ ତିକ୍ତତା ରଖି ଫେରି ଯାଇଥାନ୍ତି । ଏ ପରିସ୍ଥିତିରେ ମୁଁ କଣ କରିବି ?

▼ରୁଦ୍ରରଂଜନ ଶେଜପଡ଼ାଙ୍କ ହସଖୁସିର ପରିବାର



**ସଙ୍ଗୀତା ସ୍ୱାଇଁ, ଯାଜପୁର**

**ସମାଧାନର ସୂତ୍ର**

ଗୋଟିଏ ଦୃଷ୍ଟିରୁ ଦେଖିଲେ ଆପଣ ଯାହା ଲେଖିଛନ୍ତି ତାହା ଅତି ଆନନ୍ଦର କଥା । ଆପଣଙ୍କ ଘରକୁ ବନ୍ଧୁବାନ୍ଧବ ଅବା ନିଜ ଲୋକମାନେ ଆସିଲେ ଆପଣଙ୍କ ସ୍ୱାମୀ ସବୁ କାମ କରି ଦେଉଛନ୍ତି । ଆପଣଙ୍କୁ କିଛି କରିବାକୁ ପଡୁ ନାହିଁ । ଏଣୁ ଆପଣ ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ ଯେ ସବୁ ଦିନ ଆପଣଙ୍କ ଘରକୁ ଏହିଭଳି ଲୋକ ଆସୁଥାନ୍ତୁ । ଅନେକ ପରିବାରରେ ବନ୍ଧୁବାନ୍ଧବ ବା ଅତିଥିମାନେ ଆସିଲେ ସ୍ୱାମୀ ଆରାମରେ ବସି ସ୍ତ୍ରୀଙ୍କୁ ବିଭିନ୍ନ କାମର ଆଦେଶ ଦିଅନ୍ତି । କାମଟି ଠିକ ସମୟରେ ନ ହୋଇ ପାରିଲେ ଅନ୍ୟମାନଙ୍କ ସାମ୍ନାରେ ସ୍ତ୍ରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରନ୍ତି । ଏହାଦ୍ୱାରା ଘରେ ତିକ୍ତତା ବଢିଯାଏ । ଆପଣଙ୍କ ମନଦୁଃଖର କାରଣ ହେଉଛି ଯେ ଆପଣଙ୍କ ବାପଘର ଓ ଶ୍ୱଶୁର ଘରର ଲୋକମାନେ ଭାବୁଥିବେ ଯେ ଆପଣ କିଛି କରୁ ନାହାନ୍ତି । ସେଥିପାଇଁ ଆପଣ ମାନସିକ ଅଶାନ୍ତିରେ ଛଟପଟ ହେଉଛନ୍ତି । ଆପଣ ମନେ ରଖିବା ଉଚିତ ଯେ ଆମ ବିଷୟରେ କିଏ କଣ ଭାବିଲା ସେ ବିଷୟରେ ଚିନ୍ତିତ ହେବାଟା ମୂର୍ଖାମିର ପରିଚୟ । କାରଣ ଆପଣ ନିଜେ କଣ କରୁଛନ୍ତି ତାହା ଆପଣ ନିଜେ ଭଲକରି ଜାଣନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜର କାମ ପାଇଁ ନିଜ ପାଖରେ ଉତରଦାୟୀ । ଏଣୁ ଆପଣ ମନଦୁଃଖ କରିବା ପରିବର୍ତ୍ତେ ଅନ୍ୟମାନଙ୍କ ସାମ୍ନାରେ ସ୍ୱାମୀଙ୍କର ବହୁତ ପ୍ରଶଂସା କରନ୍ତୁ । ଆପଣଙ୍କ ସ୍ୱାମୀ ପ୍ରତ୍ୟେକ ଦିନ ଆପଣଙ୍କୁ ଏହିପରି ଘରର ସବୁ କାମରେ ସାହାଯ୍ୟ କରୁଛନ୍ତି ବୋଲି ଅନ୍ୟମାନଙ୍କ ସମ୍ମୁଖରେ କୁହନ୍ତୁ । ତାଙ୍କପରି ସ୍ୱାମୀ ପାଇ ଆପଣ ଭଗବାନଙ୍କ ପାଖରେ କୃତଜ୍ଞ ବୋଲି ବି କୁହନ୍ତୁ । ଏହା ବି ସତ ଯେ ଅନେକ ଘରେ ସ୍ୱାମୀମାନେ କିଛି କାମ କରନ୍ତି ନାହିଁ । ଏଣୁ ପ୍ରକୃତରେ ଏସବୁ ଦେଖି ଆପଣ ଖୁସି ହେବା ଦରକାର । କେବେ ବି ଭୁଲରେ ଏ ସଂପର୍କରେ ସ୍ୱାମୀଙ୍କର ଦୋଷ କାଢନ୍ତୁ ନାହିଁ ଅବା ତାଙ୍କ ସହିତ ଯୁକ୍ତି କରନ୍ତୁ ନାହିଁ । କଥାରେ ଅଛି କାନ୍ଦୁଥିବ ଯାହା ପାଉଥିବ ବାନ୍ଧୁଥିବ । ଏଣୁ ସ୍ୱାମୀ ଆପଣଙ୍କ ଘରର ଯେଉଁସବୁ କାମ କରୁଛନ୍ତି ସେଥିରେ ଖୁସି ହୁଅନ୍ତୁ ।

# ଐଶ୍ୱର୍ଯ୍ୟାଙ୍କ ରାନ୍ଧଣା

ଐଶ୍ୱର୍ଯ୍ୟା ପ୍ରଧାନ
କନ୍ଧେଇମାଲ, ଉକ୍ରେଲା,
କଳାହାଣ୍ଡି-୭୬୬୦୧୧
ଫୋନ: ୭୦୦୮୯୩୧୫୯୯

ଫଟୋ ସୌଜନ୍ୟ: ଲେଖିକା

**ପଶ୍ଚିମ ଓଡ଼ିଶାର ଚଳଣି ଓ କାଦ୍ୟପେୟରେ ଥାଏ ଏକପ୍ରକାର ଭିନ୍ନତା ଓ ନୂତନତା । ସମଗ୍ର ଓଡ଼ିଶାର ଖାଦ୍ୟାଭ୍ୟାସ ଠାରୁ ଅଲଗା ଅଟେ ପଶ୍ଚିମ ଓଡ଼ିଶାର ଲୋକଙ୍କ ଖାଦ୍ୟ । ସେଇ ଭିନ୍ନତାକୁ କରଖିବା ପାଇଁ ଏଥର 'ରେବତୀ'ରେ ଆମେ ପରଷି ଦେଉଛୁ ଦୁଇଟି ପଶ୍ଚିମୀ ବ୍ୟଞ୍ଜନ ।**



## ପାଣି କଖାରୁ ଓ ଜହ୍ନି ସନ୍ତୁଳା

**ଆବଶ୍ୟକ ସାମଗ୍ରୀ :** ପାଣି କଖାରୁ ଛୋଟ ଛୋଟ କଟା ହୋଇଥିବ । ଜହ୍ନି ମଧ୍ୟ ଛୋଟ ଛୋଟ କଟା ହୋଇଥିବ । ଜିରା, ଧନିଆ, ସୋରିଷ, ଲଙ୍କା, ପିଆଜ, ରସୁଣ ବଟା, ଅଳ୍ପ ତେଲ, ସୋରିଷ ଶୁଖିଲା ଲଙ୍କା ଫୁଟଣ ପାଇଁ, ସ୍ୱାଦ ଅନୁସାରେ ଲୁଣ, ଗୋଟେ କପ୍ କ୍ଷୀର ।

**ପ୍ରସ୍ତୁତି ପ୍ରଣାଳୀ:** ପରିବା ଧୋଇ ରଖନ୍ତୁ । କଡ଼େଇରେ ତେଲ ଗରମ୍ କରି ସୋରିଷ, ଶୁଖିଲା ଲଙ୍କା ଫୁଟଣ ପକେଇ ବଟା ମସଲା ଦେଇ କଷନ୍ତୁ । ଅଳ୍ପ କଷି ହେଇଗଲେ କଟା କଖାରୁ ଓ ଜହ୍ନି ପକେଇ ଲୁଣ ଦେଇ ଘୋଡାଇ ଦିଅନ୍ତୁ । ମଝି ମଝିରେ ଘାଣ୍ଟି ଦିଅନ୍ତୁ । ସିଝି ସାରି ପାଣି ମରି ଆସିଲେ କ୍ଷୀର ପକେଇ ଘାଣ୍ଟି ଦିଅନ୍ତୁ । ବାସ୍ ପ୍ରସ୍ତୁତ ହୋଇଗଲା ପାଣି କଖାରୁ ଜହ୍ନି ସନ୍ତୁଳା ।

## ଭେଣ୍ଡି ହେଣ୍ଡୁଆ ଚୁଟ୍‌ଚୁଟା

**ଆବଶ୍ୟକ ସାମଗ୍ରୀ :** ଭେଣ୍ଡି ଛୋଟ ଆକାରରେ କଟା ହୋଇଥିବ । ଚୁନି ଚୁନି କଟା ହୋଇଥିବା ଗୋଟେ ଟମାଟୋ, ମସଲାରେ ଜିରା ଧନିଆ ହଳଦୀ ରସୁଣ ପିଆଜ ଲଙ୍କା ବଟା, ତେଲ, ଅଳ୍ପ ସୋରିଷ, ସ୍ୱାଦ ଅନୁସାରେ ଲୁଣ, ହେଣ୍ଡୁଆ ଅଳ୍ପ (ଛୋଟ ବାଉଁଶ କରଡ଼ି ଶୁଖିଲା ପରେ ହେଣ୍ଡୁଆ ପ୍ରସ୍ତୁତ କରନ୍ତି)

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ତେଲ ଗରମ୍ କରି ଭେଣ୍ଡିକୁ ଅଳ୍ପ ଭାଜି କାଢି ରଖନ୍ତୁ । ପୁଣି ଅଳ୍ପ ତେଲ ଦେଇ ସୋରିଷ ପକାନ୍ତୁ, ତାପରେ ବଟା ମସଲା ଦେଇ କଷନ୍ତୁ । ଟମାଟୋ, ଲୁଣ ଓ ଅଳ୍ପ ପାଣି ଦେଇ ୫ ମିନିଟ୍ କଷନ୍ତୁ । ଟମାଟୋ ସିଝିଗଲେ ପାଣି ଦେଇ ଫୁଟାନ୍ତୁ । ଫୁଟିଗଲେ ଭେଣ୍ଡି ପକେଇ ଆଉ ୫ ମିନିଟ୍ ଫୁଟାନ୍ତୁ । ଶେଷରେ ହେଣ୍ଡୁଆ ପକେଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ଭେଣ୍ଡି ହେଣ୍ଡୁଆ ଚୁଟ୍‌ଚୁଟା ।



▶ ଲେଖିକା ଐଶ୍ୱର୍ଯ୍ୟା ପ୍ରଧାନ



# ମହାପ୍ରଭୁଙ୍କ ବ୍ୟଞ୍ଜନ


**ଲୋପାମୁଦ୍ରା ପରିଡ଼ା**

ଏ-୧୧୩, ଶୁଭଦୟା ଲଗ୍‌ଜୁରିଆ ଆପାର୍ଟମେଣ୍ଟ୍
ପାନାଥୁର ମେନରୋଡ଼, ସରକାରୀ ସ୍କୁଲ୍ ପାଖ,
ବାଙ୍ଗାଲୋର-୫୬୦୦୮୭,
ଫୋନ: ୯୭୩୧୦୫୭୦୧୪


ଫଟୋ ସୌଜନ୍ୟ: ଲେଖିକା

**ମହାପ୍ରଭୁଙ୍କ ନିତିପ୍ରତି ସେବାକାନ୍ତିରେ ଛପନଭୋଗର ପ୍ରାଧାନ୍ୟ ବଳିଷ୍ଠ । ପ୍ରଭୁ ଆମର ଭୋଜନ ପ୍ରିୟ । ଖାଇବା ଖୁଏଇବାବାଲା ଠାକୁର ସିଏ । ମହାଲକ୍ଷ୍ମୀଙ୍କ ରୋଷଘରୁ ପରଷା ଆନନ୍ଦ.... ଆନନ୍ଦବଜାର ଯାକ ମହକେ । ଅନ୍ନଦାଙ୍କ କରୁଣାରୁ ସବୁରି ପେଟ ପୁରେ । ଏଥର ଆମେ ପ୍ରସ୍ତୁତ କରୁଛୁ ମହାପ୍ରସାଦରେ ଲାଗି ହେଉଥିବା ଦିଇଟି ସ୍ୱାଦିଷ୍ଟ ତଥା ସହଜ ବ୍ୟଞ୍ଜନ । ଗୋଟିଏ ମିଷ୍ଟାନ୍ନ ତ ଅପରଟି ଲବଣ ।**



## ଖଇର ଚୂଳ

**ଆବଶ୍ୟକ ସାମଗ୍ରୀ :** ଚାଉଳ ଚୁନା, ଘିଅ , ଗୁଡ, ଅଳେଇଚ ଆଉ ଟିକେ ଲବଙ୍ଗ, ଅଳ୍ପ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚାଉଳଚୁନାରେ ଟିପେ ଲୁଣ ସ୍ୱାଦ ଅନୁସାରେ, ଲବଙ୍ଗ ଅଳେଇଚ ଗୁଣ୍ଡ, ଘିଅରେ ଅଳ୍ପ ପାଣି ଦେଇ ଚକଟି ଦେବା । ବେଶୀ କାଠୁଆ କି ପାଣିଆ ନୁହେଁ । ପାଲିସ୍ କରି ଚକଟିବା । ଫାଟ ଦିଶୁନଥିଲେ ଭଲ । ପନ୍ଦର ମିନିଟ ଖଣ୍ଡେ ଘୋଡେଇକି ରଖିଥିବା । ଅଳ୍ପ ଘିଅ ହାତ ହେଇ ଗୋଲ ଗୋଲ ଲଡୁ ପରି ବଲ୍ ତିଆରି ନେବା । ଗହିରିଆ ଜାଗାଟେରେ ବେଶିକି ଟିକେ ଘିଅ ଗରମ କରି ଛାଣି ହେଲା ପରି ତାତି ଧରିଲେ ଅଳ୍ପ ଆଞ୍ଚରେ ଗୋଲ ସବୁ ଟିକେ ଲାଲିସିଆ ରଙ୍ଗ ଚଢ଼ିବା ଯାଏଁ ଛାଣି ଅଲଗା କି ଥୋଇବା । ତାକୁ ଟିକେ ବାଡେଇ ଦରଚୁନା କରିଦବା । ସାଧାରଣତଃ ଖଜା,ମୁଠିଗଜା ଆଦି ଛଣା ବେଳେ ଖସିଥିବା ଅତିରିକ୍ତ ଛଣା ଗୁଣ୍ଡ ଏକାଠି କରି ମଧ ତିଆରି ପାରିବେ । ଆଉ ଗୋଟେ କଡେଇରେ ଗୁଡ ପାଗ କରି ଦରକୁଟା ବଲ୍‌ତକ ସେଇଥିରକୁ ଗଡେଇ ଦବା ଚକଲେଟ ପାଗ କରିଥିବା ଗୁଡକୁ । ମାନେ ଧାର ଛିଣ୍ଡୁନଥିବ ଟିପରେ ଲଗେଇ ଭିଡିଲେ ଆଉ ପାଣି ଗିନାରେ ଝରେଇ ଦେଲେ ଗୋଲ ଗୁଡ ମିଠେଇ ଗଢି ହେଇ ଯାଉଥିବ ଯେମିତି ସେମିତି ପାଗ । ଏବେ ହାତରେ ମୁଠା ମୁଠା କି ଗଢିଦେବା ଗୋଲିଆ ଖଇରଚୂଳ । ପ୍ରସ୍ତୁତ ହେଇଗଲା ଉପରୁ ମିଠା ପୁଣି କୁଡୁମୁଡୁ ଭିତରୁ ସୁଆଦିଆ 'ଖଇରଚୂଳ' ।

## ଲୁଣି ଖୁରମା

**ଆବଶ୍ୟକ ସାମଗ୍ରୀ :** ଅଟା, ସ୍ୱାଦନୁସାରେ ଲୁଣ, ଗୋଟା ଜୁଆଣି, ଘିଅ, ପାଣି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଟାରେ ଜୁଆଣିକୁ ହାତରେ ଟିକେ ଭଲକି ମନ୍ଥିଦେଇ ପକେଇଦବା, ବାସ୍ନାଟି ସମାନ ହେଇ ମିଶିବ ଯେମିତି । ତା ପରେ ଦରକାର ଅନୁସାରେ ଘିଅ ଦେଇ ଭଲ ମାରେ ଟିପ ଆଉ ପାପୁଲି ନେଡିରେ ଘସିବା । ଘିଅ ଯେମିତି ପୁରା ମିଶିଯିବ । ସିଙ୍ଗଡ଼ା ତିଆରିଲା ବେଳେ ଯେମିତି ତେଲ ଆଉ ମଇଦା ଘସାମିଶା ହୁଏ ସେମିତି ପାଗ । ମୁଠେଇଲେ ଅଟା ମୁଠା ଆକାର ହେଇଯାଉଥିବ । ଏଇଲେ ଅଳ୍ପ ପାଣି ଦେଇ ଟିକେ ଟାଣ ଚକଟା କରିବା । ଘୋଡେଇକି କିଛି ସମୟ ରଖିଦବା । ଆଉ ପରେ ଗୋଲ ଗୋଲ ଗଢି ମଝି ପାପୁଲିରେ ରଖି ହାଲୁକା ଦାବିଦେବା ଯେମିତି କାକରା ଗଢୁ ସେମିତି । ଦି ପଟୁ ଅଳ୍ପ ବୁଲେଇ ବୁଲେଇ ଗଢିସାରି ଘିଅରେ ଛାଣିଦବା । ଆଞ୍ଚ କିନ୍ତୁ ସେଇ ହାଲୁକା ରହିବ । ନହେଲେ ଭିତର ଦରସିଝା ରହିଯିବ । ଧୈର୍ଯ୍ୟ ଟିକେ ରଖି ଛାଣିଲେ ବଢିଆ ମୁସ୍‌ମୁସ୍ ଲୁଣିଖୁରୁମା ପ୍ରସ୍ତୁତ ହୋଇଯିବ । ଏବେ ପାତ୍ରରେ କଦଳୀ ପତ୍ର ରଖି ଖଞ୍ଜି ଦେବା ଆମ ଭକ୍ତି ସହ ପ୍ରସାଦ । ତୁଳସୀ ଅଗପତ୍ରି ଦେଇ ମଣୋହି ବଢେଇ ଦେବା ଆଉ ଘରେ ସମସ୍ତେ ମିଶି ପ୍ରସାଦ ପାଇବା ।


ଲେଖିକା ଲୋପାମୁଦ୍ରା ପରିଡ଼ା



# ରେବତୀଙ୍କ ରେସିପି

**ରେବତୀ ନାୟକ**
ରାଣୀପାଟଣା, ବାଲେଶ୍ୱର-୭୫୬୦୦୧
ଫୋନ:୯୪୩୮୮୫୫୪୪୦
ଫଟୋ ସୌଜନ୍ୟ : ଲେଖିକା

**ନଡ଼ିଆକୁ କୋରି ଚୁଲିରେ କଡ଼ାଇ ବସାଇ ନଡ଼ିଆ କୋରାରେ ୨୦୦ଗ୍ରାମ ଚିନି ଦେଇ ପୁର ପ୍ରସ୍ତୁତ କରିବାକୁ ହେବ । ତାପରେ କଡେଇରେ ୧ଲିଟର ପାଣି ଦେଇ, ସେଥିରେ ଅଳ୍ପ ପାନମଧୁରୀ ଓ ଆବଶ୍ୟକ ପରିମାଣରେ ଲୁଣ, ଚିନି ୫୦ଗ୍ରାମ ଦେଇ ପାଣି ଫୁଟିଲେ ସେଥିରେ ସୁଜି ପକାଇ ଜନ୍ତାଣି (ଖଳି) ପ୍ରସ୍ତୁତ କରିବେ ।**


▶ ଲେଖିକା ରେବତୀ ନାୟକ



## ଜହ୍ନିପତ୍ର ପତୁଆ

**ଆବଶ୍ୟକ ସାମଗ୍ରୀ :** ଜହ୍ନି ପତ୍ର, ଆଳୁ, ସୋରିଷ ତେଲ, କଳା ସୋରିଷ, ଧଳା ସୋରିଷ, ପୋସ୍ତ, କଞ୍ଚା ଲଙ୍କା, ପିଆଜ, ରସୁଣ, ଫୁଟଣ, ଲୁଣ, ହଳଦୀ ।

**ପ୍ରସ୍ତୁତି ପ୍ରଣାଳୀ:** ଜହ୍ନିପତ୍ର ଆଣି ଭଲ କରି ଧୋଇ ସେଥିରେ ସୋରିଷ, ଧଳା ସୋରିଷ, ପୋସ୍ତ, କଞ୍ଚା ଲଙ୍କା, ରସୁଣ ମିଶାଇ ଭଲକରି ବାଟି ଦିଅନ୍ତୁ । କଡେଇରେ ସୋରିଷ ତେଲ ଗରମ କରି ଫୁଟଣ ଫୁଟାଇ ସେଥିରେ କିଛି ଆଳୁ ସରୁ ସରୁ କାଟି ପକାନ୍ତୁ । ଲୁଣ ହଳଦୀ ଦେଇ ଖଡ଼ିକାରେ ଟିକେ ନାଡି ଦେଇ ବଟା ହୋଇଥିବା ସାମଗ୍ରୀକୁ ପକାନ୍ତୁ ଏବଂ ତାକୁ ଭଲ କରି ମିଶାଇ ଢାଙ୍କୁଣି ଦେଇଦିଅନ୍ତୁ । ମଝିରେ ମଝିରେ ଢାଙ୍କୁଣି ଖୋଲି ଆଉ ଟିକେ ନାଡି ଦିଅନ୍ତୁ । ଆଳୁ ଏବଂ ପତ୍ର ସିଝିଗଲେ ତଥା ସେଥିରୁ ପାଣି ମରିଗଲେ ପତୁଆ ପ୍ରସ୍ତୁତ ।

## ଛଣା ମଣ୍ଡା

**ଆବଶ୍ୟକ ସାମଗ୍ରୀ :** ୫୦୦ଗ୍ରାମ ସୁଜି, ଚିନି ୨୫୦ଗ୍ରାମ, ନଡ଼ିଆ ୨ଟା, ରିଫାଇନ ତେଲ, ଲୁଣ, ଗୁଜୁରାତି, ପାନମଧୁରୀ, ପାଣି ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ନଡ଼ିଆକୁ କୋରି ଚୁଲିରେ କଡ଼ାଇ ବସାଇ ନଡ଼ିଆ କୋରାରେ ୨୦୦ଗ୍ରାମ ଚିନି ଦେଇ ପୁର ପ୍ରସ୍ତୁତ କରିବାକୁ ହେବ । ପୁରରେ ୪/୫ଟି ଗୁଜୁରାତିର ଗୁଣ୍ଡ ଦେବେ । ତାପରେ କଡେଇରେ ୧ଲିଟର ପାଣି ଦେଇ, ସେଥିରେ ଅଳ୍ପ ପାନମଧୁରୀ ଓ ଆବଶ୍ୟକ ପରିମାଣରେ ଲୁଣ, ଚିନି ୫୦ଗ୍ରାମ ଦେଇ ପାଣି ଫୁଟିଲେ ସେଥିରେ ସୁଜି ପକାଇ ଜନ୍ତାଣି (ଖଳି )ପ୍ରସ୍ତୁତ କରିବେ । ହାତରେ ଟିକେ ତେଲ ଦେଇ ଜନ୍ତାଣିକୁ ଭଲ କରି ଚକଟି ଛୋଟ ଛୋଟ ଗୁଳା କରି ନଡ଼ିଆ ପୁର ଦେଇ ମଣ୍ଡା ତିଆରି କରିବେ । ତା ପରେ ଚୁଲିରେ ଅନ୍ୟ ଏକ କଡେଇରେ ରିଫାଇନ୍ ତେଲ ଦେଇ ମଧ୍ୟମ ଗରମ କରି ମଣ୍ଡାଗୁଡ଼ିକୁ ଛାଣି ଥଣ୍ଡା କରି ଖାଇବାକୁ ଦିଅନ୍ତୁ ।



ରୋଷେଇଶାଳ-୪

# ରତିକାନ୍ତଙ୍କ ରେସିପି


**ରତିକାନ୍ତ ପାତ୍ର**

ଫ୍ଲାଟ୍ ନଂ-୭, ତୃତୀୟ ମହଲା, ଡିଲାଇଟ୍ ଆପାର୍ଟମେଣ୍ଟ, ହ୍ୱାଇଟ୍ ଟାଉନ୍, ପୁଡୁଚେରୀ-୬୦୫୦୦୧, ଫୋନ:୯୯୦୨୭ ୭୪୩୯୧

ଫଟୋ ସୌଜନ୍ୟ: ଲେଖକ




▶ ଲେଖକ ରତିକାନ୍ତ ପାତ୍ର

**ବନ୍ଧାକୋବିକୁ ଲମ୍ବା ଏବଂ ପତଳା କରି କାଟି ନିଅନ୍ତୁ । ଗାଜର ଏବଂ ବିନ୍ସ୍‌କୁ ଛୋଟ ଖଣ୍ଡ କରି କାଟି ନିଅନ୍ତୁ । ନଡ଼ିଆକୁ କୋରି ଅନ୍ୟତ୍ର ରଖି ଦିଅନ୍ତୁ । ଏଥର କଡ଼େଇ ଗରମ କରି ସେଥିରେ ତେଲ ଦିଅନ୍ତୁ । ତେଲ ଗରମ ହେଲା ପରେ ସେଥିରେ ଜୀରା, ସୋରିଷ, ଶୁଖିଲା ଲଙ୍କା, କଞ୍ଚା ଲଙ୍କା, କଟା ଅଦା ଓ ରସୁଣ, ଭୃସଙ୍ଗ ପତ୍ର, ଚିନାବାଦାମ, ବୁଟ ଡାଲି, ବିରି ଡାଲି, ମୁଗ ଡାଲି ଏବଂ ହେଙ୍ଗୁ ଗୁଣ୍ଡ ଆଦିକୁ ପକାଇ ଭଲ ଭାବେ ଭାଜି ନିଅନ୍ତୁ ।**

## ଦକ୍ଷିଣ ଭାରତ ସ୍ପେଶିଆଲ୍

### ବନ୍ଧାକୋବି ପୋରିୟଲ୍



**ଆବଶ୍ୟକ ସାମଗ୍ରୀ :** ବନ୍ଧା କୋବି, ବିନ୍ସ୍, ଗାଜର, ମଟର ଛୁଇଁ, ପିଆଜ, କଞ୍ଚା ଲଙ୍କା, ନଡ଼ିଆ, ବଡ଼ ପିଆଜ (୧-୩ ଟା); ଅଦା (୧ ଛୋଟ ଖଣ୍ଡ); ରସୁଣ (୩-୪ କୋଳା); ଗୋଟା ଜିରା; ଶୁଖିଲା ଲଙ୍କା; ଗୋଟା ସୋରିଷ; ଭୃସଙ୍ଗ ପତ୍ର; ଚିନାବାଦାମ; ବୁଟ ଡାଲି; ବିରି ଡାଲି; ମୁଗ ଡାଲି; ଲୁଣ ଏବଂ ହେଙ୍ଗୁ; ସୋରିଷ ତେଲ ।


**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସମସ୍ତ ପରିବାକୁ ଭଲ ଭାବରେ ଧୋଇ ରଖନ୍ତୁ । ବନ୍ଧାକୋବିକୁ ଲମ୍ବା ଏବଂ ପତଳା କରି କାଟି ନିଅନ୍ତୁ । ଗାଜର ଏବଂ ବିନ୍ସ୍‌କୁ ଛୋଟ ଖଣ୍ଡ କରି କାଟି ନିଅନ୍ତୁ । ନଡ଼ିଆକୁ କୋରି ଅନ୍ୟତ୍ର ରଖି ଦିଅନ୍ତୁ । ଏଥର କଡ଼େଇ ଗରମ କରି ସେଥିରେ ତେଲ ଦିଅନ୍ତୁ । ତେଲ ଗରମ ହେଲା ପରେ ସେଥିରେ ଜୀରା, ସୋରିଷ, ଶୁଖିଲା ଲଙ୍କା, କଞ୍ଚା ଲଙ୍କା, କଟା ଅଦା ଓ ରସୁଣ, ଭୃସଙ୍ଗ ପତ୍ର, ଚୀନଓ ବାଦାମ, ବୁଟ ଡାଲି, ବିରି ଡାଲି, ମୁଗ ଡାଲି ଏବଂ ହେଙ୍ଗୁ ଗୁଣ୍ଡ ଆଦିକୁ ପକାଇ ଭଲ ଭାବେ ଭାଜି ନିଅନ୍ତୁ । ହାଲୁକା ଭାଜି ହେଲା ପରେ ସେଥିରେ କଟା ପିଆଜ ପକାଇ ଆଉ କିଛି ସମୟ ଭାଜନ୍ତୁ । ଏଥର ବନ୍ଧା କୋବି, ଗାଜର,ବିନ୍ସ ଏବଂ ମଟର ଛୁଇଁ ପକାଇ କମ ଆଞ୍ଚରେ ଭାଜନ୍ତୁ । କିଛି ସମୟ ଢାଙ୍କୁଣି ଘୋଡ଼ାଇ ରଖନ୍ତୁ । ମଝିରେ ମଝିରେ ଢାଙ୍କୁଣି ବାହାର କରି ଘାଣ୍ଟି ଦିଅନ୍ତୁ । ପରିବା ନରମ ନ ହେବା ପର୍ଯ୍ୟନ୍ତ ଏମିତି ଘୋଡ଼େଇ ଘୋଡ଼େଇ ଭାଜନ୍ତୁ । ଅଧା ଭଜା ହେଇଗଲା ପରେ ଦରକାର ଅନୁଯାୟୀ ଲୁଣ ଦେଇ ଦିଅନ୍ତୁ । ଶେଷରେ ନଡ଼ିଆ କୋରା ମିଶାଇ ଆଉ ଅଳ୍ପ ସମୟ ଭାଜି ଘୋଡ଼େଇ ରଖି ଦିଅନ୍ତୁ । ଆପଣଙ୍କର ପୋରିୟଲ୍ ପ୍ରସ୍ତୁତ ହେଇ ଯାଇଛି; ଭାତ ବା ପରଟା ସହ ଗରମ ଗରମ ପରଶି ନିଅନ୍ତୁ ।

### ଦକ୍ଷିଣ ଭାରତୀୟ ସମ୍ବର

**ଆବଶ୍ୟକ ସାମଗ୍ରୀ :** ଭେଣ୍ଡି, ମୂଳା, ବାଇଗଣ, ବୋଇତାଳୁ, ଛୁଇଁ, ଟମାଟୋ, ଗାଜର, ଧଣିଆ ପତ୍ର, ହରଡ଼ ଡାଲି, ଗୋଟା ତେନ୍ତୁଳି, ଗୋଟା ଜୀରା, ସୋରିଷ, ଭୃସଙ୍ଗ ପତ୍ର, ଛୋଟ ପିଆଜ, ଶୁଖିଲା ଲଙ୍କା, ନଡ଼ିଆ କୋରା, ସମ୍ବର ମସଲା ଗୁଣ୍ଡ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ ଏବଂ ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଳ୍ପ ହରଡ଼ ଡାଲି ନେଇ ତାହାକୁ ହାଲୁକା ସିଝାଇ ରଖି ଦିଅନ୍ତୁ । ସମସ୍ତ ପରିବାକୁ ଭଲ ଭାବରେ ଧୋଇ ଖଣ୍ଡ ଖଣ୍ଡ କରି କରି କାଟି ରଖନ୍ତୁ । ତେନ୍ତୁଳିକୁ ପାଣିରେ କିଛି ସମୟ ବତୁରି ରଖିନିଅନ୍ତୁ (ଟମାଟୋ ଏବଂ ତେନ୍ତୁଳି ଆବଶ୍ୟକ ଖଟା ଅନୁଯାୟୀ ବ୍ୟବହାର କରନ୍ତୁ) । ବର୍ତ୍ତମାନ, କଡ଼େଇରେ ତେଲ ଗରମ କରନ୍ତୁ । ସେଥିରେ ଛୋଟ ଗୋଟା ପିଆଜ ଭଲ ଭାବେରେ ଭାଜନ୍ତୁ । ହାଲୁକା ଭାଜି ହେଲା ପରେ ସେଥିରେ ସମସ୍ତ କଟା ପରିବା, ଟମାଟୋ ସହ ପକାଇ ଆଉ କିଛି ସମୟ ଭାଜି ନିଅନ୍ତୁ ଏବଂ ଘୋଡ଼େଇ ରଖନ୍ତୁ । ଏଥର ହଳଦୀ ଗୁଣ୍ଡ, ଲୁଣ ମିଶାଇ ନିଅନ୍ତୁ । ପରିବା ଅଳ୍ପ ଭାଜି ହେଲା ପରେ ସେଥିରେ ପୂର୍ବରୁ ସିଝା ହେଇଥିବା ହରଡ ଡାଲିକୁ ମିଶାଇ ଧୀର ଆଞ୍ଚରେ ରାନ୍ଧନ୍ତୁ । ଏଥର ତେନ୍ତୁଳି ପାଣିକୁ ନେଇ ମିଶାଇ ଦିଅନ୍ତୁ ଏବଂ କିଛି ସମୟ ଫୁଟିବା ପାଇଁ ରଖି ଦିଅନ୍ତୁ । ବର୍ତ୍ତମାନ ଏଥିରେ ସମ୍ବର ମସଲା ଗୁଣ୍ଡ ଓ ଲଙ୍କା ଗୁଣ୍ଡ ଦେଇ ଆଉ କିଛି ସମୟ ରାନ୍ଧନ୍ତୁ । ସମସ୍ତ ମିଶ୍ରଣ ଏବଂ ପରିବା ସିଝି ଗଲା ପରେ ଚୁଲି ବନ୍ଦ କରି ରଖି ନିଅନ୍ତୁ ।

ବର୍ତ୍ତମାନ ଫୁଟଣ ପ୍ରସ୍ତୁତି କରିବା । ଅନ୍ୟ ଏକ ପାତ୍ରରେ କିଛି ତେଲ ବା ଗୁଆ ଘିଅ ଗରମ କରନ୍ତୁ ଏବଂ ସେଥିରେ ଜୀରା,ସୋରିଷ, ଭୃସଙ୍ଗ ପତ୍ର, ଶୁଖିଲା ଲଙ୍କା ଏବଂ ହେଙ୍ଗୁ ପକାଇ ଫୁଟାଇ ଦିଅନ୍ତୁ ଓ ସେଇ ଫୁଟଣକୁ ସମ୍ବରରେ ପକାଇ ଢାଙ୍କି ଦିଅନ୍ତୁ । ଶେଷରେ କିଛି ନଡ଼ିଆ କୋରଓ ଏବଂ ଧଣିଆ ପତ୍ରକୁ ସମ୍ବର ଉପରେ ପକାଇ ଦିଅନ୍ତୁ । ଏଥର ଦକ୍ଷିଣ ଭାରତୀୟ ସମ୍ବର ପ୍ରସ୍ତୁତ ହେଇଗଲା । ଭାତ ବା ଇଡ଼ଲି ସହ ଗରମ ଗରମ ପରଷି ଦିଅନ୍ତୁ ।




# ସୃଜନଶୀଳତାର ଶକ୍ତି

ସର୍ଜନା ଅନ୍ୟାନ୍ୟ ବହୁ କର୍ମ ଭଳି ଏକ କର୍ମ ହୋଇଥିଲେ ମଧ୍ୟ, ଏହା ଏକ ବିଶେଷ ଧରଣର କର୍ମ । ଯାହା ସମସ୍ତଙ୍କ ଭାଗ୍ୟରେ ଜୁଟିନଥାଏ । ହଁ, ଏ କଥା ଅବଶ୍ୟ କହିବା ନିଷ୍ପ୍ରୟୋଜନ ଯେ, ସମସ୍ତେ ବିଭିନ୍ନ ଦିଗରୁ ସୃଜନଶୀଳ ହୋଇଥାନ୍ତି । ଈଶ୍ୱର ସମସ୍ତଙ୍କ ଭିତରେ ସର୍ଜନଶୀଳତା ଦେଇଥାନ୍ତି । କିନ୍ତୁ ସମସ୍ତେ ସର୍ଜକ ବା ସ୍ରଷ୍ଟା ବା ଲେଖକ ହେବା ସମ୍ଭବ ହୁଏନା । ସର୍ଜନ ପ୍ରକ୍ରିୟା ଏକ ସ୍ୱୟଂପ୍ରାପ୍ତ ପ୍ରକ୍ରିୟା । ଏହାକୁ ଆପଣ କେଉଁ ଗୁରୁକୁଳ ବା ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ କରିପାରିବେ ନାହିଁ କି କେଉଁ ବ୍ୟକ୍ତି ବିଶେଷ ଆପଣଙ୍କୁ ବରଦାନ କଲା ପରି ଦେଇପାରିବେ ନାହିଁ । ଲେଖକୀୟ ସତ୍ତାଟି ଦୈବୀକୃତ ଏବଂ ଏ ପ୍ରକାର ଏକ ଗୁଣ ଜଣେ ବ୍ୟକ୍ତିଙ୍କ ଠାରେ ସ୍ୱତଃ ଆସିଥାଏ । ତେଣୁ ଇଚ୍ଛା କରି କେହି କେବେ ଲେଖକ ହୋଇପାରେନା କି ମନହେଲା ତ କିଛି ଲେଖିଦେଇ ଲେଖକ ହେବା ଅସମ୍ଭବ କଥା । କିଛିଦିନ ତଳେ ସୋସିଆଲ୍ ମିଡ଼ିଆରେ ମୋର ପ୍ରିୟ ଗାଳ୍ପିକା **ହିରଣ୍ମୟୀ ମିଶ୍ର**ଙ୍କ ଗୋଟିଏ ପୋଷ୍ଟିଂ ପଢ଼ିଥିଲି । ଯାହା ମୋ ଭିତରେ ରେଖାପାତ କରିଥିଲା । ସେ ଲେଖିଥିଲେ: "ଯେଉଁଠି ଥିଲେ ବି ମୋ ସାହିତ୍ୟର ପରିବାର ମୋ ପାଇଁ ଖୁସି ଯୋଗାଡ଼ି ଦିଅନ୍ତି । ଏତିକି ହିଁ ମୋ ଛୋଟିଆ ଜୀବନର ବଡ଼ ପ୍ରାପ୍ତି ।" ଏଇ କଥାଟି ଏଠି ଉଦ୍ଧାର କରିବାର କାରଣ ହେଲା, ଅତୀତରେ ମୋର ଜଣେ ଲେଖକ ବନ୍ଧୁ ମୋତେ କଥା ପ୍ରସଙ୍ଗରେ କହିଥିଲେ, "ମୁଁ ଲେଖାଲେଖି କରୁଛି ବୋଲି ଓଡ଼ିଶାର କେଉଁ କୋଣକୁ ଗଲେ ବି ସାଧାରଣ ଲୋକଟେ ମୋ ନାମ ଶୁଣି ମୋତେ ଲେଖକ ଭାବେ ଚିହ୍ନିପାରୁଛି ଓ ମୋ ଲେଖା ପଢ଼ିଥିବା କଥା କହି ମୋତେ କୃତାର୍ଥ କରାଉଛି । ମୁଁ ଲେଖକ ଭାବରେ ଏଇ ଯେଉଁ ବ୍ୟାପକ ପରିଚିତିଟେ ପାଇଛି ଏହା ଅନ୍ୟାନ୍ୟ ବହୁ ପ୍ରାପ୍ତି ଠାରୁ ବଡ଼ ନୁହେଁ କି ?"

କଥାଟି ଏଇ ପ୍ରସଙ୍ଗରେ କହିବାକୁ ମୋର ଇଚ୍ଛା ଯେ, ଆମେ ଯେଉଁମାନେ ଲେଖାଲେଖି କରୁ ଆମେ ସାହିତ୍ୟରୁ ପାଉ କ'ଣ ବୋଲି ଯେଉଁ ପ୍ରଶ୍ନବାଚୀଟି ଆମ ଭିତରେ ଟହଲୁଥାଏ, ତାହା ଠିକ୍ ନୁହେଁ । କାରଣ ସାହିତ୍ୟ ବା ସୃଜନଶୀଳତାର ଏକ ବଡ଼ ଶକ୍ତି ଥାଏ, ଯାହା ଆମ ପାଖକୁ ଆସିଥାଏ ଆମର ଏଇ ସାଧନା ବଳରେ । ଆମର ଲେଖାଲେଖି ଦିଗରେ ସଫଳତା ଯାହା ବା ଯେତିକି, ସେତିକି ହିଁ ସାହିତ୍ୟ ଦେଇଥାଏ । ଏହାକୁ ଆମେ ଛୋଟ ବୋଲି କହିବା କେମିତି ! ଅନେକ ସ୍ଥାନରେ ମୁଁ ଲକ୍ଷ୍ୟ କରିଛି, ଲେଖକ ଭାବେ ପରିଚୟ ଦେବାବେଳେ ଆମକୁ ସଂକୋଚ ଲାଗୁଥିଲେ ମଧ୍ୟ, ଅପର ଲୋକଟି ଆମକୁ ଜଣେ ଅସାଧାରଣ ବ୍ୟକ୍ତି ବୋଲି ବିବେଚନା କରନ୍ତି । କାରଣ ମନରୁ ଆମେ ଯାହା ଲେଖୁ, ତାହା ଆମର ମାନସିକ ସାମର୍ଥ୍ୟ ଓ କ୍ଷମତା ଯୋଗୁଁ ସମ୍ଭବ ହୋଇଥାଏ । ସାଧାରଣ ମଣିଷଟିକୁ କୌଣସି ଟପିକ୍ ଦେଇ କିଛି ଗୋଟାଏ ଲେଖିବାକୁ କହିଲେ, ସେ ଲେଖି ପାରିବ ନାହିଁ । ଅଥଚ ଲେଖକଟିଏ ସଙ୍ଗେ ସଙ୍ଗେ କଳ୍ପନାରୁ ତୋଳି ଆଣି ସୁନ୍ଦର ଫୁଲବଗିଚାଟିଏ ତିଆରି କରିଦେଇପାରିବ । ଏହାକୁ ଆମେ ସର୍ଜନାର ଶକ୍ତି କହିବାନି ତ କ'ଣ କହିବା ? ସର୍ଜନା ହେଉଛି ଲେଖକର ଏକ ଦିବ୍ୟାସ୍ତ୍ର । ଏହାଦ୍ୱାରା ସେ ସହସ୍ରାଧିକ ପାଠକକୁ ବଶୀଭୂତ କରି ରଖିପାରେ । ଆପଣ ପ୍ରତିଭା ରାୟ କୁହନ୍ତୁ କି ବିଭୂତି ପଟ୍ଟନାୟକ କୁହନ୍ତୁ- ଏମାନଙ୍କର ଅଜସ୍ର ପାଠକ ସମାଜକୁ ଆପଣ ଲେଖକଙ୍କ ନାମରେ ଏଣୁତେଣୁ କହି ଭ୍ରମିତ କରିପାରିବେ ? ଆଦୌ ନୁହେଁ ! ସେମାନେ ସେଇ ସେଇ ଲେଖକଙ୍କର ଲେଖାକୁ ସାରାକାଳ ପଢ଼ିପଢ଼ି ସେଇ ଲେଖକଟିକୁ ନିଜ ପ୍ରାଣ ଭିତରେ ଦେବତା ଭଳି ବସାଇଥାନ୍ତି । ଆପଣ ଏଣୁତେଣୁ କହି ସେଇ ଲେଖକକୁ ତାଙ୍କ ପ୍ରାଣରୁ ଅନ୍ତର କରିପାରିବେ ନାହିଁ । ଏହା ହିଁ ସାହିତ୍ୟର ଶକ୍ତି । ଲେଖକର ଶକ୍ତି । ଲେଖକ ଛୋଟବଡ଼ ହୋଇପାରନ୍ତି । କିନ୍ତୁ ସମସ୍ତଙ୍କର ନିର୍ଦ୍ଦିଷ୍ଟ ପାଠକଗୋଷ୍ଠୀ ଥାଆନ୍ତି । ଆଉ ଏହି ପାଠକ ଗୋଷ୍ଠୀ ହିଁ ଲେଖକର ବଳ । ଲେଖକକୁ ଏମାନେ ଅମର କରିଦିଅନ୍ତି । ସୁତରାଂ ଲେଖକ ଭାବେ ଆପଣ ସତ୍ ରହିବା ସହ ଠକାମୀରେ ପକାଇଲେ ପାଠକକୁଳକୁ, ଆପଣ ସେ ପାଠକମାନଙ୍କ ସହିତ ବିଶ୍ୱାସଘାତକତା କଲେ । ମୂଳତଃ ଆପଣ ବୁଝିଯିବା ଦରକାର, ଆପଣ ଏକ ଦିବ୍ୟକୃପା ବଳରେ ଦିବ୍ୟ କର୍ମ ହିଁ କରୁଛନ୍ତି । ଏଥିରେ ଅସତ୍ ଆଚରଣ ରହିବା ବିବେକାନୁମୋଦିତ ନୁହେଁ । ସୃଜନଶୀଳତାରେ ଯେଉଁ ଶକ୍ତି ଲେଖକଟି ପାଖକୁ ଆସିଥାଏ, ସେଇ ଶକ୍ତି ବଳରେ ସେ ଯେଉଁ ଲେଖା ଲେଖେ, ସେଇ ଲେଖା ଅନେକ ସମୟରେ ସମାଜର ଅନେକ ବିସଙ୍ଗତି, କୁସଂସ୍କାର ଓ ଅସମାନତାକୁ ହଟେଇ ଦେବାକୁ ସକ୍ଷମ ହୋଇଥାଏ- ଏଭଳି ଦୃଷ୍ଟାନ୍ତ ମଧ୍ୟ ଆମ ପାଖରେ ଅଛି । ଲେଖକ ତା'ର ଲେଖା ମାଧ୍ୟମରେ ସାମାଜିକ ଅସଙ୍ଗତି, ସାମାଜିକ ମାନଦଣ୍ଡ, ସାମାଜିକ ଭେଦଭାବ ଭଳି ଅନେକ କଥାକୁ ଅନ୍ୱେଷଣ କରି ପାଠକମାନଙ୍କ ସାମ୍ନାକୁ ଆଣିଥାଏ । ସାହିତ୍ୟ କେବଳ ପାଠକମାନଙ୍କ ମନରେ ଭାବାନ୍ତର ଆଣିନଥାଏ, ଅଧିକନ୍ତୁ ଲେଖକ ସ୍ୱୟଂ ଲେଖାଲେଖିରେ ରହିବା ଦ୍ୱାରା ମାନସିକ ସାନ୍ତ୍ୱନା ପାଇବା ସହ ନିଜର ଭାବନା ସ୍ତରକୁ ସୁସ୍ଥ ରଖିବା ସହିତ ଏହାର ଉତ୍‌ଥାନ ମଧ୍ୟ କରିବାକୁ ସକ୍ଷମ ହୋଇଥାଏ । ଲେଖକ ଯେଉଁ ବହି ଲେଖେ, ସେ ବହି କେବଳ ପାଠକକୁ ଆନନ୍ଦ ଦିଏ ନାହିଁ, ତାହା ଲେଖକର ବିଶ୍ୱସ୍ତ ବନ୍ଧୁ ଭାବେ ତା' ସହିତ ଆ-ମୃତ୍ୟୁ ରହିଥାଏ । ସେ ବହିକୁ ଜୀବନର ଶେଷ ପାହାଚରେ ଥିବା ବେଳେ ଛୁଇଁଦେଲେ ବି ଆତ୍ମା ଶାନ୍ତି ପାଏ, ଲେଖକର । ବହିର ଏ ଶକ୍ତି କ'ଣ ସର୍ଜନାର ଶକ୍ତିରୁ ଆହରିତ ନୁହେଁ ?

ସର୍ଜନା ଆମକୁ କେବଳ ଶକ୍ତିଶାଳୀ କରେ ନାହିଁ, ସେ ଆମକୁ ଏକ 'ଅସାଧାରଣତ୍ୱ' ପ୍ରଦାନ କରେ । ଏହା ବ୍ୟତୀତ ଲେଖାଲେଖି ପ୍ରକ୍ରିୟା ଆମକୁ ଏକ ଭିନ୍ନ ପୃଥିବୀକୁ ନେଇ ଯାଇଥାଏ, ଯେଉଁଠି ଥାଏ ଆବେଗ ଆଉ ସଂବେଗର କୁହୁଡ଼ିବଣ, ଏଇ ଆବେଗ ହିଁ ଲେଖକର ସମ୍ପଦ । ଏତିକି ବିନା ଲେଖକ, ଲେଖକ ନୁହେଁ, ଏକ ପଥର ସହିତ ସମାନ । ମୋର ସମସ୍ତ ପ୍ରିୟ ପାଠକଙ୍କୁ ଶାରଦୀୟ ଶୁଭକାମନା ସହ ରହୁଛି ।






HIGHLAND
A Highland Group Entity
HIGHLAND
Highland Ajisen
FARM FRESH VANNAMEI SHRIMPS
Highland Ajisen
Highland Oishii
PRODUCT OF INDIA
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in

The REBATI AMA MATIRA SWARA ● October 2023 Vol - 5 Issue - 12 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**